# ଖ୍ରୀଷ୍ଟୀୟ ବିଶ୍ୱାସସମୂହ

shepherds
GLOBAL CLASSROOM

Shepherds Global Classroom ଖ୍ରୀଷ୍ଟଙ୍କ ଦେହକୁ ସଜ୍ଜ କରିବା ପାଇଁ ପୃଥିବୀରେ ଉଦିୟମାନ ଖ୍ରୀଷ୍ଟିୟ ନେତାମାନଙ୍କ ପାଇଁ ପାଠ୍ୟକ୍ରମ ପ୍ରଦାନ କରୁଛି । ଆମର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଦେଶର ଆଧ୍ୟାତ୍ମିକ ଶିକ୍ଷକମାନଙ୍କ ହାତରେ ୨୦ଟି ପାଠ୍ୟକ୍ରମ ଟୁଲ୍ ଦେଇ ଉଦ୍ଦେଶ୍ୟମୂଳକ ଶିକ୍ଷା ଅଭିଯାନକୁ ବୃଦ୍ଧି କରିବା ।

ଏହି ପୁସ୍ତକଟି ନିଃଶୁଳ୍କ ଡାଉନଲୋଡ ପାଇଁ https://www.shepherdsglobal.org/courses ରେ ଉପଲବ୍ଧ ।

ପ୍ରଧାନ ଲେଖକ: Dr. Stephen K. Gibson

କପିରାଇଟ © ୨୦୨୩ Shepherds Global Classroom ।

ଓଡ଼ିଆରେ ଅନୁବାଦ କରାଯାଇଛି ତୃତୀୟ ଆବୃତ୍ତି ଇଂରାଜୀରୁ ଭବି ବିଭାବ ବୋନିଫେସ କାର ଦ୍ଵାରା । ପ୍ରକାଶ ପାଡ଼ନିବା ଓ ପୃଷ୍ଠ ଗଠନ କାମ ଜୁବାଲ କାନ୍ତ ତ୍ରିପାଠୀ ଦ୍ଵାରା ।

ସମସ୍ତ ଅଧିକାର ସଂରକ୍ଷିତ ।

ତୃତୀୟ ପକ୍ଷ ଉପକରଣଗୁଡ଼ିକ ତାଙ୍କର ସମ୍ବନ୍ଧିତ ମାଲିକମାନଙ୍କ କପିରାଇଟ ଓ ବିଭିନ୍ନ ଲାଇସେନ୍ସରେ ଅଂଶୀଦାର ।

ଏହାରେ ଉଲ୍ଲେଖିତ ସମସ୍ତ ଶାସ୍ତ୍ର ଅଂଶ 'ପବିତ୍ର ବାଇବଲ (Re-edited)' ଓଡ଼ିଆ ଅନୁବାଦରୁ ନିଆଯାଇଛି, ଯାହା ବାଇବଲ ସୋସାଇଟି ଅଫ୍ ଇଣ୍ଡିଆ ଦ୍ଵାରା ପ୍ରସ୍ତୁତ ।

**ଅନୁମତି ସୂଚନା:**

ଏହି ପୁସ୍ତକଟିକୁ ମୁଦ୍ରଣ କରିବା ଓ ଡିଜିଟାଲ୍ ଫର୍ମାଟରେ ନିଃଶୁଳ୍କ ବଣ୍ଟନ କରାଯାଇପାରେ ନିମ୍ନଲିଖିତ ନିୟମ ଅନୁସାରେ: (୧) ପୁସ୍ତକର ବିଷୟବସ୍ତୁ କୌଣସି ଭାବେ ପରିବର୍ତ୍ତନ କରିହେବ ନାହିଁ; (୨) କପିଗୁଡ଼ିକୁ ଲାଭ ପାଇଁ ବିକ୍ରି କରାଯାଇପାରିବ ନାହିଁ; (୩) ଶିକ୍ଷାତ୍ମକ ସଂସ୍ଥାଗୁଡ଼ିକ ଏହି ପୁସ୍ତକକୁ ବ୍ୟବହାର/ନକଲ କରିପାରିବେ, ଯଦି ସେମାନେ ଶିକ୍ଷା ଶୁଳ୍କ ମଧ୍ୟ ଆଦାୟ କରନ୍ତି; (୪) ପୁସ୍ତକକୁ Shepherds Global Classroom ର ଅନୁମତି ଓ ନିର୍ଦ୍ଦେଶନା ଚାଡ଼ା ଅନୁବାଦ କରାଯାଇପାରିବ ନାହିଁ ।

# ସୂଚୀପତ୍ର


ପାଠ୍ୟକ୍ରମ ସମ୍ବନ୍ଧରେ ଏକ ସାଧାରଣ ଦୃଷ୍ଟିପାତ ........ ୫

(୧) ଈଶ୍ୱରଙ୍କର ପୁସ୍ତକ ........ ୯

(୨) ଈଶ୍ୱରଙ୍କ ଗୁଣସମୂହ ........ ୨୫

(୩) ତ୍ରିତ୍ୱ ........ ୩୭

(୪) ମନୁଷ୍ୟଜାତି ........ ୪୯

(୫) ପାପ ........ ୬୧

(୬) ଆତ୍ମିକ ପ୍ରାଣୀଗଣ ........ ୭୧

(୭) ଖ୍ରୀଷ୍ଟ ........ ୮୩

(୮) ପରିତ୍ରାଣ ........ ୧୦୧

(୯) ପରିତ୍ରାଣ ସମ୍ବନ୍ଧୀୟ ବିଷୟଗୁଡ଼ିକ ........ ୧୧୫

(୧୦) ପବିତ୍ର ଆତ୍ମା ........ ୧୩୧

(୧୧) ଖ୍ରୀଷ୍ଟୀୟ ପବିତ୍ରତା ........ ୧୪୫

(୧୨) ମଣ୍ଡଳୀ ........ ୧୬୧

(୧୩) ଅନନ୍ତ ଭାଗ୍ୟ ........ ୧୭୩

(୧୪) ଅନ୍ତିମ ଘଟଣାବଳୀ ........ ୧୮୧

(୧୫) ପୁରାତନ ବିଶ୍ୱାସମତସମୂହ ........ ୧୯୧

ପଠନୀୟ ପୁସ୍ତକ ସମୂହ ........ ୨୦୩

କାର୍ଯ୍ୟ ରେକର୍ଡ଼ ........ ୨୦୭

# ପାଠ୍ୟକ୍ରମ ସମ୍ବନ୍ଧରେ ଏକ ସାଧାରଣ ଦୃଷ୍ଟିପାତ

## ପାଠ୍ୟକ୍ରମର ବର୍ଣ୍ଣନା

ଖ୍ରୀଷ୍ଟୀୟ ମୌଳିକ ପରମାର୍ଥ ତତ୍ତ୍ୱର ପ୍ରମୁଖ ଶ୍ରେଣୀଗୁଡ଼ିକ, ଯଥା: ଈଶ୍ୱର, ଖ୍ରୀଷ୍ଟ, ପାପ, ପରିତ୍ରାଣ ଓ ଅନ୍ୟାନ୍ୟ ପ୍ରମୁଖ ତତ୍ତ୍ୱଗୁଡ଼ିକୁ ବୁଝିବା ପାଇଁ ଏହି ପାଠ୍ୟକ୍ରମ ସାହାଯ୍ୟ କରେ । ଛାତ୍ରମାନେ ଶିଖିବେ କିପରି ଧର୍ମଶିକ୍ଷାରେ ରହିଥିବା ତ୍ରୁଟିଗୁଡ଼ିକୁ ସେମାନେ ଏଡ଼ାଇପାରିବେ । ଛାତ୍ରମାନେ ଅନ୍ୟମାନଙ୍କୁ ଖ୍ରୀଷ୍ଟୀୟ ଶିକ୍ଷା ଦେବାପାଇଁ ସୁସଜ୍ଜିତ କରାଯିବେ ।

ପାଠ୍ୟକ୍ରମର ଉଦ୍ଦେଶ୍ୟ

(୧) ଖ୍ରୀଷ୍ଟୀୟ ବିଶ୍ୱାସର ମୂଳତତ୍ତ୍ୱସବୁ ଶିଖିବା ।

(୨) ଖ୍ରୀଷ୍ଟୀୟ ଶିକ୍ଷାର ଉତ୍ସ ଓ ଅଧିକାର ଭାବରେ ବାଇବଲକୁ ଯଥାର୍ଥ ଭାବରେ ବ୍ୟବହାର କରିବା ।

(୩) ଶିକ୍ଷାରେ ଥିବା ଗୁରୁତ୍ୱପୂର୍ଣ୍ଣ ତ୍ରୁଟିଗୁଡ଼ିକୁ ଚିହ୍ନିବା ।

(୪) ଈଶ୍ୱରଙ୍କ ସହିତ ଆମର ସମ୍ପର୍କକୁ ଗଭୀରତର କରିବାକୁ ସାହାଯ୍ୟକାରୀ ଜ୍ଞାନ ହାସଲ କରିବା ।

(୫) ଅନ୍ୟମାନଙ୍କୁ ଶିକ୍ଷାଦାନ କରିବା ପାଇଁ ବିଷୟବସ୍ତୁ ଓ ସଂରଚନା ପ୍ରାପ୍ତ ହେବା ।

## ଶ୍ରେଣୀ ନେତାଙ୍କ ପାଇଁ ନିର୍ଦ୍ଦେଶାବଳୀ

ସର୍ବୋଚ୍ଚ ସ୍ତରର ଗୁଣବତ୍ତା ସହିତ ଶ୍ରେଣୀକୁ କିପରି ଶିକ୍ଷା ଦିଆଯାଇପାରିବ ଏଥିପାଇଁ ଏହି ନିଦ୍ଦେ୍ର୍ଶାବଳୀ ଉଦ୍ଦିଷ୍ଟ । Shepherds Global Classroom ହେଉ ବା ଏହାର ଅଙ୍ଗୀଭୂତ ଅନ୍ୟାନ୍ୟ ଅନୁଷ୍ଠାନରୁ ଏକ ସାର୍ଟିଫିକେଟ୍ ଗ୍ରହଣ କରୁଥିବା ଛାତ୍ରମାନଙ୍କ ପାଇଁ ଶ୍ରେଣୀ ନେତା ଏହି ମାନକ ରଖିବା ଆବଶ୍ୟକ । ଅନ୍ୟପ୍ରକାରର ଦଳଗୁଡ଼ିକ ପାଇଁ ଯେଉଁମାନେ ଏହି ଆବଶ୍ୟକତା ପୂରଣ କରିବାରେ ସକ୍ଷମ ନୁହନ୍ତି, ଜଣେ ଶିକ୍ଷକ ଆବଶ୍ୟକତାକୁ ସେମାନଙ୍କ ଦକ୍ଷତା ସହିତ ଖାପ ଖୁଆଇ ଏକ ଭିନ୍ନ ପ୍ରମାଣପତ୍ର ଦେଇପାରନ୍ତି ।

ଆମେ ଅନୁମାନ କରୁ ଯେ ଗୋଟିଏ ପାଠ ୯୦ ମିନିଟ୍ ବା ଅଧିକ ସମୟ ନେବ । ଏଣୁ ଗୋଟିଏ ଦଳ ପ୍ରତ୍ୟେକ ପାଠ ପାଇଁ ଦୁଇଥର ଅଧିବେଶନରେ ଯୋଗ ଦେଇପାରିବ । ଏହାପାଇଁ ନିର୍ଦ୍ଦେଶନାଗୁଡିକ ଅନୁକୂଳ ହୋଇପାରିବ । ଉଦାହରଣ ସ୍ୱରୂପ, ଦୁଇଥରେ ପରୀକ୍ଷା ହେବା ନାହିଁ।

ପ୍ରତ୍ୟେକ ଛାତ୍ର ଏହି ପୁସ୍ତକର ଏକ ନକଲ ଆବଶ୍ୟକ କରନ୍ତି ।

ପାଠ୍ୟକ୍ରମର ନିର୍ଦ୍ଦିଷ୍ଟ ଅଂଶଗୁଡ଼ିକ ପାଇଁନିର୍ଦ୍ଦେଶନା ସହିତ ଶ୍ରେଣୀ ନେତାମାନଙ୍କ ପାଇଁ ଛୋଟ ନୋଟ୍ ଅନ୍ତର୍ଭୁକ୍ତ କରାଯାଇଛି । ସେସବୁ ଇଟାଲୀୟ ଶୈଳୀରେ ଦର୍ଶାଯାଇଛି ।

ଶ୍ରେଣୀ ଅଧିବେଶନର ଆରମ୍ଭରେ, ପୂର୍ବପାଠ ଉପରେ ପରୀକ୍ଷା କରନ୍ତୁ । ପ୍ରତ୍ୟେକ ଛାତ୍ର ଅନ୍ୟମାନଙ୍କର ବିନା ସାହାଯ୍ୟରେ ସ୍ମୃତିରୁ ଉତ୍ତର ଲେଖିବା ଜରୁରୀ । ଯଦି କୌଣସି ଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଅସମର୍ଥ, ତେବେ ଆପଣ ତାଙ୍କୁ ଆଉଥରେ ଚେଷ୍ଟା କରିବାକୁ ସମୟ ଦେଇପାରିବେ (ଅନୁମାନିକ ସମୟ:୧୦ ମିନିଟ୍) । ପରୀକ୍ଷାର ଉତ୍ତର ଜାଣିବା ପାଇଁ ଉତ୍ତର ଚାବି ShepherdsGlobal.org ରୁ ଡାଉନ୍ଲୋଡ୍ କରିପାରିବେ । ଏହି ଉତ୍ତର ଚାବି ଓଡ଼ିଆରେ ଉପଲବ୍ଧ ।

ପରୀକ୍ଷା ପରେ ପୂର୍ବ ପାଠରେ ଦିଆଯାଇଥିବା ଉଦ୍ଦେଶ୍ୟସମୂହକୁ ସମୀକ୍ଷାମୂଳକ ପ୍ରଶ୍ନଭାବରେ ବ୍ୟବହାର କରନ୍ତୁ । ପ୍ରତ୍ୟେକ ଉଦ୍ଦେଶ୍ୟ ପାଇଁ ଗୋଟିଏ ପ୍ରଶ୍ନ ପଚାରନ୍ତୁ ଓ ଛାତ୍ରମାନଙ୍କୁ ବ୍ୟାଖ୍ୟା କରିବାକୁ ଅନୁମତି ଦିଅନ୍ତୁ (ଆନୁମାନିକ ସମ୍ଃ:୧୫ ମିନିଟ୍) ।

ଜଣେ ଛାତ୍ର ତାକୁ ଦିଆଯାଇଥିବା ଏକ ଶାସ୍ତ୍ରାଂଶ ପାଠ କରିବା ପରେ ନୂତନ ପାଠ ଆରମ୍ଭ କରନ୍ତୁ । ପଠିତ ଶାସ୍ତ୍ରାଂଶ ପାଠର ବିଷୟବସ୍ତୁ ଉପରେ କ'ଣ କହେ ଛାତ୍ରମାନେ ସଂକ୍ଷେପରେ ଆଲୋଚନା କରନ୍ତୁ (ଅନୁମାନିକ ସମୟ: ୧୦ ମିନିଟ୍) ।

ପାଠ୍ୟ ସାମଗ୍ରୀ ମଧ୍ୟ ଦେଇ ଯାଆନ୍ତୁ ଓ ଏହାକୁ ପାଠ କରି ପ୍ରତ୍ୟେକ ବିଭାଗକୁ ବ୍ୟାଖ୍ୟା କରନ୍ତୁ । ଶ୍ରେଣୀର ସଦସ୍ୟମାନେ କିଛି ବିଭାଗ ଶିକ୍ଷା ଦେବାକୁ ସମର୍ଥ ହୋଇପାରନ୍ତି (ଅନମାନିକ ସମୟ: ୪୫ ମିନିଟ୍) ।

ପାଠ୍ୟକ୍ରମରେ ଅନେକ ଶାସ୍ତ୍ରାଂଶ ବ୍ୟବହୃତ ହୁଏ । ବନ୍ଧନୀରେ ଦିଆଯାଇଥିବା ଶାସ୍ତ୍ରୀୟ ସମ୍ବନ୍ଧ-ଉଲ୍ଲେଖସମୂହକୁ ପଢ଼ିବାକୁ କୁହାଯାଇଥିଲେ ଶ୍ରେଣୀରେ ଉଚ୍ଚ ସ୍ୱରରେ ତାହା ପାଠ କରିବା ଉଚିତ । ଅନ୍ୟାନ୍ୟ ଶାସ୍ତ୍ରୀୟ ସମ୍ବନ୍ଧ-ଉଲ୍ଲେଖ ପାଠ୍ୟରେ ଥିବା ତଥ୍ୟଗୁଡ଼ିକୁ ସମର୍ଥନ କରିଥାନ୍ତି । ଶ୍ରେଣୀରେ ସେହି ଶାସ୍ତ୍ରାଂଶଗୁଡ଼ିକ ଖୋଜିବା ବା ପଢ଼ିବା ସର୍ବଦା ଆବଶ୍ୟକ ନୁହେଁ ।

ଆଲୋଚନା ପାଇଁ ପ୍ରଶ୍ନଗୁଡ଼ିକ ଓ ଶ୍ରେଣୀର କାର୍ଯ୍ୟକଳାପସବୁ ► ଚିହ୍ନ ଦ୍ୱାରା ସୂଚିତ କରାଯାଇଛି । ବେଳେବେଳେ ଆଲୋଚନା ପାଇଁ ପ୍ରଶ୍ନଗୁଡ଼ିକ ବିଭାଗକୁ ପରିଚିତ କରାନ୍ତି; ବେଳେବେଳେ ସେସବୁ କେବଳ ଆଲୋଚିତ ହୋଇସାରିଥିବା ବିଭାଗର ସମୀକ୍ଷା କରନ୍ତି । ଶ୍ରେଣୀ ନେତା ପ୍ରଶ୍ନ ପଚାରିବା ଉଚିତ ଓ ଛାତ୍ରମାନଙ୍କୁ ଉତ୍ତର ବିଷୟରେ ଆଲୋଚନା କରିବାକୁ ସମୟ ଦେବା ଉଚିତ । ସେହି ସମୟରେ ଉତ୍ତରକୁ ସମ୍ପୂର୍ଣ୍ଣ ଭାବରେ ବ୍ୟାଖ୍ୟା କରିବା ଜରୁରୀ ନୁହେଁ, ବିଶେଷତଃ ଯଦି ପ୍ରଶ୍ନଟି ଏକ ବିଭାଗର ଉପକ୍ରମଣିକା ଅଟେ ।

ପ୍ରତ୍ୟେକ ପାଠର ଶେଷରେ ଶ୍ରେଣୀରେ "ବିଶ୍ୱାସର ସ୍ୱୀକାରୋକ୍ତି" ଦୁଇଥର ଏକାଠି ପାଠ କରିବା ଉଚିତ ।

ପ୍ରତ୍ୟେକ ପାଠର ଶେଷରେ ପ୍ରତ୍ୟେକ ଛାତ୍ରଙ୍କୁ ତାଲିକାଭୁକ୍ତ ଶାସ୍ତ୍ରାଂଶସବୁରୁ ଗୋଟିଏ ଲେଖାଏଁ ଶାସ୍ତ୍ରାଂଶ ଦିଆଯିବା ଉଚିତ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ସେମାନେ ଦିଆଯାଇଥିବା ଶାସ୍ତ୍ରାଂଶ ପଢ଼ିବେ ଏବଂ ପ୍ରସଙ୍ଗ ସମ୍ବନ୍ଧରେ ଶାସ୍ତ୍ରାଂଶ କ'ଣ

କହେ ସେ ବିଷୟରେ ଏକ ଅନୁଚ୍ଛେଦ ଲେଖିବେ । ପରବର୍ତ୍ତୀ ଅଧିବେଶନରେ ସେମାନେ ଶ୍ରେଣୀ ନେତାଙ୍କୁ ଏହି ଅନୁଚ୍ଛେଦ ଦେଖାଇବେ ।

ଏହି ପାଠ୍ୟକ୍ରମ ଚାଲିଥିବା ସମୟରେ ଅତିକମରେତିନିଥର ପ୍ରତ୍ୟେକ ଛାତ୍ର ଶ୍ରେଣୀ ବାହାରର ଲୋକଙ୍କୁ ଏକ ପାଠ କିମ୍ବା ଅନ୍ୟ କୌଣସି ପାଠର କିଛି ଅଂଶ ଶିକ୍ଷା ଦେବେ । ଚର୍ଚ୍ଚର ଏକ ଶ୍ରେଣୀରେ, ଏକ ଘରୋଇ ବାଇବଲ ଅଧ୍ୟୟନ ଦଳରେ, କିମ୍ବା ଅନ୍ୟ କୌଣସି ସ୍ଥାନରେ ଏହା କରାଯାଇପାରିବ । ପ୍ରତ୍ୟେକ ଶ୍ରେଣୀ ଅଧିବେଶନ ଶେଷରେ, ଛାତ୍ରମାନଙ୍କୁ ଏହି କାର୍ଯ୍ୟ ବିଷୟରେ ମନେ ପକାଇ ଦିଅନ୍ତୁ, ଗତ ଶ୍ରେଣୀ ଅଧିବେଶନ ପରେ ଯଦି ସେମାନେ ଶିକ୍ଷାଦାନ କରିଛନ୍ତି ତେବେ ତା'ର ରିପୋର୍ଟ ଦାଖଲ କରିବାର ସୁଯୋଗ ଦିଅନ୍ତୁ ।

ଶ୍ରେଣୀ ଶେଷରେ, ଛାତ୍ରମାନଙ୍କୁ ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ ପରବର୍ତ୍ତୀ ପାଠର ସାମଗ୍ରୀ ପଢ଼ିବାକୁ ସ୍ମରଣ କରାନ୍ତୁ (ଘୋଷଣା ଓ କାର୍ଯ୍ୟ ପାଇଁ ଅନୁମାନିକ ସମୟ: ୧୦ ମିନିଟ୍) ।

ଯଦି ଛାତ୍ରମାନେ Shepherds Global Classroom (ସେଫର୍ଡ଼ ଗ୍ଲୋବାଲ୍ କ୍ଲାସ୍ରୁମ୍) ବା ଏହାର ଅଙ୍ଗୀଭୂତ ଅନୁଷ୍ଠାନସବୁରୁ ଏକ ସାର୍ଟିଫିକେଟ୍ ହାସଲ କରିବାକୁ ଚାହାନ୍ତି, ତେବେ ସେ ଶ୍ରେଣୀ ଅଧିବେଶନସବୁରେ ଯୋଗଦେବ ଓ କାର୍ଯ୍ୟସବୁ ସମାପ୍ତ କରିବା ଉଚିତ । ଯଦି ଜଣେ ଛାତ୍ର କୌଣସି ଶ୍ରେଣୀରେ ଯୋଗ ଦେଇ ପାରି ନ ଥାଏ, ସେ ସେହି ଶ୍ରେଣୀର ପାଠ ଅଧ୍ୟୟନ କରିବା, ପରୀକ୍ଷା ଦେବା, ଓ ଲେଖା କାର୍ଯ୍ୟ କରିବା ଉଚିତ । ସମ୍ପୂର୍ଣ୍ଣ କରିଥିବା କାର୍ଯ୍ୟଗୁଡ଼ିକୁ ନଥିଭୁକ୍ତ କରିବା ପାଇଁ ପାଠ୍ୟକ୍ରମର ଶେଷରେ ଏକ ଫର୍ମ ପ୍ରଦାନ କରାଯାଇଛି ।

### ଛାତ୍ରମାନଙ୍କ ପାଇଁ ନିର୍ଦ୍ଦେଶ

ଶ୍ରେଣୀରେ ଯୋଗଦେବା ପୂର୍ବରୁ ତୁମେ ପ୍ରତ୍ୟେକ ପାଠର ସାମଗ୍ରୀ ପଢ଼ିନେବା ଉଚିତ, ତା' ହେଲେ ତୁମେ ଉତ୍ତମ ବୁଝାମଣାର ସହିତ ଆଲୋଚନାରେ ଅଂଶଗ୍ରହଣ କରିପାରିବ ।

ପ୍ରତ୍ୟେକ ଶ୍ରେଣୀ ଅଧିବେଶନ ଆରମ୍ଭରେ, ପୂର୍ବପାଠର ପରୀକ୍ଷା ଦେବାକୁ ପ୍ରସ୍ତୁତ ରୁହ । ପ୍ରଦାନ କରାଯାଇଥିବା ପରୀକ୍ଷା ପ୍ରଶ୍ନଗୁଡ଼ିକ ଅଧ୍ୟୟନ କର ।

ସର୍ବଦା ଏକ ବାଇବଲ, ପାଠର ମୁଦ୍ରିତ କପି, ଓ ଶିକ୍ଷା ସାମଗ୍ରୀରେ ଆପଣଙ୍କ ନିଜର ନୋଟ୍ ଯୋଡ଼ିବା ପାଇଁ ଏକ କଲମ ନେଇ ଆସ ।

ଶାସ୍ତ୍ରୀୟ ସମ୍ବନ୍ଧ-ଉଲ୍ଲେଖଗୁଡ଼ିକୁ ଖୋଜିବା, ଆଲୋଚନାର ପ୍ରଶ୍ନଗୁଡ଼ିକର ଉତ୍ତର ଦେବା, ଏବଂ ଶ୍ରେଣୀନେତାଙ୍କ ନିର୍ଦ୍ଦେଶଅନୁସାରେ ଅଂଶଗ୍ରହଣ କରିବାକୁ ପ୍ରସ୍ତୁତ ରୁହ ।

ପ୍ରତ୍ୟେକ ପାଠର ଶେଷରେ, ତୁମକୁ ଏକ ଶାସ୍ତ୍ରାଂଶ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ ଶାସ୍ତ୍ରାଂଶକୁ ପଢ ଏବଂ ଏହା ପାଠର ପ୍ରସଙ୍ଗ ଉପରେ କ'ଣ କହେ ସେ ବିଷୟରେ ଏକ ଅନୁଚ୍ଛେଦ ଲେଖ । ଶ୍ରେଣୀ ନେତାଙ୍କୁ ଅନୁଚ୍ଛେଦଟି ଦେଖାଅ ।

ଏହି ପାଠ୍ୟକ୍ରମ ଚାଲୁ ରହିଥିବା ସମୟରେ ଅନ୍ତତଃ ତିନିଥର ଏହି ପାଠ୍ୟକ୍ରମରେ ଶ୍ରେଣୀଭୁକ୍ତ ହୋଇ ନ ଥିବା ଅନ୍ୟମାନଙ୍କୁ କୌଣସି ପାଠ ବା କୌଣସି ପାଠରୁ ଏକ ଅଂଶ ତୁମେ ଶିକ୍ଷା ଦେବା ଉଚିତ । ଏହି ଶିକ୍ଷା ଚର୍ଚ୍ଚର ଏକ ଶ୍ରେଣୀରେ, ଏକ ଘରୋଇ ଅଧ୍ୟୟନ ଦଳରେ, ବା ଅନ୍ୟ ସ୍ଥାନରେ ଦେଇପାରିବ । ଶିକ୍ଷାଦାନ କରିବା ପରେ ଶ୍ରେଣୀନେତାଙ୍କୁ ଜଣାଅ ।

# ପାଠ ୧

# ଈଶ୍ୱରଙ୍କର ପୁସ୍ତକ

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- ସାଧାରଣ ପ୍ରକାଶନ ଓ ବିଶେଷ ପ୍ରକାଶନର ଧାରଣା ।
- ବାଇବଲ ଯେ ଈଶ୍ୱରଙ୍କ ବାକ୍ୟ, ଏହାର ପ୍ରମାଣ ।
- ଧର୍ମଶାସ୍ତ୍ରରେ ଐଶ୍ୱରିକ ଅନୁପ୍ରେରଣା ।
- ଧର୍ମଶାସ୍ତ୍ରରେ ଐଶ୍ୱରିକ ଅନୁପ୍ରେରଣାର ଅର୍ଥ ଏହା ତ୍ରୁଟିଶୂନ୍ୟ, କାହିଁକି?
- ଅନୁପ୍ରାଣିତ, ଅଭ୍ରାନ୍ତ ଓ ଅଖଣ୍ଡନୀୟ ଶବ୍ଦଗୁଡ଼ିକର ଅର୍ଥ ।
- ବାଇବଲ କାହିଁକି ଏକ ସମ୍ପୂର୍ଣ୍ଣୀକୃତ ପୁସ୍ତକ ଯାହାର ବିସ୍ତାର କରାଯାଇପାରିବ ନାହିଁ ।
- ଧର୍ମଶିକ୍ଷା ଉଦ୍ଦେଶ୍ୟରେ ବାଇବଲ କାହିଁକି ପ୍ରାଥମିକ ଉତ୍ସ ଓ ଅନ୍ତିମ ଅଧିକାର ଅଟେ ।
- ଖ୍ରୀଷ୍ଟିୟାନର ଦୈନନ୍ଦିନ ଜୀବନରେ ବାଇବଲ କିପରି ଗୁରୁତ୍ୱପୂର୍ଣ୍ଣ ।
- ବାଇବଲ ସମ୍ପର୍କରେ ଖ୍ରୀଷ୍ଟୀୟ ବିଶ୍ୱାସ ଏକ ସ୍ୱୀକାରୋକ୍ତି ।

(୨) ଛାତ୍ରମାନେ ଯେପରି ଭୁଲ ଅଧିକାର ବିଷୟ ଶୁଣିବା ବା ସୀମିତ ଉଦ୍ଦେଶ୍ୟରେ ବାଇବଲ ଅଧ୍ୟୟନ କରିବାଠାରୁ ଦୂରେଇ ରହିବେ ।

## ଉପକ୍ରମ

*ଶ୍ରେଣୀ ନେତାଙ୍କ ପ୍ରତି ନୋଟ: ସାଧାରଣତଃ ପୂର୍ବପାଠ ଉପରେ ପରୀକ୍ଷା ଓ ପୂର୍ବପାଠର ଉଦ୍ଦେଶ୍ୟସକଳର ସମୀକ୍ଷା ସହିତ ଅଧିବେଶନ ଆରମ୍ଭ କରାଯିବ । ଯେହେତୁ ଏହା ହେଉଛି ପ୍ରଥମ ପାଠ, ନିମ୍ନ ଶାସ୍ତ୍ରାଂଶ ପାଠ କରି ଆରମ୍ଭ କରନ୍ତୁ ।*

► ଗୀତସଂହିତା ୧୧୯:୧-୧୬ ଏକାଠି ପଢ଼ନ୍ତୁ । ଏହି ଶାସ୍ତ୍ରାଂଶ ବାଇବଲ ବିଷୟରେ ଆମକୁ କ'ଣ କୁହେ?

ଜଗତର ସୃଷ୍ଟିକର୍ତ୍ତା ପରମେଶ୍ୱର କଥା କହିଛନ୍ତି । ସେ ଆପଣାକୁ ଓ ତାଙ୍କ ସୃଷ୍ଟିର ଉଦ୍ଦେଶ୍ୟକୁ ପ୍ରକାଶ କରିଅଛନ୍ତି । ଆମ ନିକଟରେ ଈଶ୍ୱର ପ୍ରକାଶ କରିଥିବା ସତ୍ୟକୁ ପ୍ରକାଶନ କୁହାଯାଏ । ବାଇବଲରେ "ପ୍ରକାଶିତ ବାକ୍ୟ" ନାମରେ ଏକ ପୁସ୍ତକ ରହିଛି, କିନ୍ତୁ ପ୍ରକାଶନ ଶବ୍ଦ ଈଶ୍ୱର ପ୍ରକାଶ କରିଥିବା ସମସ୍ତ ସତ୍ୟ ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ ।

► ଈଶ୍ୱର ଆମ ନିକଟରେ ସତ୍ୟ ପ୍ରକାଶ କରିଥିବା କେତେକ ମାର୍ଗ କ'ଣ?

## ପ୍ରକାଶନର କେତେକ ପଦ୍ଧତି

ଈଶ୍ୱର ଯେହେତୁ ସତ୍ୟକୁ ବିଭିନ୍ନ ମାର୍ଗରେ ପ୍ରକାଶ କରିଛନ୍ତି, ଆମେ ଏହାକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରିବା: ସାଧାରଣ ପ୍ରକାଶନ ଓ ବିଶେଷ ପ୍ରକାଶନ ।

### ସାଧାରଣ ପ୍ରକାଶନ

**ସାଧାରଣ ପ୍ରକାଶନ କହିଲେ ଈଶ୍ୱର ଆପଣା ସୃଷ୍ଟି ମାଧ୍ୟମରେ ଆପଣା ବିଷୟରେ ଆମକୁ ଯାହା ଦେଖାଇଅଛନ୍ତି** । ବିଶ୍ୱର ପରିକଳ୍ପନାରେ ଆମେ ଈଶ୍ୱରଙ୍କର ଅଦ୍ଭୁତ ବୁଦ୍ଧି ଓ ଶକ୍ତି ଦେଖୁ ।

ଈଶ୍ୱରଙ୍କ ସର୍ବୋଚ୍ଚ ସୃଷ୍ଟି ହେଉଛି ମାନବଜାତି । ଲୋକମାନେ କିପରି ଭାବେ ନିର୍ମିତ ହୋଇଛନ୍ତି ଏହା ଦେଖିଲେ ଆମେ ଈଶ୍ୱରଙ୍କ ବିଷୟରେ କିଛିଟା ଶିକ୍ଷା ଲାଭ କରୁ ।ଆମେ ଯୁକ୍ତି ବା ବିଚାର କରିପାରୁ, ସୌନ୍ଦର୍ଯ୍ୟକୁ ପ୍ରଂଶସା କରିପାରୁ, ଠିକ୍ ଓ ଭୁଲ ମଧ୍ୟରେ ପାର୍ଥକ୍ୟ କହିପାରୁ (ଯଦିବା ସିଦ୍ଧ ଭାବରେ ନୁହେଁ) ଏହା ଆମକୁ ଦର୍ଶାଏ ଯେ ଆମର ସୃଷ୍ଟିକର୍ତ୍ତା ନିଶ୍ଚିତରୂପେ ଏହିସବୁ ସାମର୍ଥ୍ୟ ଅଧିକ ଉଚ୍ଚସ୍ତରରେ ଧାରଣ କରିଥିବେ । ଆମେ ଜାଣୁ ଯେ ଈଶ୍ୱର ନିଶ୍ଚିତ ଭାବରେ ଚିନ୍ତା କରିପାରନ୍ତି ଓ ଯୋଗାଯୋଗ କରିପାରନ୍ତି କାରଣ ଆମର ଏହିସବୁ ସାମର୍ଥ୍ୟ ରହିଛି ।

ଯେହେତୁ ସାଧାରଣ ପ୍ରକାଶନ ଆମକୁ ଦର୍ଶାଏ ଯେ ଈଶ୍ୱର କଥା କହିପାରନ୍ତି, ଆମେ ହୃଦୟଙ୍ଗମ କରୁ ଯେ ବିଶେଷ ପ୍ରକାଶନ ଘଟିପାରେ । ଯେହେତୁ ଈଶ୍ୱର କଥା କହିପାରନ୍ତି, ତାଙ୍କଠାରୁ ବାର୍ତ୍ତାଗୁଡ଼ିକ ଏବଂ ଏକ ପୁସ୍ତକ ପାଇବା ସମ୍ଭବ ହୋଇପାରେ।

ସାଧାରଣ ପ୍ରକାଶନ ଦ୍ୱାରା ଲୋକମାନେ ଜାଣନ୍ତି ଯେ, ଈଶ୍ୱର ବୋଲି ଜଣେ ଅଛନ୍ତି, ତାଙ୍କ କଥା ମାନିବା ଉଚିତ ଏବଂ ସେମାନେ ତାଙ୍କର ଅବାଧ୍ୟ ହୋଇସାରିଛନ୍ତି (ରୋମୀୟ ୧:୨୦, ୨୧ ପାଠ କରନ୍ତୁ) । କିନ୍ତୁ ସାଧାରଣ ପ୍ରକାଶନ କହେ ନାହିଁ ଆମେ ଈଶ୍ୱରଙ୍କ ସହିତ ସଠିକ୍ ସମ୍ପର୍କ ମଧ୍ୟକୁ କିପରି ଆସିବା । ସାଧାରଣ ପ୍ରକାଶନ ଆମକୁ ବିଶେଷ  ପ୍ରକାଶନର ଆବଶ୍ୟକତା ଦର୍ଶାଏ କାରଣ ଏହା ଦର୍ଶାଏ ଯେ ଲୋକମାନେ ପାପପୂର୍ଣ୍ଣ ଏବଂ ସୃଷ୍ଟିକର୍ତ୍ତାଙ୍କ ଆଗରେ ଏଥିପାଇଁ ବାହାନା ଦେଖାଇପାରିବେ ନାହିଁ, କିନ୍ତୁ ଏହାର ସମାଧାନ ବିଷୟରେ ଏହା କହେ ନାହିଁ ।

### ବିଶେଷ ପ୍ରକାଶନ

**ଈଶ୍ୱର-ନିଶ୍ୱସିତ ଧର୍ମଶାସ୍ତ୍ର ଓ ତାହାଙ୍କ ପୁତ୍ର ଯୀଶୁଙ୍କ ମାଧ୍ୟମରେ ଈଶ୍ୱର ଆମକୁ ବିଶେଷ  ପ୍ରକାଶନ  ଦେଇଛନ୍ତି (ପାଠ ୭) ।** ଆମେ ଯେଉଁ ଅବସ୍ଥାରେ ଅଛୁ ବୋଲି ସାଧାରଣ ପ୍ରକାଶନ ଦର୍ଶାଏ, ଅର୍ଥାତ୍ ପତିତ ଓ ଦୋଷୀ ଅବସ୍ଥା, ବିଶେଷ  ପ୍ରକାଶନ

ତାହାକୁ ବ୍ୟାଖ୍ୟା କରେ । ବିଶେଷ ପ୍ରକାଶନ ଈଶ୍ୱରଙ୍କୁ ବର୍ଣ୍ଣନା କରେ, ପତନ ଓ ପାପକୁ ବ୍ୟାଖ୍ୟା କରେ ଏବଂ ଈଶ୍ୱରଙ୍କ ସହିତ ପୁନର୍ମିଳିତ ହେବାର ପଥ ଦେଖାଏ ।

କଳ୍ପନା କରନ୍ତୁ ଯେ ବାଇବଲ ଅଛି ବୋଲି ଆପଣ ଜାଣି ନାହାନ୍ତି । ଆପଣ ଅନୁଭବ କରନ୍ତି ଯେ ଈଶ୍ୱର ଅଛନ୍ତି । ଆପଣ ଜାଣନ୍ତି ଯେ ଈଶ୍ୱରଙ୍କ ସହିତ ଆପଣ ଶାନ୍ତିରେ ନାହାନ୍ତି । ଆପଣ ଜାଣନ୍ତି ନାହିଁ ମୃତ୍ୟୁ ପରେ କ'ଣ ଅଛି । ଆପଣ ଜୀବନର ଉଦ୍ଦେଶ୍ୟ ଜାଣି ନାହାନ୍ତି । ଆପଣ ଜାଣନ୍ତି ନାହିଁ ଈଶ୍ୱରଙ୍କ ନିକଟକୁ କିପରି ଯିବେ ।

> "ମୁଁ ବିଶ୍ୱାସ କରେ ନାହିଁ ଯେ କୌଣସି ବ୍ୟକ୍ତି ବ୍ୟବସ୍ଥା ବିଷୟରେ ପ୍ରଚାର ନ କରି ସୁସମାଚାର ପ୍ରଚାର କରିପାରିବ । ବ୍ୟବସ୍ଥାକୁ ନିମ୍ନ ସ୍ଥାନକୁ ନେଇଯିବା ଦ୍ୱାରା ଆପଣ ସେହି ଆଲୋକକୁ ନିଷ୍ପ୍ରଭ କରିଦେଉଛନ୍ତି ଯାହା ଦ୍ୱାରା ମନୁଷ୍ୟ ନିଜର ଅପରାଧକୁ ବୁଝିପାରିଥାଏ" ।

ତା'ପରେ କଳ୍ପନା କରନ୍ତୁ ଯେ କେହିଜଣେ ଆପଣଙ୍କୁ ଏକ ପୁସ୍ତକ ଦେଖାଇ ଆପଣଙ୍କୁ କହନ୍ତି ଯେ ତାହା ଈଶ୍ୱରଙ୍କଠାରୁ ଆଗତ ପୁସ୍ତକ ଓ ଉପରୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଏଥିରେ ରହିଛି । ଆପଣ କଳ୍ପନା କରିପାରିବେ କି ଏହି ପୁସ୍ତକ କେତେ ମୂଲ୍ୟବାନ ଅଟେ?

## ବାଇବଲର ଦାବି

► ବାଇବଲ ନିଜ ବିଷୟରେ କ'ଣ ଦାବି କରେ? ବାଇବଲର କିଛି ଉକ୍ତିରୁ ଉଦାହରଣ ଦିଅନ୍ତୁ ଯାହା ଦାବି କରେ ଯେ ଏହା ଈଶ୍ୱରଙ୍କଠାରୁ ଆଗତ ପୁସ୍ତକ ।

ଆସନ୍ତୁ ବାଇବଲ ନିଜ ବିଷୟରେ ଯାହା ଦାବି କରେ ତାହାକୁ ନେଇ ଆଲୋଚନା କରିବ । ତା'ପରେ, ଆମେ ବାଇବଲ ସତ୍ୟ ବୋଲି ପ୍ରମାଣ ଦେଖିବା । ବାଇବଲ ଦାବି କରେ ଯେ ଏହା ଈଶ୍ୱରଙ୍କ ବାକ୍ୟ ଅଟେ । ପୁରାତନ ନିୟମରେ ୩୦୦୦ରୁ ଊର୍ଦ୍ଧ୍ୱର୍ ଉକ୍ତି ରହିଛି ଯାହା ଈଶ୍ୱରଙ୍କଠାରୁ ଆଗତ ବାର୍ତ୍ତା ଅଟେ, ସରଳ ଭାବରେ କୁହାଯାଇଛି "ସଦାପ୍ରଭୁ କହନ୍ତି....." ।[1] ଯୀଶୁ ପୁରାତନ ନିୟମକୁ ଈଶ୍ୱର ନିଶ୍ୱସିତ ବୋଲି ବିବେଚନା କରିଥିଲେ (ମାଥିଉ ୫:୧୭-୧୮; ଯୋହନ ୧୦:୩୫; ମାର୍କ ୧୨:୩୬ ପଢ଼ନ୍ତୁ) । ନୂତନ ନିୟମର ଲେଖକମାନେ ପୁରାତନ ନିୟମକୁ ଈଶ୍ୱରଙ୍କଠାରୁ ଆଗତ ବୋଲି ବିବେଚନା କରିଥିଲେ (ପ୍ରେରିତ ୩:୧୮; ୨ତୀମଥି ୩:୧୬; ୨ପିତର ୧:୨୦-୨୧ ପଢ଼ନ୍ତୁ) । ନୂତନ ନିୟମର ଲେଖକମାନେ ନୂତନ ନିୟମର ଲେଖାଗୁଡ଼ିକ ଈଶ୍ୱର ନିଶ୍ୱସିତ ବୋଲି ବିବେଚନା କରନ୍ତି (୧କରିନ୍ଥୀୟ ୧୪:୩୭; ୨ପିତର ୩:୧୬ ପଢ଼ନ୍ତୁ) ।

ଯଦି ଜଣେ ବ୍ୟକ୍ତି ବାଇବଲ ନିଜ ବିଷୟରେ ଯାହା ଦାବି କରେ ତାକୁ ଗ୍ରହଣ କରନ୍ତି ନାହିଁ, ତେବେ ସେ ଏହାର ପ୍ରମାଣକୁ ଦେଖିବା ଉଚିତ । ପୁନର୍ବାର କଳ୍ପନା କରନ୍ତୁ ଯେ ଆପଣ ବାଇବଲ ବିଷୟରେ ଜାଣନ୍ତି ନାହିଁ । ଆପଣ ଜାଣନ୍ତି ଯେ ଈଶ୍ୱର ଜଣେ

[1] ଉଦାହରଣସ୍ୱରୂପ, ଗଣନାପୁସ୍ତକ ୩୪:୧; ୩୫:୧, ୯ ଦେଖନ୍ତୁ

ବ୍ୟକ୍ତି ଓ ସେ ଚାହିଁଲେ କଥା କହିପାରିବେ । ତେଣୁ, ଆପଣ ଜାଣନ୍ତି ଯେ ଈଶ୍ୱରଙ୍କଠାରୁ ଆଗତ ଏକ ପୁସ୍ତକ ସମ୍ଭବ । ତା'ପରେ କେହି ଆପଣଙ୍କୁ ଏକ ପୁସ୍ତକ ଦେଖାନ୍ତି ଓ କହନ୍ତି ଯେ ଏହି ପୁସ୍ତକ ଈଶ୍ୱରଙ୍କଠାରୁ ଆଗତ ଏକ ପୁସ୍ତକ ।

► ଆପଣ କିପରି ଜାଣିପାରିବେ ଯେ ବାଇବଲ ପ୍ରକୃତରେ ଈଶ୍ୱରଙ୍କର ବାକ୍ୟ ଅଟେ? ଏହା କିପରି ହୋଇଥିବ ବୋଲି ଆପଣ ଆଶା କରିବେ?

ଜଗତର ଯେକୌଣସି ସ୍ଥାନରେ ଯେତେବେଳେ ସୁସମାଚାର ପ୍ରଚାର କରାଯାଏ, ଲୋକମାନେ ଏହାର ସତ୍ୟର ଆଭ୍ୟନ୍ତରୀଣ ହୃଦ୍‌ବୋଧ ଅନୁଭବ କରନ୍ତି । ଯେତେବେଳେ ସେମାନେ ସୁସମାଚାରରେ ବିଶ୍ୱାସ କରି ମନପରିବର୍ତ୍ତନ କରନ୍ତି, ସେମାନେ ଈଶ୍ୱରଙ୍କ କ୍ଷମା ଓ ପରିବର୍ତ୍ତିତ ଜୀବନ ଅନୁଭବ କରନ୍ତି । ଅଧିକାଂଶ ଲୋକଙ୍କ ପାଇଁ, ଏହା ହେଉଛି ବାଇବଲକୁ ବିଶ୍ୱାସ କରିବାର ପ୍ରଥମ କାରଣ (୧ ଥେସଲନୀକୀୟ ୧:୫ ପଢ଼ନ୍ତୁ) ।

ତା'ପରେ ଯେଉଁମାନେ ଈଶ୍ୱରଙ୍କ ସହିତ ସମ୍ପର୍କରେ ରହନ୍ତି, ଈଶ୍ୱରଙ୍କ ଆତ୍ମା ଧର୍ମଶାସ୍ତ୍ର ମଧ୍ୟଦେଇ କଥା କହନ୍ତି, ସେମାନଙ୍କୁ ବୁଝିପାର କ୍ଷମତା ଓ ହୃଦ୍‌ବୋଧ ପ୍ରଦାନ କରନ୍ତି । ପବିତ୍ର ଆତ୍ମା ଯେପରି ଭାବରେ ବାଇବଲକୁ ବ୍ୟବହାର କରନ୍ତି ତାହା ନିଶ୍ଚିତ କରେ ଯେ ଏହା ଈଶ୍ୱରଙ୍କର ବାକ୍ୟ ଅଟେ (ଏଫିସୀୟ ୬:୧୭ ପଢ଼ନ୍ତୁ) ।

ଯେତେବେଳେ ଆମେ ଈଶ୍ୱରଙ୍କ ସହିତ ସମ୍ପର୍କ ରକ୍ଷା କରି ଚାଲୁ, ଆମେ ଜାଣୁ ଯେ ବାଇବଲ ତାଙ୍କର ସ୍ୱଭାବ ଏବଂ ସେ ଆମ ସହିତ କିପରି କାର୍ଯ୍ୟ କରନ୍ତି ତାହା ସଠିକ୍ ଭାବରେ ପ୍ରକାଶ କରେ । ବାଇବଲ ଆମକୁ ଈଶ୍ୱରଙ୍କ ସହିତ ସମ୍ପର୍କ ଆରମ୍ଭ କରିବାର ମାର୍ଗ ଓ ତାଙ୍କ ସହିତ ସମ୍ପର୍କ ଜାରି ରଖିବାର ମାର୍ଗ ଦର୍ଶାଏ । ଏହା ପ୍ରମାଣିତ କରେ ଯେ ବାଇବଲ ଈଶ୍ୱରଙ୍କ ବାକ୍ୟ ଅଟେ (ଗୀତସହିଂତା ୧୧୯:୧-୨ ପଢ଼ନ୍ତୁ) ।

> "ବ୍ୟବସ୍ଥା ରୋଗର ଆବିଷ୍କାର କରେ;
> ସୁସମାଚାର ରୋଗର ପ୍ରତିକାର କରେ" ।
> —Martin Luther

କିନ୍ତୁ ଯଦି ଆପଣ ଏପରି ପ୍ରମାଣ ଚାହାନ୍ତି ଯାହା ଆପଣଙ୍କର ଆତ୍ମିକ ଅଭିଜ୍ଞତା ଉପରେ ଆଧାରିତ ନୁହେଁ, ତା'ହେଲେ କ'ଣ କୁହାଯିବ? ଅନ୍ୟ ଧର୍ମାବଲମ୍ବୀମାନଙ୍କର ମଧ୍ୟ ଆତ୍ମିକ ଅନୁଭୂତି ଅଛି, କିନ୍ତୁ ସେମାନଙ୍କର ଅନୁଭୂତି ସତ୍ୟ ଉପରେ ଆଧାରିତ ନୁହେଁ । ଆମେ କିପରି ଜାଣିପାରିବା ଯେ ଆମର ଅନୁଭୂତି ସତ୍ୟ ଉପରେ ଆଧାରିତ?

► ବାଇବଲ ଯାହାସବୁ କହୁଛି ସେସବୁ ସଠିକ୍ ବୋଲି ପ୍ରମାଣ ରହିଛି କି?

ବାଇବଲ ୪୦ରୁ ଉର୍ଦ୍ଧ୍ୱ ଲେଖକମାନଙ୍କ ଦ୍ୱାରା ଲିଖିତ ହୋଇଥିଲା । ଏହି ଲେଖକମାନଙ୍କ ମଧ୍ୟରୁ ଅଧିକାଂଶ ପରସ୍ପରକୁ ଜାଣି ନ ଥିଲେ, ଏବଂ ପ୍ରାୟ ୧୫୦୦ ବର୍ଷ ମଧ୍ୟରେ ଏହା ଲିଖିତ ହୋଇଥିଲା । ଏପରି ଏକ ପୁସ୍ତକଠାରୁ ଆମେ ସାଧାରଣତଃ କ'ଣ ଆଶା କରିବା? ଆମେ ଅନୁମାନ କରିବା ଯେ ଏଥିରେ ସମସ୍ତ ପ୍ରକାର ତ୍ରୁଟି ଓ ବିରୋଧ ରହିଥିବ । କିନ୍ତୁ ବାଇବଲ ସମ୍ବନ୍ଧରେ ନିମ୍ନଲିଖିତ ତଥ୍ୟଗୁଡ଼ିକୁ ବିଚାର କରନ୍ତୁ । ବାଇବଲରେ ଉଲ୍ଲିଖିତ ହଜାର ହଜାର ଭୌଗୋଳିକ ସ୍ଥାନଗୁଡ଼ିକ ଖୋଜାଯାଇଛି;

ବାଇବଲରେ ଉଲ୍ଲିଖିତ ହଜାର ହଜାର ଐତିହାସିକ ଘଟଣାବଳୀ ଓ ବ୍ୟକ୍ତିବିଶେଷଙ୍କ ଇତିହାସ ନିଶ୍ଚିତ କରିଛି; କୌଣସି ଆବିଷ୍କାର ବାଇବଲର ବକ୍ତବ୍ୟକୁ ଖଣ୍ଡନ କରି ନାହିଁ; ଏବଂ ବାଇବଲ କଦାପି ନିଜକୁ ଖଣ୍ଡନ କରେ ନାହିଁ। ଉପରୋକ୍ତ ବକ୍ତବ୍ୟଗୁଡ଼ିକ ଅନ୍ୟ କୌଣସି ପୁସ୍ତକ ପ୍ରତି ସତ୍ୟ ନୁହେଁ। ପ୍ରମାଣ ବାଇବଲର ଦାବିକୁ ସମର୍ଥନ କରେ ଯେ ଏହା ଈଶ୍ୱର ପ୍ରେରିତ।

ବାଇବଲ ଯେ ଈଶ୍ୱରଙ୍କ ବାକ୍ୟ ଅଟେ ଏହି ଦାବିକୁ ସମର୍ଥନ କରୁଥିବା ପ୍ରମାଣକୁ ଆମେ ଛ'ଗୋଟି ବିନ୍ଦୁରେ ସଂକ୍ଷିପ୍ତ କରିପାରିବା ।ଆମେ ଜାଣୁ ଯେ ବାଇବଲ ପ୍ରକୃତରେ ଈଶ୍ୱରଙ୍କର ବାକ୍ୟ ଅଟେ କାରଣ:

- ହଜାର ହଜାର ବାଇବଲ ତଥ୍ୟ ସୁନିଶ୍ଚିତ ହୋଇଛି ।
- ବାଇବଲର କୌଣସି ବକ୍ତବ୍ୟ ମିଥ୍ୟା ବୋଲି ପ୍ରମାଣିତ ହୋଇନାହିଁ ।
- ବାଇବଲ ନିଜର ବିରୋଧ କରେ ନାହିଁ ।
- ସୁସମାଚାର ଏହାର ପ୍ରଭାବ ଦ୍ୱାରା ପ୍ରମାଣିତ ହୁଏ ।
- ଈଶ୍ୱରଙ୍କ ଆତ୍ମା ବାଇବଲ ମାଧ୍ୟମରେ କଥା କୁହନ୍ତି ।
- ଈଶ୍ୱରଙ୍କ ସହ ଆମର ସମ୍ପର୍କକୁ ବାଇବଲ ମାର୍ଗଦର୍ଶନ କରେ ।

## ଅନୁପ୍ରେରଣାର ସଂଜ୍ଞା

► ବାଇବଲ ଈଶ୍ୱରନିଶ୍ୱସିତ (ଅନୁପ୍ରାଣିତ) କହିଲେ ଆମେ କ'ଣ ବୁଝୁ?

ଅନୁପ୍ରେରଣା ହେଉଛି ଏକ ଅଲୌକିକ କାର୍ଯ୍ୟ ଯେଉଁଥିରେ ଈଶ୍ୱର ଆପଣାକୁ ପ୍ରକାଶ କଲେ ଏବଂ ସେହି ପ୍ରକାଶନକୁ ଲିଖିତ ଆକାରରେ ଆଣିଥିଲେ । ବାଇବଲ ଅନୁପ୍ରେରଣାର ଶେଷ ଉତ୍ପାଦ । ବାଇବଲର ଅନୁପ୍ରେରଣା ଅନ୍ୟ କୌଣସି ପୁସ୍ତକ ପରି ନୁହେଁ। **ବାଇବଲର ଅନୁପ୍ରେରଣାର ଅର୍ଥ ଏହା ସମ୍ପୂର୍ଣ୍ଣରୂପେ ଈଶ୍ୱରଙ୍କ ବାକ୍ୟ, ଏପରିକି ବ୍ୟବହୃତ ଶବ୍ଦାବଳୀ ମଧ୍ୟ ।**

ବେଳେବେଳେ ଲୋକମାନେ ଅନୁଭବ କରନ୍ତି ଯେ ଯେତେବେଳେ ସେମାନଙ୍କର ମହତ୍ତ୍ୱପୂର୍ଣ୍ଣ ଧାରଣା ଥାଏ, ସେତେବେଳେ ସେମାନେ ଅନୁପ୍ରାଣିତ ହୋଇଥାନ୍ତି । କିନ୍ତୁ ଯେତେବେଳେ ଏହା ଦାବି କରେ ଯେ ଏହା ଈଶ୍ୱରନିଶ୍ୱସିତ (ଅନୁପ୍ରାଣିତ) ଅଟେ, ବାଇବଲ ତା ଅପେକ୍ଷା ଅଧିକ ଅର୍ଥପୂର୍ଣ୍ଣ ଅଟେ ।

> ସମସ୍ତ ଶାସ୍ତ୍ର ଈଶ୍ୱରନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ (୨ତୀମଥି ୩:୧୬) ।

ଯଦିବା ଧର୍ମଶାସ୍ତ୍ର ବାଇବଲ ମାନବ ଲେଖନୀ ଦ୍ୱାରା ରଚିତ ହୋଇଥିଲା, ଏହି ଶାସ୍ତ୍ରାଂଶ ଗୁରୁତ୍ୱ ଦେଇ କହେ ଯେ ବାଇବଲ ଈଶ୍ୱରଙ୍କଠାରୁ ଆଗତ ଯେହେତୁ ବାଇବଲ ଈଶ୍ୱରଙ୍କଠାରୁ ଆଗତ, ଏହା ଶିକ୍ଷା ପାଇଁ ନିର୍ଭରଯୋଗ୍ୟ । ଲୋକମାନେ ଯାହା ସର୍ବୋତ୍ତମରୂପେ କରିପାରିବେ ତାହା ଅପେକ୍ଷା ଏହା ଆହୁରି ଭଲ ।

> ପ୍ର ପ୍ରଥମରେ ଏହା ଜ୍ଞାତ ହୁଅ ଯେ, ଶାସ୍ତ୍ରର କୌଣସି ଭାବବାଣୀ ସ୍ୱତନ୍ତ୍ର ଭାବରେ ବ୍ୟାଖ୍ୟା କରିବାର ବିଷୟ ନୁହେଁ, କାରଣ କୌଣସି ଭାବବାଣୀ କେବେ ହେଁ ମନୁଷ୍ୟର ଇଚ୍ଛାରୁ ଉତ୍ପନ୍ନ ହୋଇ ନାହିଁ, ମାତ୍ର ଈଶ୍ୱର ପ୍ରେରିତ ମନୁଷ୍ୟମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ (୨ପିତର ୧:୨୦-୨୧) ।

ଉପରୋକ୍ତ ଶାସ୍ତ୍ରାଂଶ କହେ ଯେ ପବିତ୍ର ଆତ୍ମା ଲେଖକମାନଙ୍କୁ ଚାଳିତ କରୁଥିଲେ । ବାଇବଲ ଲେଖକମାନଙ୍କ ଲେଖାର ସଠିକତା ସେମାନଙ୍କର ଜ୍ଞାନ ଉପରେ ନିର୍ଭର କରୁ ନ ଥିଲା । ଯେହେତୁ ସେମାନେ ପବିତ୍ରଆତ୍ମାଙ୍କ ଦ୍ୱାରା ଚାଳିତ, ବା ବାହିତ ହୋଇ ଲେଖୁଥିଲେ, ଏହା ଦର୍ଶାଏ ଯେ ଲେଖାର ବିଶ୍ୱସନୀୟତା ଶେଷରେ ଈଶ୍ୱରଙ୍କ ଉପରେ ନିର୍ଭର କରୁଥିଲା । ବାଇବଲ ଈଶ୍ୱରଙ୍କ ପରି ବିଶ୍ୱାସଯୋଗ୍ୟ ଅଟେ ।

## ଅନୁପ୍ରେରଣା କିପରି ଥିଲା?

► ବାଇବଲର ଲେଖକମାନେ ଲେଖିବା ପୂର୍ବରୁ କେଉଁସବୁ ମାର୍ଗରେ ଈଶ୍ୱରଙ୍କ ସତ୍ୟ ପ୍ରାପ୍ତ ହୋଇଥିଲେ?

ବେଳେବେଳେ ଲୋକମାନେ ଆଶ୍ଚର୍ଯ୍ୟ ହୁଅନ୍ତି ଅନୁପ୍ରେରଣା କିପରି କାର୍ଯ୍ୟ କଲା । ଈଶ୍ୱର କିପରି ତାଙ୍କ ସତ୍ୟକୁ ଜଣାଇଲେ ଓ ତାହା ସଠିକ୍ ଭାବରେ ଉଲ୍ଲେଖ କରାଗଲା ବୋଲି ନିଶ୍ଚିତ କଲେ? ଈଶ୍ୱରଙ୍କ ପ୍ରକାଶନ ଶୈଳୀ ବିଷୟରେ ଆମେ ପ୍ରଥମେ ଜାଣିବା ଉଚିତ ଯେ ଏହାର ବିବିଧତା ଅଛି । ସେ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ସୀମିତ ନୁହଁନ୍ତି (ଏବ୍ରୀ ୧:୧ ପଢ଼ନ୍ତୁ) ।

ବେଳେବେଳେ ଈଶ୍ୱର ଶ୍ରାବ୍ୟ ସ୍ୱର ଦ୍ୱାରା କଥା ହୋଇଥିଲେ, ଯେପରି ସେ ମୋଶାଙ୍କ ସହିତ କଥା ହୋଇଥିଲେ (ଯାତ୍ରାପୁସ୍ତକ ୩୩:୧୧) । ଅନ୍ୟ ସମୟରେ ସେ ସ୍ୱପ୍ନ କିମ୍ବା ଦର୍ଶନ ଦେଇଥିଲେ, ଏବଂ ଲେଖକ ସେଗୁଡ଼ିକୁ ବର୍ଣ୍ଣନା କରିଥିଲେ ।[1] ବୋଧହୁଏ ଶାସ୍ତ୍ରର ଯେଉଁ ଅଂଶ ସିଧାସଳଖ ଈଶ୍ୱରଙ୍କଠାରୁ ମୁଦ୍ରଣକୁ ଆସିଥିଲା, ତାହା ହେଉଛି ଇସ୍ରାଏଲ ସହିତ ହୋଇଥିବା ଚୁକ୍ତି ଯାହା ଈଶ୍ୱରଙ୍କ ଅଙ୍ଗୁଳିରେ ଲିଖିତ ହୋଇଥିଲା (ଦ୍ୱିତୀୟ ବିବରଣ ୯:୧୦) । ଶାସ୍ତ୍ରର ଅନ୍ୟ ବିଭାଗଗୁଡ଼ିକ ଶ୍ରୁତଲିଖନ ମାଧ୍ୟମରେ ଲିଖିତ ହୋଇଥିବା ମନେହୁଏ, କାରଣ, ଯାତ୍ରା, ଲେବୀୟ, ଓ ଗଣନା ପୁସ୍ତକର ପ୍ରମୁଖ ଅଂଶଗୁଡ଼ିକ, "ସଦାପ୍ରଭୁ ମୋଶାଙ୍କୁ କହିଲେ......"ରୁ ଆରମ୍ଭ ହୋଇଛି ।

[1] ଦର୍ଶନ ମାଧ୍ୟମରେ ପ୍ରକାଶନର ଉଦାହରଣ, ଦାନିୟେଲ ୭ ଓ ୮ ପର୍ବ, ପ୍ରକାଶିତ ପୁସ୍ତକର ଅଧିକାଂଶ ଭାଗ

ଅନୁପ୍ରେରଣାର ଅର୍ଥ ନୁହେଁ ଯେ ଈଶ୍ୱର ଲେଖକଙ୍କୁ ଶ୍ରାବ୍ୟ ସ୍ୱରରେ ତାଙ୍କ ବାକ୍ୟ କହିଥିଲେ । ଆମେ ବିଭିନ୍ନ ଲେଖକଙ୍କ ମଧ୍ୟରେ ଥିବା ବ୍ୟକ୍ତିତ୍ୱ ଏବଂ ଲେଖାଶୈଳୀରେ ପାର୍ଥକ୍ୟ ଦେଖୁ । ଉଦାହରଣ ସ୍ୱରୂପ, ପାଉଲଙ୍କ ଶୈଳୀ ପିତରଙ୍କ ଶୈଳୀଠାରୁ ବହୁତ ଭିନ୍ନ ଅଟେ । ଅନୁପ୍ରେରଣା ବିଷୟରେ ଆମର ଦୃଷ୍ଟିକୋଣ, ମାନବ ଲେଖକଙ୍କ ବ୍ୟକ୍ତିତ୍ୱ, ଶବ୍ଦ ଭଣ୍ଡାର, ଲେଖାଶୈଳୀ, ଶିକ୍ଷା ଓ ଐତିହାସିକ ଗବେଷଣାକୁ ଈଶ୍ୱର ବ୍ୟବହାର କରିଥିଲେ ବୋଲି ସ୍ୱୀକୃତି ଦେଇଥାଏ ।

ଅନୁପ୍ରେରଣାର ସଠିକ୍ ଦୃଷ୍ଟିକୋଣ ହେଉଛି ଈଶ୍ୱର ମାନବ ଲେଖକଙ୍କୁ ସମ୍ପୂର୍ଣ୍ଣରୂପେ ଅନୁପ୍ରାଣିତ କରିଥିଲେ, ଲେଖକଙ୍କ କଳ୍ପନା ଓ ବ୍ୟକ୍ତିତ୍ୱର ଉପଯୋଗ କରିଥିଲେ ଐଶ୍ୱରିକ ସତ୍ୟ ବ୍ୟକ୍ତ କରିବା ପାଇଁ, କେବଳ ସତ୍ୟକୁ ପ୍ରକାଶ କରିବା ପାଇଁ ନୁହେଁ, ମାତ୍ର ସମ୍ପୂର୍ଣ୍ଣ ସଠିକତା ପ୍ରଦାନ କରିବା ନିମନ୍ତେ ଲେଖା ପ୍ରକ୍ରିୟାକୁ ମଧ୍ୟ ସେ ତଦାରଖ କରିଥିଲେ ।

କିଛି ଲୋକ ଭାବନ୍ତି ଯେ ଈଶ୍ୱର କେବଳ ସେହି ଧାରଣା ଦେଉଥିଲେ ଯାହାକୁ ସେ ଜଣାଇବାକୁ ଚାହୁଁଥିଲେ ଏବଂ ମାନବ ଲେଖକ ସେସବୁକୁ ଯଥାସମ୍ଭବ ବ୍ୟାଖ୍ୟା କରିଥିଲେ, ଯହିଁରେ ଅନେକ ମାନବୀୟ ତ୍ରୁଟି ରହୁଥିଲା । ଏହି ମତ ଅନୁପ୍ରେରଣା ବିଷୟରେ ବାଇବଲର ବର୍ଣ୍ଣନା ସହିତ ମେଳ ଖାଉ ନାହିଁ । ବାଇବଲ ବର୍ଣ୍ଣନା କରେ ଯେ ଲେଖକମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାହିତ ହୋଇ ଲେଖୁଥିଲେ, ତେଣୁ ଆମେ ଜାଣୁ ଯେ ସେମାନଙ୍କୁ ନିଜେ ନିଜେ ଲେଖନ୍ତୁ ବୋଲି ସେମିତି ଛଡ଼ା ଯାଇ ନ ଥିଲା, ଯଦ୍ଦ୍ୱାରା ସେମାନେ ଭୁଲ କରିବା ସ୍ୱାଭାବିକ ।

ଯେହେତୁ ବାଇବଲ ଈଶ୍ୱରଙ୍କ ବାକ୍ୟ ଅଟେ, ଏହା ଆଦୌ ଭୁଲ କହେ ନାହିଁ, କାରଣ ଈଶ୍ୱର କେବେ ଭୁଲ କରନ୍ତି ନାହିଁ (ହିତୋପଦେଶ ୩୦:୫ ପଢ଼ନ୍ତୁ) । ଯେହେତୁ ଈଶ୍ୱର ଆପଣାକୁ ବାଇବଲରେ ଲିପିବଦ୍ଧ ଇତିହାସରେ ପ୍ରକାଶ କରିଛନ୍ତି, ସବିଶେଷ ତଥ୍ୟ ନିଶ୍ଚିତ ଭାବରେ ସଠିକ୍ ହେବା ଉଚିତ ଯେପରି କି ଆମେ ଈଶ୍ୱରଙ୍କର ଏକ ବିଶ୍ୱାସଯୋଗ୍ୟ ପ୍ରକାଶନ ପାଇବା । ତେଣୁକରି, ଅନୁପ୍ରେରଣା ସମ୍ପର୍କରେ ବାଇବଲର ବର୍ଣ୍ଣନା ହେତୁ, ଆମେ ଜାଣୁ ଯେ ଈଶ୍ୱର ବାଇବଲ ଲେଖକମାନଙ୍କ ଲେଖାକୁ ମାର୍ଗଦର୍ଶନ କଲେ ଯେପରି କି ତାହା ସମ୍ପୂର୍ଣ୍ଣରୂପେ ସଠିକ୍ ହେବ ।

## ବାଇବଲର ସମ୍ପୂର୍ଣ୍ଣ ସଠିକତା ସପକ୍ଷରେ ବ୍ୟବହୃତ ଶବ୍ଦାବଳୀ

### ଅନୁପ୍ରାଣିତ (Inspired)

ବାଇବଲ ଅନୁପ୍ରାଣିତ (ଈଶ୍ୱରନିଶ୍ୱସିତ) ଅଟେ- ଏହାର ଅର୍ଥ ହେଉଛି ଏହା ସମ୍ପୂର୍ଣ୍ଣ ଭାବରେ ଈଶ୍ୱରଙ୍କର ବାକ୍ୟ, ଏପରିକି ପ୍ରତ୍ୟେକ ବ୍ୟବହୃତ ଶବ୍ଦ ମଧ୍ୟ । ଏହି ଶବ୍ଦଟି ମୂଳତଃ ବାଇବଲର ସମ୍ପୂର୍ଣ୍ଣ ବିଶ୍ୱସନୀୟତା ଏବଂ ସଠିକତା ଦୃଢ଼ କରି କହିବା ପାଇଁ ଯଥେଷ୍ଟ ଥିଲା, କିନ୍ତୁ ବର୍ତ୍ତମାନ କେତେକ ଲୋକ ବିଶ୍ୱାସ କରନ୍ତି ଯେ ବାଇବଲ ଅନୁପ୍ରାଣିତ ହେଲେ ହେଁ ଏହା ସମ୍ପୂର୍ଣ୍ଣରୂପେ ସଠିକ ନୁହେଁ । ଅନୁପ୍ରେରଣାର ଜରୁରୀ ଦିଗଗୁଡ଼ିକ ସପକ୍ଷରେ କହିବା ପାଇଁ ଏବେ ନିମ୍ନ ଶବ୍ଦାବଳୀ ବ୍ୟବହାର କରାଯାଉଛି ।

**ଅଖଣ୍ଡନୀୟ (Infallible)**

ଏହି ଶବ୍ଦର ଅର୍ଥ ଯାହା "ବିଫଳ ହୋଇ ନ ପାରେ" । ଯେତେବେଳେ ଆମେ କହୁ ଯେ ବାଇବଲ ଅଖଣ୍ଡନୀୟ, ଏହାର ଅର୍ଥ ଏହା ନିର୍ଭରଯୋଗ୍ୟ ଓ ଏହା ଆମକୁ କେବେ ବି ବିପଥଗାମୀ କରିବ ନାହିଁ । କେବଳ ଏହାର ତାତ୍ତ୍ୱିକ ଉକ୍ତିସବୁରେ ନୁହେଁ, ମାତ୍ର ଏହାର ପ୍ରତ୍ୟେକ ଉକ୍ତିରେ ବାଇବଲ ଅଖଣ୍ଡନୀୟ ଅଟେ ।

**ଅଭ୍ରାନ୍ତ (Inerrant)**

ଏହି ଶବ୍ଦର ଅର୍ଥ "ତ୍ରୁଟିଶୂନ୍ୟ" । ବାଇବଲର ପ୍ରତ୍ୟେକ ଉକ୍ତି ସଠିକ୍ ଅଟେ । ଯେହେତୁ ଈଶ୍ୱର କଦାପି ମିଛ କହିବେ ନାହିଁ ବା ଭୁଲ କରିବେ ନାହିଁ (ତୀତସ ୧:୨ ପଢ଼ନ୍ତୁ) ଏବଂ ଯେହେତୁ ବାଇବଲ ହେଉଛି ଈଶ୍ୱରଙ୍କ ବାକ୍ୟ, ଆମେ ନିଶ୍ଚିତ ହୋଇପାରିବା ଯେ ଏହା ତ୍ରୁଟିଶୂନ୍ୟ । ଯଦି କେହି କହେ ଯେ ବାଇବଲରେ ତ୍ରୁଟି ଥାଇପାରେ କାରଣ ମନୁଷ୍ୟମାନେ ଏହା ଲେଖିଥିଲେ ତେବେ ସେ ୨ପିତର ୧:୨୧ରେ ଅନୁପ୍ରେରଣା ବିଷୟରେ ଯାହା କୁହାଯାଏ, ତାହାକୁ ସେ ଭୁଲିଯାଇଛନ୍ତି: ମନୁଷ୍ୟମାନେ ପବିତ୍ରଆତ୍ମାଙ୍କ ଦ୍ୱାରା ଚାଳିତ ହୋଇଥିଲେ ଅନୁପ୍ରେରଣା ବିଷୟରେ ବାଇବଲ ସମ୍ମତ ଓ ଐତିହାସିକ ଦୃଷ୍ଟିକୋଣ ହେଉଛି ସମଗ୍ର ବାଇବଲ ଅନୁପ୍ରାଣିତ, ଏପରି କି ପ୍ରତ୍ୟେକ ଶବ୍ଦ ମଧ୍ୟ । ଏଣୁ ଏଥିରେ କୌଣସି ତ୍ରୁଟି ନାହିଁ (ମାଥିଉ ୫:୧୮ ପଢ଼ନ୍ତୁ) ।

**ନକଲ କରିବାବେଳେ କ'ଣ ତ୍ରୁଟି ହୋଇ ନ ଥିବ?**

ମୁଦ୍ରଣ ଯନ୍ତ୍ରର ଆବିଷ୍କାର ପୂର୍ବରୁ, ଧର୍ମଶାସ୍ତ୍ର ସମେତ ସମସ୍ତ ଦଲିଲ୍ ହାତରେ ନକଲ କରାଯାଉଥିଲା । ପାଉଲ, ଯିଶାଇୟ କିମ୍ବା ମୋଶାଙ୍କ ଲିଖିତ ମୂଳ ପାଣ୍ଡୁଲିପିଗୁଡ଼ିକ ଆମ ପାଖରେ ନାହିଁ । ଗ୍ରୀକ୍ ଓ ହିବ୍ରୁ ଭାଷାରେ ଥିବା ହଜାର ହଜାର ପ୍ରାଚୀନ, ହସ୍ତଲିଖନ ନକଲଗୁଡ଼ିକ ମଧ୍ୟରେ ଅତି ସାମାନ୍ୟ ପାର୍ଥକ୍ୟ ରହିଛି, ଏବଂ ପ୍ରକୃତ ମୂଳ ଶବ୍ଦଗୁଡ଼ିକ କ'ଣ ଥିଲା ଆମେ ସର୍ବଦା ଜାଣି ପାରୁ ନାହୁଁ । ତେବେ, ପାର୍ଥକ୍ୟସବୁ ଏତେ ସାମାନ୍ୟ ଯେ ସେଗୁଡ଼ିକ ହେତୁ କୌଣସି ଧର୍ମତତ୍ତ୍ୱ ପ୍ରଶ୍ନବାଚୀ ସୃଷ୍ଟି କରେ ନାହିଁ । ଯେହେତୁ ଆମେ ଜାଣୁ ଯେ ମୂଳ ଶବ୍ଦଗୁଡ଼ିକ ତ୍ରୁଟିଶୂନ୍ୟ ଥିଲା, ଏବଂ ବିଭିନ୍ନ ପାଣ୍ଡୁଲିପିରେ ଥିବା ପାର୍ଥକ୍ୟସବୁ ଅତି ସାମାନ୍ୟ ଥିବାରୁ ଆମେ ଜାଣୁ ଯେ ବାଇବଲର ପ୍ରତ୍ୟେକ ଉକ୍ତିକୁ ଆମେ ବିଶ୍ୱାସ କରିପାରିବା ।

► ଆମେ କିପରି ଜାଣୁ ଯେ ବାଇବଲ ସଠିକ୍ ଅଟେ ଯଦିବା ଏହା ଅନେକ ଥର ହାତରେ ନକଲ କରାଯାଇଥିଲା?

► କେଉଁସବୁ କାରଣ ଯୋଗୁଁ ଅନେକେ ମନେ କରନ୍ତି ଯେ ବାଇବଲରେ ତ୍ରୁଟି ରହିଛି?

## କାହିଁକି କିଛି ଲୋକ ଭାବନ୍ତି ଯେ ବାଇବଲରେ ଅନେକ ତ୍ରୁଟି ରହିଛି?

ବେଳେବେଳେ କିଛି ଲୋକ ମନେ କରନ୍ତି ଯେ ବାଇବଲରେ ଅନେକ ତ୍ରୁଟି ରହିଛି । କାରଣ ସେମାନେ ବାଇବଲର ପ୍ରକୃତିକୁ ବୁଝନ୍ତି ନାହିଁ ।

ବାଇବଲ ସାଧାରଣ ମାନବୀୟ ଯୋଗାଯୋଗ ବ୍ୟବହାର କରିଥିଲା । ଉଦାହରଣ ସ୍ୱରୂପ, ବାଇବଲରେ ଏକ ପଦ ରହିଛି ଯେଉଁଥିରେ ସୂର୍ଯ୍ୟ ଆକାଶରେ ଗତି କରୁଥିବା ବିଷୟରେ ଉଲ୍ଲେଖ କରାଯାଇଛି । ଅଧିକାଂଶ ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ପୃଥିବୀ ଘୂରୁଛି, ସୂର୍ଯ୍ୟ ନୁହଁ, କିନ୍ତୁ ସେମାନେ ମଧ୍ୟ ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟାସ୍ତ ବିଷୟରେ କଥା କହନ୍ତି । ସେମାନେ ସେହିଭଳି ଏହାକୁ ବର୍ଣ୍ଣନା କରନ୍ତି, ଯେପରି ଦେଖନ୍ତି।

କବିତା ଆକାରରେ ବକ୍ତବ୍ୟ ମଧ୍ୟ ଅଛି, ଯେପରି: "ପର୍ବତଗଣ ମେଷଶାବକ ପରି ଡିଅାଁ ମାରିଲେ" (ଗୀତସଂହିତା ୧୧୪:୪), ବା "ବୃକ୍ଷସକଳ କରତାଳି ଦେବେ" (ଯିଶାଇୟ ୫୫:୧୨) । ତାହା ଏକ ସାହିତି୍ୟକ ଶୈଳୀ ଓ ନିଶ୍ଚିତରୂପେ ଆକ୍ଷରିକ ନୁହେଁ ।

ବେଳେବେଳେ ଲେଖକମାନେ, ଅନ୍ୟମାନଙ୍କ ଉକ୍ତି ବା ଲେଖାକୁ ଉଦ୍ଧୃତ କରିଥାନ୍ତି, ଯହିଁରେ ଅନୁପ୍ରାଣିତ ହୋଇ ନ ଥିବା ଲୋକମାନେ ମଧ୍ୟ ଅନ୍ତର୍ଭୁକ୍ତ । [ଉଦାହରଣ ସ୍ୱରୂପ, ଆୟୁବଙ୍କ ସାଙ୍ଗମାନଙ୍କ ବକ୍ତବ୍ୟ ଲିପିବଦ୍ଧ ହୋଇଛି, ଯଦିବା ଈଶ୍ୱର କହନ୍ତି ଯେ ସେମାନେ ଠିକ୍ କଥା କହିନାହାନ୍ତି (ଆୟୁବ ୪୨:୭) ।]

ତେବେ ଅନୁପ୍ରେରଣା ତତ୍ତ୍ୱ କ୍ଷେତ୍ରରେ ଏଗୁଡ଼ିକ କୌଣସି ସମସ୍ୟା ସୃଷ୍ଟି କରେ ନାହିଁ । ଈଶ୍ୱର ଲେଖା ପ୍ରକି୍ରୟାକୁ ଏପରି ମାର୍ଗଦର୍ଶନ କଲେ ଯେ ଅନ୍ତିମ ଉତ୍ପାଦ ତାହାଙ୍କ ବାକ୍ୟ ଭାବରେ ସେ ସୁନିଶ୍ଚିତ କରିଥିଲେ ।

ବେଳେବେଳେ ଲୋକମାନେ ଭାବନ୍ତି ଯେ ସେମାନେ ବାଇବଲରେ ଏକ ପ୍ରତିବାଦ ଦେଖନ୍ତି, କିନ୍ତୁ ସେମାନେ ଏହାକୁ ଅଧିକ ଯତ୍ନର ସହ ଦେଖିବା ଆବଶ୍ୟକ । ଉଦାହରଣ ସ୍ୱରୂପ, ମାର୍କ ୫:୧-୨ ଓ ଲୂକ ୮:୨୬-୨୭ରେ ଜଣେ ଭୂତଗ୍ରସ୍ତ ଲୋକ ବିଷୟରେ କୁହାଯାଏ ଯେ କି ଯୀଶୁଙ୍କ ଦ୍ୱାରା ମୁକ୍ତ ହୋଇଥିଲା । ମାଥିଉ ୮:୨୮ ରେ ଦୁଇଜଣ ଭୂତଗ୍ରସ୍ତ ଲୋକ ମୁକ୍ତ ହୋଇଥିଲେ ।ଏଥିରେ ପ୍ରତିବାଦ ନାହିଁ ।ଲୂକ ଓ ମାର୍କ କହିନାହାନ୍ତି ଯେ ସେଠାରେ ଜଣେ ମାତ୍ର ବ୍ୟକ୍ତି ଥିଲା ।ସେମାନେ ସେହି ବ୍ୟକ୍ତିଙ୍କ ଉପରେ ଧ୍ୟାନ ଦେବାକୁ ପସନ୍ଦ କଲେ, ଯାହାର ସେହି ଅଞ୍ଚଳରେ ଇତିହାସ ରହିଥିଲା । ଯଦି ଜଣେ ବ୍ୟକ୍ତି ବାଇବଲରେ ଉକ୍ତିସବୁ ଦେଖନ୍ତି ଯାହା ପରସ୍ପର-ବିରୋଧୀ ମନେ ହୁଏ, ତେବେ ସେ ତରବର ହୋଇ ଏକ ସିଦ୍ଧାନ୍ତରେ ଉପନୀତ ହେବା ଅନୁଚିତ, ବରଂ ସମୟ ନେଇ ପୂର୍ବାପର ସଙ୍ଗତି ବୁଝିବା ଆବଶ୍ୟକ ।

### ଖ୍ରୀଷ୍ଟିୟାନଙ୍କ ପାଇଁ ବାଇବଲ

► ଖ୍ରୀଷ୍ଟିୟାନ ବାଇବଲକୁ କିପରି ଭାବରେ ବ୍ୟବହାର କରିବା ଉଚିତ? କେତୋଟି ମାର୍ଗ ସୂଚିତ କରନ୍ତୁ ।

ବାଇବଲରେ ଈଶ୍ୱରଙ୍କ ବ୍ୟବସ୍ଥା ରହିଛି । ବ୍ୟବସ୍ଥା ପାଳନ ଦ୍ୱାରା ଆମେ ଉଦ୍ଧାର ପ୍ରାପ୍ତ ହୋଇ ନ ଥାଉ, କିନ୍ତୁ ଈଶ୍ୱର ଆମକୁ କିପରି ବଞ୍ଚିବା ଉଚିତ ବୋଲି ଇଚ୍ଛା କରନ୍ତି ବ୍ୟବସ୍ଥା ତାହା ଦର୍ଶାଏ ।ଈଶ୍ୱରଙ୍କ ବ୍ୟବସ୍ଥା ଈଶ୍ୱରଙ୍କ ସ୍ୱଭାବକୁ ଦର୍ଶାଏ ।ଆମେ ଏହାକୁ ଅନୁସରଣ କରିବା ଉଚିତ କାରଣ ଆମେ ଈଶ୍ୱରଙ୍କ ସଦୃଶ ହେବାକୁ ଚାହୁଁ । ଯେହେତୁ ଆମେ ଈଶ୍ୱରଙ୍କୁ ପ୍ରେମ କରୁ,

ତାଙ୍କର ବ୍ୟବସ୍ଥାକୁ ମଧ୍ୟ ଆମେ ପ୍ରେମ କରିବା ଉଚିତ । ଗୀତସଂହିତା ୧୧୯ ବର୍ଣ୍ଣନା କରେ କିପରି ଜଣେ ଈଶ୍ୱରଙ୍କ ଉପାସକ ଈଶ୍ୱରଙ୍କ ବ୍ୟବସ୍ଥାରେ ଆନନ୍ଦ କରିବା ଉଚିତ । ଈଶ୍ୱରଙ୍କୁ ପ୍ରେମ କରୁଥିବା ଜଣେ ବ୍ୟକ୍ତି ଈଶ୍ୱରଙ୍କ ଇଚ୍ଛାର ଅନୁରୂପ ହେବା ପାଇଁ ତାଙ୍କ ହୃଦୟରୁ ପରିବର୍ତ୍ତନ କରିବାକୁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବେ । ଈଶ୍ୱରଙ୍କୁ ପ୍ରେମ କରୁଥିବା ଜଣେ ବ୍ୟକ୍ତି ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ବିଷୟରେ ଚିନ୍ତା ନ କରିବା ଅସମ୍ଭବ ଅଟେ ।

ଈଶ୍ୱରଙ୍କ ବାକ୍ୟ ଆଲୋକସ୍ୱରୂପ । ପ୍ରେରିତ ପିତର ଆମକୁ କହନ୍ତି ଯେ ଜଗତ ଆତ୍ମିକ ଅନ୍ଧକାରରେ ବୁଡି ରହିଛି, ଏବଂ ଈଶ୍ୱରଙ୍କ ବାକ୍ୟରୂପ ଆଲୋକ ଆମର ଗନ୍ତବ୍ୟ ପଥରେ ଆଗେଇ ଯିବା ପାଇଁ ପଥପ୍ରଦର୍ଶନ କରିଥାଏ (୨ପିତର ୧:୧୯-୨୧, ଗୀତସଂହିତା ୧୧୯:୧୦୫ ପଢ଼ନ୍ତୁ) । ଜଣେ ବ୍ୟକ୍ତି କଦାପି ଈଶ୍ୱରଙ୍କ ବାକ୍ୟର ବିରୋଧ କରୁଥିବା ଧାରଣା ବା ଭାବନାର ଅନୁସରଣ କରିବା ଉଚିତ ନୁହେଁ । ପବିତ୍ର ଆତ୍ମା କେବେହେଲେ ଜଣେ ବ୍ୟକ୍ତିକୁ ଏପରି କିଛି କରିବାକୁ ଦେବେ ନାହିଁ ଯାହା ଏକ ଭୁଲ କାର୍ଯ୍ୟ ବୋଲି ବାଇବଲ କହେ ।

ଈଶ୍ୱରଙ୍କ ବାକ୍ୟ ଆମର ଆତ୍ମିକ ଖାଦ୍ୟ । ସ୍ୱାଭାବିକ କ୍ଷୁଧା ଉତ୍ତମ ସ୍ୱାସ୍ଥ୍ୟର ଲକ୍ଷଣ, ଏବଂ ଜଣେ ଖ୍ରୀଷ୍ଟିୟାନ ନବଜାତ ଶିଶୁ ତୁଲ୍ୟ ଈଶ୍ୱରଙ୍କ ବାକ୍ୟ ଇଚ୍ଛା କରିବ (୧ପିତର ୨:୩) । ଜଣେ ଖ୍ରୀଷ୍ଟିୟାନ ପରିପକ୍ୱ ହେଲେ ଈଶ୍ୱରଙ୍କ ସତ୍ୟକୁ ଅଧିକ ବୁଝିପାରେ ଓ ହଜମ କରିପାରେ, ଯେପରି ଜଣେ ପିଲା ଘନ ଖାଦ୍ୟ ଖାଇବା ଶିଖେ (୧କରିନ୍ଥୀୟ ୩:୨) । ଜଣେ ଖ୍ରୀଷ୍ଟିୟାନ ପ୍ରତିଦିନ ଈଶ୍ୱରଙ୍କ ବାକ୍ୟରୁ ଆତ୍ମିକ ଖାଦ୍ୟ ଭୋଜନ କରିବାକୁ ହେବ ।

> "ଆମର ସଂସ୍କୃତି ଆଜି ଦୁଇଟି ମିଥ୍ୟାକଥା ବିଶ୍ୱାସ କରିଥାଏ: ଆମେ ସବୁ ଭଲ ଲୋକ ଏବଂ ଈଶ୍ୱର ପ୍ରେମମୟ ହେବାରୁ ସେ ଆମ ପାପର ଦଣ୍ଡ ଦେବେ ନାହିଁ ।"
> – Francis Chan

ବାଇବଲ ହେଉଛି ଶୟତାନ ବିରୁଦ୍ଧରେ ଆମର ପ୍ରତିରକ୍ଷା । ଆତ୍ମିକ ଅସ୍ତ୍ରଶସ୍ତ୍ରରେ ନିଜକୁ ସୁସଜ୍ଜିତ କରିବା ପାଇଁ ଆମକୁ ଆଦେଶ ଦିଆଯାଇଛି । ପବିତ୍ର ଆତ୍ମା ଆମକୁ ଖଡ୍ଗସ୍ୱରୂପେ ଈଶ୍ୱରଙ୍କ ବାକ୍ୟ ଦେଇଛନ୍ତି (ଏଫିସୀୟ ୬:୧୭) । ଯୀଶୁ ଶୟତାନର ପ୍ରଲୋଭନ ସବୁର ଉତ୍ତର ଦେବା ନିମନ୍ତେ ଧର୍ମଶାସ୍ତ୍ରରୁ ବାକ୍ୟ ଉଦ୍ଧୃତ କରିଥିଲେ (ମାଥିଉ ୪:୩-୪) ।

ଈଶ୍ୱରଙ୍କ ବାକ୍ୟ ହେଉଛି ସତ୍ୟ ଯାହା ଆମର ଉତ୍ତର ଆହ୍ୱାନ କରେ । ଯୀଶୁ ଏହାକୁ ବୁଣାଯାଇଥିବା ବିହନ ସଙ୍ଗେ ତୁଳନା କରନ୍ତି (ଲୂକ ୮:୧୧-୧୫) । କେତେକ ବିହନ ଅଙ୍କୁରିତ ହୋଇ ନ ଥିଲା, କାରଣ ଭୂମି ପ୍ରସ୍ତୁତ ହୋଇ ନ ଥିଲା । ଆମେ ବାଇବଲ ପଢ଼ିବା ସମୟରେ ଏହାର ସତ୍ୟ ପ୍ରତି ଆମେ ଉତ୍ତର ଦେବା ଏବଂ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ଯେପରି ତାହାଙ୍କ ବାକ୍ୟ ଆମ ଜୀବନରେ ଫଳ ଉତ୍ପନ୍ନ କରିବ ।

## ଯେହେତୁ ବାଇବଲ ଈଶ୍ୱରଙ୍କ ବାକ୍ୟ....

ଯେହେତୁ ବାଇବଲ ଈଶ୍ୱରଙ୍କ ବାକ୍ୟ....

- ଏହା କଦାପି ପୁରୁଣା କିମ୍ବା ଅପ୍ରାସଙ୍ଗିକ ହେବ ନାହିଁ । ଏହା ସମସ୍ତ ସ୍ଥାନ ଏବଂ ସବୁ ସମୟର ସମସ୍ତ ଲୋକଙ୍କ ପାଇଁ ପ୍ରଯୁଜ୍ୟ ।
- ଈଶ୍ୱରଙ୍କ ଇଚ୍ଛା ଜାଣିବା ପାଇଁ ଏହା ହେଉଛି ମାର୍ଗଦର୍ଶକ, କାରଣ ଈଶ୍ୱର କେବେ ବି ନିଜକୁ ବିରୋଧ କରିବେ ନାହିଁ, କିମ୍ବା ତାଙ୍କ ମନ ପରିବର୍ତ୍ତନ କରିବେ ନାହିଁ ।
- ଜୀବନର ସର୍ବୋତ୍ତମ ବିଷୟ ପାଇବା ପାଇଁ ଏହା ଆମର ମାର୍ଗଦର୍ଶକ, ଯେହେତୁ ଆମର ନିର୍ମାତା ଈଶ୍ୱର, ଏଥିରୁ ନିର୍ଦ୍ଦେଶପାଇବା ପାଇଁ ଏହା ଆମକୁ ଦେଇଛନ୍ତି ।
- ପରିତ୍ରାଣ ପାଇବାକୁ ଏବଂ ଈଶ୍ୱରଙ୍କ ସହିତ ସମ୍ପର୍କରେ ରହି ଚାଲିବାକୁ ଆମେ ଯାହାସବୁ ଜାଣିବା ଆବଶ୍ୟକ ଏଥିରେ ସେସବୁ ରହିଛି ।

ଯଦିବା ଆମେ ପାଳକମାନଙ୍କଠାରୁ ଏବଂ ମଣ୍ଡଳୀ ପରମ୍ପରାରୁ ଶିଖୁ, କୌଣସି ଧାରଣା ଯାହା ଶାସ୍ତ୍ରସମ୍ମତ ନୁହେଁ ତାହା ଗ୍ରହଣଯୋଗ୍ୟ ନୁହେଁ, କାରଣ ଏହା ହେଉଛି ଅନ୍ତିମ ଅଧିକାର ।

ପବିତ୍ର ଆତ୍ମା ଈଶ୍ୱରଙ୍କ ବାକ୍ୟକୁ ଆଲୋକିତ କରନ୍ତି ଯେପରି ତାହା ଆମେ ବୁଝି ପାରିବୁ ଏବଂ ତାହା ପାଳନ କରିବାକୁ ଆମକୁ ନିର୍ଦ୍ଦେଶଦିଅନ୍ତି ।

► ଈଶ୍ୱର ତଥାପି କଥା କହୁଛନ୍ତି, କିନ୍ତୁ ଆମେ ଆଶା କରିବା ଉଚିତ କି ଯେ ବାଇବଲରେ କିଛି ଯୋଗ କରାଯାଇପାରିବ?

## ବାଇବଲ ସମ୍ପୂର୍ଣ୍ଣୀକୃତ ହୋଇଛି କି?

ଶେଷ ପ୍ରେରିତଙ୍କ ମୃତ୍ୟୁ ପରଠାରୁ ମଣ୍ଡଳୀ ବାଇବଲକୁ ଏକ ସମ୍ପୂର୍ଣ୍ଣୀକୃତ ପୁସ୍ତକ ଭାବରେ ବିବେଚନା କରିଛି । ମଣ୍ଡଳୀ ଧର୍ମଶାସ୍ତ୍ରରେ ଅନ୍ତର୍ଭୁକ୍ତ କରିବା ପାଇଁ କେବଳ ଲେଖା ଚୟନ କରି ନ ଥିଲା, ଏହା ପରିବର୍ତ୍ତେ, ସେମାନେ ଜାଣିଲେ ଯେ କେତେକ ଲେଖା ଈଶ୍ୱରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଛି ଏବଂ ଧର୍ମଶାସ୍ତ୍ରର ଅଧିକାର ରହିଛି । ଧର୍ମଶାସ୍ତ୍ରରେ ଅନ୍ତର୍ଭୁକ୍ତ ହେବା ପାଇଁ କେତେକ ଲେଖାଗୁଡ଼ିକ ଯୋଗ୍ୟତା ପୂରଣ କଲା ଯାହା ପରବର୍ତ୍ତୀ ଲେଖାଗୁଡ଼ିକ ପୂରଣ କରିପାରିଲା ନାହିଁ ।

ପୁରାତନ ନିୟମ ପୁସ୍ତକଗୁଡ଼ିକ ପାଇଁ ଇସ୍ରାଏଲ ଧର୍ମଶାସ୍ତ୍ର ଉପରେ ଯେଉଁସବୁ ଲେଖାଗୁଡ଼ିକ ସଂରକ୍ଷିତ ରଖିଥିଲା ମଣ୍ଡଳୀ ସେସବୁକୁ ଗ୍ରହଣ କରିଥିଲା । ପରିଶେଷରେ, ନୂତନ ନିୟମର ପୁସ୍ତକଗୁଡ଼ିକୁ ନିମ୍ନଲିଖିତ ଯୋଗ୍ୟତା ଭିତ୍ତିରେ ଧର୍ମଶାସ୍ତ୍ର ଭାବରେ ସ୍ୱୀକୃତି ଦିଆଗଲା:

- ପ୍ରେରିତମାନଙ୍କ ସହିତ ଐତିହାସିକ ସମ୍ପର୍କ
- ଆତ୍ମ-ପ୍ରାମାଣିକ ଗୁଣ

- ମଣ୍ଡଳୀଦ୍ୱାରା ସର୍ବସମ୍ମତି କ୍ରମେ ଗ୍ରହଣ
- ପୁରାତନ ନିୟମର ସମ୍ମାନଜନକ ବ୍ୟବହାର
- ମିଥ୍ୟାମତ ବିରୁଦ୍ଧରେ ପ୍ରତିରୋଧ ପାଇଁ ଉପଯୋଗିତା

ଈଶ୍ୱର ତଥାପି କଥା କହୁଛନ୍ତି, କିନ୍ତୁ ବର୍ତ୍ତମାନ ବାଇବଲରେ କିଛି ଯୋଗ କରାଯାଇ ପାରିବ କି? କୌଣସି ନୂତନ ଲେଖା ମୂଳ ଧର୍ମଶାସ୍ତ୍ରରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟତା ପୂରଣ କରିବା ଅସମ୍ଭବ ଅଟେ । ଉଦାହରଣ ସ୍ୱରୂପ, ପ୍ରେରିତମାନଙ୍କ ସହିତ କୌଣସି ନୂତନ ଲେଖାର ସମ୍ପର୍କ ସ୍ଥାପିତ ହୋଇପାରିବ ନାହିଁ, କାରଣ ସେମାନେ ଏପର୍ଯ୍ୟନ୍ତ ଆମ ସଙ୍ଗେ ନାହାନ୍ତି । ସମଗ୍ର ବିଶ୍ୱରେ ମଣ୍ଡଳୀ କୌଣସି ନୂତନ ଲେଖା ଗ୍ରହଣ କରିପାରିବ ନାହିଁ ।

ପରିତ୍ରାଣ ଓ ଖ୍ରୀଷ୍ଟୀୟ ଜୀବନଯାପନ ପାଇଁ ଧର୍ମଶାସ୍ତ୍ର ସମ୍ପୂର୍ଣ୍ଣ ଓ ଯଥେଷ୍ଟ ଅଟେ (୨ତୀମଥି ୩:୧୪-୧୭) । ଧର୍ମଶାସ୍ତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକ ବିଷୟ ଯୋଗ କରାଯାଇ ପାରିବ ନାହିଁ, କାରଣ ଏହା ପୂର୍ବରୁ ଆମର ସମସ୍ତ ଆବଶ୍ୟକ ବିଷୟ ଏଠାରେ ରହିଛି । ଯେଉଁମାନେ ନୂତନ ପ୍ରକାଶନ ଲାଭ କରୁଛନ୍ତି ବୋଲି ଦାବି କରନ୍ତି, ସେମାନେ ଈଶ୍ୱର ପୂର୍ବରୁ ପ୍ରଦାନ କରିଥିବା ପ୍ରକାଶନକୁ ଅଧ୍ୟୟନ କରିବା ପାଇଁ ସମୟ ଦେବା ଉଚିତ । ସେମାନେ ସେଠାରେ ଆବଶ୍ୟକ କରୁଥିବା ସମସ୍ତ ବିଷୟ ପାଇବେ ଏବଂ ତ୍ରୁଟିରୁ ରକ୍ଷା ପାଇବେ ।

## ଯେଉଁସବୁ ତ୍ରୁଟି ଏଡ଼ାଇବା ଆବଶ୍ୟକ

*ଶ୍ରେଣୀ ନେତାଙ୍କୁ ନୋଟ୍: ଶ୍ରେଣୀର ଦୁଇଜଣ ସଦସ୍ୟ ଏହି ବିଭାଗ ଏବଂ ପରବର୍ତ୍ତୀ ବିଭାଗକୁ ବ୍ୟାଖ୍ୟା କରିପାରନ୍ତି ।*

### ବାଇବଲ ଅଧିକାରର ଆପୋଷ ବୁଝାମଣା

ଆପଣଙ୍କ ଅନ୍ତିମ ଅଧିକାର କ'ଣ? ଅନେକ ଖ୍ରୀଷ୍ଟିୟାନ କହିବେ ଯେ ବାଇବଲ ହେଉଛି ସେମାନଙ୍କର ଅଧିକାର, କିନ୍ତୁ ସେମାନେ ପ୍ରକୃତରେ ନିଜ ଭାବନାରେ ଅଧିକ ବିଶ୍ୱାସ କରନ୍ତି । ଜଣେ ବ୍ୟକ୍ତି କହିବେ ଯେ ଏକ କାର୍ଯ୍ୟ ଠିକ୍ ଅଛି କାରଣ ସେ ଏହା କଲାବେଳେ ନିଜକୁ ଦୋଷୀ ମନେ କରନ୍ତି ନାହିଁ । ଏହି ବ୍ୟକ୍ତି ବାଇବଲ ପରିବର୍ତ୍ତେ ନିଜର ଭାବନାକୁ ଅନ୍ତିମ ଅଧିକାର ମନେ କରନ୍ତି ।

ଲୋକମାନେ ବାଇବଲକୁ ଗମ୍ଭୀରତାର ସହ ନ ନେବାର ଅନେକ କାରଣ ଅଛି । ହୁଏତ ସେମାନେ ସମ୍ମାନ କରୁଥିବା ଜଣେ ବ୍ୟକ୍ତି ବାଇବଲର ଏକ ସ୍ପଷ୍ଟ ଶିକ୍ଷାକୁ ଅଣଦେଖା କରନ୍ତି ଏବଂ ଏହା ସେମାନଙ୍କୁ ସମାନ କାର୍ଯ୍ୟ କରିବାକୁ ଉତ୍ସାହିତ କରେ । ବୋଧହୁଏ ସେମାନେ ବାଇବଲ ବାରଣ କରିଥିବା କୌଣସି କାର୍ଯ୍ୟ କରି ଦୋଷୀ ଅଟନ୍ତି, ଏବଂ ସେମାନେ ନିଜ କାର୍ଯ୍ୟକୁ ଯଥାର୍ଥ ବୋଲି ଦର୍ଶାଇବା ପାଇଁ ଉପାୟ ଖୋଜିବାକୁ ଚେଷ୍ଟା କରନ୍ତି । ବୋଧହୁଏ ବାଇବଲର ଶିକ୍ଷା ସମ୍ବନ୍ଧରେ ସେମାନେ ଅଜ୍ଞ ଅଟନ୍ତି ।

ବାଇବଲକୁ ବୁଝିବା ଓ ଏହାର ଅଧିକାର ନିକଟରେ ଆପଣାକୁ ସମର୍ପଣ କରିବା ପାଇଁ ଆମେ ସମସ୍ତ ପ୍ରକାର ଉଦ୍ୟମ କରିବା ଆବଶ୍ୟକ ।

### ଏକ ସୀମିତ ଉଦ୍ଦେଶ୍ୟ ନେଇ ବାଇବଲ ଅଧ୍ୟୟନ

ବାଇବଲ ହେଉଛି ଧର୍ମତତ୍ତ୍ୱର ମୂଳଉତ୍ସ । ଯେକୌଣସି ତାତ୍ତ୍ୱିକ ପ୍ରଶ୍ନ ପାଇଁ ଏହା ଅନ୍ତିମ ଅଧିକାର ଅଟେ । ତଥାପି, ଯେତେବେଳେ ଲୋକମାନେ ସେମାନଙ୍କ ଶିକ୍ଷାର ପ୍ରମାଣ ଖୋଜିବା ପାଇଁ ବାଇବଲ ଅଧ୍ୟୟନ କରନ୍ତି, ସେତେବେଳେ ସମସ୍ୟା ସୃଷ୍ଟି ହୁଏ । ସେମାନେ ଆତ୍ମିକ ଖାଦ୍ୟ ପାଇବା ପାଇଁ ବାଇବଲ ବ୍ୟବହାର କରନ୍ତି ନାହିଁ । ଅନ୍ୟ ଜଣେ ଭୁଲ କରୁଛି ବୋଲି ଦେଖାଇବା ପାଇଁ ହିଁ ସେମାନେ ଚିନ୍ତା କରିଥାନ୍ତି । ଆମର ଶିକ୍ଷାସବୁକୁ ଧର୍ମଶାସ୍ତ୍ର ସାହାଯ୍ୟରେ ବିକଶିତ କରିବା ଓ ସୁରକ୍ଷା ଦେବା ଯଥାର୍ଥ ଅଟେ । ତଥାପି, ଯଦି ତାହା ବାଇବଲର ଏକମାତ୍ର ବ୍ୟବହାର ହୁଏ, ତେବେ ଆମେ ଈଶ୍ୱରଙ୍କ ସହିତ ଆମର ବ୍ୟକ୍ତିଗତ ସମ୍ପର୍କଜନିତ ଆନନ୍ଦ ହରାଇବୁ ।

କିଛି ଲୋକ କେବଳ ଉତ୍ସାହିତ ଅନୁଭବ କରିବା ଉଦ୍ଦେଶ୍ୟରେ ବାଇବଲ ପଢ଼ନ୍ତି । ଆମେ ମନେ ରଖିବାକୁ ହେବ ଯେ ବାଇବଲର ଉଦ୍ଦେଶ୍ୟଗୁଡ଼ିକ ହେଉଛି ଶିକ୍ଷା, ଅନୁଯୋଗ ଓ ସଂଶୋଧନ (୨ତିମଥି ୩:୧୬) । ଆମକୁ ଭଲ ଲାଗୁଥିବା ପ୍ରତିଜ୍ଞାଗୁଡ଼ିକ ଖୋଜି ଆମେ ବାଇବଲର ଆଜ୍ଞାଗୁଡ଼ିକୁ ଏଡାଇ ଦେବା ଉଚିତ ନୁହେଁ । ହୁଏତ ଈଶ୍ୱର ଆଜି ଆମକୁ ପାପର ବୋଧ ଦେବାକୁ କିମ୍ବା ସଂଶୋଧନ କରିବାକୁ ବା କିଛି ଶିକ୍ଷାଦେବାକୁ ଚାହାନ୍ତି ।

### ଭ୍ରାନ୍ତ ଧର୍ମମତସବୁର ତ୍ରୁଟି

କେତେକ ଧାର୍ମିକ ଗୋଷ୍ଠୀ ଦାବି କରନ୍ତି ଯେ ସେମାନେ ବାଇବଲକୁ ବିଶ୍ୱାସ କରନ୍ତି, କିନ୍ତୁ ସେମାନଙ୍କ ଅଧିକାର ଅନ୍ୟ କିଛି ଥାଏ । ସେମାନେ ଦାବି କରନ୍ତି ଯେ ସେମାନେ କେବଳ ପ୍ରକାଶନ କିମ୍ବା ଏକ ସ୍ୱତନ୍ତ୍ର ବ୍ୟବସ୍ଥାକୁ ବ୍ୟବହାର କରି ବାଇବଲକୁ ବ୍ୟାଖ୍ୟା କରିପାରିବେ । କିନ୍ତୁ ସେମାନଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ବା ଶିକ୍ଷା ବାଇବଲରୁ ପ୍ରମାଣିତ ହୋଇପାରିବ ନାହିଁ ।

ବାଇବଲ ବ୍ୟତୀତ ସେମାନଙ୍କର ଅନ୍ୟ ଏକ ପୁସ୍ତକ ଥାଇପାରେ ଯାହାକୁ ସେମାନେ ଧର୍ମଶାସ୍ତ୍ର ଭାବରେ ବ୍ୟବହାର କରନ୍ତି । ସେମାନେ କହିପାରନ୍ତି ଯେ ବାଇବଲ ବିଶ୍ୱାସଯୋଗ୍ୟ ନୁହେଁ କାରଣ ଏହାର ଅନୁବାଦ ଓ ନକଲ ଜନିତ ତ୍ରୁଟିସବୁ ରହିଛି ।

ସେହି ଧାରଣାଗୁଡ଼ିକ ଦର୍ଶାଏ ଯେ ଈଶ୍ୱରଙ୍କ ବାକ୍ୟ ଭାବରେ ବାଇବଲ ସମ୍ପୂର୍ଣ୍ଣୀକୃତ ନୁହେଁ । ସେହି ଲୋକମାନଙ୍କ ପାଇଁ ଅନ୍ୟ କିଛି ଅନ୍ତିମ ଅଧିକାର ହୋଇଯାଏ ।

► ଅତିକମରେ ଦୁଇଥର ଏକାଠି ବିଶ୍ୱାସର ସ୍ୱୀକାରୋକ୍ତି ପାଠ କରନ୍ତୁ ।

## ବିଶ୍ୱାସର ସ୍ୱୀକାରୋକ୍ତି

ବାଇବଲ ଈଶ୍ୱରଙ୍କ ବାକ୍ୟ ଅଟେ । ଈଶ୍ୱର ଲେଖକମାନଙ୍କୁ ଅନୁପ୍ରାଣିତ କରିଥିଲେ, ତେଣୁ ସେମାନେ ବିନା ତ୍ରୁଟିରେ ଲେଖିଲେ । ପାପରୁ ଉଦ୍ଧାର ପାଇବା ଏବଂ ଈଶ୍ୱରଙ୍କ ସହ ସମ୍ପର୍କ ରଖିବା ପାଇଁ ବାଇବଲରେ ସବୁକିଛି ଅଛି । ବାଇବଲ ହେଉଛି ଆମର ଧର୍ମତତ୍ତ୍ୱର ମୂଳ ଉତ୍ସ ଏବଂ ଅନ୍ତିମ ଅଧିକାର । ଈଶ୍ୱରଙ୍କୁ ଭଲଭାବରେ ଜାଣିବା, ଈଶ୍ୱରଙ୍କ ମାର୍ଗଦର୍ଶନ ପ୍ରାପ୍ତ ହେବା, ଆତ୍ମିକ ଖାଦ୍ୟ ପାଇବା, ଏବଂ ଏକ ଅର୍ଥପୂର୍ଣ୍ଣ ଓ ଆନନ୍ଦପୂର୍ଣ୍ଣ ଜୀବନ ନିମନ୍ତେ ଖ୍ରୀଷ୍ଟିୟାନ ପ୍ରତିଦିନ ବାଇବଲ ଅଧ୍ୟୟନ କରିବା ଉଚିତ ।

## ପାଠ ୧ - କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ଗୀତସଂହିତା ୧୧୯:୩୩-୪୦
- ଗୀତସଂହିତା ୧୧୯:୧୨୯-୧୩୬
- ହିତୋପଦେଶ ୩୦:୫-୬
- ମାଥିଉ ୫:୧୭-୧୯
- ୨ତୀମଥି ୩:୧୫-୧୭
- ୨ପିତର ୩:୧୫-୧୬
- ପ୍ରକାଶିତ ବାକ୍ୟ ୨୨:୧୮-୧୯

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୧ର ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ଏହି ପାଠ୍ୟକ୍ରମରେ ଅତିକମରେ ତିନି ଥର, ଆପଣ ଶ୍ରେଣୀରେ ନ ଥିବା ଲୋକଙ୍କୁ ଗୋଟିଏ ପାଠ ବା ପାଠର ଏକ ଅଂଶ ଶିକ୍ଷା ଦେବେ । ଏହି ଶିକ୍ଷା ଚର୍ଚ୍ଚର ଏକ ଶ୍ରେଣୀରେ, ଏକ ଘରୋଇ ଅଧ୍ୟୟନ ଗୋଷ୍ଠୀ, ଏକ ପରିବାର ସମାବେଶ, ବା ଅନ୍ୟ କୌଣସି ସ୍ଥାନରେ ଦିଆଯାଇପାରିବ । ଏହି ସୁଯୋଗଗୁଡ଼ିକ ସୃଷ୍ଟି କରିବା ଓ ଆପଣଙ୍କ ଶ୍ରେଣୀ ନେତାଙ୍କୁ ଜଣାଇବା ଆପଣଙ୍କ ଦାୟିତ୍ୱ ।

(୪) ପରବର୍ତ୍ତୀ ଶ୍ରେଣୀ ପାଇଁ ପ୍ରସ୍ତୁତିରେ ପରବର୍ତ୍ତୀ ପାଠକୁ ସର୍ବଦା ଆଗରୁ ପଢ଼ିନେବାକୁ ମନେ ରଖନ୍ତୁ ।

## ପାଠ ୧ ପରୀକ୍ଷା

(୧) ସାଧାରଣ ପ୍ରକାଶନ କ'ଣ?

(୨) ଈଶ୍ୱର କେଉଁ ଦୁଇଟି ମାଧ୍ୟମରେ ବିଶେଷ ପ୍ରକାଶନ ଦେଇଛନ୍ତି?

(୩) ବିଶେଷ ପ୍ରକାଶନ କେଉଁ ତିନୋଟି ବିଷୟ କରେ ଯାହା ସାଧାରଣ ପ୍ରକାଶନ କରିପାରିବ ନାହିଁ?

(୪) ବାଇବଲ ନିଜ ବିଷୟରେ କ'ଣ ଦାବି କରେ?

(୫) ବାଇବଲ ଯେ ଈଶ୍ୱରଙ୍କ ବାକ୍ୟ ଅଟେ ଏହାର ଛ'ଟି କାରଣ ତାଲିକାଭୁକ୍ତ କର ।

(୬) ବାଇବଲ କାହିଁକି ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ? (୨ତୀମଥି ୩:୧୬) ।

(୭) ଧର୍ମଶାସ୍ତ୍ରର ଅନୁପ୍ରେରଣା ସମ୍ବନ୍ଧରେ ବାଇବଲ କ'ଣ ବର୍ଣ୍ଣନା କରେ ଯାହା ନିଶ୍ଚିତ କରେ ଯେ ଲେଖକମାନେ ଭୁଲ କରିପାରି ନ ଥିଲେ?

(୮) ଈଶ୍ୱର ବ୍ୟବହାର କରିଥିବା ଅନୁପ୍ରେରଣାର ଚାରୋଟି ପଦ୍ଧତି ତାଲିକାଭୁକ୍ତ କର ।

(୯) ବାଇବଲ ଈଶ୍ୱର-ନିଶ୍ୱସିତ ବା ଅନୁପ୍ରାଣିତ, ଏହାର ଅର୍ଥ କ'ଣ?

(୧୦) ବାଇବଲ ଅଖଣ୍ଡନୀୟ, ଏହାର ଅର୍ଥ କ'ଣ?

(୧୧) ବାଇବଲ ଅଭ୍ରାନ୍ତ, ଏହାର ଅର୍ଥ କ'ଣ?

# ପାଠ ୨

# ଈଶ୍ୱରଙ୍କ ଗୁଣସମୂହ

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- ଈଶ୍ୱରଙ୍କ ବିଷୟରେ ଜଣେ ବ୍ୟକ୍ତିର ଧାରଣା କାହିଁକି ଗୁରୁତ୍ୱପୂର୍ଣ୍ଣ ।
- ଈଶ୍ୱର ଯେ ସୃଷ୍ଟିକର୍ତ୍ତା ଏହି ବିଷୟ ତାଙ୍କୁ ଅନ୍ୟସମସ୍ତଙ୍କଠାରୁ କିପରି ଭିନ୍ନ କରିଥାଏ ।
- ଈଶ୍ୱରଙ୍କ ଗୁଣସମୂହ: ସେ ବ୍ୟକ୍ତିଗତ, ଆତ୍ମା, ଅନାଦି ଅନନ୍ତ, ତ୍ରି-ଏକ, ସର୍ବଶକ୍ତିମାନ, ସର୍ବବ୍ୟାପୀ, ଅପରିବର୍ତ୍ତନୀୟ, ସର୍ବଜ୍ଞ, ପବିତ୍ର, ଧାର୍ମିକ, ଓ ପ୍ରେମମୟ - ଏସବୁର ଅର୍ଥ କ'ଣ?
- ତାଙ୍କ ସହିତ ଆମର ସମ୍ପର୍କ ଦୃଷ୍ଟିରୁ ଈଶ୍ୱରଙ୍କ ପ୍ରତ୍ୟେକ ଗୁଣ କିପରି ଗୁରୁତ୍ୱପୂର୍ଣ୍ଣ ।
- ଈଶ୍ୱରଙ୍କ ସାର୍ବଭୌମତ୍ୱ ବିଷୟରେ ବାଇବଲର ଦୃଷ୍ଟିକୋଣ ।
- ଈଶ୍ୱରଙ୍କ ବିଷୟରେ ଖ୍ରୀଷ୍ଟୀୟ ବିଶ୍ୱାସର ସ୍ୱୀକାରୋକ୍ତି ।

(୨) ଛାତ୍ରମାନେ ଯେପରି ଉପାସନାର ବିଭିନ୍ନ ପଦ୍ଧତି ସମ୍ପର୍କିତ ମହତ୍ତ୍ୱ ବିଷୟରେ ଭୁଲ ବୁଝାମଣାରୁ ଦୂରେଇ ରହନ୍ତି ।

## ଉପକ୍ରମ

► ଯିଶାଇୟ ୪୦ ଏକତ୍ର ପାଠ କରନ୍ତୁ । ଏହି ଅଧ୍ୟାୟରେ ଈଶ୍ୱରଙ୍କ ବିଷୟରେ କ'ଣ କୁହାଯାଏ ଆଲୋଚନା କରନ୍ତୁ ।

► ଜଣେ ବ୍ୟକ୍ତି ଈଶ୍ୱରଙ୍କ ବିଷୟରେ ସଠିକ୍ ଧାରଣା ପୋଷଣ କରନ୍ତି କି ନାହିଁ ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ?

ଈଶ୍ୱର କିଏ? A. W. Tozer ଏହି ପ୍ରଶ୍ନର ମହତ୍ତ୍ୱକୁ ଦର୍ଶାଇବାକୁ ଯାଇ କହନ୍ତି, "ମୁଁ ବିଶ୍ୱାସ କରେ ଯେ ଧର୍ମତତ୍ତ୍ୱରେ ଯଦି କୌଣସି ସାମାନ୍ୟତମ ତ୍ରୁଟି ବା ଖ୍ରୀଷ୍ଟୀୟ ନୈତିକ ତତ୍ତ୍ୱର ପ୍ରୟୋଗରେ କିଛି ବିଫଳତା ଅଛି ତେବେ ଶେଷରେ ତାହା ଈଶ୍ୱରଙ୍କ ଅସମ୍ପୂର୍ଣ୍ଣ ତଥା ନୀଚ (ଅପମାନଜନକ) ଚିନ୍ତାଧାରା ବୋଲି କୁହାଯାଇପାରିବ ନାହିଁ ।"[□] ଯୀଶୁ କୂପ ନିକଟରେ ଶମିରୋଣୀୟା ସ୍ତ୍ରୀକୁ କହିଥିଲେ ଯେ ଶମିରୋଣୀୟମାନଙ୍କ ଉପାସନାରେ ଏକ ସମସ୍ୟା ରହିଛି ଏବଂ ତାହା ହେଉଛି ସେମାନେ କାହାକୁ ଉପାସନା କରନ୍ତି ତାହା ଜାଣି ନାହାନ୍ତି । ଯେକୌଣସି ବ୍ୟକ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଈଶ୍ୱରଙ୍କ ସମ୍ବନ୍ଧରେ

---

[□] A. W. Tozer, *The Knowledge of the Holy* (New York: Harper and Row, ୧୯୬୧), ୧୦.

ତାଙ୍କ ଧାରଣା କ'ଣ । ଜଣେ ବ୍ୟକ୍ତିର ଈଶ୍ୱରଙ୍କ ସମ୍ବନ୍ଧୀୟ ଧାରଣା ହେଉଛି ତାଙ୍କ ଧର୍ମର ମୂଳଦୁଆ । ଈଶ୍ୱର କିପରି ଅଟନ୍ତି ସେ ବିଷୟରେ ଭୁଲଧାରଣା ରଖିବାଠାରୁ ଅଧିକ ଗମ୍ଭୀର ତ୍ରୁଟି ଆଉ କିଛି ନାହିଁ ।

ଈଶ୍ୱରଙ୍କୁ ସମ୍ପୂର୍ଣ୍ଣ ଭାବରେ ବର୍ଣ୍ଣନା କରିବା ପାଇଁ ତୁଳନାସବୁ ପର୍ଯ୍ୟାପ୍ତ ନୁହେଁ, କାରଣ ସେ ଅସୀମିତ ଭାବରେ ଆମଠାରୁ ଦୂରରେ ଓ ଊର୍ଦ୍ଧ୍ୱରେ ଅଛନ୍ତି । ଏପରିକି ବାଇବଲ ଆମକୁ ଈଶ୍ୱରଙ୍କର ଏକ ଆନୁଷ୍ଠାନିକ ପରିଭାଷା ଦେଇ ନ ଥାଏ, କିନ୍ତୁ ସବୁଠାରେ ତାଙ୍କର ସତ୍ତା ଓ ଶକ୍ତି ରହିଥିବା ବର୍ଣ୍ଣନା କରେ । ଆଦିପୁସ୍ତକ ବର୍ଣ୍ଣନା କରେ ଯେ ଈଶ୍ୱର କିପରି ଆକାଶମଣ୍ଡଳ ଓ ପୃଥିବୀର ସୃଷ୍ଟି କଲେ; ଉଦ୍ଭିଦ ଜଗତ, ସୂର୍ଯ୍ୟ, ଚନ୍ଦ୍ର, ଓ ତାରାଗଣ; ଏବଂ ପ୍ରାଣୀମାନଙ୍କୁ; ଓ ଶେଷରେ ମନୁଷ୍ୟର ସୃଷ୍ଟି କଲେ । ଧର୍ମଶାସ୍ତ୍ରର ପ୍ରଥମ ଶିକ୍ଷା ଅତି ସ୍ପଷ୍ଟ: ଯାହା କିଛି ଅଛି ଈଶ୍ୱର ସେସବୁର ସୃଷ୍ଟିକର୍ତ୍ତା । ତେଣୁ, ସେ ବିଦ୍ୟମାନ ଥିବା ଅନ୍ୟ ସମସ୍ତ ବିଷୟଠାରୁ ଭିନ୍ନ ଅଟନ୍ତି କାରଣ ସେ ତାଙ୍କ ସୃଷ୍ଟିର ଅଂଶ ନୁହଁନ୍ତି ।

ସମଗ୍ର ବାଇବଲରେ ଈଶ୍ୱରଙ୍କ ବିଷୟରେ ଅନେକ କଥା କୁହଯାଏ । ପରମାର୍ଥବିତ୍ମାନେ ବାଇବଲର ତଥ୍ୟସବୁକୁ ସଂଗ୍ରହ ଓ ସଂକ୍ଷେପ କରି ଈଶ୍ୱରଙ୍କ ଗୁଣସମୂହର ଏକ ତାଲିକା ପ୍ରସ୍ତୁତ କରିଛନ୍ତି । ଆମର ଅସମ୍ପୂର୍ଣ୍ଣ ବୁଝାମଣା ଯୋଗୁଁ ଆମେ ଏଗୁଡ଼ିକୁ କଦାପି ଆୟତ କରିପାରିବା ନାହିଁ । ତଥାପି, ଈଶ୍ୱରଙ୍କର ଗୁଣସମୂହର ଏକ ଭକ୍ତିପୂର୍ଣ୍ଣ ଅଧ୍ୟୟନ ଏକ ମୂଲ୍ୟବାନ ଆତ୍ମିକ ବ୍ୟାୟାମ । ତେଣୁ, ଆମେ ଈଶ୍ୱରଙ୍କ ବିଷୟରେ ନିମ୍ନଲିଖିତ ବିବୃତିଗୁଡ଼ିକୁ ବିଚାର କରିବା । ଈଶ୍ୱର ଆପଣା ବିଷୟରେ ବାଇବଲରେ ଯାହାସବୁ ପ୍ରକାଶ କରିଛନ୍ତି, ସେସବୁ ଉପରେ ଉକ୍ତ ବିବୃତିସବୁ ଆଧାରିତ, ଏବଂ ସେଥିପାଇଁ ଆମେ ଜାଣୁ ଯେ ସେସବୁ ସତ୍ୟ ଅଟନ୍ତି ।

## ଈଶ୍ୱରଙ୍କ ଗୁଣସମୂହ

ଏଠାରେ ଦିଆଯାଇଥିବା ଗୁଣସମୂହ ପୁଙ୍ଖାନୁପୁଙ୍ଖ ନୁହେଁ; କିନ୍ତୁ ଆମେ ସେଗୁଡ଼ିକୁ ଜାଣିବା ଅତି ଗୁରୁତ୍ୱପୂର୍ଣ୍ଣ ।

► ଈଶ୍ୱରଙ୍କ ଗୁଣସମୂହ ମଧ୍ୟରୁ ଆପଣ କେତୋଟିର ତାଲିକା ଦେଇପାରିବେ?

### ଈଶ୍ୱର ବ୍ୟକ୍ତିଗତ

ଏହାର ଅର୍ଥ ସେ ପ୍ରକୃତ, ବୁଦ୍ଧି, ଆବେଗ ଓ ଇଚ୍ଛା ରହିଥିବା ଜଣେ ଜୀବନ୍ତ ବ୍ୟକ୍ତି ।[1] ସେ ପ୍ରକୃତିର ନିୟମସବୁର ସମାହାର କି ବିଦ୍ୟୁତ୍ ବା ମାଧ୍ୟାକର୍ଷଣ ଶକ୍ତି ପରି ଏକ ମାନବୀୟ ଆବେଗହୀନ ଶକ୍ତି ନୁହନ୍ତି । ସେ ସୃଷ୍ଟି କରନ୍ତି, କାର୍ଯ୍ୟ କରନ୍ତି, ଜାଣନ୍ତି, ଇଚ୍ଛା କରନ୍ତି, ଯୋଜନା କରନ୍ତି, ଓ କଥାବାର୍ତ୍ତା କରନ୍ତି ।

[1] ଆଦିପୁସ୍ତକ ୬:୬; ଯିଶାଇୟ ୪୨:୨୧; ଯିଶାଇୟ ୪୬:୧୦-୧୧; ନାହୂମ ୧:୨; ସିଫନୀୟ ୩:୧୭; ଯାକୁବ ୫:୧୧; ୧ପିତର ୫:୭

► ଈଶ୍ୱର ଯଦି ବ୍ୟକ୍ତିଗତ ହୋଇ ନ ଥାନ୍ତେ ତେବେ ଏହା ଆମ ପାଇଁ କ'ଣ ପାର୍ଥକ୍ୟ ସୃଷ୍ଟି କରନ୍ତା?

ସେ ବ୍ୟକ୍ତିଗତ ହୋଇଥିବାରୁ ଆମେ ତାଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ କରିବା ସମ୍ଭବ ହୋଇଥାଏ । ଯଦି ସେ ବ୍ୟକ୍ତିଗତ ହୋଇ ନ ଥାଆନ୍ତେ, ଆମେ ତାଙ୍କ ନିକଟରେ ପ୍ରାର୍ଥନା କରି ନ ଥାଆନ୍ତୁ । ଯଦି ସେ ବ୍ୟକ୍ତିଗତ ହୋଇ ନ ଥାଆନ୍ତେ, ସେ ସନ୍ତୁଷ୍ଟ ବା ଅସନ୍ତୁଷ୍ଟ ହୋଇ ନ ଥାଆନ୍ତେ ।

**ଈଶ୍ୱର ଆତ୍ମା**

"ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ" (ଯୋହନ ୪: ୨୪) ।

ସେ ଆତ୍ମା ହୋଇଥିବାରୁ ତାହାଙ୍କ ସହିତ ଆମର ଆତ୍ମିକ ଯୋଗାଯୋଗ ପାଇଁ ଓ ତାଙ୍କୁ ଉପାସନା କରିବା ପାଇଁ ଆଧାର ପ୍ରଦାନ କରେ । ପ୍ରାର୍ଥନା ଓ ଉପାସନା ଜଡ଼ ବସ୍ତୁ, ନିର୍ଦ୍ଦିଷ୍ଟ ପ୍ରାକୃତିକ ସ୍ଥିତି, ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ, ବା ଏକ କୋଠା ଉପରେ ନିର୍ଭର କରେ ନାହିଁ । ଏସବୁ ଉପାସନାରେ ଆମ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରିପାରେ, କିନ୍ତୁ ଉପାସନା ସେସବୁ ଉପରେ ନିର୍ଭର କରେ ନାହିଁ ।

ଯେହେତୁ ଈଶ୍ୱର ଆତ୍ମା ଅଟନ୍ତି ସେ ତାଙ୍କର କୌଣସି ପ୍ରତିମା ନିର୍ମାଣ ନ କରିବାକୁ କହିଛନ୍ତି (ଯାତ୍ରାପୁସ୍ତକ ୨୦:୪-୬ ପଢ଼ନ୍ତୁ) । ଆତ୍ମା ଭାବରେ, ଈଶ୍ୱର ଆମ ପାଇଁ ଅଦୃଶ୍ୟ ଅଟନ୍ତି (୧ତୀମଥି ୧:୧୭), ଯଦିବା ବେଳେବେଳେ ସେ ଏକ ଦୃଶ୍ୟମାନରୂପ ନେବାକୁ ପସନ୍ଦ କରନ୍ତି (ଆଦିପୁସ୍ତକ ୧୮:୧; ଯିଶାଇୟ ୬:୧ ପଢ଼ନ୍ତୁ) । ଯେହେତୁ ଈଶ୍ୱରଙ୍କ ସମ୍ବନ୍ଧରେ ଆମର ଧାରଣା ସୀମିତ ଅଟେ, ସେ ଦୃଶ୍ୟ ରୂପରେ ପ୍ରକଟ ହେଲେ ସୁଦ୍ଧା, ଏହା କହିବା ଯଥାର୍ଥ ହେବ ଯେ ଈଶ୍ୱରଙ୍କୁ କେହି ପୂରାପୂରି ଦେଖି ନାହିଁ (ଯାତ୍ରାପୁସ୍ତକ ୩୩:୨୦; ଯୋହନ ୧:୧୮; ଯୋହନ ୬:୪୬) ।

**ଈଶ୍ୱର ଅନନ୍ତ**

ଅତୀତରେ ଏପରି ଏକ ସମୟ ନ ଥିଲା ଯେତେବେଳେ କି ଈଶ୍ୱର ବିଦ୍ୟମାନ ନ ଥିଲେ, ଏବଂ ଭବିଷ୍ୟତରେ ଏପରି ଏକ ସମୟ ଆସିବ ନାହିଁ ଯେତେବେଳେ କି ସେ ବିଦ୍ୟମାନ ହେବେ ନାହିଁ; ଈଶ୍ୱରଙ୍କର ଆରମ୍ଭ ନାହିଁ କି ଶେଷ ନାହିଁ। ଈଶ୍ୱର ଆପଣାକୁ ଆମ୍ଭେ ଯେ ଅଛୁ, ସେ ଅଛୁ ନାମରେ ପ୍ରକାଶ କରିଥିଲେ (ଯାତ୍ରାପୁସ୍ତକ ୩:୧୪)। । ପ୍ରେରିତ ଯୋହନ ତାଙ୍କୁ ବର୍ଣ୍ଣନା କରି କହନ୍ତି - "ଯେ ବର୍ତ୍ତମାନ, ଭୂତ ଓ ଭବିଷ୍ୟତ, ଯେ ସର୍ବଶକ୍ତିମାନ" (ପ୍ରକାଶିତ ବାକ୍ୟ ୧:୮) । ଅନାଦିକାଳରୁ ଅନନ୍ତକାଳ ପର୍ଯ୍ୟନ୍ତ ସେ ପରମେଶ୍ୱର ଅଟନ୍ତି (ଗୀତସଂହିତା ୯୦:୨) । କେତେକ ଧର୍ମର ପୁରାଣ ଶାସ୍ତ୍ର ପ୍ରକାଶ କରେ କେବେ ସେମାନଙ୍କର ଦେବାଦେବୀ ଜନ୍ମ ନେଇଥିଲେ । କିନ୍ତୁ ପ୍ରକୃତ ଈଶ୍ୱର ଅନନ୍ତ ଅଟନ୍ତି ।

## ଈଶ୍ୱରତ୍ରି-ଏକ

ବାଇବଲ କହେ ଜଣେ ଈଶ୍ୱର ଅଛନ୍ତି, ତଥାପି ତିନୋଟି ଭିନ୍ନ ବ୍ୟକ୍ତିଙ୍କୁ ଈଶ୍ୱର ବୋଲି ସୂଚିତ କରାଯାଏ । କେବଳ ଜଣେ ଈଶ୍ୱର ଅଛନ୍ତି, କିନ୍ତୁ ତାଙ୍କର ସ୍ୱଭାବରେ ତିନି ଜଣ ବ୍ୟକ୍ତି ଅଛନ୍ତ । ଯଦିବା ତ୍ରିତ୍ୱକୁ ଆମେ ସମ୍ପୂର୍ଣ୍ଣରୂପେ ବୁଝି ନ ପାରୁ, ଏହା ଅଯୌକ୍ତିକ ନୁହେଁ, କାରଣ ଆମେ କହୁନାହୁଁ ଯେ ସେଠାରେ ଗୋଟିଏ ବିଷୟର ଉଭୟ ତିନୋଟି ଓ ଗୋଟିଏ ଅଛନ୍ତି । କେବଳ ଜଣେ ମାତ୍ର ଈଶ୍ୱର, ଯେ ତିନି ଜଣ ବ୍ୟକ୍ତି ଭାବରେ ବିଦ୍ୟମାନ । କାରଣ ପିତା, ପୁତ୍ର ଓ ପବିତ୍ର ଆତ୍ମା ମିଳିତ ଭାବରେ ସମସ୍ତ ଐଶ୍ୱରିକ ଗୁଣ ଧାରଣ କରନ୍ତି । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଈଶ୍ୱର କୁହାଯାଇପାରେ ଏବଂ ଈଶ୍ୱର ଭାବରେ ଉପାସନା କରାଯାଇପାରେ । (ତ୍ରି-ଏକ ଈଶ୍ୱରଙ୍କ ବିଷୟରେ ପରବର୍ତ୍ତୀ ପାଠରେ ଅଧିକ ଆଲୋଚନା କରାଯିବ) ।

## ଈଶ୍ୱର ସର୍ବଶକ୍ତିମାନ

ସେ ଯାହା ଚାହାନ୍ତି ତାହା କରିବାକୁ ସକ୍ଷମ ଅଟନ୍ତି । "ଆମ୍ଭମାନଙ୍କ ପରମେଶ୍ୱର ସ୍ୱର୍ଗରେ ଅଛନ୍ତି; ଯାହା ତାହାଙ୍କର ଇଚ୍ଛା, ତାହା ସେ କରିଅଛନ୍ତି" (ଗୀତସଂହିତା ୧୧୫:୩) । ତାଙ୍କର କୌଣସି ସୀମା ନାହିଁ, ତେବେ ସେ ତାଙ୍କ ପବିତ୍ର ସ୍ୱଭାବର ବିପରୀତ କାର୍ଯ୍ୟ କରନ୍ତି ନାହିଁ ଏବଂ ସେ ଯାହା କରିବାକୁ ପ୍ରତିଜ୍ଞା କରିଛନ୍ତି ତାହା ସର୍ବଦା ପାଳନ କରନ୍ତି । ଈଶ୍ୱରଙ୍କ ପାଇଁ କିଛି କଷ୍ଟସାଧ୍ୟ କିମ୍ବା ଆହ୍ୱାନପୂର୍ଣ୍ଣ ନୁହେଁ । "ପ୍ରଭୁ ଆମ୍ଭମାନଙ୍କର ସର୍ବଶକ୍ତିମାନ ଈଶ୍ୱର ରାଜତ୍ୱ ଗ୍ରହଣ କରିଅଛନ୍ତି" (ପ୍ରକାଶିତ ବାକ୍ୟ ୧୯:୬) ।

► ଈଶ୍ୱରଙ୍କୁ ସର୍ବଶକ୍ତିମାନ ବୋଲି ଜାଣିବା ଆମ ପାଇଁ କ'ଣ ପାର୍ଥକ୍ୟ ଆଣେ?

ଏହା ଉତ୍ସାହଜନକ, କାରଣ ଆମେ ଜାଣୁ ଯେ ଆମର ସଂଘର୍ଷ ମଧ୍ୟରେ ସେ "ଆମ୍ଭମାନଙ୍କର ଅନ୍ତରରେ କାର୍ଯ୍ୟ ସାଧନ କରୁଥିବା ଆପଣା ଶକ୍ତି ଅନୁସାରେ ଆମ୍ଭମାନଙ୍କ ମାଗିବା ବା ଭାବିବାଠାରୁ ଅତ୍ୟଧିକ ପରିମାଣରେ ସାଧନ କରିପାରନ୍ତି" (ଏଫିସୀୟ ୩:୨୦) । ଯଦିବା ଅନେକ ବିଷୟ ନିୟନ୍ତ୍ରଣ ବାହାରେ ଥିବା ଦେଖାଯାଏ, ଆମେ ଜାଣୁ ଯେ ଈଶ୍ୱରଙ୍କ ମହାନ ଯୋଜନା ସଫଳ ହେବ । ଆମେ ଆତ୍ମବିଶ୍ୱାସର ସହିତ ପ୍ରାର୍ଥନା କରିପାରିବା ଯେ ଈଶ୍ୱର ଯେକୌଣସି ପରିସ୍ଥିତିରେ ହସ୍ତକ୍ଷେପ କରିବାକୁ ସକ୍ଷମ ଅଟନ୍ତି ।

## ଈଶ୍ୱର ସର୍ବବ୍ୟାପୀ

ଏପରି କୌଣସି ସ୍ଥାନ ନାହିଁ ଯେଉଁଠାରେ ସେ ନାହାନ୍ତି, ଏପରି କିଛି ଘଟେ ନାହିଁ ଯାହା ସେ ଦେଖନ୍ତି ନାହିଁ । "ସଦାପ୍ରଭୁ ଏହି କଥା କହନ୍ତି, ସ୍ୱର୍ଗ ଆମ୍ଭର ସିଂହାସନ ଓ ପୃଥିବୀ ଆମ୍ଭର ପାଦପୀଠ" (ଯିଶାଇୟ ୬୬:୧) । ସେ ସକଳ ବିଶ୍ୱର ଈଶ୍ୱର ଏବଂ ତାହାଙ୍କ ଶକ୍ତି କୌଣସି ଏକ ଅଞ୍ଚଳରେ ସୀମିତ ନୁହେଁ । "ସଦାପ୍ରଭୁ କହନ୍ତି, ଆମ୍ଭେ ଯେଉଁ ସ୍ଥାନରେ ଦେଖି ନ ପାରିବୁ, ଏପରି ଗୁପ୍ତ ସ୍ଥାନରେ କି କେହି ଆପଣାକୁ ଲୁଚାଇପାରେ?

> "ଆମେ କେବେହେଲେ ଜଣେ ଅନୁପସ୍ଥିତ ଈଶ୍ୱରଙ୍କ ନିକଟରେ ଚିତ୍କାର କରି କହିବା ଅନାବଶ୍ୟକ । ସେ ଆମ ଆତ୍ମାଠାରୁ ଅଧିକ ନିକଟତର, ଆମର ଅତି ଗୁପ୍ତ ଚିନ୍ତାଧାରାଠାରୁ ଅଧିକ ପାଖରେ ଅଛନ୍ତି ।"
>
> — A.W. Tozer

ସଦାପ୍ରଭୁ କହନ୍ତି, ଆମ୍ଭେ କି ସ୍ୱର୍ଗ ଓ ମର୍ତ୍ତ୍ୟ ବ୍ୟାପି ନ ଥାଉ?" (ଯିରିମିୟ ୨୩:୨୪) । ଏହା ନିଶ୍ଚିତ କରେ ଯେ ଈଶ୍ୱର ଆମର ପରିସ୍ଥିତି ଓ ସମସ୍ୟାସବୁକୁ ଜାଣନ୍ତି । ଏହା ମଧ୍ୟ କହେ ଯେ କେହି କେବେ ଈଶ୍ୱରଙ୍କଠାରୁ ଲୁଚି ପାରିବ ନାହିଁ, କି ସେ ଦେଖି ନ ପାରିବା ସ୍ଥାନରେ ପାପ କରି ନ ପାରେ । ତାହାଙ୍କ ଦୃଷ୍ଟିରେ ସମସ୍ତ ବିଷୟ ଉଲଙ୍ଗ ଓ ଅନାବୃତ ଅଟେ (ଏବ୍ରୀ ୪:୧୩ ପଢ଼ନ୍ତୁ) ।

### ଈଶ୍ୱର ଅପରିବର୍ତ୍ତନୀୟ

ଏପରି ଏକ ସମୟ ନ ଥିଲା ଯେତେବେଳେ କି ସେ ଈଶ୍ୱର ହୋଇଥିଲେ, ଏବଂ ସେ କଦାପି ଈଶ୍ୱର ହେବା ବନ୍ଦ କରିବେ ନାହିଁ (ଯାକୁବ ୧:୧୭ ପଢ଼ନ୍ତୁ) । ଅନେକ ଧର୍ମ ଅଛି ଯେଉଁମାନେ ବିଶ୍ୱାସ କରନ୍ତି ଯେ ଈଶ୍ୱର କ୍ରମବିକାଶ ପ୍ରକ୍ରିୟା ମଧ୍ୟରେ ଅଛନ୍ତି, କିନ୍ତୁ ବାଇବଲ କୁହେ ଯେ ତାଙ୍କ ଅସ୍ତିତ୍ୱ ଓ ସ୍ୱଭାବରେ ଏବଂ ତାଙ୍କ ଗୁଣସମୂହ ଓ ଉଦ୍ଦେଶ୍ୟସବୁରେ, ଈଶ୍ୱର ଅପରିବର୍ତ୍ତନୀୟ ଅଟନ୍ତି (ମଲାଖି ୩:୬ ପଢ଼ନ୍ତୁ) । ସେ ସର୍ବଦା ଯାହା ଯଥାର୍ଥ ତାକୁ ପ୍ରେମ କରନ୍ତି, ଓ ସେ ସର୍ବଦା ଯାହା ଭୁଲ ତାକୁ ଘୃଣା କରନ୍ତି । ଅନନ୍ତ ଈଶ୍ୱର ଯେ ମୋଶାଙ୍କ ନିକଟରେ ସ୍ୱୟମ୍ଭୁ ଭାବରେ ଆତ୍ମପ୍ରକାଶ କରିଥିଲେ, ସେ ମଧ୍ୟ ଆଜିର ସ୍ୱୟମ୍ଭୁ ଅଟନ୍ତି । ସେ ଅସୀମ, ଅନନ୍ତ ଓ ଆପଣା ଅସ୍ତିତ୍ୱରେ, ଜ୍ଞାନ, ଶକ୍ତି, ପବିତ୍ରତା, ନ୍ୟାୟ, ଉତ୍ତମତା, ଓ ସତ୍ୟରେ ଅପରିବର୍ତ୍ତନୀୟ ଅଟନ୍ତି । "ମାତ୍ର ତୁମ୍ଭେ ସେହି ଅଟ ଓ ତୁମ୍ଭ ବର୍ଷର ଶେଷ ହେବ ନାହିଁ" (ଗୀତସଂହିତା ୧୦୨:୨୭) ।

### ଈଶ୍ୱର ସର୍ବଜ୍ଞ

"ତାହାଙ୍କର ବୁଦ୍ଧି ଅସୀମ" (ଗୀତସଂହିତା ୧୪୭:୫) । ଈଶ୍ୱରଙ୍କ ନିମନ୍ତେ ଶିଖିବାର କୌଣସି ପ୍ରକ୍ରିୟାନାହିଁ, କାରଣ ସେ ସବୁକିଛି ଜାଣନ୍ତି । ଈଶ୍ୱର କଦାପି କାହାଠାରୁ କିଛି ଶିଖି ନାହାନ୍ତି, ଏବଂ କେହି ତାଙ୍କୁ ପରାମର୍ଶ ଦେଇ ପାରିବେ ନାହିଁ (ଯିଶାଇୟ ୪୦:୧୩-୧୪ ପଢ଼ନ୍ତୁ) । ଈଶ୍ୱର ଭବିଷ୍ୟତ୍ ଜାଣନ୍ତି, ଏବଂ ତେଣୁ କରି ଯାହା ଘଟେ ସେଥିପାଇଁ କଦାପି ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ କିମ୍ବା ଅପ୍ରସ୍ତୁତ ମନେ କରନ୍ତି ନାହିଁ (ଗୀତସଂହିତା ୧୩୯:୪) ।

► ଈଶ୍ୱର ସର୍ବଜ୍ଞ ବୋଲି ଜାଣିବା ଆମ ପାଇଁ କ'ଣ ପାର୍ଥକ୍ୟ ଆଣେ?

ଈଶ୍ୱରଙ୍କ ଜ୍ଞାନ ସହିତ ତାଙ୍କର ବୁଦ୍ଧି ସମ୍ବନ୍ଧିତ, ଯାହା ସୃଷ୍ଟିରେ ଓ ବିଶେଷ କରି ପରିତ୍ରାଣ ଯୋଜନାରେ ପ୍ରକାଶ ପାଇଛି । (ଗୀତସଂହିତା ୧୦୪:୨୪, ରୋମୀୟ ୧୧:୩୩ ପଢ଼ନ୍ତୁ) । ଯେହେତୁ ସେ ସବୁକିଛି ଜାଣନ୍ତି ଓ ବୁଝନ୍ତି, ସେ ସର୍ବଦା ଯଥାର୍ଥ କାର୍ଯ୍ୟ କରିବା ଜାଣନ୍ତି । ଈଶ୍ୱରଙ୍କ ଇଚ୍ଛା ଆମ ପାଇଁ ସର୍ବଦା ସର୍ବୋତ୍ତମ କାରଣ ସେ ପ୍ରତ୍ୟେକ ପରିସ୍ଥିତିକୁ ସମ୍ପୂର୍ଣ୍ଣ ଭାବରେ ବୁଝନ୍ତି ଓ ଜାଣନ୍ତି ଯେ ପ୍ରତ୍ୟେକ କାର୍ଯ୍ୟର ଫଳାଫଳ କ'ଣ ହେବ ।

### ଈଶ୍ୱର ପବିତ୍ର

ଈଶ୍ୱର ନିଜକୁ ମୁଖ୍ୟତଃ ପବିତ୍ର ଭାବରେ ବର୍ଣ୍ଣନା କରନ୍ତି । ଯିଶାଇୟ ଭବିଷ୍ୟଦ୍‌ବକ୍ତା ବାରମ୍ବାର ଈଶ୍ୱରଙ୍କ ବିଷୟରେ କହନ୍ତି, "ଇସ୍ରାଏଲର ଧର୍ମସ୍ୱରୂପ" । ଦୂତଗଣ ଅବିଶ୍ରାନ୍ତରୂପେ କହୁଛନ୍ତି "ପ୍ରଭୁ ଈଶ୍ୱର, ପବିତ୍ର, ପବିତ୍ର, ପବିତ୍ର" (ଯିଶାଇୟ ୬:୩;

ପ୍ରକାଶିତ ବାକ୍ୟ ୪:୮) । ଈଶ୍ୱରଙ୍କର ପବିତ୍ରତା ଉପାସନାର ବିଷୟବସ୍ତୁ ଥିଲା: "ସେମାନେ ତୁମ୍ଭ ମହତ୍ ଓ ଭୟଙ୍କର ନାମର ପ୍ରଶଂସା କରନ୍ତୁ; ସେ ପବିତ୍ର ଅଟନ୍ତି" (ଗୀତସଂହିତା ୯୯:୩) । ସେ ସମସ୍ତ ନୈତିକ ସିଦ୍ଧିର ପରମ ମାନକ । ତାଙ୍କର କାର୍ଯ୍ୟକଳାପ ସମସ୍ତ ଉତ୍ତମତାର ଉପସ୍ଥିତି ଓ ସମସ୍ତ ମନ୍ଦତାର ଅନୁପସ୍ଥିତି ଦ୍ୱାରା ଚିହ୍ନିତ ଏବଂ କେବେ ଅନ୍ୟଥା ହୋଇ ପାରିବ ନାହିଁ । ଈଶ୍ୱରଙ୍କ ପବିତ୍ରତା ଦର୍ଶାଏ ଯେ ମନୁଷ୍ୟ ପ୍ରଥମେ ଅନୁଗ୍ରହ ଦ୍ୱାରା ପରିବର୍ତ୍ତିତ ନ ହୋଇ ସେବା ଓ ଉପାସନା କରିବା ପାଇଁ ଯୋଗ୍ୟ ନୁହେଁ (ଯିଶାଇୟ ୬:୫ ପଢ଼ନ୍ତୁ) । ଈଶ୍ୱର ଚାହାନ୍ତି ଯେ ଆମେ ତାଙ୍କ ପରି ପବିତ୍ର ହେବା ଆବଶ୍ୟକ । "ମାତ୍ର ତୁମ୍ଭମାନଙ୍କର ଆହ୍ୱାନକର୍ତ୍ତା ଯେପରି ପବିତ୍ର, ତୁମ୍ଭେମାନେ ମଧ୍ୟ ସମସ୍ତ ଆଚରଣରେ ସେହିପରି ପବିତ୍ର ହୁଅ", ଯେଣୁ ଲେଖା ଅଛି, "ତୁମ୍ଭେମାନେ ପବିତ୍ର ହୁଅ, କାରଣ ଆମ୍ଭେ ପବିତ୍ର" (୧ପିତର ୧:୧୫-୧୬) ।

### ଈଶ୍ୱର ଧାର୍ମିକ

ଈଶ୍ୱରଙ୍କ କାର୍ଯ୍ୟ ସର୍ବଦା ଯଥାର୍ଥ ଅଟେ । ତାହାଙ୍କ କାର୍ଯ୍ୟ ତାଙ୍କର ପବିତ୍ର ସ୍ୱଭାବରୁ ଜାତ (ଦ୍ୱି.ବିବରଣ ୩୨:୪ ପଢ଼ନ୍ତୁ) । ତାଙ୍କର ସ୍ୱଭାବ ହେଉଛି ଯାହା ଯଥାର୍ଥ ତା'ର ମାନକ । ସେ ସର୍ବଦା ନିଜର ବାକ୍ୟ ପାଳନ କରନ୍ତି ଓ ସେ କେବେ ମିଥ୍ୟା କହନ୍ତି ନାହିଁ (ଗଣନା ୨୩:୧୯; ୨ଶାମୁଏଲ ୭:୨୮ ।

► ଈଶ୍ୱର ଧାର୍ମିକ ହେବା ଆମ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ?

ତାଙ୍କର ଧାର୍ମିକତା ତାଙ୍କ ନିୟମ ବା ବ୍ୟବସ୍ଥାର ଆଧାର, ଯାହା ତାଙ୍କ ପ୍ରତି ଓ ଅନ୍ୟମାନଙ୍କ ପ୍ରତି ଆମର କର୍ତ୍ତବ୍ୟର ଆଦର୍ଶ ମାନକ । ସେ ତାଙ୍କ ବ୍ୟବସ୍ଥାକୁ ଯଥାର୍ଥ ଭାବରେ ପରିଚାଳନା କରନ୍ତି, ଯେଉଁମାନେ ଏହାକୁ ମାନନ୍ତି ସେମାନଙ୍କୁ ସେ ପୁରସ୍କୃତ କରନ୍ତି ଏବଂ ଯେଉଁମାନେ ଏହାକୁ ଲଂଘନ କରନ୍ତି ସେମାନେ ଦଣ୍ଡ ପାଆନ୍ତି । ଯେଉଁମାନେ ଦୁଃଖଭୋଗ କରୁଛନ୍ତି ଓ ଅତ୍ୟାଚାରିତ ହେଉଛନ୍ତି ସେମାନଙ୍କୁ ଏହା ସାନ୍ତ୍ୱନା ଦେଇଥାଏ, କିନ୍ତୁ ଏହା ଆମକୁ ଚେତାବନୀ ମଧ୍ୟ ଦେଇଥାଏ ଯେ ଭୁଲ୍ କରି କେହି ଖସି ପଳାଇବ ନାହିଁ । "ସଦାପ୍ରଭୁଙ୍କ ଶାସନସକଳ ସତ୍ୟ ଓ ସର୍ବତୋଭାବେ ନ୍ୟାଯ୍ୟ" (ଗୀତସଂହିତା ୧୯:୯) । "ସେ ପ୍ରତ୍ୟେକ ଲୋକକୁ ନିଜ ନିଜ କର୍ମାନୁସାରେ ଫଳ ଦେବେ" (ରୋମୀୟ ୨:୬) । "ଆମ୍ଭେମାନେ ସମସ୍ତେ ତ ଈଶ୍ୱରଙ୍କ ବିଚାରାସନ ଛାମୁରେ ଠିଆହେବା" (ରୋମୀୟ ୧୪:୧୦) ।

### ଈଶ୍ୱର ପ୍ରେମମୟ

ଏହି ଗୁଣଟି ସମ୍ପୂର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ । କଳ୍ପନା କରନ୍ତୁ ଈଶ୍ୱର ସର୍ବଶକ୍ତିମାନ ଓ ସର୍ବଜ୍ଞ ହୋଇ ଯଦି ଆମକୁ ପ୍ରେମ କରନ୍ତି ନାହିଁ ତେବେ ଏହା କେତେ ଭୟଙ୍କର ବିଷୟ ନ ହୁଅନ୍ତା ଯଦି ସେ ପବିତ୍ର ଓ ଧାର୍ମିକ ହୋଇ ଆମକୁ ପ୍ରେମ କରିବେ ନାହିଁ, ତେବେ କ'ଣ ହେବ? ତାଙ୍କର ସମ୍ପୂର୍ଣ୍ଣ ଶକ୍ତି ଓ ପବିତ୍ରତା ସହିତ, ଈଶ୍ୱର ଆମକୁ ପ୍ରେମ କରନ୍ତି (ରୋମୀୟ ୫:୮ ପଢ଼ନ୍ତୁ) । ଈଶ୍ୱର ସାଧାରଣତଃ ତାଙ୍କ ସୃଷ୍ଟିକୁ ଆଶୀର୍ବାଦ କରନ୍ତି (ଆଦିପୁସ୍ତକ ୧:୨୨, ୨୮) । ସେ ବିଶେଷ ଭାବରେ ଜୀବନର ଉତ୍ତମ ବିଷୟସବୁ ଦେଇ

ମାନବଜାତିକୁ ଆଶୀର୍ବାଦ କରନ୍ତି, ଏବଂ ସେ ଜଗତକୁ ଏପରି ଏକ ସ୍ଥାନ ଭାବରେ ପରିକଳ୍ପନା କଲେ ଯେଉଁଠାରେ ଲୋକମାନେ ଆନନ୍ଦରେ ବଞ୍ଚôପାରିବେ ।[1] ଯେଉଁମାନେ ତାଙ୍କୁ ପ୍ରେମ କରନ୍ତି ଓ ସେବା କରନ୍ତି, ସେ ଜୀବନର ସମସ୍ତ ବିଷୟରେ ସେମାନଙ୍କୁ ଆଶୀର୍ବାଦଯୁକ୍ତ କରନ୍ତି (ରୋମୀୟ ୮:୨୮) । ତାଙ୍କର ପ୍ରେମ ହେତୁ ତାଙ୍କର ଅନୁଗ୍ରହ, ଦୟା, ଧୈର୍ଯ୍ୟ ଏବଂ ଶାନ୍ତି ଆମକୁ ଆଶୀର୍ବାଦ କରେ (ଯାତ୍ରାପୁସ୍ତକ ୩୪:୬; ଏଫିସୀୟ ୧:୭; ଏଫିସୀୟ ୨:୪-୫ ପଢ଼ନ୍ତୁ) ।

"ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ" (ଯୋହନ ୩:୧୬) । ଆମର ପାପ ଓ ବିଦ୍ରୋହ ସତ୍ତ୍ୱେ ସେ ଦୟାରେ ଆମ ନିିକଟରେ ପହଂଚିô ଆମକୁ ଯୀଶୁଙ୍କ ମାଧ୍ୟମରେ ତାଙ୍କ ନିକଟକୁ ଆସିବାକୁ ଆମନ୍ତ୍ରଣ କରନ୍ତି, ଯାହାଙ୍କୁ ସେ ଆମର ପାପର ପ୍ରାୟଶ୍ଚିତ ବଳି ଭାବରେ ପ୍ରଦାନ କରିଛନ୍ତି (୧ଯୋହନ ୨:୨) । କ୍ରୁଶରେ ଈଶ୍ୱର ତାହାଙ୍କ ହୃଦୟ ପ୍ରକାଶ କରିଛନ୍ତି, ଯାହା ଆମ ପାଇଁ ପ୍ରେମ ଓ ଦୟାରେ ଉଚ୍ଛୁଳି ଉଠୁଛି । "ଆମ୍ଭେମାନେ ଯେ ଈଶ୍ୱରଙ୍କୁ ପ୍ରେମ କଲୁ, ତାହା ନୁହେଁ ମାତ୍ର ସେ ଆମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆପଣା ପୁତ୍ରଙ୍କୁ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତସ୍ୱରୂପ କରି ପଠାଇଲେ, ଏଥିରେ ତ ପ୍ରେମ ପ୍ରକାଶ ପାଏ" (୧ଯୋହନ ୪:୧୦) । ଜାତି, ପ୍ରାକୃତିକ ଦକ୍ଷତା, କିମ୍ବା ପାର୍ଥିବ ସ୍ଥିତି ଦ୍ୱାରା ପ୍ରଭାବିତ ନ ହୋଇ ଈଶ୍ୱର ସମସ୍ତ ଲୋକଙ୍କୁ ପ୍ରେମ କରନ୍ତି ଏବଂ ସମସ୍ତଙ୍କୁ କ୍ଷମା ଯାଚନ୍ତି (ରୋମୀୟ ୨:୧୧; ଯାକୁବ ୨:୧-୫ ପଢ଼ନ୍ତୁ) । ତେଣୁ, ଈଶ୍ୱର ଚାହାନ୍ତି ଯେ ଆମେ ସମସ୍ତ ଲୋକଙ୍କୁ ଭଲପାଇବା ଏବଂ ଯିଏ ଆମ ପ୍ରତି ଭୁଲ କରନ୍ତି ସେମାନଙ୍କୁ କ୍ଷମା ଦେବାକୁ ପ୍ରସ୍ତୁତ ରହିବା । ପ୍ରେମ ଓ କ୍ଷମା ହେଉଛି ଈଶ୍ୱରଙ୍କ ସନ୍ତାନମାନଙ୍କର ଚିହ୍ନ (ମାଥିଉ ୫:୪୩-୪୫ ପଢ଼ନ୍ତୁ) ।

> "ମୋ ପ୍ରତି ଯେ ତାଙ୍କର ପ୍ରେମ ସମ୍ପୂର୍ଣ୍ଣ ବାସ୍ତବ ଅଟେ ଏହା ଜାଣିବା ଦ୍ୱାରା ବହୁତ ଆରାମ ମିଳେ, ମୋର ସବୁଠୁ ଖରାପ ଗୁଣ ସବୁ ବିଷୟରେ ତାଙ୍କର ପୂର୍ବଜ୍ଞାନ ରହିଥିବାରୁ, ମୋ ବିଷୟକ କୌଣସି ଆବିଷ୍କାର ତାଙ୍କୁ ନିରାଶ କରିବ ନାହିଁ, ଯଦିବା ମୁଁ ପ୍ରାୟଶଃ ନିଜ ବିଷୟରେ ନିରାଶ ହୋଇଥାଏ, ଏବଂ ମୋତେ ଆଶୀର୍ବାଦ କରିବା ପାଇଁ ତାଙ୍କର ସଙ୍କଳ୍ପକୁ ମୁଁ ବ୍ୟର୍ଥ କରି ଦେଇଥାଏ" ।
> —J.I. Packer, *Knowing God*

ଈଶ୍ୱର ଆମକୁ ତାହାଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି କଲେ । ଯଦିବା ଆମେ ସୀମିତ ଓ ସେ ଅସୀମିତ, ସୃଷ୍ଟିରେ ଆଉ କାହା ଅପେକ୍ଷା ଅଧିକରୂପେ ଆମେ ତାଙ୍କ ପରି ଅଟୁ । ସେ ଆମକୁ ଏପରି ଗଢ଼ିଛନ୍ତି ଯେ ଆମେ ତାଙ୍କୁ ଜାଣିପାରିବା, ଉପାସନା କରିପାରିବା, ଓ ପ୍ରେମ କରିପାରିବା । ଅଗଷ୍ଟିନ୍ ଯେପରି କହନ୍ତି, ଈଶ୍ୱର ଆମକୁ ତାହାଙ୍କ ପାଇଁ ସୃଷ୍ଟି କରିଛନ୍ତି, ଏବଂ ତାଙ୍କଠାରେ ବିଶ୍ରାମ ନ ପାଇବା ପର୍ଯ୍ୟନ୍ତ ଆମେ କେବେ ବି ବିଶ୍ରାମ ପ୍ରାପ୍ତ ହେବୁ ନାହିଁ । ଈଶ୍ୱରଙ୍କ ସହିତ ତୁଳନା କଲେ, ପାର୍ଥିବ ସମସ୍ତ ବିଷୟ ଗୁରୁତ୍ୱହୀନ,

> "ହେ ପ୍ରଭୁ, ତୁମେ ଆମକୁ ତୁମ ପାଇଁ ସୃଷ୍ଟି କରିଅଛ, ଏବଂ ଆମର ହୃଦୟ ଅସ୍ଥିର ଥାଏ ଯେପର୍ଯ୍ୟନ୍ତ ତାହା ତୁମଠାରେ ବିଶ୍ରାମ ନ ପାଇଛି" ।
> - Augustine of Hippo

---

[1] ଗୀତସଂହିତା ୮:୪-୬; ଗୀତସଂହିତା ୨୩; ଗୀତସଂହିତା ୩୬:୫-୧୦; ଗୀତସଂହିତା ୧୦୩

ଏବଂ କେବଳ ସେ ହିଁ ଆମର ସମ୍ପୂର୍ଣ୍ଣ ଭକ୍ତି ପାଇବାକୁ ଯୋଗ୍ୟ ଅଟନ୍ତି । ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ସ୍ଥାୟୀ ସନ୍ତୋଷ ପାଇବା ଅସମ୍ଭବ । ତାହାଙ୍କ ଅନୁଗ୍ରହ ଦ୍ୱାରା ଆମ୍ଭେ ମୁକ୍ତି ପାଇପାରିବା ଏବଂ ସବୁ ବିଷୟର ଊର୍ଦ୍ଧ୍ୱରେ ତାଙ୍କର ଉପାସନା କରିବା ପାଇଁ ସମର୍ଥ ହୋଇପାରିବା, ଆମର ସ୍ୱର୍ଗୀୟ ପିତା ଭାବରେ ତାଙ୍କ ଉପରେ ନିର୍ଭର କରିପାରିବା, ଏବଂ ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ତାଙ୍କ ଇଚ୍ଛା ପାଳନ କରିପାରିବା ।

## ଈଶ୍ୱର ସାର୍ବଭୌମ

*ଶ୍ରେଣୀ ନେତାଙ୍କ ଟିପ୍ପଣୀ: ଶ୍ରେଣୀର ଜଣେ ସଦସ୍ୟ ଏହି ବିଭାଗକୁ ବ୍ୟାଖ୍ୟା କରିପାରନ୍ତି ।*

ଈଶ୍ୱରଙ୍କର ନିରଙ୍କୁଶ କ୍ଷମତା ଓ ନିରଙ୍କୁଶ ଅଧିକାର ଅଛି । ବିଶ୍ୱର ଶାସକ ଭାବରେ, ସେ ଯାହା ଚାହିଁବେ ତାହା ସାଧନ କରିବାକୁ ସକ୍ଷମ ଅଟନ୍ତି (ଗୀତସଂହିତା ୧୧୫:୩, ଗୀତସଂହିତା ୧୩୫:୫-୬) ।

ସେ ନିଜ ଇଚ୍ଛାନୁସାରେ ସମସ୍ତ କାର୍ଯ୍ୟ କରନ୍ତି, କାହା ନିକଟରେ ସମର୍ପିତ ହେବାର ଆବଶ୍ୟକତା ନାହିଁ (ଏଫିସୀୟ ୧:୧୧) । ସେ ଯାହା କରିବାକୁ ନିଷ୍ପତ୍ତି ନିଅନ୍ତି ତାହା ନିଶ୍ଚିତ ଭାବରେ ଘଟିବ, କାରଣ ତାଙ୍କୁ କେହି ଅଟକାଇ ପାରିବେ ନାହିଁ ଏବଂ ଏପରି କୌଣସି ପରିସ୍ଥିତି ନାହିଁ ଯାହା ତାଙ୍କ କାର୍ଯ୍ୟକୁ ଅସମ୍ଭବ କରିଦେବ (ଯିଶାଇୟ ୪୬:୯-୧୧ ପଢ଼ନ୍ତୁ) । ସେ ଯେତେବେଳେ ଚାହିଁବେ ପାର୍ଥିବ ଶାସକମାନଙ୍କ କାର୍ଯ୍ୟକୁ ନିୟନ୍ତ୍ରଣ କରିବେ (ଆଦିପୁସ୍ତକ ୫୦:୨୦; ପ୍ରେରିତ ୪:୨୭-୨୮) ।

କିନ୍ତୁ ଈଶ୍ୱର ଲୋକମାନଙ୍କରୁ ପସନ୍ଦ କରିବାର କ୍ଷମତା ଦେଇଅଛନ୍ତି । ସେମାନେ ଭଲ ବିଷୟସବୁ ମଧ୍ୟରୁ ବାଛି ପାରିବେ, କିନ୍ତୁ ସେମାନେ ମଧ୍ୟ ଭଲ ଓ ମନ୍ଦ ମଧ୍ୟରୁ ଯାହାକୁ ବି ବାଛି ପାରିବେ । ସେମାନେ ଈଶ୍ୱରଙ୍କର ଆଜ୍ଞାକାରୀ ହେବାକୁ ବା ନ ହେବାକୁ ମନୋନୀତ କରିପାରିବେ । ସେ ସୃଷ୍ଟି କରିଥିବା ପ୍ରଥମ ନରନାରୀ ପାପ କରିବାକୁ ପସନ୍ଦ କଲେ । ସେବେଠାରୁ ପ୍ରତ୍ୟେକ ବ୍ୟକ୍ତି ପସନ୍ଦ କରି ଆସୁଛନ୍ତି, ଏବଂ ଯଦିବା କେତେଜଣ ଉତ୍ତମ ବିଷୟ ମନୋନୟନ କରିଛନ୍ତି, ସମସ୍ତେ ମଧ୍ୟ ପାପ କରିଅଛନ୍ତି ।

ଈଶ୍ୱର ଯଦି ସମସ୍ତଙ୍କ ଉପରେ ପ୍ରଭୁ ଅଟନ୍ତି, ତେବେ ସେ କିପରି ଆପଣା ଇଚ୍ଛାକୁ ସାଧନ କରନ୍ତି ଯେଉଁଠାରେ ଅସଂଖ୍ୟ ଲୋକ ନିଜ ନିଜର ଇଚ୍ଛାରେ ବିଭିନ୍ନ ବିଷୟ ମନୋନୟନ କରୁଛନ୍ତି?

ଈଶ୍ୱର ଇଚ୍ଛା କରନ୍ତି ଯେ ତାଙ୍କର ସୃଷ୍ଟ ମନୁଷ୍ୟମାନେ ପ୍ରକୃତ ମନୋନୟନ କରନ୍ତୁ । ଏହାର ଅର୍ଥ ସେ ସେମାନଙ୍କ ପାଇଁ ସେମାନଙ୍କର ସମସ୍ତ ବିଷୟ ପସନ୍ଦ କରିବେ ନାହିଁ । ଏହା ମଧ୍ୟ ଏହି ଅର୍ଥ ପ୍ରକାଶ କରେ ଯେ ସେମାନେ ଯାହା ଯାହା କରନ୍ତି ସେଥିପାଇଁ ପ୍ରକୃତ ପରିଣାମ ରହିଛି; ଅନ୍ୟଥା, ସେମାନେ ପ୍ରକୃତ ପସନ୍ଦ କରିବେ ନାହିଁ । ଯଦି ଈଶ୍ୱର କୌଣସି ପ୍ରକାରେ ଜଣେ ବ୍ୟକ୍ତିର କାର୍ଯ୍ୟର ଫଳାଫଳକୁ ନିୟନ୍ତ୍ରଣ କରିବେ ଯଦ୍ଦ୍ୱାରା କୌଣସି ମନ୍ଦ ପରିଣାମ ଆସିବ ନାହିଁ, ତେବେ ସେହି ବ୍ୟକ୍ତିଠାରୁ ମନ୍ଦ ବାଛିବାର ସମ୍ଭାବନାକୁ ହରଣ କରି ନେଉଛନ୍ତି ବୋଲି କୁହାଯିବ ।

ଈଶ୍ୱରଙ୍କ ନ୍ୟାୟବିଚାର ପ୍ରକୃତ ନ୍ୟାୟବିଚାର କାରଣ ସେ ଲୋକମାନଙ୍କୁ ସେମାନଙ୍କର ସ୍ୱେଚ୍ଛାକୃତ କାର୍ଯ୍ୟ ପାଇଁ ବିଚାର କରିବେ (ପ୍ରକାଶିତ ୨୦:୧୨-୧୩ ପଢ଼ନ୍ତୁ) । ଯଦି ଈଶ୍ୱର ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରନ୍ତେ, ତେବେ ସେ ଦଣ୍ଡ ଓ ପୁରସ୍କାର ଦେବା ନିରର୍ଥକ ମନେ ହୁଅନ୍ତା ।

ଈଶ୍ୱର ଚାହାନ୍ତି ସେ ଲୋକମାନେ ଯାହା ଠିକ୍ ତାହା ବାଛନ୍ତୁ, କିନ୍ତୁ ସର୍ବୋପରି ସେ ବାଞ୍ଛା କରନ୍ତି ଯେ ସେମାନେ ପ୍ରକୃତରୂପେ ପସନ୍ଦ କରନ୍ତୁ । ସେଥିପାଇଁ ସଂସାର ଆଜି ଏହି ଅବସ୍ଥାରେ ଅଛି । ଜଗତ ଏକ ଜଟିଳ ମିଶ୍ରଣ ଅଟେ ଯହିଁରେ ରହିଛି ଈଶ୍ୱରଙ୍କର ଉତ୍ତମ ବିଷୟସବୁ, ମନୁଷ୍ୟର ଉତ୍ତର କାର୍ଯ୍ୟର ଫଳାଫଳ, ମନୁଷ୍ୟର ଖରାପ କାର୍ଯ୍ୟର ଫଳାଫଳ ଏବଂ ମନୁଷ୍ୟର ଖରାପ କାର୍ଯ୍ୟରୁ ସୁଦ୍ଧା ଈଶ୍ୱର ଆଣିଥିବା ଉତ୍ତମ ବିଷୟ ।

ପରିତ୍ରାଣ ଯୋଜନାରେ ଆମେ ଈଶ୍ୱରଙ୍କ ପ୍ରାଥମିକତା ଦେଖୁ । ସେ ସମସ୍ତଙ୍କୁ ପରିତ୍ରାଣ ଯାଚୁଛନ୍ତି ଏବଂ ସମସ୍ତେ ପରିତ୍ରାଣ ଲାଭ କରନ୍ତୁ ବୋଲି ସେ ବାଞ୍ଛା କରନ୍ତି (୧ତୀମଥି ୨:୩-୪) । ସେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁସମାଚାର ଉତ୍ତର ଦେବାକୁ ଶକ୍ତି ଦିଅନ୍ତି କିନ୍ତୁ ଉତ୍ତର ଦେବାକୁ ବାଧ୍ୟ କରନ୍ତି ନାହିଁ । ତେଣୁ ନିମନ୍ତ୍ରଣ ଓ ପ୍ରବର୍ତ୍ତନା ସାରା ଧର୍ମଶାସ୍ତ୍ରରେ ଦିଆଯାଇଛି ।□ ଈଶ୍ୱର ଲୋକମାନଙ୍କୁ ଏକ ମନୋନୟନ କରିବାକୁ କହନ୍ତି ଏବଂ ପରିଣାମ ମଧ୍ୟ ସେମାନଙ୍କ ନିକଟରେ ବର୍ଣ୍ଣନା କରନ୍ତି ।

ପ୍ରତ୍ୟେକ ବ୍ୟକ୍ତି ପରିତ୍ରାଣ ପାଇପାରିବେ ବୋଲି ଆମେ ପୂର୍ଣ୍ଣ ଆତ୍ମବିଶ୍ୱାସରେ ସୁସମାଚାର ପ୍ରଚାର କରୁ । ଆମର ମିଶନ୍ ହେଉଛି ଲୋକମାନଙ୍କୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିବାକୁ ମନାଇବାରେ ପବିତ୍ର ଆତ୍ମାଙ୍କ ସହିତ ସହଯୋଗ କରିବା (୨କରିନ୍ଥୀୟ ୫;୧୧ ପଢ଼ନ୍ତୁ) ।

► ବିଶ୍ୱାସର ସ୍ୱୀକାରୋକ୍ତିକୁ ଏକାଠି ଅତିକମରେ ଦୁଇଥର ପଢ଼ନ୍ତୁ ।

## ବିଶ୍ୱାସର ସ୍ୱୀକାରୋକ୍ତି

ଈଶ୍ୱର ଜଣେ ଅଛନ୍ତି, ଯେ କି ବିଶ୍ୱର ସୃଷ୍ଟିକର୍ତ୍ତା ଓ ସମସ୍ତଙ୍କର ପ୍ରଭୁ । ସେ ଜଣେ ଅନନ୍ତ, ଅପରିବର୍ତ୍ତନୀୟ ଆତ୍ମା । ସେ ସର୍ବଶକ୍ତିମାନ, ସର୍ବଜ୍ଞ, ଓ ସର୍ବବ୍ୟାପୀ । ସେ ନିଜ ଚରିତ୍ରରେ ପରମ ପବିତ୍ର ଓ ତାଙ୍କର ସମସ୍ତ କାର୍ଯ୍ୟରେ ଧାର୍ମିକ ଅଟନ୍ତି । ସେ ତାଙ୍କ ସୃଷ୍ଟିକୁ ଆଶୀର୍ବାଦ କରନ୍ତି ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରେମ କରନ୍ତି, ସେ କ୍ଷମା ଯାଚୁଛନ୍ତି ଓ ତାହାଙ୍କ ସଙ୍ଗେ ସମ୍ପର୍କ ରକ୍ଷା କରିବାକୁ ଆହ୍ୱାନ କରନ୍ତି ।

□ଦ୍ୱି.ବିବରଣ ୩୦:୧୫, ୧୯; ଯିହୋଶୂୟ ୨୪:୧୫; ଯିଶାଇୟ ୧:୧୮; ଯିଶାଇୟ ୫୫:୧; ଯିହିଜିକଲ ୧୮:୩୧; ପ୍ରକାଶିତ ବାକ୍ୟ ୩;୨୦

## ପାଠ ୨ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେ ବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ଗୀତସଂହିତା ୧୩୯:୧-୪
- ହିତୋପଦେଶ ୯:୧୦
- ଯିଶାଇୟ ୪୬
- ପ୍ରକାଶିତ ବାକ୍ୟ ୪:୯-୧୧

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୨ ର ଏକ ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ତୁମର ଶ୍ରେଣୀ ବାହାର ଶିକ୍ଷାଦାନର ସମୟ ନିର୍ଘଣ୍ଟ ମନେରଖ ଓ ଶିକ୍ଷାଦାନ ସମାପ୍ତ କଲାପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୨ ପରୀକ୍ଷା

(୧) ଜଣେ ବ୍ୟକ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ କ'ଣ?

(୨) ଧର୍ମଶାସ୍ତ୍ରର ପ୍ରଥମ ଶିକ୍ଷା କ'ଣ?

(୩) ପ୍ରତ୍ୟେକ ବର୍ଣ୍ଣନା ସହିତ ମେଳଖାଉଥିବା ଈଶ୍ୱରଙ୍କ ଗୁଣ ଲେଖ:

- ଈଶ୍ୱର କିପରି ଦେଖାଯାଆନ୍ତି ତାହା ଆମେ ବର୍ଣ୍ଣନା କରିପାରୁ ନାହୁଁ ।
- ଈଶ୍ୱର ସର୍ବଦା ବିଦ୍ୟମାନ ଅଛନ୍ତି ।
- ଈଶ୍ୱରଙ୍କର ବୁଦ୍ଧି, ଆବେଗ ଏବଂ ଇଚ୍ଛା ଅଛି ।
- ଈଶ୍ୱର ସର୍ବଦା ସମାନ ଅଟନ୍ତି ।
- ଈଶ୍ୱର ଯାହା ଚାହାନ୍ତି ତାହା କରିପାରିବେ ।
- ଈଶ୍ୱର ସବୁକିଛି ଦେଖନ୍ତି ।
- ଈଶ୍ୱର ଆପଣା ପୁତ୍ରଙ୍କୁ ପ୍ରେରଣ କଲେ ଯେପରି କି ଆମେ ଦୟା ପାଇପାରିବା ।
- ଈଶ୍ୱର ତାହାଙ୍କ ସ୍ୱଭାବରେ ତିନି ବ୍ୟକ୍ତି ବିଶିଷ୍ଟ ।
- ଈଶ୍ୱର ନୈତିକ ଭାବରେ ସମ୍ପୂର୍ଣ୍ଣ ସିଦ୍ଧ ଅଟନ୍ତି ।
- ଈଶ୍ୱର କଦାପି କିଛି ଶିଖନ୍ତି ନାହିଁ ।
- ଈଶ୍ୱରଙ୍କ କାର୍ଯ୍ୟଗୁଡ଼ିକ ଯଥାର୍ଥ ଓ ନ୍ୟାୟପୂର୍ଣ୍ଣ ।

# ପାଠ ୩

# ତ୍ରିତ୍ୱ

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:


- ବିଶ୍ୱ କିପରି ତ୍ରିତ୍ୱ ପ୍ରକୃତିର ଏକ ଉଦାହରଣ ଅଟେ ।
- ତ୍ରିତ୍ୱତତ୍ତ୍ୱ ପାଇଁ ବାଇବଲ ଭିତ୍ତିଭୂମି ।
- ତ୍ରିତ୍ୱତତ୍ତ୍ୱ କାହିଁକି ସୁସମାଚାରର ମୂଳଦୁଆ ଅଟେ ।
- ତ୍ରିତ୍ୱମଧ୍ୟରେ ଥିବା ସମ୍ପର୍କ ସମୂହର ସଂରଚନା ।
- ମାନବିକ ସମ୍ପର୍କ ପାଇଁ ତ୍ରିତ୍ୱ କିପରି ଏକ ଉଦାହରଣ ଦିଅନ୍ତି ।
- ତ୍ରିତ୍ୱ ଉପରେ ଆମର ବିଶ୍ୱାସ କିପରି ଆମର ଉପାସନାକୁ ମାର୍ଗଦର୍ଶନ କରେ ।
- ତ୍ରିତ୍ୱ ବିଷୟରେ ଖ୍ରୀଷ୍ଟୀୟ ବିଶ୍ୱାସର ଏକ ସ୍ୱୀକାରୋକ୍ତି ।

(୨) ଛାତ୍ରମାନେ ତ୍ରିତ୍ୱକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରୁଥିବା ଲୋକଙ୍କର ସାଧାରଣ ତ୍ରୁଟିସବୁରୁ ଦୂରେଇ ରହିବେ ।

## ଉପକ୍ରମ


► ଯୋହନ ୧୪ ଏକତ୍ର ପାଠ କରନ୍ତୁ । ଏହି ଶାସ୍ତ୍ରାଂଶ କିପରି ଦର୍ଶାଏ ଯେ ଈଶ୍ୱର ତ୍ରିଏକ ଅଟନ୍ତି- ଆଲୋଚନା କରନ୍ତୁ ।

ଅନେକ ଲୋକ ତ୍ରିତ୍ୱତତ୍ତ୍ୱ ଦ୍ୱାରା ଦ୍ୱନ୍ଦରେ ପଡ଼ିଛନ୍ତି କାରଣ ଏହା କହେ ଯେ ଈଶ୍ୱର ଗୋଟିଏ ଅର୍ଥରେ ତିନି, ତଥାପି ଅନ୍ୟ ଅର୍ଥରେ ଏକ ଅଟନ୍ତି ।




କିନ୍ତୁ ଯେତେବେଳେ ଆବେ **ବିଶ୍ୱ**କୁ ଦେଖୁ, ଗୋଟିଏରେ ତିନୋଟିର ଅନ୍ୟ ଏକ ଉଦାହରଣ ଦେଖିବାକୁ ମିଳେ । ବିଶ୍ୱର ତିନୋଟି ବିଷୟ ଅଛି - ସ୍ଥାନ, ସମୟ ଓ ବସ୍ତୁ । ଏହି ତିନୋଟି ବିନା ବିଶ୍ୱର ସତ୍ତା ନ ଥାନ୍ତା ।

ଏହି ତିନୋଟି ମଧ୍ୟରୁ ପ୍ରତ୍ୟେକଟି ମଧ୍ୟ ତିନୋଟି ବିଷୟକୁ ନେଇ ଗଠିତ ।




**ସ୍ଥାନ** କହିଲେ ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତାକୁ ବୁଝାଏ, ଅର୍ଥାତ୍ ଗୋଟିଏରେ ତିନୋଟି, ଏହି ତିନୋଟି ପରିମାପ ବିନା ସ୍ଥାନ ବୋଲି କିଛି ନ ଥାନ୍ତା ।

**ସମୟ** ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ଗଠିତ- ଗୋଟିଏରେ ତିନୋଟି । ଏଥିରୁ ଗୋଟିଏ ବିନା, ସମୟ ବୋଲି କିଛି ନ ଥାନ୍ତା ।




**ବସ୍ତୁ** ଶକ୍ତି, ଗତି, ଦୃଶ୍ୟମାନ ଘଟଣା ଦ୍ୱାରା ଗଠିତ - ଗୋଟିଏରେ-ତିନୋଟି ।

ଶକ୍ତି ନ ଥିଲେ, ଗତି ବା ଦୃଶ୍ୟମାନ ଘଟଣା ବା ବସ୍ତୁ ସମ୍ଭବ ନୁହେଁ । ଗତି ନ ଥିଲେ, ଶକ୍ତି କିମ୍ୱା ଦୃଶ୍ୟମାନ ଘଟଣା ବା ବସ୍ତୁ ହୋଇପାରିବ ନାହିଁ । ଦୃଶ୍ୟମାନ ଘଟଣା ବା ବସ୍ତୁ ନ ଥିଲେ, ଶକ୍ତି ବା ଗତି ନ ଥିଲା ବୋଲି କୁହାଯିବ ।

ଏଥିରୁ ମନେହୁଏ ବିଶ୍ୱ ଗୋଟିଏରେ-ତିନୋଟି ଢ଼ାଞ୍ଚାରେ ପରିକଳ୍ପିତ । ବୋଧହୁଏ ଈଶ୍ୱର ଉଦ୍ଦେଶ୍ୟମୂଳକ ଭାବରେ ବିଶ୍ୱକୁ ଏକ ଢ଼ାଞ୍ଚା ଦେଇଛନ୍ତି ଯାହା ତାଙ୍କ ପ୍ରକୃତିକୁ ବର୍ଣ୍ଣନା କରେ ।

ତ୍ରିତ୍ୱ ବିଷୟରେ ବାଇବଲ କ'ଣ ଶିକ୍ଷାଦିଏ? ଏହା ତିନିଜଣ ଭିନ୍ନ ବ୍ୟକ୍ତିଙ୍କ ଅସ୍ତିତ୍ୱ ବିଷୟରେ ସ୍ପଷ୍ଟରୂପେ ଦୃଢ଼ଭାବରେ କହେ ଯେଉଁମାନେ କି ବିଶ୍ୱର ଏକମାତ୍ର ଈଶ୍ୱରରୂପେ ଜଣାଯାନ୍ତି । ଏହା ଏକ ବିରୋଧାଭାସ ନୁହେଁ, କାରଣ ଆମେ କହୁ ନାହୁଁ ଯେ ଈଶ୍ୱର ଜଣେ ବ୍ୟକ୍ତି ଓ ତିନି ଜଣ ବ୍ୟକ୍ତି ଉଭୟ ଅଟନ୍ତି । ଆମେ କହୁଛୁ ଯେ ଈଶ୍ୱର ମୂଳତଃ ଏକମାତ୍ର ଅଟନ୍ତି ଓ ତିନି ବ୍ୟକ୍ତିଭାବରେ ରହିଛନ୍ତି । ଯେପରି ବିଶ୍ୱ ସ୍ଥାନ, ସମୟ ଓ ବସ୍ତୁ ଭାବରେ ବିଦ୍ୟମାନ, ସେହିପରି ଈଶ୍ୱର ପିତା, ପୁତ୍ର ଓ ପବିତ୍ର ଆତ୍ମା ଭାବରେ ବିଦ୍ୟମାନ ଅଟନ୍ତି ।

## ତ୍ରିତ୍ୱ ପାଇଁ ବାଇବଲ ପ୍ରମାଣ

### ସ୍ୱୀକାର୍ଯ୍ୟ ୧ : କେବଳ ଏକମାତ୍ର ଈଶ୍ୱର ଅଛନ୍ତି

> ହେ ଇସ୍ରାଏଲ, ଶୁଣ; ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ଏକମାତ୍ର ସଦାପ୍ରଭୁ ଅଟନ୍ତି (ଦ୍ୱି.ବିବରଣ ୬:୪) ।
>
> ପୁରାତନ ବିଷୟସବୁ ସ୍ମରଣ କର; କାରଣ ଆମ୍ଭେ ହିଁ ପରମେଶ୍ୱର, ଦ୍ୱିତୀୟ ନାହିଁ; ଆମ୍ଭେ ପରମେଶ୍ୱର, ଆମ୍ଭ ତୁଲ୍ୟ କେହି ନାହିଁ (ଯିଶାଇୟ ୪୬:୯) ।

**ସ୍ୱୀକାର୍ଯ୍ୟ ୨: ପିତା, ପୁତ୍ର ଓ ପବିତ୍ରଆତ୍ମା ସମସ୍ତେ ଇଶ୍ୱର ଅଟନ୍ତି**

ପିତା ଇଶ୍ୱର (ଗାଲା ୧:୧)

ବାକ୍ୟ ଇଶ୍ୱର ଥିଲେ... ସେହି ବାକ୍ୟ ଦେହବନ୍ତ ହେଲେ (ଯୋହନ ୧:୧, ୧୪)

ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିବାକୁ କାହିଁକି ଶୟତାନ ତୁମ୍ଭ ହୃଦୟ ସମ୍ପୂର୍ଣ୍ଣ ଅଧିକାର କରିଅଛି...? ତୁମ୍ଭେ ଯେ ମନୁଷ୍ୟ ନିକଟରେ ମିଥ୍ୟା କହିଲ, ତାହା ନୁହେଁ, ମାତ୍ର ଇଶ୍ୱରଙ୍କ ନିକଟରେ ମିଥ୍ୟା କହିଲ (ପ୍ରେରିତ ୫:୩-୪) ।

**ସ୍ୱୀକାର୍ଯ୍ୟ ୩: ଏହି ତିନି ଜଣ ଭିନ୍ନ ବ୍ୟକ୍ତି ଭାବରେ ପରସ୍ପର ସହିତ ସମ୍ପର୍କରେ ରହନ୍ତି**

► ଆମେ କିପରି ଜାଣୁ ଯେ ସେମାନେ ତିନି ଜଣ ବ୍ୟକ୍ତି ଅଟନ୍ତି ଏବଂ ବିଭିନ୍ନ ଭୂମିକାରେ ଥିବା କେବଳ ଜଣେ ବ୍ୟକ୍ତି ନୁହଁନ୍ତି?

ମାର୍କ ୧:୧୦-୧୧ ରେ ଯୀଶୁ ବାପ୍ତିଜିତ ହେଲେ, ପବିତ୍ର ଆତ୍ମା କପୋତ ପରି ଅବତରଣ କଲେ, ଏବଂ ସ୍ୱର୍ଗରୁ ଏକ ବାଣୀ ହେଲା, "ତୁମ୍ଭେ ଆମ୍ଭର ପ୍ରିୟ ପୁତ୍ର, ତୁମ୍ଭଠାରେ ଆମ୍ଭର ପରମ ସନ୍ତୋଷ" । ଏଠାରେ ଆମେ ଦେଖୁ ପିତା, ପୁତ୍ର ଓ ପବିତ୍ର ଆତ୍ମା ସମାନବ୍ୟକ୍ତି ହୋଇପାରିବେ ନାହିଁ; ସେମାନେ ଏକ ସମୟରେ ବିଭିନ୍ନ ଭୂମିକାରେ ରହିଛନ୍ତି ।


ଯୀଶୁ ତାଙ୍କ ସେବାକାର୍ଯ୍ୟର ଶେଷ ଭାଗରେ କହିଲେ ଯେ ସେ ପିତାଙ୍କୁ ଅନୁରୋଧ କରିବେ, ଯେପରି କି ଆମମାନଙ୍କ ନିମନ୍ତେ ଅନ୍ୟ ଜଣେ ସାହାଯ୍ୟକାରୀଙ୍କୁ ଅର୍ଥାତ ପବିତ୍ର ଆତ୍ମାଙ୍କୁ ପ୍ରେରଣ କରିବେ (ଯୋହନ ୧୫:୨୬) । ଆପଣ କଣ ଏହି ଅନୁରୋଧରେ ତିନି ଜଣ ଭିନ୍ନ ବ୍ୟକ୍ତି ସାମିଲ ଥିବା ଦେଖୁଛନ୍ତି କି ।

ଯଦି ଆପଣ ଯୋହନ ୧୪-୧୭ ଅଧ୍ୟାୟ ପଢ଼ନ୍ତି, ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ମଧ୍ୟରେ ଥିବା ପାରସ୍ପରିକ କ୍ରିୟା ସମ୍ବନ୍ଧୀୟ ଅନେକ ଉଲ୍ଲେଖ ପାଇବେ ।

**ଉପସଂହାର: ବାଇବଲର ପ୍ରକୃତ ଇଶ୍ୱର ଆପଣାକୁ ତିନୋଟି ଭିନ୍ନ ବ୍ୟକ୍ତିଙ୍କ ମଧ୍ୟରେ ରହିବାକୁ ପ୍ରକାଶ କରିଛନ୍ତି: ପିତା, ପୁତ୍ର ଓ ପବିତ୍ର ଆତ୍ମା । ଇଶ୍ୱରଙ୍କ ପ୍ରକୃତି ଏକ, କିନ୍ତୁ ତିନୋଟି ବ୍ୟକ୍ତିଭାବରେ ସେ ରହିଛନ୍ତି ।**

ଯଦିବା ବାଇବଲରେ ତ୍ରିତ୍ୱ ଶବ୍ଦ ବ୍ୟବହୃତ ହୋଇନାହିଁ, ତେବେ ତ୍ରିତ୍ୱ ସ୍ପଷ୍ଟ ଶାସ୍ତ୍ରୀୟ ବକ୍ତବ୍ୟ ଉପରେ ଆଧାରିତ । ତ୍ରିତ୍ୱ ଶବ୍ଦକୁ ଏହି ତତ୍ତ୍ୱ ସମ୍ବନ୍ଧୀୟ ବାଇବଲର ସମସ୍ତ ଶିକ୍ଷାକୁ ସଂକ୍ଷିପ୍ତ କରିବା ପାଇଁ ଆମେ ବ୍ୟବହାର କରୁ ।

ଏହି ବାଇବଲ ତତ୍ତ୍ୱ ପ୍ରେରିତମାନଙ୍କ ସମୟରୁ ମଣ୍ଡଳୀରେ ଶିକ୍ଷା ଦିଆଯାଉଛି । ଏଠାରେ ତ୍ରିତ୍ୱକୁ ବୁଝାଇବା ପାଇଁ ମଣ୍ଡଳୀ ଯେଉଁ ଶିକ୍ଷା ଦେଇଥାଏ ତା'ର ଏକ ଚିତ୍ର ଦିଆଗଲା ।



## ତ୍ରିତ୍ୱ ତତ୍ତ୍ୱ ଅତ୍ୟାବଶ୍ୟକ

► ଜଣେ ବ୍ୟକ୍ତି ତ୍ରିତ୍ୱରେ ବିଶ୍ୱାସ କରେ କି ନାହିଁ ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ?

ତ୍ରିତ୍ୱ ତତ୍ତ୍ୱ ମୁଖ୍ୟ ଶିକ୍ଷାଗୁଡ଼ିକର ମୂଳଦୁଆ ଅଟେ ଯାହା ସୁସମାଚାର ପାଇଁ ଜରୁରୀ ଅଟେ । ଉଦାହରଣ ସ୍ୱରୂପ, ଯେଉଁମାନେ ତ୍ରିତ୍ୱକୁ ଅସ୍ୱୀକାର କରନ୍ତି ସେମାନେ ମଧ୍ୟ ଯୀଶୁଙ୍କୁ ଈଶ୍ୱର ବୋଲି ସ୍ୱୀକାର କରନ୍ତି ନାହିଁ । କିନ୍ତୁ ଯଦି ଆପଣ ବିଶ୍ୱାସ କରୁଥିବା ଯୀଶୁ ଈଶ୍ୱର ନୁହଁନ୍ତି, ତେବେ ପରିତ୍ରାଣକାରୀ ଯୀଶୁ ବୋଲି କେହି ନାହାନ୍ତି । କେବଳ ଜଣେ ପାପଶୂନ୍ୟ ବ୍ୟକ୍ତି ହିଁ ସମସ୍ତ ଲୋକଙ୍କ ପାପ ନିମନ୍ତେ ପ୍ରାଣଦାନ କରିପାରନ୍ତି । ସେହି ବଳିଦାନ ଅସୀମ ହେବା ଆବଶ୍ୟକ କାରଣ ଆମେ ଏକ ଅସୀମ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିଛୁ । ଯୀଶୁ ଯେହେତୁ ଈଶ୍ୱର ଅଟନ୍ତି, ସେ ପାପଶୂନ୍ୟ ହୋଇ ଅସୀମ ବଳିଦାନ ପ୍ରଦାନ କଲେ ଯାହା ସମସ୍ତ ଲୋକଙ୍କ ପାପର ମୂଲ୍ୟ ସବୁ ସମୟ ପାଇଁ ପରିଶୋଧ କଲା ।

ଯଦି ଆମେ ଅସ୍ୱୀକାର କରୁ ଯେ ପିତା, ପୁତ୍ର ଓ ପବିତ୍ରଆତ୍ମା ଭିନ୍ନ ଅଟନ୍ତି, ତେବେ ଆମେ ଈଶ୍ୱରଙ୍କୁ ତାଙ୍କର ସ୍ୱାଭାବିକ ବ୍ୟକ୍ତିଗତ ଓ ସମ୍ପର୍କ ସମ୍ବନ୍ଧୀୟ ଗୁଣକୁ ମଧ୍ୟ ଅସ୍ୱୀକାର କରୁ । ଉଦାହରଣ ସ୍ୱରୂପ, ଈଶ୍ୱର ଅନାଦି କାଳରୁ ଜଣେ ପ୍ରେମୀ ଈଶ୍ୱର ହେବେ ନାହିଁ ଯଦି କାହାକୁ ଭଲ ପାଇବା ପାଇଁ ସେ ସୃଷ୍ଟି କରିବା ପର୍ଯ୍ୟନ୍ତ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିଥାନ୍ତା । କିନ୍ତୁ ଈଶ୍ୱର ଏକାଧିକ ବ୍ୟକ୍ତି ହୋଇଥିବାରୁ ସେମାନେ ଅନାଦି କାଳରୁ ପରସ୍ପରକୁ ପ୍ରେମ କରି ଆସୁଛନ୍ତି । ଅନ୍ୟମାନଙ୍କ ସଙ୍ଗେ ସମ୍ପର୍କ ରକ୍ଷାକାରୀ ଏହି ଈଶ୍ୱରଙ୍କଠାରେ ବିଶ୍ୱାସ କରିବା ଗୁରୁତ୍ୱପୂର୍ଣ୍ଣ (ଯେ ନିଜକୁ ବଳିଦେଇ ଅନ୍ୟମାନଙ୍କୁ ପ୍ରେମ କରି ବିଦ୍ୟମାନ ଅଟନ୍ତି), କାରଣ ଏହା ପରସ୍ପର ସହିତ ଓ ଈଶ୍ୱରଙ୍କ ସହିତ ଆମର ସମ୍ପର୍କକୁ ପ୍ରଭାବିତ କରିଥାଏ ।

ବୋଧହୁଏ ସବୁଠାରୁ ଗମ୍ଭୀର ବିଷୟ ହେଉଛି ଆମେ ନିଶ୍ଚେ ଈଶ୍ୱରଙ୍କୁ ଉପାସନା କରିବାକୁ ହେବ । ଯେଉଁମାନେ ତ୍ରିତ୍ୱକୁ ଅସ୍ୱୀକାର କରନ୍ତି ସେମାନେ ସାଧାରଣତଃ ଅସ୍ୱୀକାର କରନ୍ତି ଯେ ଯୀଶୁ ଓ ପବିତ୍ର ଆତ୍ମା ଈଶ୍ୱର ଅଟନ୍ତି, ତେଣୁ ସେମାନେ ସେମାନଙ୍କର ଉପାସନା କରନ୍ତି ନାହିଁ । ଜଣେ ବ୍ୟକ୍ତି ସବୁଠାରୁ ବଡ଼ ଭୁଲ କରିବ ଯଦି ସେ ଈଶ୍ୱର ଭିନ୍ନ ଅନ୍ୟ କାହାର ପୂଜା କରିବ ବା ଈଶ୍ୱରଙ୍କ ଉପାସନା କରିବ ନାହିଁ ।

### ଜନ୍ ଷ୍ଟଟ୍ଙ୍କ ଦୈନିକ ତ୍ରିଏକ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା, ମୁଁ ପ୍ରାର୍ଥନା କରେ ଯେ ଆଜି ମୁଁ ତୁମ ଉପସ୍ଥିତିରେ ବଞ୍ଚିବି ଓ ତୁମକୁ ଅଧିକରୁ ଅଧିକ ସନ୍ତୁଷ୍ଟ କରିବି ।

ପ୍ରଭୁ ଯୀଶୁ, ପ୍ରାର୍ଥନା କରେ ଯେ ଆଜି ଦିନ ମୁଁ ମୋର କ୍ରୁଶ ଘେନି ତୁମର ଅନୁଗମନ କରିବି ।

ପବିତ୍ର ଆତ୍ମା, ମୁଁ ପ୍ରାର୍ଥନା କରୁଛି ଯେ ଏହି ଦିନ ତୁମେ ମୋତେ ପରିପୂର୍ଣ୍ଣ କର ଓ ମୋ ଜୀବନରେ ତୁମର ଫଳ ପରିପକ୍ୱ କରାଅ: ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ପରୋପକାରିତା, ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମସଂଯମ ।

ପବିତ୍ର, ପରମଧନ୍ୟ, ଗୌରବମୟ ତ୍ରିତ୍ୱ, ତ୍ରିଏକ ଈଶ୍ୱର, ମୋ ପ୍ରତି ଦୟା କର ।

ସର୍ବଶକ୍ତିମାନ ଈଶ୍ୱର, ବିଶ୍ୱର ସୃଷ୍ଟିକର୍ତ୍ତା ଓ ରକ୍ଷକ, ମୁଁ ତୁମର ଉପାସନା କରେ ।

ପ୍ରଭୁ ଯୀଶୁ ଖ୍ରୀଷ୍ଟ, ତ୍ରାଣକର୍ତ୍ତା ଓ ଜଗତର ପ୍ରଭୁ, ମୁଁ ତୁମର ଉପାସନା କରେ ।

ପବିତ୍ର ଆତ୍ମା, ଈଶ୍ୱରଙ୍କ ଲୋକମାନଙ୍କର ପବିତ୍ରକାରୀ, ମୁଁ ତୁମର ଉପାସନା କରେ । ପିତା, ପୁତ୍ର ଓ ପବିତ୍ର ଆତ୍ମା ସମସ୍ତ ଗୌରବ ପାଆନ୍ତୁ ।

ଏହା ଆରମ୍ଭରେ ଯେପରି ଥିଲା, ବର୍ତ୍ତମାନ ଅଛି ଏବଂ ସଦାକାଳ ପାଇଁ ରହିବ, ଆମେନ୍ ।

## ପିତା, ପୁତ୍ର ଓ ପବିତ୍ରଆତ୍ମା ପରସ୍ପର ସହିତ ସମ୍ପର୍କ ରକ୍ଷା କରି ବାସ କରୁଥିବା ବ୍ୟକ୍ତି ବିଶେଷ ଅଟନ୍ତି

ପିତା, ପୁତ୍ର ଓ ପବିତ୍ର ଆତ୍ମା ପ୍ରତ୍ୟେକେ ବ୍ୟକ୍ତିତ୍ୱର ଅଧିକାରୀ ଏବଂ ସର୍ବଦା ବ୍ୟକ୍ତିଗତ ସମ୍ପର୍କ ରକ୍ଷା କରି ଆସିଛନ୍ତି । ଆମେ ସେମାନଙ୍କୁ ବ୍ୟକ୍ତି କହୁ କାରଣ ସେମାନେ ପରସ୍ପର ସହିତ ସମ୍ପର୍କରେ ରୁହନ୍ତି । ସେମାନେ ପରସ୍ପରକୁ ଭଲପାଆନ୍ତି, ପରସ୍ପରକୁ ଦିଅନ୍ତି, ପରସ୍ପର କଥା ହୁଅନ୍ତି ଏବଂ ପରସ୍ପର ପାଇଁ ବଞ୍ଚନ୍ତି । ଏହା ଦର୍ଶାଏ ଯେ ସେମାନେ ବ୍ୟକ୍ତି ଅଟନ୍ତି ।

### ତ୍ରିତ୍ୱର ଗଠନ

ପିତା, ପୁତ୍ର ଓ ପବିତ୍ର ଆତ୍ମା ଏକ ସମ୍ପର୍କର ସଂରଚନାରେ ସର୍ବଦା ବିଦ୍ୟମାନ ଅଛନ୍ତି । ଏହି ସଂରଚନାରେ ପିତା ହେଉଛନ୍ତି ମୁଖ୍ୟ, ତା'ପରେ ପୁତ୍ର, ତା'ପରେ ଆତ୍ମା । ଏହି ତିନି ଜଣ ଅନନ୍ତ ଓ ସମାନ ବ୍ୟକ୍ତିଗଣ ସେମାନଙ୍କ ପରସ୍ପର ମଧ୍ୟରେ ଥିବା ସମ୍ପର୍କ ଉପରେ ଆଧାର କରି ଅଧିକାରଯୁକ୍ତ କ୍ଷମତା ପାଇଛନ୍ତି । ଏହି ଅଧିକାରର ସଂରଚନା ପରିବାର ଓ ମଣ୍ଡଳୀରେ ପ୍ରତିଫଳିତ ହୋଇଛି । ତ୍ରିତ୍ୱର ସଦସ୍ୟଙ୍କ ପରି ଗୋଟିଏ ପରିବାର ବା ମଣ୍ଡଳୀର ସଦସ୍ୟଙ୍କର ସମାନ ମୂଲ୍ୟ ରହିିଅଛି, କିନ୍ତୁ ସମସ୍ତଙ୍କର ସମାନ ଅଧିକାର ନ ଥାଏ ।

### ପିତାଙ୍କ ସହିତ ପୁତ୍ରଙ୍କର ସମ୍ପର୍କ

ପୁତ୍ର, ପିତାଙ୍କ ସହିତ କେଉଁ ପ୍ରକାର ସମ୍ପର୍କରେ ଅଛନ୍ତି? ଯୀଶୁ କହନ୍ତି- ପିତା ଯେପରି ସ୍ୱୟଂଜୀବୀ, ସେହିପରି ସେ ପୁତ୍ରଙ୍କୁ ମଧ୍ୟ ସ୍ୱୟଂଜୀବୀ ହେବାକୁ ଦେଇଛନ୍ତି (ଯୋହନ ୫:୨୬) । ଅନାଦି କାଳରୁ ସେ ପିତାଙ୍କର ଅଦ୍ୱିତୀୟ ପୁତ୍ର ଅଟନ୍ତି (ଯୋହନ ୩:୧୬) । ଈଶ୍ୱରଙ୍କ ପରି ପୁତ୍ର ଅନାଦିକାଳରୁ ସ୍ୱୟଂଜୀବୀ ଅଟନ୍ତି, ପିତାଙ୍କର ସ୍ୱଭାବ ଓ ତାଙ୍କ ସ୍ୱଭାବ ସମାନ, ତଥାପି ତାଙ୍କର ଅସ୍ତିତ୍ୱ ପିତାଙ୍କଠାରୁ ଆସିଛି । ଅନାଦିକାଳରୁ ପୁତ୍ର ପିତାଙ୍କ ସହିତ ପୁତ୍ରରୂପେ ସମ୍ପର୍କରେ ରହି ଆସିଛନ୍ତି, ଏବଂ ପିତା ମଧ୍ୟ ପୁତ୍ରଙ୍କର ପିତାଭାବରେ ସମ୍ପର୍କରେ ଅଛନ୍ତି, ଯଦିବା ଶାରୀରିକ ଦୃଷ୍ଟିରୁ ନୁହେଁ ।

ଯୀଶୁ ଆପଣା ସ୍ୱଭାବରେ ପିତାଙ୍କ ସହିତ ସମାନ । ତେଣୁ ପିତାଙ୍କୁ ଯେପରି ପୁତ୍ରଙ୍କୁ ସେପରି ସମାନ ସ୍ତରରେ ଉପାସନା ଓ ଗୌରବାନ୍ୱିତ କରାଯିବା ଉଚିତ । ଯୀଶୁ କହନ୍ତି- ପିତାଙ୍କୁ ଯେପରି ସମାଦର କରାଯାଏ, ଠିକ୍ ସେପରି ସମସ୍ତେ ତାଙ୍କୁ ସମାଦର କରିବା ଉଚିତ (ଯୋହନ ୫:୨୩) ।

### ପିତା ଓ ପୁତ୍ରଙ୍କ ସହିତ ପବିତ୍ର ଆତ୍ମାଙ୍କର ସମ୍ପର୍କ

ଯୋହନ ୧୫:୨୬ରେ ଯୀଶୁ କହନ୍ତି ପିତାଙ୍କଠାରୁ ବହିର୍ଗତ ପବିତ୍ର ଆତ୍ମାଙ୍କୁ ସେ ପ୍ରେରଣ କରିବେ । ଯଦିବା ଆତ୍ମା ପିତାଙ୍କଠାରୁ ବହିର୍ଗତ, ସେ ପିତା ଓ ପୁତ୍ରଙ୍କ ସହିତ ସମାନ ଏବଂ ତାଙ୍କୁ ସମାନ ସମ୍ମାନ ଦିଆଯିବା ଉଚିତ । ମନେରଖନ୍ତୁ ଯେ ଏହି ଉଦ୍ଗମନ ଓ ପ୍ରେରଣ ପରସ୍ପର ସହିତ ପ୍ରେମ ସମ୍ପର୍କରେ ବାସ କରୁଥିବା ତିନି ଜଣଙ୍କ ମଧ୍ୟରେ ଘଟୁଛି ।

### ଈଶ୍ୱରଙ୍କ ଏକତା ରକ୍ଷା

ତ୍ରିତ୍ୱର ତିନ ଜଣଙ୍କୁ ପୃଥକ୍ ବ୍ୟକ୍ତି ଭାବରେ ବିବେଚନା କରାଯିବା ଉଚିତ ନୁହେଁ । ସେମାନଙ୍କ ବ୍ୟକ୍ତିତ୍ୱର ଏକତା କହିଲେ ସେମାନେ ସମାନ ମହତ୍ତ୍ୱ ବିଶିଷ୍ଟ ଅଟନ୍ତି ଏବଂ ଏହି ତିନି ଜଣ ପରସ୍ପର ନିକଟରେ ପରିବ୍ୟାପ୍ତ ହୁଅନ୍ତି, ପରସ୍ପର ମଧ୍ୟରେ ବାସ କରନ୍ତି, ଏବଂ ପରସ୍ପର ସହିତ ସେମାନଙ୍କର ଗୁଣ ବାଣ୍ଟନ୍ତି । ପିତା, ପୁତ୍ର ଓ ପବିତ୍ରଆତ୍ମା ପରସ୍ପର ମଧ୍ୟରେ ବାସ କରନ୍ତି ଯାହା ମନୁଷ୍ୟ କରିପାରିବ ନାହିଁ ।

ପ୍ରତ୍ୟେକ ମନୁଷ୍ୟ କେବଳ ଜଣେ ବ୍ୟକ୍ତି ଓ ଏକମାତ୍ର ପ୍ରାଣୀ ଅଟେ । ଈଶ୍ୱର ତିନି ଜଣ ବ୍ୟକ୍ତି, ତଥାପି ଏକମାତ୍ର ସତ୍ତାବିଶିଷ୍ଟ ଅଟନ୍ତି । ଈଶ୍ୱରଙ୍କ ଏକତାର ବାଇବଲର ଧାରଣାକୁ ରକ୍ଷା କରିବାରେ ସାହାଯ୍ୟ କରିବାକୁ, ତ୍ରିତ୍ୱର ସଦସ୍ୟମାନଙ୍କୁ ପରସ୍ପରଠାରୁ ଅଲଗା (ଲୋକ) କହି ନା ଥାଉ, କିନ୍ତୁ ଭିନ୍ନ (ବ୍ୟକ୍ତି) କହିଥାଉ ।

## ଆମେ ଈଶ୍ୱରଙ୍କ ବ୍ୟକ୍ତିତ୍ୱ ଓ ସମ୍ପର୍କକୁ ପ୍ରତିଫଳିତ କରୁ

ଈଶ୍ୱର ଆମକୁ ତାଙ୍କ ପ୍ରତିମୂର୍ତ୍ତି ଓ ସାଦୃଶ୍ୟରେ ବ୍ୟକ୍ତି ଭାବରେ ସୃଷ୍ଟି କରିଛନ୍ତି, ଫଳରେ ପରସ୍ପର ସହିତ ଓ ଈଶ୍ୱରଙ୍କ ସହିତ ସମ୍ପର୍କ ରଖିବାର କ୍ଷମତା ଆମର ରହିଛି । ସମ୍ପର୍କ ରକ୍ଷା ଦୃଷ୍ଟିରୁ ଆମ ପ୍ରତ୍ୟେକଙ୍କର ମନ, ଇଚ୍ଛା ଓ ଭାବପ୍ରବଣତା ରହିଛି ।

### ବ୍ୟକ୍ତିଗତ ଭାବରେ ଆମେ ଅସମ୍ପୂର୍ଣ୍ଣ

ଆଦମକୁ ସୃଷ୍ଟି କରିବା ପରେ ଈଶ୍ୱର କହିଲେ, "ମନୁଷ୍ୟ ଏକାକୀ ରହିବା ଭଲ ନୁହେଁ (ଆଦି ୨:୧୮) । ତା'ପରେ ସେ ହବାକୁ ସୃଷ୍ଟି କଲେ । ହବା ବିନା ଆଦମ ଅସମ୍ପୂର୍ଣ୍ଣ ଥିଲେ, କାରଣ ତାଙ୍କ ବିନା, ତାଙ୍କର ସମ୍ପର୍କରେ ରହିବାକୁ ଅନ୍ୟ ଜଣେ ମନୁଷ୍ୟ ନ ଥିଲେ । ଏକ ଶାସ୍ତ୍ରାଂଶ ସୂଚିତ କରେ ଯେ ଆଦମ ଓ ହବା ଏକତ୍ର ଈଶ୍ୱରଙ୍କ ପ୍ରତିମୂର୍ତ୍ତିକୁ ପ୍ରତିଫଳିତ କରିଥିଲେ: "ଅନନ୍ତର ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କଲେ, ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସେ ତାହାକୁ ସୃଷ୍ଟି କଲେ, ପୁରୁଷ ଓ ସ୍ତ୍ରୀ

କରି ସେ ସେମାନଙ୍କୁ ସୃଷ୍ଟି କଲେ" (ଆଦି ୧:୨୭) ।ଆଦମ ଓ ହବାଙ୍କ ସମ୍ପର୍କରେ ଏପରି କିଛି ବିଷୟ ରହିଛି ଯଦ୍ଦ୍ୱାରା ସେମାନେ ମିଳିତ ଭାବରେ ଈଶ୍ୱରଙ୍କର ପ୍ରତିମୂର୍ତ୍ତିକୁ ପ୍ରତିଫଳିତ କଲେ, ଯାହା ଆଦମ ଏକାକୀ ତତୋଧିକ କରି ପାରି ନ ଥାନ୍ତେ ।

ଆମ ପାଇଁ ଏହାର ଅର୍ଥ କ'ଣ ହୋଇପାରେ ଚିନ୍ତା କରନ୍ତୁ । ତ୍ରିଏକ ଈଶ୍ୱର ଯେଉଁ ପରି ସମ୍ପର୍କରେ ରହିଆସିଛନ୍ତି, ଅନ୍ୟମାନଙ୍କ ସହିତ ସେପରି ସମ୍ପର୍କରେ ନ ରହିଲେ ଆମେ ସମ୍ପୂର୍ଣ୍ଣ ବ୍ୟକ୍ତିଭାବରେ କାର୍ଯ୍ୟ କରିପାରିବା ନାହିଁ । ଏହାର ଅର୍ଥ ନୁହେଁ ଯେ ଆମକୁ ବିବାହ କରିବାକୁ ପଡ଼ିବ (ସ୍ୱର୍ଗରେ କେହି ବି ବିବାହ କରିବେ ନାହିଁ, ତଥାପି ଆମେ ବ୍ୟକ୍ତିବିଶେଷ ହୋଇ ରହିବୁ), କିନ୍ତୁ ଆମକୁ ଅନ୍ୟମାନଙ୍କ ସହ ସହଭାଗିତା ରକ୍ଷା କରିବା ଆବଶ୍ୟକ ।

> "ସର୍ବଶକ୍ତିମାନ ଓ ଅନନ୍ତ ଈଶ୍ୱର, ତୁମେ ତୁମର ସେବକମାନଙ୍କୁ ଅନନ୍ତ ତ୍ରିତ୍ୱର ଗୌରବକୁ ସ୍ୱୀକାର କରିବାକୁ ପ୍ରକୃତ ବିଶ୍ୱାସରେ ଘୋଷଣା କରି ଏବଂ ଏହି ଏକତାକୁ ଉପାସନା କରିବାକୁ ଐଶ୍ୱରିକ ମହିମାର ଶକ୍ତିରେ ଆମକୁ ଅନୁଗ୍ରହ ପ୍ରଦାନ କରିଅଛ । ଏହି ବିଶ୍ୱାସରେ ଆମକୁ ସ୍ଥିର ରଖ, ଯେପରି କି ଆମେମାନେ ସର୍ବଦା ସମସ୍ତ ଶତ୍ରୁମାନଙ୍କଠାରୁ ରକ୍ଷା ପାଇପାରିବୁ: ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ, ଯିଏ କି ତୁମ ସହିତ ଉପବିଷ୍ଟ ହୋଇ ତୁମ ସହିତ ରାଜତ୍ୱ କରନ୍ତି, ଏବଂ ପବିତ୍ର ଆତ୍ମା, ଏକ ପରମେଶ୍ୱରଙ୍କ ଦ୍ୱାରା, ବର୍ତ୍ତମାନ ଓ ଚିରକାଳ ପାଇଁ । ଆମେନ୍"
> (*Book of Common Prayer* ରୁ ଆନୀତ)

**ସମ୍ପର୍କରେ ରହିବା ହେଉଛି ଈଶ୍ୱରଙ୍କ ପ୍ରତିମୂର୍ତ୍ତିକୁ ପ୍ରତିଫଳିତ କରିବାର ଏକ ଅଂଶ।**

ଈଶ୍ୱରଙ୍କ ସ୍ୱଭାବ ଓ ମଣ୍ଡଳୀର ସ୍ୱଭାବ ମଧ୍ୟରେ ଏକ ଚମତ୍କାର ତୁଳନା ଅଛି । ଉଭୟ ଈଶ୍ୱର ଓ ମଣ୍ଡଳୀ ମଧ୍ୟରେ ଏକତା ଓ ବିବିଧତା ଅଛି । ୧ କରିନ୍ଥୀ ୧୨ ଅନୁଯାୟୀ, ଖ୍ରୀଷ୍ଟଙ୍କ ଶରୀର ଏକତା ବିଶିଷ୍ଟ ଯାହା ଅନେକ ଅଙ୍ଗକୁ ନେଇ ଗୋଟିଏ ଉଦ୍ଦେଶ୍ୟରେ କାର୍ଯ୍ୟ କରିଥାଏ । ଆପଣ ଦେଖିପାରିବେ କି କିପରି ଖ୍ରୀଷ୍ଟଙ୍କ ଶରୀର ଈଶ୍ୱରଙ୍କର ପ୍ରତିମୂର୍ତ୍ତିକୁ ପ୍ରତିଫଳିତ କରେ? ପାଉଲ ଆଶା କରିଥିଲେ ମଣ୍ଡଳୀର ସଦସ୍ୟମାନେ ଖ୍ରୀଷ୍ଟଙ୍କଠାରେ ଏକତ୍ର ବୃଦ୍ଧିପାଇବେ । ପାଉଲ ପ୍ରାର୍ଥନା କରିଥିଲେ-

> କିନ୍ତୁ ସତ୍ୟ ଅବଲମ୍ବନ କରି ମସ୍ତକସ୍ୱରୂପ ଯେ ଖ୍ରୀଷ୍ଟ, ତାହାଙ୍କ ଉଦ୍ଦେଶ୍ୟରେ ସର୍ବ ବିଷୟରେ ପ୍ରେମରେ ବୃଦ୍ଧି ପାଉ; ତାହାଙ୍କଠାରୁ ସମସ୍ତ ଶରୀର ପ୍ରତ୍ୟେକ ସନ୍ଧିର ସାହାଯ୍ୟ ଦ୍ୱାରା ପୁଣି ପ୍ରତ୍ୟେକ ଅଂଶର କାର୍ଯ୍ୟସାଧକ ଶକ୍ତି ଅନୁସାରେ ସୁଖଚିତ ଓ ସୁସଂଯୁକ୍ତ ହୋଇ ପ୍ରେମରେ ଆପଣାର ନିଷ୍ଠା ନିମନ୍ତେ ନିଜର ବୃଦ୍ଧି ସାଧନ କରୁଅଛି (ଏଫିସୀୟ ୪:୧୫-୧୬) ।

ଖ୍ରୀଷ୍ଟୀୟ ଏକତା ମଧ୍ୟରେ ବୃଦ୍ଧି ପାଇବା ପାଇଁ ଆମେ ସମସ୍ତେ ଆମର ଆତ୍ମିକ ଦାନ ଏବଂ ଦକ୍ଷତାକୁ ବ୍ୟବହାର କରିବା ଉଚିତ । ଈଶ୍ୱର ଚାହାନ୍ତି ଯେ ଆମେ ତାହାଙ୍କର ସମ୍ପର୍କରକ୍ଷାକାରୀ ସ୍ୱଭାବକୁ ପ୍ରତିଫଳନ କରି ଅନୁଗ୍ରହରେ ବୃଦ୍ଧି ପାଇବା ପାଇଁ ପରସ୍ପରକୁ ସାହାଯ୍ୟ କରିବାକୁ ହେବ । ଆତ୍ମିକ ଅଭିବୃଦ୍ଧି ସମ୍ପ୍ରଦାୟରେ, ଅନ୍ୟ ବିଶ୍ୱାସୀମାନଙ୍କ ସହିତ ଘନିଷ୍ଠ ଓ ପ୍ରତିଶ୍ରୁତିବଦ୍ଧ ସହଭାଗିତାରେ ଘଟିଥାଏ । ଏହା ଈଶ୍ୱରଙ୍କ ସମାଜିକ ସ୍ୱଭାବ ପ୍ରତିଫଳିତ କରେ ।

ଯଦି ତ୍ରିତ୍ୱର ସଦସ୍ୟମାନେ ଅନାଦିକାଳରୁ ପରସ୍ପର ପ୍ରତି ଆତ୍ମ-ପ୍ରଦାନକାରୀ ପ୍ରେମ ମଧ୍ୟରେ ବାସ କରନ୍ତି, ତେବେ ଆମେମାନେ ମଧ୍ୟ ଅନ୍ୟମାନଙ୍କ ସହିତ ପ୍ରେମ ସମ୍ପର୍କରେ ରହି ଜୀବନଯାପନ କରିବା ଉଚିତ । ଆମେ ସାମାଜିକ, ସମ୍ପର୍କରକ୍ଷାକାରୀ ପ୍ରାଣୀ ଭାବରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟ ହୋଇଛୁ, ତେଣୁ ଆମେ ନିଜ ଅପେକ୍ଷା ଅନ୍ୟମାନଙ୍କ ଉପରେ ଅଧିକ ଧ୍ୟାନ ଦେବା ଉଚିତ । ଆମର ବ୍ୟକ୍ତିତ୍ୱ ଅପେକ୍ଷା ସମ୍ପ୍ରଦାୟକୁ ଆମେ ଅଧିକ ଗୁରୁତ୍ୱ ଦେବା ଉଚିତ । ଆମେ ଅନ୍ୟମାନଙ୍କ ସହିତ ଆମର ସମ୍ପର୍କରେ ତାଙ୍କର ତ୍ରିତ୍ୱ ପ୍ରତିଛବି ପ୍ରତିଫଳିତ କରିବାକୁ ଚେଷ୍ଟା କରିବାବେଳେ ଈଶ୍ୱର ଆମମାନଙ୍କୁ ଆଶୀର୍ବାଦ କରିବେ ।

## ତ୍ରିଏକ ଈଶ୍ୱରଙ୍କ ଉପାସନା

ତ୍ରିଏକ ଈଶ୍ୱର ଉପାସନା ସ୍ୱୀକାର କରେ ଯେ ଆମେ ଆତ୍ମାଙ୍କ ସାହାଯ୍ୟରେ ଏବଂ ପୁତ୍ରଙ୍କ ପ୍ରାୟଶ୍ଚିତକାରୀ କାର୍ଯ୍ୟର ଆଧାରରେ ପିତାଙ୍କ ନିକଟକୁ ଆସୁ । ତ୍ରିଏକ ଈଶ୍ୱରଙ୍କ ଉପାସକ ଭାବରେ ଆମେ ପିତାଙ୍କ ନିକଟରେ, ଆତ୍ମାରେ, ପୁତ୍ରଙ୍କ ମାଧ୍ୟମରେ ପ୍ରାର୍ଥନା କରିବାକୁ ହେବ ।

ଉପାସନାର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହେଉଛି ତ୍ରିତ୍ୱର ସଦସ୍ୟମାନଙ୍କ ମଧ୍ୟରେ ପରସ୍ପର ଯେଉଁ ପ୍ରେମ ସମ୍ପର୍କ ରହିଛି ସେମାନଙ୍କର ସେହି ପ୍ରେମ ସମ୍ପର୍କରେ ପ୍ରବେଶ କରିବା । ପିତା ଓ ପୁତ୍ରଙ୍କ ମଧ୍ୟରେ ଯେଉଁ ପ୍ରେମ ରହିଛି ତାହା ଚିନ୍ତା କରନ୍ତୁ । ଖ୍ରୀଷ୍ଟ କ୍ରୁଶରେ କ'ଣ ସାଧନ କରିଛନ୍ତି ତାହା ଚିନ୍ତା କରନ୍ତୁ, ଯଦ୍ଦ୍ୱାରା ଆମେ ସେହି ପ୍ରେମକୁ ଅନୁଭବ କରିପାରିବା । ପିତା ଓ ପୁତ୍ର ପରସ୍ପର ସହିତ ଆଶ୍ଚର୍ଯ୍ୟଜନକ ସଙ୍ଗତିରେ ବାସ କରନ୍ତି, ଏବଂ ପୁତ୍ରଙ୍କର ପ୍ରାୟଶ୍ଚିତ କାର୍ଯ୍ୟ ହେତୁ, ଆତ୍ମା ଆମକୁ ସେହି ପ୍ରଗାଢ଼ ପ୍ରେମ ସମ୍ପର୍କରେ ଅଂଶୀ ହେବା ପାଇଁ ସାହାଯ୍ୟ କରିବାକୁ ସକ୍ଷମ ଅଟନ୍ତି ।

ତ୍ରିଏକ ଈଶ୍ୱରଙ୍କ ଉପାସକ ଭାବରେ ଆମେ କେବଳ ପିତାଙ୍କର ନିକଟରେ, ଆତ୍ମାରେ, ପୁତ୍ରଙ୍କ ମାଧ୍ୟମରେ ପ୍ରାର୍ଥନା କରୁନାହୁଁ, ଆମେ ପିତା, ପୁତ୍ର ଏବଂ ଆତ୍ମାଙ୍କୁ ମଧ୍ୟ ପ୍ରାର୍ଥନା କରୁ । ତ୍ରିତ୍ୱର ପ୍ରତ୍ୟେକ ସଦସ୍ୟଙ୍କୁ ଭକ୍ତି ଓ ଗୌରବାନ୍ୱିତ କରିବା ଉଚିତ, କାରଣ ସେମାନେ ସମସ୍ତେ ଈଶ୍ୱର ଅଟନ୍ତି ଓ ସମାନ ଭାବରେ ସମ୍ମାନିତ ହେବା ଆବଶ୍ୟକ । ତ୍ରିଏକ ଈଶ୍ୱରଙ୍କ ଉପାସନା ତ୍ରିତ୍ୱର ପ୍ରତ୍ୟେକ ସଦସ୍ୟଙ୍କୁ ସମାନ ଭାବରେ ଗୌରବ ଆଣିଥାଏ; ଆମ ପରିତ୍ରାଣରେ ପ୍ରତ୍ୟେକଙ୍କ ଭୂମିକାକୁ ସ୍ୱୀକାର କରିଥାଏ ।

## ଏଡ଼ାଇବାକୁ ଥିବା ତ୍ରୁଟିସବୁ: ତ୍ରିତ୍ୱ ସମ୍ବନ୍ଧୀୟ ବିଭିନ୍ନ ମତବାଦ

*ଶ୍ରେଣୀ ନେତାଙ୍କୁ ଟିପ୍ପଣୀ: ଶ୍ରେଣୀର ଜଣେ ସଦସ୍ୟ ଏହି ବିଭାଗକୁ ବ୍ୟାଖ୍ୟା କରିପାରନ୍ତି ।*

ଆମେ ବୁଝି ନ ଥାଉ ଏକ ମଞ୍ଜି କାହିଁକି ଅଳିଆରେ ବୃଦ୍ଧିପାଏ, ବା କିପରି ମସ୍ତିଷ୍କ କାର୍ଯ୍ୟ କରେ, କିମ୍ବା କେଉଁ ଶକ୍ତିସମୂହ ତାରାମାନଙ୍କୁ ନିଜ ନିଜ ସ୍ଥାନରେ ରଖେ । ବୈଜ୍ଞାନିକମାନେ କ'ଣ ଘଟୁଛି ଦେଖନ୍ତି, କିନ୍ତୁ ଏହା କାହିଁକି ଓ କିପରି ହୁଏ ବୁଝାଇ ପାରିବେ ନାହିଁ । ଜଣେ ବ୍ୟକ୍ତି ତ୍ରିତ୍ୱ ତତ୍ତ୍ୱ ପ୍ରତ୍ୟାଖ୍ୟାନ କରିବା ନିରର୍ଥକ, କାରଣ ସେ ଏହାକୁ ସମ୍ପୂର୍ଣ୍ଣ ଭାବରେ ବ୍ୟାଖ୍ୟା କରି

ପାରିବ ନାହିଁ । ଈଶ୍ୱରଙ୍କ ବିଷୟକ ପ୍ରତ୍ୟେକ ଶିକ୍ଷା ଆମର ବ୍ୟାଖ୍ୟାର ବାହାରେ । ଉଦାହରଣସ୍ୱରୂପ, ଈଶ୍ୱର କିପରି ସବୁସ୍ଥାନରେ ରହିପାରିବେ ଓ ସମସ୍ତ ବିଷୟ ଜାଣିପାରିବେ ଏହା କେହି ବୁଝାଇ ପାରିବେ ନାହିଁ । ତ୍ରିତ୍ୱ ସମ୍ବନ୍ଧୀୟ ସତ୍ୟସମୂହ ଅଯୌକ୍ତିକ ନୁହେଁ, କିନ୍ତୁ ସେସବୁ ମାନବୀୟ ଅନୁଭବ ଓ ସର୍ତ୍ତାବଳୀର ବାହାରେ । ସମୁଦ୍ରରେ ଥିବା ଏକ ମାଛ, ବୁଦ୍ଧିମାନ ହୋଇଥିଲେ ସୁଦ୍ଧା, ତାକୁ ବୁଝାଇବା ସତ୍ତ୍ୱେ ସେ ବୁଝିପାରିବ ନାହିଁ ମଣିଷ ହେବା କ'ଣ

ତ୍ରିତ୍ୱ ବିଷୟକ ସତ୍ୟ ଏହି ଯେ ସମାନ ସ୍ୱଭାବ ଓ ସମାନ ଈଶ୍ୱରତ୍ୱ ବିଶିଷ୍ଟ ତିନି ଜଣଙ୍କ ମଧ୍ୟରେ ଏକମାତ୍ର ଈଶ୍ୱର ବିଦ୍ୟମାନ । ଲୋକମାନେ ଏହାକୁ ବୁଝାଇବାକୁ ଚେଷ୍ଟା କରିଛନ୍ତି, କିନ୍ତୁ ସେମାନେ ପ୍ରାୟଶଃ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବାଦ୍ ଦେଇଥାନ୍ତି । ନିମ୍ନରେ କେତୋଟି ତ୍ରୁଟିର ଉଦାହରଣ ଦିଆଯାଇଛି ।

୧. **ଈଶ୍ୱର ପ୍ରକୃତରେ ଜଣେ ବ୍ୟକ୍ତି ଯିଏ କି ବିଭିନ୍ନ ଭୂମିକା ଗ୍ରହଣ କରିଛନ୍ତି ।** ଏହି ମତବାଦ ଅନୁସାରେ ପିତା ଈଶ୍ୱର ସ୍ୱର୍ଗରେ ଥିଲେ, ଯୀଶୁ ମର୍ତ୍ତ୍ୟରେ ଥିଲେ, ଏବଂ ବର୍ତ୍ତମାନ ସେ ଆମକୁ ପବିତ୍ର ଆତ୍ମା ଭାବରେ କଥା କହୁଛନ୍ତି । କିନ୍ତୁ ଯୋହନ ୧୪-୧୬ ଅଧ୍ୟାୟରେ ଯୀଶୁଙ୍କ ବାକ୍ୟସବୁ ନିଜ ସଙ୍ଗେ, ପିତା ଓ ପବିତ୍ର ଆତ୍ମାଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ବର୍ଣ୍ଣନା କରେ । ଯଦି ସେମାନେ ତିନି ଭିନ୍ନ ବ୍ୟକ୍ତି ନଥିଲେ ଏହି ବର୍ଣ୍ଣନା ନିରର୍ଥକ ଅଟେ ।

୨. **ପିତା, ପୁତ୍ର ଓ ପବିତ୍ର ଆତ୍ମା ଅଲଗା ସ୍ୱର୍ଗୀୟ ପ୍ରାଣୀ ଅଟନ୍ତି ।** ଏହି ମତବାଦରେ ସେମାନଙ୍କ ସ୍ୱଭାବରେ ପାର୍ଥକ୍ୟ ରହିପାରେ । ଉଦାହରଣ ସ୍ୱରପ, ପିତା ହୁଏତ ବିଚାର କରିବାକୁ ଚାହାନ୍ତି, କିନ୍ତୁ ପୁତ୍ର ଦୟା ଦେଖାଇବାକୁ ଚାହାନ୍ତି । ଏହି ଧାରଣା ବାଇବଲ ଶିକ୍ଷାକୁ ବିରୋଧ କରେ ଯେ ଈଶ୍ୱର ଏକମାତ୍ର ।

୩. **ତ୍ରିଏକ ଈଶ୍ୱରଙ୍କ ମଧ୍ୟରେ ପ୍ରତ୍ୟେକ ବ୍ୟକ୍ତି ଅନ୍ୟଠାରୁ ନିମ୍ନତର ।** ଏହି ଧାରଣାକୁ ବିଶ୍ୱାସ କରୁଥିବା ବ୍ୟକ୍ତି ମନେ କରେ ପିତା ହିଁ ଈଶ୍ୱର ଅଟନ୍ତି, ପୁତ୍ର ଓ ପବିତ୍ର ଆତ୍ମା ତାଙ୍କଠାରୁ ନିମ୍ନତର ବ୍ୟକ୍ତି ଅଟନ୍ତି । ସେ ମଧ୍ୟ ଆତ୍ମାଙ୍କର ବ୍ୟକ୍ତିତ୍ୱକୁ ଅସ୍ୱୀକାର କରିପାରେ ଓ ପୁତ୍ରଙ୍କୁ ଈଶ୍ୱର ବ୍ୟବହାର କରିଥିବା ବିଶେଷ ବ୍ୟକ୍ତି ଭାବରେ ଗ୍ରହଣ କରିଥାଏ । ଏହି ତ୍ରୁଟି ଲୋକମାନଙ୍କୁ ପୁତ୍ର ଓ ପବିତ୍ରଆତ୍ମାଙ୍କୁ ଈଶ୍ୱର ଭାବରେ ଉପାସନା କରିବାକୁ ଦେଇ ନ ଥାଏ ଏବଂ ଏହା ଏକ ମିଥ୍ୟା ସୁସମାଚାର ଆଡ଼କୁ କଢ଼ାଇ ନେଇପାରେ ।

► ଅନ୍ତତଃ ଦୁଇଥର ବିଶ୍ୱାସ ସମ୍ବନ୍ଧୀୟ ସ୍ୱୀକାରୋକ୍ତି ଏକାଠି ପାଠ କରନ୍ତୁ ।

### ବିଶ୍ୱାସ ସ୍ୱୀକାରୋକ୍ତି

ଈଶ୍ୱର ତ୍ରିଏକ ଅଟନ୍ତି । ପିତା, ପୁତ୍ର ଓ ପବିତ୍ର ଆତ୍ମା, ତିନି ଜଣ ଅଥଚ ଏକ ଈଶ୍ୱର ଅଟନ୍ତି । ତିନି ଜଣଙ୍କ ଭୂମିକା ଭିନ୍ନ ଭିନ୍ନ, କିନ୍ତୁ ସେମାନଙ୍କ ସ୍ୱଭାବ ସମାନ ଓ ଐଶରିକ ଗୁଣାବଳୀ ସମାନ ଏବଂ ସମଭାବରେ ଉପାସ୍ୟ ଅଟନ୍ତି ।

## ପାଠ ୩ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ଯୋହନ ୧୫:୨୬
- ଯୋହନ ୧୭:୧-୫
- ଏଫିସୀ ୧:୧୭-୨୩
- କଲସୀ ୧:୧୨-୧୯
- ଏବ୍ରୀ ୧:୧-୩, ୮

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୩ର ଏକ ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ତୁମର ଶ୍ରେଣୀବାହାର ଶିକ୍ଷାଦାନ ସମୟ ନିର୍ଘଣ୍ଟକୁ ମନେ ରଖ ଓ ଶିକ୍ଷାଦାନ ସମାପ୍ତ କଲାପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୩ ପରୀକ୍ଷା

(୧) ବିଶ୍ୱ କିପରି ଈଶ୍ୱରଙ୍କ ସ୍ୱଭାବର ଏକ ଉଦାହରଣ ଅଟେ?

(୨) କେଉଁ ତିନୋଟି ବାଇବଲ ସ୍ୱୀକାର୍ଯ୍ୟ ତ୍ରିତ୍ୱତତ୍ତ୍ୱର ମୂଳଦୁଆ?

(୩) ତ୍ରିଏକ ଈଶ୍ୱରଙ୍କ ମଧ୍ୟରେ ଥିବା ସମ୍ପର୍କର ସଂରଚନା କ'ଣ?

(୪) ପରିବାର ବା ମଣ୍ଡଳୀ ସଂରଚନା ସହିତ ତ୍ରିତ୍ୱର ସଂରଚନା କିପରି ତୁଳନା କରାଯାଏ?

(୫) ତ୍ରିଏକ ଈଶ୍ୱରଙ୍କ ଉପାସକ ଭାବରେ କାହାକୁ ଆମେ ପ୍ରାର୍ଥନା କରିବା ଉଚିତ?

(୬) ତ୍ରିତ୍ୱ ସମ୍ବନ୍ଧୀୟ ତିନୋଟି ଭୁଲ ମତବାଦ କ'ଣ?

# ପାଠ ୪

# ମନୁଷ୍ୟଜାତି

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- ଆମେ କିପରି ଜାଣିବା ଯେ ମନୁଷ୍ୟଜାତିରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତି କହିଲେ ଶାରୀରିକ ସାଦୃଶ୍ୟ ନୁହେଁ ।
- ମନୁଷ୍ୟ ଜାତିରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ଆଠଟି ବିଶିଷ୍ଟତା ।
- ଲୋକମାନେ ଈଶ୍ୱରଙ୍କ ସହିତ ସମ୍ପର୍କ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ଭାବରେ ପରିକଳ୍ପିତ ।
- ଲୋକମାନଙ୍କର ସ୍ୱାଧୀନ ଇଚ୍ଛା ଅଛି, ଏହାର ଅର୍ଥ କ'ଣ?
- ପାର୍ଥିବ ଜୀବନରେ ସେମାନଙ୍କର ବ୍ୟାବହାରିକ ମୂଲ୍ୟଠାରୁ ଲୋକମାନଙ୍କର ଅସୀମ ମୂଲ୍ୟ ରହିଛି ।
- ମନୁଷ୍ୟଜାତି ବିଷୟରେ ଖ୍ରୀଷ୍ଟୀୟ ବିଶ୍ୱାସର ଏକ ସ୍ୱୀକାରୋକ୍ତି ।

(୨) ଛାତ୍ରମାନେ ବୁଝିବେ ଯେ ଈଶ୍ୱରଙ୍କ ସହିତ ସମ୍ପର୍କରେ ରହିବା ବିନା ସେମାନଙ୍କ ଜୀବନ ଅପୂର୍ଣ୍ଣ ଅଟେ ।

## ମନୁଷ୍ୟଜାତି - ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ

► ଗୀତସଂହିତା ୮ ଏକତ୍ର ପାଠ କରନ୍ତୁ । ଏହି ଶାସ୍ତ୍ରାଂଶ ମନୁଷ୍ୟଜାତି ସମ୍ପର୍କରେ କ'ଣ କହେ?

► ଜଗତର ପ୍ରତ୍ୟେକ ବ୍ୟକ୍ତିଠାରେ କେଉଁ ସମାନ ବିଷୟଗୁଡ଼ିକ ଦେଖାଯାଏ?

ଚିନ୍ତା କରନ୍ତୁ କେଉଁ ବିଷୟ ଆମକୁ ଆମର ପରିଚୟ ପ୍ରଦାନ କରେ । ଜଣେ ମନୁଷ୍ୟ ହେବାର ପ୍ରକୃତ ଅର୍ଥ କ'ଣ?

► ଆଦିପୁସ୍ତକ ୧:୨୬-୨୭ ମିଳିତ ଭାବରେ ପଢ଼ନ୍ତୁ ।

ଆମ ସ୍ୱଭାବରେ ଏପରି କିଛି ଅଛି ଯାହା ଈଶ୍ୱରଙ୍କର ସଦୃଶ । ଆମେ ଈଶ୍ୱର ନୋହୁଁ, କିନ୍ତୁ ଏପରି କିଛି ବିଷୟ ଅଛି ଯାହା ଆମକୁ ପଶୁ ଜଗତରୁ ପୃଥକ୍ କରେ ଓ ଆମକୁ ଅନନ୍ୟ କରିଥାଏ । ଗୀତସଂହିତା ୮:୫ରେ ଗୀତରଚକ ଆନନ୍ଦିତ ହୁଅନ୍ତି ଯେ ଆମକୁ ସ୍ୱର୍ଗୀୟ ପ୍ରାଣୀମାନଙ୍କଠାରୁ ଅଳ୍ପ ମାତ୍ର ନ୍ୟୁନ କରାଯାଇଛି ଏବଂ ଗୌରବ ଓ ସମ୍ଭ୍ରମରୂପ ମୁକୁଟରେ ଆମକୁ ଭୂଷିତ କରାଯାଇଛି ।

ପୃଥିବୀ ଓ ଏଠାରେ ବାସ କରୁଥିବା ଜୀବିତ ପ୍ରାଣୀମାନଙ୍କୁ ପରିଚାଳନା କରିବା ପାଇଁ ଈଶ୍ୱର ମନୁଷ୍ୟକୁ ବିଶେଷ ଦାୟିତ୍ୱ ଦେଇଥିଲେ (ଗୀତସଂହିତା ୮:୬) । ଜୀବିତ ପ୍ରାଣୀମାନଙ୍କର ଯେପରି ଜୀବନ ହାନି ନ ଘଟେ, ସମ୍ବଳସବୁକୁ ବୁଦ୍ଧିର ସହିତ ବ୍ୟବହାର କରିବା, ଏବଂ ପୃଥିବୀକୁ ଭାବୀ ପିଢ଼ିମାନଙ୍କ ବ୍ୟବହାର ନିମନ୍ତେ ଭଲ ଅବସ୍ଥାରେ ଛାଡ଼ିଯିବା ପାଇଁ ଲୋକମାନେ ଯତ୍ନର ସହିତ ପୃଥିବୀକି ପରିଚାଳନା କରିବା ଆଶା କରାଯାଏ ।

ବିବର୍ତ୍ତନ ମତବାଦ ଅପେକ୍ଷା ମନୁଷ୍ୟଜାତିର ଉଚ୍ଚ ଦୃଷ୍ଟିକୋଣ ନିଶ୍ଚିତ ଭାବରେ ଆମର ଆତ୍ମ-ସମ୍ମାନ ପାଇଁ ଅଧିକ ଉତ୍ତମ । ବିବର୍ତ୍ତନ ମତବାଦ ଅନୁସାରେ ମନୁଷ୍ୟ ଜୀବନର ସ୍ୱତନ୍ତ୍ର ମହତ୍ତ୍ୱ ନାହିଁ, କୌଣସି ଉଦ୍ଦେଶ୍ୟ କି ଅର୍ଥ ନାହିଁ, ମନୁଷ୍ୟ ହେବାର ବିଶେଷତା କିଛି ନାହିଁ ।

କେତେକ ପ୍ରାଚୀନ ପୁରାଣ ଅନୁସାରେ ଲୋକମାନେ ସଂଯୋଗକ୍ରମେ ବିନା ଉଦ୍ଦେଶ୍ୟରେ ସୃଷ୍ଟ ହୋଇଥିଲେ, ଏବଂ କୌଣସି ସୃଷ୍ଟିକର୍ତ୍ତା ସେମାନଙ୍କୁ ପ୍ରେମ କରୁ ନ ଥିଲେ । କିନ୍ତୁ ବାଇବଲ ଶିକ୍ଷା ଦିଏ ଯେ ଆମେ ଏକ ବିଶେଷ ସୃଷ୍ଟି, ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ । ଏହାର ଅର୍ଥ କ'ଣ?

ମନୁଷ୍ୟମାନଙ୍କଠାରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ଅର୍ଥ ଶାରୀରିକ ସାଦୃଶ୍ୟ ନୁହେଁ ।

► ଆମେ କିପରି ଜାଣୁ ଯେ ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ଅର୍ଥ ଶାରୀରିକ ସାଦୃଶ୍ୟ ନୁହେଁ?

**(୧) ଈଶ୍ୱର ଏକ ଆତ୍ମା** (ଯୋହନ ୪:୨୪) । ଶଲୋମନ ହୃଦୟଙ୍ଗମ କଲେ ଯେ ସ୍ୱର୍ଗ ଓ ପୃଥିବୀ ଈଶ୍ୱରଙ୍କୁ ଧାରଣ କରି ନ ପରେ (୧ ରାଜାବଳୀ ୮:୨୭) । ଈଶ୍ୱର ଯେକୌଣସି ରୂପ ବାଛି ଆପଣାକୁ ଦେଖାଇ ପାରନ୍ତି, କିନ୍ତୁ ଈଶ୍ୱରଙ୍କ ପରି ଦେଖାଯାଉଥିବା ଗୋଟିଏ ରୂପ ନାହିଁ । ତାହା ହେଉଛି ଗୋଟିଏ କାରଣ ଯେ ଆମେ ପୂଜା କରିବା ପାଇଁ ଈଶ୍ୱରଙ୍କର କୌଣସି ପ୍ରତିମୂର୍ତ୍ତି ତିଆରି କରିବା ଅନୁଚିତ ।

**(୨) ଜଣେ ବ୍ୟକ୍ତି ଭଳି ଦେଖାଯାଉଥିବା ଈଶ୍ୱରଙ୍କ ମୂର୍ତ୍ତିକୁ ତିଆରି କରିବା ପ୍ରତିମାପୂଜା ଅଟେ** (ରୋମୀୟ ୧:୨୩ ପଢ଼ନ୍ତୁ) ।

**(୩) ପୃଥିବୀରେ ଜୀବନଯାପନ କରିବା ପାଇଁ ଲୋକମାନେ ଶାରୀରିକ ଭାବରେ ସୃଷ୍ଟ / ନିର୍ମିତ ହୋଇଛନ୍ତି ।** ସେଥିପାଇଁ ସେମାନଙ୍କର ଚାଲିବା ପାଇଁ ଗୋଡ଼, କୌଣସି ବସ୍ତୁକୁ ଚାଳିତ କରିବା ପାଇଁ ହାତ, ଏବଂ ଧାରଣା ପାଇଁ ଦୃଷ୍ଟି ଓ ଶ୍ରବଣଶକ୍ତି ଦିଆଯାଇଛି । ପୃଥିବୀରେ ଆମେ ଜୀବନଯାପନ କରିବା ପାଇଁ ସେ ପରିକଳ୍ପନା କରିଛନ୍ତି । କିନ୍ତୁ ଈଶ୍ୱର ସମଗ୍ର ବିଶ୍ୱରେ ବାସ କରନ୍ତି । ଆପଣା ବାକ୍ୟ ଦ୍ୱାରା ସେ ବିଭିନ୍ନ ବିଷୟକୁ ସୃଷ୍ଟି ଓ ଚାଳିତ କରିପାରିବେ । ଆମରି ପରି ତାଙ୍କର କୌଣସି ସୀମା ନାହିଁ । ମନୁଷ୍ୟ ଶରୀରର ରୂପ ତାହାଙ୍କର ଅଛି ବୋଲି ଭାବିବାର କୌଣସି କାରଣ ନାହିଁ ।

## ମନୁଷ୍ୟଜାତିକୁ ଦିଆଯାଇଥିବା ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ଉପାଦାନସମୂହ

► ମନୁଷ୍ୟର କିଛି ଗୁଣ କ'ଣ ଯାହା ଈଶ୍ୱରଙ୍କ ପ୍ରତିମୂର୍ତ୍ତିକୁ ପ୍ରତିଫଳିତ କରେ?

ଈଶ୍ୱରଙ୍କ ପ୍ରତିମୂର୍ତ୍ତି ମନୁଷ୍ୟ ବହନ କରେ ଏହାର ଅର୍ଥ କ'ଣ ଏବିଷୟରେ ପରମାର୍ଥବିତ୍ମାନେ ଅଧିକ ଚିନ୍ତା କରିଛନ୍ତି, ଏବଂ ଅଧିକାଂଶ ସହମତ ଯେ ନିମ୍ନଲିଖିତ ଗୁଣଗୁଡ଼ିକ ମନୁଷ୍ୟ ପାଖରେ ରହିଛି ।

### ସୃଜନଶୀଳ ପ୍ରବୃତ୍ତି

ଆମ ମଧ୍ୟରେ ଏକ ସୃଜନଶୀଳ ପ୍ରବୃତ୍ତି ଅଛି, ଯାହା ଆମ ଭିତରେ ଥିବା ଈଶ୍ୱରଙ୍କ ପ୍ରତିମୂର୍ତ୍ତିରୁ ବିକଶିତ ହୋଇଥାଏ । ଆମର ସୃଷ୍ଟିକର୍ତ୍ତା ଆମକୁ ସୃଜନଶୀଳ ହେବାକୁ ସୃଷ୍ଟି କରିଛନ୍ତି । ବେଳେବେଳେ ପଶୁମାନଙ୍କୁ ବିଭିନ୍ନ ଚିହ୍ନ ବା ଛାପ ଅଙ୍କନ କରିବାକୁ ପ୍ରଶିକ୍ଷିତ କରାଯାଏ ଯାହାକୁ ଲୋକମାନେ କଳା ବୋଲି କହୁଥିଲେ । କିନ୍ତୁ ତାହା ନିଜର କଳ୍ପନାରେ ପ୍ରସ୍ତୁତ କରିଥିବା ଜଣେ ବ୍ୟକ୍ତିର କଳାଠାରୁ ବହୁତ ଭିନ୍ନ ଅଟେ । ବିଭିନ୍ନ ଗୁମ୍ଫାଗୁଡ଼ିକରେ ପ୍ରାଚୀନ ଚିତ୍ରଗୁଡ଼ିକ ଆବିଷ୍କୃତ ହୋଇଛି । କେଉଁ ଲୋକମାନେ ସେଗୁଡ଼ିକ ଆଙ୍କିଥିଲେ ଆମେ ସେମାନଙ୍କ ବିଷୟରେ ଅଧିକ କିଛି ଜାଣି ନାହିଁ, କିନ୍ତୁ ନିଃସନ୍ଦେହରୂପେ କୁହାଯାଇପାରିବ ଯେ ସେସବୁ ମନୁଷ୍ୟମାନଙ୍କ ଦ୍ୱାରା ଅଙ୍କିତ ପଶୁମାନଙ୍କ ଦ୍ୱାରା ନୁହେଁ ।

ସଙ୍ଗୀତରେ ମଧ୍ୟ ସୃଜନଶୀଳତା ପ୍ରକାଶ ପାଇପାଏ । ଆମର ଚିନ୍ତାଧାରା ଓ ଭାବନାକୁ ପ୍ରକାଶ କରିବାକୁ ସଙ୍ଗୀତରେ ଏକ ଅଦ୍ଭୁତ କ୍ଷମତା ରହିଛି । ସଙ୍ଗୀତ ମାଧ୍ୟମରେ ଧାରଣାସବୁ ଯୋଗାଯୋଗ କରିବାର କ୍ଷମତା ଆମ ଭିତରେ ଥିବା ଈଶ୍ୱରଙ୍କର ପ୍ରତିମୂର୍ତ୍ତିରୁ ଆସିଥାଏ ।

### ଚିନ୍ତା କରିବାର କ୍ଷମତା

ଚିନ୍ତା କରିବାର ସାମର୍ଥ୍ୟ ଅନ୍ୟ ଏକ ଈଶ୍ୱରଙ୍କ ସଦୃଶ କ୍ଷମତା । ପଶୁମାନଙ୍କର ମଧ୍ୟ ମସ୍ତିଷ୍କ ଅଛି । କିନ୍ତୁ ଆମେ ଯାହା କରିପାରୁ, ପଶୁମାନଙ୍କ ମସ୍ତିଷ୍କର କାର୍ଯ୍ୟକଳାପ ସେମାନଙ୍କ ମୌଳିକ ସହଜାତି ପ୍ରବୃତ୍ତି ଓ ତାତକ୍ଷଣିକ ଅନ୍ତର୍ଦୃଷ୍ଟି ସ୍ତରରୁ ଉପରକୁ ଉଠେ ନାହିଁ । କେବଳ ମନୁଷ୍ୟମାନେ ବିଶ୍ଳେଷଣ, ମୂଲ୍ୟାଙ୍କନ ଏବଂ ପ୍ରତିଫଳିତ କରିବାରେ ସକ୍ଷମ ଅଟନ୍ତି, ତା' ପରେ ପ୍ରବର୍ତ୍ତନାମୂଳକଭାବେ ଯୋଗାଯୋଗ କରନ୍ତି ।

ଆମେ କେବଳ ଚିନ୍ତା କରି ନ ଥାଉ, ଆମ ମଧ୍ୟ ଚିନ୍ତା କରିବା ବିଷୟରେ ଚିନ୍ତା କରିପାରିବା । ଆମେ ଚିନ୍ତା ପ୍ରକ୍ରିୟାର ବିଶ୍ଳେଷଣ କରିପାରିବା । ଆମେ ଯେ କେବଳ ଯୁକ୍ତିଯୁକ୍ତ ଭାବରେ ଚିନ୍ତା କରିପାରୁ, ତା' ନୁହେଁ ଆମେ ମଧ୍ୟ ତର୍କ କରିବା ବିଷୟରେ ଚିନ୍ତା କରିପାରିବା ।

## ଯୋଗାଯୋଗ କରିବାର କ୍ଷମତା

ମନୁଷ୍ୟର ଯୋଗାଯୋଗ କରିବାର କ୍ଷମତା ଅଛି । ଏହା ଭାଷାର ବ୍ୟବହାର ଦ୍ୱାରା ପ୍ରଦର୍ଶିତ ହୁଏ, ଯେଉଁଠାରେ ଧାରଣାସବୁକୁ ଧ୍ୱନି କିମ୍ବା ସଂକେତ ମାଧ୍ୟମରେ ବ୍ୟକ୍ତ କରାଯାଏ ଯାହା ଅନ୍ୟ ଲୋକମାନେ ବୁଝନ୍ତି । କୁକୁର ଓ ପକ୍ଷୀପରି ଜୀବଜନ୍ତୁ ଶବ୍ଦ ମାଧ୍ୟମରେ ଯୋଗାଯୋଗ କରିପାରନ୍ତି, କିନ୍ତୁ ପଶୁମାନେ ମାନବ ଭାଷାର ଜଟିଳତାକୁ ବୁଝିପାରନ୍ତି ନାହିଁ । ଅନ୍ୟମାନଙ୍କୁ ଡରାଇବା, ନିଜ ଅଞ୍ଚଳ ଦାବି କରିବା, ବା ଖାଦ୍ୟ ବାଣ୍ଟିବା ପାଇଁ ପଶୁମାନଙ୍କର ଉପାୟ ଅଛି, କିନ୍ତୁ ଜୀବନର ଅର୍ଥ ବିଷୟରେ ସେମାନେ ଆଲୋଚନା କରନ୍ତି ନାହିଁ ।

ଯୋଗାଯୋଗ କରିବାର କ୍ଷମତା ଚିନ୍ତା କରିବା ଓ ତର୍କ କରିବାର ସାମର୍ଥ୍ୟ ଉପରେ ନିର୍ଭର କରେ । ପଶୁମାନେ ଶବ୍ଦ ଉଚ୍ଚାରଣ କରି କହିପାରନ୍ତି ନାହିଁ । ଯଦିବା ସେମାନେ କହିପାରନ୍ତେ ସେମାନେ ଅଧିକ କିଛି କହିପାରିବେ ନାହିଁ ।

## ସାମାଜିକ ସ୍ୱଭାବ

ମନୁଷ୍ୟମାନଙ୍କର ଏକ ସାମାଜିକ ସ୍ୱଭାବ ଅଛି । ଆମମାନଙ୍କୁ ଏପରି ପରିକଳ୍ପନା କରାଯାଇଛି ଯେ ଆମେ ଅନ୍ୟମାନଙ୍କ ସହିତ ଭାବର ଆଦାନପ୍ରଦାନ କରିପାରୁ, ଅନ୍ୟମାନଙ୍କୁ ପ୍ରତିଶ୍ରୁତି ଦେଉ, ଏବଂ ଅନ୍ୟମାନଙ୍କ ଉପରେ ନିର୍ଭର କରୁ । ଆମେ ଅନ୍ୟମାନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇ ଜୀବନ ଆରମ୍ଭ କରୁ, ଏବଂ ଜଣେ ପିଲାଟି ବୟସ୍କ ହେବା ପାଇଁ ଅନେକ ବର୍ଷ ଲାଗିଯାଏ । କାରଣ ଈଶ୍ୱରଙ୍କ ଦୃଷ୍ଟିରେ ସମ୍ପର୍କସମୂହ ଗୁରୁତ୍ୱପୂର୍ଣ୍ଣ ।

ଈଶ୍ୱର ମନୁଷ୍ୟ ଜୀବନକୁ ଏପରି ପରିକଳ୍ପନା କରିଛନ୍ତି ଯେ ଲୋକମାନେ ଏକତ୍ର କାର୍ଯ୍ୟ କରିବାକୁ ଓ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସମ୍ପର୍କ ବଜାୟ ରଖିବାକୁ ହେବ । ଯଦିବା ଜଣେ ବ୍ୟକ୍ତି ବିନା ସାହାଯ୍ୟରେ ଖାଦ୍ୟ ଓ ଆଶ୍ରୟସ୍ଥଳ ପାଏ, ତେବେ ତା'ର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାସବୁ ରହିବ ଯାହା କେବଳ ଅନ୍ୟମାନଙ୍କ ସହିତ ସମ୍ପର୍କରେ ରହିଲେ ପୂରଣ ହେବ । ମନୁଷ୍ୟଜାତିର ସାମାଜିକ ସ୍ୱଭାବ ଈଶ୍ୱରଙ୍କ ସ୍ୱଭାବକୁ ପ୍ରତିଫଳିତ କରେ । ଈଶ୍ୱରତ୍ରି-ଏକ ଅଟନ୍ତି ଏବଂ ଅନାଦିକାଳରୁ ସମ୍ପର୍କରେ ରହି ଆସୁଛନ୍ତି ।

ମାନବିକ ସମ୍ପର୍କରେ ଅନେକ ସମସ୍ୟା ଅଛି । ସମସ୍ୟା ହେତୁ, କିଛି ଲୋକ ଭାବନ୍ତି ଯେ ସେମାନେ ଅଧିକ ସ୍ୱାଧୀନ ହେବା ଆବଶ୍ୟକ । ସେମାନେ କାହା ଉପରେ ନିର୍ଭର ନ କରି ବଞ୍ଚିବାକୁ ଚାହାନ୍ତି । ଏକାକୀ ବାସ କରିବା ସମାଧାନ ନୁହେଁ ଏବଂ ଏପ୍ରକାର ଜୀବନ ଈଶ୍ୱର ଆମ ପାଇଁ ପରିକଳ୍ପନା କରିନାହାନ୍ତି । ଏହା ପରିବର୍ତ୍ତେ, ସେ ଆମକୁ ସମ୍ପର୍କରେ ରହିବା ପାଇଁ ନୀତି ପ୍ରଦାନ କରିଛନ୍ତି । ଯେତେବେଳେ ଆମେ ଈଶ୍ୱରଙ୍କ ପରିକଳ୍ପନା ଅନୁସରଣ କରୁ ନାହୁଁ ସେତେବେଳେ ସମସ୍ୟା ଆସେ ।

### ନୈତିକ ବୋଧ

> "ଆଜି ଲୋକମାନେ ମନୁଷ୍ୟର ସମ୍ମାନକୁ ବଜାୟ ରଖିବାକୁ ଚାହାନ୍ତି, କିନ୍ତୁ ସେମାନେ ଜାଣନ୍ତି ନାହିଁ କିପରି ଏହା କରିବେ, କାରଣ ସେମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ମନୁଷ୍ୟ ସୃଷ୍ଟି ହୋଇଥିବା ସତ୍ୟକୁ ହରାଇଛନ୍ତି..... ଆମେ ଆମର ସଂସ୍କୃତିରେ ଏହାର ପ୍ରଭାବ ଲାଗୁ ହେବା ଦେଖୁ, କାରଣ ଯେତେବେଳେ ତୁମେ ଯଥେଷ୍ଟ ସମୟ ଧରି ଲୋକମାନଙ୍କୁ କହିବ ଯେ ସେମାନେ ମେସିନ୍ ଅଟନ୍ତି, ଏହା ଶୀଘ୍ର ସେମାନଙ୍କ କାର୍ଯ୍ୟରେ ଦେଖାଇବା ଆରମ୍ଭ କରେ ।"
> – Francis A. Schaeffer

ଆମର ଏକ ନୈତିକ ବୋଧ ଅଛି ଯାହା ଆମ ସ୍ୱଭାବର ଅଂଶ ବିଶେଷ । ଆମ ଭିତରେ କିଛି ଅଛି ଯାହା ଆମକୁ କହିଥାଏ ଯେ କିଛି କାର୍ଯ୍ୟ ଠିକ୍ ଓ କିଛି କାର୍ଯ୍ୟ ଭୁଲ (ରୋମୀୟ ୧:୨୦; ରୋମୀୟ ୨:୧୫ ପଢ଼ନ୍ତୁ) । ଏହା ଆମକୁ କହିଥାଏ କେତେବେଳେ ଏକ ଇଚ୍ଛାକୁ ଅନୁସରଣ କରିବା ଠିକ୍ ହେବ ଏବଂ କେତେବେଳେ ଆମେ ତାହା କରିବା ଉଚିତ ନୁହେଁ । ଆଦମ ଓ ହବା ପବିତ୍ର ଭାବରେ ସୃଷ୍ଟ ହୋଇଥିଲେ ଏବଂ ଈଶ୍ୱରଙ୍କ ଇଚ୍ଛା ଅନୁସରଣ କରିବା ପାଇଁ ସମ୍ପୂର୍ଣ୍ଣ ସକ୍ଷମ ଥିଲେ ।

ଯେହେତୁ ମନୁଷ୍ୟ ଜାତି ପାପରେ ପତିତ ହୋଇ ସେହି ମୌଳିକ ନୈତିକ ବୋଧରେ କ୍ଷତି ପହଞ୍ଚାଇଛି, ଏହା ସମ୍ପୂର୍ଣ୍ଣ ସଠିକ୍ ନୁହେଁ, କିନ୍ତୁ ଆମ ପ୍ରତ୍ୟେକଙ୍କ ମଧ୍ୟରେ ଠିକ୍ ଓ ଭୁଲର ଧାରଣାକୁ ବୁଝିବାର କ୍ଷମତା ଏବେ ମଧ୍ୟ ରହିଛି।

ଯେହେତୁ ଆମଠାରେ ଏକ ନୈତିକ ବୋଧ ରହିଛି, ଠିକ୍ କାମ କରିବାର କର୍ତ୍ତବ୍ୟ ବୋଧ ଆମଠାରେ ଅଛି, ଏବଂ ଯଦି ଆମେ ପାପ କରୁ, ଆମେ ଦୋଷୀ ଅଟୁ । ଆମେ ପଶୁମାନଙ୍କ ପରି ନୋହୁଁ, ସେମାନେ ଦୋଷର ଭାବନା ବିନା ସେମାନଙ୍କର ସ୍ୱାଭାବିକ ସହଜାତ ପ୍ରବୃତ୍ତିର ଅନୁସରଣ କରନ୍ତି ।

### ପସନ୍ଦ କରିବାର କ୍ଷମତା

ସ୍ୱାଧୀନ ଇଚ୍ଛା, କିମ୍ବା ମନୋନୟନ କ୍ଷମତା, ମନୁଷ୍ୟର ବିଶିଷ୍ଟତା ଅଟେ । ଏହାର ବିପରୀତରେ, ପଶୁମାନଙ୍କର ମନୋନୟନ କ୍ଷଣିକ ପ୍ରେରଣା ଏବଂ ସହଜାତ ପ୍ରବୃତ୍ତି ସ୍ତରରେ ହୋଇଥାଏ । ପଶୁମାନେ ଯତ୍ନଶୀଳ, ସୁଚିନ୍ତିତ ନିଷ୍ପତ୍ତି ନିଅନ୍ତି ନାହିଁ ଯାହା ସେମାନଙ୍କ କାର୍ଯ୍ୟର ନୈତିକତା କିମ୍ବା ବ୍ୟାବହାରିକ ପରିଣାମକୁ ବିଚାର କରେ । ମନୁଷ୍ୟର ଅର୍ଥପୂର୍ଣ୍ଣ, ଜୀବନ ପରିବର୍ତ୍ତନକାରୀ ମନୋନୟନ କରିବାର କ୍ଷମତା ଅଛି (ଯିହୋଶୂୟ ୨୪:୧୫ ପଢ଼ନ୍ତୁ) ।

► ସ୍ୱାଧୀନ ଇଚ୍ଛା ମନୁଷ୍ୟଜାତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ କାହିଁକି?

ଯେହେତୁ ଆମେ ପ୍ରକୃତରେ ପସନ୍ଦ କରୁ, ଆମେ ଈଶ୍ୱରଙ୍କ ନିକଟରେ ଉତ୍ତରଦାୟୀ ଅଟୁ । ସେ ପାପର ବିଚାର କରିବେ ଏବଂ ଧାର୍ମିକତାକୁ ପୁରସ୍କାର ଦେବେ (ପ୍ରକାଶିତ ବାକ୍ୟ ୨୦:୧୨-୧୩) ।

ଯେହେତୁ ଆମେ ଏକ ପାପପୂର୍ଣ୍ଣ ସ୍ୱଭାବ ନେଇ ଜନ୍ମ ନେଇଛୁ, ଆମେ ସ୍ୱାଭାବିକ ଭାବରେ ଆମର ସ୍ୱାଧୀନ ଇଚ୍ଛାକୁ ଏପରି ଭାବରେ ବ୍ୟବହାର କରୁନାହୁଁ ଯାହା ଈଶ୍ୱରଙ୍କୁ ସମ୍ମାନିତ କରେ । ଜଣେ ବ୍ୟକ୍ତି ସ୍ୱଭାବତଃ ପାପର ଦାସ ଅଟେ (ରୋମୀୟ ୬:୧୬-୧୭, ଏଫିସୀୟ ୨:୧-୩ ପଢ଼ନ୍ତୁ), ଯଥାର୍ଥ କାର୍ଯ୍ୟ କରିବାକୁ ଅସମର୍ଥ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ପ୍ରତ୍ୟେକ ବ୍ୟକ୍ତି

ନିକଟରେ ପହଂଚିଥାଏ, ଯାହା ସୁସମାଚାର ପ୍ରତି ଉତ୍ତର ଦେବାକୁ ଇଚ୍ଛା ଓ ସାମର୍ଥ୍ୟ ପ୍ରଦାନ କରିଥାଏ । ସେଥିପାଇଁ ଜଣେ ବ୍ୟକ୍ତି ମନପରିବର୍ତ୍ତନ କରିବା ଓ ସୁସମାଚାରରେ ବିଶ୍ୱାସ କରିବାକୁ ମନୋନୟନ କରିପାରେ (ମାର୍କ ୧:୧୫ ପଢ଼ନ୍ତୁ) ।

### ଅମରତା

ଅମରତା ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ଏକ ଅତ୍ୟାବଶ୍ୟକ ଗୁଣ । ଏକ ସମୟ ଥିଲା ଯେତେବେଳେ ଆମେ ବିଦ୍ୟମାନ ନ ଥିଲୁ, କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ମାତାର ଗର୍ଭରେ ରହିବା ପରଠାରୁ ସବୁଦିନ ପାଇଁ ବିଦ୍ୟମାନ ରହିବ । ଆମେ କେବଳ ଶାରୀରିକ ପ୍ରାଣୀ ନୋହୁଁ, ବରଂ ଆମେ ମଧ୍ୟ ଆତ୍ମା ଅଟୁ ଯାହା ଚିରଦିନ ପାଇଁ ବଞ୍ଚିବେ, ଏବଂ ଆମ ଶରୀର ମଧ୍ୟ ଅନନ୍ତ ରୂପରେ ପୁନରୁତ୍ଥିତ ହେବ (୧କରିନ୍ଥୀୟ ୧୫:୧୬-୨୨, ୫୨-୫୪ ପଢ଼ନ୍ତୁ) । ଈଶ୍ୱର ଆମ ପ୍ରତ୍ୟେକଙ୍କୁ ଏକ ଅନନ୍ତ ଉଦ୍ଦେଶ୍ୟ ପାଇଁ ସୃଷ୍ଟି କଲେ । ଅମରତା ଆମର ପସନ୍ଦକୁ ଚିରସ୍ଥାୟୀ କରିଥାଏ କାରଣ ଆମେ ସ୍ୱର୍ଗ କିମ୍ବା ନରକରେ ଚିରକାଳ ପାଇଁ ବାସ କରିବା ।

### ପ୍ରେମ କରିବାର କ୍ଷମତା

ପ୍ରେମ କରିବାର କ୍ଷମତା ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ଏକ ଅଂଶ । ପଶୁମାନଙ୍କ ମଧ୍ୟରେ ସମ୍ପର୍କ ବହୁତ ସୀମିତ, ଏବଂ ପ୍ରାୟଶଃ ସହଜାତ ପ୍ରବୃତ୍ତି ଦ୍ୱାରା ନିୟନ୍ତ୍ରିତ ।

ମନୁଷ୍ୟଜାତିର ଅନ୍ୟାନ୍ୟ ବିଶିଷ୍ଟତା ଏହା ପାଇଁ ଗୁରୁତ୍ୱପୂର୍ଣ୍ଣ । ପ୍ରେମ ଅର୍ଥପୂର୍ଣ୍ଣ ହେବ ନାହିଁ ଯଦି ଆମର ଯୋଗାଯୋଗ କରିବାର କ୍ଷମତା ନାହିଁ, ଯେଉଁମାନଙ୍କୁ ଆମେ ଭଲ ପାଉ ସେମାନଙ୍କ ପାଇଁ ମନୋନୟନ କରିବା ଓ ପ୍ରତିଶ୍ରୁତି ଦେବାର କ୍ଷମତା, ଏବଂ ଯେତେବେଳେ ଆମେ ଅନ୍ୟମାନଙ୍କ ପ୍ରେମ ଗ୍ରହଣ କରୁ ବୁଝାମଣାର ସହ ତା'ର ଉତ୍ତର ଦେବାର କ୍ଷମତା ଯଦି ଆମର ନ ଥାଏ ।

ମନୁଷ୍ୟର ପ୍ରେମ ଏକ ସମ୍ପର୍କରୁ ଆନନ୍ଦରେ ପ୍ରକାଶ କରାଯାଇଥାଏ, ପ୍ରତିଜ୍ଞା କରିବା ଓ ପାଳନ କରିବା, ତ୍ୟାଗ ସ୍ୱୀକାରକାରୀ ଦାନ ଦେବା ଓ ସେବା କରିବା, ଏବଂ କ୍ଷମା ଦେବା । ଏହି ସମସ୍ତ ଈଶ୍ୱରଙ୍କ ପ୍ରେମର ଅଭିବ୍ୟକ୍ତି ।

### ପୂଜା ଉପାସନା କରିବାର କ୍ଷମତା

ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ପୂଜା ଉପାସନା କରିବା ପାଇଁ ଆମର କ୍ଷମତା । ଆପଣଙ୍କର ପ୍ରିୟ ଖ୍ରୀଷ୍ଟୀୟ ଉପାସନା ଗୀତଗୁଡ଼ିକ ବିଷୟରେ ଚିନ୍ତା କରନ୍ତୁ । ଇଂରାଜୀ ଭାଷାରେ, "Our God is an awesome God", "How Great Thou Art" ଭଳି କାଳାତୀତ ଉପାସନା ଗୀତିମାନ ରହିଛି । (ପ୍ରତ୍ୟେକ ଭାଷାରେ ଏହିପରି ଉପାସନାର ଗୀତମାନ ରହିଛି) । ଗୀତରଚକ ବିସ୍ମୟ ପ୍ରକାଶ କରି କହିଲେ, "ହେ ମୋହର ମନ, ସଦାପ୍ରଭୁଙ୍କର ଧନ୍ୟବାଦ କର, ହେ ମୋହର ଅନ୍ତରସ୍ଥ ସମସ୍ତ, ତାହାଙ୍କ ପବିତ୍ର ନାମର ଧନ୍ୟବାଦ କର" (ଗୀତସଂହିତା ୧୦୩:୧) । ଏହିପରି ଅଭିବ୍ୟକ୍ତିଗୁଡ଼ିକ ସମ୍ଭବ କାରଣ ଆମ ଭିତରେ ଥିବା ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଈଶ୍ୱରଙ୍କୁ ଚିହ୍ନିଥାଏ ଏବଂ ଉତ୍ତର ଦେଇଥାଏ, ଯାହାଙ୍କ ପ୍ରତିମୂର୍ତ୍ତିରେ ଆମେ ନିର୍ମିତ ହୋଇଛୁ !

## ମନୁଷ୍ୟଜାତିରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ଉଦ୍ଦେଶ୍ୟ

ଈଶ୍ୱର କାହିଁକି ତାଙ୍କ ପ୍ରତିମୂର୍ତ୍ତିରେ ଆମକୁ ସୃଷ୍ଟି କଲେ କିଛି ସମୟ ନେଇ ଚିନ୍ତା କରିବା ଭଲ । ସୃଷ୍ଟିର ଅବଶିଷ୍ଟ ବିଷୟ ବା ପ୍ରାଣୀଙ୍କଠାରୁ ଆମେ କାହିଁକି ଭିନ୍ନ ଅଟୁ? ଉତ୍ତର ହେଉଛି ଯେ ଆମେ ଈଶ୍ୱରଙ୍କ ସହିତ ସମ୍ପର୍କ ରଖିବା ଏବଂ ତାଙ୍କୁ ପୂଜା ଉପାସନା କରିବା ପାଇଁ ସ୍ୱତନ୍ତ୍ର ଭାବରେ ପରିକଳ୍ପିତ ।

ବାଇବଲ କହେ ସେ ସମଗ୍ର ସୃଷ୍ଟି ସାଧାରଣ ଭାବରେ ଈଶ୍ୱରଙ୍କୁ ଗୌରବାନ୍ୱିତ କରିଥାଏ । ଈଶ୍ୱର ସୃଷ୍ଟି କରିଥିବା ବିଭିନ୍ନ ବିଷୟସବୁରେ ଆମେ ତାଙ୍କର ମହାନତା ଦେଖୁ । କିନ୍ତୁ ଅନ୍ୟ ଜୀବମାନେ କିଛି ବୁଝି ନ ପାରି ସୁଦ୍ଧା ଈଶ୍ୱରଙ୍କୁ ଗୌରବ ଦିଅନ୍ତି । ଈଶ୍ୱର କିପରି ଅଟନ୍ତି ତାହା ସେମାନେ ବୁଝିପାରିବେ ନାହିଁ କାରଣ ସେମାନଙ୍କର ଏପରି ସ୍ୱଭାବ ନାହିଁ ଯାହା ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିପାରେ ।

ଆମେ ଈଶ୍ୱରଙ୍କ ଅସୀମ ସୃଜନଶୀଳତାକୁ ପ୍ରଶଂସା କରିପାରିବା କାରଣ ଆମଠାରେ କିଛି ସୃଜନଶୀଳତା ଅଛି । ଆମେ ତାଙ୍କର ପବିତ୍ରତା ଓ ଧାର୍ମିକତାକୁ ଉପାସନା କରିପାରିିବା କାରଣ ଆମଠାରେ ଭଲ ଓ ମନ୍ଦର ବୋଧ ଅଛି । ତାଙ୍କର ଅସୀମ ପ୍ରେମ ଆମକୁ ଅଭିଭୂତ କରେ କାରଣ ଆମର ପ୍ରେମ କରିବାର କ୍ଷମତା ଅଛି ।

କେବଳ ବୌଦ୍ଧିକ ଜ୍ଞାନରେ ନୁହେଁ ବରଂ ସମ୍ପର୍କରେ ଆମେ ଈଶ୍ୱରଙ୍କୁ ଯେତେ ଭଲ ଭାବେ ଜାଣିବା, ଆମେ ତାଙ୍କୁ ସେତେ ଅଧିକ ପ୍ରେମ ଓ ଉପାସନା କରିପାରିବା । ଈଶ୍ୱରଙ୍କ ସହିତ ସମ୍ପର୍କରେ ରହିଲେ ଆମେ ଆନନ୍ଦ ଓ ପୂର୍ଣ୍ଣତା ଲାଭ କରୁ କାରଣ ସେ ଏହି ସମ୍ପର୍କ ରକ୍ଷା ନିମନ୍ତେ ଆମମାନଙ୍କର ପରିକଳ୍ପନା କରିଛନ୍ତି ।

## ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରା

**(୧) ସମସ୍ତ ମାନବଠାରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଅଛି** (ଆଦିପୁସ୍ତକ ୧:୨୭) । ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ମାନସିକ ସୀମିତତା ହେତୁ ବିଚାର ବିମର୍ଷ, ଯୁକ୍ତି କରିପାରିବେ ନାହିଁ, ନିଜକୁ ସୃଜନଶୀଳ ଭାବରେ ପ୍ରକାଶ କରିପାରିବେ ନାହିଁ ବା ସ୍ୱାଧୀନ ଇଚ୍ଛାର ପ୍ରୟୋଗ କରିପାରିବେ ନାହିଁ । ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସେମାନେ ସୃଷ୍ଟ, କିନ୍ତୁ ଏହା ସେମାନଙ୍କର ପାର୍ଥିବ ଜୀବନରେ ପୂର୍ଣ୍ଣ ହୋଇ ନ ପାରେ ।

**(୨) ପ୍ରତ୍ୟେକ ମାନବ ଜୀବନର ଅନନ୍ତ ଓ ଅସୀମ ମୂଲ୍ୟ ଅଛି** । ବେଳେବେଳେ ଆମେ ଜଣେ ବ୍ୟକ୍ତିର ବ୍ୟାବହାରିକ ମୂଲ୍ୟ, ଯଥା: ତାର ବୁଦ୍ଧି, ଶିକ୍ଷା, ପ୍ରତିଭା, କିମ୍ବା ଶକ୍ତି ପରି ବିଷୟଗୁଡ଼ିକ ଲକ୍ଷ୍ୟ କରୁ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତିର ଏକ ମୂଲ୍ୟ ଅଛି ଯାହା ତାର ବ୍ୟାବହାରିକ ମୂଲ୍ୟଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କାରଣ ସେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ । ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତି ମନୁଷ୍ୟଭାବରେ ସମ୍ମାନର ଯୋଗ୍ୟ, ଯଦିବା ତା'ଠାରେ ବିଭିନ୍ନ ବିଷୟର ଅଭାବ ରହିଥାଏ ଯାହା ଲୋକଙ୍କୁ ବ୍ୟାବହାରିକ ମୂଲ୍ୟ ଦେଇଥାଏ, ସେ ଦୁଷ୍ଟ ବ୍ୟକ୍ତି ହୋଇଥିଲେ ସୁଦ୍ଧା । ଈଶ୍ୱରଙ୍କ ପ୍ରତିମୂର୍ତ୍ତି ମଧ୍ୟ କାରଣସ୍ୱରୂପ ହୋଇଥାଏ ଯେ ପ୍ରତ୍ୟେକ ସନ୍ତାନ

ଈଶ୍ୱରଙ୍କ ଦୃଷ୍ଟିରେ ମୂଲ୍ୟବାନ, ଏବଂ ଗର୍ଭପାତ ଏକ ଭୟଙ୍କର ପାପ (ଆଦିପୁସ୍ତକ ୯:୬; ଗୀତସଂହିତା ୧୩୯:୧୩, ୧୪; ଯିଶାଇୟ ୪୪:୨୪) ।

**(୩) ସୃଷ୍ଟିରେ ଦୂତମାନେ ମଧ୍ୟ ଅନନ୍ୟ** । ସେମାନଙ୍କର ଉଚ୍ଚ ବୁଦ୍ଧି, ବିଚାର ଶକ୍ତି, ଯୋଗାଯୋଗ କ୍ଷମତା, ଓ ଉପାସନା କ୍ଷମତା ଅଛି । ତେଣୁ ସେମାନଙ୍କଠାରେ ମଧ୍ୟ ଈଶ୍ୱରଙ୍କର ପ୍ରତିମୂର୍ତ୍ତିର କିଛି ଦିଗ ରହିଛି ଓ ଧର୍ମଶାସ୍ତ୍ରରେ ସେମାନଙ୍କୁ ଈଶ୍ୱରଙ୍କ ପୁତ୍ର କୁହାଯାଏ (ଆୟୁବ ୧:୬) । ଆମେ ବର୍ତ୍ତମାନ ସେମାନଙ୍କ ଅପେକ୍ଷା ଅଳ୍ପ ମାତ୍ର ନ୍ୟୁନୀକୃତ ଅଟୁ (ଗୀତସଂହିତା ୮:୫), ତଥାପି ସେମାନେ ଆମର ସେବା କରନ୍ତି (ଏବ୍ରୀ ୧:୧୪) । କିନ୍ତୁ ଅନନ୍ତକାଳରେ, ଆମେ ସ୍ୱର୍ଗଦୂତମାନଙ୍କ ଅପେକ୍ଷା ଉଚ୍ଚସ୍ଥାନରେ ରହିବୁ (୧ କରିନ୍ଥୀୟ ୬:୩ ପଢ଼ନ୍ତୁ) ଏବଂ ଖ୍ରୀଷ୍ଟଙ୍କ ସହିତ ଶାସନ କରିବୁ । ଏହା ସୂଚିତ କରେ ଯେ ସ୍ୱର୍ଗଦୂତମାନଙ୍କ ଅପେକ୍ଷା ମନୁଷ୍ୟମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଅଧିକ ସମ୍ପୂର୍ଣ୍ଣ ଭାବରେ ନିର୍ମିତ ହୋଇଛନ୍ତି ।

**(୪) ଜଗତ ଏହାର ମୂଳରୂପରେ ନାହିଁ** । ଜଣେ ଦକ୍ଷ କଳାକାରଙ୍କ ଦ୍ୱାରା ଅଙ୍କା ଯାଇଥିବା ଏକ ସୁନ୍ଦର ଚିତ୍ରର କଳ୍ପନା କରନ୍ତୁ । କଳ୍ପନା କରନ୍ତୁ ଯେ ଚିତ୍ରଟି ଚଟାଣରେ ଫିଙ୍ଗି ଦିଆଯାଇଛି, ଏବଂ ଲୋକମାନେ କାଦୁଅ ଜୋତା ସହିତ ଏହା ଉପରେ ଚାଲିଛନ୍ତି । ଯଦି ଆପଣ ଚିତ୍ରଟିକୁ ଦେଖନ୍ତି, ଆପଣ ତଥାପି ସେହି ମହାନ ପ୍ରତିଭାକୁ ଦେଖିପାରିବେ ଯାହା ଏହାକୁ ତିଆରି କରିଥିଲା । କିନ୍ତୁ ଚିତ୍ରକାରଟି ଯେତେବେଳେ ଏହା ଶେଷ କଲା ସେତେବେଳେ ଚିତ୍ରଟି ସେପରି ନ ଥିଲା । ସୃଷ୍ଟି ଠିକ୍ ସେହିପରି ଅଟେ । ଈଶ୍ୱର ଯାହା ଚାହୁଁଥିଲେ ଠିକ୍ ସେପରି ନୁହେଁ, କିନ୍ତୁ ତାଙ୍କର ଗୌରବ ଏପର୍ଯ୍ୟନ୍ତ ଦେଖାଯାଉଛି ।

**(୫) ପାପ ଲୋକମାନଙ୍କ ମଧ୍ୟରେ "ଈଶ୍ୱରଙ୍କ ସଦୃଶ" ସାମର୍ଥ୍ୟକୁ ବିକୃତ କରିଦେଇଛି** । ଉଦାହରଣ ସ୍ୱରୂପ, କଳାତ୍ମକ ଅଭିବ୍ୟକ୍ତି ଏକ ଦୁଷ୍ଟ ହୃଦୟକୁ ପ୍ରକାଶ କରିପାରେ ଏବଂ ଶୟତାନର ଏକ ସାଧନ ହୋଇପାରେ, ଯଦିବା ଏହି ଦାନ ଈଶ୍ୱରଙ୍କଠାରୁ ଆସିଥାଏ । ତଥାପି, ଅନୁଗ୍ରହର ହସ୍ତକ୍ଷେପ ହେତୁ, ପାପ ଆମ ମଧ୍ୟରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିକୁ ସମ୍ପୂର୍ଣ୍ଣରୂପେ ନଷ୍ଟ କରିନାହିଁ । ଅନୁଗ୍ରହ ଦ୍ୱାରା ଆମ ଭିତରେ ଥିବା ଈଶ୍ୱରଙ୍କ ପ୍ରତିମୂର୍ତ୍ତି ନବୀକରଣ, ବିକଶିତ ହୋଇ ଆମ ସୃଷ୍ଟିକର୍ତ୍ତାଙ୍କ ଗୌରବାର୍ଥେ ପ୍ରକାଶ କରାଯାଇପାରିବ (କଲସୀୟ ୩:୧୦; ଏଫିସୀୟ ୪:୨୨-୨୪; ୨ କରିନ୍ଥୀୟ ୩:୧୮ ପଢ଼ନ୍ତୁ) ।

**(୬) ଆମ ଭିତରେ ଥିବା ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ** । ଆମ ଭିତରେ ଥିବା ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଆମ ପାଇଁ ସୁସମାଚାରର ଉତ୍ତର ଦେବା ସମ୍ଭବ କରେ । ଆମର ନୈତିକ ବୋଧ ଅନୁଗ୍ରହ ପାଇଁ ଆମର ବିବେକକୁ ଜାଗ୍ରତ କରିବା ଏବଂ ଆମକୁ ପାପର ବୋଧ ଦେବା ସମ୍ଭବ କରେ । ଆମ ଭିତରେ କାର୍ଯ୍ୟକାରୀ ଅନୁଗ୍ରହ ଦ୍ୱାରା ସ୍ୱାଧୀନ ଇଚ୍ଛା ପୁନଃସ୍ଥାପିତ ହୁଏ ଏବଂ ଆମେ କାହାର ସେବା କରିବା ତାହା ମନୋନୟନ କରିବା ସମ୍ଭବ କରିଥାଏ । ଆମର ସୃଜନଶୀଳ ପ୍ରବୃତ୍ତି ମାଧ୍ୟମରେ ଆମେ ଈଶ୍ୱରଙ୍କ ପାଇଁ ଗୌରବ ଓ ସମ୍ଭ୍ରମ ଆଣିପାରିବା । ବିଚାର ଶକ୍ତିକୁ ଉପଯୋଗ କରି, ଆମେ ଲୁକ୍କାୟିତ ସତ୍ୟସବୁ ଖୋଜିପାରିବା ଏବଂ ଈଶ୍ୱର ଓ ତାଙ୍କର ମାର୍ଗସକଳ ବିଷୟରେ କିଛି ବୁଝିପାରିବା । ଈଶ୍ୱରଙ୍କ ବୁଝିବା ନିମନ୍ତେ ଆମର ଅନୁସନ୍ଧାନ ଉପାସନାରେ ପରିଣତ ହୁଏ ଯେତେବେଳେ ଆମେ ଆମର ସୃଷ୍ଟିକର୍ତ୍ତାଙ୍କର ପରମ ଭୟାନକତା

ବିଷୟରେ ଅଧିକରୁ ଅଧିକ ସଚେତନ ହୋଇଥାଉ ଯେ କି ଆମକୁ ତାଙ୍କର ମହା ଅନୁଗ୍ରହରେ ଗୌରବ ଓ ସମ୍ଭ୍ରମର ମୁକୁଟରେ ଭୂଷିତ କରିଛନ୍ତି ।

## ଏଡାଇବାକୁ ଥିବା ତ୍ରୁଟିସବୁ

ବେଳେବେଳେ ଲୋକମାନେ ଭାବନ୍ତି ଯେ କେବଳ ମୃତ୍ୟୁ ପରବର୍ତ୍ତୀ ଜୀବନ ପାଇଁ ଈଶ୍ୱରଙ୍କ ସହିତ ସମ୍ପର୍କର ମହତ୍ତ୍ୱ ଅଛି । ସେମାନେ ଭାବନ୍ତି ଯେ ଯଦି ଜଣେ ବ୍ୟକ୍ତି ପୃଥିବୀରେ ଉତ୍ତମ ଜୀବନଯାପନ କରେ, ତେବେ ସେ ଖ୍ରୀଷ୍ଟିୟାନ କି ନୁହେଁ ସେଥିରେ ବିଶେଷ କିଛି ଫରକ୍ ପଡ଼ିବ ନାହିଁ । କିନ୍ତୁ ଆମେ ଯଦି ବୁଝିପାରୁ ଯେ ମନୁଷ୍ୟଜାତିର ସ୍ୱଭାବ ଈଶ୍ୱରଙ୍କ ସହିତ ସମ୍ପର୍କରେ ରହିବା ପାଇଁ ପରିକଳ୍ପନା କରାଯାଇଛି, ଆମେ ହୃଦୟଙ୍ଗମ କରୁ ଯେ ଯଦି ଆମେ ଈଶ୍ୱରଙ୍କୁ ଜାଣି ନାହୁଁ ତେବେ ଆମ ଜୀବନ ନଷ୍ଟ ହୋଇଯାଏ । ଆମ ଅନ୍ତରରେ ଆମେ ଈଶ୍ୱରଙ୍କ ଆତ୍ମାଙ୍କୁ ଆବଶ୍ୟକ କରୁ, ଯେ ଆମକୁ ମାର୍ଗଦର୍ଶନ କରିବେ, ଆମର ସାମର୍ଥ୍ୟ ପୂରଣ କରିବେ ଏବଂ ଆମେ କରୁଥିବା ସମସ୍ତ କାର୍ଯ୍ୟ ଉପରେ ଅନନ୍ତ ଦୃଷ୍ଟିକୋଣ ପ୍ରଦାନ କରିବେ ।

► ବିଶ୍ୱାସର ସ୍ୱୀକାରୋକ୍ତିକୁ ଏକାଠି ଅତିକମରେ ଦୁଇଥର ପଢ଼ନ୍ତୁ ।

## ବିଶ୍ୱାସର ସ୍ୱୀକାରୋକ୍ତି

ଈଶ୍ୱରଙ୍କୁ ପ୍ରେମ ଓ ଉପାସନା କରିବା ଉଦ୍ଦେଶ୍ୟରେ ମନୁଷ୍ୟମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟ । ଈଶ୍ୱର ମନୁଷ୍ୟମାନଙ୍କୁ ଏପରି ପରିକଳ୍ପନା କଲେ ଯେପରି କି ସେମାନଙ୍କର ଚିନ୍ତା, ଯୋଗାଯୋଗ, ଓ ପ୍ରେମ କରିବାର କ୍ଷମତା ରହିବ । ଜଣେ ବ୍ୟକ୍ତିର ଏକ ନୈତିକ ବୋଧ, ବ୍ୟକ୍ତିଗତ ଇଚ୍ଛା, ଓ ଏକ ଅମର ଆତ୍ମା ଅଛି । ଈଶ୍ୱରଙ୍କ ଅନୁଗ୍ରହ ଜଣେ ବ୍ୟକ୍ତିକୁ ମୁକ୍ତଭାବରେ ନିଷ୍ପତ୍ତି ନେବା ପାଇଁ ଶକ୍ତି ପ୍ରଦାନ କରେ । ପ୍ରତ୍ୟେକ ମାନବ ଜୀବନର ଅନନ୍ତ ଓ ଅସୀମ ମୂଲ୍ୟ ରହିଛି ।

## ପାଠ ୪ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ। ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ଆଦିପୁସ୍ତକ ୩:୧-୬
- ଯିହୋଶୂୟ ୨୪:୧୪-୧୮
- ରୋମୀୟ ୬:୧୨-୨୩
- ରୋମୀୟ ୮:୨୨-୨୬
- ଏଫିସୀୟ ୨:୧-୯
- ୧ଥେସଲନୀକୀୟ ୫:୨୩
- ଯାକୁବ ୧:୧୨-୧୫

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୪ ର ଏକ ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ତୁମର ଶ୍ରେଣୀବାହାର ଶିକ୍ଷାଦାନର ସମୟ ନିର୍ଘଣ୍ଟ ମନେ ରଖ ଓ ଶିକ୍ଷାଦାନ ସମାପ୍ତ କଲାପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୪ ପରୀକ୍ଷା

(୧) ଆଦିପୁସ୍ତକ ୧:୨୬-୨୭ ଅନୁଯାୟୀ, ଅବଶିଷ୍ଟ ସୃଷ୍ଟିରୁ ମନୁଷ୍ୟମାନେ କିପରି ଅନନ୍ୟ ଅଟନ୍ତି?

(୨) ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ଅର୍ଥ ଯେ ଶାରୀରିକ ସାଦୃଶ୍ୟ ନୁହେଁ, ଆମେ ଜାଣିଥିବା ତିନୋଟି କାରଣ ଲେଖ ।

(୩) ମନଷ୍ୟ ଜାତିକୁ ଦିଆଯାଇଥିବା ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ସାତୋଟି ଉପାଦାନ କ'ଣ ଲେଖ ।

(୪) କେଉଁ ଦୁଇଟି କାରଣ ପାଇଁ ଆମେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟ ହୋଇଛୁ?

(୫) ନୈତିକ ବୋଧରୁ କେଉଁ ଦକ୍ଷତା ଆସେ?

(୬) ପ୍ରକୃତ ପସନ୍ଦ କରିବାର କ୍ଷମତା ଥିବା ଲୋକମାନଙ୍କର ମହତ୍ତ୍ୱ କ'ଣ?

# ପାଠ ୫

# ପାପ

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- ପାପର ଉତ୍ପତ୍ତି ।
- ପାପ ନିମନ୍ତେ ବାଇବଲରେ ବ୍ୟବହୃତ ପଦଗୁଡ଼ିକ ।
- ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥାର ସଂଜ୍ଞା ଓ ବର୍ଣ୍ଣନା ।
- ଇଚ୍ଛାକୃତ ପାପ ସମ୍ବନ୍ଧରେ ବାଇବଲ ଧାରଣା ।
- ପାପ ସମ୍ବନ୍ଧରେ ଖ୍ରୀଷ୍ଟୀୟ ବିଶ୍ୱାସର ସ୍ୱୀକାରୋକ୍ତି ।

(୨) ଇଚ୍ଛାକୃତ ପାପର ସ୍ପଷ୍ଟ ପରିଭାଷା ପାଇଲେ ଛାତ୍ରମାନେ ପରିବର୍ତ୍ତନକୁ ଭଲଭାବରେ ବୁଝିପାରିବେ ।

## ଉପକ୍ରମ

► ଆଦିପୁସ୍ତକ ୩ ଅଧ୍ୟାୟ ଏକତ୍ର ପାଠ କରନ୍ତୁ । ଏହି ଶାସ୍ତ୍ରାଂଶ ପାପ ବିଷୟରେ କ'ଣ କହେ?

► ଆମେ କାହିଁକି ପାପ କ'ଣ ଏହା ବୁଝିବା ଆବଶ୍ୟକ?

ଆମେ ପାପକୁ ବୁଝିବା ଜରୁରୀ, କାରଣ:

୧. **ଜଗତର ଅବସ୍ଥାକୁ ବୁଝିବା ପାଇଁ** । ବାଇବଲ କହେ ଯେ ପାପ ମନୁଷ୍ୟର ଦୁଃଖଭୋଗର କାରଣ । ପାପ ଦ୍ୱାରା ହିଁ ମୃତ୍ୟୁ ଜଗତକୁ ଆସିଲା (ରୋମୀୟ ୫:୧୨ ପଢ଼ନ୍ତୁ) । ପାପର ଅଭିଶାପସ୍ୱରୂପେ ରୋଗ, ବାର୍ଦ୍ଧକ୍ୟ, ଓ ଯନ୍ତ୍ରଣା ଆସିଛି । ମିଥ୍ୟା, ଚୋରି, ହତ୍ୟା, ବ୍ୟଭିଚାର, ମଦ୍ୟପାନ, ଏବଂ ଅତ୍ୟାଚାର ଭଳି ପାପପୂର୍ଣ୍ଣ କାର୍ଯ୍ୟ ଜଗତକୁ ଦୁଃଖରେ ପରିପୂର୍ଣ୍ଣ କରିଛି । ଘୃଣା, କାମୁକତା, ଲୋଭ, ଅହଂକାର ଓ ସ୍ୱାର୍ଥପରତା ଭଳି ପାପର କାର୍ଯ୍ୟ ହୃଦୟର ପାପରୁ ଆସିଥାଏ ।

୨. **ଅନୁଗ୍ରହ ଓ ପରିତ୍ରାଣକୁ ବୁଝିବା ପାଇଁ** । ଈଶ୍ୱର ଆମକୁ ପାପରୁ ପରିତ୍ରାଣ କରିବା ପାଇଁ ଅନୁଗ୍ରହ ପ୍ରଦାନ କରନ୍ତି (ମାଥିଉ ୧:୨୧; ରୋମୀୟ ୫:୨୦-୨୧) ।

୩. **ପବିତ୍ରତାକୁ ବୁଝିବା ପାଇଁ** । ପାପ ହେଉଛି ପବିତ୍ରତାର ବିପରୀତ ବିଷୟ । ଈଶ୍ୱର ଭକ୍ତିକୁ ଏହା ବିରୋଧ କରେ । ଈଶ୍ୱରଙ୍କ ଆଶା ଅନୁରୂପ ଜଣେ ପବିତ୍ର ବ୍ୟକ୍ତି ହେବା ପାଇଁ (୧ପିତର ୧:୧୫-୧୬), ସେ ପାପରୁ ପୃଥକୀକୃତ ହେବା ଆବଶ୍ୟକ ।

## ପାପର ଉତ୍ପତ୍ତି

ଈଶ୍ୱରଙ୍କ ସୃଷ୍ଟି ସିଦ୍ଧ ଥିଲା, ଏବଂ ସେ ଯାହା କିଛି ନିର୍ମାଣ କରିଥିଲେ ତାହା ତ୍ରୁଟିଶୂନ୍ୟ ଥିଲା । ଯେତେବେଳେ ଈଶ୍ୱର ସୃଷ୍ଟି କାର୍ଯ୍ୟ ସମାପ୍ତ କଲେ, ସବୁକିଛି ଅତ୍ୟୁତ୍ତମ ଦେଖିଲେ (ଆଦିପୁସ୍ତକ ୧:୩୧) । ତେଣୁ, ଆମେ ଜାଣୁ ଯେ ପାପରେ ଈଶ୍ୱରଙ୍କର କୌଣସି ତ୍ରୁଟି ନ ଥିଲା ।

ଆଦମ ଓ ହବା ଈଶ୍ୱରଙ୍କ ସହିତ ସମ୍ପର୍କରେ ରହିଥିଲେ । ସେମାନେ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବାକୁ ଇଚ୍ଛା କଲେ ଏବଂ ଯାହା ଠିକ୍ ତାହା କରିବାର କ୍ଷମତା ସେମାନଙ୍କର ଥିଲା । ଈଶ୍ୱରଙ୍କୁ ଅବମାନନା କରିବା ପାଇଁ ହବାଙ୍କୁ ପ୍ରଲୋଭିତ କରିବାକୁ ଶୟତାନ ଆସିଲା । ଏହା ଦ୍ୱାରା ଆମେ ଜାଣୁ ଯେ ବିଶ୍ୱରେ ପାପ ପୂର୍ବରୁ ବିଦ୍ୟମାନ ଥିଲା । ଶୟତାନ ପୂର୍ବରୁ ପାପରେ ପଡ଼ି ଯାଇଥିଲା । କିନ୍ତୁ ପାପ ସେ ପର୍ଯ୍ୟନ୍ତ ମାନବ ଜାତି ବା ମାନବ ଅଧୀନରେ ଥିବା ସୃଷ୍ଟିର କ୍ଷେତ୍ରରେ ପ୍ରବେଶ କରି ନ ଥିଲା ।

ଆଦମ ଓ ହବାଙ୍କର ସ୍ୱାଧୀନ ଇଚ୍ଛା ଥିଲା । ପାପ କରିବା ସମ୍ଭବ ହେଲା କାରଣ ସେମାନେ ପ୍ରକୃତ ପସନ୍ଦ କରିବାକୁ ସକ୍ଷମ ହୋଇଥିଲେ । ସେମାନେ ଈଶ୍ୱରଙ୍କ ନିୟମ ଭାଙ୍ଗିବାକୁ ମନୋନୀତ କଲେ, ଏବଂ ତାହା ମନୁଷ୍ୟର ପାପର ଆରମ୍ଭ ଥିଲା ।

ପାପର ପ୍ରଥମ କାର୍ଯ୍ୟ ମନୁଷ୍ୟଜାତିକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କଲା । ପାପ ମଧ୍ୟ ମାନବଜାତିର ସ୍ୱଭାବକୁ ଭ୍ରଷ୍ଟ କରିଦେଲା (ଗୀତସଂହିତା ୫୧:୫ ପଢ଼ନ୍ତୁ) । ପରେ ଜନ୍ମ ହୋଇଥିବା ସମସ୍ତ ପିଲାଙ୍କର ଏକ ଭ୍ରଷ୍ଟ ସ୍ୱଭାବ ରହିବ ଓ ସେମାନେ ପାପ କରିବେ (ରୋମୀୟ ୫:୧୨, ୧୪, ୧୮, ୧୯ ପଢ଼ନ୍ତୁ) ।

ପାପ ସମସ୍ତ ସୃଷ୍ଟି ଉପରେ ଅଭିଶାପ ଆଣିଲା (ଆଦିପୁସ୍ତକ ୩:୧୬-୧୯) । ପାପ ହେତୁ ଜୀବନ ବଦଳିଗଲା । ଯନ୍ତ୍ରଣା, ବାର୍ଦ୍ଧକ୍ୟ, ଏବଂ ମୃତ୍ୟୁ ଆରମ୍ଭ ହେଲା (୧କରିନ୍ଥୀୟ ୧୫:୨୨ ପଢ଼ନ୍ତୁ) । କାର୍ଯ୍ୟ ଏବଂ ବଞ୍ଚିବା କଷ୍ଟକର ହୋଇଗଲା । ମାନବିକ ସମ୍ପର୍କସବୁ ଦ୍ୱନ୍ଦ୍ୱରେ ପରିପୂର୍ଣ୍ଣ ହେଲା । ବହୁ ବର୍ଷ ବିତିଯିବା ପରେ ଯେତେବେଳେ ଲୋକସଂଖ୍ୟା ବହୁଗୁଣିତ ହେଲା, ପାପର ପରିଣାମ ବୃଦ୍ଧି ପାଇଲା ଯାହା ଆଦମ ଓ ହବାଙ୍କର କଳ୍ପନା ବାହାରେ ଥିଲା ।

## ପାପ ପାଇଁ ଏବ୍ରୀ ଓ ଗ୍ରୀକ୍ ଶବ୍ଦ

ଅଧିକାଂଶ ଭାଷାରେ ପାପ ପାଇଁ ଭିନ୍ନ ଭିନ୍ନ ଶବ୍ଦ ଅଛି । ଧର୍ମଶାସ୍ତ୍ରର ମୂଳ ଭାଷାଗୁଡ଼ିକ ଏବ୍ରୀ ଓ ଗ୍ରୀକ୍, ଏବଂ ଏହି ଭାଷାଗୁଡ଼ିକରେ ମଧ୍ୟ ପାପକୁ ବର୍ଣ୍ଣନା କରୁଥିବା ଓ ପରିଭାଷିତ କରୁଥିବା ଅନେକ ଭିନ୍ନ ଶବ୍ଦ ଅଛି, ଯାହା ନିମ୍ନରେ ବର୍ଣ୍ଣନା କରାଯାଇଛି । ଯେତେବେଳେ ଏକତ୍ର ନିଆଯାଏ, ଏହି ଶବ୍ଦଗୁଡ଼ିକ ପାପର ଏକ ବିସ୍ତୃତ ଚିତ୍ର ଉପସ୍ଥାପନ କରେ ।

- **ପାପ ଅଧିକାରକୁ ପ୍ରତ୍ୟାଖ୍ୟାନ କରେ - ବିଦ୍ରୋହ ଓ ବିପ୍ଳବ** (ଗୀତସଂହିତା ୫୧:୧) । ଯାକୁବ ଏହି ଏବ୍ରୀ ଶବ୍ଦ ବ୍ୟବହାର କରିଥିଲେ ଯେତେବେଳେ ସେ କ୍ରୋଧିତ ଭାବରେ ଲାବନଙ୍କୁ ତାଙ୍କ ବିରୁଦ୍ଧରେ କେଉଁ ଅପରାଧ କରିଛନ୍ତି ତାହା ଜଣାଇବାକୁ କହିଥିଲେ (ଆଦିପୁସ୍ତକ ୩୧:୩୬) । ଏହି ଶବ୍ଦଟି ମଧ୍ୟ ମୋୟାବର ରାଜା ଇଶ୍ରାଏଲର ରାଜା ଯିହୋରାମ୍ଙ୍କ ବିରୁଦ୍ଧରେ କରିଥିବା କାର୍ଯ୍ୟକୁ ବର୍ଣ୍ଣନା କରେ (୨ରାଜାବଳୀ ୩:୭) ।

- **ପାପ ବିପଥଗମନ ଅଟେ ବା ଯାହା ବିକୃତ କରେ- ଯାହା ବଙ୍କା କିମ୍ବା ମୋଡ଼ାଯାଇଥାଏ** (ଗୀତସଂହିତା ୫୧:୨(କ)) । ଶୟତାନ କିଛି ସୃଷ୍ଟି କରିପାରିବ ନାହିଁ, ତେଣୁ ସମସ୍ତ ପାପ ହେଉଛି ଈଶ୍ୱର ସୃଷ୍ଟି କରିଥିବା ଏକ ଉତ୍ତମ ବିଷୟର ବିକୃତିକରଣ ।

- **ପାପ ଲକ୍ଷ୍ୟଭ୍ରଷ୍ଟ ହୁଏ ବା ଲକ୍ଷ୍ୟସ୍ଥଳ ନିକଟରେ ପହଞ୍ଚିପାରେନା** । ଗୀତସଂହିତା ୫୧:୨ଖରେ ପାପ ପାଇଁ ବ୍ୟବହୃତ ଏବ୍ରୀ ଶବ୍ଦ ଏହି ଅର୍ଥ ପ୍ରକାଶ କରେ । ସମାନ ଶବ୍ଦ ବିଚାରକର୍ତ୍ତା ୨୦:୧୬ରେ ଏକ ଅଣ-ନୈତିକ ଅର୍ଥରେ ବ୍ୟବହୃତ ହୋଇଛି, ଯେଉଁଥିରେ ୭୦୦ ବାମହାତୀ ଯୋଦ୍ଧାଙ୍କର ବର୍ଣ୍ଣନା ରହିଛି, ଯେଉଁମାନେ ଅବ୍ୟର୍ଥ ଭାବରେ ଏକ କେଶକୁ ଲକ୍ଷ୍ୟ କରି ଛାଟିଣୀ ମାରିପାରନ୍ତି । ପାପ ଈଶ୍ୱରଙ୍କ ସତ୍ୟ, ପବିତ୍ରତା ବା ଧାର୍ମିକତାରୂପ ଚିହ୍ନକୁ ହରାଇଥାଏ ବା ତା' ନିକଟରେ ପହଂଚିପାରି ନ ଥାଏ ।

- **ନୂତନ ନିୟମରେ ଏକ ଗ୍ରୀକ୍ ଶବ୍ଦର ସମାନ ଅର୍ଥ ଅଛି ।** ସେହି ଶବ୍ଦଟି ସମଗ୍ର ଜଗତର ପାପ ପାଇଁ ବ୍ୟବହୃତ ହୋଇପାରେ (ମାଥିଉ ୧:୨୧) ବା ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିର ପାପ ଉଦାହରଣସ୍ୱରୂପ: ଯୀଶୁଙ୍କ ପାଦ ଧୋଇ ଦେଇଥିବା ମହିଳାର ପାପ, (ଲୂକ ୭:୪୮-୫୦) ବା ଏକ ବ୍ୟକ୍ତିଗତ ପାପ ଉଦାହରଣସ୍ୱରୂପ ସ୍ତିଫାନଙ୍କ ହତ୍ୟା କରିବାର ପାପ (ପ୍ରେରିତ ୭:୬୦) ପାଇଁ ବ୍ୟବହୃତ ହୋଇପାରେ । ପାପ ଈଶ୍ୱରଙ୍କ ଇଚ୍ଛାରୁ ବିଚ୍ୟୁତ ହୁଏ ।

- **ପାପ ମନ୍ଦ ଅଟେ ଯାହା ଉତ୍ତମତାର ବିପରୀତ** (ଗୀତସଂହିତା ୫୧:୪) । ଏହି ଏବ୍ରୀ ଶବ୍ଦ ଫାରୋଙ୍କ ସ୍ୱପ୍ନର ୭ଟି ସାତୁଟା ଦୁର୍ବଳ ଅତି କୁତ୍ସିତ ଓ କୃଶାଙ୍ଗ ଗୋରୁ କରିବା (ଆଦିପୁସ୍ତକ ୪୧:୧୯) ଏବଂ ଭୋଜନ ପାଇଁ ଅଯୋଗ୍ୟ ଡିମ୍ବିରି (ଯିରିମିୟ ୨୪:୨) ପାଇଁ ବ୍ୟବହୃତ ହୋଇଛି ।

- **ପାପ ଶୁଣିବାରେ ବିଫଳତା ବା ଏଥିପାଇଁ ଅନିଚ୍ଛା ଅଟେ, ଯାହା ସକ୍ରିୟ ଅବାଧ୍ୟତା ଆଣେ** (ରୋମୀୟ ୫:୧୯) ।ଏହି ଆଚରଣର ଏକ ଉଦାହରଣ ପ୍ରେରିତ ୭:୫୭ରେ ଦିଆଯାଇଛି ।ଯେଉଁମାନେ ସ୍ତିଫାନଙ୍କୁ ପଥର ଫିଙ୍ଗି ହତ୍ୟା କଲେ, ସେମାନେ କାନକୁ ଆଚ୍ଛାଦନ କଲେ ।ଏହି ଗ୍ରୀକ୍ ଶବ୍ଦର ସର୍ବୋତ୍ତମ ସାରାଂଶ ହେଉଛି ଅବାଧ୍ୟତା ।
- **କିଛି ନିର୍ଦ୍ଦିଷ୍ଟ ନିୟମ ଉଲ୍ଲଘଂନ କରିବା ପାପ ଅଟେ - ଈଶ୍ୱର ଯାହା ଦାବି କରନ୍ତି ତା'ର ବିପରୀତ କର୍ମ କରିବା** (୧ଯୋହନ ୩:୪) । ଗ୍ରୀକ୍ ଶବ୍ଦ ଦୁଇଟି ଶବ୍ଦକୁ ନେଇ ଗଠିତ, ଯାହାର ଅର୍ଥ ହେଉଛି "କୌଣସି ନିୟମ ନାହିଁ" ବା "ବିଧିବ୍ୟବସ୍ଥାହୀନତା" ।
- **ଈଶ୍ୱର ଯାହା ଜାଣନ୍ତି ଏବଂ ଆବଶ୍ୟକ କରନ୍ତି ତା'ଠାରୁ ଉଦ୍ଦେଶ୍ୟମୂଳକ ଭାବେ ବିମୁଖ ହେବା ବା ଅତିକ୍ରମ କରିବା ପାପ ଅଟେ** (ଯାତ୍ରାପୁସ୍ତକ ୩୨:୭-୮) ।ଏହି ଶାସ୍ତ୍ରାଂଶରେ ଆମେ ଦେଖୁ ଯେ ମୋଶା ସୀନୟ ପର୍ବତରେ ଥିବାବେଳେ ଲୋକମାନେ ଈଶ୍ୱରଙ୍କଠାରୁ ବିମୁଖ ହୋଇଥିଲେ ।
- **ପାପ ଯାହା ଉଦ୍ଦେଶ୍ୟପୂର୍ଣ୍ଣ ନୁହେଁ** (ଲେବୀୟପୁସ୍ତକ ୪:୨) । ଏହି ପାପ ବିଷୟରେ ଉଭୟ ପୁରାତନ ଓ ନୂତନ ନିୟମରେ ଆଲୋଚନା କରାଯାଇଛି ।ଏବ୍ରୀ ୯:୭ରେ ବ୍ୟବହୃତ ଗ୍ରୀକ୍ ଶବ୍ଦ "ଅଜ୍ଞ ହେବା" କିମ୍ବା "ନ ବୁଝିବା" କ୍ରିୟାରୁ ଆସିଛି ।ଏଣୁ ଏହାର ଅର୍ଥ ହେଉଛି "ଅଜ୍ଞତା ଦ୍ୱାରା ପାପ କରିବା" ।ଏହି ପଦଟି ଲୋକମାନେ ଅଜାଣତରେ କରିଥିବା ପାପସବୁ ପାଇଁ କରାଯାଇଥିବା ମହାଯାଜକଙ୍କ ପ୍ରାୟଶ୍ଚିତ କାର୍ଯ୍ୟକୁ ବର୍ଣ୍ଣନା କରେ ।

ଉପରୋକ୍ତ ଶବ୍ଦଗୁଡ଼ିକରୁ ଆମେ ଦେଖୁ ଯେ ପାପ ଏକ ସମସ୍ୟା ଯାହା ଅନେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଓ ତଥ୍ୟକୁ ଦର୍ଶାଏ । କିଛି ଶବ୍ଦ ପାପକୁ ଏହାର ସାଧାରଣ ଅର୍ଥରେ ବର୍ଣ୍ଣନା କରେ । ଅନ୍ୟମାନେ ପାପକୁ ଏଭଳି ଭାବରେ ବର୍ଣ୍ଣନା କରେ ଯେ ଏହା ଈଶ୍ୱରଙ୍କ ବାକ୍ୟ ଶୁଣିବାରେ ବିଫଳତା, ଏକ ମାନଦଣ୍ଡ ପାଳନ କରିବାରେ ବିଫଳତା, ଜାଣିଶୁଣି କରାଯାଇଥିବା ପାପ, ଅଜ୍ଞତାରେ କରାଯାଇଥିବା ପାପ, କିମ୍ବା ଆକସ୍ମିକ ପାପକୁ ନିମିତ କରେ । ପାପର କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଯେମିତି ହେଉ, ଏହା ଏକ ଆଶୀର୍ବାଦମୟ ଭାବନା ଯେ ଯୀଶୁ ଲୋକଙ୍କୁ ପାପରୁ ରକ୍ଷା କରିବା ପାଇଁ କ୍ରୁଶରେ ପ୍ରାଣଦାନ କରିଥିଲେ (ମାଥିଉ ୧:୨୧)।

## ଇଚ୍ଛାକୃତ ପାପ

► ଇଚ୍ଛାକୃତ ପାପ କ'ଣ?

ଇଚ୍ଛାକୃତ ପାପ ହେଉଛି ଈଶ୍ୱରଙ୍କ ଜ୍ଞାତ ଇଚ୍ଛାର ଉଦ୍ଦେଶ୍ୟମୂଳକ ଉଲ୍ଲଘଂନ (୧ଯୋହନ ୩:୪, ଯାକୁବ ୪:୧୭ ପଢ଼ନ୍ତୁ) । ଯେତେବେଳେ ଲୋକମାନେ ଜାଣିଶୁଣି ଭୁଲ କରିବାକୁ ମନୋନୀତ କରନ୍ତି ବା ଭୁଲ କରିବା ଜାରି ରଖନ୍ତି ବା ଯାହା ଠିକ୍ ତାହା କରନ୍ତି ନାହିଁ ସେମାନେ ଏହି ପ୍ରକାର ପାପ କରନ୍ତି ।ଏହା ଉଦ୍ଦେଶ୍ୟମୂଳକ କୁକର୍ମ ।

୧ ଯୋହନ ୩:୫-୬ରେ ପ୍ରେରିତ ଯୋହନ ଲେଖନ୍ତି,

> ଆଉ ତୁମ୍ଭେମାନେ ଜାଣ ଯେ, ସେ ପାପ ବହିନେଇ ଯିବା ପାଇଁ ପ୍ରକାଶିତ ହେଲେ, ଆଉ ତାହାଙ୍କଠାରେ ପାପ ନାହିଁ । ଯେ କେହି ତାହାଙ୍କଠାରେ ରହେ, ସେ ପାପ କରେ ନାହିଁ; ଯେକେହି ପାପ କରେ, ସେ ତାହାଙ୍କୁ ଦେଖି ନାହିଁ, କିଅବା ତାହାଙ୍କୁ ଜାଣି ନାହିଁ ।

ଏଠାରେ କୁହାଯାଇଥିବା ପାପ ହେଉଛି ସୁଚିନ୍ତିତ ଓ ଉଦ୍ଦେଶ୍ୟମୂଳକ ପାପର ନିରନ୍ତର ଅଭ୍ୟାସ । ଏହି ଶାସ୍ତ୍ରାଂଶର ବିସ୍ତାରିତ ଅନୁବାଦ ଏହିପରି ହେବ: ଯେକେହି ଯୀଶୁଙ୍କଠାରେ ଅବିରତ ରୁହନ୍ତି ସେ କ୍ରମାଗତ ବା ଅଭ୍ୟାସଗତ ଭାବରେ ପାପ କରନ୍ତି ନାହିଁ, ଏବଂ ଯେ କ୍ରମାଗତ ବା ଅଭ୍ୟାସଗତ ଭାବରେ ପାପ କରେ ସେ ତାଙ୍କୁ ଦେଖି ନାହିଁ ବା ଜାଣି ନାହିଁ ।

ଯଦି ଜଣେ ଏହାକୁ ଅତି ସାଧାରଣ ଅର୍ଥରେ ପାପ ବୋଲି ବ୍ୟାଖ୍ୟା କରେ (ଅଜ୍ଞତାରୁ ପାପ ଓ ଯାହା ଉଦ୍ଦେଶ୍ୟପୂର୍ଣ୍ଣ ନୁହେଁ ଏପରି ପାପ ଅନ୍ତର୍ଭୁକ୍ତ କରେ), ତେବେ ଏହି ବିବୃତିର କୌଣସି ଅର୍ଥ ନାହିଁ । ଖ୍ରୀଷ୍ଟିୟାନମାନଙ୍କର ତଥାପି ଅନେକ ବିଫଳତା ରହିଛି ଯାହା ଇଚ୍ଛାକୃତ ନୁହେଁ । ତଥାପି, ଯଦି ଜଣେ ପାପକୁ ବୁଝିଥାଏ (ଏହି ଶାସ୍ତ୍ରାଂଶରେ) ଯେ ଏହାର ଅର୍ଥ "ଈଶ୍ୱରଙ୍କ ବ୍ୟବସ୍ଥାକୁ ଇଚ୍ଛାକୃତ ଭାବରେ ପ୍ରତ୍ୟାଖ୍ୟାନ କରିବା", ତେବେ ଏହି ଶାସ୍ତ୍ରାଂଶ ସମ୍ପୂର୍ଣ୍ଣ ଉତ୍ତମ ଅର୍ଥ ପ୍ରଦାନ କରେ ।

## ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା

► ଲୋକମାନେ ଯେଉଁ ପାପପୂର୍ଣ୍ଣ ସ୍ୱଭାବକୁ ନେଇ ଜନ୍ମନେଇ ଥାଆନ୍ତି ତାକୁ କିପରି ବର୍ଣ୍ଣନା କରିବେ?

**ଉତ୍ତରାଧିକାର ସୂତ୍ରରେ** ପାଇଥିବା ପତିତାବସ୍ଥା ହେଉଛି ମନୁଷ୍ୟର ନୈତିକ ସ୍ୱଭାବରେ ଥିବା ଭ୍ରଷ୍ଟତା ଯାହା ତାକୁ ଜନ୍ମରୁ ପାପ ଆଡ଼କୁ ଆକର୍ଷିତ କରିଥାଏ । ଏହାକୁ ବେଳେବେଳେ ମୂଳ ପାପ କୁହାଯାଏ । ଏହା ପାପପୂର୍ଣ୍ଣ ପ୍ରକୃତି ଯାହା ସହିତ ଆଦମଙ୍କ ପାପ ହେତୁ ଆମେ ଜନ୍ମ ନେଇଥାଉ ।

ଜନ୍ମରୁ ଦୁଷ୍ଟତା ପ୍ରତି ସମସ୍ତଙ୍କର ଏହି ପ୍ରବୃତ୍ତି ଅଛି (ଗୀତସଂହିତା ୫୮:୩ ପଢ଼ନ୍ତୁ) । ଜଣେ ବ୍ୟକ୍ତି ଜନ୍ମ ହେବା ସମୟରେ ତା'ର ସ୍ୱଭାବ ପାପପୂର୍ଣ୍ଣ ପ୍ରବୃତ୍ତି ଦ୍ୱାରା ବିକୃତ ହୋଇସାରିଥାଏ । ଜଣେ ବ୍ୟକ୍ତି ପସନ୍ଦ କରିବା ଆରମ୍ଭ କରିବା ମାତ୍ରେ ପାପ କରିବା ଆରମ୍ଭ କରେ । ଏହି ପାପପୂର୍ଣ୍ଣ ପ୍ରବୃତ୍ତି ଏପରି ଏକ ବିଷୟ ଯାହାକୁ ସେ ତା'ର ପରିବେଷ୍ଟନୀରୁ ଶିଖି ନ ଥାଏ ।

ଦାଉଦ କହିଲେ ଯେ ସେ ଅପରାଧରେ ନିର୍ମିତ ହେଲେ ଓ ପାପରେ ତାଙ୍କ ମାତା ତାଙ୍କୁ ଗର୍ଭରେ ଧାରଣ କଲ (ଗୀତସଂହିତା ୫୧:୫ ପଢ଼ନ୍ତୁ) । ସେ କହିବାକୁ ଚାହୁଁ ନ ଥିଲେ ଯେ ତାଙ୍କ ମାତା କିଛି ଭୁଲ କରିଥିଲେ । ସେ କହିଥିଲେ ଯେ ଯେତେବେଳେ ଗର୍ଭରେ ଏକ ଶିଶୁ ସୃଷ୍ଟି ହୁଏ, ତା'ର ସ୍ୱଭାବ ପାପ ଯୋଗୁଁ ଭ୍ରଷ୍ଟ ହୋଇ ସାରିଥାଏ ।

ଭ୍ରଷ୍ଟ ସ୍ୱଭାବ ଯୋଗୁଁ, ଲୋକମାନଙ୍କ ମଧ୍ୟରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ନଷ୍ଟ ହୋଇଯାଏ । ପ୍ରତ୍ୟେକ ବ୍ୟକ୍ତି ଏକ ଇଚ୍ଛା ସହିତ ଜନ୍ମ ହୁଅନ୍ତି ଯାହା ଆତ୍ମକୈନ୍ଦ୍ରିକ ଓ ପାପ ପ୍ରତି ଆକୃଷ୍ଟ (ରୋମୀୟ ୩:୧୦-୧୨) । ଈଶ୍ୱର ଆମକୁ ଇଚ୍ଛା ଓ ଶକ୍ତି ପ୍ରଦାନ ନ କଲେ ଆମର ଇଚ୍ଛା ଯଥାର୍ଥ ବିଷୟ ମନୋନୀତ କରିବା ପାଇଁ ମୁକ୍ତ ନୁହେଁ (ରୋମୀୟ ୬:୧୬-୧୭ ପଢ଼ନ୍ତୁ) ।

ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା ଗର୍ବ, ଈର୍ଷା ଓ କ୍ଷମାହୀନତା ଭଳି ଅନ୍ତରସ୍ଥିତ ପାପଗୁଡ଼ିକୁ ଉତ୍ସାହିତ କରେ । ଏହା ମଧ୍ୟ ପାପର କାର୍ଯ୍ୟକୁ ପ୍ରେରିତ କରେ ।

ଲୋକମାନେ ସ୍ୱାଭାବିକ ଭାବରେ ଈଶ୍ୱରଙ୍କ ଅଧିକାର ପ୍ରତି ବିଦ୍ରୋହର ମନୋଭାବ ପୋଷଣ କରନ୍ତି ଏବଂ ତାଙ୍କ ବ୍ୟବସ୍ଥା ଉପରେ କ୍ରୋଧିତ ହୁଅନ୍ତି । ପାପୀମାନେ କେବଳ ସେମାନଙ୍କର ପାପ ପାଇଁ ନୁହେଁ ବରଂ ଈଶ୍ୱରଙ୍କ ବିରୁଦ୍ଧରେ ସେମାନଙ୍କର ବିଦ୍ରୋହୀ ମନୋଭାବ ପାଇଁ ବିଚାରିତ ହେବେ (ଯିହୂଦା ୧:୧୫ ପଢ଼ନ୍ତୁ) ।

ଜଣେ ପାପପୂର୍ଣ୍ଣ ବ୍ୟକ୍ତି ସ୍ୱାଭାବିକରୂପେ ଆତ୍ମ-କୈନ୍ଦ୍ରିକ ଥାଏ । ସେ ଈଶ୍ୱରଙ୍କର ଏବଂ ଅନ୍ୟମାନଙ୍କ ଅଧିକାରରେ ବଶୀଭୂତ ହେବା ପରିବର୍ତ୍ତେ ନିଜର ଇଚ୍ଛା ଜାହିର କରିବାକୁ ଚାହେଁ । ସେ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ପରିବର୍ତ୍ତେ ନିଜର ଇଚ୍ଛା ପୂରଣ କରିବାକୁ ଚାହେଁ । ସେ ନିଜ ଉପରେ ଭରସା ରଖେ ଓ ଈଶ୍ୱରଙ୍କ ଉପରେ ନିର୍ଭର କରିବାକୁ ଚାହିଁ ନ ଥାଏ । ଈଶ୍ୱରଙ୍କ ଗୌରବ ଅପେକ୍ଷା, ତା'ର ସଫଳତା ତା' ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

ଲୋକମାନେ ସଠିକ୍ ଭାବରେ କେଉଁଟି ଭଲ ଓ କେଉଁଟି ମନ୍ଦ ବାରିପାରନ୍ତି ନାହିଁ, କାରଣ ସେମାନଙ୍କ ମନ ଅନ୍ଧକାରାଚ୍ଛନ୍ନ ଅଟେ (ଏଫିସୀୟ ୪:୧୭-୧୮ ପଢ଼ନ୍ତୁ) । ସ୍ୱଭାବଗତ ଭାବରେ, ସେମାନେ ବିଦ୍ରୋହୀ ଜଗତର ନିର୍ଦ୍ଦେଶ, ଶୟତାନର ନିୟନ୍ତ୍ରଣ, ଏବଂ ସେମାନଙ୍କ ନିଜର ପାପପୂର୍ଣ୍ଣ ଇଚ୍ଛାର ଅନୁସରଣ କରନ୍ତି, ଏବଂ ସେମାନେ ନିଜକୁ ଈଶ୍ୱରଙ୍କ କ୍ରୋଧର ପାତ୍ର କରିଥାନ୍ତି (ଏଫିସୀୟ ୨:୨, ୩ ପଢ଼ନ୍ତୁ) । ସେମାନଙ୍କର ସ୍ୱାଭାବିକ ପ୍ରବୃତ୍ତି ପ୍ରତି ମୁହୂର୍ତ୍ତରେ ପାପ ପ୍ରତି ଥାଏ (ଆଦିପୁସ୍ତକ ୬:୫) ।

ଈଶ୍ୱରଙ୍କ ଅନୁଗ୍ରହ ଯେଉଁ ପାର୍ଥକ୍ୟ ସୃଷ୍ଟି କରେ, ତା'ବିନା, ଲୋକମାନେ କୌଣସି ଉତ୍ତମ କାର୍ଯ୍ୟ କରିବାକୁ ସମର୍ଥ ହେବେ ନାହିଁ; ସେମାନେ ଉତ୍ତମ କାର୍ଯ୍ୟ କରିବାକୁ ସୁଦ୍ଧା ଇଚ୍ଛା କରନ୍ତି ନାହିଁ । ସେମାନେ ଅନୁତାପ କରିବାକୁ କିମ୍ବା ଈଶ୍ୱରଙ୍କ ଅନ୍ୱେଷଣ କରିବାକୁ ଅସମର୍ଥ ହେବେ (ଯୋହନ ୬:୪୪ ପଢ଼ନ୍ତୁ) । ସେମାନେ ଅପରାଧ ଓ ପାପରେ ମୃତ (ଏଫିସୀୟ ୨:୨) । ପରମାର୍ଥବିତ୍ମାନେ ଏହି ଅବସ୍ଥାକୁ "ଚରମ ପତିତାବସ୍ଥା" କହନ୍ତି ।

ଈଶ୍ୱରଙ୍କ ଅନୁଗ୍ରହ ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା ପ୍ରତି କିପରି ଉତ୍ତର ଦିଏ ତାହା ଜାଣିବା ଜରୁରୀ । ପ୍ରଥମେ, ଈଶ୍ୱରଙ୍କ ଶକ୍ତି ସୁସମାଚାର ବାର୍ତ୍ତା ସହିତ ଆସେ, ଓ ଯେଉଁ ବ୍ୟକ୍ତି ସୁସମାଚାରର ଉତ୍ତର ଦେବାକୁ ଇଚ୍ଛା ଓ ସାମର୍ଥ୍ୟ ହରାଇଥାଏ ତାକୁ ଶକ୍ତିଯୁକ୍ତ କରେ (ରୋମୀୟ ୧:୧୬ ପଢ଼ନ୍ତୁ) । ତା' ପରେ, ଯେତେବେଳେ ଜଣେ ବ୍ୟକ୍ତି ପରିତ୍ରାଣ ପ୍ରାପ୍ତ ହୁଏ,

ସେତେବେଳେ ସେ ପାପର ନିୟନ୍ତ୍ରଣରୁ ମୁକ୍ତି ପାଏ (ରୋମୀୟ ୬:୧୧-୧୪) । ତଥାପି, ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥାର ପ୍ରଭାବ ନୂତନ ଖ୍ରୀଷ୍ଟିୟାନଠାରେ ଜାରିରହେ ।

ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥାର ପ୍ରଭାବ ବିଭିନ୍ନ ଉପାୟରେ ପ୍ରକାଶ ପାଏ ।

୧. ନୂତନ ଖ୍ରୀଷ୍ଟିୟାନ ପ୍ରଲୋଭନ ସମୟରେ ବେଳେବେଳେ ନିଜ ଇଚ୍ଛା ସହିତ ସଂଘର୍ଷ କରିବେ ।
୨. ନୂତନ ଖ୍ରିଷ୍ଟିୟାନ ଭୁଲ ଅଭିପ୍ରାୟ ଅନୁଭବ କରିବେ ଯାହାକୁ ସେ ପ୍ରତିରୋଧ କରିବାକୁ ହେବ ।
୩. ନୂତନ ଖ୍ରୀଷ୍ଟିୟାନଙ୍କର ଭୁଲ ପ୍ରତିକ୍ରିୟା ଓ ମନୋଭାବ ରହିବ ଯାହା ସେ ହୃଦୟଙ୍ଗମ କରିବା ପୂର୍ବରୁ ଘଟେ ।

ନୂତନ ଖ୍ରୀଷ୍ଟିୟାନଙ୍କୁ ଉତ୍ସାହିତ କରାଯିବ ଉଚିତ ଯେପରି କି ସେ ତାଙ୍କର ବିଶ୍ୱାସ ପରିତ୍ୟାଗ କରିବେ ନାହିଁ କାରଣ ସେ ଅନୁଭବ କରନ୍ତି ଯେ ତାଙ୍କର ତଥାପି ପାପପୂର୍ଣ୍ଣ ପ୍ରବୃତ୍ତି ଅଛି । ଈଶ୍ୱରଙ୍କ ଆତ୍ମା ଯେଉଁ ଶକ୍ତି ପ୍ରଦାନ କରନ୍ତି ଓ ପରିବର୍ତ୍ତନ ଆଣନ୍ତି ତାକୁ ପାଇବା ପାଇଁ ସେ ଅନ୍ୱେଷଣ ଜାରି ରଖିବାକୁ ହେବ ।

ଜଣେ ପାଳକ ନୂତନ ଖ୍ରୀଷ୍ଟିୟାନମାନଙ୍କ ସହିତ ଧୈର୍ଯ୍ୟ ରଖିବା ଆବଶ୍ୟକ । ସେ ନିଶ୍ଚୟ ହୃଦୟଙ୍ଗମ କରିବେ ଯେ ସେମାନେ ଯାହା କହନ୍ତି ଓ କରନ୍ତି ସେଥିରେ ସେମାନେ ସୁସଙ୍ଗତ ଖ୍ରୀଷ୍ଟିୟାନ ହେବେ ନାହିଁ । ସେମାନେ ତୁରନ୍ତ ସେମାନଙ୍କର ସମସ୍ୟା ଦେଖିପାରନ୍ତି ନାହିଁ ।

## ଅନଭିପ୍ରେତ ଉଲ୍ଲଘଂନ

ବେଳେବେଳେ ଜଣେ ବ୍ୟକ୍ତି ଆକସ୍ମିକ ଭାବରେ ବା ଅଜ୍ଞାତରେ ବା ଅନଭିପ୍ରେତ ଭାବରେ ଈଶ୍ୱରଙ୍କ ବାକ୍ୟ ଉଲ୍ଲଘଂନ କରେ । ଲେବୀୟ ୪:୨-୩ରେ ଆମେ ଦେଖୁ ଯେ ଏହି ପରିସ୍ଥିତିରେ ଜଣେ ବ୍ୟକ୍ତି କିଛି ଭୁଲ କରିଥିବା ଜାଣିବା ମାତ୍ରେ ବଳିଦାନ ଉତ୍ସର୍ଗ କରିବା ଆବଶ୍ୟକ । ଯେହେତୁ ଖ୍ରୀଷ୍ଟଙ୍କ ମୃତ୍ୟୁ ସମସ୍ତ ପୁରାତନ ନିୟମ ବଳିଦାନର ସ୍ଥାନ ନେଇଥାଏ, ଆମେ ଜାଣୁ ଯେ ଖ୍ରୀଷ୍ଟିୟାନମାନେ ଅନଭିପ୍ରେତ ଉଲ୍ଲଘଂନସବୁରୁ ମୁକ୍ତ ହୋଇଛନ୍ତି ।

> "ଈଶ୍ୱରଙ୍କ ରାଜ୍ୟରେ ମହାନତା ଆଜ୍ଞାକାରିତାକୁ ନେଇ ମପାଯାଏ"
> -ଜନ୍ ଷ୍ଟଟ୍

ଯେପର୍ଯ୍ୟନ୍ତ ଆମର ବୁଝାମଣା ସୀମିତ ଥାଏ, ଅନଭିପ୍ରେତ ଉଲ୍ଲଘଂନ ଅନିବାର୍ଯ୍ୟ । ସେସବୁ ଈଶ୍ୱରଙ୍କ ସହ ଆମର ସମ୍ପର୍କ ବିଚ୍ଛିନ୍ନ କରନ୍ତି ନାହିଁ କାରଣ ସେସବୁ ଈଶ୍ୱରଙ୍କ ପ୍ରତି ଆମ ପ୍ରେମ ସହିତ ବିବାଦ କରନ୍ତି ନାହିଁ । ଈଶ୍ୱର କହନ୍ତି ଯେ ତାଙ୍କ ପ୍ରତି ଆମର ସମ୍ପୂର୍ଣ୍ଣ ପ୍ରେମ ସେ ଆମଠାରୁ ଯାହା ଆବଶ୍ୟକ କରନ୍ତି ତାହା ପୂରଣ କରେ (ମାଥିଉ ୨୨:୩୭-୪୦; ରୋମୀୟ ୧୩:୮-୧୦ ପଢ଼ନ୍ତୁ) । ଆମେ ଯାହା ଜାଣୁ ନାହୁଁ ସେଥିପାଇଁ ଆମେ ଉତ୍ତରଦାୟୀ ନୋହୁଁ (ଯାକୁବ ୪:୧୭ ପଢ଼ନ୍ତୁ) ।

ଯେତେବେଳେ ଆମେ ଆଲୋକରେ ଚାଲିବା (ଆମେ ଜାଣିଥିବା ସତ୍ୟ ଅନୁସାରେ ବଞ୍ଚିବା), ଆମେ ସମସ୍ତ ପାପରୁ ପରିଷ୍କୃତ ହେଉ (୧ ଯୋହନ ୧:୭ ପଢ଼ନ୍ତୁ) । ଆମେ ଭୟ କରିବା ଅନାବଶ୍ୟକ ଯେ ଅଜ୍ଞାତ ଉଲ୍ଲଘଂନ ଈଶ୍ୱରଙ୍କ ସହ ଆମର ସମ୍ପର୍କକୁ ତୁଟାଇ ଦେବ, କାରଣ ଆମେ ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତରେ ବିଶ୍ୱାସ କରୁଛୁ ।

ଲେବୀୟ ପୁସ୍ତକ ଦର୍ଶାଏ ଯେ ।ଯେତେବେଳେ ଆମେ ଜାଣୁ ଯେ ଆମେ ଅନଭିପ୍ରେତ ଭାବରେ କିଛି ଭୁଲ କରିଛୁ ଆମେ ଅନୁତପ୍ତ ହେବା, ଈଶ୍ୱରଙ୍କ କ୍ଷମା ଭିକ୍ଷା କରିବା, ଏବଂ ଈଶ୍ୱରଙ୍କ ଇଚ୍ଛାନୁରୂପ ଜୀବନ ପାଇଁ ଆମ ଜୀବନକୁ ସଂଶୋଧନ କରିବା ଉଚିତ ।

ଯେହେତୁ ଆମେ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରୁ, ପବିତ୍ର ଆତ୍ମାଙ୍କୁ ଅନୁସରଣ କରୁ, ଅନ୍ୟ ବିଶ୍ୱାସୀମାନଙ୍କ ସହିତ ସହଭାଗିତା ରଖୁ, ଏବଂ ପରିପକ୍ୱତାରେ ବୃଦ୍ଧିଲାଭ କରୁ, ଆମେ ଆମ ଆଚରଣରେ ପରିବର୍ତ୍ତନ ଆଣିବା ଉଚିତ ଯାହା ଅନଭିପ୍ରେତ ଭାବରେ ଈଶ୍ୱରଙ୍କ ଇଚ୍ଛାକୁ ଉଲ୍ଲଘଂନ କରେ ।

► କାହିଁକି ଆମେ ଈଶ୍ୱରଙ୍କ ଇଚ୍ଛାକୁ ଅଧିକ ଉତ୍ତମରୂପେ ଜାଣିବ ଓ ପାଳନ କରିବା?

ଈଶ୍ୱରଙ୍କ ଇଚ୍ଛାକୁ ଅଧିକ ଉତ୍ତମରୂପେ ବୁଝିବା ଓ ଏହାକୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରିବାକୁ ଚାହିଁବାର କାରଣଗୁଡ଼ିକ:

୧. ଈଶ୍ୱରଙ୍କୁ ଅସନ୍ତୁଷ୍ଟ କରୁଥିବା କିଛି କରିବାକୁ ଆମେ ଚାହିଁ ନ ଥାଉ ।
୨. ଭୁଲ କାର୍ଯ୍ୟର କୁପରିଣାମ ରହିଛି, ତାହା ଅନଭିପ୍ରେତ ହୋଇଥିଲେ ମଧ୍ୟ ।
୩. ଆମେ ଖ୍ରୀଷ୍ଟିୟାନ ଭାବରେ ଉତ୍ତମ ଉଦାହରଣ ହେବା ଆବଶ୍ୟକ ।
୪. ଆମେ ଯଦି ଈଶ୍ୱରଙ୍କ ଇଚ୍ଛାକୁ ଏଡାଇବକୁ ଚେଷ୍ଟା କରିବା ଆମେ ଉଦ୍ଦେଶ୍ୟମୂଳକ ପାପରେ ଦୋଷୀ ହେବା ।

ଈଶ୍ୱରଙ୍କ ଇଚ୍ଛା ବିଷୟରେ ବୁଝି ଆମେ ବୃଦ୍ଧିଲାଭ କଲାବେଳେ, ଆମେ ବେଳେବେଳେ ଆମ ଜୀବନର ଭୁଲକୁ ଚିହ୍ନିଥାଉ । ଯଦି ଆମେ ଜାଣୁ ଯେ ଆମେ କିଛି ଭୁଲ କରୁଛୁ, କିନ୍ତୁ ଯାହା ବି ହେଉ ତାହା କରିବାକୁ ମନୋନୀତ କରୁ, ତାହା ଆଉ ଅଜ୍ଞତାର ତ୍ରୁଟି ହୋଇ ନ ଥାଏ । ଯଦି ଆମେ ନିଜକୁ ପରିବର୍ତ୍ତନ କରିବାକୁ ମନା କରୁ, ସେହି ଭୁଲ ଏକ ଇଚ୍ଛାକୃତ ପାପରେ ପରିଣତ ହୁଏ ।

## ଉପସଂହାର

ବେଳେବେଳେ ପରମାର୍ଥବିତମାନେ ପାପର ବର୍ଗଗୁଡ଼ିକ ମଧ୍ୟରେ ପାର୍ଥକ୍ୟ କରନ୍ତି ନାହିଁ । ସେମାନେ କହିପାରନ୍ତି ଯେ ସିଦ୍ଧତାଠାରୁ କମ୍ ସବୁ କିଛି ପାପ ଅଟେ, କିମ୍ବା ସେମାନେ କହିପାରନ୍ତି ଯେ କେବଳ ଇଚ୍ଛାକୃତ କାର୍ଯ୍ୟ ହିଁ ପାପ । ଯଦି ଆମେ ପାପର ବର୍ଗଗୁଡ଼ିକ ବୁଝିପାରିବା, ତେବେ ଈଶ୍ୱର ତାଙ୍କ ଅନୁଗ୍ରହରେ ଆମ ପାଇଁ କ'ଣ କରିବାକୁ ଚାହୁଁଛନ୍ତି ତାହା ଆମେ ଭଲଭାବରେ ବୁଝି ପାରିବା ।

- **ଇଚ୍ଛାକୃତ ପାପ** ଜଣେ ବ୍ୟକ୍ତି ପୁନର୍ଜନ୍ମ ପ୍ରାପ୍ତ ହେବା ପରେ ଦୂର ହେବା ଉଚିତ । ଯୋହନ ଘୋଷଣା କରନ୍ତି ଯେ ଜଣେ ପୁନର୍ଜନ୍ମ ପ୍ରାପ୍ତ ବ୍ୟକ୍ତି ଅଭ୍ୟାସଗତ ଭାବରେ ପାପ କରେ ନାହିଁ (୧ ଯୋହନ ୩:୪-୯) । ଇଚ୍ଛାକୃତ ପାପ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସହିତ ସଙ୍ଗତ ନୁହେଁ । ସୁଚିନ୍ତିତ ବିଦ୍ରୋହ ଜଣେ ସାଧାରଣ ବିଶ୍ୱାସୀର ଅଭ୍ୟାସର ଅଂଶ ନୁହେଁ ।
- ପବିତ୍ରୀକରଣ ହେଉଛି **ମାନବ ସ୍ୱଭାବର ପାପ** ସହିତ କାରବାର କରିବାପାଇଁ ଈଶ୍ୱରଙ୍କ କାର୍ଯ୍ୟ, ଯେପରି କି ବିଶ୍ୱାସୀମାନେ ସମ୍ପୂର୍ଣ୍ଣ ପବିତ୍ର ହୁଅନ୍ତି (୧ ଥେସଲନୀକୀୟ ୫:୨୩) । ସେମାନଙ୍କର ଆତ୍ମା, ପ୍ରାଣ ଓ ଶରୀର ସମ୍ପୂର୍ଣ୍ଣ ନିର୍ଦ୍ଦୋଷରୂପେ ରକ୍ଷିତ ହୁଏ । ପବିତ୍ରୀକରଣ ମାନବସ୍ୱଭାବର ପାପସବୁକୁ ଜୟ କରେ ।
- **ଅଜ୍ଞତାର ପାପ** ଉଦ୍ଦେଶ୍ୟମୂଳକ ଅବାଧ୍ୟତା ନୁହେଁ, ଏବଂ ଏହା ପାପପୂର୍ଣ୍ଣ ସ୍ୱଭାବରୁ ଆସି ନ ଥାଏ, ମାତ୍ର ଏକ ପତିତ ଶରୀର ଓ ମନରୁ ଆସିଥାଏ । ପାର୍ଥିବ ଜୀବନ ସମୟରେ ଏହି ପ୍ରକାରର ପାପରୁ ସମ୍ପୂର୍ଣ୍ଣରୂପେ ଉଦ୍ଧାର ପାଇବାର କୌଣସି ସମ୍ଭାବନା ନାହିଁ । ପୁନରୁତ୍ଥାନରେ ଗୌରବାନ୍ୱିତ ସାଧୁ ସମସ୍ତ ପ୍ରକାରର ପାପରୁ ସମ୍ପୂର୍ଣ୍ଣ ଓ ସ୍ଥାୟୀଭାବରେ ମୁକ୍ତ ହେବେ ।

► ଅତିକମରେ ଦୁଇଥର ଏକାଠି ବିଶ୍ୱାସର ସ୍ୱୀକାରୋକ୍ତି ପାଠ କରନ୍ତୁ ।

## ବିଶ୍ୱାସର ସ୍ୱୀକାରୋକ୍ତି

ମନୁଷ୍ୟର ପାପର ଉତ୍ପତ୍ତି ହୋଇଥିଲା ଯେତେବେଳେ ପ୍ରଥମେ ସୃଷ୍ଟ ହୋଇଥିବା ମାନବ ଈଶ୍ୱରଙ୍କର ଅବାଧ୍ୟ ହେବା ପାଇଁ ମୁକ୍ତଭାବରେ ନିଷ୍ପତ୍ତି ନେଲେ । ଯୀଶୁଙ୍କ ବ୍ୟତୀତ ସମସ୍ତ ଲୋକ ଆଦମଙ୍କ ପତିତାବସ୍ଥାର ଉତ୍ତରାଧିକାରୀ ହୋଇଛନ୍ତି ଏବଂ ପାପ କାର୍ଯ୍ୟରେ ମଧ୍ୟ ଦୋଷୀ ଅଟନ୍ତି । ମଣିଷର ତ୍ରୁଟି ଈଶ୍ୱରଙ୍କର ବ୍ୟବସ୍ଥା ଲଙ୍ଘନ କରିପାରେ କିନ୍ତୁ ଈଶ୍ୱରଙ୍କ ସଙ୍ଗେ ଆମର ସମ୍ପର୍କ ଛିନ୍ନ କରି ନ ଥାଏ । ପ୍ରତ୍ୟେକ ପାପୀ ଅନନ୍ତକାଳ ଦଣ୍ଡାଜ୍ଞାରେ ରହିବ ଯଦି ସେ ଶେଷ ବିଚାର ପୂର୍ବରୁ ଈଶ୍ୱରଙ୍କ କ୍ଷମା ନ ପାଏ ।

## ପାଠ ୫ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠରର ବିଷୟବସ୍ତୁ ଉପରେ କ'ଣ କହୁଛି ସେବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ରୋମୀୟ ୧:୨୧-୩୨
- ରୋମୀୟ ୩:୧୦-୨୦
- ଗାଲାତୀୟ ୫:୧୬-୨୧
- ଏଫିସୀୟ ୫:୧-୮
- ତୀତସ ୧:୧୦-୧୬
- ଯାକୁବ ୪:୧-୪
- ୨ପିତର ୨:୯-୧୭

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୫ ର ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ତୁମର ଶ୍ରେଣୀ ବାହାର ଶିକ୍ଷାଦାନ ସମୟ ନିର୍ଘଣ୍ଟକୁ ମନେ ରଖ ଓ ଶିକ୍ଷାଦାନ ସମାପ୍ତ କଲାପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୫ ପରୀକ୍ଷା

(୧) ଆମେ ପାପକୁ ବୁଝିବା କାହିଁକି ଅତ୍ୟାବଶ୍ୟକ ଏହାର ତିନୋଟି କାରଣ ଲେଖ ।

(୨) ଆମେ କିପରି ଜାଣୁ ଯେ ପାପରେ ଈଶ୍ୱରଙ୍କର କୌଣସି ତ୍ରୁଟି ନାହିଁ?

(୩) ନିମ୍ନୋକ୍ତ ପ୍ରତ୍ୟେକଟିର ଗୋଟିଏ ବାକ୍ୟରେ ସଂଜ୍ଞା ଦିଅ: ଇଚ୍ଛାକୃତ ପାପ, ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା, ଏବଂ ଅନଭିପ୍ରେତ ଉଲ୍ଲଘଂନ ।

(୪) ଆମେ କାହିଁକି ଈଶ୍ୱରଙ୍କ ଇଚ୍ଛାକୁ ଅଧିକ ଉତ୍ତମରୂପେ ବୁଝିବା ଓ ପାଳନ କରିବା?

# ପାଠ ୬

# ଆତ୍ମିକ ପ୍ରାଣୀଗଣ

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- ସ୍ୱର୍ଗଦୂତମାନଙ୍କ ସ୍ୱଭାବ ବିଷୟରେ କିଛି ସବିଶେଷ ବିବରଣ ।
- ବିଶ୍ୱାସୀମାନଙ୍କ ଜୀବନରେ ଦୂତମାନଙ୍କ ଯୋଗଦାନ ।
- ଶୟତାନ ଓ ଅନ୍ୟ ମନ୍ଦାତ୍ମାମାନଙ୍କର ପତନ ।
- ଆତ୍ମିକ ଜଗତରେ ଥିବା ଆତ୍ମିକ ଦ୍ୱନ୍ଦ୍ୱ ।
- ମନ୍ଦ ଶକ୍ତି ଉପରେ ଈଶ୍ୱର ଓ ବିଶ୍ୱାସୀମାନଙ୍କର ଚରମ ବିଜୟ ।
- ଆତ୍ମିକ ପ୍ରାଣୀଗଣ ସମ୍ବନ୍ଧୀୟ ଖ୍ରୀଷ୍ଟୀୟ ବିଶ୍ୱାସର ଏକ ସ୍ୱୀକାରୋକ୍ତି ।

(୨) ଛାତ୍ରମାନେ ଯେପରି ଆତ୍ମିକ ଜଗତ ବିଷୟରେ ଭୁଲ ପ୍ରକାରର ଆଗ୍ରହରୁ ଦୂରେଇ ରହନ୍ତି ।

## ଦୂତମାନେ କିପରି ଅଟନ୍ତି

► ମାଥିଉ ୪:୧-୧୧ ଏକତ୍ର ପାଠ କରନ୍ତୁ । ମନ୍ଦାତ୍ମାମାନଙ୍କ ବିଷୟରେ ଏହି ଶାସ୍ତ୍ରାଂଶ କ'ଣ କହେ?

ଯେତେବେଳେ ଲୋକମାନେ ଦୂତମାନଙ୍କ ବିଷୟରେ କଥାବାର୍ତ୍ତା କରନ୍ତି, ପ୍ରାୟଶଃ ପ୍ରଥମ ପ୍ରଶ୍ନ ଉଠିଥାଏ, "ଦୂତମାନେ କିପରି ଦେଖାଯାନ୍ତି?" ଅନେକ କଳାକାର ସେମାନଙ୍କ ଚିତ୍ର ଆଙ୍କି ସେମାନଙ୍କ ବର୍ଣ୍ଣନା କରିବାକୁ ପ୍ରୟାସ କରିଛନ୍ତି ।

► ଦୂତମାନେ କିପରି ଦେଖାଯାନ୍ତି?

ଦୂତମାନଙ୍କର ଡେଣା ଅଛି କି? ଯିଶାଇୟ ଦେଖିଥିବା ସରାଫଗଣର ଛ'ଟି ଲେଖାଏଁ ଡେଣା ଥିଲା (ଯିଶାଇୟ ୬:୨) । କିରୁବମାନଙ୍କ ପ୍ରତିମୂର୍ତ୍ତି ଯାହା ନିୟମ ସିନ୍ଦୁକ ଉପରେ ରଖିବା ପାଇଁ ଈଶ୍ୱର ମୋଶାଙ୍କୁ କହିଥିଲେ, ସେମାନଙ୍କର ବି ଡେଣା ଥିଲା (ଯାତ୍ରାପୁସ୍ତକ ୨୫:୨୦) । ଯିହିଜିକଲ ଦେଖିଥିବା କିରୁବମାନଙ୍କର ଚାରୋଟି ଡେଣା ଥିଲା (ଯିହିଜିକଲ ୧:୬; ୧୦:୧୫) ।

ସବୁ ଦୂତମାନଙ୍କର ଯେ ଡେଣାଥାଏ ଏହା ଆମେ ଜାଣୁ ନା । ସେମାନେ ସାଧାରଣତଃ ଭ୍ରମଣ ପାଇଁ ଡେଣା ଆବଶ୍ୟକ କରନ୍ତି ନାହିଁ, କାରଣ ସେମାନେ ଆତ୍ମା ଅଟନ୍ତି ଏବଂ ଡ଼େଣା ସହିତ ଉଡ଼ିବା ଅପେକ୍ଷା ବହୁତ ବେଗରେ ଯାତ୍ରା କରନ୍ତି । ଆତ୍ମିକ ପ୍ରାଣୀ ଭାବରେ, ସେମାନଙ୍କର ମଧ୍ୟ ପ୍ରାକୃତିକ ଶରୀର ରହିବ ନାହିଁ । ଦୂତମାନଙ୍କ ପାଇଁ ଡ଼େଣା ସାଧାରଣତଃ ଅନାବଶ୍ୟକ ।

ଆମେ ଦେଖୁଥିବା ଅନେକ କଳାକୃତିର ବିପରୀତ, ବାଇବଲ କେବେ ବି ଦୂତମାନଙ୍କୁ ମହିଳା କିମ୍ବା ଶିଶୁ ପରି ଦେଖାଏ ନାହିଁ । ସେମାନେ ପୁରୁଷ ରୂପରେ ଦେଖାଦେଇଛନ୍ତି, କିନ୍ତୁ ମାନବ ଦୃଷ୍ଟିରେ ଲିଙ୍ଗବିହୀନ ପ୍ରାଣୀ ଅଟନ୍ତି । ସେମାନେ ବିବାହ କରନ୍ତି ନାହିଁ ବା ପାରିବାରିକ ସମ୍ପର୍କ ରକ୍ଷା କରନ୍ତି ନାହିଁ (ମାଥିଉ ୨୨:୩୦ ପଢ଼ନ୍ତୁ) । ପ୍ରତ୍ୟେକେ ବ୍ୟକ୍ତିଗତ ଭାବରେ ସୃଷ୍ଟ ଅଟନ୍ତି ।

ଦୂତମାନେ ସାଧାରଣତଃ ଲୋକମାନଙ୍କ ପ୍ରତି ଅଦୃଶ୍ୟ ଅଟନ୍ତି, କିନ୍ତୁ ଯେତେବେଳେ କୌଣସି କାରଣରୁ ଦରକାର ହୁଏ, ସେତେବେଳେ ସେମାନେ ଦେଖା ଦେଇପାରନ୍ତି । ବେଳେବେଳେ ଯେତେବେଳେ ଜଣେ ଦୂତ ଦେଖାଗଲେ, ଲୋକମାନେ ପ୍ରଥମେ ଭାବିଲେ ଯେ ସେ ଜଣେ ସାଧାରଣ ଲୋକ (ଆଦିପୁସ୍ତକ ୧୯:୧-୨) । ଅନ୍ୟ ସମୟରେ ସ୍ୱର୍ଗଦୂତମାନେ ଏପରି ଉଜ୍ଜ୍ୱଳତା ସହିତ ଦେଖାଗଲେ ଯେ ଲୋକମାନେ ଭୟଭୀତ ହୋଇ ତଳେ ପଡ଼ିଗଲେ (ମାଥିଉ ୨୮:୨-୪) । ଯେତେବେଳେ ଜଣେ ଦୂତ କାହାକୁ ଦେଖାଦେଲେ, ସେ ସାଧାରଣତଃ ସେହି ବ୍ୟକ୍ତିଙ୍କୁ "ଭୟ କର ନାହିଁ" ଶବ୍ଦ ସହିତ ଅଭିବାଦନ କରୁଥିଲେ (ଲୂକ ୧:୧୩; ୧:୩୦; ୨:୧୦ ପଢ଼ନ୍ତୁ) ।

ସ୍ୱର୍ଗଦୂତମାନେ ଆତ୍ମିକ ପ୍ରାଣୀଗଣ (ଏବ୍ରୀ ୧:୧୪), □ କିନ୍ତୁ ଏହି କାରଣରୁ ଆମେ ସେମାନଙ୍କୁ କମ୍ ବାସ୍ତବ ଭାବିବା ଅନୁଚିତ । ବାଇବଲ ସୂଚିତ କରେ ଯେ ପ୍ରାକୃତିକ ଯେ କୌଣସି ବିଷୟ ଅପେକ୍ଷା ଆତ୍ମିକ ପ୍ରାଣୀମାନେ ଅଧିକ ଶକ୍ତିଶାଳୀ (ଯିଶାଇୟ ୩୧:୧-୩ ପଢ଼ନ୍ତୁ) ।

ସ୍ୱର୍ଗଦୂତମାନଙ୍କୁ ମଧ୍ୟ ଈଶ୍ୱରଙ୍କ ପୁତ୍ର କୁହାଯାଏ (ଆୟୁବ ୧:୬) ଏବଂ ଈଶ୍ୱରଙ୍କ ସ୍ୱଭାବର କିଛି ଅଂଶ ସେମାନଙ୍କଠାରେ ଅଛି, କିନ୍ତୁ ମନୁଷ୍ୟମାନେ ସେମାନଙ୍କ ଅପେକ୍ଷା ଅଧିକତର ଈଶ୍ୱରଙ୍କ ସ୍ୱଭାବର ଅଧିକାରୀ । ଦୂତମାନେ ବର୍ତ୍ତମାନ ଶକ୍ତି ଓ ବୁଦ୍ଧିମତ୍ତାରେ ବହୁତ ଉନ୍ନତ, କିନ୍ତୁ ଦିନେ ମନୁଷ୍ୟମାନେ ଦୂତମାନଙ୍କଠାରୁ ଉର୍ଦ୍ଧ୍ୱରେ ରହିବେ (୧ କରିନ୍ଥୀୟ ୬:୩ ପଢ଼ନ୍ତୁ) ।

ଆଦିପୁସ୍ତକରେ ଦୂତମାନଙ୍କର ସୃଷ୍ଟି ବିଷୟରେ ଉଲ୍ଲେଖ କରାଯାଇ ନାହିଁ । ସେମାନେ ପୃଥିବୀ ସୃଷ୍ଟି ପୂର୍ବରୁ ସୃଷ୍ଟ ହୋଇଥିଲେ, ଏବଂ ଯେତେବେଳେ ସେମାନେ ଈଶ୍ୱର ପୃଥିବୀକୁ ସୃଷ୍ଟି କରୁଥିବା ଦେଖିଲେ ସେମାନେ ଆନନ୍ଦରେ ଜୟଧ୍ୱନି କଲେ (ଆୟୁବ ୩୮:୪-୭) ।

□ ଭୂତମାନେ ମଧ୍ୟ "ଆତ୍ମିକ ପ୍ରାଣୀ" ଅଟନ୍ତି - ମାଥିଉ ୮:୧୬; ୧୨:୪୫; ପ୍ରେରିତ ୧୯:୧୨; ଇତ୍ୟାଦି

ଦୂତମାନେ ଅମର (ଲୂକ ୨୦:୩୬) । ସେମାନେ ପୃଥିବୀ ପୂର୍ବରୁ ସୃଷ୍ଟ ହୋଇଥିବାରୁ ସମସ୍ତ ଦୂତମାନେ ହଜାର ହଜାର ବର୍ଷ ଧରି ବଞ୍ଚôଛନ୍ତି ଏବଂ ସମସ୍ତ ମାନବ ଇତିହାସକୁ ଦେଖିଛନ୍ତି ।

ଦୂତମାନଙ୍କର ବ୍ୟକ୍ତିତ୍ୱ ଅଛି । ସେମାନେ କଥା କହିପାରନ୍ତି ଓ ବାର୍ତ୍ତାଳାପ କରିପାରନ୍ତି (ଲୂକ ୧:୧୮-୨୦) । ସେମାନେ ଈଶ୍ୱରଙ୍କର ଉପାସନା କରନ୍ତି, ଅର୍ଥାତ୍ ସେମାନେ ତାଙ୍କ ସ୍ୱଭାବକୁ କିଛିଟା ବୁଝିପାରନ୍ତି ଏବଂ ଭୟଭକ୍ତିର ସହିତ ଏହାର ଉତ୍ତର ଦିଅନ୍ତି (ଏବ୍ରୀ ୧:୬) । ଯେତେବେଳେ ଜଣେ ପାପୀ ମନପରିବର୍ତ୍ତନ କରେ, ସେମାନେ ଆନନ୍ଦ କରନ୍ତି, ଯାହା ଦର୍ଶାଏ ଯେ ସେମାନଙ୍କର ଆବେଗ ରହିଛି (ଲୂକ ୧୫:୧୦ ପଢ଼ନ୍ତୁ) । ସେମାନେ ପରିତ୍ରାଣର ଯୋଜନା ବୁଝିବା ପାଇଁ ଅତ୍ୟନ୍ତ ଆଗ୍ରହୀ, ଯାହା ଦର୍ଶାଏ ଯେ ସେମାନଙ୍କର ବୌଦ୍ଧିକ କ୍ଷମତା ରହିଛି (୧ପିତର ୧:୧୨ ପଢ଼ନ୍ତୁ) । ଯୀଶୁଙ୍କ ଜନ୍ମର ଘୋଷଣା ସମୟରେ ସେମାନେ ଆନନ୍ଦ ଉତ୍ସବ ପାଳନ କଲେ (ଲୂକ ୨:୧୩-୧୪) ।

ସ୍ୱର୍ଗଦୂତମାନେ ସମସ୍ତେ ସମାନ ନୁହଁନ୍ତି, କାରଣ ସେମାନଙ୍କ ମଧ୍ୟରୁ ଅନେକଙ୍କୁ କିରୁବ (ଗୀତସଂହିତା ୮୦:୧) ଓ ଅନେକଙ୍କୁ ସରାଫ (ଯିଶାଇୟ ୬:୨) କୁହାଯାଏ । ଦୂତମାନଙ୍କର ମଧ୍ୟ ବିଭିନ୍ନ ସ୍ତର ଅଛି, କାରଣ ବାଇବଲରେ ଉଭୟ ଦୂତଗଣ ଓ ଅନ୍ତତଃ ଜଣେ ପ୍ରଧାନ ଦୂତଙ୍କ ବିଷୟରେ ଏବଂ "ଶୟତାନ ଓ ତାହାର ଦୂତମାନଙ୍କ" ବିଷୟରେ କୁହାଯାଏ (ମାଥିଉ ୨୫:୪୧) । ସେମାନଙ୍କ ମଧ୍ୟରେ ଅଧିକାରର ସଂରଚନା ରହିଛି, ଯାହାକୁ ସିଂହାସନ, ପ୍ରଭୁତ୍ୱ, ଆଧିପତ୍ୟ କୁହାଯାଏ (ଏଫିସୀୟ ୬:୧୨; କଲସୀୟ ୧:୧୬ ପଢ଼ନ୍ତୁ) ।


ଉଭୟ ଯିହୁଦୀ ଓ ଖ୍ରୀଷ୍ଟୀୟ ପରମ୍ପରାରେ ସ୍ୱର୍ଗଦୂତମାନଙ୍କ ବିଷୟରେ ଅନେକ କିଛି ଲେଖା ହୋଇଛି, ଯାହା ଧର୍ମଶାସ୍ତ୍ର ବହିର୍ଭୁତ ବିଷୟ ।

ଧର୍ମଶାସ୍ତ୍ରରେ ଦୂତମାନଙ୍କ ମଧ୍ୟରେ ଥିବା ଭିନ୍ନତା ବିଷୟରେ ଅଧିକ କିଛି ପ୍ରକାଶ କରାଯାଇ ନାହିଁ । ବାଇବଲରେ କେବଳ ଦୁଇଥର ପ୍ରଧାନ ଦୂତ ଶବ୍ଦ ବ୍ୟବହୃତ ହୋଇଛି । ମିଖାଏଲଙ୍କୁ ପ୍ରଧାନ ଦୂତ କୁହାଯାଇଛି । ଯୀଶୁଙ୍କ ଆଗମନ ସମୟରେ ପ୍ରଧାନ ଦୂତଙ୍କ ସ୍ୱର ଶୁଣାଯିବ (୧ଥେସଲନୀକୀୟ ୪:୧୬; ଯିହୂଦା ୧:୯) । ପ୍ରଧାନ ଦୂତ ର ଅର୍ଥ "ମୁଖ୍ୟ ଦୂତ" । କେତେ ଜଣ ପ୍ରଧାନ ଦୂତ ଅଛନ୍ତି ଆମେ ଜାଣୁନା ।

ବାଇବଲରେ ସରାଫଙ୍କ ବିଷୟରେ କେବଳ ଯିଶାଇୟ ୬ ଅଧ୍ୟାୟରେ ଉଲ୍ଲେଖ କରାଯାଇଛି । ସେମାନଙ୍କର ୬ଟି ଡ଼େଣା ଥିଲା । ସେମାନଙ୍କର ଡ଼େଣା ବ୍ୟତୀତ, ସେମାନେ ହୁଏତ କିଛି ମାତ୍ରାରେ ମଣିଷଭଳି ଦେଖାଯାଉଥିଲେ, କାରଣ ସେମାନଙ୍କର ହାତ, ପାଦ ଓ ମୁଖ ଥିଲା ।

ଆଦମ ଓ ହବାଙ୍କୁ ବିତାଡ଼ିତ କରିବା ପରେ ଏଦନ ଉଦ୍ୟାନରେ କିରୁବଗଣଙ୍କୁ ଓ ତେଜାମୟ ଖଡ୍ଗ ସ୍ଥାପନ କରାଯାଇଥିଲା (ଆଦିପୁସ୍ତକ ୩:୨୪) । ଏହା ଦ୍ୱାରା ଉଦ୍ୟାନକୁ ଅପହଂଚି କରାଯାଇଥିଲା । ଯିହିଜିକଲ ଯେଉଁ କିରୁବମାନଙ୍କୁ ଦେଖିଥିବାର

ବର୍ଣ୍ଣନା କରନ୍ତି ତାହା ଆମେ ଜାଣିଥିବା ଅନ୍ୟ ପ୍ରାଣୀମାନଙ୍କଠାରୁ ବହୁତ ଭିନ୍ନ । ସେମାନଙ୍କର ଚାରୋଟି ଡ଼େଣା, ଚାରୋଟି ଭିନ୍ନ ପ୍ରକାରର ମୁଖ ଥିଲା, ଅନେକ ହାତ ଥିଲା ଏବଂ ଅଗ୍ନି ପରି ଜ୍ୟୋତିଃ, ବିଦ୍ୟୁତ୍ର ଆଭା, ଓ ବିଦ୍ୟୁତ୍ ବେଗ ଥିଲା (ଯିହିଜିକଲ ୧:୫-୧୪; ୧୦:୧୫) ।



ଦୁଇ କିରୁବଙ୍କ ପ୍ରତିମୂର୍ତ୍ତିକୁ ନିୟମ ସିନ୍ଦୁକର ଦୁଇ ମୁଣ୍ଡରେ ରଖାଯାଇଥିଲା ଏବଂ ସେମାନଙ୍କ ମଧ୍ୟରେ ଥିଲା ପାପାଚ୍ଛାଦନ ବା ଦୟାସନ ।□ ବାଇବଲରେ ବାରମ୍ବାର କୁହାଯାଏ "କିରୁବଗଣ ଉପରେ ଉପବିଷ୍ଟ ସଦାପ୍ରଭୋ" ।□ ଏହା ତାଙ୍କୁ ଇଶ୍ରାଏଲର ପରମେଶ୍ୱର ବୋଲି ପରିଚିତ କରିଥିଲା, ଯେ କି ମନ୍ଦିରରେ ଉପାସିତ ହେଉଥିଲେ ଏବଂ ଏହା ମଧ୍ୟ ଦର୍ଶାଇଥିଲା ଯେ ସେ ଅପହଂଚି ଅଟନ୍ତି, ଯଦିବା ତାଙ୍କ ନିର୍ଦ୍ଦେଶିତ ଉପାୟରେ ତାଙ୍କର ନିକଟତର ହେବା ସମ୍ଭବ ଥିଲା ।

ଈଶ୍ୱରଙ୍କ ଶକ୍ତି ଓ ମହିମା ସେ ଯେଉଁ ପ୍ରକାର ସେବକମାନଙ୍କୁ ରଖିଛନ୍ତି ତହିଁରୁ ଜଣାଯାଏ । କିରୁବମାନେ ଏପରି ପ୍ରାଣୀ ଅଟନ୍ତି ଯେ ସେମାନଙ୍କ ମଧ୍ୟରୁ ଜଣକୁ ଦେଖୁଥିବା ବ୍ୟକ୍ତି ହୁଏତ ଭାବିପାରେ ଯେ ସେ ଈଶ୍ୱରଙ୍କୁ ଦେଖୁଛନ୍ତି, ଏବଂ ସେ ତାକୁ ପୂଜା କରିବାକୁ ଚାହିଁବ, ତଥାପି ସେ କେବଳ ଜଣେ ଈଶ୍ୱରଙ୍କ ସେବକ ଅଟେ ।

ଈଶ୍ୱର ଏତେ ସଂଖ୍ୟକ ଦୂତମାନଙ୍କ ଦ୍ୱାରା ସେବିତ ହେବା ତାଙ୍କ ମହିମାକୁ ଦର୍ଶାଏ । ପ୍ରେରିତ ଯୋହନ ଈଶ୍ୱରଙ୍କ ସିଂହାସନ ଚାରିପାଖରେ ସ୍ୱର୍ଗଦୂତମାନଙ୍କ ଭିଡ଼ ଦେଖିଥିଲେ ଯାହାକୁ ସେ "ସହସ୍ର ସହସ୍ର ଓ ଅୟୁତ ଅୟୁତ" ଭାବରେ ବର୍ଣ୍ଣନା କରନ୍ତି (ପ୍ରକାଶିତ ୫:୧୧) ।

ଜଣେ ଦୂତଙ୍କ ଶକ୍ତି ଅସୀମିତ ନୁହେଁ, କାରଣ ଆମେ ପଢୁ ଯେ ଜଣେ ଦୂତ ଦାନିୟେଲଙ୍କ ପାଇଁ ବାର୍ତ୍ତା ନେଉଥିବାବେଳେ ସେ ପଥ ମଧ୍ୟରେ ପ୍ରତିବାଧାର ସମ୍ମୁଖୀନ ହେଲେ, ଫଳରେ ବିଳମ୍ବ ଘଟିଲା (ଦାନିଏଲ ୧୦:୧୨, ୧୩ ପଢ଼ନ୍ତୁ) । ତଥାପି ଈଶ୍ୱର ତାଙ୍କର କୌଣସି କାର୍ଯ୍ୟ ନିମନ୍ତେ ଯେତିକି ଶକ୍ତି ଆବଶ୍ୟକ ସେତିକି ଶକ୍ତି ଦିଅନ୍ତି, ଉଦାହରଣ ସ୍ୱରୂପ: ଥରେ ଜଣେ ଦୂତ ୧,୮୫,୦୦୦ ସୈନ୍ୟଙ୍କୁ ସଂହାର କରିଥିଲା (୨ ରାଜାବଳୀ ୧୯:୩୫) ।

ଦୂତମାନେ ବୋଧହୁଏ ବିଭିନ୍ନ ଦାୟିତ୍ୱ ପାଇଛନ୍ତି । ଯେଉଁମାନେ ପରିତ୍ରାଣ ପାଆନ୍ତି ସେମାନଙ୍କ ସେବା କରିବାକୁ ସେମାନେ ପ୍ରେରିତ ହୋଇଥାନ୍ତି (ଏବ୍ରୀ ୧:୧୪ ପଢ଼ନ୍ତୁ) । ଈଶ୍ୱରଙ୍କ ସେବାକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଦୂତମାନେ ସେମାନଙ୍କ ଚତୁର୍ଦ୍ଦିଗରେ ଥାଆନ୍ତି (ଗୀତସଂହିତା ୩୪:୭) । ଆମେ ଅନୁମାନ କରିପାରୁ ଯେ ଅନେକ ଦୂତ ଆମ ସହିତ ସବୁବେଳେ ଉପସ୍ଥିତ

□ Image: "Ark of the Covenant engraving", *Illustrated Bible Dictionary* (୧୮୯୩), retrieved from https://commons.wikimedia.org/wiki/File:Ark_of_the_Covenant_engraving.jpg, public domain.

□ ଉଦାହରଣ, ୨ ରାଜାବଳୀ ୧୯:୧୫, ୧ ବଂଶାବଳୀ ୧୩:୬, ଯିଶାଇୟ ୩୭:୧୬

ରହନ୍ତି । ଯୀଶୁ କହନ୍ତି, ଯେ ପିଲାମାନଙ୍କ ନିକଟରେ ଦୂତମାନେ ନିଯୁକ୍ତ ହୋଇଥାନ୍ତି (ମାଥିଉ ୧୮:୧୦ ପଢ଼ନ୍ତୁ) । ପ୍ରଧାନଦୂତ ମିଖାଏଲଙ୍କୁ ମହାନ୍ ଅଧିପତି କୁହାଯାଏ ଯେ କି ଇଶ୍ରାଏଲ ଦେଶକୁ ରକ୍ଷା କରନ୍ତି (ଦାନିଏଲ ୧୨:୧) ।

ବାଇବଲ କଦାପି କହି ନାହିଁ ଯେ ଆମେ ଦୂତମାନଙ୍କ ନିକଟରେ ପ୍ରାର୍ଥନା କରିବା । ଏହା କେବେ ବି କହିନାହିଁ ଯେ ଆମେ ସେମାନଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରିବା ଉଚିତ । ସେମାନେ ଆମ ଓ ଈଶ୍ୱରଙ୍କ ମଧ୍ୟରେ ମଧ୍ୟସ୍ଥି ନୁହଁନ୍ତି । ଯେଉଁମାନେ ଦୂତମାନଙ୍କୁ ପୂଜା କରନ୍ତି ଏବଂ ପ୍ରକୃତରେ କିଛି ନ ବୁଝି ଆତ୍ମିକଜଗତ ସହିତ ଜଡ଼ିତ ହୁଅନ୍ତି ସେମାନଙ୍କୁ ଚେତାବନୀ ଦିଆଯାଇଛି (କଲସୀୟ ୨:୧୮ ପଢ଼ନ୍ତୁ) । ଯଦି ଆମେ ସ୍ୱର୍ଗଦୂତମାନଙ୍କ ସହିତ ଜଡ଼ିତ ହେବାକୁ ଚେଷ୍ଟା କରୁ, ଯାହା ଈଶ୍ୱର ଚାହାନ୍ତି ନାହିଁ, ତେବେ ମନ୍ଦ ଆତ୍ମାମାନେ ଈଶ୍ୱରଙ୍କ ଦୂତମାନଙ୍କ ପରିବର୍ତ୍ତେ ଆମ ସଙ୍ଗେ ସମ୍ପର୍କ ରଖିପାରନ୍ତି ।

## ଶୟତାନ ଓ ପତିତ ଦୂତଗଣ

► ମନ୍ଦାତ୍ମାମାନଙ୍କର ଉତ୍ପତ୍ତି କ'ଣ?

ମନ୍ଦାତ୍ମାମାନେ ଏକଦା ସ୍ୱର୍ଗଦୂତ ଥିଲେ ଓ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହୀ ହେଲେ । ମନୁଷ୍ୟଜାତିର ସୃଷ୍ଟି ପୂର୍ବରୁ ଏହା ଘଟିଥିଲା, ଏବଂ ବାଇବଲ ଏବିଷୟରେ ଅଧିକ ପ୍ରକାଶ କରେ ନାହିଁ । ଶୟତାନ ଏହି ବିଦ୍ରୋହର ନେତୃତ୍ୱ ନେଇଥିଲା ଓ ଏକ ତୃତୀୟାଂଶ ଦୂତ ତା'ର ଅନୁସରଣ କଲେ (ପ୍ରକାଶିତ ୧୨:୪) । ଯିହୂଦା କହନ୍ତି ଏହି ଦୂତମାନେ ସେମାନଙ୍କର ପ୍ରଥମ ବାସସ୍ଥାନ ପରିତ୍ୟାଗ କଲେ (ଯିହୂଦା ୬ ପଦ) । ସେମାନେ ପୂର୍ବରୁ ହିଁ ଈଶ୍ୱରଙ୍କ ବିଚାର ଦ୍ୱାରା ଦଣ୍ଡିତ ହୋଇସାରିଛନ୍ତି (ଯୋହନ ୧୬:୧୧; ୨ପିତର ୨:୪ ପଢ଼ନ୍ତୁ) ।

ଭବିଷ୍ୟଦ୍ବକ୍ତାଙ୍କ ପୁସ୍ତକରେ ଦୁଇଟି ଶାସ୍ତ୍ରାଂଶ ଅଛି ଯାହା ଶୟତାନର ପତନକୁ ସୂଚାଇପାରେ (ଯିଶାଇୟ ୧୪:୧୨-୧୭ ଓ ଯିହିଜିକଲ ୨୮:୧୨-୧୯) । ପ୍ରତ୍ୟେକ ଶାସ୍ତ୍ରାଂଶ ଏକ ମାନବ, ପାର୍ଥିବ ରାଜା ବିଷୟରେ କହେ, କିନ୍ତୁ ସେମାନେ ହୁଏତ ରାଜାମାନଙ୍କର ପତନକୁ ଶୟତାନର ପତନ ସହିତ ତୁଳନା କରିଥାଇପାରନ୍ତି ।

ଏଥିରୁ ଜଣାପଡ଼େ ଯେ ଶୟତାନ ଗର୍ବିତ ହୋଇ ଈଶ୍ୱରଙ୍କଠାରୁ ସ୍ୱାଧୀନ ହେବାକୁ ଚାହୁଁଥିଲା । ପ୍ରେରିତ ପାଉଲ ଚେତାବନୀ ଦେଇଛନ୍ତି ଯେ ଜଣେ ବ୍ୟକ୍ତି ଗର୍ବିତ ହୋଇ ଶୟତାନ ସଦୃଶ ଦଣ୍ଡଗ୍ରସ୍ତ ହୋଇପାରେ (୧ତୀମଥି ୩:୬ ପଢ଼ନ୍ତୁ) । ଆଦମ ଓ ହବାଙ୍କୁ ମଧ୍ୟ ଶୟତାନ ଅନୁରୂପ ପ୍ରଲୋଭନରେ ପରୀକ୍ଷା କରିଥିଲା । ସେ କହିଥିଲା, "ତୁମେ ପରମେଶ୍ୱର ସଦୃଶ ହେବ" । ଏହା ହେଉଛି ଈଶ୍ୱରଙ୍କ ଅଧିକାରକୁ ପ୍ରତ୍ୟାଖ୍ୟାନ କରିବା ଓ ନିଜେ ନିଜର ଈଶ୍ୱର ହେବାର ପ୍ରଲୋଭନ ।

► ଶୟତାନ ବିଷୟରେ ଆମେ କ'ଣ ସବୁ ଜାଣୁ?

ଶୟତାନ ତଥାପି ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହର ନେତୃତ୍ୱ ନେଉଛି । ତାକୁ ଆକାଶମଣ୍ଡଳ ରାଜ୍ୟର ଅଧିପତି କୁହାଯାଏ । (ଏଫିସୀୟ ୨:୧) । ଶୟତାନକୁ ଏହି ଜଗତର ଅଧିପତି ବା ଶାସକ କୁହାଯାଏ କାରଣ ଏହି ଜଗତର ଲୋକମାନେ ପ୍ରାୟଶଃ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହାଚରଣ କରୁଛନ୍ତି (ଯୋହନ ୧୨:୩୧) । ସେ ଜଗତର ରାଜ୍ୟଗୁଡ଼ିକର ମାଲିକାନା ଦାବି କରେ ଓ ଯାହାକୁ ଇଚ୍ଛା କରେ ତାକୁ ଅସ୍ଥାୟୀ ଭାବରେ ପ୍ରଦାନ କରେ (ଲୂକ ୪:୪-୬) । ସେ ପାପୀମାନଙ୍କ ଜ୍ଞାନଚକ୍ଷୁ ଅନ୍ଧ କରିଦିଏ ଯେପରି କି ସେମାନେ ସୁସମାଚାର ଗ୍ରହଣ କରି ନ ପାରିବେ (୨କରିନ୍ଥୀୟ ୪:୪ ପଢ଼ନ୍ତୁ) । ଯେଉଁ ପାପୀମାନେ ମନ ପରିବର୍ତ୍ତନ କରି ନାହାନ୍ତି ସେମାନେ ପ୍ରକୃତରେ ତା'ର ବନ୍ଦୀ ଅଟନ୍ତି (୨ତୀମଥି ୨:୨୬) । ସେ ଲୋକଙ୍କ ମନରୁ ଈଶ୍ୱରଙ୍କ ବାକ୍ୟ ହରଣ କରି ନିଏ, ତେଣୁ ତାହା ଅପ୍ରଭାବୀ ହୁଏ (ମାର୍କ ୪:୧୫ ପଢ଼ନ୍ତୁ) । ସେ ହନନୀୟ ଓ ଶଫୀରାଙ୍କ ହୃଦୟରେ ଯୋଜନା ରଚିଥିଲା ଯେପରି କି ସେମାନେ ମଣ୍ଡଳୀ ଓ ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିବେ (ପ୍ରେରିତ ୫:୩) । ସେ ମଧ୍ୟ ଯିହୂଦାଠାରେ ପ୍ରବେଶ କଲା ଯେପରି କି ସେ ଯୀଶୁଙ୍କୁ ବିଶ୍ୱାସଘାତକତା କରିବ (ଲୂକ ୨୨:୩) । ସେ ଭ୍ରାନ୍ତ ଧର୍ମଶିକ୍ଷାସବୁକୁ ଉଦ୍ଭାବନ କରେ ଓ ତାହା ଶିକ୍ଷା ଦେବାପାଇଁ ଲୋକମାନଙ୍କୁ ଉତ୍ସାହିତ କରେ (୧ତୀମଥି ୪:୧ ପଢ଼ନ୍ତୁ) ।

> "ଶୟତାନ ଜଣେ ପାପୀର ହୃଦୟ, ଚକ୍ଷୁ ଓ ଜିହ୍ୱା ଉପରେ ପ୍ରଭୁତ୍ୱ କରିଥାଏ । ସେହି ବ୍ୟକ୍ତିର ହୃଦୟକୁ ସେ ପାପର ପ୍ରେମରେ ପରିପୂର୍ଣ୍ଣ କରେ, ଚକ୍ଷୁକୁ ସେ ଏପରି ଅନ୍ଧ କରିଦିଏ ଯେପରି ସେ ଦୋଷ ଏବଂ ଆଶୁ ବିନାଶକୁ ଦେଖିପାରେ ନାହିଁ, ଏବଂ ଜିହ୍ୱାକୁ ପ୍ରାର୍ଥନା କରିବାରୁ ନିବୃତ୍ତ କରେ ଓ ବାଧା ଜନ୍ମାଏ ।"
> - Adam Clarke,
> *Christian Theology*

ଶୟତାନ ଈଶ୍ୱରଙ୍କୁ ଘୃଣା କରେ, ତେଣୁ ଲୋକମାନଙ୍କୁ ଘୃଣା କରେ କାରଣ ସେମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ଏବଂ ସେମାନେ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ଅନୁଗ୍ରହ ପ୍ରାପ୍ତ ହୁଅନ୍ତି । ସେ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କରିବାକୁ ଲୋକମାନଙ୍କୁ ପ୍ରଭାବିତ କରି ସେ ଯେଉଁ ଦଣ୍ଡଭୋଗ କରୁଛି ଅନ୍ୟମାନେ ମଧ୍ୟ ସମାନରୂପେ ଦଣ୍ଡିତ ହୁଅନ୍ତୁ ବୋଲି ଯଥା ସମ୍ଭବ ଅଧିକରୁ ଅଧିକ ଲୋକଙ୍କୁ ଆଣିବାକୁ ଚେଷ୍ଟା କରିଥାଏ ।

ଯେଉଁମାନେ ସଚେତନ ଭାବରେ ଶୟତାନର ସେବା କରନ୍ତି, ସେମାନେ ହେଉଛନ୍ତି ଜଗତର ସବୁଠାରୁ ଅଧିକ ପ୍ରତାରିତ ଲୋକ, କାରଣ ସେମାନେ ଯେଉଁ ବିଦ୍ରୋହରେ ଲିପ୍ତ ଅଛନ୍ତି ତାହା ସଫଳ ହୋଇପାରିବ ନାହିଁ, ଏବଂ ସେମାନେ ଯେଉଁ ଗୁରୁଙ୍କର ସେବା କରୁଛନ୍ତି ସେ ସେମାନଙ୍କୁ ଘୃଣା କରେ ଓ କେବଳ ସେମାନଙ୍କର ବିନାଶ କରିବାକୁ ସେ ଆଗ୍ରହୀ ଅଟେ (୧ପିତର ୫:୮) । ସେ ଅନେକ କିଛି ପ୍ରତିଜ୍ଞା କରେ ଯାହା ସେ ପୂରଣ କରିପାରିବ ନାହିଁ ବୋଲି ଜାଣେ (ଯୋହନ ୮:୪୪) ।

ଅନ୍ୟମାନେ ଯେତେବେଳେ ପାପରେ ଜୀବନ ଯାପନ କରିବାରୁ ମନୋନୀତ କରନ୍ତି ସେତେବେଳେ ସେମାନେ ଅଜ୍ଞାତରେ ଶୟତାନକୁ ଅନୁସରଣ କରନ୍ତି (ଏଫିସୀୟ ୨:୨, ୩) । ସେଥିପାଇଁ ସେ ପ୍ରଲୋଭନ ଓ ପ୍ରତାରଣା କରିବା ପାଇଁ ଅଧିକ ସମୟ ଓ ଶକ୍ତି ବିନିଯୋଗ କରିଥାଏ (୨କରିନ୍ଥୀୟ ୪:୪; ୧୧:୩, ୧୪) । ଈଶ୍ୱରଙ୍କୁ ଉପାସନା କରିବା ପରିବର୍ତ୍ତେ ସୃଷ୍ଟ ବସ୍ତୁର ପ୍ରତିମା ବନାଇ ପୂଜା କରିବାକୁ ସେ ପ୍ରରୋଚିତ କରେ କାରଣ ଲୋକମାନେ ଈଶ୍ୱରଙ୍କଠାରେ ବିଶ୍ୱାସକୁ ପ୍ରତ୍ୟାଖ୍ୟାନ କରନ୍ତୁ ବୋଲି ସେ

ଚାହେଁ (ରୋମୀୟ ୧:୨୫) । ତାର ସମସ୍ତ ପ୍ରଲୋଭନ ପ୍ରତାରଣାପୂର୍ଣ୍ଣ, କାରଣ ଈଶ୍ୱର ଯାହା ସୃଷ୍ଟି କରିଛନ୍ତି ତାକୁ ବିକୃତ କରି ଉପସ୍ଥାପନା କରିବା ବ୍ୟତୀତ ପ୍ରକୃତରେ ସେ ଅନ୍ୟ କିଛି ପ୍ରଦାନ କରି ନ ପାରେ । ଶୟତାନ କୌଣସି ଆନନ୍ଦ ବା ଆମୋଦ ସୃଷ୍ଟି କରି ନାହିଁ; ଈଶ୍ୱର ହିଁ ସେସବୁ ସୃଷ୍ଟି କରିଛନ୍ତି । ଶୟତାନ କେବଳ ଅପବ୍ୟବହାର ପୂର୍ବକ ବିଭିନ୍ନ ଆକାରରେ ଈଶ୍ୱରଙ୍କ ଇଚ୍ଛାର ବାହାରେ ସୁଖ ପ୍ରଦାନ କରିପାରେ । ପ୍ରକୃତରେ, ଶୟତାନ କିଛି ସୃଷ୍ଟି କରିପାରେ ନାହିଁ; ସେ କେବଳ ଈଶ୍ୱର ସୃଷ୍ଟି କରିଥିବା ଉତ୍ତମ ବିଷୟଗୁଡ଼ିକ ବିକୃତ କରିପାରେ ।

କେତେକ ମନ୍ଦାତ୍ମା ସ୍ପଷ୍ଟତଃ ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ର ବା ଲୋକଦଳ ଉପରେ ଧ୍ୟାନ ଦିଅନ୍ତି । ଯେପରି ମିଖାଏଲ ଦୂତଙ୍କୁ ଇଶ୍ରାଏଲକୁ ରକ୍ଷା କରୁଥିବା ଅଧିପତି କୁହାଯାଉଥିଲା, ମନ୍ଦାତ୍ମାମାନଙ୍କର ମଧ୍ୟ ଅଧିପତି ରହିଥିଲେ ଯେଉଁମାନଙ୍କୁ ପାରସ୍ୟର ଅଧିପତି ଓ ଗ୍ରୀସ୍ର ଅଧିପତି କୁହାଯାଇଛି (ଦାନିଏଲ ୧୦:୧୩, ୨୦) । କେତେକ ଆତ୍ମା ବିଭିନ୍ନ ରାଷ୍ଟ୍ରର ଦେବତା ହେଲେ ।

ଶୟତାନ ପୂଜିତ ହେବାକୁ ଚାହେଁ (ମାଥିଉ ୪:୯ ପଢ଼ନ୍ତୁ) । ମନ୍ଦାତ୍ମାମାନେ ମିଥ୍ୟାଧର୍ମସବୁ ଦ୍ୱାରା କାର୍ଯ୍ୟ କରନ୍ତି । ବାଇବଲ କହେ, ଯେତେବେଳେ ଲୋକମାନେ ମୂର୍ତ୍ତି ପୂଜା କରନ୍ତି ସେମାନେ ଭୂତମାନଙ୍କୁ ପୂଜା କରନ୍ତି (ଦ୍ୱି.ବିବରଣ ୩୨:୧୭; ୧କରିନ୍ଥୀୟ ୧୦:୧୦-୨୧ ପଢ଼ନ୍ତୁ) । ଯେଉଁମାନେ ଅଜ୍ଞାତ ଦେବତାଙ୍କ ଉପାସନା କରନ୍ତି ଭୂତମାନେ ସେହି ଉପାସନାର ଉତ୍ତର ଦିଅନ୍ତି । ଯେପରି ଈଶ୍ୱରଙ୍କ ଉପାସକ ଅଧିକତର ଈଶ୍ୱରଙ୍କ ସଦୃଶ ହୁଅନ୍ତି ଓ ତାଙ୍କ ପବିତ୍ରତାରେ ଆନନ୍ଦ କରନ୍ତି, ମନ୍ଦ ଆତ୍ମାମାନଙ୍କର ଉପାସକସବୁ ଅଧିକ ମନ୍ଦ ହୋଇ ମନ୍ଦରେ ଆନନ୍ଦିତ ହୁଅନ୍ତି । ବୋଧହୁଏ ପୂଜା ଉପାସନାର ସବୁଠାରୁ ଖରାପ ରୂପ ସେତେବେଳେ ଦେଖାଯାଇଥିଲା, ଯେତେବେଳେ ଲୋକମାନେ ନିଜ ପିଲାମାନଙ୍କୁ ଭୂତମାନଙ୍କ ନିକଟରେ ବଳି ଦେଇଥିଲେ (ଗୀତସଂହିତା ୧୦୬:୩୭, ୩୮ ପଢ଼ନ୍ତୁ) ।

ଶୟତାନ ଓ ଅନ୍ୟ ଭୂତମାନେ ଲୋକମାନଙ୍କର ମନ ଓ ଆଚରଣକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରନ୍ତି । ଏହାକୁ "ଭୂତଗ୍ରସ୍ତ" ହେବା କୁହାଯାଏ । କିଛି ଲୋକ ଏହି ଭୂତଦ୍ୱାରା ଆବିଷ୍ଟ ହେବା ପାଇଁ ସଚେତନ ଭାବରେ ନିଜକୁ ସମର୍ପଣ କରିଛନ୍ତି; ବୋଧହୁଏ ସେମାନେ କ'ଣ କରୁଛନ୍ତି ତାହା ଅନୁଭବ ନ କରି ଅନ୍ୟମାନେ ଏହାକୁ ଅନୁମତି ଦେଇଛନ୍ତି । କିଛି ଲୋକ ନିଜ ନିଜ ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ କ୍ଷମତା ହାସଲ କରୁଛନ୍ତି ବୋଲି ଭାବି ପର୍ଯ୍ୟାୟକ୍ରମେ ଏହି ଅବସ୍ଥା ମଧ୍ୟକୁ ଯାଇଛନ୍ତି । ଜଣେ ମନ୍ଦାତ୍ମାଦ୍ୱାରା ଆବିଷ୍ଟ ବ୍ୟକ୍ତି ମନ୍ଦାତ୍ମାମାନଙ୍କର ଦାସ ହୋଇଯାଏ, ଆତ୍ମ-ବିନାଶ ଆଡ଼କୁ ଚାଳିତ ହୁଏ, ଏବଂ ମନ ଓ ଆବେଗରେ ଭୟଙ୍କର ଯନ୍ତ୍ରଣା ଭୋଗ କରେ (ମାର୍କ ୫:୨-୫ ପଢ଼ନ୍ତୁ) । କେବଳ ଯୀଶୁ ଏପରି ଜଣେ ବ୍ୟକ୍ତିକୁ ଏହି ବନ୍ଧନରୁ ଉଦ୍ଧାର କରିପାରିବେ ।

## ଈଶ୍ୱରଙ୍କର ବିଜୟ

ଯେଉଁ ଦେଶମାନଙ୍କରେ ସୁସମାଚାର ବ୍ୟାପକ ଭାବରେ ପ୍ରଚାରିତ ହୋଇଛି, ସେଠାରେ ମନ୍ଦାତ୍ମାମାନଙ୍କର କାର୍ଯ୍ୟକଳାପ ଛଦ୍ମ ଅବସ୍ଥାରେ ହୋଇଥାଏ । ବିଡ଼ମ୍ବନାର ବିଷୟ ଏହି ଯେ, ଏହି "ସଭ୍ୟ" ଦେଶଗୁଡ଼ିକରେ ଲୋକମାନେ ସବୁଠାରୁ ଧର୍ମନିରପେକ୍ଷ ଅଟନ୍ତି, ସେମାନେ ଅଲୌକିକତାକୁ ଉପହାସ କରନ୍ତି ଏବଂ ଆତ୍ମାମାନଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରନ୍ତି । ଏହିପରି ପରିବେଶରେ, ମନ୍ଦାତ୍ମାମାନେ ଖୋଲାଖୋଲି ଭାବରେ କାର୍ଯ୍ୟ କରନ୍ତି ନାହିଁ, କାରଣ ଯଦି ସେମାନେ ସୁସମାଚାର ଶୁଣିଥିବା ଲୋକଙ୍କୁ ଭୟଭୀତ କରନ୍ତି, ତେବେ ସେମାନଙ୍କ ମଧ୍ୟରୁ ଅନେକେ ଉଦ୍ଧାର ଓ ସୁରକ୍ଷା ପାଇଁ ଈଶ୍ୱରଙ୍କ ନିକଟକୁ ଫେରିଯିବେ ।

ଯେଉଁ ଦେଶମାନଙ୍କରେ ସୁସମାଚାର କମ୍ ପ୍ରଚାରିତ ହୋଇଛି, ମନ୍ଦାତ୍ମାମାନେ ଅଧିକ ଖୋଲାଖୋଲି ଭାବରେ କାର୍ଯ୍ୟ କରନ୍ତି । ସେଠାକାର ଲୋକମାନେ ଜାଣନ୍ତି ନାହିଁ ଯେ ସେମାନେ ମୁକ୍ତି ପାଇଁ ଖ୍ରୀଷ୍ଟଙ୍କ ନିକଟକୁ ଯାଇପାରିବେ, ତେଣୁ ଭୂତମାନଙ୍କ ଶକ୍ତି ସେମାନଙ୍କୁ ଭୟଭୀତ କରି ସେମାନଙ୍କୁ ବଶୀଭୂତ କରି ରଖେ । ଲୋକମାନେ ସ୍ୱେଚ୍ଛାକୃତ ବା ଆନନ୍ଦ ମନରେ ନୁହେଁ, କିନ୍ତୁ ଭୟଭୀତ ହୋଇ ମନ୍ଦାତ୍ମାଗଣର ସେବା କରନ୍ତି । ସୁସମାଚାର ଉଦ୍ଧାର ଓ ସ୍ୱାଧୀନତାର ଏକ ଅଦ୍ଭୁତ ବାର୍ତ୍ତା ନେଇ ଆସେ ।

> "ଆପଣ ଯଦି ଲଗାତାର ଶୟତାନର ପ୍ରତିବାଧା କରନ୍ତି ସେ ଆପଣଙ୍କୁ ଜୟ କରିପାରିବ ନାହିଁ । ସେ ଶକ୍ତିମାନ ହେଲେ ମଧ୍ୟ, ତାକୁ ନିରନ୍ତର ପ୍ରତିବାଧା କରୁଥିବା ବ୍ୟକ୍ତି ବିରୁଦ୍ଧରେ ଜୟୀ ହେବାପାଇଁ ଈଶ୍ୱର କେବେ ତାକୁ ଅନୁମତି ଦେବେ ନାହିଁ । ସେ ମନୁଷ୍ୟର ଇଚ୍ଛାକୁ ବାଧ୍ୟ କରିପାରିବ ନାହିଁ ।"
> 
> - Adam Clarke,
> *Christian Theology*
> "Good and Bad Angels"

ଶୟତାନର କ୍ରମାଗତ ଆକ୍ରମଣ ହେତୁ ଆମେ ଏକ ଆତ୍ମିକ ଯୁଦ୍ଧରେ ଅଛୁ । ଆମକୁ ମନେ ରଖିବାକୁ ଚେତାବନୀ ଦିଆଯାଇଛି ଯେ ଆମର ଯୁଦ୍ଧ ଆତ୍ମିକ ଜଗତରେ ହୁଏ, ଶାରୀରିକ ଶତ୍ରୁମାନଙ୍କ ବିରୁଦ୍ଧରେ ନୁହେଁ (ଏଫିସୀୟ ୬:୧୨ ପଢ଼ନ୍ତୁ) । ଆମକୁ ଆତ୍ମିକ ଅସ୍ତ୍ରଶସ୍ତ୍ରରେ, ସଜ୍ଜାରେ ସୁସଜ୍ଜିତ ହେବାକୁ କୁହାଯାଇଛି, ଯଦ୍ଦ୍ୱାରା ଆମେ ନିଜକୁ ରକ୍ଷା କରିପାରିବା (ଏଫିସୀୟ ୬:୧୩) । ଆମେ ଜୟ ପାଇବା ନିଶ୍ଚିତ, କାରଣ ଆମ ମଧ୍ୟରେ ଥିବା ଈଶ୍ୱରଙ୍କ ଶକ୍ତିକୁ ଶୟତାନ ପ୍ରତିରୋଧ କରିପାରିବ ନାହିଁ, ଏବଂ ଯେତେବେଳେ ଆମେ ଶୟତାନର ପ୍ରତିବାଧା କରିବା, ସେ ଆମଠାରୁ ପଳାୟନ କରିବ (ଯାକୁବ ୪:୭) ।

► ଶୟତାନ କ'ଣ ଈଶ୍ୱରଙ୍କ ବିରୋଧୀ ଅଟେ?

ମନୁଷ୍ୟର ବର୍ତ୍ତମାନ, ନଶ୍ୱର ଅବସ୍ଥାରେ ଶୟତାନ ମନୁଷ୍ୟଠାରୁ ବହୁତ ଅଧିକ ଶକ୍ତିଶାଳୀ ଅଟେ । ତଥାପି, ତା'ର ଶକ୍ତି ଈଶ୍ୱରଙ୍କ ଶକ୍ତି ତୁଳନାରେ କିଛି ନୁହେଁ । ତାକୁ ଈଶ୍ୱରଙ୍କର ବିରୋଧୀ ବୋଲି ଭାବିବା ଉଚିତ ନୁହେଁ, ସତେ ଯେପରି ସେ ଈଶ୍ୱରଙ୍କର ଶକ୍ତି ସହିତ ସମକକ୍ଷ । କେତେ ଦାର୍ଶନିକ ଭାବନ୍ତି ସେ ଦୁନିଆରେ ଭଲ ଓ ମନ୍ଦର ଶକ୍ତି ସମାନ । ତାହା ସତ୍ୟଠାରୁ ବହୁତ ଦୂରରେ । ଶୟତାନ ସର୍ବବ୍ୟାପୀ ନୁହେଁ, ସର୍ବଜ୍ଞ ନୁହେଁ, ଓ ଭୁଲ କରେ । ଈଶ୍ୱର ଆତ୍ମିକ ପ୍ରାଣୀମାନଙ୍କୁ ସୃଷ୍ଟି

କରିଛନ୍ତି, ଓ ସେମାନେ ଈଶ୍ୱରଙ୍କୁ ପରାଜିତ କରିପାରିବେ ନାହିଁ । ଯେତେବେଳେ ମନୁଷ୍ୟର ପରୀକ୍ଷା କାଳ (probation) ସମାପ୍ତ ହେବ, ସମସ୍ତ ମନ୍ଦାତ୍ମାମାନେ, ପାପୀମାନଙ୍କ ସହିତ ବିଚାରିତ, ଆବଦ୍ଧ ଓ ଦଣ୍ଡିତ ହେବେ।

ଶୟତାନର ପରାଜୟ ବହୁପୂର୍ବରୁ ପ୍ରତିଜ୍ଞା କରାଯାଇଥିଲା । ଈଶ୍ୱର ପ୍ରତିଜ୍ଞା କରିଥିଲେ ଯେ ସର୍ପର ମସ୍ତକ ଚୂର୍ଣ୍ଣ କରିବାକୁ ଜଣେ ତ୍ରାଣକର୍ତ୍ତା ଆସିବେ (ଆଦିପୁସ୍ତକ ୩:୧୫) । ଶୟତାନର କାର୍ଯ୍ୟ ବିନାଶ କରିବାକୁ ଏବଂ ଆମକୁ ପାପ ଉପରେ ବିଜୟ ଦେବାକୁ ଯୀଶୁ ଆସିଥିଲେ (୧ଯୋହନ ୩:୮ ପଢ଼ନ୍ତୁ) । ଯୀଶୁ, ତାଙ୍କର ମୃତ୍ୟୁ ଓ ପୁନରୁତ୍ଥାନ ଦ୍ୱାରା, ଶୟତାନକୁ ମୃତ୍ୟୁ ଉପରେ ଆଉ କ୍ଷମତାଶାଳୀ ହେବାକୁ ଦିଅନ୍ତି ନାହିଁ (ଏବ୍ରୀ ୨:୧୪; ପ୍ରକାଶିତ ୧:୧୮) । ଶୟତାନ ଓ ଅନ୍ୟ ମନ୍ଦାତ୍ମାମାନଙ୍କର ଅନ୍ତିମ ଓ ଅନନ୍ତ ପରିଣାମ ହେଉଛି ଅଗ୍ନିମୟ ହ୍ରଦ (ମାଥିଉ ୨୫:୪୧ ପଢ଼ନ୍ତୁ) ।

ଶୟତାନ ଯାହା କରିପାରିବ ତା' ଉପରେ ଈଶ୍ୱର ପୂର୍ବରୁ ସୀମା ରଖିଛନ୍ତି (ଆୟୁବ ୧:୧୨; ୨:୬) । ଏହାର ଅର୍ଥ ହେଉଛି ଶୟତାନ ଆମ ପାଇଁ କ'ଣ କରିପାରେ ସେଥିପାଇଁ ଆମେ ଭୟଭୀତ ହେବାକୁ ପଡ଼ିବ ନାହିଁ । ଈଶ୍ୱର ଏହାକୁ ଅନୁମତି ନ ଦେଲେ କିଛି ହୋଇପାରିବ ନାହିଁ, ଏବଂ ସେ ଜାଣନ୍ତି ଆମେ କ'ଣ ସହ୍ୟ କରିପାରିବା (୧କରିନ୍ଥୀୟ ୧୦:୧୩) ।

ଆମେ କେବଳ ଶୟତାନର ଆକ୍ରମଣରୁ ରକ୍ଷା ପାଇ ନାହୁଁ, ବରଂ ଶୟତାନର ରାଜ୍ୟ ବିରୁଦ୍ଧରେ ଈଶ୍ୱରଙ୍କ ରାଜ୍ୟକୁ ଆଗକୁ କଢ଼ାଇବାର ଶକ୍ତି ମଧ୍ୟ ଆମର ଅଛି । ଯୀଶୁ କେବଳ ପ୍ରେରିତମାନଙ୍କୁ ନୁହେଁ, ତାଙ୍କର ଶିଷ୍ୟମାନଙ୍କୁ ମଧ୍ୟ ଭୂତ ଛଡ଼ାଇବାର ଶକ୍ତି ଦେଲେ (ଲୂକ ୧୦:୧୭ ପଢ଼ନ୍ତୁ) । ଯେତେବେଳେ ଆମେ ସୁସମାଚାର ପ୍ରଚାର କରୁ, ଈଶ୍ୱର ତାଙ୍କର ସତ୍ୟକୁ ଶକ୍ତି ପ୍ରଦାନ କରନ୍ତି, ଏବଂ ଯେଉଁମାନେ ସୁସମାଚାରର ଉତ୍ତର ଦିଅନ୍ତି, ସେମାନଙ୍କୁ ଶୟତାନ କବଳରୁ ଉଦ୍ଧାର କରନ୍ତି ।

## ଏଡାଇବାକୁ ଥିବା ତ୍ରୁଟିସବୁ: ଆତ୍ମିକ ଜଗତ ବିଷୟରେ ଭୁଲ ପ୍ରକାରର ଆଗ୍ରହ

*ଶ୍ରେଣୀ ନେତାଙ୍କୁ ଟିପ୍ପଣୀ: ଶ୍ରେଣୀର ଜଣେ ସଦସ୍ୟ ଏହି ବିଭାଗକୁ ବ୍ୟାଖ୍ୟା କରିପାରନ୍ତି*

କିଛି ଲୋକ ଆତ୍ମିକ ଜଗତ ବିଷୟରେ ଜାଣିବାକୁ ବିଶେଷ ଆଗ୍ରହୀ ହୋଇଥାନ୍ତି । ସେମାନେ ଦୂତମାନଙ୍କ ବିଷୟରେ ଅଧ୍ୟୟନ କରିବା ଆରମ୍ଭ କରନ୍ତି ଏବଂ ସେମାନଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରିପାରନ୍ତି । ବାଇବଲ ଆମକୁ ସ୍ୱର୍ଗଦୂତମାନଙ୍କ ନିକଟରେ ପ୍ରାର୍ଥନା କରିବାକୁ କିମ୍ବା ସେମାନଙ୍କ ସହିତ ସମ୍ପର୍କ ରଖିବାକୁ କଦାପି କହି ନ ଥାଏ । ବାଇବଲ ଆମକୁ ଚେତାବନୀ ଦେଇଥାଏ ଯେ ଆମେ ସେମାନଙ୍କୁ ପୂଜା କରିବା ଅନୁଚିତ କିମ୍ବା ସେମାନଙ୍କ ବିଷୟରେ ଅଧିକ ବୁଝିବାକୁ ଚେଷ୍ଟା ନ କରିବା ଉଚିତ (କଲସୀୟ ୨:୧୮) ।

ଯଦି ଜଣେ ବ୍ୟକ୍ତି ମନ୍ଦାତ୍ମାମାନଙ୍କ ବିଷୟରେ ଅଧିକ ଆଗ୍ରହୀ ହୁଏ ତେବେ ଏହା ଅଧିକ ବିପଜ୍ଜନକ ଅଟେ । କିଛି ଲୋକ ସେମାନଙ୍କର ଶକ୍ତି ଏବଂ ସେମାନେ କରୁଥିବା କାର୍ଯ୍ୟ ଦ୍ୱାରା ଆକର୍ଷିତ ହୁଅନ୍ତି । ଏପରି ଖେଳ ଅଛି ଯାହା ମନ୍ଦାତ୍ମାମାନଙ୍କ ସହିତ ଯୋଗାଯୋଗ କରେ । ମନ୍ଦାତ୍ମାମାନଙ୍କଠାରୁ ସୂଚନା ପାଇବା ପାଇଁ ମଧ୍ୟ ଲୋକମାନେ ବ୍ୟବହାର କରୁଥିବା ପଦ୍ଧତି ଅଛି ।

ଈଶ୍ୱରଙ୍କ ଶକ୍ତି ଦ୍ୱାରା ସେମାନଙ୍କୁ ପ୍ରତିରୋଧ କରିବା ବ୍ୟତୀତ ଆମେ କଦାପି ମନ୍ଦାତ୍ମାମାନଙ୍କ ସହିତ ଜଡ଼ିତ ହେବା ଉଚିତ ନୁହେଁ (ଯାକୁବ ୪:୭; ୧ ପିତର ୫:୮-୯) ।

କିଛି ଲୋକ ଆତ୍ମିକ ଜଗତର ଜଟିଳ ଓ ବିସ୍ତୃତ ବ୍ୟାଖ୍ୟା ବିକଶିତ କରିଛନ୍ତି ଏବଂ ଏହା କିପରି କାର୍ଯ୍ୟ କରେ । ତଥାପି, ଈଶ୍ୱର ବାଇବଲରେ ଆତ୍ମିକ ଜଗତ ବିଷୟରେ ଆମେ ଯେତିକି ଜାଣିବା ଆବଶ୍ୟକ ତାହା ପ୍ରକାଶ କରିଛନ୍ତି ।

► ଅତିକମରେ ଦୁଇଥର ଏକାଠି ବିଶ୍ୱାସର ସ୍ୱୀକାରୋକ୍ତି ପାଠ କରନ୍ତୁ ।

### ବିଶ୍ୱାସର ସ୍ୱୀକାରୋକ୍ତି

ଈଶ୍ୱର ସମସ୍ତ ଆତ୍ମିକ ପ୍ରାଣୀମାନଙ୍କୁ ସୃଷ୍ଟି କଲେ । ପବିତ୍ର ଦୂତମାନେ ଈଶ୍ୱରଙ୍କର ସେବା ଉପାସନା କରନ୍ତି ଏବଂ ବିଶ୍ୱାସୀମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତି । ସ୍ୱର୍ଗଦୂତଗଣ ଅମର, ବ୍ୟକ୍ତିଗତ ପ୍ରାଣୀ, ଯେଉଁମାନେ କଥା କହିପାରନ୍ତି, ଉପାସନା କରିପାରନ୍ତି, ଓ ଯୁକ୍ତିବାଦୀ ଆଚରଣ କରିପାରନ୍ତି । ସେମାନେ ନୈତିକ ମନୋନୟନ କରିଛନ୍ତି । ଶୟତାନ ଓ ଅନ୍ୟ ଦୂତମାନେ ପାପରେ ପତିତ ହେଲେ ଏବଂ ସେମାନେ ଈଶ୍ୱରଙ୍କ ଓ ମନୁଷ୍ୟଜାତିର ଶତ୍ରୁ ଅଟନ୍ତି । ଈଶ୍ୱର ଶୟତାନର ଶକ୍ତି ସୀମିତ କରନ୍ତି ଓ ତାକୁ ଅନନ୍ତ ଦଣ୍ଡ ଭୋଗିବାକୁ ନିରୂପଣ କରିଛନ୍ତି ।

## ପାଠ ୬ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ମାଥିଉ ୧୨:୪୩-୪୫
- ଲୂକ ୮:୨୭-୩୫
- ପ୍ରେରିତ ୧୨:୭-୧୧
- ୨କରିନ୍ଥୀୟ ୧୧:୧୩-୧୫
- ୧ପିତର ୫:୮-୯

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୬ର ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ତୁମର ଶ୍ରେଣୀବାହାର ଶିକ୍ଷାଦାନ ସମୟ ନିର୍ଘଣ୍ଟକୁ ମନେ ରଖ ଓ ଶିକ୍ଷାଦାନ ସମାପ୍ତ କଲାପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୬ ପରୀକ୍ଷା

(୧) ଆମେ କିପରି ଜାଣୁ ଯେ ଦୂତମାନଙ୍କର ସାଧାରଣତଃ ପ୍ରାକୃତିକ ଶରୀର ନ ଥାଏ?

(୨) ଦୂତମାନେ କେବେ ସୃଷ୍ଟ ହୋଇଥିଲେ?

(୩) ଦୂତମାନେ ମରନ୍ତି କି?

(୪) ଦୂତମାନଙ୍କର ଯେ ବ୍ୟକ୍ତିତ୍ୱ ଅଛି ଏହାର ସପକ୍ଷରେ ଚାରୋଟି ବିଷୟ ଉଲ୍ଲେଖ କର ।

(୫) ଦୂତମାନଙ୍କୁ ସୂଚାଇବା ପାଇଁ ବାଇବଲରେ ବ୍ୟବହୃତ ଚାରୋଟି ଶବ୍ଦ ଲେଖ ।

(୬) ଈଶ୍ୱରଙ୍କ ସେବା କରୁଥିବା ଲୋକମାନଙ୍କ ପାଇଁ ଦୂତମାନେ କ'ଣ କରନ୍ତି?

(୭) ମନ୍ଦାତ୍ମାମାନେ କିପରି ଉତ୍ପନ୍ନ ହେଲେ?

(୮) ଜଣେ ପ୍ରତିମାପୂଜକ ପ୍ରକୃତରେ କ'ଣ ଓ କାହାକୁ ପୂଜା କରେ?

(୯) ଶୟତାନ ଓ ଅନ୍ୟ ମନ୍ଦାତ୍ମାମାନଙ୍କର ଅନ୍ତିମ ଭାଗ୍ୟ କ'ଣ?

(୧୦) ଆତ୍ମିକ ଆକ୍ରମଣରୁ ନିଜକୁ ରକ୍ଷାକରିବା ପାଇଁ ବିଶ୍ୱାସୀମାନେ କ'ଣ କରିବା ଉଚିତ?

# ପାଠ ୭

# ଖ୍ରୀଷ୍ଟ

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- ଯୀଶୁ ମଶିହ ବା ଖ୍ରୀଷ୍ଟ ଅଟନ୍ତି ବୋଲି କହିବାର ଅର୍ଥ କ'ଣ?
- "ପ୍ରଭୁ ଯୀଶୁ ଖ୍ରୀଷ୍ଟ" ଏହି ଶବ୍ଦ ସମୂହର ବିଶ୍ୱାସର ସ୍ୱୀକାରୋକ୍ତି ।
- ଯୀଶୁଙ୍କ ମନୁଷ୍ୟତ୍ୱର ପ୍ରମାଣ ଓ ମହତ୍ତ୍ୱ ।
- ଯୀଶୁଙ୍କ ଈଶ୍ୱରତ୍ୱର ପ୍ରମାଣ ଓ ମହତ୍ତ୍ୱ ।
- ପାପକ୍ଷମା ପାଇଁ ଖ୍ରୀଷ୍ଟଙ୍କ ମୃତ୍ୟୁର ପର୍ଯ୍ୟାପ୍ତତା ।
- ଖ୍ରୀଷ୍ଟୀୟ ବିଶ୍ୱାସ ପାଇଁ ପୁନରୁତ୍‌୍ଥାନର ମହତ୍ତ୍ୱ ।
- ଖ୍ରୀଷ୍ଟଙ୍କ ବିଷୟରେ ଖ୍ରୀଷ୍ଟୀୟ ବିଶ୍ୱାସର ସ୍ୱୀକାରୋକ୍ତି ।

(୨) ଅନ୍ୟଧର୍ମର ଲୋକମାନେ ଖ୍ରୀଷ୍ଟଙ୍କ ବିଷୟରେ କ'ଣ କହନ୍ତି ଛାତ୍ରମାନେ ତାହା ଶିକ୍ଷା କରିବେ ।

## ଉପକ୍ରମ

► ପ୍ରକାଶିତ ବାକ୍ୟ ୫:୧୧-୧୪ ଏକାଠି ପଢ଼ନ୍ତୁ । ଏହି ଶାସ୍ତ୍ରାଂଶ ଆମକୁ ଯୀଶୁଙ୍କ ବିଷୟରେ କ'ଣ କୁହେ?

## ଭଣ୍ଡ ଖ୍ରୀଷ୍ଟମାନେ

ବାଇବଲର ଭାବବାଣୀ ଅନୁସାରେ ଶେଷ ଦିନମାନଙ୍କରେ, ଭଣ୍ଡ ଖ୍ରୀଷ୍ଟ ଓ ଭଣ୍ଡ ଭାବବାଦୀମାନେ ଅନେକଙ୍କୁ ପ୍ରତାରିତ କରିବେ । ଅନେକ ଲୋକ ଭଣ୍ଡ ଓ କଳ୍ପିତ ଖ୍ରୀଷ୍ଟମାନଙ୍କ ଉପରେ ବିଶ୍ୱାସ ସ୍ଥାପନ କରୁଛନ୍ତି, ଯେଉଁମାନେ ସେମାନଙ୍କୁ ଉଦ୍ଧାର କରିପାରିବେ ନାହିଁ । ମର୍ମନ୍ ଓ ଯିହୋବାଙ୍କ ସାକ୍ଷୀ ଦଳମାନଙ୍କ ଦ୍ୱାରା ଉପସ୍ଥାପିତ ଦୁଇ ଭଣ୍ଡ ଖ୍ରୀଷ୍ଟଙ୍କୁ ଆପଣ ଭେଟି ପାରନ୍ତି ।

### ମର୍ମନ୍ ନଙ୍କ ଦୃଷ୍ଟିରେ ଯୀଶୁ

ଯଦି ଜଣେ ମର୍ମନ୍ କେବେ ଆପଣଙ୍କ ଦ୍ୱାରରେ ଆଘାତ କରିବ ତେବେ ସେ ଏପରି ଯୀଶୁଙ୍କୁ ଉପସ୍ଥାପିତ କରିବ ଯେ କି ଲୁସିଫର୍ର ଆତ୍ମିକ-ଭ୍ରାତା । ମର୍ମନ୍ମାନେ ଶିକ୍ଷା ଦିଅନ୍ତି ଯେ ଏହି ଯୀଶୁ କୋଟି କୋଟି ଆତ୍ମିକ ଶିଶୁମାନଙ୍କ ମଧ୍ୟରୁ ଅନ୍ୟତମ, ଯେଉଁମାନେ

ଆମର"ସ୍ୱର୍ଗୀୟ ପିତା" ଓ ଆମର "ସ୍ୱର୍ଗୀୟ ମାତା"ଙ୍କ ଦ୍ୱାରା ବିଶ୍ୱକୁ ଅଣାଯାଇଥିଲେ । ମର୍ମନ୍ମାନେ ମଧ୍ୟ କହନ୍ତି ଯେ ଯୀଶୁ ପୃଥିବୀରେ ବାସ କରୁଥିବା ସମୟରେ ଅନେକ ପତ୍ନୀ ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରୁ ମଗ୍ଦଲୀନୀ ମରିୟମ ଅନ୍ୟତମ । ତାଙ୍କର ମୃତ୍ୟୁ ଓ ପୁନରୁତ୍ଥାନ ପରେ, ସେ ସ୍ଥାନୀୟ ଆମେରିକୀୟମାନଙ୍କ ନିକଟରେ ପ୍ରଚାର କରିବାକୁ ଆମେରିକା ଯାଇଥିଲେ ।

### ଯିହୋବାଙ୍କ ସାକ୍ଷୀଙ୍କ ଦୃଷ୍ଟିରେ ଯୀଶୁ

ଯିହୋବାଙ୍କ ସାକ୍ଷୀମାନେ କହିବେ ଯେ ଯୀଶୁ ହେଉଛନ୍ତି ପ୍ରଧାନ ଦୂତ ମିଖାଏଲ, ପ୍ରଥମ ସୃଷ୍ଟ ଜୀବ, ଯିଏ ମନୁଷ୍ୟରୂପେ ହୋଇଥିଲେ ଓ କ୍ରୁଶର ସ୍ଥାନରେ ଏକ ଶୂଳରେ ମୃତ୍ୟୁଭୋଗ କରିଥିଲେ। ସେ ଆତ୍ମିକ ପ୍ରାଣୀରୂପେ ପୁନରୁତ୍ଥାନ ହୋଇଥିଲେ, ପୁନର୍ବାର ପ୍ରଧାନ ଦୂତ ମିଖାଏଲ ହୋଇଥିଲେ, ଯେଉଁ ସମୟରେ ତାଙ୍କର ଶରୀର ବାୟୁରେ ମିଶିଯାଇଥିଲା।

## ପ୍ରକୃତ ଯୀଶୁ

ମୁଁ ନିଶ୍ଚିତ ଯେ ଆପଣ ବୁଝିପାରିଛନ୍ତି ଏହି ମିଥ୍ୟା ଧର୍ମାବଲମ୍ବୀମାନେ ବାଇବଲର ଯୀଶୁଙ୍କୁ ଛାଡ଼ି ଭିନ୍ନ ଏକ ଯୀଶୁଙ୍କୁ ଉପସ୍ଥାପିତ କରୁଛନ୍ତି, କିନ୍ତୁ ଆପଣ ପ୍ରକୃତ ବାଇବଲର ଯୀଶୁଙ୍କର ବର୍ଣ୍ଣନା କରିପାରିବେ କି? ଲକ୍ଷ ଲକ୍ଷ ଲୋକଙ୍କର ଏକ ମିଥ୍ୟା ଖ୍ରୀଷ୍ଟଙ୍କର ମାନସିକ ଧାରଣା ଅଛି, ଯିଏ ସେମାନଙ୍କୁ ରକ୍ଷା କରିପାରିବ ନାହିଁ ।

ଯୀଶୁଙ୍କ ବିଷୟରେ ଆପଣଙ୍କ ବିଶ୍ୱାସରେ ଆପଣ ନିଶ୍ଚିତ ରହିବା ଆପଣଙ୍କ ପାଇଁ ଜରୁରୀ ଅଟେ । ଯଦ୍ଦ୍ୱାରା ଆପଣ ପ୍ରତାରିତ ହେବେ ନାହିଁ, ଏବଂ ତାଙ୍କୁ ଅନ୍ୟମାନଙ୍କ ସହିତ ପରିଚିତ କରାଇପାରିବେ ।

*ଶ୍ରେଣୀନେତାଙ୍କୁ ଟିପ୍ପଣୀ: ଅନ୍ୟ ଧର୍ମାବଲମ୍ବୀମାନେ ଯୀଶୁଙ୍କ ବିଷୟରେ କ'ଣ ଶିକ୍ଷା ଦିଅନ୍ତି ସେ ସମ୍ବନ୍ଧରେ ଅଧିକ ସୂଚନା ପାଇଁ "ଅନ୍ୟଧର୍ମସବୁ କ'ଣ କହନ୍ତି" ଶୀର୍ଷକ ଆଲୋଚନା ପାଠର ଶେଷରେ ଦିଆଯାଇଛି, ତାହା ଦେଖନ୍ତୁ ।*

### ଯୀଶୁ ମଶିହ

► ମଶିହଙ୍କ ବିଷୟରେ କେତେକ ବାଇବଲ ଭାବବାଣୀ କ'ଣ?

ଚାରୋଟି ସୁସମାଚାର ଯୀଶୁଙ୍କୁ ଇଶ୍ରାଏଲର ପ୍ରତୀକ୍ଷିତ ମଶିହ ଭାବରେ ଉପସ୍ଥାପନ କରନ୍ତି। ମଶିହଙ୍କ ବିଷୟରେ ଅନେକ ଭାବବାଣୀ ପ୍ରକାଶ କରାଯାଇଥିଲା। ସେ ରାଜା ଦାଉଦଙ୍କ ବଂଶରେ ଜନ୍ମନେବେ, ତେଣୁ ରାଜା ହେବାକୁ ସେ ଯୋଗ୍ୟହେବେ। ସେ ନିଜ ଲୋକଙ୍କୁ ଅତ୍ୟାଚାର ଓ ଦାସତ୍ୱରୁ ରକ୍ଷା କରିବେ। ସେ ତାଙ୍କର ମିଶନ୍ ପୂରଣ କରିବା ପାଇଁ ଈଶ୍ୱରଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବରେ ଅଭିଷିକ୍ତ ହେବେ। ମଶିହ ଶବ୍ଦର ଅର୍ଥ ହେଉଛି "ଅଭିଷିକ୍ତ" ଯାହା ଇଶ୍ରାଏଲର ରାଜାମାନଙ୍କର ଏକ ଆଖ୍ୟା ଥିଲା।

ପୁରାତନ ନିୟମରେ ଥିବା ମଶିହଙ୍କ ବିଷୟରେ କେତେକ ଗୁରୁତ୍ୱପୂର୍ଣ୍ଣ ବିବରଣୀ ନୂତନ ନିୟମ ଲେଖାଯିବା ପର୍ଯ୍ୟନ୍ତ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଇ ନ ଥିଲା । ତାଙ୍କର ଲୋକମାନଙ୍କୁ ପାପରୁ ଉଦ୍ଧାର କରିବା ତାଙ୍କର ପ୍ରାଥମିକତା ଥିଲା (ମାଥିଉ ୧:୨୧; ଲୂକ ୧:୭୪-୭୫ ପାଠ କରନ୍ତୁ) । ତାଙ୍କ ରାଜ୍ୟ ଜଗତସ୍ଥିତ ନୁହେଁ, କିନ୍ତୁ ଆତ୍ମିକ ଓ ସ୍ୱର୍ଗୀୟ ଥିଲା (ଯୋହନ ୧୮:୩୬ ପଢ଼ନ୍ତୁ), ଯଦିବା ଶେଷରେ ତାଙ୍କ ରାଜ୍ୟ ସାରା ପୃଥିବୀରେ ପରିବ୍ୟାପ୍ତ ହେବ (ଫିଲିପ୍ପୀୟ ୨:୧୦-୧୧; ପ୍ରକାଶିତ ୧୯:୧୧-୧୬; ୨୦:୬) ।

"ମଶିହ" ଏକ ଏବ୍ରୀ ଶବ୍ଦ । ଏହାର ଗ୍ରୀକ୍ ଶବ୍ଦ ହେଉଛି Christos, ତେଣୁ ଆମେ ଖ୍ରୀଷ୍ଟ ଶବ୍ଦ ପାଇଛୁ । "ଯୀଶୁ ଖ୍ରୀଷ୍ଟ" ଏହି ବାକ୍ୟାଂଶ ଦ୍ୱାରା ଆମେ କହୁ ଯେ ଯୀଶୁ ମଶିହ ବା ଖ୍ରୀଷ୍ଟ ଅଟନ୍ତି ।

## ଯୀଶୁ ପ୍ରଭୁ ଅଟନ୍ତି

> "ମୁଁ ବିଶ୍ୱାସ କରେ.........
> ଏକମାତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଯେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର; ସମସ୍ତ ଯୁଗ ପୂର୍ବରୁ ସେ ପିତାଙ୍କଠାରୁ ଜନ୍ମିତ, ଈଶ୍ୱରଙ୍କର ଈଶ୍ୱର, ଆଲୋକର ଆଲୋକ, ପ୍ରକୃତ ଈଶ୍ୱରଙ୍କର ପ୍ରକୃତ ଈଶ୍ୱର, ଜନ୍ମିତ, ସୃଷ୍ଟ ନୁହଁନ୍ତି; ପିତାଙ୍କ ସହିତ ସମାନ ସାରସତ୍ତାବିଶିଷ୍ଟ; ତାହାଙ୍କ ଦ୍ୱାରା ସବୁକିଛି ସୃଷ୍ଟହୋଇଛି ।"
> -ନାଇସିନ୍ ବିଶ୍ୱାସମତ

ଆଦ୍ୟ ମଣ୍ଡଳୀ ପ୍ରଭୁ ଶବ୍ଦ ବ୍ୟବହାର କରିବା ଦ୍ୱାରା ପ୍ରକାଶ କରୁଥିଲେ ଯେ ଯୀଶୁ ହେଉଛନ୍ତି ସର୍ବୋଚ୍ଚ ଅଧିକାରୀ ଯାହାଙ୍କ ନିକଟରେ ଜଣେ ନିଜକୁ ସମର୍ପଣ କରିବାକୁ ହେବ । ଯେତେବେଳେ ସେମାନେ କହୁଥିଲେ, "ଯୀଶୁ ପ୍ରଭୁ ଅଟନ୍ତି", ସେମାନେ କହୁଥିଲେ ଯେ ସେ ସମସ୍ତଙ୍କର ପ୍ରଭୁ, ବିଶ୍ୱର ସୃଷ୍ଟିକର୍ତ୍ତା ଓ ଈଶ୍ୱର ଅଟନ୍ତି । ବିଶ୍ୱାସର ଏହି ସ୍ୱୀକାରୋକ୍ତି ଖ୍ରୀଷ୍ଟିୟାନମାନଙ୍କୁ ପୃଥକ୍ କରିଥିଲା, କାରଣ କେବଳ ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରୁଥିଲେ ଯେ ମାନବ ଯୀଶୁ ଯେ କି ପୃଥିବୀରେ ଶାରୀରିକ ରୂପେ ଆତଯାତ କରୁଥିଲେ ସେ ମଧ୍ୟ ସମସ୍ତଙ୍କର ଉପରେ ଏକମାତ୍ର ଈଶ୍ୱର ଅଟନ୍ତି ।

"ପ୍ରଭୁ ଯୀଶୁ ଖ୍ରୀଷ୍ଟ" ଶବ୍ଦଗୁଡ଼ିକ ଏକ ମହାନ୍ ସ୍ୱୀକାରୋକ୍ତି । ଏହା ପ୍ରକାଶ କରେ ଯେ ଯୀଶୁ ହେଉଛନ୍ତି ଖ୍ରୀଷ୍ଟ ଏବଂ ସେ ମଧ୍ୟ ଈଶ୍ୱର ଅଟନ୍ତି । ଫିଲିପ୍ପୀୟ ୨:୧୦-୧୧ରେ ଏହି ତିନୋଟି ଶବ୍ଦ ରହିଛି । ଏହି ଶାସ୍ତ୍ରାଂଶ କହେ ଯେ ସମୟ ଆସିବ ଯେତେବେଳେ ଦୁନିଆର ସମସ୍ତେ ଯୀଶୁ ଖ୍ରୀଷ୍ଟ ହିଁ ପ୍ରଭୁ ବୋଲି ସ୍ୱୀକାର କରିବାକୁ ବାଧ୍ୟ ହେବେ ।

## ତିନୋଟି ବିଶେଷ ଦିନ

ଯୀଶୁଙ୍କ ବିଷୟରେ ଆମର ମୌଳିକ ବିଶ୍ୱାସକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ, ସେସବୁର ତିନୋଟି ବିଶେଷ ଦିନ ସହିତ ସମ୍ପର୍କ ରହିଛି ।

## ଯୀଶୁଙ୍କ ମାନବତାର ଯୋଗୁଁ ଆମେ ଖ୍ରୀଷ୍ଟମାସ୍ ପର୍ବ ପାଳନ କରୁ

କୁମାରୀ ଗର୍ଭରେ ଯୀଶୁଙ୍କ ଜନ୍ମଗ୍ରହଣ ହେତୁ ଖ୍ରୀଷ୍ଟମାସ୍ ପର୍ବ ପାଳିତ ହୁଏ । ଯୀଶୁ ପବିତ୍ରଆତ୍ମାଙ୍କ ଦ୍ୱାରା ଗର୍ଭବତୀ ହୋଇଥିଲେ (ମାଥିଉ ୧:୧୮; ଲୂକ ୧:୩୪-୩୫ ପଢ଼ନ୍ତୁ) । ଯଦିବା ଯୀଶୁ ସ୍ତ୍ରୀଜାତ ହୋଇଥିବାରୁ ଜଣେ ମନୁଷ୍ୟ ଥିଲେ, ସେ ସ୍ୱୟଂ ଈଶ୍ୱର ଥିଲେ ଏବଂ ସେ ପ୍ରବେଶ କରିଥିବା ଜଗତର ସୃଷ୍ଟିକର୍ତ୍ତା ଥିଲେ । ଏହା ଆଶ୍ଚର୍ଯ୍ୟଜନକ କିନ୍ତୁ ସତ୍ୟ: ଯୀଶୁ ଏକ ଶିଶୁ ଥିବାବେଳେ ତାଙ୍କ ମାତା ମରିୟମ ତାଙ୍କୁ ସୃଷ୍ଟି କରିଥିବା ଈଶ୍ୱରଙ୍କୁ ଧରିଥିଲେ ।

'ଈଶ୍ୱରଙ୍କ ପୁତ୍ରଗଣ' ଏହି ଶବ୍ଦ ବିଶ୍ୱାସୀ ଓ ଦୂତମାନଙ୍କ ନିମନ୍ତେ ବ୍ୟବହୃତ ହୁଏ (ଯୋହନ ୧:୧୨; ଆୟୁବ ୧:୬), କିନ୍ତୁ ଯୀଶୁ ଅନନ୍ୟ ଭାବରେ ଈଶ୍ୱରଙ୍କ ପୁତ୍ର ଅଟନ୍ତି (ଯୋହନ ୩:୧୬) । ସେ ଏକମାତ୍ର ବ୍ୟକ୍ତି ଅଟନ୍ତି ଯେ କି ପିତାଙ୍କର ସ୍ୱଭାବ ସମ୍ପୂର୍ଣ୍ଣ ଭାବରେ ଧାରଣ କରନ୍ତି । ସେ ମଧ୍ୟ ପିତାଙ୍କର ସମ୍ପୂର୍ଣ୍ଣ ପ୍ରତିମୂର୍ତ୍ତି ହୋଇଥିବାରୁ ପିତାଙ୍କ ସମ ଈଶ୍ୱର ଅଟନ୍ତି (ଏବ୍ରୀ ୧:୨-୩ ପଢ଼ନ୍ତୁ) ।

ଈଶ୍ୱରଙ୍କ ସ୍ୱଭାବ ଓ ମାନବ ସ୍ୱଭାବ ଯୀଶୁଙ୍କର ବ୍ୟକ୍ତିତ୍ୱରେ ଏକତ୍ର ଦେଖିବାକୁ ମିଳିଥିଲା । ଏହାକୁ ମାନବାବତାର ବା incarnation କହନ୍ତି, ଯାହାର ଅର୍ଥ ଈଶ୍ୱର ରକ୍ତମାଂସଯୁକ୍ତ ଶରୀର ଧାରଣ କରି ମନୁଷ୍ୟ ଭାବରେ ଜନ୍ମ ଗ୍ରହଣ କରନ୍ତି । ଯୀଶୁ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯେ କି ଆମର ତ୍ରାଣକର୍ତ୍ତା ହୋଇପାରନ୍ତି କାରଣ ସେ ବିଶ୍ୱର ଏକାମାତ୍ର ବ୍ୟକ୍ତି ଯେ ଉଭୟ ମନୁଷ୍ୟ ଓ ଈଶ୍ୱର ଅଟନ୍ତି ।

### ଯୀଶୁ ଜଣେ ମନୁଷ୍ୟ

ନୂତନ ନିୟମର ଯୀଶୁଙ୍କୁ ପ୍ରକୃତ ମନୁଷ୍ୟ ଭାବରେ ଚିହ୍ନିବା କଷ୍ଟକର ନୁହେଁ । ସେ ମାତୃଗର୍ଭରେ ରହିଲେ, ବଢ଼ିଲେ, ଶିଖିଲେ ଓ ଜଣେ ବ୍ୟକ୍ତି ଭାବରେ ବିକଶିତ ହେଲେ (ଲୂକ ୨:୫୨ ପଢ଼ନ୍ତୁ) । ସେ ଥକିଯାଉଥିଲେ, ନିଦ୍ରା ଯାଉଥିଲେ, ପ୍ରଲୋଭିତ ହେଉଥିଲେ, ଏବଂ ପାପ ବ୍ୟତୀତ ଅନ୍ୟ ମନୁଷ୍ୟମାନେ ଯାହା କରୁଥିଲେ ତାହା ସେ କରୁଥିଲେ (ଏବ୍ରୀ ୪:୧୪-୧୫) । ଏପରିକି ତାଙ୍କର ମୃତ୍ୟୁ ହୋଇଥିଲା । ସେ ପ୍ରକୃତରେ ଆମ ମଧ୍ୟରୁ ଜଣେ ହୋଇ ମାନବ ଜାତି ସହିତ ପରିଚିତ ହେଲେ (ଯୋହନ ୧:୧୪ ପଢ଼ନ୍ତୁ) ।

► ଯୀଶୁ ଜଣେ ମନୁଷ୍ୟ ହେବା କାହିଁକି ଜରୁରୀ?

ଯେହେତୁ ଯୀଶୁ ଜଣେ ମନୁଷ୍ୟ:

୧. **ସେ ନିଜକୁ ବଳି ଦେଇ ଦୁଃଖଭୋଗ ଓ ମୃତ୍ୟୁଭୋଗ କରିପାରନ୍ତି** (ଏଫିସୀୟ ୫:୨, ଏବ୍ରୀ ୭:୨୬-୨୭) । ଯଦି ସେ କେବଳ ଈଶ୍ୱର ହୋଇଥାନ୍ତେ, କିନ୍ତୁ ମନୁଷ୍ୟ ହୋଇ ନ ଥାନ୍ତେ, ତେବେ ସେ ଶାରୀରିକ ଭାବରେ ଦୁଃଖଭୋଗ ଓ ମୃତ୍ୟୁଭୋଗ କରି ପାରି ନ ଥାନ୍ତେ ।

୨. **ତାଙ୍କର ଧାର୍ମିକତା ଆମକୁ ଧାର୍ମିକ କରିପାରେ ଓ ଆମକୁ ଜୀବନ ଦେଇ ପାରେ ।** ପ୍ରଥମ ଆଦମ ଯେତେବେଳେ ପାପ କଲେ ଓ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ହେଲେ ସେ ସମସ୍ତ ମାନବଜାତିର ପ୍ରତିନିଧିତ୍ୱ କଲେ । ଏହା ସମସ୍ତ ଲୋକଙ୍କ ଉପରକୁ ମୃତ୍ୟୁକୁ ନେଇ ଆସିଥିଲା । ଯୀଶୁ ଏକ ପାପଶୂନ୍ୟ ଜୀବନ ଯାପନ କରିଥିଲେ ଓ ଈଶ୍ୱରଙ୍କର ସମସ୍ତ ଆବଶ୍ୟକତା ପୂରଣ କଲେ । ଯେଉଁମାନେ ତାଙ୍କ ସହିତ ନିଜକୁ ଚିହ୍ନିତ କରନ୍ତି, ସେମାନଙ୍କୁ ସେ ନୂତନ ଜୀବନ ପ୍ରଦାନ କରନ୍ତି । ଧର୍ମଶାସ୍ତ୍ରରେ ତାଙ୍କ ଶେଷ ଆଦମ କୁହାଯାଇଛି (୧କରିନ୍ଥୀୟ ୧୫:୨୨, ୪୫-୪୯, ରୋମୀୟ ୫:୧୭-୧୯) ।

୩. **ସେ ଆମର ଯାଜକ ହୋଇ ଆମକୁ ଈଶ୍ୱରଙ୍କ ନିକଟରେ ତୋଳି ଧରି ପାରନ୍ତି ।** ଆମର ମଧ୍ୟସ୍ଥି ଭାବରେ, ସେ ଆମ ପାଇଁ କେବଳ ଯୋଗାଯୋଗ କାର୍ଯ୍ୟ କରନ୍ତି ନାହିଁ, ସେ ପ୍ରକୃତରେ ଆମର ପ୍ରତିନିଧିତ୍ୱ କରନ୍ତି । ଆମକୁ ଈଶ୍ୱରଙ୍କ ସଙ୍ଗେ ପୁନର୍ମିଳିତ କରିବା ପାଇଁ ସେ ଜଣେ ମନୁଷ୍ୟ ହେବା ଆବଶ୍ୟକ ଥିଲା (ଏବ୍ରୀ ୨:୧୭ ପଢ଼ନ୍ତୁ) । ଯାଜକ ଭାବରେ ତାଙ୍କର ଭୂମିକା ଏକ ଅନନ୍ତ ପରିତ୍ରାଣ ପ୍ରଦାନ କରେ (ଏବ୍ରୀ ୫:୯, ଏବ୍ରୀ ୧୦:୫-୭) । ଯୀଶୁଙ୍କ ମନୁଷ୍ୟତ୍ୱ ସୁସମାଚାରର ଏକ ଅତ୍ୟାବଶ୍ୟକ ଅଂଶ (୧ଯୋହନ ୫:୧ ପଢ଼ନ୍ତୁ) ।

*ଶ୍ରେଣୀ ନେତାଙ୍କୁ ଟିପ୍ପଣୀ: ଯୀଶୁ ଯେ ଜଣେ ମନୁଷ୍ୟ ଥିଲେ ଏସମ୍ବନ୍ଧରେ ଅଧିକ ବାଇବଲ ପ୍ରମାଣ ପାଇଁ ଏହି ପାଠର ଶେଷରେ ଥିବା "ଯୀଶୁଙ୍କ ମନୁଷ୍ୟତ୍ୱର ଶାସ୍ତ୍ରୀୟ ପ୍ରମାଣ" ଶୀର୍ଷକ ଲେଖା ପାଠ କରନ୍ତୁ ।*

## ଯୀଶୁ ଈଶ୍ୱର ଅଟନ୍ତି

### *ଯୀଶୁ ନିଜକୁ ଈଶ୍ୱର ବୋଲି ଦାବି କରିଥିଲେ*

> "ପିତା ଯେପରି 'ସ୍ୱୟମ୍ଭୁ' ଶବ୍ଦ ବ୍ୟବହାର କରିଥିଲେ ଯୀଶୁ ମଧ୍ୟ ଏହି ଶବ୍ଦ ବ୍ୟବହାର କରନ୍ତି, କାରଣ ଏହା ତାଙ୍କ ବ୍ୟକ୍ତିତ୍ୱର ନିରବଚ୍ଛିନ୍ନତାକୁ ପ୍ରକାଶ କରେ ଯାହା ସମୟ ଦ୍ୱାରା ପ୍ରଭାବିତ ହୋଇ ନାହିଁ ।"
> -ଜନ୍ କ୍ରିସୋଷ୍ଟମ୍

ବାଇବଲର ଯୀଶୁ ଜଣେ ମନୁଷ୍ୟ କିନ୍ତୁ ସେ କେବଳ ମନୁଷ୍ୟ ନୁହନ୍ତି । ସେ ମଧ୍ୟ ବିଶ୍ୱର ଅସୀମିତ ଈଶ୍ୱର ଅଟନ୍ତି । ଯୀଶୁ ସ୍ୱୟଂ ଏହି ଦାବି କରିଥିଲେ । ସେ କହିଲେ, "ମୁଁ ଏବଂ ପିତା ଏକ" (ଯୋହନ ୧୦:୩୦) । ଯେତେବେଳେ ସେ ଏହା କହିଲେ, ଯିହୁଦୀମାନେ ତାଙ୍କୁ ପଥର ଫୋପାଡ଼ି ମାରିବା ନିମନ୍ତେ ପଥର ଆଣିଲେ କାରଣ ସେମାନେ ବୁଝିଲେ ଯେ ସେ ନିଜକୁ ଈଶ୍ୱରଙ୍କ ସହିତ ସମାନ ବୋଲି କହୁଛନ୍ତି । ଯୀଶୁ ସେମାନଙ୍କୁ କହିଲେ କି, "ନା, ତୁମେମାନେ ମୋତେ ଭୁଲ ବୁଝୁଛ । ମୁଁ ପ୍ରକୃତରେ ଈଶ୍ୱର ନୁହେଁ?" ନା, ଯୀଶୁ ତାଙ୍କ ବାକ୍ୟ ସମ୍ପର୍କରେ ସେମାନଙ୍କର ବ୍ୟାଖ୍ୟାକୁ ଗ୍ରହଣ କଲେ । ସେ ଶିକ୍ଷା ଦେଲେ ଯେ ସେ ପିତା ଈଶ୍ୱରଙ୍କ ସହିତ ସମାନ ଅଟନ୍ତି ।

ଯେତେବେଳେ ଯୀଶୁ କହିଲେ, "ଅବ୍ରହାମଙ୍କ ଜନ୍ମପୂର୍ବରୁ ମୁଁ ଅଛି (I AM)" (ଯୋହନ ୮:୫୮) ସେ ଦାବି କରୁଥିଲେ ଯେ ସେ ଯାତ୍ରା ୩:୧୪ରେ ବର୍ଣ୍ଣିତ ସ୍ୱୟମ୍ଭୁ (I AM), ବିଶ୍ୱର ଆତ୍ମ-ବିଦ୍ୟମାନ ବା ସ୍ୱୟଂଜୀବୀ ଈଶ୍ୱର ଅଟନ୍ତି । ତାଙ୍କର ଏହି ଦାବି ଯୋଗୁଁ ଯିହୂଦୀମାନେ ତାଙ୍କୁ ପଥର ଫୋପାଡ଼ି ମାରିବାକୁ ଚାହିଁଥିଲେ (ଯୋହନ ୮:୫୯) ।

### *ଯୀଶୁ ପୃଥିବୀରେ ଥିବାବେଳେ ଐଶ୍ୱରିକ କାର୍ଯ୍ୟସବୁ କରିଥିଲେ*

ଯୀଶୁ ପୃଥିବୀରେ ଥିବାବେଳେ ଅନେକ ଐଶ୍ୱରିକ କାର୍ଯ୍ୟ କରିଥିଲେ । ସେ ଅନନ୍ତ ଜୀବନ ଦେଲେ (ଯୋହନ ୧୦:୨୮ ପଢ଼ନ୍ତୁ) । ସେ ପାପ କ୍ଷମା କଲେ (ମାର୍କ ୨:୧୦) । ଏସବୁ କାର୍ଯ୍ୟ କେବଳ ଈଶ୍ୱର ହିଁ କରିପାରନ୍ତି ।

ଯେତେବେଳେ ଯୀଶୁ ପକ୍ଷାଘାତ ରୋଗୀର ପାପ କ୍ଷମା କଲେ, ସେତେବେଳେ ସେ ସେହି ବ୍ୟକ୍ତିକୁ ମଧ୍ୟ ସୁସ୍ଥ କଲେ କାରଣ ସେ ପ୍ରମାଣ କରିବାକୁ ଚାହୁଁଥିଲେ ଯେ ପୃଥିବୀରେ ପାପ କ୍ଷମା କରିବାର ଅଧିକାର ତାଙ୍କର ଅଛି (ମାର୍କ ୨:୫, ୧୦-୧୨) । ଗୋଟିଏ କାର୍ଯ୍ୟ ଅନ୍ୟଟିର ପ୍ରମାଣ ଥିଲା, ଯାହା ସ୍ପଷ୍ଟ କରୁଥିଲା ଯେ ଯୀଶୁ କେବଳ ଈଶ୍ୱରଙ୍କ ଦ୍ୱାରା ଅଭିଷିକ୍ତ ଜଣେ ଭବିଷ୍ୟଦ୍ବକ୍ତା ଭାବରେ ସେହି ଆରୋଗ୍ୟକାରୀ ଆଶ୍ଚର୍ଯ୍ୟକର୍ମ କରି ନାହାନ୍ତି । ଉଭୟ କ୍ଷମା କରିବା ଓ ସୁସ୍ଥ କରିବା ପାଇଁ ଯୀଶୁଙ୍କର ଐଶ୍ୱରିକ ଅଧିକାର ରହିଥିଲା ।

ଯୀଶୁ ଲାଜାରଙ୍କୁ ପୁନର୍ଜୀବିତ କରିବା ପୂର୍ବରୁ କହିଥିଲେ, "ମୁଁ ପୁନରୁତ୍ଥାନ ଓ ଜୀବନ" (ଯୋହନ ୧୧:୨୫) । ଏହା ଅନ୍ୟ ଏକ ଐଶ୍ୱରିକ କାର୍ଯ୍ୟ ଥିଲା ଯହିଁରେ ଐଶ୍ୱରିକ ଦାବି ରହିଥିଲା । କେବଳ ଈଶ୍ୱର ଯଥାର୍ଥ ଭାବରେ ଦାବି କରିପାରିବେ ଯେ ସେ ପୁନରୁତ୍ଥାନ ଅଟନ୍ତି କାରଣ କେବଳ ଈଶ୍ୱରଙ୍କ ଶକ୍ତି ହିଁ ଜଣକୁ ମୃତ୍ୟୁରୁ ପୁନରୁତ୍‌ଥିତ କରିପାରିବ । ଯୀଶୁ ଦାବି କଲେ ଯେ ସେ ଜୀବନଦାତା ଅଟନ୍ତି ଓ ଲାଜାରଙ୍କୁ ଜୀବନ ଦେଲେ, ଯାହା ଦର୍ଶାଇଥିଲା ଯେ ସେ ସେହି ଅଟନ୍ତି ଯେ କି ଜୀବନଦାତା ଅଟନ୍ତି ବୋଲି ଦାବି କରିଥିଲେ । ଏହି ଘଟଣାରେ, ଯୀଶୁ ଅନ୍ୟ ଭବିଷ୍ୟଦ୍ବକ୍ତା ତଥା ପ୍ରେରିତମାନଙ୍କଠାରୁ ସ୍ପଷ୍ଟ ଭାବରେ ପୃଥକ୍ ହୋଇଥିଲେ, ଯେଉଁମାନେ ଈଶ୍ୱରଙ୍କ ଶକ୍ତି ଦ୍ୱାରା ଲୋକଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ କରିଥିଲେ । ସେପରି ଆଶ୍ଚର୍ଯ୍ୟକର୍ମ କରିବାକୁ ନିଜ ଭିତରେ ଶକ୍ତି ଅଛି ବୋଲି ସେମାନଙ୍କ ମଧ୍ୟରୁ କେହି ଦାବି କରି ନାହାନ୍ତି । ସେମାନେ କେବଳ ଈଶ୍ୱରଙ୍କର ସାଧନସ୍ୱରୂପ ଥିଲେ । ଯୋହନ ୫:୨୧ରେ ଯୀଶୁ କହିଲେ ଯେ ପିତା ଯେପ୍ରକାରେ ମୃତମାନଙ୍କୁ ଉତ୍ଥାପନ କରି ସଜୀବ କରନ୍ତି, ସେହି ପ୍ରକାରେ ପୁତ୍ର ମଧ୍ୟ ମୃତମାନଙ୍କୁ ସଜୀବ କରନ୍ତି ।

ଯେତେବେଳେ ଯୀଶୁ ଆଶ୍ଚର୍ଯ୍ୟକର୍ମ କରୁଥିଲେ, ସେ ତାଙ୍କର ମହିମା ପ୍ରକାଶ କରୁଥିଲେ (ଯୋହନ ୨:୧୧), ପିତାଙ୍କଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ ମହିମା ପ୍ରକାଶ କଲେ, ସେ ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ଥିଲେ (ଯୋହନ ୧:୧୪) । ଏହି ଆଶ୍ଚର୍ଯ୍ୟ କର୍ମ ସକଳ ପୁତ୍ର ଈଶ୍ୱରଙ୍କର ଗୌରବମୟ ଶକ୍ତିର ପ୍ରଦର୍ଶନ ଥିଲା, ଯାହା ତାଙ୍କର ଈଶ୍ୱରତ୍ତ୍ୱକୁ ପ୍ରମାଣ କରୁଥିଲା ।

### *ଯୀଶୁ ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତା ଅଟନ୍ତି*

ପ୍ରେରିତ ଯୋହନ ଓ ପାଉଲଙ୍କ ଅନୁସାରେ, ଯୀଶୁ ସବୁ କିଛି ସୃଷ୍ଟି କଲେ ଓ ସମସ୍ତ ବିଷୟ ଏକତ୍ର ରଖିଛନ୍ତି, ଏବଂ ତାହାଙ୍କ ପାଇଁ ସମସ୍ତ ବିଷୟର ଅସ୍ତିତ୍ୱ ଅଛି (ଯୋହନ ୧:୩, କଲସୀୟ ୧:୧୭ ପଢ଼ନ୍ତୁ) । ନିଶ୍ଚିତରୂପେ ଏହା ଇଶ୍ୱରଙ୍କ ବ୍ୟତୀତ ଅନ୍ୟ କାହା ବିଷୟରେ କୁହାଯାଇପାରିବ ନାହିଁ ।

► ଯୀଶୁ ଯେ ଇଶ୍ୱର ଅଟନ୍ତି ଏହା ଆମେ ଜାଣିବା କାହିଁକି ଜରୁରୀ?

ଯେହେତୁ ଯୀଶୁ ଇଶ୍ୱର ଅଟନ୍ତି,

୧. ତାହାଙ୍କ ବଳିଦାନକାରୀ ମୃତ୍ୟୁର ଅସୀମ ମୂଲ୍ୟ ରହିଛି- ଏହା ଜଗତର ସମସ୍ତ ପାପ କ୍ଷମା ପାଇଁ ଯଥେଷ୍ଟ (୧ ଯୋହନ ୨:୨) ।

୨. ଆମକୁ ପରିତ୍ରାଣ କରିବା ପାଇଁ ତାଙ୍କର ଶକ୍ତି ଅଛି; ସେ ପଥ, ସତ୍ୟ ଓ ଜୀବନ (ଯୋହନ ୧୪:୬) ।

୩. ଆମେ ପିତାଙ୍କର ଯେପରି ଉପାସନା କରୁ ସେହିପରି ତାଙ୍କର ବି ଉପାସନା କରିବାକୁ ହେବ (ଯୋହନ ୫:୨୩ ପଢ଼ନ୍ତୁ) ।

ଆମେ ଯଦି ଯୀଶୁଙ୍କୁ ଇଶ୍ୱର ଭାବରେ ଦେଖିବାରେ ବିଫଳ ହେଉ, ତେବେ ଆମେ ତାଙ୍କୁ ଇଶ୍ୱର ଭାବରେ ସମ୍ମାନ ଦେଉ ନାହୁଁ । ଯଦି ଆମେ ଉଭୟ ପିତା ଓ ପୁତ୍ରଙ୍କୁ ଇଶ୍ୱର ଭାବରେ ସମ୍ମାନ ନ ଦେବା ତେବେ ଆମେ ପରିତ୍ରାଣ ପ୍ରାପ୍ତ ହୋଇପାରିବା ନାହିଁ ।

ଖ୍ରୀଷ୍ଟଧର୍ମ କେବଳ ଯୀଶୁଙ୍କ ଶିକ୍ଷା ଓ କାର୍ଯ୍ୟ ଭାବରେ ପର୍ଯ୍ୟବସିତ ନୁହେଁ, କିନ୍ତୁ ଯୀଶୁଙ୍କ ଅନନ୍ୟ ବ୍ୟକ୍ତିତ୍ୱ ଉପରେ ଆଧାରିତ । ସେ କେବଳ ପରିତ୍ରାଣ ବାର୍ତ୍ତାର ଶିକ୍ଷକ ନୁହଁନ୍ତି, ସେ ସ୍ୱୟଂ ତ୍ରାଣକର୍ତ୍ତା ଅଟନ୍ତି, ଏବଂ କେବଳ ସେ ହିଁ ଇଶ-ମାନବଭାବରେ ତ୍ରାଣକର୍ତ୍ତା ହୋଇପାରନ୍ତି ।

*ଶ୍ରେଣୀ ନେତାଙ୍କୁ ଟିପ୍ପଣୀ: ଯୀଶୁ ଯେ ଇଶ୍ୱର ଅଟନ୍ତି ଏ ବିଷୟରେ ଅଧିକ ବାଇବଲ ପ୍ରମାଣ ପାଇଁ ଏହି ପାଠର ଶେଷରେ "ଯୀଶୁଙ୍କ ଇଶ୍ୱରତ୍ୱର ଶାସ୍ତ୍ରୀୟ ପ୍ରମାଣ" ଶୀର୍ଷକ ବିଭାଗ ଦେଖନ୍ତୁ ।*

### *ଯୀଶୁ ଜଣେ ବ୍ୟକ୍ତି ଅଟନ୍ତି*

ଯଦିବା ଯୀଶୁଙ୍କଠାରେ ଇଶ୍ୱରଙ୍କର ସମସ୍ତ ସ୍ୱଭାବ ଓ ମନୁଷ୍ୟର ସମସ୍ତ ସ୍ୱଭାବ ରହିଛି, ସେ ଦୁଇ ବ୍ୟକ୍ତିର ସଂଯୋଗ ନୁହଁନ୍ତି । ଦୁଇଟି ସ୍ୱଭାବ ତାଙ୍କ ଭିତରେ ଜଣେ ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ସମନ୍ୱୟରେ ଗଠନ କରେ । ଯୀଶୁ ହେଉଛନ୍ତି ଏକମାତ୍ର ଇଶ-ମନୁଷ୍ୟ, ଏବଂ ଯୀଶୁଙ୍କର ପ୍ରତ୍ୟେକ କାର୍ଯ୍ୟକୁ ତାହାଙ୍କର ସମ୍ପୂର୍ଣ୍ଣ ମନୁଷ୍ୟତ୍ୱ ଓ ସମ୍ପୂର୍ଣ୍ଣ ଇଶ୍ୱରତ୍ୱ ଦୃଷ୍ଟିରେ ବୁଝିବାକୁ ହେବ । ମଣ୍ଡଳୀ ସର୍ବଦା

ଶିକ୍ଷା ଦେଇଛି ଯେ ଯୀଶୁଙ୍କର ଦୁଇଟି ସ୍ୱଭାବ ପରସ୍ପରଠାରୁ ଅଲଗା ହୋଇପାରିବ ନାହିଁ, ତଥାପି, ସେଗୁଡ଼ିକ ଏପରି ଭାବରେ ମିଶ୍ରିତ ହୋଇ ନ ଥାନ୍ତି ଯଦ୍ଦ୍ୱାରା ଉଭୟ ସ୍ୱଭାବ ନିଜ ନିଜର ବୈଶିଷ୍ଟ୍ୟ ହରାଇ ଥାନ୍ତି ।□□

ଯୀଶୁଙ୍କର ସ୍ୱଭାବକୁ ପବିତ୍ର ଧର୍ମଶାସ୍ତ୍ରର ସ୍ୱଭାବ ସହିତ ତୁଳନା କରିବା ସହାୟକ ହୋଇପାରେ । ଯୀଶୁଙ୍କ ପରି, ବାଇବଲ ମଧ୍ୟ ସମ୍ପୂର୍ଣ୍ଣ । ଐଶ୍ୱରିକ ଓ ସମ୍ପୂର୍ଣ୍ଣ ମାନବୀୟ ଅଟେ । ମାନବ ରଚିତ ପୁସ୍ତକ ଭାବରେ ଏହାର ଅନ୍ୟ ମାନବ ରଚିତ ପୁସ୍ତକର ବୈଶିଷ୍ଟ୍ୟସବୁ ରହିଛି, ତେବେ ଏହା ତ୍ରୁଟିଶୂନ୍ୟ । ଐଶ୍ୱରିକ ସ୍ୱଭାବ ଯୋଗୁଁ ଏହାର ବୈଶିଷ୍ଟ୍ୟସବୁ ଅନ୍ୟ କୌଣସି ପୁସ୍ତକରେ ନାହିଁ । ଠିକ୍ ସେହିପରି, ଯୀଶୁ ଉଭୟ ମାନବୀୟ ଓ ଐଶ୍ୱରିକ ଗୁଣ ଦେଖାନ୍ତି । ବାଇବଲରେ ଐଶ୍ୱରିକ ବୈଶିଷ୍ଟ୍ୟସବୁ ରହିଥିବାରୁ ଏହା କୌଣସି ମାନବରଚିତ ପୁସ୍ତକଠାରୁ କମ୍ ନୁହେଁ । ସେହିପରି ଭାବରେ, ଯୀଶୁ ତାଙ୍କର ଈଶ୍ୱରତ୍ୱ ଦ୍ୱାରା କାର୍ଯ୍ୟ କରୁଥିବାରୁ ତାହା ତାଙ୍କୁ କମ୍ ମାନବୀୟ କରି ନ ଥାଏ । ଏବଂ ଯୀଶୁ ତାଙ୍କର ମନୁଷ୍ୟତ୍ୱ ଦ୍ୱାରା କାର୍ଯ୍ୟ କଲେ ତଦ୍ଦ୍ୱାରା ତାଙ୍କର ଈଶ୍ୱରତ୍ୱ ଗୌଣ ହୋଇ ଯାଇ ନ ଥାଏ ।

### *ଶିକ୍ଷାରେ ସାଧାରଣ ତ୍ରୁଟିସବୁ*

ଲୋକମାନେ ଯେତେବେଳେ ଖ୍ରୀଷ୍ଟଙ୍କ ବିଷୟରେ କଥାବାର୍ତ୍ତା କରନ୍ତି, ସେମାନେ ନିମ୍ନଲିଖିତ ସାଧାରଣ ତ୍ରୁଟିସବୁ କରିଥାନ୍ତି:

- ଯୀଶୁଙ୍କୁ ଈଶ୍ୱର ବୋଲି ଅସ୍ୱୀକାର କରିବା
- ଯୀଶୁଙ୍କୁ ମନୁଷ୍ୟ ବୋଲି ଅସ୍ୱୀକାର କରିବା
- ତାଙ୍କର ଈଶ୍ୱରତ୍ୱ ବା ମନୁଷ୍ୟତ୍ୱକୁ ଗୌଣ କରିବା, ସତେ ଯେପରି ଏହା ଗୁରୁତ୍ୱପୂର୍ଣ୍ଣ ନୁହେଁ
- ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱର ଏକତାକୁ ଅସ୍ୱୀକାର କରିବା

ଏହି ତ୍ରୁଟିଗୁଡ଼ିକ ମଧ୍ୟରୁ ଯେକୌଣସି ତ୍ରୁଟି କରିବାର ଅର୍ଥ ମାନବାବତାରକୁ ଅସ୍ୱୀକାର କରିବା । ଆମର ପରିତ୍ରାଣ ପାଇଁ ମାନବାବତାର ଆବଶ୍ୟକ ଥିଲା, ତେଣୁ ଯଦି କେହି ମାନବାବତାରକୁ ଅସ୍ୱୀକାର କରେ ସେ ଏକ ଭ୍ରାନ୍ତ ସୁସମାଚାର ଓ ପରିତ୍ରାଣର ମିଥ୍ୟା ମାର୍ଗରେ ବିଶ୍ୱାସ କରିବ ।

---

□□ କାଲ୍ସେଡୋନିଆନ୍ ବିଶ୍ୱାସମତ (ଖ୍ରୀଷ୍ଟାବ୍ଦ ୪୫୧), ଯାହା ପାଠ ୧୫ରେ ସ୍ଥାନ ପାଇଛି, କୁହେ ଯେ ଖ୍ରୀଷ୍ଟଙ୍କ ଦୁଇ ସ୍ୱଭାବ ଅପରିବର୍ତ୍ତନୀୟ, ଅବିଭାଜ୍ୟ, ଅବିଚ୍ଛେଦ୍ୟ ଓ ଅବିଭ୍ରାନ୍ତ ।

## ଅନ୍ୟ ଧର୍ମସବୁ କ'ଣ କୁହନ୍ତି?

*ଶ୍ରେଣୀ ନେତାଙ୍କୁ ଟିପ୍ପଣୀ: ଶ୍ରେଣୀର ଜଣେ ସଦସ୍ୟ ଏହି ବିଭାଗକୁ ବ୍ୟାଖ୍ୟା କରିପାରନ୍ତି ।*

ଯିହୋବାଙ୍କ ସାକ୍ଷୀମାନେ କୁହନ୍ତି ଯେ ଯୀଶୁ ଜଣେ ମନୁଷ୍ୟ ଥିଲେ । ସେମାନେ ବିଶ୍ୱାସ କରନ୍ତି ଯେ ଯଦି କେହି ସର୍ବଶ୍ରେଷ୍ଠ ବ୍ୟକ୍ତି ପୃଥିବୀରେ କେବେ ଥିଲେ ତେବେ ସେ ହେଉଛନ୍ତି ଯୀଶୁ । କିନ୍ତୁ ସେ କେବଳ ଜଣେ ମନୁଷ୍ୟ ଥିଲେ । ତେଣୁକରି ସେମାନେ ବିଶ୍ୱାସ କରନ୍ତି ନାହିଁ ଯେ ତାହାଙ୍କ ମୃତ୍ୟୁ ଆମ ପରିତ୍ରାଣ ପାଇଁ ପର୍ଯ୍ୟାପ୍ତ ବଳିଦାନ ଅଟେ । ସେମାନଙ୍କ ପରିତ୍ରାଣର ସୁସମାଚାର କ୍ରିୟାକର୍ମ ଉପରେ ପର୍ଯ୍ୟବସିତ । ସେମାନେ ଖ୍ରୀଷ୍ଟିୟାନ ବୋଲି ଦାବି କରନ୍ତି, କିନ୍ତୁ ସେମାନଙ୍କର ଧର୍ମ ଭିନ୍ନ ଅଟେ ।

ମର୍ମନମାନେ ବିଶ୍ୱାସ କରନ୍ତି ଯେ ଈଶ୍ୱର ଯୀଶୁଙ୍କୁ ଲୁସିଫରର ଭାଇ ପରି ମୂଳତଃ ଏକ ଆତ୍ମିକ ପ୍ରାଣୀଭାବରେ ସୃଷ୍ଟି କରିଥିଲେ । ତାଙ୍କୁ ପୃଥିବୀକୁ ପ୍ରେରଣ କରାଗଲା । ମନୁଷ୍ୟ ଯୀଶୁଭାବରେ ସେ ଜନ୍ମ ନେଲେ । ମର୍ମନମାନେ ଯୀଶୁଙ୍କୁ ଈଶ୍ୱର ବୋଲି ବିଶ୍ୱାସ କରନ୍ତି ନାହିଁ ।

ମୁସଲ୍ମାନମାନେ ବିଶ୍ୱାସ କରନ୍ତି ଯେ ଯୀଶୁ ଜଣେ ଭବିଷ୍ୟଦ୍ବକ୍ତା ଥିଲେ । ସେମାନେ ତାଙ୍କୁ ଈଶ୍ୱର ଭାବରେ ବିଶ୍ୱାସ କରନ୍ତି ନାହିଁ । ତ୍ରି-ଏକ ଈଶ୍ୱର ଅଛନ୍ତି ବୋଲି ମଧ୍ୟ ସେମାନେ ବିଶ୍ୱାସ କରନ୍ତି ନାହିଁ । ସେମାନେ ବିଶ୍ୱାସ କରନ୍ତି ନାହିଁ ଯେ ସେ କ୍ରୁଶରେ ହତ ହୋଇଥିଲେ ବା ମୃତ୍ୟୁରୁ ପୁନରୁତ୍ଥିତ ହୋଇଥିଲେ ।

ହିନ୍ଦୁ ଓ ବୌଦ୍ଧଧର୍ମାବଲମ୍ବୀମାନେ ବିଶ୍ୱାସ କରନ୍ତି ଯେ ଯୀଶୁ ଜଣେ ପବିତ୍ର ବ୍ୟକ୍ତି ଥିଲେ ଓ ଆଶ୍ଚର୍ଯ୍ୟକର୍ମସବୁ କରୁଥିଲେ । ସେ ସେମାନଙ୍କ ଧର୍ମ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ନୁହନ୍ତି । ସେମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କରନ୍ତି ନାହିଁ ଯେ କି ସୃଷ୍ଟିକର୍ତ୍ତା ଓ ପ୍ରଭୁ ଅଟନ୍ତି । ତେଣୁ ସେମାନେ ଯୀଶୁ ଯେ ଈଶ୍ୱରଙ୍କର ମାନବାବତାର ଅଟନ୍ତି ଏହା ବିଶ୍ୱାସ କରନ୍ତି ନାହିଁ ।

## ପ୍ରାୟଶ୍ଚିତ କାର୍ଯ୍ୟ ହେତୁ ଆମେ ଶୁଭ ଶୁକ୍ରବାର ପାଳନ କରୁ

ଶୁଭ ଶୁକ୍ରବାର ଦିନ ଯୀଶୁଙ୍କୁ କ୍ରୁଶାର୍ପିତ କରାଯାଇଥିଲା । ଏହି ଭୟାନକ ଓ ଆଶ୍ଚର୍ଯ୍ୟ ଦିନରେ, ଯୀଶୁ ଆମର ପାପଗୁଡ଼ିକୁ କ୍ରୁଶକୁ ନେଇଗଲେ । ସେ ଆମର ପାପସକଳ ନିମନ୍ତେ ବଳିକୃତ ହେଲେ ଯେପରି କି ଆମେ କ୍ଷମାପ୍ରାପ୍ତ ହେବା ।

### ଏକ ବଳିଦାନ ଆବଶ୍ୟକ ଥିଲା

ଏକ ବଳିଦାନ ଉତ୍ସର୍ଗ କରିବାକୁ ହେଲା ଯେପରି କି ଈଶ୍ୱର ଆମକୁ କ୍ଷମା ଦେଇପାରିବେ ଏବଂ ତଥାପି ନ୍ୟାୟବାନ ଓ ପବିତ୍ର ହୋଇପାରିବେ । ଈଶ୍ୱର ଆବଶ୍ୟକ କରୁଥିବା ବଳିଦାନସବୁ ଦ୍ୱାରା ଏହି ନିୟମକୁ ପୁରାତନ ନିୟମରେ ଶିକ୍ଷା ଦିଆଯାଇଥିଲା (ଏବ୍ରୀ ୯:୨୨) । ଯଦି ଈଶ୍ୱର କେବଳ ବିନା ଆଧାରରେ ପାପକ୍ଷମା କରନ୍ତି, ତେବେ ଏହା ସୂଚିତ କରିବ ଯେ ସେ ନ୍ୟାୟବାନ

ନୁହନ୍ତି ଓ ପାପ ଏକ ଅତି ଗମ୍ଭୀର ବିଷୟ ନୁହେଁ । କିନ୍ତୁ ଯୀଶୁଙ୍କ କ୍ରୁଶୀୟ ମୃତ୍ୟୁକୁ ଦେଖି କେହି ହେଲେ କହିପାରିବ ନାହିଁ ଯେ ପାପ ଗୁରୁତର ବିଷୟ ନୁହେଁ । ତାଙ୍କର ବଳିଦାନ ଆମର କ୍ଷମା ନିମନ୍ତେ ଆଧାର ପ୍ରଦାନ କରିଛି ।

### କେବଳ ଯୀଶୁ ହିଁ ଏକ ପର୍ଯ୍ୟାପ୍ତ ବଳିଦାନ ହୋଇପାରନ୍ତି

► କାହିଁକି ଯୀଶୁ ହିଁ ଏକମାତ୍ର ବ୍ୟକ୍ତି ଯେ କି ପାପ ପାଇଁ ବଳିଦାନ ହୋଇପାରନ୍ତି?

ଈଶ୍ୱରଙ୍କ ନ୍ୟାୟ ଓ ପାପର ଗମ୍ଭୀରତା କୌଣସି ସୃଷ୍ଟ ବିଷୟ ଅପେକ୍ଷା ଅଧିକ ବଳିଦାନ ଆବଶ୍ୟକ କରେ (ଏବ୍ରୀ ୧୦:୪ ପଢ଼ନ୍ତୁ) । ଆମେ ଏକ ଅସୀମ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିଛୁ ଯାହା ଆମ ଉପରକୁ ଅସୀମ ଅପରାଧ ବୋଧ ଆଣିଥାଏ । ସେଥିପାଇଁ କେବଳ ଯୀଶୁ ହିଁ ବଳିଦାନ ହୋଇପାରନ୍ତି । ସେ ଯୋଗ୍ୟ ଥିଲେ କାରଣ ସେ ଈଶ୍ୱର ଅଟନ୍ତି ଓ କାରଣ ସେ ମନୁଷ୍ୟ ଅଟନ୍ତି । ତାଙ୍କର ଈଶ୍ୱରତ୍ୱ, ତାଙ୍କର ପାପଶୂନ୍ୟତା ହେତୁ ତାଙ୍କର ବଳିଦାନର ଅସୀମ ମୂଲ୍ୟ ଥିଲା । ତାଙ୍କର ମନୁଷ୍ୟତ୍ୱ ହେତୁ, ସେ ଆମର ପ୍ରତିନିଧିତ୍ୱ କରି ପାରିବେ ଓ ଆମ ସ୍ଥାନରେ ମରିପାରିବେ ।

### ଯୀଶୁଙ୍କ ରକ୍ତ ତାଙ୍କର ବଳିଦାନକାରୀ ମୃତ୍ୟୁକୁ ଦର୍ଶାଏ

ବଳିଦାନ ପ୍ରଥା ସ୍ଥାପନ କରି ଈଶ୍ୱର ଲୋକମାନଙ୍କୁ ପ୍ରାୟଶ୍ଚିତ ବିଷୟରେ ଶିକ୍ଷା ଦେଲେ । ଯାଜକମାନେ ପଶୁମାନଙ୍କୁ ବଳିଦାନ କରୁଥିଲେ ଓ ବଳି ଉତ୍ସର୍ଗ କରୁଥିବା ବ୍ୟକ୍ତିର ମୃତ୍ୟୁର ନିଦର୍ଶନସ୍ୱରୂପ ସେହି ପଶୁମାନଙ୍କ ରକ୍ତ ଉତ୍ସର୍ଗ କଲେ । ଏବ୍ରୀ ପୁସ୍ତକରେ କୁହାଯାଏ ଯେ ରକ୍ତପାତ ବିନା ପାପମୋଚନ ହୁଏ ନାହିଁ (ଏବ୍ରୀ ୯:୧୮-୨୨) ।

ଈଶ୍ୱର ଲୋକମାନଙ୍କୁ ଆଦେଶ ଦେଲେ ଯେପରି କି ସେମାନେ ରକ୍ତକୁ ସ୍ୱତନ୍ତ୍ର ଭାବରେ ବ୍ୟବହାର କରିବେ କାରଣ ରକ୍ତ ପ୍ରାଣୀର ଜୀବନର ପ୍ରତିନିଧିତ୍ୱ କରେ (ଲେବୀୟ ୧୭:୧୧, ୧୪) । ରକ୍ତପାତ କରିବାର ଅର୍ଥ ହତ୍ୟାକରିବା (ଆଦିପୁସ୍ତକ ୯:୫-୬) । ମନ୍ଦିରରେ ବ୍ୟବହୃତ ହେଉଥିବା ରକ୍ତର ଅର୍ଥ ହେଉଛି ଏକ ପଶୁକୁ ହତ୍ୟା କରାଯାଇଛି ।

ଖ୍ରୀଷ୍ଟଙ୍କ ମୃତ୍ୟୁ ଥିଲା ସର୍ବଶେଷ ବଳିଦାନ ଯାହା ସମସ୍ତଙ୍କ ପାଇଁ ସବୁ ସମୟରେ ପରିତ୍ରାଣ ଉପଲବ୍ଧ କରାଇଲା (ଏବ୍ରୀ ୧୦:୪, ୧୨ ପଢ଼ନ୍ତୁ) । ସେ ସ୍ୱର୍ଗରେ ନିଜ ରକ୍ତକୁ ଉପସ୍ଥାପନ କଲେ ଯାହା ତାଙ୍କ ବଳିଦାନକାରୀ ମୃତ୍ୟୁକୁ ପ୍ରତିପାଦିତ କରିଥିଲା (ଏବ୍ରୀ ୯:୧୨, ୨୪ ପଢ଼ନ୍ତୁ) । ଯୀଶୁଙ୍କ ରକ୍ତ ତାହାଙ୍କ ମୃତ୍ୟୁକୁ ସୂଚିତ କରେ, ଆମକୁ ପରିତ୍ରାଣ ପ୍ରଦାନ କରେ କାରଣ ସେ ନିଜକୁ ବଳି ଦେଇ ମୃତ୍ୟୁଭୋଗ କଲେ ଯଦ୍ଦ୍ୱାରା ଆମେ ରକ୍ଷା ପାଇବା ।

ଯୀଶୁ ଅନ୍ୟ ଉପାୟ ପରିବର୍ତ୍ତେ କାହିଁକି କ୍ରୁଶୀୟ ମୃତ୍ୟୁ ବରଣ କଲେ? ପୁରାତନ ନିୟମ ସମୟରେ ଜଣେ ବ୍ୟକ୍ତିକୁ ଗଛରେ ଟାଙ୍ଗିବା ଈଶ୍ୱରଙ୍କ ଅଭିଶାପର ସଙ୍କେତ ଥିଲା (ଦ୍ୱି.ବିବରଣ ୨୧:୨୩) । ପ୍ରେରିତ ପାଉଲ କହନ୍ତି ଯେ ଖ୍ରୀଷ୍ଟ ଆମମାନଙ୍କ ନିମନ୍ତେ ଈଶ୍ୱରଙ୍କ ଅଭିଶାପ ନିଜ ଉପରକୁ ନେଇ ଖୁଣ୍ଟରେ ଟଙ୍ଗା ଗଲେ (ଗାଲାତୀୟ ୩:୧୪) ।

### ଯୀଶୁ ଈଶ୍ୱର ଓ ମନୁଷ୍ୟଙ୍କୁ ମିଳିତ କଲେ

ଯୀଶୁ ଦୁଇଟି ଦଳ- ଈଶ୍ୱର ଓ ମନୁଷ୍ୟଙ୍କୁ ପୁନର୍ମିଳିତ କରିବାକୁ ଆସିଥିଲେ । ମଧ୍ୟସ୍ଥି ଭାବରେ, ଯୀଶୁ ଉଭୟ ଦଳକୁ ଏକ ସମୟରେ ପ୍ରତିନିଧିତ୍ୱ କରିବାକୁ ପଡ଼ିଲା । ଈଶ୍ୱର ଭାବରେ ସେ ମନୁଷ୍ୟମାନଙ୍କ ନିକଟରେ ଈଶ୍ୱରଙ୍କ ପ୍ରତିନିଧିତ୍ୱ କରିଥିଲେ । ମନୁଷ୍ୟ ଭାବରେ ସେ ଈଶ୍ୱରଙ୍କ ନିକଟରେ ମନୁଷ୍ୟମାନଙ୍କ ପ୍ରତିନିଧିତ୍ୱ କରିଥିଲେ । ଉଭୟପକ୍ଷକୁ ସମ୍ପୂର୍ଣ୍ଣରୂପେ ପ୍ରତିନିଧିତ୍ୱ କରି ଯୀଶୁ ମନୁଷ୍ୟ ଓ ଈଶ୍ୱରଙ୍କୁ ମିଳିତ କଲେ । ପୁନର୍ମିଳନ ନିମନ୍ତେ ଉଭୟ ପକ୍ଷ ଯାହା କରିବା ଆବଶ୍ୟକ ଥିଲା ତାହା ସେ କରିଥିଲେ ।

## ପୁନରୁତ୍ଥାନ ହେତୁ ଆମେ ପୁନରୁତ୍ଥାନ ପର୍ବ ପାଳନ କରୁ

ପୁନରୁତ୍ଥାନ ପର୍ବ ପାଳନ କରିବାର ଅନେକ ପାରମ୍ପରିକ ମାର୍ଗ ଅଛି, କିନ୍ତୁ ଅନେକେ ସେମାନେ ଯାହା କରୁଛନ୍ତି ତା'ର ଅର୍ଥ ବୁଝି ନ ଥାନ୍ତି, ଏବଂ ଯୀଶୁଙ୍କ ପୁନରୁତ୍ଥାନ କାହିଁକି ଗୁରୁତ୍ୱପୂର୍ଣ୍ଣ ତାହା ହୁଏତ ସେମାନେ ଜାଣି ନ ପାରନ୍ତି । ଯୀଶୁ କ୍ରୁଶାର୍ପିତ ହେବାର ତୃତୀୟ ଦିନ ପୁନରୁତ୍ଥାନ ସକାଳେ କବରରୁ ଉଠିଲେ । ସେ ଦେଖାଇଲେ ଯେ ପାପ, ମୃତ୍ୟୁ ଓ ଶୟତାନ ଉପରେ ତାଙ୍କର ଶକ୍ତି ଅଛି । ସେ କେବଳ ଆମର ମୃତ୍ୟୁ ଉପରେ ବିଜୟପ୍ରାପ୍ତ ହେଲେ ତା' ନୁହେଁ, ସେ ମଧ୍ୟ ଜୀବନର ସହିତ ଏହାକୁ ଜୟ କଲେ । ସେ ଯେହେତୁ ବିଜୟୀ ହେଲେ, ଆମେ ମଧ୍ୟ ହୋଇପାରିବା ।

### ଯୀଶୁ ଶାରୀରିକ ଭାବରେ ଉଠିଲେ

ଥରେ ଯୀଶୁ ଯିହୂଦୀମାନଙ୍କୁ କହିଲେ, "ତୁମ୍ଭେମାନେ ଏହି ମନ୍ଦିରକୁ ବିନାଶ କର, ଆଉ ତିନି ଦିନ ମଧ୍ୟରେ ମୁଁ ତାହା ତୋଳିଦେବି" । ଯଦିବା ଯିହୂଦୀମାନେ ଭାବିଥିଲେ ଯେ ସେ ହେରୋଦ ନିର୍ମାଣ କରିଥିବା ମନ୍ଦିର ବିଷୟରେ କହୁଛନ୍ତି, ଯୋହନଙ୍କ ସୁସମାଚାର ବ୍ୟାଖ୍ୟା କରେ ଯେ ସେ ଆପଣା ଶରୀରରୂପ ମନ୍ଦିର ସମ୍ବନ୍ଧରେ କହୁଥିଲେ (ଯୋହନ ୨:୧୯-୨୧) । ସମସ୍ତ ସୁସମାଚାରରେ ଲିପିବଦ୍ଧ ହୋଇଛି ଯେ ଯୀଶୁଙ୍କ ସମାଧି ସେ କବରସ୍ଥ ହେବାର ତିନି ଦିନ ପରେ ଖାଲି ପଡ଼ିଥିଲା । ପୁନରୁତ୍ଥାନ ପରେ ଯୀଶୁ ନିଜକୁ ଶିଷ୍ୟମାନଙ୍କ ନିକଟରେ ଦେଖାଇ କହିଲେ, "ମୋତେ ସ୍ପର୍ଶ କରି ଦେଖ, କାରଣ ମୋହର ଯେପରି ମାଂସ ଓ ଅସ୍ଥି ଥିବାର ତୁମ୍ଭେମାନେ ଦେଖୁଅଛ, ଭୂତର ସେପରି ନାହିଁ" (ଲୂକ ୨୪:୩୯) । ସେ ପ୍ରମାଣ କରୁଥିଲେ ଯେ ସେ ଶାରୀରିକ ଭାବରେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଛନ୍ତି ।

► ଯଦି ଯୀଶୁ ମୃତ୍ୟୁରୁ ପୁନରୁତ୍ଥିତ ହୋଇ ନ ଥାନ୍ତେ ତେବେ ଏହା କ'ଣ ଭିନ୍ନତା ଆଣିଥାନ୍ତା?

୧. **ଯୀଶୁଙ୍କ ଶାରୀରିକ ପୁନରୁତ୍ଥାନ ପାପ ଓ ମୃତ୍ୟୁ ଉପରେ ତାଙ୍କର ସମ୍ପୂର୍ଣ୍ଣ ବିଜୟ ପ୍ରଦର୍ଶନ କଲା** । (କଲସୀୟ ୨:୧୨-୧୫; ପ୍ରକାଶିତ ୧:୧୭-୧୮ ପଢ଼ନ୍ତୁ) ।

୨. **ଯୀଶୁଙ୍କ ଶାରୀରିକ ପୁନରୁତ୍ଥାନ ପ୍ରମାଣିତ କଲା ଯେ ସେ ଆପଣା ବିଷୟରେ ଯାହା ଦାବି କରିଥିଲେ ସେ ସେହି ବ୍ୟକ୍ତି ହିଁ ଅଟନ୍ତି** (ମାଥିଉ ୧୬:୨୨-୨୩, ଯୋହନ ୨:୧୬-୨୨) । ଏହିପରି ଏହା ମଧ୍ୟ ସୁସମାଚାରକୁ ପ୍ରମାଣିତ କଲା । ଯୀଶୁ ମୃତମାନଙ୍କ ମଧ୍ୟରୁ ଉଠିଛନ୍ତି ବୋଲି ଯେଉଁ ଲୋକମାନେ ଅସ୍ୱୀକାର କରନ୍ତି ସେମାନେ ସୁସମାଚାରକୁ ମଧ୍ୟ ଅସ୍ୱୀକାର କରନ୍ତି (୧ କରିନ୍ଥୀୟ ୧୫:୧୭ ପଢ଼ନ୍ତୁ) ।

୩. **ଯୀଶୁଙ୍କ ପୁନରୁତ୍ଥାନ ଆମକୁ ଭରସାଯୁକ୍ତ କରେ ଯେ ଆମେ ମଧ୍ୟ ମୃତ୍ୟୁରୁ ପୁନରୁତ୍ଥିତ ହେବା** । ଯୀଶୁ ପ୍ରତିଜ୍ଞା କରିଥିଲେ ଯେ ସେ ମୃତମାନଙ୍କୁ ଉଠାଇବେ । ଏହି ପ୍ରତିଜ୍ଞା ଅବିଶ୍ୱସନୀୟ ହୁଅନ୍ତା ଯଦି ସେ ନିଜେ ମୃତ୍ୟୁଞ୍ଜୟୀ ହୋଇ ନ ଥାନ୍ତେ (ଯୋହନ ୫:୨୮-୨୯) । ଯୀଶୁଙ୍କ ସଦୃଶ ଗୌରବମୟ ଶରୀର ପାଇବା ପାଇଁ ଆମେ ପୁନରୁତ୍ଥିତ ହେବୁ (୧ ଯୋହନ ୩:୨ ପଢ଼ନ୍ତୁ) ।

### ଯୀଶୁ ତଥାପି ମନୁଷ୍ୟ ଅଟନ୍ତି

ପୁନରୁତ୍ଥାନ ଦର୍ଶାଏ ଯେ ମାନବାବତାର ସ୍ଥାୟୀ ଅଟେ । ଯୀଶୁ ସର୍ବଦା ମାନବ ଓ ଈଶ୍ୱର ଭାବେ ରହିବେ । ଯୀଶୁ, ତଥାପି ଈଶ-ମନୁଷ୍ୟ ଭାବରେ, ବର୍ତ୍ତମାନ ପିତାଙ୍କ ନିକଟରେ ଆମ ପାଇଁ ନିବେଦନ କରୁଛନ୍ତି (ରୋମୀୟ ୮:୩୪), ଏବଂ ଦିନେ ଆମକୁ ସ୍ୱର୍ଗକୁ ନେବା ପାଇଁ ଫେରିବେ (୧ ଥେସଲନୀକୀୟ ୪:୧୬-୧୭) ।

### ସେ କିଏ ଅଟନ୍ତି ଓ ସେ କ'ଣ କରିଛନ୍ତି, ସେଥିଯୋଗୁଁ ଆମେ ଯୀଶୁଙ୍କ ନିକଟରେ ସମର୍ପିତ ହେଉ ।

ବିଶ୍ୱାସୀ ଭାବରେ ଆମେ ଖ୍ରୀଷ୍ଟଙ୍କ ସହିତ ଦୈନିକ ସମ୍ପର୍କରେ ବାସ କରୁ । ସେ କେବଳ ଜଣେ ଐତିହାସିକ ବ୍ୟକ୍ତି ନୁହନ୍ତି, ଏବଂ କେବଳ ସ୍ୱର୍ଗୀୟ ଈଶ୍ୱର ନୁହନ୍ତି, କିନ୍ତୁ ସେ ଆମ ସହିତ ଉପସ୍ଥିତ ଅଛନ୍ତି । ସେ ନିଜ ଶିଷ୍ୟମାନଙ୍କ ସହିତ ସଦାସର୍ବଦା ରହିବେ ବୋଲି ପ୍ରତିଜ୍ଞା କରିଥିଲେ (ମାଥିଉ ୨୮:୨୦) ।

ସେ ଏକ ବିଶେଷ ଉପାୟରେ ମଣ୍ଡଳୀରେ ଉପସ୍ଥିତ ଅଛନ୍ତି । ସେ ମଣ୍ଡଳୀର ମସ୍ତକସ୍ୱରୂପ, ଏବଂ ମଣ୍ଡଳୀକୁ ତାଙ୍କର ଶରୀର କୁହାଯାଏ (ଏଫିସୀୟ ୧:୨୨, ୨୩) । ସେ ମଣ୍ଡଳୀକୁ ମାର୍ଗଦର୍ଶନ କରନ୍ତି, ଏହାକୁ ଏକାଠି ରଖନ୍ତି, ଏବଂ ଏହାକୁ ଯୋଗାନ୍ତି (କଲସୀୟ ୨:୧୯ ପଢ଼ନ୍ତୁ) ।

ଯେ ଯୀଶୁଙ୍କ ବିଷୟକ ସତ୍ୟ ଗ୍ରହଣ କରେ ସେ ବିଶ୍ୱାସ ଓ ବାଧ୍ୟତା ସହକାରେ ଉତ୍ତର ଦେବା ଉଚିତ । ଆପଣ ନିମ୍ନଲିଖିତ ପ୍ରାର୍ଥନା ସହିତ ଅନ୍ୟମାନଙ୍କୁ ବିଶ୍ୱାସୀ ହେବା ପାଇଁ ସାହାଯ୍ୟ କରିପାରିବେ ।

> "ପିତା, ମୋତେ ଉଦ୍ଧାର କରିବା ପାଇଁ ତୁମ ପୁତ୍ର ଯୀଶୁଙ୍କୁ ଜଗତକୁ ପଠାଇ ମୋ ପ୍ରତି ଯଥେଷ୍ଟ ପ୍ରେମ ପ୍ରକାଶ କରିଥିବାରୁ ମୁଁ ତୁମକୁ ଧନ୍ୟବାଦ ଦିଏ । ମୁଁ ବିଶ୍ୱାସ କରେ ଯେ ଯୀଶୁ ପାପଶୂନ୍ୟ ଈଶ-ମାନବ ଅଟନ୍ତି ଯେ ମୃତ୍ୟୁଭୋଗ

କଲେ ଓ ପୁନରୁତ୍ଥିତ ହେଲେ, ତେଣୁ ମୋର ପାପ ପାଇଁ ମୋତେ କ୍ଷମା ଦିଆଯାଇପାରିବ ଓ ତୁମ ସହିତ ସମ୍ପର୍କ ପୁନଃସ୍ଥାପିତ ହୋଇପାରିବ । ମୁଁ କରିଥିବା ସମସ୍ତ ପାପ ପାଇଁ ମୁଁ ଅତ୍ୟନ୍ତ ଦୁଃଖିତ ଓ ଅନୁତପ୍ତ । ମୁଁ ଜାଣେ ମୋ ପାପ ଯୀଶୁଙ୍କୁ କ୍ରୁଶବିଦ୍ଧ କଲା । ବର୍ତ୍ତମାନ, ମୁଁ ଜାଣିଥିବା ସମସ୍ତ ଭୁଲ ତ୍ରୁଟି ଓ ପାପରୁ ମନ ପରିବର୍ତ୍ତନ କରୁଛି, ଏବଂ ଯୀଶୁଙ୍କୁ ମୋର ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରୁଛି । ବର୍ତ୍ତମାନଠାରୁ ମୋତେ ପଥ କଢ଼ାଇ ନିଅ । ମୁଁ ସବୁଦିନ ତୁମ ପାଇଁ ବଞ୍ଚିବି । ମୋତେ କ୍ଷମା କରିଥିବାରୁ ଧନ୍ୟବାଦ । ମୁଁ ତୁମକୁ ପ୍ରେମ କରେ । ଆମେନ୍ ।"

► ବିଶ୍ୱାସର ସ୍ୱୀକାରୋକ୍ତି ଅତିକମରେ ଦୁଇଥର ଏକାଠି ପଢ଼ନ୍ତୁ ।

## ବିଶ୍ୱାସର ସ୍ୱୀକାରୋକ୍ତି

ଯୀଶୁ ହେଉଛନ୍ତି ଖ୍ରୀଷ୍ଟ ଏବଂ ସମସ୍ତଙ୍କର ପ୍ରଭୁ, କୁମାରୀ ଗର୍ଭରୁ ଜନ୍ମିତ ଈଶ୍ୱରଙ୍କ ପୁତ୍ର । ସେ ନିଜେ ସମସ୍ତ ମାନବ ସ୍ୱଭାବ ଓ ସମସ୍ତ ଐଶ୍ୱରିକ ସ୍ୱଭାବ ଧାରଣ କରନ୍ତି । ସେ ଏକ ପାପଶୂନ୍ୟ ଜୀବନ ବିତାଇଲେ ଓ ବଳିଦାନକାରୀ ମୃତ୍ୟୁଭୋଗ କଲେ ଯେପରି କି ଆମର ପାପସବୁରୁ ଆମେ କ୍ଷମା ପାଇବା । ସେ ମୃତ୍ୟୁରୁ ପୁନରୁତ୍ଥିତ ହେଲେ ଓ ସେ ଯେବେ ପୁନରାଗମନ କରିବେ ସେତେବେଳେ ସମସ୍ତ ବିଶ୍ୱାସୀଙ୍କୁ ଉତ୍ଥାପିତ କରିବେ । ତାଙ୍କ ରାଜ୍ୟ ବିଶ୍ୱଜନୀନ ଓ ଅନନ୍ତ ।

## ଯୀଶୁଙ୍କ ମନୁଷ୍ୟତ୍ୱର ଶାସ୍ତ୍ରୀୟ ପ୍ରମାଣ

*ଶ୍ରେଣୀ ନେତାଙ୍କୁ ଟିପ୍ପଣୀ: ଏହି ବିଭାଗ ଓ ପରବର୍ତ୍ତୀ ବିଭାଗ ଇଚ୍ଛାଧୀନ ଅଟେ । ଯଦି କେହି ଏହି ବିନ୍ଦୁଗୁଡ଼ିକ ପାଇଁ ଅଧିକ ବାଇବଲ ପ୍ରମାଣ ଚାହୁଁଛନ୍ତି ତେବେ ଶ୍ରେଣୀରେ ସେସବୁକୁ ଆଲୋଚନା କରିପାରିବେ ।*

ଯୀଶୁ ହବାଙ୍କର ବଂଶଧର ଥିଲେ (ଆଦିପୁସ୍ତକ ୩:୧୫), ଅବ୍ରାହାମଙ୍କ ବଂଶ (ଆଦିପୁସ୍ତକ ୨୨:୧୮; ପ୍ରେରିତ ୩:୨୫ ସଙ୍ଗେ ତୁଳନା କରନ୍ତୁ), ସ୍ତ୍ରୀଜାତ (ଗାଲାତୀୟ ୪:୪), ମରିୟମଙ୍କ ଗର୍ଭରୁ ଜାତ (ମାଥିଉ ୧:୨୧-୨୫), ମନୁଷ୍ୟପୁତ୍ର ଭାବରେ ଖ୍ୟାତ (ମାଥିଉ ୧୩:୩୭), ଏବଂ ସାଧାରଣ ପ୍ରକ୍ରିୟାରେ ବୃଦ୍ଧି ପାଇଥିଲେ (ଲୂକ ୨:୪୦, ୫୨) ।

ଯେତେବେଳେ ସେ ନିଜ ସହରକୁ ପରିଦର୍ଶନ କଲେ, ଲୋକମାନଙ୍କ ପ୍ରତିକ୍ରିୟାରୁ ଜଣାଯାଏ ଯେ ତାଙ୍କର ପିଲାଦିନ ସ୍ୱାଭାବିକ ଥିଲା (ମାଥିଉ ୧୩:୫୪-୫୬) ।

ମନୁଷ୍ୟ ସଦୃଶ ଆଜ୍ଞାକାରୀ ହେବା ପାଇଁ ତାଙ୍କର ଏକ ଶରୀର ଥିଲା (ଏବ୍ରୀ ୧୦:୫-୭); ସେ ରକ୍ତମାଂସ ବିଶିଷ୍ଟ ଶରୀର ଧାରଣ କଲେ (ଏବ୍ରୀ ୨:୧୪); ସେ ସମସ୍ତ ବିଷୟରେ ଆମ ପରି ହେଲେ ଯେପରି କି ସେ ଆମ ପରି ଦୁଃଖଭୋଗ କରିପାରିବେ (ଏବ୍ରୀ ୨:୧୦-୧୮); ସେ ଦୁଃଖଭୋଗ ଦ୍ୱାରା ସିଦ୍ଧ ହେଲେ (ଏବ୍ରୀ ୨:୯-୧୦), ଏବଂ ସେ ମନୁଷ୍ୟମାନଙ୍କ ପରି ପରୀକ୍ଷିତ ହେଲେ (ଏବ୍ରୀ ୪:୧୫) ।

ସେ ମନୁଷ୍ୟଭାବରେ ଦେଖାଗଲେ (ଫିଲିପ୍ପୀୟ ୨:୬-୮) ।

ସେ ଈଶ୍ୱରଙ୍କ ଅନନ୍ତ ବାକ୍ୟ ଥିଲେ ଏବଂ ଦେହବନ୍ତ ହୋଇ ପୃଥିବୀରେ ବାସ କଲେ (ଯୋହନ ୧:୧୪) ।

ଯୀଶୁଙ୍କ ମନୁଷ୍ୟତ୍ୱ ଖ୍ରୀଷ୍ଟୀୟ ବିଶ୍ୱାସର ଏକ ଅତ୍ୟାବଶ୍ୟକ ସ୍ୱୀକାରୋକ୍ତି (ଯୋହନ ୧:୧୪; ୧ଯୋହନ ୪:୨-୩) ।

## ଯୀଶୁଙ୍କ ଈଶ୍ୱରତ୍ୱର ଶାସ୍ତ୍ରୀୟ ପ୍ରମାଣ

ଯୀଶୁ ଯେ ଈଶ୍ୱର ଅଟନ୍ତି ଏହା ତିନୋଟି ଉପାୟରେ ପ୍ରମାଣିତ ହୋଇପାରିବ:

୧. ତାଙ୍କୁ ଈଶ୍ୱର କୁହାଯାଏ ।
୨. ତାଙ୍କଠାରେ ଈଶ୍ୱରଙ୍କ ଗୁଣାବଳୀ ଅଛି ବୋଲି ଦର୍ଶାଯାଇଛି ।
୩. ସେ ଈଶ୍ୱରଙ୍କ ଭୂମିକାରେ ଥିବା ଦର୍ଶାଯାଇଛି ।

### ଯୀଶୁଙ୍କୁ ଈଶ୍ୱର କୁହାଯାଏ

- ଯୋହନ ୧:୧, ୧୪ କହେ ଯେ ଅନନ୍ତ ବାକ୍ୟ ଈଶ୍ୱର ଥିଲେ ।
- ଯୋହନ ୧୨:୪୧ କହେ ଯେ ଯିଶାଇୟ ଯୀଶୁଙ୍କୁ ଦେଖିଲେ ।
- ପ୍ରେରିତ ୨୦:୨୮ କହେ ଯେ ଈଶ୍ୱରଙ୍କ ମଣ୍ଡଳୀ ତାଙ୍କ ରକ୍ତରେ କ୍ରୀତ ଅଟେ ।
- ରୋମୀୟ ୯:୫ କହେ ଯେ ଖ୍ରୀଷ୍ଟ ଆସିଲେ, ସେହି ଈଶ୍ୱର ଯୁଗେ ଯୁଗେ ଧନ୍ୟ ଅଟନ୍ତି ।
- ତୀତସ ୨:୧୩ରେ କୁହାଯାଏ ଆମମାନଙ୍କ ମହାନ୍ ଈଶ୍ୱର ଓ ତ୍ରାଣକର୍ତ୍ତା ଖ୍ରୀଷ୍ଟ ଯୀଶୁ ।
- ମାଥିଉ ୧:୨୩ (ଯିଶାଇୟ ୭:୧୪କୁ ଉଦ୍ଧୃତ କରାଯାଇଛି) କହେ ଯେ ତାଙ୍କ ନାମର ଅର୍ଥ "ଆମ୍ଭମାନଙ୍କ ସହିତ ଈଶ୍ୱର" ।
- ଯିଶାଇୟ ୯:୬ କହେ ତାଙ୍କ ନାମ ପରାକ୍ରାନ୍ତ ପରମେଶ୍ୱର ହେବ ।
- ୧ତୀମଥି ୩:୧୬ କହେ ଈଶ୍ୱର ଦେହବନ୍ତ ହୋଇ ପ୍ରକାଶିତ ହେଲେ, ଜାତିମାନଙ୍କ ମଧ୍ୟରେ ପ୍ରଚାରିତ ହେଲେ, ଗୌରବରେ ଗୃହୀତ ହେଲେ ।
- ଯୋହନ ୧୦:୩୦, ୩୩ରେ ଯୀଶୁ କହନ୍ତି ଯେ ସେ ଓ ପିତା ଏକ ।
- ଯୋହନ ୫:୧୭-୧୮ ଅନୁସାରେ ଯିହୁଦୀମାନେ ଜାଣି଼ିଲେ ଯେ ସେ ପିତାଙ୍କ ସଙ୍ଗେ ସମାନ ବୋଲି ଦାବି କରୁଛନ୍ତି ।

- ଯୋହନ ୧୪:୯ରେ ସେ କହନ୍ତି, "ଯେ ମୋତେ ଦର୍ଶନ କରିଅଛି, ସେ ପିତାଙ୍କୁ ଦର୍ଶନ କରିଅଛି" ।
- ଯୋହନ ୨୦:୨୮-୨୯; ଥୋମା ତାଙ୍କର କ୍ଷତସବୁକୁ ଦେଖି କହିଲେ, "ମୋର ପ୍ରଭୁ, ମୋର ଈଶ୍ୱର", ଏବଂ ଯୀଶୁ ତାଙ୍କଠାରେ ବିଶ୍ୱାସକାରୀମାନଙ୍କୁ ଆଶୀର୍ବାଦ କଲେ ।
- ଯୋହନ ୮:୫୮ରେ ସେ ନିଜକୁ ମୁଁ ଅଛି ବା ସ୍ୱୟମ୍ଭୁ (ଓ ଇଗ) କହିଥିଲେ, ଯିହୁଦୀମାନେ ଜାଣିଲେ ଯେ ସେ ନିଜକୁ ଈଶ୍ୱର ବୋଲି ଦାବି କରୁଛନ୍ତି ।
- ପ୍ରକାଶିତ ବାକ୍ୟ ୧:୧୮; ୨:୮; ୨୨:୧୩ରେ ସେ ନିଜକୁ ପ୍ରଥମ ଓ ଶେଷ କହନ୍ତି, ଯିଶାଇୟ ୪୪:୬ ଦର୍ଶାଏ ଯେ ଏହି ଶବ୍ଦ ଈଶ୍ୱରଙ୍କ ପାଇଁ ପ୍ରଯୁଜ୍ୟ ।
- ଏବ୍ରୀ ୧:୨-୩ କହେ ଯେ ସେ ପିତାଙ୍କର ସମ୍ପୂର୍ଣ୍ଣ ପ୍ରତିମୂର୍ତ୍ତି ।
- ଏବ୍ରୀ ୧:୮ରେ ତାଙ୍କୁ ଈଶ୍ୱର ଭାବରେ ସମ୍ବୋଧିତ କରାଯାଇଛି ।

## ଯୀଶୁଙ୍କଠାରେ ଈଶ୍ୱରଙ୍କ ଗୁଣାବଳୀ ରହିଛି

**ସର୍ବବ୍ୟାପୀ** । ମାଥିଉ ୧୮:୨୦ ରେ ଯୀଶୁ କହନ୍ତି ଯେ ଯେଉଁଠାରେ ଦୁଇ ବା ତିନି ବିଶ୍ୱାସୀ ଏକତ୍ର ହୁଅନ୍ତି, ସେହି ସ୍ଥାନରେ ସେ ଉପସ୍ଥିତ ରହନ୍ତି । ମାଥିଉ ୨୮:୨୦ରେ ସେ ପ୍ରତିଜ୍ଞା କରନ୍ତି ଯେ ସେ ବିଶ୍ୱାସୀମାନଙ୍କ ସହିତ ସର୍ବଦା ରହିବେ ।

**ସର୍ବଶକ୍ତିମାନ** । ଏବ୍ରୀ ୧:୩ରେ କୁହାଯାଏ ଯେ ସେ ଆପଣା ଶକ୍ତିଦ୍ୱାରା ସମସ୍ତ ବିଷୟ ଧାରଣ କରନ୍ତି । ଫିଲିପ୍ପୀୟ ୩:୨୧ କହେ ଯେ ସେ ସମସ୍ତ ବିଷୟକୁ ବଶୀଭୂତ କରିପାରନ୍ତି ।

**ଅନନ୍ତ** । ଏବ୍ରୀ ୧୩:୮ କହେ ଯେ ସେ କାଲି, ଆଦି ଓ ଚିରକାଳ ସମାନ ଅଟନ୍ତି । ଏବ୍ରୀ ୧:୧୨ କହେ ସେ ସର୍ବଦା ସମାନ ଅଟନ୍ତି । ଏହି ପଦ ଗୀତସଂହିତା ୧୦୨:୨୫-୨୭ର ଉଦ୍ଧୃତି ଯାହା ଈଶ୍ୱରଙ୍କ ବିଷୟରେ କହେ ।

**ସର୍ବଜ୍ଞ** । ଯୋହନ ୨:୨୪-୨୫ କହେ ଯେ ସେ ସମସ୍ତଙ୍କୁ ଜାଣୁଥିଲେ, ମନୁଷ୍ୟ ଅନ୍ତରରେ କ'ଣ ଅଛି, ତାହା ଆପେ ଜାଣୁଥିଲେ । ଯୋହନ ୧୦:୧୪ରେ ସେ ଦାବି କରିଛନ୍ତି ଯେ ପିତା ଯେପରି ତାଙ୍କୁ ଜାଣନ୍ତି, ସେ ସେପରି ପିତାଙ୍କୁ ଜାଣନ୍ତି ।

## ଯୀଶୁଙ୍କଠାରେ ଥିବା ଈଶ୍ୱରଙ୍କ ଭୂମିକାସମୂହ

- ଯୀଶୁ ସୃଷ୍ଟିକର୍ତ୍ତା (କଲସୀୟ ୧:୧୬; ଏବ୍ରୀ ୧:୧୦) ।
- ଯୀଶୁ ପାପକ୍ଷମା କଲେ (ଲୂକ ୫:୨୦-୨୪; ୭:୪୮)
- ଶେଷ ବିଚାରରେ ଯୀଶୁ ବିଚାର କରିବେ (ମାଥିଉ ୨୫:୩୧-୪୬; ୨ କରିନ୍ଥୀୟ ୫:୧୦) ।

- ପିତାଙ୍କ ପରି ଯୀଶୁଙ୍କୁ ପୂଜା କରାଯାଏ (ଯୋହନ ୫:୨୨-୨୩; ଏବ୍ରୀ ୧:୬; ପ୍ରକାଶିତ ବାକ୍ୟ ୫:୧୨- ୧୩) ।

## ପାଠ ୭ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ମାର୍କ ୧:୧-୧୨
- ଯୋହନ ୫:୧୯-୨୬
- ଯୋହନ ୬:୪୪-୫୧
- ଯୋହନ ୮:୫୧-୫୯
- ପ୍ରେରିତ ୨:୨୨-୩୬
- ପ୍ରକାଶିତ ବାକ୍ୟ ୧:୧୨-୧୮

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୭ର ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହି‌ି ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ତୁମର ଶ୍ରେଣୀବାହାର ଶିକ୍ଷାଦାନ ସମୟ ନିର୍ଘଣ୍ଟକୁ ମନେ ରଖ ଓ ଶିକ୍ଷାଦାନ ସମାପ୍ତ କଲାପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୭ ପରୀକ୍ଷା

(୧) ମଶିହଙ୍କ ପ୍ରାଥମିକତା କ'ଣ ଥିଲା?

(୨) "ଯୀଶୁ ପ୍ରଭୁ ଅଟନ୍ତି" ଏହା କହିବା ଦ୍ୱାରା ଆଦ୍ୟ ମଣ୍ଡଳୀ କେଉଁ ଅର୍ଥ ପ୍ରକାଶ କରୁଥିଲେ?

(୩) ଯୀଶୁ କିପରି ଅନନ୍ୟ ଭାବରେ ଈଶ୍ୱରଙ୍କ ପୁତ୍ର ଅଟନ୍ତି?

(୪) ଈଶ୍ୱରଙ୍କ ମାନବାବତାର କ'ଣ?

(୫) ଯୀଶୁ ଯେ ମନୁଷ୍ୟ ହେବା ଜରୁରୀ ଥିଲା, ଏହାର ତିନୋଟି କାରଣ ଲେଖ ।

(୬) ଯୀଶୁ ଯେ ଈଶ୍ୱର ଅଟନ୍ତି ଏହା ଆମେ ଜାଣିବା ଜରୁରୀ ଅଟେ ।ଏହାର ତିନୋଟି କାରଣ ଲେଖ ।

(୭) ବଳିଦାନ ଅତ୍ୟାବଶ୍ୟକ ଥିଲା, ଏହାର ଦୁଇଟି କାରଣ ଲେଖ ।

(୮) ଯୀଶୁ ଅନ୍ୟ ଉପାୟରେ ନ ମରି କ୍ରୁଶରେ କାହିଁକି ମୃତ୍ୟୁଭୋଗ କଲେ?

(୯) ଯୀଶୁଙ୍କ ଶାରୀରିକ ପୁନରୁତ୍ଥାନ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା, ଏହାର ତିନୋଟି କାରଣ ଲେଖ ।

# ପାଠ ୮

# ପରିତ୍ରାଣ

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- କ୍ରୁଶ କାହିଁକି ଅନେକ ଲୋକଙ୍କ ପାଇଁ ବିଘ୍ନର କାରଣ ଅଟେ ।
- ପାପୀଙ୍କର ଅବସ୍ଥା ।
- ପାପକ୍ଷମା ପାଇବା ପାଇଁ ପ୍ରାୟଶ୍ଚିତର ଆବଶ୍ୟକତା ।
- ମନପରିବର୍ତ୍ତନର ଅର୍ଥ ।
- ଉଦ୍ଧାରକାରୀ ବିଶ୍ୱାସର ଉପାଦାନଗୁଡ଼ିକ ।
- ସମସ୍ତ ଲୋକ ଓ ସମସ୍ତ ପାପ ପାଇଁ ପ୍ରାୟଶ୍ଚିତ କାହିଁକି ଯଥେଷ୍ଟ ।
- ପରିତ୍ରାଣର ବ୍ୟକ୍ତିଗତ ନିଶ୍ଚିତତାର ଆଧାର ।
- ସାଧାରଣ ଭାବରେ ସୃଷ୍ଟିର ମୁକ୍ତି ।
- ପରିତ୍ରାଣ ବିଷୟରେ ଖ୍ରୀଷ୍ଟୀୟ ବିଶ୍ୱାସର ଏକ ସ୍ୱୀକାରୋକ୍ତି ।

(୨) ଛାତ୍ରମାନେ ଅନୁତାପ ବିହୀନ ଏକ ଧର୍ମର ତ୍ରୁଟିକୁ ଯେପରି ବୁଝି ପାରିବେ ।

## ଉପକ୍ରମ

► ଗୀତସଂହିତା ୮୫ ଏକତ୍ର ପଢ଼ନ୍ତୁ । ପରିତ୍ରାଣ ବିଷୟରେ ଏହି ଶାସ୍ତ୍ରାଂଶ କ'ଣ କହେ?

## କ୍ରୁଶ

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖ୍ରୀଷ୍ଟୀୟ ପ୍ରତୀକ ହେଉଛି କ୍ରୁଶ । କ୍ରୁଶ ଏକ ଘଟଣାକୁ ଉପସ୍ଥାପିତ କରେ ଯାହା ସମସ୍ତ ଇତିହାସର କେନ୍ଦ୍ରରେ ରହିଛି । ଏହା ଖ୍ରୀଷ୍ଟୀୟ ବିଶ୍ୱାସ ଓ ଅନ୍ୟମାନଙ୍କର ବିଶ୍ୱାସ ମଧ୍ୟରେ ଥିବା ପାର୍ଥକ୍ୟକୁ ଉପସ୍ଥାପିତ କରେ ।

ଅନେକ ଲୋକଙ୍କ ପାଇଁ କ୍ରୁଶ ଏକ ରହସ୍ୟମୟ ବିଷୟ ଅଟେ । ସେମାନେ ବୁଝିପାରନ୍ତି ଯୀଶୁ କାହିଁକି ମୃତ୍ୟୁଭୋଗ କଲେ । ଯଦିବା ସେମାନେ ଶୁଣନ୍ତି ଓ ମୃତ୍ୟୁଭୋଗ କଲେ କାରଣ ସେ ଆମକୁ ପ୍ରେମ କରନ୍ତି ଓ ଆମକୁ ଉଦ୍ଧାର କରିବାକୁ ଚାହାନ୍ତି,

ସେମାନେ ବୁଝି ନ ଥାନ୍ତି ଏହା ଘଟିବା କ'ଣ ଆବଶ୍ୟକ ଥିଲା । ସେମାନେ ପଚାରନ୍ତି, "ଈଶ୍ୱର ଯଦି ଆମକୁ କ୍ଷମା କରିବାକୁ ଚାହାନ୍ତି, ତେବେ ସେ କାହିଁକି ତାହା କରିପାରିବେ ନାହିଁ?"

କ୍ରୁଶ ବିଷୟରେ ଦ୍ୱନ୍ଦ୍ୱ ପ୍ରଥମରୁ ଆରମ୍ଭ ହୋଇଥିଲା, ଯେତେବେଳେ ଆଦ୍ୟ ଖ୍ରୀଷ୍ଟିୟାନ୍‌ମାନେ ସୁସମାଚାର ପ୍ରଚାର କରିବା ଆରମ୍ଭ କଲେ (୧କରିନ୍ଥୀୟ ୧:୨୨-୨୩ ପଢ଼ନ୍ତୁ) । ଯିହୂଦୀମାନେ ଭାବିଥିଲେ ଯେ ଈଶ୍ୱର ଶକ୍ତିର ପ୍ରଦର୍ଶନ କରି ନିଜକୁ ଦେଖାଇବେ । ସେମାନେ ଭାବିଥିଲେ ଯେ ପରିତ୍ରାଣ ହେଉଛି ଅତ୍ୟାଚାରରୁ ମୁକ୍ତି, କିନ୍ତୁ କ୍ରୁଶ ଦୁର୍ବଳତା ଓ ବିଫଳତାର ପ୍ରତୀକ ମନେ ହେଉଥିଲା ।

ଗ୍ରୀକ୍ମାନେ ଭାବିଲେ ଯେ ଈଶ୍ୱର ଜ୍ଞାନ ଦ୍ୱାରା ନିଜକୁ ପ୍ରକାଶ କରିବେ । ସେମାନେ ଭାବିଥିଲେ ପରିତ୍ରାଣ ହେଉଛି ଜୀବନରୁ କିପରି ସର୍ବୋତ୍ତମ ଲାଭ ମିଳିବ ସେ ସମ୍ବନ୍ଧରେ ବ୍ୟାଖ୍ୟା, କିନ୍ତୁ କ୍ରୁଶ ମୂର୍ଖତା ଓ ବିଫଳତା ପରି ମନେ ହେଉଥିଲା ।

► କାହିଁକି କେତେଲୋକ କ୍ରୁଶ ଦ୍ୱାରା ବିଘ୍ନ ପାଆନ୍ତି?

କ୍ରୁଶ ଅନେକଙ୍କ ନିମନ୍ତେ ଏକ ବିଘ୍ନସ୍ୱରୂପ ଅଟେ । ଅନେକ ଲୋକ ଧର୍ମପରାୟଣ ହେବାକୁ ଚାହାନ୍ତି । ସେମାନେ କିଛି ବିଷୟ ବିଶ୍ୱାସ କରିବାକୁ ଧାର୍ମିକ ରୀତିନୀତି ପାଳନ କରିବାକୁ ଓ ପରାମର୍ଶ ପାଇବାକୁ ଚାହାନ୍ତି । କିନ୍ତୁ ସେମାନେ ଏହି ଧାରଣା ଯୋଗୁଁ କ୍ରୋଧିତ ହୋଇଥାନ୍ତି ଯେ ସେମାନେ କ'ଣ ଏପରି ପାପୀ ଅଟନ୍ତି ଯେ କ୍ରୁଶ ସେମାନଙ୍କ ପାପକ୍ଷମା ପାଇଁ ଆବଶ୍ୟକ ଅଟେ । ସେମାନେ ଭାବନ୍ତି ଯେ ଈଶ୍ୱର ସେମାନଙ୍କ କାର୍ଯ୍ୟ କଳାପ ଓ ଚରିତ୍ରକୁ ନେଇ ଆପତ୍ତି ଉଠାଇବା ଅନୁଚିତ । କ୍ରୁଶ ସେମାନଙ୍କ ନିମନ୍ତେ ବିଘ୍ନର କାରଣ ହୋଇଥାଏ କାରଣ ଏହାର ଅର୍ଥ ସେମାନେ ପାପୀ ଅଟନ୍ତି ଓ କ୍ଷମା ଆବଶ୍ୟକ କରନ୍ତି ।

କ୍ରୁଶରେ ଯୀଶୁଙ୍କ ବଳିଦାନକାରୀ ମୃତ୍ୟୁକୁ ବୁଝିବାକୁ ହେଲେ, ଆମେ ବୁଝିବାକୁ ହେବ ଯେ ପାପପୂର୍ଣ୍ଣ ମନୁଷ୍ୟର ଅବସ୍ଥା ଓ ଈଶ୍ୱରଙ୍କ ପବିତ୍ର ସ୍ୱଭାବ ଏକ ବଡ଼ ଦ୍ୱନ୍ଦ୍ୱ ସୃଷ୍ଟି କଲା । ଆମେ ନିଶ୍ଚିତ ଭାବରେ ବୁଝିବା ଉଚିତ କାହିଁକି ପାପର ପ୍ରାୟଶ୍ଚିତ ଯୋଗୁଁ ଈଶ୍ୱରଙ୍କ ପକ୍ଷରେ ପାପକ୍ଷମା ଦେବା ସମ୍ଭବ ହେଲା ।

## ମାନବୀୟ ଅବସ୍ଥା

ଆଦମଙ୍କ ପାପ ହେତୁ, ପ୍ରତ୍ୟେକ ବ୍ୟକ୍ତି ଜନ୍ମ ହେବା ସମୟରୁ ହିଁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ହୋଇଥାନ୍ତି (ରୋମୀୟ ୫:୧୨) । ଏହାର ଅର୍ଥ ପ୍ରତ୍ୟେକ ବ୍ୟକ୍ତି ଆତ୍ମ-କୈନ୍ଦ୍ରିକ ଓ ନିଜ ପଥରେ ଯାଆନ୍ତି ।

ଜଣେ ବ୍ୟକ୍ତି ପସନ୍ଦ କରିବା ଆରମ୍ଭ କରିବା ମାତ୍ରେ, ସେ ପାପ କରିବା ଆରମ୍ଭ କରିଥାଏ । **ପ୍ରତ୍ୟେକ ପାପୀ ଅନେକ ପାପକର୍ମରେ ଦୋଷୀ ଅଟେ** (ରୋମୀୟ ୩:୨୩ ପଢ଼ନ୍ତୁ) ।

ପାପ ଈଶ୍ୱରଙ୍କ ବ୍ୟବସ୍ଥାର ଉଲ୍ଲଘଂନ ଅଟେ (୧ଯୋହନ ୩:୪; ଯାକୁବ ୨:୧୦-୧୧) । ଈଶ୍ୱର ଯେହେତୁ ପରମ ନ୍ୟାୟବାନ୍, ସେ ପାପ କ୍ଷମା କରନ୍ତି ନାହିଁ, ଏବଂ ପ୍ରତ୍ୟେକ ବ୍ୟକ୍ତି ତା'ର କର୍ମାନୁସାରେ ବିଚାରିତ ହେବ (୨କରିନ୍ଥୀୟ ୫:୧୦; ପ୍ରକାଶିତ ୨୦:୧୨-୧୩) । କୌଣସି ବ୍ୟକ୍ତିର ଦୋଷ କ'ଣ କିମ୍ବା ସେ କେଉଁ ଦଣ୍ଡ ପାଇବାର ଯୋଗ୍ୟ ତାହା ପ୍ରଶ୍ନ ନୁହେଁ । ପ୍ରତ୍ୟେକ ଅବିଶ୍ୱାସୀ ପୂର୍ବରୁ ହିଁ ଦଣ୍ଡିତ ହୋଇସାରିଛନ୍ତି (ଯୋହନ ୩:୧୮-୧୯ ପଢ଼ନ୍ତୁ) ।

**ଯେଉଁ ପାପୀ ମନପରିବର୍ତ୍ତନ କରିନାହିଁ ସେ ଈଶ୍ୱରଙ୍କ ଶତ୍ରୁ** (ରୋମୀୟ ୫:୧୦) । ଜଣେ ପାପୀ ଈଶ୍ୱରଙ୍କ ସହିତ ସମ୍ପର୍କ ସ୍ଥାପନ କରିପାରିବ ନାହିଁ ଯଦି ଈଶ୍ୱରଙ୍କ ବିରୁଦ୍ଧରେ ସେ କରିଥିବା ଅପରାଧସବୁ ଦୂରୀକୃତ ହୋଇ ନାହିଁ ।

ପାପୀ ମଧ୍ୟ ଏପରି ଅବସ୍ଥାରେ ଅଛି ଯେ ଈଶ୍ୱରଙ୍କ ସହିତ ସମ୍ପର୍କ ସ୍ଥାପନ ପାଇଁ ସେ ଯୋଗ୍ୟ ନୁହେଁ । **ପାପୀ ତା'ର ଅଭିଳାଷରେ ଭ୍ରଷ୍ଟ ଅଟେ** (ଏଫିସୀୟ ୨:୩) । ଯେହେତୁ ସେ ପାପର ଦାସ, **ପାପୀ ନିଜର ଅବସ୍ଥା ପରିବର୍ତ୍ତନ କରିବାକୁ ଶକ୍ତିହୀନ ଅଟେ** (ରୋମୀୟ ୬:୨୦; ୭:୨୩ ପଢ଼ନ୍ତୁ) ।

ତେଣୁ ପାପୀ କେଉଁ ପରିତ୍ରାଣ ଆବଶ୍ୟକ କରେ? ଯେହେତୁ ପାପୀ ଦୋଷୀ ଅଟେ, ପରିତ୍ରାଣର ଅର୍ଥ ପାପକ୍ଷମା । ଯେହେତୁ ସେ ଈଶ୍ୱରଙ୍କ ଶତ୍ରୁ, ପରିତ୍ରାଣର ଅର୍ଥ ପୁନର୍ମିଳନ । ଯେହେତୁ ସେ ଦୂଷିତ ବା ଭ୍ରଷ୍ଟ, ପରିତ୍ରାଣର ଅର୍ଥ ପରିଷ୍କୃତ ହେବା । ଯେହେତୁ ସେ ଶକ୍ତିହୀନ, ପରିତ୍ରାଣର ଅର୍ଥ ଉଦ୍ଧାର । ଏସବୁ ପରିତ୍ରାଣର ଅଙ୍ଗ କେତୋଟି ଦିଗ ଯାହା ପାପୀ ଆବଶ୍ୟକ କରେ ।

> "ଈଶ୍ୱରଙ୍କ ଆଗରେ ଜଣେ ପାପୀ କିପରି ଧାର୍ମିକ ହୋଇପାରିବ ତାହା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଅଟେ, କାରଣ ଆମେ ଇହକାଳରେ କିମ୍ବା ଅନନ୍ତକାଳରେ ଈଶ୍ୱରଙ୍କର ଶତ୍ରୁ ରହିଲେ ପ୍ରକୃତରେ କୌଣସି ଶାନ୍ତି କିମ୍ବା ସୁରକ୍ଷିତ ଆନନ୍ଦ ମିଳିପାରିବ ନାହିଁ ।"
>
> -ଜନ୍ ୱେସ୍ଲି, "ବିଶ୍ୱାସ ଦ୍ୱାରା ଧାର୍ମିକ ଗଣନା" ଶୀର୍ଷକ ଏକ ଉପଦେଶରୁ ଉଦ୍ଧୃତ ।

## ଦ୍ୱନ୍ଦ୍ୱ

ଲୋକମାନେ ସେମାନଙ୍କ ପାପର ମୂଲ୍ୟ ଦେଇପାରିଲେ ନାହିଁ । ଏହାର ଗୋଟିଏ କାରଣ ହେଉଛି ଯେ ଆମର ଯାହା କିଛି ଅଛି, ତାହା ଈଶ୍ୱରଙ୍କର ଅଟେ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ଯେ ପାପ ଏକ ଅସୀମ ଈଶ୍ୱରଙ୍କ ବିରୁଦ୍ଧରେ ଏକ ଅପରାଧ, ଏବଂ ଲୋକମାନଙ୍କ ପାଖରେ ଅସୀମ ମୂଲ୍ୟଯୁକ୍ତ କୌଣସି ବିଷୟ ନାହିଁ ଯାହା ସେମାନେ ଦେଇପାରିବେ ।

ଲୋକମାନେ ସେମାନଙ୍କର ଆବଶ୍ୟକତା ପୂରଣ କରିବା ବିଷୟରେ ସମ୍ପୂର୍ଣ୍ଣ ନିରୁପାୟ ଥିଲେ; ତେଣୁ କରି, ସେମାନଙ୍କ ପରିତ୍ରାଣ ସାଧନ ନିମନ୍ତେ ଯେଉଁ ମୂଲ୍ୟ ଦେବା ପ୍ରୟୋଜନ ତାହା ସେମାନଙ୍କ ପାଇଁ ସ୍ଥିର କରାଯାଇପାରି ନ ଥିଲା (ଗାଲାତୀୟ ୩:୨୧ ପଢ଼ନ୍ତୁ) । ଯଦି ଲୋକମାନଙ୍କ ପକ୍ଷରେ ନିଜର ପରିତ୍ରାଣ ହାସଲ କରିବା ସମ୍ଭବ ହୋଇଥାଆନ୍ତା, ତେବେ ଯୀଶୁଙ୍କ କ୍ରୁଶରେ ମରିବା ଆବଶ୍ୟକ ହୋଇ ନ ଥା'ନ୍ତା (ଗାଲାତୀୟ ୨:୨୧ ପଢ଼ନ୍ତୁ) ।

► ଯଦି ଈଶ୍ୱର କ୍ଷମା କରିବାକୁ ଚାହୁଁଥିଲେ, ସେ କ୍ରୁଶ ବିନା କାହିଁକି କ୍ଷମା କଲେ ନାହିଁ?

କାରଣ ଈଶ୍ୱର ପବିତ୍ର ଓ ନ୍ୟାୟବାନ, ସେ ସତ୍ୟ ଓ ନ୍ୟାୟ ଅନୁଯାୟୀ ବିଚାର କରିବେ (ରୋମୀୟ ୨:୫-୬) । ପ୍ରାୟଶ୍ଚିତ ଶବ୍ଦର ଅର୍ଥ ଏହା ବୁଝାଏ ଯେ ଯୀଶୁଙ୍କ ବଳିଦାନ ଆମ ପାଇଁ ଈଶ୍ୱରଙ୍କ ସହିତ ପୁନର୍ମିଳିତ ହେବାର ମାର୍ଗ ଅଟେ ।

ଖ୍ରୀଷ୍ଟଙ୍କ ବଳିଦାନ ହୋଇ ନ ଥା'ନ୍ତା କ'ଣ ହୋଇଥା'ନ୍ତା କଳ୍ପନା କରନ୍ତୁ । ଈଶ୍ୱର ପ୍ରାୟଶ୍ଚିତ ବିନା କ୍ଷମା ପ୍ରଦାନ କରିଥିଲେ କ'ଣ ହୁଅନ୍ତା?

ଈଶ୍ୱର ଯଦି ବିନା ପ୍ରାୟଶ୍ଚିତରେ ପାପକ୍ଷମା କରିଥାନ୍ତେ, ତେବେ ମନେ ହୁଅନ୍ତା ଯେ ପାପ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ । ଏଥିରୁ ଜଣାପଡ଼ିବ ଯେ ଈଶ୍ୱର ଅନ୍ୟାୟ କରନ୍ତି, ଏବଂ ଅପବିତ୍ର ମଧ୍ୟ ଅଟନ୍ତି । ଏହା ମନେ ହୁଅନ୍ତା ଯେ ଈଶ୍ୱରଙ୍କ ଦୃଷ୍ଟିରେ ଜଣେ ଯଥାର୍ଥ କର୍ମ କରୁଥିବା ବ୍ୟକ୍ତି ଏବଂ ଜଣେ ଭଲ ଓ ମନ୍ଦ କର୍ମ କରୁଥିବା ବ୍ୟକ୍ତି ମଧ୍ୟରେ କେବଳ ସାମାନ୍ୟ ପାର୍ଥକ୍ୟ ଅଛି ।

ଯଦି ବିନା ପ୍ରାୟଶ୍ଚିତରେ ପାପକ୍ଷମା ମିଳିଥାନ୍ତା, ଈଶ୍ୱର ଯେ କି ନ୍ୟାୟବାନ ଓ ପବିତ୍ର ଅଟନ୍ତି, ତାଙ୍କୁ ସେପରି ଭାବରେ ଆମେ ଉପାସନା କରି ପାରି ନ ଥାନ୍ତେ । ବିନା ପ୍ରାୟଶ୍ଚିତରେ ପାପକ୍ଷମା ଈଶ୍ୱରଙ୍କୁ ଗୌରବାନ୍ୱିତ କରିବା ପରିବର୍ତ୍ତେ ଶେଷରେ ତାଙ୍କର ମର୍ଯ୍ୟାଦାହାନି କରନ୍ତା, ତେଣୁ ତାହା ହୋଇପାରିବ ନାହିଁ ।

କିନ୍ତୁ ଈଶ୍ୱର ପ୍ରେମମୟ ଓ କ୍ଷମା ଦେବାକୁ ଚାହାନ୍ତି । ସେ ପୂରା ମାନବଜାତିକୁ ପାପପୂର୍ଣ୍ଣ ଅବସ୍ଥାରେ ଛାଡ଼ିଦେବାକୁ ଚାହିଁଲେ ନାହିଁ, କାରଣ ଏହା ଦ୍ୱାରା ସେମାନେ ଅନନ୍ତକାଳ ପାଇଁ ହଜିଯିବେ, ଯଦିବା ଏଥିପାଇଁ ସେମାନେ ଯୋଗ୍ୟ ଅଟନ୍ତି ।

କ୍ରୁଶରେ ଯୀଶୁଙ୍କ ବଳିଦାନ ଆବଶ୍ୟକ କରୁଥିବା ଅସୀମ ମୂଲ୍ୟର ବଳିଦାନ ପ୍ରଦାନ କଲା । **ଯୀଶୁ ଏଥିପାଇଁ ଯୋଗ୍ୟ ଥିଲେ କାରଣ (୧) ସେ ପାପଶୂନ୍ୟ ଥିଲେ** (ସିଦ୍ଧ ଓ ନିଜେ ପରିତ୍ରାଣ ଆବଶ୍ୟକ କରୁ ନ ଥିଲେ, ୨ କରିନ୍ଥୀୟ ୫:୨୧), ଏବଂ **(୨) ସେ ଉଭୟ ଈଶ୍ୱର ଓ ମନୁଷ୍ୟ ଥିଲେ** ।

ପାପକ୍ଷମା ପାଇଁ ଯେଉଁ ଆଧାର ଆବଶ୍ୟକ ପ୍ରାୟଶ୍ଚିତ ତାହା ପ୍ରଦାନ କରେ । ବର୍ତ୍ତମାନ ଈଶ୍ୱର ସେହି ବ୍ୟକ୍ତିକୁ କ୍ଷମା କରି ପାରିବେ ଯିଏ ଅନୁତାପ କରେ ଓ ତାହାଙ୍କ ପ୍ରତିଜ୍ଞାରେ ବିଶ୍ୱାସ କରେ । କ୍ରୁଶୀୟ ବଳିଦାନକୁ ଯେ ବୁଝିନାହିଁ ସେ ମନେ କରିପାରେ ଯେ ଈଶ୍ୱର ପାପ ବିଷୟରେ ଗମ୍ଭୀର ନୁହଁନ୍ତି ।

ପ୍ରାୟଶ୍ଚିତ ଏକ ମାର୍ଗ ପ୍ରଦାନ କରେ ଯଦ୍ଦ୍ୱାରା ପ୍ରତିଜ୍ଞାରେ ବିଶ୍ୱାସ କରୁଥିବା ପାପୀକୁ ନ୍ୟାୟବାନ ଈଶ୍ୱର ଧାର୍ମିକ ଭାବରେ ଗଣନା କରିପାରନ୍ତି (ରୋମୀୟ ୩:୨୬ ପଢ଼ନ୍ତୁ) । ପ୍ରାୟଶ୍ଚିତ କିପରି କାର୍ଯ୍ୟ କରେ ରୋମୀୟ ୩:୨୦-୨୬ ତା'ର ଏକ ଯୁକ୍ତିଯୁକ୍ତ ବ୍ୟାଖ୍ୟା ପ୍ରଦାନ କରେ ।

ବାଇବଲ କହେ ଯେ ଈଶ୍ୱର ପ୍ରଦାନ କରିଥିବା ପରିତ୍ରାଣର ମାଧ୍ୟମ ହେଉଛି ଚୂଡ଼ାନ୍ତ ରୂପେ ଏକ ଏକମାତ୍ର ପଥ । ଯଦି ଜଣେ ବ୍ୟକ୍ତି ଅନୁଗ୍ରହରେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇବା ବିଷୟକୁ ପ୍ରତ୍ୟାଖ୍ୟାନ କରେ, ସେ ପରିତ୍ରାଣ ପାଇପାରିବ ନାହିଁ (ମାର୍କ ୧୬:୧୫-୧୬; ପ୍ରେରିତ ୪:୧୨; ଏବ୍ରୀ ୨:୩ ପଢ଼ନ୍ତୁ) ।

ତେଣୁ କେବଳ ଅନୁଗ୍ରହ ଦ୍ୱାରା ପରିତ୍ରାଣ- ଏହି ଶିକ୍ଷା ଜାଣିବା ଜରୁରୀ ଅଟେ । କେବଳ ବିଶ୍ୱାସ ଦ୍ୱାରା ଏହା ପ୍ରାପ୍ତ ହୋଇଥାଏ । କେବଳ ଅନୁଗ୍ରହ ଦ୍ୱାରା ପରିତ୍ରାଣ ମିଳିଥାଏ, କାରଣ ଆମେ କ୍ରିୟାକର୍ମ ଦ୍ୱାରା ଏହାକୁ ହାସଲ କରିପାରିବା ନାହିଁ କି ଏଥିପାଇଁ ଆମର ଯୋଗ୍ୟତା ନାହିଁ । ଏହା କେବଳ ବିଶ୍ୱାସ ଦ୍ୱାରା ସମ୍ଭବ କାରଣ ଏହା ସାଧନ କରିବା ପାଇଁ ଆମେ କିଛି କରିପାରିବା ନାହିଁ । ଆମେ କେବଳ ଈଶ୍ୱରଙ୍କ ପ୍ରତିଜ୍ଞାରେ ବିଶ୍ୱାସ କରିବାକୁ ହେବ ।

## ପ୍ରଥମ ଅନୁଗ୍ରହ

► ଜଣେ ବ୍ୟକ୍ତିର ପରିତ୍ରାଣରେ, ଈଶ୍ୱର ବା ମନୁଷ୍ୟ ପ୍ରଥମ ପଦକ୍ଷେପ ନିଅନ୍ତି?

ପରିତ୍ରାଣର ନିକଟବର୍ତ୍ତୀ କରାଇବା ପାଇଁ ଈଶ୍ୱର ପ୍ରଥମ ପଦକ୍ଷେପ ନେଇଛନ୍ତି । ସେ ପାପକ୍ଷମା କରିବା ପାଇଁ ତାଙ୍କର ଇଚ୍ଛା ପ୍ରକାଶ କଲେ ଯେତେବେଳେ ସେ ଯୀଶୁଙ୍କ କ୍ରୁଶୀୟ ବଳିଦାନ ସଂଘଟିତ କଲେ । ବର୍ତ୍ତମାନ ଈଶ୍ୱରଙ୍କ ଅନୁଗ୍ରହ ପାପୀର ହୃଦୟରେ ପହଂଚି ପାରୁଛି, ତାକୁ ତା'ର ପାପର ବୋଧ ଦେଉଛି ଓ ତା' ମଧ୍ୟରେ କ୍ଷମା ପାଇବାର ଇଚ୍ଛା ଜାଗ୍ରତ କରୁଛି (ତୀତସ ୨:୧୧; ଯୋହନ ୧:୯; ରୋମୀୟ ୧:୨୦ ପଢ଼ନ୍ତୁ) । ଈଶ୍ୱରଙ୍କ ସାହାଯ୍ୟ ବିନା ପାପୀ ତା'ର ପାପସବୁକୁ ପରିତ୍ୟାଗ କରିବା ପାଇଁ ଶକ୍ତିହୀନ ଅଟେ (ଯୋହନ ୬:୪୪) । ଈଶ୍ୱର ପାପୀକି ସାମର୍ଥ୍ୟ ଦିଅନ୍ତି ଯେପରି କି ସେ ସୁସମାଚାରର ଉତ୍ତର ଦେଇପାରିବ । ଯଦି ଜଣେ ବ୍ୟକ୍ତି ପରିତ୍ରାଣ ପାଇ ନାହିଁ, ଏହାର ଅର୍ଥ ନୁହେଁ ଯେ ଅନୁଗ୍ରହ ତା' ନିମନ୍ତେ ଉପଲବ୍ଧ ନୁହେଁ, କିନ୍ତୁ କାରଣ ସେ ଈଶ୍ୱର ତାକୁ ଦେଇଥିବା ଅନୁଗ୍ରହର ଉତ୍ତର ଦେଇ ନାହିଁ ।

ସମସ୍ତ ଜଗତର ପାପ ପାଇଁ ଯୀଶୁ ପ୍ରାଣ ଦେଲେ, ଏବଂ ଈଶ୍ୱର ଚାହାନ୍ତି ପ୍ରତ୍ୟେକେ ପରିତ୍ରାଣ ପାଆନ୍ତୁ (୨ପିତର ୩:୯; ୧ଯୋହନ ୨:୨; ୧ତୀମଥି ୪:୧୦ ପଢ଼ନ୍ତୁ) । ଈଶ୍ୱରଙ୍କ ଅନୁଗ୍ରହ ପ୍ରତ୍ୟେକ ବ୍ୟକ୍ତିକୁ ଏହାର ଉତ୍ତର ଦେବା ପାଇଁ କ୍ଷମତା ଦେଇଥାଏ, କିନ୍ତୁ ସେ କାହାକୁ ବାଧ୍ୟ କରନ୍ତି ନାହିଁ । ସେଥିପାଇଁ ଈଶ୍ୱର ପାପୀଙ୍କୁ ମନପରିବର୍ତ୍ତନ କରିବା ଓ ବିଶ୍ୱାସ କରିବାକୁ ପସନ୍ଦ କରିବା ପାଇଁ ଆହ୍ୱାନ କରନ୍ତି (ମାର୍କ ୧:୧୫) ।

## ମନପରିବର୍ତ୍ତନ

► ମନପରିବର୍ତ୍ତନ କ'ଣ?

ମନପରିବର୍ତ୍ତନ ବା ଅନୁତାପ କରିବା ହେଉଛି ବୁଲି ପଡ଼ି ବିପରୀତ ଦିଗକୁ ଯିବା (ବା ଦିଗ ବଦଳାଇବା) । ପାରମାର୍ଥିକ ଭାଷାରେ ଏହାର ଅର୍ଥ ହେଉଛି ଜଣେ ପାପୀ ନିଜକୁ ଦୋଷୀ ଓ ଦଣ୍ଡଯୋଗ୍ୟ ଭାବରେ ଦେଖେ, କିନ୍ତୁ ନିଜ ପାପରୁ ବିମୁଖ ହେବାକୁ ଇଚ୍ଛା କରେ ।

> ଦୁଷ୍ଟ ଆପଣାର ପଥ ଓ ଅଧାର୍ମିକ ଆପଣା ସଙ୍କଳ୍ପ ପରିତ୍ୟାଗ କରୁ; ପୁଣି, ସେ ସଦାପ୍ରଭୁଙ୍କ ପ୍ରତି ଫେରୁ, ତହିଁରେ ସେ ତାହାକୁ ଦୟା କରିବେ; ଆଉ ସେ ଆମ୍ଭମାନଙ୍କର ପରମେଶ୍ୱରଙ୍କ ପ୍ରତି ଫେରୁ, କାରଣ ସେ ବହୁଳ ରୂପରେ କ୍ଷମା କରିବେ । (ଯିଶାଇୟ ୫୫:୭)

ମନପରିବର୍ତ୍ତନର ଅର୍ଥ ନୁହେଁ ଯେ ଜଣେ ପାପୀ ଈଶ୍ୱର ତାକୁ କ୍ଷମା କରିବା ପୂର୍ବରୁ ନିଜ ଜୀବନକୁ ସଂଶୋଧନ କରିବ ଏବଂ ଧାର୍ମିକ କରିବ । ଏହା ଅସମ୍ଭବ ଅଟେ । କିନ୍ତୁ ପାପୀ ନିଶ୍ଚିତ ଭାବରେ ଇଚ୍ଛା କରିବ ଯେ ଈଶ୍ୱର ତାକୁ ପାପରୁ ଉଦ୍ଧାର କରନ୍ତୁ ।

► ଅନୁଗ୍ରହ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ, ତେବେ ପରିତ୍ରାଣ ନିମନ୍ତେ ମନପରିବର୍ତ୍ତନ କରିବା କାହିଁକି ଆବଶ୍ୟକ?

କ୍ଷମା ପାଇଁ ବିଶ୍ୱାସ ହେଉଛି ଏକମାତ୍ର ଆବଶ୍ୟକତା, କିନ୍ତୁ ମନପରିବର୍ତ୍ତନ ବିନା ପରିତ୍ରାଣ ପାଇଁ ବିଶ୍ୱାସ ଜାତ ହେବ ନାହିଁ । ଯଦି ଜଣେ ବ୍ୟକ୍ତି ମନପରିବର୍ତ୍ତନ କରିବାକୁ ଇଚ୍ଛା କରେ ନାହିଁ, ସେ ପାପରୁ ରକ୍ଷା ପାଇବାକୁ ଚାହୁଁ ନାହିଁ ।

ଯଦି ପାପ କରୁଥିବା ଲୋକମାନଙ୍କୁ ଈଶ୍ୱର କ୍ଷମା କରନ୍ତି, ଯେଉଁମାନେ ମନପରିବର୍ତ୍ତନ କରିବାକୁ ମନା କରନ୍ତି, ତେବେ ତାହା ତାଙ୍କୁ ପୃଥିବୀର ଧାର୍ମିକ ବିଚାରପତି ଭାବରେ ଅସମ୍ମାନ ପହଞ୍ଚାଇବ । ମନପରିବର୍ତ୍ତନ କରିବା ଆବଶ୍ୟକ, କାରଣ ଯଦି ଜଣେ ବ୍ୟକ୍ତି ଅନୁତାପ କରେ ନାହିଁ, ତେବେ ସେ ପାପର ମନ୍ଦତାକୁ ସ୍ୱୀକାର କରୁ ନାହିଁ । ଯଦି ସେ ଦେଖି ପାରୁ ନାହିଁ କାହିଁକି ସେ ପାପରୁ ଫେରିବ, ତେବେ ସେ କାହିଁକି କ୍ଷମା ଆବଶ୍ୟକ କରେ ତାହା ସେ ଦେଖୁନାହିଁ ।

ଯଦି ଜଣେ ବ୍ୟକ୍ତି ନିଜକୁ ଦୋଷୀ, ବାହାନାଶୂନ୍ୟ ଓ ଦଣ୍ଡଯୋଗ୍ୟ ମନେ ନ କରେ, ତେବେ ସେ ସମ୍ପୂର୍ଣ୍ଣରୂପେ ଅନୁତାପ କରି ନାହିଁ । ଯଦି ସେ ସ୍ୱୀକାର କରେ ଯେ ସେ ଜଣେ ପାପୀ କିନ୍ତୁ ପାପ କରିବା ଜାରି ରଖିବାକୁ ଚାହେଁ, ତେବେ ତା'ର ଅନୁତାପ ଅସମ୍ପୂର୍ଣ୍ଣ, କାରଣ ସେ ଯାହା ଅଗ୍ରାହ୍ୟ କରୁଛି ବୋଲି କହେ ତାହା ଜାରି ରଖିବାକୁ ଚାହେଁ ।

## ଉଦ୍ଧାରକାରୀ ବିଶ୍ୱାସ

► ଯଦି ଜଣେ ବ୍ୟକ୍ତିର ଉଦ୍ଧାରକାରୀ ବିଶ୍ୱାସ ଅଛି, ତେବେ ସେ କ'ଣ ବିଶ୍ୱାସ କରେ?

ଯଦି ଜଣେ ବ୍ୟକ୍ତିର ଉଦ୍ଧାରକାରୀ ବିଶ୍ୱାସ ରହିଛି, ତେବେ ସେ ବିଶ୍ୱାସ କରେ ଯେ:

### (୧) ସେ ନିଜକୁ ଧାର୍ମିକ ଗଣିତ କରିବା ପାଇଁ କିଛି କରିପାରିବ ନାହିଁ ।

> କାରଣ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଅଛ; ତାହା ତୁମ୍ଭମାନଙ୍କ ନିଜଠାରୁ ହୋଇ ନାହିଁ, ତାହା ଈଶ୍ୱରଙ୍କ ଦାନ, କ୍ରିୟାକର୍ମରୁ ନୁହେଁ, ଯେପରି କେହି ଦର୍ପ ନ କରେ (ଏଫିସୀୟ ୨:୮-୯)

ସେ ହୃଦୟଙ୍ଗମ କରେ ଯେ ସେ କିଛି କରିପାରିବ ନାହିଁ (କ୍ରିୟାକର୍ମ) ଯଦ୍ଦ୍ୱାରା ସେ ପରିତ୍ରାଣ ପାଇବାକୁ, ଆଂଶିକ ଭାବରେ ସୁଦ୍ଧା, ଯୋଗ୍ୟ ବିବେଚିତ ହେବ ।

**(୨) ଖ୍ରୀଷ୍ଟଙ୍କ ବଳିଦାନ ତା'ର ପାପକ୍ଷମା ପାଇଁ ପର୍ଯ୍ୟାପ୍ତ ଅଟେ ।**

> ଆଉ ସେ ଆମ୍ଭମାନଙ୍କ ପାପ ନିମନ୍ତେ, କେବଳ ଆମ୍ଭମାନଙ୍କ ପାପ ନିମନ୍ତେ ନୁହେଁ, ମାତ୍ର ସମସ୍ତ ଜଗତର ପାପ ନିମନ୍ତେ ମଧ୍ୟ ପ୍ରାୟଶ୍ଚିତସ୍ୱରୂପ ଅଟନ୍ତି । (୧ ଯୋହନ ୨:୨)

"ଉଦ୍ଧାରକାରୀ ବିଶ୍ୱାସ ନିର୍ଭରକାରୀ ବିଶ୍ୱାସ ଅଟେ, ଏହା ସମ୍ପୂର୍ଣ୍ଣରୂପେ ତ୍ରାଣକର୍ତ୍ତାଙ୍କ ଉପରେ ନିର୍ଭର ରଖି ଥାଏ ।"
-ଜନ ଷ୍ଟଟ୍

ପ୍ରାୟଶ୍ଚିତର ଅର୍ଥ ଯେଉଁ ବଳିଦାନ ଆମକୁ କ୍ଷମା ଯୋଗ୍ୟ କରିଥାଏ ବା କ୍ଷମା ପାଇବା ସମ୍ଭବ କରିଥାଏ । ଆମର କ୍ଷମା ପାଇଁ ଖ୍ରୀଷ୍ଟଙ୍କ ବଳିଦାନ ବ୍ୟତୀତ ଆଉ କିଛି ଆବଶ୍ୟକ ନାହିଁ ।

**(୩) ଯୀଶୁ ପାପ ଓ ମୃତ୍ୟୁକୁ ଜୟ କରି ମୃତ୍ୟୁରୁ ପୁନରୁତ୍ଥିତ ହେଲେ ।**

> ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ (ରୋମୀୟ ୧୦:୯)

ଯୀଶୁଙ୍କ ପୁନରୁତ୍ଥାନ ହିଁ ପାପ ଓ ମୃତ୍ୟୁକୁ ପରାସ୍ତ କରିବାର ଏକମାତ୍ର ପନ୍ଥା ଥିଲା । ଉଭୟଙ୍କ ଉପରେ ତାଙ୍କ ସମ୍ପୂର୍ଣ୍ଣ ବିଜୟ ପ୍ରମାଣିତ କରି ଯୀଶୁ ପୁନର୍ବାର ଜୀବିତ ହେଲେ ।

**(୪) କେବଳ ବିଶ୍ୱାସକୁ ସର୍ତ୍ତ କରି ଈଶ୍ୱର ମନୁଷ୍ୟକୁ କ୍ଷମା କରନ୍ତି ।**

> ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି (୧ ଯୋହନ ୧:୯)

ଯଦି ଜଣେ କେହି ଭାବନ୍ତି ଯେ ପରିତ୍ରାଣ ନିମନ୍ତେ ଅନ୍ୟାନ୍ୟ ସର୍ତ୍ତ ଅଛି, ତେବେ ସେ ସମ୍ପୂର୍ଣ୍ଣରୂପେ ଅନୁଗ୍ରହ ପରିବର୍ତ୍ତେ ଆଂଶିକ ଭାବେ କ୍ରିୟାକର୍ମ ଦ୍ୱାରା ଉଦ୍ଧାର ପାଇବେ ବୋଲି ଆଶା କରନ୍ତି ।

**ନିଶ୍ଚିତତା**

► ଲୋକମାନେ କିପରି ନିଶ୍ଚିତ ଭାବରେ ଜାଣିପାରିବେ ଯେ ସେମାନେ ପରିତ୍ରାଣ ପାଇଛନ୍ତି?

କିଛି ଲୋକ ସେମାନଙ୍କ ଅନୁଭୂତି ଉପରେ ନିର୍ଭର କରନ୍ତି, କିନ୍ତୁ ଅନୁଭୂତିସବୁ ପରିବର୍ତ୍ତନଶୀଳ ଓ ବିଭ୍ରାନ୍ତକାରୀ ହୋଇପାରନ୍ତି ।

ବାଇବଲ କହେ ଯେ ଆମେ ପରିତ୍ରାଣ ପାଇଛୁ ବୋଲି ନିଶ୍ଚିତ ଭାବରେ ଜାଣିପାରିବା (୧ଯୋହନ ୫:୧୩) । ଈଶ୍ୱର ଯେ ଆମକୁ ଗ୍ରହଣ କରିଛନ୍ତି ଏ ବିଷୟରେ ଆମର ଆତ୍ମବିଶ୍ୱାସ ରହିପାରେ । ଆମେ ଭୟରେ ବଞ୍ଚିବାକୁ ପଡ଼ିବ ନାହିଁ, କାରଣ ଈଶ୍ୱରଙ୍କ ଆତ୍ମା ଆମକୁ ନିଶ୍ଚିତତା ଦିଅନ୍ତି ଯେ ଆମେ ଈଶ୍ୱରଙ୍କ ସନ୍ତାନଗଣ ଅଟୁ । ପ୍ରେରିତ ପାଉଲ କହନ୍ତି ଯେ ଆମେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ପବିତ୍ର ଆତ୍ମା ସ୍ୱୟଂ ଆମମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି (ରୋମୀୟ ୮:୧୫-୧୬) ।

ଏହି ନିଶ୍ଚିତତା ଏତେ ସମ୍ପୂର୍ଣ୍ଣ ଯେ ଆମେ ବିଚାର ଦିନକୁ ଭୟ କରିବାକୁ ପଡ଼ିବ ନାହିଁ (୧ଯୋହନ ୪:୧୭ ପଢ଼ନ୍ତୁ) । କିଛି ଲୋକ ଆଶା କରନ୍ତି ଯେ ସେମାନେ ସ୍ୱର୍ଗରେ ଗ୍ରହଣ କରାଯିବେ, କିନ୍ତୁ ଏହା ଅପେକ୍ଷା ଆମର ଏକ ଅଧିକ ଉତ୍ତମ ନିଶ୍ଚିତତା ରହିପାରିବ । ମନୁଷ୍ୟ ଜାତି ପାଇଁ ପରିତ୍ରାଣ ସାଧାରଣ ଭାବରେ ଯଚାଯାଉଛି ବୋଲି ବିଶ୍ୱାସ କରିବା ଯଥେଷ୍ଟ ନୁହେଁ, ଜଣେ ବ୍ୟକ୍ତି ନିଶ୍ଚୟ ଜାଣିବା ଉଚିତ ଯେ ସେ ନିଜେ ପରିତ୍ରାଣ ପାଇଛି ।

ଜଣେ ବ୍ୟକ୍ତି ଯେ ପରିତ୍ରାଣ ପ୍ରାପ୍ତ ଅଟେ ତାହା ତା'ର ପରିବର୍ତ୍ତିତ ଜୀବନ ପ୍ରମାଣିତ କରେ, କିନ୍ତୁ ସେହି ପ୍ରମାଣ ପ୍ରଥମ ମୁହୂର୍ତ୍ତରେ ନଥାଏ । ପରିତ୍ରାଣର ଫଳାଫଳଗୁଡ଼ିକ ଦେଖାଯିବା ସମୟ ସାପେକ୍ଷ । ତେଣୁ, ମନପରିବର୍ତ୍ତନ ସମୟରେ, ପରିବର୍ତ୍ତିତ ଜୀବନ ନିଶ୍ଚିତତାର ଆଧାର ନୁହେଁ ।

ବିଶ୍ୱାସୀ ନିଜେ ପରିତ୍ରାଣ ବିଷୟରେ ନିଶ୍ଚିତ ହୋଇପାରିବ ଯେତେବେଳେ ସେ ଜାଣିବ ଯେ ସେ ପରିତ୍ରାଣର ଶାସ୍ତ୍ରୀୟ ମାର୍ଗ ଅନୁସରଣ କରିଛି । ଯଦି ଜଣେ ପ୍ରକୃତରେ ବାଇବଲର ନିର୍ଦ୍ଦେଶଅନୁସାରେ ମନପରିବର୍ତ୍ତନ କରିଛି ଓ ବିଶ୍ୱାସ କରିଛି, ତେବେ ତା'ର ବିଶ୍ୱାସ କରିବାର ଅଧିକାର ଅଛି ଯେ ଈଶ୍ୱର ତାକୁ କ୍ଷମା କରିଛନ୍ତି ଓ ସେ ଈଶ୍ୱରଙ୍କ ସନ୍ତାନ ହୋଇଛି ।

ଯଦି ଜଣେ ବ୍ୟକ୍ତି ଅନୁଭବ କରିବାକୁ ଚେଷ୍ଟା କରେ ଯେ ପ୍ରକୃତରେ ମନପରିବର୍ତ୍ତନ ନ କରି ପରିତ୍ରାଣ ପ୍ରାପ୍ତ ହୋଇଛି, ତେବେ ସେ ଦ୍ୱନ୍ଦ୍ୱରେ ପଡ଼ିଯିବ ଓ ନିଜକୁ ପ୍ରବଞ୍ଚିତ କରିବ ।

ଯଦି ଜଣେ ବ୍ୟକ୍ତି (୧) ପ୍ରକୃତରେ ମନପରିବର୍ତ୍ତନ କରେ, (୨) ଧର୍ମଶାସ୍ତ୍ରରେ ଦତ୍ତ ଈଶ୍ୱରଙ୍କ ପ୍ରତିଜ୍ଞାରେ ବିଶ୍ୱାସ ଓ ନିର୍ଭର କରେ, ଓ (୩) ଆତ୍ମାଙ୍କର ସାକ୍ଷ୍ୟ ଗ୍ରହଣ କରେ, ତେବେ ସେ ପ୍ରବଞ୍ଚିତ ହେବ ନାହିଁ । ଏହି ନିଶ୍ଚିତତା ଈଶ୍ୱରଙ୍କ ବାକ୍ୟ ଉପରେ ଆଧାରିତ, ଯାହା ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ । ଈଶ୍ୱର ସର୍ବଦା ତାଙ୍କ ପ୍ରତିଜ୍ଞାସବୁ ରକ୍ଷା କରନ୍ତି ।

## ପରିତ୍ରାଣ ସମ୍ବନ୍ଧୀୟ ୧୦ଟି ଶବ୍ଦ

୧. **ପୁନର୍ମିଳନ** (Reconciliation): ଏହି ଶବ୍ଦର ଅର୍ଥ ଯେଉଁମାନେ ପୂର୍ବରୁ ଶତ୍ରୁଥିଲେ ସେମାନେ ଏବେ ପରସ୍ପର ଶାନ୍ତିରେ ଅଛନ୍ତି । ପରିତ୍ରାଣରେ, ଈଶ୍ୱର ଆମକୁ ତାଙ୍କ ସହିତ ପୁନର୍ମିଳିତ କରିଛନ୍ତି ଓ ଆମେ ଏବେ ତାଙ୍କ ସହିତ ଶାନ୍ତିରେ ଅଛୁ । (୨କରିନ୍ଥୀୟ ୫:୧୯; ରୋମୀୟ ୫:୧ ପଢ଼ନ୍ତୁ । ଏହି ପଦଗୁଡ଼ିକ ଧାର୍ମିକଗଣିତ ହେବା ଓ ପୁନର୍ମିଳିତ ହେବା ବିଷୟରେ କହେ) ।

୨. **ପାପମୋଚନ** (Expiation): ଏହି ଶବ୍ଦର ଅର୍ଥ ପୂର୍ବ ଅପରାଧଗୁଡ଼ିକର ବିବରଣୀ ଶୋଧିତ ଓ ଅପ୍ରଭାବୀ ହୋଇଛି । ପରିତ୍ରାଣରେ, ଆମ ପାପସବୁର ବିବରଣୀ ଲିଭାଇ ଦିଆଯାଏ (ଏବ୍ରୀ ୮:୧୨ ପଢ଼ନ୍ତୁ) ।

୩. **ପ୍ରାୟଶ୍ଚିତ** (Propitiation): ଏହି ଶବ୍ଦର ଅର୍ଥ ଜଣକର କ୍ରୋଧକୁ ନିବୃତ୍ତ କରିବା ପାଇଁ ତାହାର ବା,ଚ୍ଛିତ ବିଷୟ ଦେବାକୁ ବୁଝାଏ । ପରିତ୍ରାଣରେ, ଯୀଶୁଙ୍କ ବଳିଦାନ ଦ୍ୱାରା ଆମ ପ୍ରତି ଥିବା ଈଶ୍ୱରଙ୍କର ଧାର୍ମିକ କ୍ରୋଧ ନିବୃତ୍ତ ହୋଇଥିଲା (୧ଯୋହନ ୨:୨ ଦେଖନ୍ତୁ) ।

୪. **ଉଦ୍ଧାର** (Deliverance): ଏହି ଶବ୍ଦର ଅର୍ଥ ଅନ୍ୟର ଶକ୍ତିର ଅଧୀନରେ ବନ୍ଦିଥିବା କାହାକୁ ଛଡ଼ାଇ ଆଣିବା । ପରିତ୍ରାଣରେ, ଆମେ ଶୟତାନ ଓ ପାପର ଶକ୍ତିରୁ ଉଦ୍ଧାରପ୍ରାପ୍ତ ହୋଇଛୁ (ଲୂକ ୧:୭୪, ରୋମୀୟ ୬:୬, ୧୨-୧୮ ପଢ଼ନ୍ତୁ) ।

୫. **ମୁକ୍ତି** (Redemption): ଏହି ଶବ୍ଦର ଅର୍ଥ ହେଉଛି କାହାକୁ ମୁକ୍ତ କରିବାକୁ ଏକ ମୂଲ୍ୟ ପ୍ରଦାନ କରାଯାଇଛି । ପରିତ୍ରାଣରେ, ଯୀଶୁଙ୍କ ମୃତ୍ୟୁ ମୁକ୍ତିର ମୂଲ୍ୟ ଥିଲା ଯଦ୍ଦ୍ୱାରା ଆମେ ପାପର ବନ୍ଧନ ଓ ଦଣ୍ଡରୁ ମୁକ୍ତ ହୋଇଛୁ (ଏଫିସୀୟ ୧:୭, ତୀତସ ୨:୧୪ ପଢ଼ନ୍ତୁ) ।

୬. **ଧାର୍ମିକ ଗଣନା** (Justification): ଏହି ଶବ୍ଦର ଅର୍ଥ କେହି ଧାର୍ମିକ, ବା ନିର୍ଦ୍ଦୋଷ ଘୋଷିତ ହୁଅନ୍ତି । ପରିତ୍ରାଣରେ, ଜଣେ ଦୋଷୀ ପାପୀ ଧାର୍ମିକ ଗଣିତ ହୁଏ, କାରଣ ଯୀଶୁ ତା'ର ସ୍ଥାନରେ ଦୁଃଖ ଯନ୍ତ୍ରଣା ଭୋଗ କଲେ । (ରୋମୀୟ ୫:୧; ୨କରିନ୍ଥୀୟ ୫:୧୯ ପଢ଼ନ୍ତୁ) । ଏହି ପଦଗୁଡ଼ିକ ଧାର୍ମିକ ଗଣନା ଓ ପୁନର୍ମିଳନ ବିଷୟରେ କହେ) ।

୭. **ପବିତ୍ରୀକରଣ** (Sanctification): ଏହି ଶବ୍ଦର ଅର୍ଥ ଜଣେ କାହାକୁ ପବିତ୍ର କରାଯାଇଛି । ପରିତ୍ରାଣରେ, ଜଣେ ଦୋଷୀ ପାପୀ ଈଶ୍ୱରଙ୍କର ପବିତ୍ର ସନ୍ତାନ ଭାବରେ ପରିବର୍ତ୍ତିତ ହୁଏ । ଅନେକ ପତ୍ରରେ ବିଶ୍ୱାସୀମାନଙ୍କୁ "ସାଧୁ ବା ପବିତ୍ର ବ୍ୟକ୍ତିଗଣ" ଭାବରେ ବର୍ଣ୍ଣନା କରାଯାଇଛି (ଏଫିସୀୟ ୧:୧; ଫିଲିପ୍ପୀୟ ୧:୧; କଲସୀୟ ୧:୨ ପଢ଼ନ୍ତୁ) ।

୮. **ପୋଷ୍ୟସନ୍ତାନ ଗ୍ରହଣ** (Adoption): ଏହି ଶବ୍ଦର ଅର୍ଥ ହେଉଛି କେହି ଜଣେ ଅନ୍ୟର ଆଇନଗତ ସନ୍ତାନ ହୋଇଥାଏ । ପରିତ୍ରାଣରେ ଆମେ ଈଶ୍ୱରଙ୍କ ସନ୍ତାନ ହୋଇଥାଉ (ଯୋହନ ୧:୧୨; ରୋମୀୟ ୮:୧୫ ପଢ଼ନ୍ତୁ) ।

୯. **ପୁନର୍ଜନ୍ମ/ ନୂତନ ଜନ୍ମ** (Regeneration/ New Birth): ଏହି ଶବ୍ଦର ଅର୍ଥ କେହି ଜଣେ ପୁନର୍ବାର ଜୀବନ ଆରମ୍ଭ କରନ୍ତି । ପରିତ୍ରାଣରେ ଜଣେ ବିଶ୍ୱାସୀ ତାଙ୍କ ଅନ୍ତରରେ ଆତ୍ମିକ ଜୀବନର ପୁନରୁତ୍ଥାନ ସହିତ ଏକ ନୂତନ ଜୀବନ ଆରମ୍ଭ କରନ୍ତି (ଏଫିସୀୟ ୨:୫; ଯୋହନ ୩:୩, ୫ ପଢ଼ନ୍ତୁ) ।

୧୦. **ମୁଦ୍ରାଙ୍କିତ** (Sealing): ଏହି ଶବ୍ଦର ଅର୍ଥ କୌଣସି ବିଷୟର ମାଲିକ କିଏ ଦେଖାଇବାକୁ ଚିହ୍ନିତ କରାଯିବ । ପରିତ୍ରାଣରେ ଆମ ଅନ୍ତରସ୍ଥ ପବିତ୍ର ଆତ୍ମା ଆମକୁ ଈଶ୍ୱରଙ୍କର ବୋଲି ପରିଚିତ କରାନ୍ତି (ଏଫିସୀୟ ୧:୧୩, ୧୪ ପଢ଼ନ୍ତୁ) ।

## ଏଡ଼ାଇବାକୁ ଥିବା ତ୍ରୁଟିସବୁ: ଅନୁତାପବିହୀନ ଧର୍ମ

*ଶ୍ରେଣୀ ନେତାଙ୍କୁ ଟିପ୍ପଣୀ: ଶ୍ରେଣୀର ଜଣେ ସଦସ୍ୟ ଏହି ବିଭାଗକୁ ବ୍ୟାଖ୍ୟା କରିପାରନ୍ତି ।*

ଏପରି ବ୍ୟକ୍ତି ଅଛନ୍ତି ଯିଏ ସହଜରେ ଭାବନ୍ତି ଯେ ସେ ପରିତ୍ରାଣ ପ୍ରାପ୍ତ, କାରଣ ସେ ଶୁଣନ୍ତି ଯେ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ପରିତ୍ରାଣ ମିଳେ । ସେ ପ୍ରକୃତରେ ମନପରିବର୍ତ୍ତନ କରିନାହାନ୍ତି କାରଣ ଏହାର ଆବଶ୍ୟକତା ଯେ ରହିଛି ସେ ଜାଣନ୍ତି ନାହିଁ । ସେ ଯେ ନିଜେ ଈଶ୍ୱରଙ୍କ ଦଣ୍ଡାଜ୍ଞା ଅଧୀନରେ ରହିଥିବା ପାପୀ ଅଟନ୍ତି ତାହା ସେ କେବେ ଦେଖି ନ ଥିଲେ । ସେ ଭାବନ୍ତି ଯେ ଅନୁଗ୍ରହର ଅର୍ଥ ସେ ନିଜର ପଥରେ ଯାଇପାରିବେ । ଯେହେତୁ ସେ ଖ୍ରୀଷ୍ଟୀୟ ବିଶ୍ୱାସର ସତ୍ୟକୁ ଗ୍ରହଣ କରନ୍ତି, ସେ ନିଜକୁ ଖ୍ରୀଷ୍ଟିୟାନ ବୋଲି ଭାବନ୍ତି, ଯଦ୍ୟପି ତାଙ୍କଠାରେ କୌଣସି ପରିବର୍ତ୍ତନ ହୋଇ ନାହିଁ । ସେ ତାଙ୍କର ନିଜର ଇଚ୍ଛାକୁ କେବେ ବି ସମର୍ପଣ କରି ନ ଥିଲେ; ଏହା ପରିବର୍ତ୍ତେ, ସେ ଈଶ୍ୱରଙ୍କୁ ତାଙ୍କ ଜୀବନର ଏକ ଅଂଶ ଭାବରେ ଗ୍ରହଣ କଲେ, ଏବଂ ତଥାପି ନିଜର ଇଚ୍ଛା ଅନୁଯାୟୀ ଜୀବନ ଯାପନ କରୁଛନ୍ତି । ଧର୍ମଶାସ୍ତ୍ରର ବର୍ଣ୍ଣନା ଅନୁଯାୟୀ ଏହା ଈଶ୍ୱରଙ୍କ ସହିତ ପରିତ୍ରାଣ ସମ୍ପର୍କର ଆରମ୍ଭ ନୁହଁ ।

► ବିଶ୍ୱାସର ସ୍ୱୀକାରୋକ୍ତିକୁ ଏକାଠି ଅତିକମରେ ଦୁଇଥର ପଢ଼ନ୍ତୁ ।

## ବିଶ୍ୱାସର ସ୍ୱୀକାରୋକ୍ତି

ଯୀଶୁ ଖ୍ରୀଷ୍ଟଙ୍କ ଜୀବନ, ମୃତ୍ୟୁ ଓ ପୁନରୁତ୍ଥାନ ଜଗତର ପାପସବୁର ପ୍ରାୟଶ୍ଚିତ କରିଛି । ପ୍ରତ୍ୟେକ ବ୍ୟକ୍ତି ପାପ ହେତୁ ଦୋଷୀ ଅଟେ ଓ ନିଜକୁ ଉଦ୍ଧାର କରିବାକୁ ଶକ୍ତିହୀନ ଅଟେ । ମନପରିବର୍ତ୍ତନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବ । ବିଶ୍ୱାସୀ କ୍ଷମା ପାଇଛି ଏବଂ ପାପର ଶକ୍ତି ଓ ଦଣ୍ଡରୁ ଉଦ୍ଧାର ପାଇଛି । ପବିତ୍ର ଆତ୍ମା ବିଶ୍ୱାସୀକୁ ଜଣେ ଦୋଷୀ ପାପୀରୁ ପବିତ୍ର ଉପାସକ ଭାବରେ ପରିବର୍ତ୍ତନ କରେ । ପରିତ୍ରାଣର ଅନ୍ୟ କୌଣସି ମାର୍ଗ ନାହିଁ । ସକଳ ସୃଷ୍ଟି ସାଧାରଣ ଭାବରେ ମୁକ୍ତ ହୋଇଛି ଓ ଶେଷରେ ଈଶ୍ୱର ତାକୁ ପୁନଃସ୍ଥାପିତ କରିବେ ।

## ପୁରାତନ ନିୟମରେ ପରିତ୍ରାଣ

*ଶ୍ରେଣୀ ନେତାଙ୍କୁ ଟିପ୍ପଣୀ: ଉଭୟ ଏହି ବିଭାଗ ଓ ପରବର୍ତ୍ତୀ ବିଭାଗ ଇଚ୍ଛାଧୀନ ଅଟେ । ଯଦି ଶ୍ରେଣୀର ସଦସ୍ୟମାନେ ଆଗ୍ରହ ପ୍ରକାଶ କରନ୍ତି, ଏହି ବିଷୟଗୁଡ଼ିକ ଆଲୋଚିତ ହୋଇପାରିବ ।*

ପୁରାତନ ନିୟମରେ, ଈଶ୍ୱର ବଳିଦାନ ସହିତ ଉପାସନା କରିବା ପ୍ରଣାଳୀ ପ୍ରଦାନ କରିଥିଲେ । ଯୀଶୁଙ୍କ ମୃତ୍ୟୁ ଯେପରି ପରିତ୍ରାଣ ପ୍ରଦାନ କରିଥାଏ ବଳିଦାନ ଦ୍ୱାରା ସେପରି ପରିତ୍ରାଣ ମିଳୁ ନ ଥିଲା । ବାଇବଲ କହେ, "ବୃଷ ଓ ଛାଗର ରକ୍ତ ଯେ ପାପ

ହରଣ କରିବ, ଏହା ଅସମ୍ଭବ" (ଏବ୍ରୀ ୧୦:୪) । ତେବେ କାହିଁକି ବଳିଦାନ ଉତ୍ସର୍ଗ କରାଯାଉଥିଲା? ସେଗୁଡ଼ିକ ଉପାସନାର ବିଭିନ୍ନ ପଦ୍ଧତି ଥିଲା ଯାହା ଭବିଷ୍ୟକାଳୀନ ଖ୍ରୀଷ୍ଟଙ୍କ ବଳିଦାନର ପ୍ରତୀକ ଥିଲା (ଏବ୍ରୀ ୧୦:୧) ।

ଏହାର ଅର୍ଥ ନୁହେଁ ଯେ ନୂତନ ନିୟମ ସମୟ ପର୍ଯ୍ୟନ୍ତ ପରିତ୍ରାଣ ଉପଲବ୍ଧ ନ ଥିଲା । ପାଉଲ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେବା ଶିକ୍ଷାକୁ ବୁଝାଇବାକୁ ଯାଇ ଅବ୍ରହାମ ଓ ଦାଉଦଙ୍କ ଉଦାହରଣ ଦେଇ ଦର୍ଶାଇଛନ୍ତି ଯେ ଏହା ଏକ ନୂତନ ଧାରଣା ନୁହେଁ (ରୋମୀୟ ୪:୧-୮) । ଯୀଶୁ ନୀକଦୀମଙ୍କୁ କହିଲେ ଯେ ସେ ପୁରାତନ ନିୟମର ଶିକ୍ଷକ ହେତୁ ନୂତନ ଜନ୍ମ ବିଷୟରେ ପୂର୍ବରୁ ଜାଣିବା ଉଚିତ (ଯୋହନ ୩:୧୦) । ପାଉଲ ତୀମଥିଙ୍କୁ କହିଥିଲେ ଯେ ପୁରାତନ ନିୟମ ଧର୍ମଶାସ୍ତ୍ର ତାଙ୍କୁ ପରିତ୍ରାଣଜନକ ଜ୍ଞାନ ଦେବାକୁ ସମର୍ଥ (୨ ତୀମଥି ୩:୧୫) । ତେଣୁ, ସୁସମାଚାର ପୁରାତନ ନିୟମରେ ସୁଦ୍ଧା ଉପଲବ୍ଧ ଥିଲା ଯଦିବା ଏହାକୁ ନୂତନ ନିୟମ ପରି ସ୍ପଷ୍ଟ ଶବ୍ଦରେ ବର୍ଣ୍ଣନା କରାଯାଇ ନାହିଁ ।

ପୁରାତନ ନିୟମ ସମୟରେ ଅନେକ ଲୋକ ଥିଲେ ଯେଉଁମାନେ ଅନୁଗ୍ରହକୁ ବୁଝିଥିଲେ । ସେମାନେ ଅବଶ୍ୟ ପ୍ରାୟଶ୍ଚିତ ବିଷୟରେ ବା ଏହା କିପରି କାର୍ଯ୍ୟ କରିବ ତାହା ସୁବିସ୍ତୃତରୂପେ ଜାଣି ନ ଥିଲେ, କିନ୍ତୁ ସେମାନେ ବିଶ୍ୱାସ କରୁଥିଲେ ଯେ କ୍ଷମାର ଆଧାର ସ୍ୱରୂପେ ଈଶ୍ୱର କିଛି ପ୍ରଦାନ କରୁଛନ୍ତି । ସେହି ବିଶ୍ୱାସକୁ ପ୍ରକାଶ କରିବା ପାଇଁ ବଳିଦାନ ଉତ୍ସର୍ଗ ଏକ ଧାରା ଥିଲା, ଯେପରି ଆଜି ଆମେ ଆମର ଉପାସନା ଧାରାସବୁ ଅନୁସରଣ କରିଥାଉ (ଉଦାହରଣ, ପ୍ରଭୁଭୋଜ) । ବଳିଦାନଗୁଡ଼ିକ ମୂଲ୍ୟହୀନ ଥିଲା ଯଦି ସେଗୁଡ଼ିକ ବିଶ୍ୱାସ ଓ ବାଧ୍ୟତା ସହକାରେ ଉତ୍ସର୍ଗ କରାଯାଉ ନ ଥିଲା, ସେହିପରି ଆମର ପୂଜାପାଠ ମଧ୍ୟ ମୂଲ୍ୟହୀନ ଅଟେ ଯଦି ତାହା ଈଶ୍ୱରଙ୍କଠାରେ ସମର୍ପିତ ହୃଦୟ ଓ ଜୀବନର ଅଭିବ୍ୟକ୍ତି ନୁହେଁ । ଗୀତସଂହିତା ୫୧ ଓ ଯିଶାଇୟ ୧:୧୧-୧୮ ଦର୍ଶାଏ ଯେ ପୁରାତନ ନିୟମ ସମୟରେ ମନପରିବର୍ତ୍ତନ ଓ ବିଶ୍ୱାସ ଗୁରୁତ୍ୱପୂର୍ଣ୍ଣ ଥିଲା ।

ଗୀତସଂହିତା ୮୫, ଯାହା ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ ବଳିର ବହୁବର୍ଷ ପୂର୍ବରୁ ଲେଖାଯାଇଥିଲା, ଈଶ୍ୱରଙ୍କ ଅନୁଗ୍ରହ ଓ ଈଶ୍ୱର କିପରି ପାପକ୍ଷମା କରନ୍ତି ତାହା ସୁନ୍ଦର ଭାବରେ ବର୍ଣ୍ଣନା କରେ । ତାଙ୍କ କ୍ରୋଧ ଯେ ନିବୃତ୍ତ ହୋଇଛି ଏଥିରେ ବର୍ଣ୍ଣନା ରହିଛି । ଗୀତସଂହିତା ୮୫:୧୦ କହେ, "ଦୟା ଓ ସତ୍ୟତା ପରସ୍ପର ମିଳିତ ହୋଇଅଛନ୍ତି; ଧର୍ମ ଓ ଶାନ୍ତି ପରସ୍ପର ଚୁମ୍ବନ କରିଅଛନ୍ତି" । ପ୍ରାୟଶ୍ଚିତ ମାଧ୍ୟମରେ ଯେ ପରିତ୍ରାଣ ଉପଲବ୍ଧ ଅଟେ ଏହା ତା'ର ଏକ ଚମତ୍କାର ଚିତ୍ର ଅଟେ । ପ୍ରାୟଶ୍ଚିତ ବିନା, ଈଶ୍ୱରଙ୍କ ଦୟା ଏହି ସତ୍ୟ ଦ୍ୱାରା ସୀମିତ ରହିବ ଯେ ଆମେ ଦୋଷୀ ଅଟୁ । ଈଶ୍ୱରଙ୍କ ଧାର୍ମିକତା ଆମକୁ ଶାନ୍ତି ଦେବା ପରିବର୍ତ୍ତେ ତାଙ୍କର ଶତ୍ରୁ କରିବ । ପ୍ରାୟଶ୍ଚିତ ବଳିରେ, ନ୍ୟାୟ ବିଚାରର ଦାବି ପୂରଣ ହୁଏ, ଏବଂ ଦୟା ପ୍ରକାଶ କରାଯାଏ ।

## ସମସ୍ତ ସୃଷ୍ଟିର ପରିତ୍ରାଣ

ପରିତ୍ରାଣପ୍ରାପ୍ତ ବା ଉଦ୍ଧାର ବା ପରିତ୍ରାଣ ଶବ୍ଦଗୁଡ଼ିକ ବାଇବଲରେ ବ୍ୟାପକ ଭାବରେ ବ୍ୟବହୃତ ହୋଇଛି । ସେସବୁ ଏହି ପାଠରେ ବର୍ଣ୍ଣିତ ବ୍ୟକ୍ତିଗତ ପରିତ୍ରାଣଠାରୁ ଅଧିକ କିଛି କହନ୍ତି । ଏହି ଶବ୍ଦଗୁଡ଼ିକ ସୂଚିତ କରନ୍ତି ଅତୀତରେ କ'ଣ

କରାଯାଇଥିଲା (ଏଫିସୀୟ ୨:୮), ବର୍ତ୍ତମାନ କ'ଣ ଘଟୁଛି (୧କରିନ୍ଥୀୟ ୧:୧୮), ଏବଂ ଭବିଷ୍ୟତରେ କ'ଣ ଘଟିବ (ମାର୍କ ୧୩:୧୩) । ଏହି ଧାରଣା ବ୍ୟକ୍ତି ବିଶେଷଙ୍କ ସହିତ କ'ଣ ଘଟେ ତାହା ସୂଚାଇପାରେ (ଯାହାକି ଏହି ପାଠରେ ଗୁରୁତ୍ୱ ଦିଆଯାଇଛି), କିନ୍ତୁ ଏହା ମଧ୍ୟ ଲୋକଦଳ ବା ଗୋଷ୍ଠୀମାନଙ୍କୁ ସୂଚାଇପାରେ, ଯଥା: ଯିହୁଦୀମାନଙ୍କୁ (ରୋମୀୟ ୧:୧୬), ବିଜାତିମାନଙ୍କୁ (ରୋମୀୟ ୧୧:୧୧), ଏକ ଗୃହକୁ (ଲୂକ ୧୯:୯), ବା ଏକ ପରିବାରକୁ (ଏବ୍ରୀ ୧୧:୭), କିମ୍ବା ଶାରୀରିକ ବିପଦରୁ ଉଦ୍ଧାର ପାଇଥିବା ଜଣେ ବ୍ୟକ୍ତିକୁ (ମାଥିଉ ୧୪:୩୦) ସୂଚାଇପାରେ ।

ଯେତେବେଳେ ପ୍ରଥମ ଲୋକମାନେ (ଆଦମ ଓ ହବା) ପାପ କଲେ, ସାରା ସୃଷ୍ଟି ଶାପଗ୍ରସ୍ତ ହେଲା (ଆଦି ୩:୧୭) । ଯେତେବେଳେ ପରିତ୍ରାଣ ସମ୍ପୂର୍ଣ୍ଣ ହେବ, ସୃଷ୍ଟି ମଧ୍ୟ ପୁନଃସ୍ଥାପିତ ହେବ ।

ପରିତ୍ରାଣ ଆତ୍ମିକ ନବୀକରଣରୁ ଆରମ୍ଭ ହୁଏ । ବିଶ୍ୱାସୀମାନେ ପାପରୁ ଉଦ୍ଧାରପ୍ରାପ୍ତ, ଏବଂ ସେମାନେ ଈଶ୍ୱରଙ୍କ ଆଶୀର୍ବାଦରେ ବାସ କରନ୍ତି । ତଥାପି, ସେମାନେ ଏପର୍ଯ୍ୟନ୍ତ ପାପର ଅଭିଶାପର ଶାରୀରିକ ଦିଗରୁ ମୁକ୍ତିକୁ ଅନୁଭବ କରିନାହାନ୍ତି । ସେମାନଙ୍କର ତଥାପି ଶରୀର ଅଛି, ଯାହା କ୍ରମଶଃ ଜରାଗ୍ରସ୍ତ ହେବ ଓ ମୃତ୍ୟୁଭୋଗ କରିବ ।

ପ୍ରକୃତି ମଧ୍ୟ ପାପର ଅଭିଶାପ ଦ୍ୱାରା କବଳିତ । ଈଶ୍ୱର ପ୍ରଥମେ ଯେଉଁ ଜଗତ ସୃଷ୍ଟି କରିଥିଲେ ତାହା ଆମେ ଦେଖି ନାହୁଁ । ଅନେକ କ୍ଷତିକାରକ ଜୀବ ଓ ପରସ୍ପର ଯୁଦ୍ଧରତ ଅନେକ ଜୀବଦ୍ୱାରା ପ୍ରକୃତି ପରିପୂର୍ଣ୍ଣ ହୋଇଥିବା ଆମେ ଦେଖୁ । ଆମ ଦୁନିଆରେ, ଅନ୍ୟମାନେ ଜୀବିତ ରହିବା ପାଇଁ ଅନେକ ପ୍ରାଣୀ ମରିବା ଆବଶ୍ୟକ ।

ସମୟ ଆସୁଛି ଯେତେବେଳେ ସମସ୍ତ ସୃଷ୍ଟିର ନବୀକରଣ ହେବ (ପ୍ରକାଶିତ ବାକ୍ୟ ୨୧:୧; ଏବ୍ରୀ ୧:୧୦-୧୨) । ରୋମୀୟ ୮:୧୮-୨୫ରେ ପାପର ଅଭିଶାପରୁ ମୁକ୍ତ ହୋଇଥିବା ଜଗତର ଖ୍ରୀଷ୍ଟୀୟ ଭରସା ବିଷୟରେ ବର୍ଣ୍ଣନା ରହିଛି ।

## ପାଠ ୮ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ଗୀତସଂହିତା ୫୧
- ଯିଶାଇୟ ୧:୧୧-୧୮
- ରୋମୀୟ ୩:୨୦-୨୬
- ରୋମୀୟ ୮:୧୯-୨୫
- ଏଫିସୀୟ ୨:୧-୧୦

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୮ ର ଏକ ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ତୁମର ଶ୍ରେଣୀ ବାହାର ଶିକ୍ଷାଦାନର ସମୟ ନିର୍ଘଣ୍ଟ ମନେ ରଖ ଓ ଶିକ୍ଷାଦାନ ସମାପ୍ତ କଲାପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୮ ପରୀକ୍ଷା

(୧) କ୍ରୁଶ କାହିଁକି ଅନେକଙ୍କ ନିମନ୍ତେ ବିଘ୍ନ ସ୍ୱରୂପ?

(୨) ଚାରୋଟି ବିଷୟ ତାଲିକାଭୁକ୍ତ କର ଯାହା ମନପରିବର୍ତ୍ତନ କରି ନ ଥିବା ପ୍ରତ୍ୟେକ ପାପୀ କ୍ଷେତ୍ରରେ ସତ୍ୟ ଅଟେ ।

(୩) ବିନା ପ୍ରାୟଶ୍ଚିତରେ କ୍ଷମାଦେବା କାହିଁକି ଈଶ୍ୱରଙ୍କୁ ଅସମ୍ମାନିତ କରିବ?

(୪) ଯୀଶୁଙ୍କର କେଉଁ ଦୁଇଟି ବିଷୟ ଯୋଗୁଁ ସେ ବଳିଦାନରୂପେ ନିଜକୁ ଉତ୍ସର୍ଗ କରିବା ପାଇଁ ଅନନ୍ୟ ଭାବରେ ଯୋଗ୍ୟ ଅଟନ୍ତି?

(୫) ଜଣେ ଅନୁତପ୍ତ ପାପୀର ନିଜ ସମ୍ବନ୍ଧରେ କେଉଁ ଦୃଷ୍ଟିକୋଣ ରହିଥାଏ?

(୬) ଯଦି ଜଣେ ବ୍ୟକ୍ତିର ଉଦ୍ଧାରକାରୀ ବିଶ୍ୱାସ ରହିଛି, ତେବେ ସେ କ'ଣ ବିଶ୍ୱାସ କରେ?

(୭) ଜଣେ ବ୍ୟକ୍ତି କିପରି ନିଶ୍ଚିତ ଭାବରେ ଜାଣିପାରିବ ଯେ ସେ ପରିତ୍ରାଣପ୍ରାପ୍ତ?

# ପାଠ ୯

# ପରିତ୍ରାଣ ସମ୍ବନ୍ଧୀୟ ବିଷୟଗୁଡ଼ିକ

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- ପାପ ଉପରେ ବିଶ୍ୱାସୀର ବିଜୟର ସୌଭାଗ୍ୟ ଓ ଗୁରୁତ୍ୱ ।
- ବିଜୟୀ ଜୀବନ ପାଇଁ ଈଶ୍ୱର ଯେଉଁ ଅନୁଗ୍ରହ ପ୍ରଦାନ କରନ୍ତି ।
- ଆତ୍ମିକ ଜୀବନ ଯାହା ଖ୍ରୀଷ୍ଟଙ୍କ ସହିତ ସମ୍ପର୍କରୁ ଆସିଥାଏ ।
- ଅନୁଗ୍ରହରୁ ପତିତ ହେବା ବିଷୟରେ ଶାସ୍ତ୍ରୀୟ ଚେତାବନୀ ।
- କେତେକ ନିର୍ଦ୍ଦିଷ୍ଟ ପରିତ୍ରାଣ ସମ୍ବନ୍ଧୀୟ ବିଷୟରେ ଖ୍ରୀଷ୍ଟୀୟ ବିଶ୍ୱାସର ଏକ ସ୍ୱୀକାରୋକ୍ତି ।

(୨) ପାପ ଉପରେ ବିଜୟୀ ଜୀବନ ଯାପନ କରିବାକୁ ଛାତ୍ରମାନେ ଯେପରି ଏକ ଉଚ୍ଚ ଆଶା ପୋଷଣ କରିବେ ।

## ଉପକ୍ରମ

► ରୋମୀୟ ୬ ଅଧ୍ୟାୟ ଏକାଠି ପଢ଼ନ୍ତୁ । ପରିତ୍ରାଣର ପ୍ରଭାବ ବିଷୟରେ ଏହି ଶାସ୍ତ୍ରାଂଶ ଆମକୁ କ'ଣ କହେ?

## ପରିତ୍ରାଣର ପ୍ରମାଣ

ପରିତ୍ରାଣର ବ୍ୟକ୍ତିଗତ ନିଶ୍ଚିତତା ହେଉଛି ୧ ଯୋହନ ପତ୍ରର ଏକ ମୁଖ୍ୟ ପ୍ରସଙ୍ଗ । ଯୋହନ ଏହି ପତ୍ର ଲେଖିବାର କାରଣ ଦର୍ଶାଇଛନ୍ତି; "ଈଶ୍ୱରଙ୍କ ପୁତ୍ରଙ୍କ ନାମରେ ବିଶ୍ୱାସ କରୁଅଛ ଯେ ତୁମ୍ଭେମାନେ, ତୁମ୍ଭେମାନେ ଯେପରି ଜାଣ ଯେ, ତୁମ୍ଭେମାନେ ଅନନ୍ତ ଜୀବନ ପାଇଅଛ, ଏଥିନିମନ୍ତେ ମୁଁ ତୁମ୍ଭମାନଙ୍କ ନିକଟକୁ ଏହି ସମସ୍ତ ଲେଖିଲି" (୧ ଯୋହନ ୫:୧୩) ।

► ଯଦି ଜଣେ ବ୍ୟକ୍ତି ପ୍ରକୃତରେ ପରିତ୍ରାଣ ପାଇଛି କି ନାହିଁ ସେ ବିଷୟରେ ସନ୍ଦେହରେ ଅଛି ତେବେ ସେ କ'ଣ କରିବା ଉଚିତ?

ପ୍ରେରିତ ଜାଣିଥିଲେ ଯେ ଏପରି ସମୟ ଆସିବ ଯେତେବେଳେ ଜଣେ ବିଶ୍ୱାସୀ ନିଶ୍ଚିତ ହେବା ଆବଶ୍ୟକ ଯେ ସେ ପରିତ୍ରାଣପ୍ରାପ୍ତ ଅଟେ । ସେ ଦର୍ଶାଇଛନ୍ତି ଯେ ଜଣେ ବିଶ୍ୱାସୀ ପ୍ରମାଣ ଖୋଜିବା ଉଚିତ ଯାହା ଉପରେ ତା'ର ନିଶ୍ଚିତତା

ଆଧାରିତ ହେବ । ସମଗ୍ର ପତ୍ରରେ ସେ ପ୍ରମାଣର କିଛି ଉଦାହରଣ ଦେଇ କହନ୍ତି, "ଏତଦ୍ୱାରା ଆମ୍ଭେମାନେ ଜାଣୁ" ।[□□] ସେ କହନ୍ତି ଯେ ବିଶ୍ୱାସୀମାନେ ଏହି ପ୍ରମାଣକୁ ବ୍ୟବହାର କରି ସେମାନଙ୍କ ହୃଦୟକୁ ସୁସ୍ଥିର କରିପାରିବେ (୧ଯୋହନ ୩:୨୦) ।

୧ଯୋହନ ପତ୍ରରେ ବିଶ୍ୱାସୀର ଯେଉଁ ବୈଶିଷ୍ଟ୍ୟକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି, ତାହା ହେଲା ପାପ ଉପରେ ବିଜୟ । ପ୍ରେରିତ କହନ୍ତି, "ହେ ମୋହର ବତ୍ସଗଣ, ତୁମ୍ଭେମାନେ ଯେପରି ପାପ ନ କର, ଏଥିନିମନ୍ତେ ମୁଁ ଏହିସବୁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି" (୧ଯୋହନ ୨:୧) । ଏହା କହିବା ଦ୍ୱାରା, ପ୍ରେରିତ ଦର୍ଶାନ୍ତି ଯେ ବିଶ୍ୱାସୀ ଇଚ୍ଛାକୃତ ପାପରୁ[□□] ମୁକ୍ତ ଜୀବନ ଯାପନ କରିବ◌ା ଉଚିତ । ସେମାନଙ୍କୁ ବିଜୟୀ ଜୀବନର ମହତ୍ତ୍ୱ ଦେଖାଇବାକୁ ସେ ଲେଖୁଛନ୍ତି ।

> "....କିନ୍ତୁ କେହି ଯଦି ପାପ କରେ, ତାହାହେଲେ ପିତାଙ୍କ ଛାମୁରେ ଆମ୍ଭମାନଙ୍କର ଜଣେ ସପକ୍ଷବାଦୀ ଅଛନ୍ତି, ସେ ଧାର୍ମିକ ଯୀଶୁଖ୍ରୀଷ୍ଟ । ଆଉ ସେ ଆମ୍ଭମାନଙ୍କ ପାପ ନିମନ୍ତେ, କେବଳ ଆମ୍ଭମାନଙ୍କ ପାପ ନିମନ୍ତେ ନୁହେଁ, ମାତ୍ର ସମସ୍ତ ଜଗତର ପାପ ନିମନ୍ତେ ମଧ୍ୟ ପ୍ରାୟଶ୍ଚିତ ସ୍ୱରୂପ ଅଟନ୍ତି"(୧ଯୋହନ ୨:୧, ୨) ।

ଏଠାରେ ଯୋହନ ସ୍ୱୀକାର କରନ୍ତି ଯେ ଜଣେ ପାପ କରିପାରେ, ଯଦିବା ଏହା ଆବଶ୍ୟକ ନୁହେଁ । ସେ ଆମକୁ ନିଶ୍ଚିତତା ଦେଇ କହନ୍ତି ଯେ ଯଦି ଜଣେ ବିଶ୍ୱାସୀ ପାପ କରେ, ତେବେ ଖ୍ରୀଷ୍ଟଙ୍କ ବଳିଦାନ ସେହି ପାପର ପ୍ରାୟଶ୍ଚିତ କରିପାରେ । ଏହାର ଅର୍ଥ ନୁହେଁ ଯେ ଜଣେ ବିଶ୍ୱାସୀ ଯଦି ଫେରି ପୁନର୍ବାର ପାପ କରେ ତେବେ ଅନୁତାପ ନ କଲେ ସୁଦ୍ଧା ତାକୁ ସ୍ୱତଃପ୍ରବୃତ୍ତ ଭାବରେ କ୍ଷମା ମିଳିଯିବ । ଏହି ପଦରେ କେବଳ କୁହାଯାଏ ଯେ ବଳିଦାନ ଉପଲବ୍ଧ, କାରଣ ସମସ୍ତ ଜଗତ ପାଇଁ ଓ ପ୍ରତ୍ୟେକ ପାପ ପାଇଁ ଏହି ବଳିଦାନ ଉଦ୍ଦିଷ୍ଟ । ଆମେ ଜାଣୁ ଯେ ସମସ୍ତ ଜଗତ ଆପେ ଆପେ ପରିତ୍ରାଣ ପାଏ ନାହିଁ । ଯଦି ଜଣେ ବିଶ୍ୱାସୀ ପାପ କରେ, ତେବେ ସେ ଈଶ୍ୱରଙ୍କ ସହିତ ଥିବା ସମ୍ପର୍କ ପାଇଁ ଅନୁତାପ କରିବା ଆବଶ୍ୟକ ।

୧ ଯୋହନର ନିମ୍ନଲିଖିତ ପଦଗୁଡ଼ିକ ଦର୍ଶାଏ ଯେ ଜଣେ ବିଶ୍ୱାସୀର ମହତ୍ତ୍ୱପୂର୍ଣ୍ଣ ପାର୍ଥକ୍ୟ ହେଉଛି ଇଚ୍ଛାକୃତ ପାପ ଉପରେ ସେ ବିଜୟ ହାସଲ କରିବା । ବନ୍ଧନୀସବୁରେ କିଛି ମନ୍ତବ୍ୟ ଯୋଗ କରାଯାଇଛି ।

> ଯଦି ଆମ୍ଭେମାନେ ତାହାଙ୍କ ଆଜ୍ଞା ପାଳନ କରୁ (ଈଶ୍ୱରଙ୍କର ଅନାଜ୍ଞାବହ ଜଣେ ବ୍ୟକ୍ତିର ଏହି ପ୍ରମାଣ ନ ଥାଏ), ତେବେ ତଦ୍ୱାରା ଜ୍ଞାତ ହେଉ ଯେ, ଆମ୍ଭେମାନେ ତାହାଙ୍କୁ ଜାଣୁ । ତାହାଙ୍କ ଆଜ୍ଞା ପାଳନ ନ କରି ତାହାଙ୍କୁ ଜାଣେ ବୋଲି ଯେ କହେ, ସେ ମିଥ୍ୟାବାଦୀ ଓ ତାହାଠାରେ ସତ୍ୟ ନାହିଁ (୧ଯୋହନ ୨:୩-୪) ।
>
> ଯେ କେହି ପାପ କରେ, ସେ ମଧ୍ୟ ବ୍ୟବସ୍ଥା ଲଙ୍ଘନ କରେ, କାରଣ ବ୍ୟବସ୍ଥା ଲଙ୍ଘନ ହିଁ ପାପ । ଆଉ ତୁମ୍ଭେମାନେ ଜାଣ ଯେ, ସେ ପାପ ବହିନେଇଯିବା ପାଇଁ ପ୍ରକାଶିତ ହେଲେ, ଆଉ ତାହାଙ୍କଠାରେ ପାପ ନାହିଁ । ଯେ କେହି ତାହାଙ୍କଠାରେ

[□□] ୧ଯୋହନ ୨:୩, ୫, ୨୯; ୧ଯୋହନ ୩:୧୦, ୧୪, ୧୯, ୨୪; ୧ଯୋହନ ୫:୨, ୧୮

[□□] ଇଚ୍ଛାକୃତ ପାପ ବିଷୟରେ ପାଠ ୫ ରେ ଆଲୋଚିତ ହୋଇଛି ।

ରହେ, ସେ ପାପ କରେ ନାହିଁ; ଯେ କେହି ପାପ କରେ, ସେ ତାହାଙ୍କୁ ଦେଖି ନାହିଁ, କିଅବା ତାହାଙ୍କୁ ଜାଣି ନାହିଁ (୧ଯୋହନ ୩:୪-୬) ।

ହେ ବତ୍ସଗଣ, କେହି ତୁମ୍ଭମାନଙ୍କୁ ଭ୍ରାନ୍ତ ନ କରୁ; ଯେ ଧର୍ମାଚରଣ କରେ, ସେ ଯେପରି ଧାର୍ମିକ ଅଟନ୍ତି, ସେ ସେହିପରି ଧାର୍ମିକ ଅଟେ (ପାପରେ ରହି ସୁଦ୍ଧା କୌଣସି ପ୍ରକାରେ ଧାର୍ମିକ ଗଣିତ ହେଉଥିବା ବ୍ୟକ୍ତି ନୁହେଁ); ଯେ ପାପ କରେ, ସେ ଶୟତାନରୁ ଜାତ, କାରଣ ଶୟତାନ ଆରମ୍ଭରୁ ପାପ କରିଆସୁଅଛି । ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେ ହିଁ ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଲେ (୧ଯୋହନ ୩:୭, ୮) ।

ଯେକେହି ଈଶ୍ୱରଙ୍କଠାରୁ ଜାତ, ସେ ପାପ କରେ ନାହିଁ, କାରଣ ଈଶ୍ୱରଙ୍କ ବୀଜ ତାହାଠାରେ ରହେ, ଆଉ ସେ ଈଶ୍ୱରଙ୍କଠାରୁ ଜାତ ହେବାରୁ ପାପ କରିପାରେ ନାହିଁ (୧ଯୋହନ ୩:୯) ।

ଯେ ତାହାଙ୍କ ଆଜ୍ଞା ପାଳନ କରେ, ସେ ତାହାଙ୍କଠାରେ ରହେ ଓ ସେ ତାହାଠାରେ ରହନ୍ତି; ଆଉ ସେ ଯେ ଆମ୍ଭମାନଙ୍କଠାରେ ରହନ୍ତି, ଏହା ଆମ୍ଭେମାନେ ତାହାଙ୍କ ଦତ୍ତ ପବିତ୍ର ଆତ୍ମାଙ୍କ ଦ୍ୱାରା ଜାଣୁଅଛୁ (୧ଯୋହନ ୩:୨୪) । (ଈଶ୍ୱରଙ୍କ ଆଜ୍ଞା ସମୂହର ଉଲ୍ଲଙ୍ଘନ ଜାରି ରଖି ଖ୍ରୀଷ୍ଟଙ୍କଠାରେ ରହିବା ଅସମଞ୍ଜସ ବିଷୟ ଅଟେ) ।

ଆମ୍ଭେମାନେ ଯେତେବେଳେ ଈଶ୍ୱରଙ୍କୁ ପ୍ରେମ କରୁ ଓ ତାହାଙ୍କ ଆଜ୍ଞା ପାଳନ କରୁ, ସେତେବେଳେ ତଦ୍ଦ୍ୱାରା ଜାଣିପାରୁ ଯେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନମାନଙ୍କୁ ପ୍ରେମ କରୁଅଛୁ । କାରଣ ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ, ତାହାଙ୍କ ଆଜ୍ଞା ପାଳନ କରିବା, ଆଉ ତାହାଙ୍କ ଆଜ୍ଞାସବୁ ଭାରସ୍ୱରୂପ ନୁହେଁ (୧ଯୋହନ ୫:୨, ୩) । (ପ୍ରକୃତ ପ୍ରେମ ବାଧ୍ୟତା ଆଡ଼କୁ ଚାଳିତ କରିଥାଏ । ଅବାଧ୍ୟତା ପ୍ରେମର ଅଭାବକୁ ଦର୍ଶାଏ)

ଯେକେହି ଈଶ୍ୱରଙ୍କଠାରୁ ଜାତ, ସେ ଜଗତକୁ ଜୟ କରେ (ଏହାର ପରୀକ୍ଷା ପ୍ରଲୋଭନ ଓ ଦୃଷ୍ଟିଭଙ୍ଗୀ), ଆଉ ଯାହା ଜଗତକୁ ଜୟ କରିଅଛି, ତାହା ଆମ୍ଭମାନଙ୍କର ବିଶ୍ୱାସ (୧ଯୋହନ ୫:୪) ।

ଯେକେହି ଈଶ୍ୱରଙ୍କଠାରୁ ଜାତ, ସେ ଯେ ପାପ କରେ ନାହିଁ, ବରଞ୍ଚ ସେ ଈଶ୍ୱରଙ୍କଠାରୁ ଜାତ ହୋଇ ଆପଣାକୁ ରକ୍ଷା କରେ, ଆଉ ପାପାତ୍ମା ତାହାକୁ ସ୍ପର୍ଶ କରେ ନାହିଁ, ଏହା ଆମ୍ଭେମାନେ ଜାଣୁ (୧ଯୋହନ ୫:୧୮) ।

► ଏହି ପଦଗୁଡ଼ିକରେ ଜଣେ ବିଶ୍ୱାସୀର କେଉଁ ବିଶେଷ ଗୁଣ ସୁସ୍ପଷ୍ଟ ହୁଏ?

ଏହି ପଦଗୁଡ଼ିକରୁ ଏହା ସ୍ପଷ୍ଟ ମନେ ହୁଏ ଯେ ବିଶ୍ୱାସୀର ବିଶେଷ ଗୁଣ ହେଉଛି ସେ ଈଶ୍ୱରଙ୍କ ଆଜ୍ଞାକାରୀ ହୋଇ ଜୀବନଯାପନ କରେ । ଇଚ୍ଛାକୃତ ପାପ ଉପରେ ବିଜୟ ବିଶ୍ୱାସୀ ପକ୍ଷରେ ଏକ ସୌଭାଗ୍ୟର ବିଷୟ ।

## ୧ଯୋହନ ୧:୮ ଉପରେ ଏକ ଟିପ୍ପଣୀ

ବେଳେବେଳେ ଯେଉଁମାନେ ଅସ୍ୱୀକାର କରନ୍ତି ଯେ ଜଣେ ବିଶ୍ୱାସୀ ଇଚ୍ଛାକୃତ ପାପ ଉପରେ ବିଜୟୀ ଜୀବନ ଯାପନ କରିପାରିବ, ସେମାନେ ୧ଯୋହନ ୧:୮ ଉଦ୍ଧୃତ କରିଥାନ୍ତି, ଯହିଁରେ ଲେଖାଯାଏ, "ଆମ୍ଭମାନଙ୍କର ପାପ ନାହିଁ, ଏହା ଯଦି କହୁ, ତାହା ହେଲେ ଆପଣା ଆପଣାକୁ ପ୍ରବଞ୍ଚନା କରୁ, ପୁଣି ଆମ୍ଭମାନଙ୍କଠାରେ ସତ୍ୟ ନାହିଁ ।" ପାପ ଅଛି ବୋଲି କହିବାର ଅର୍ଥ କ'ଣ? ଏହାର ଅର୍ଥ କ'ଣ ଏହି ଯେ ବିଶ୍ୱାସୀମାନେ ସୁଦ୍ଧା ଇଚ୍ଛାକୃତ ପାପ କରିବା ଜାରି ରଖିଛନ୍ତି? ଏହା ଉପର ଲିଖିତ ୧ଯୋହନ ୩ ଅଧ୍ୟାୟର ପଦଗୁଡ଼ିକ ସହିତ ସଙ୍ଗତ ହେବ ନାହିଁ । ଯୋହନ ୩ ଅଧ୍ୟାୟରେ ଯାହାସବୁ କହିଛନ୍ତି ତାହା କିପରି କହିପାରିଥାନ୍ତେ ଯଦି ସେ ପୂର୍ବରୁ କହିଥାନ୍ତେ, "ପ୍ରତ୍ୟେକ ବ୍ୟକ୍ତି, ଏପରିକି ପ୍ରତ୍ୟେକ ବିଶ୍ୱାସୀ ସୁଦ୍ଧା, ପାପ କରି ଚାଲିଛନ୍ତି?" ଏହା ଅର୍ଥପୂର୍ଣ୍ଣ ହୁଅନ୍ତା ନାହିଁ ।

ପୂର୍ବାପର ସଙ୍ଗତି ଏହାର ଅର୍ଥ ପ୍ରକାଶ କରେ । ୧ଯୋହନ ୧:୭ରେ ପାପରୁ ପରିଷ୍କୃତ ହେବାର ପ୍ରତିଜ୍ଞା ରହିଛି । ଯେଉଁମାନେ ଜ୍ୟୋତିରେ ଆଚରଣ କରନ୍ତି, ଅର୍ଥାତ୍ ସତ୍ୟ ଅନୁଯାୟୀ ଈଶ୍ୱରଙ୍କ ଆଜ୍ଞାକାରୀ ଜୀବନ ଯାପନ କରନ୍ତି । ସେମାନେ ହିଁ ପାପରୁ ପରିଷ୍କୃତ ହେବେ । ଯେଉଁମାନେ ଏବେ ଈଶ୍ୱରଙ୍କ ଆଜ୍ଞାକାରୀ ଜୀବନ ଯାପନ କରୁଛନ୍ତି, ସେମାନେ ଖ୍ରୀଷ୍ଟଙ୍କ ରକ୍ତରେ ଅତୀତର ପାପରୁ ପରିଷ୍କୃତ ହୋଇଛନ୍ତି ।

କିନ୍ତୁ ଏପରି ଲୋକ ବି ଥାଇପାରନ୍ତି ସେମାନେ ଅସ୍ୱୀକାର କରନ୍ତି ଯେ ସେମାନେ ପାପ କରିଛନ୍ତି ଓ ପାପରୁ ପରିଷ୍କୃତ ହେବା ଅନାବଶ୍ୟକ ମନେ କରନ୍ତି । ଏହି ଲୋକମାନେ ହିଁ କୁହନ୍ତି ଯେ ସେମାନଙ୍କର କୌଣସି ପାପ ନାହିଁ ଏବଂ ନିଜକୁ ପ୍ରତାରଣା କରନ୍ତି । ସେମାନେ ଦାବି କରନ୍ତି ଯେ ସେମାନେ କଦାପି ପାପ କରି ନାହାନ୍ତି, ବା ଖ୍ରୀଷ୍ଟଙ୍କ ବିନା ସେମାନଙ୍କର ପାପ ସମସ୍ୟାର ସମାଧାନ କରି ସାରିଛନ୍ତି ।

ପୁନର୍ବାର ୧ ଯୋହନ ୧:୯ରେ ପାପକ୍ଷମା ଓ ପରିଷ୍କୃତ ହେବାର ପ୍ରତିଜ୍ଞା କରାଯାଇଛି । ୧ଯୋହନ ୧:୧୦ରେ କୁହାଯାଏ ଯେଉଁମାନେ ପାପ କରି ନାହୁଁ ବୋଲି କହନ୍ତି ସେମାନେ ଈଶ୍ୱରଙ୍କୁ ମିଥ୍ୟାବାଦୀ କରନ୍ତି ।

ଯୋହନ ସେହି ବ୍ୟକ୍ତିମାନଙ୍କର ତ୍ରୁଟି ସଂଶୋଧନ କରିବାକୁ ଲେଖିଥିଲେ, ଯେଉଁମାନେ ଭାବି ନ ଥିଲେ ଯେ ସେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମାର୍ଜନା ଓ କ୍ଷମା ଆବଶ୍ୟକ କରନ୍ତି- ଯେଉଁମାନେ ଭାବିଥିଲେ ଯେ ସେମାନେ ପରିତ୍ରାଣ ପାଇବାର ଆବଶ୍ୟକତା ନାହିଁ । ସେ କହିନାହାନ୍ତି ଯେ ବିଶ୍ୱାସୀମାନେ ମଧ୍ୟ ପାପ କରିବା ଜାରି ରଖିଛନ୍ତି, କାରଣ ଏହି ଚିଠିରେ ଥିବା ତାଙ୍କର ମୁଖ୍ୟ ଗୁରୁତ୍ୱ ଓ ପ୍ରତ୍ୟକ୍ଷ ବକ୍ତବ୍ୟକୁ ଏହା ବିରୋଧ କରିବ ।

## ବିଜୟୀ ଜୀବନ ପାଇଁ ଈଶ୍ୱରଙ୍କ ଅନୁଗ୍ରହ

ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା ଓ ମାନବୀୟ ଦୁର୍ବଳତା ହେତୁ ବିଜୟୀ ଜୀବନ ଯାପନ କରିବା ସବୁବେଳେ ସହଜ ହୋଇ ନ ଥାଏ । ଏହି କାରଣରୁ, ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଇଚ୍ଛାକୃତ ପାପ ନ କରି ବଞ୍ଚିବା ଅସମ୍ଭବ ଅଟେ । କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହରେ ଉଭୟ ସମସ୍ୟାର ଉତ୍ତର ରହିଛି ।

► ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା (Inherited Depravity) କ'ଣ?

ଏହି ***ଉତ୍ତରାଧିକାର ସୂତ୍ରରେ*** ମନୁଷ୍ୟର ନୈତିକ ସ୍ୱଭାବର ଭ୍ରଷ୍ଟାଚାର ଯାହା ତାକୁ ଜନ୍ମରୁ ପାପ ଆଡ଼କୁ ଆକର୍ଷିତ କରିଥାଏ । ପରିବର୍ତ୍ତନ ପରେ, ଜଣେ ବିଶ୍ୱାସୀ ପାପ ପ୍ରତି ଥିବା ଏହି ପ୍ରବୃତ୍ତି ସହିତ ସଂଘର୍ଷ କରିଥାଏ । କିନ୍ତୁ ଈଶ୍ୱର କେବଳ ଦୈନିକ ବିଜୟ ପାଇଁ ନୁହେଁ, ବରଂ ଉତ୍ତରାଧିକାର ସୂତ୍ରରେ ଥିବା ଭ୍ରଷ୍ଟାଚାରର ମାର୍ଜନା ପାଇଁ ତାଙ୍କର ଅନୁଗ୍ରହ ପ୍ରଦାନ କରନ୍ତି (ପ୍ରେରିତ ୧୫:୯; ୧ଥେସଲୋନୀକୀୟ ୫:୨୩; ୧ଯୋହନ ୧:୭)।

ପାପପୂର୍ଣ୍ଣ ସ୍ୱଭାବ ଏକ ସର୍ତ୍ତ ନୁହେଁ ଯେ ଆମେ ସାରା ପାର୍ଥିବ ଜୀବନରେ ତା'ର ଅଧୀନରେ ରହିବା । ବିଜୟୀ ଜୀବନ ଯାପନ କରିବା ପାଇଁ, ଜଣେ ବିଶ୍ୱାସୀ ଏପରି ସ୍ଥିତିରେ ପହଂଚିବା ଆବଶ୍ୟକ ଯେତେବେଳେ କି ସେ ନିଜ ହୃଦୟକୁ ବିନାସର୍ତ୍ତରେ ଈଶ୍ୱରଙ୍କ ନିକଟରେ ସମର୍ପଣ କରିଥାଏ (ରୋମୀୟ ୧୨:୧) । ଯେତେବେଳେ ପବିତ୍ର ଆତ୍ମା ବିଶ୍ୱାସୀକୁ ପରିପୂର୍ଣ୍ଣ କରନ୍ତି, ସେ ବିଶ୍ୱାସୀକୁ ସକ୍ଷମ କରନ୍ତି ଯେପରି କି ସେ ସମ୍ପୂର୍ଣ୍ଣରୂପେ ଈଶ୍ୱରଙ୍କୁ ପ୍ରେମ କରିବ ।

► ମାନବୀୟ ଦୁର୍ବଳତା କ'ଣ?

***ମାନବୀୟ ଦୁର୍ବଳତା*** ହେଉଛି ଶାରୀରିକ ବା ମାନସିକ ସୀମିତତା ବା ଅପୂର୍ଣ୍ଣତା । ଆଦମ ପାପରେ ପତିତ ହେବା ହେତୁ, ଏବଂ ଅବିରତ ପାପ ଦ୍ୱାରା ମାନବଜାତିର ଅଧୋଗତି ହେତୁ, ଆମ ପ୍ରତି ଈଶ୍ୱରଙ୍କର ଯେଉଁ ପରିକଳ୍ପନା ଥିଲା ତା' ଅପେକ୍ଷା ଆମେ ମାନସିକ, ଶାରୀରିକ, ଓ ଭାବପ୍ରବଣତା ଭାବରେ ଦୁର୍ବଳ ଅଟୁ ।

ମାନବୀୟ ଦୁର୍ବଳତା ଆମେ ଭୁଲ କରିବାର କାରଣ ଅଟେ । କୌଣସି ଏକ ପରିସ୍ଥିତିରେ ଆମେ ସଠିକ୍ କାର୍ଯ୍ୟ କରିବା ବିଷୟ ଜାଣି ନ ପାରୁ । ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକ ବା ବିଭିନ୍ନ ମାନବଜାତି ବିଷୟରେ ଆମେ ହୁଏତ ଭୁଲ୍ ମତ ପୋଷଣ କରୁଥାଇ ପାରୁ । ପରିତ୍ରାଣ ପାଇବା ପରେ ଭୁଲ୍ ଧାରଣାସବୁ ସ୍ୱତଃପ୍ରବୃତ୍ତଭାବେ ସଂଶୋଧିତ ହୁଏ ନାହିଁ । ଭୁଲ୍ ଧାରଣାସବୁ ଭୁଲ୍କାର୍ଯ୍ୟସବୁ ଘଟାଇଥାନ୍ତି କାରଣ ଯଦି ଜଣେ ବ୍ୟକ୍ତି କ'ଣ କରିବା ଉଚିତ ତାକୁ ଭୁଲ୍ ବୁଝେ, ତେବେ ସେ ନିଶ୍ଚେ ଭୁଲ୍ କରିବ ।

ଦୁର୍ବଳତା ଜଣେ ବ୍ୟକ୍ତିକୁ ଅନେକ କାରଣରୁ ସଂଘର୍ଷ କରିବାକୁ ଦେଇଥାଏ । ହୁଏତ ଶାସ୍ତ୍ରୀୟ ନୀତିଗୁଡ଼ିକ କିପରି ପ୍ରୟୋଗ କରିବ ତାହା ସେ ଶିଖି ନାହିଁ । ହୁଏତ ସେ ଶୃଙ୍ଖଳା ସବୁକୁ ବିକଶିତ କରି ନାହିଁ ଯାହା ତାକୁ ବିଭିନ୍ନ ପ୍ରବୃତ୍ତିକୁ ପ୍ରତିରୋଧ କରିବାରେ ସାହାଯ୍ୟ କରିବ । ହୁଏତ ତାର ଦୈନନ୍ଦିନ ଅଭ୍ୟାସ ନାହିଁ ଯାହା ତାକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରିବ । ହୁଏତ ସେ ଆତ୍ମାରେ ଆଚରଣ କରିବାର ମହତ୍ତ୍ୱକୁ ବୁଝେ ନାହିଁ ।

ଅନ୍ୟମାନଙ୍କର ବିଚାର କରିବାକୁ ଆମେ ତତ୍ପର ହେବା ଉଚିତ ନୁହେଁ, କାରଣ କେତେବେଳେ ସେମାନେ ଜାଣିଶୁଣି ପାପ କରନ୍ତି ଆମେ ସର୍ବଦା ଜାଣି ନ ଥାଉ । ଅନେକ ସମୟରେ ଜ୍ଞାନର ଅଭାବରୁ ଓ ଆତ୍ମିକ ଅପରିପକ୍ୱତା ହେତୁ ଲୋକମାନେ ଭୁଲ୍ କରିଥାନ୍ତି ।

ଆପଣ କ'ଣ ଏପରି ଏକ ପ୍ରଲୋଭନର ସାମ୍ନା କରିଥିଲେ କି ଯାହା ଅନ୍ୟ କେହି ଅନୁଭବ କରି ନ ଥିବେ ବୋଲି ଆପଣ ମନେ କରନ୍ତି? ଆପଣ କ'ଣ କେବେ ଭାବିଛନ୍ତି କି ପାପ ଉପରେ ସମ୍ପୂର୍ଣ୍ଣ ବିଜୟ ହାସଲ କରି ବଞ୍ଚିବା ପ୍ରକୃତରେ ସମ୍ଭବ ଅଟେ? ଈଶ୍ୱର ସକ୍ଷମକାରୀ ଅନୁଗ୍ରହର ପ୍ରତିଜ୍ଞା କରିଛନ୍ତି ଯାହା ପ୍ରଲୋଭନରେ ଆମର ଦୁର୍ବଳତାକୁ ଅଧିକ ମାତ୍ରାରେ ଶକ୍ତିଯୁକ୍ତ କରେ:

> ମନୁଷ୍ୟ ପ୍ରତି ଯେଉଁ ପ୍ରକାର ପରୀକ୍ଷା ସ୍ୱାଭାବିକ, ତାହା ଛଡ଼ା ଅନ୍ୟ ପ୍ରକାର ପରୀକ୍ଷା ତୁମ୍ଭମାନଙ୍କ ପ୍ରତି ଘଟି ନାହିଁ; କିନ୍ତୁ ଈଶ୍ୱର ବିଶ୍ୱସ୍ତ, ସେ ତୁମ୍ଭମାନଙ୍କୁ କୌଣସି ଅସହ୍ୟ ପରୀକ୍ଷାରେ ପରୀକ୍ଷିତ ହେବାକୁ ଦେବେ ନାହିଁ, ମାତ୍ର ଯେପରି ତୁମ୍ଭେମାନେ ସହ୍ୟ କରିପାର, ଏଥିପାଇଁ ପରୀକ୍ଷା ଘଟିବା ସଙ୍ଗେ ସଙ୍ଗେ ସେ ଉଦ୍ଧାରର ପଥ ମଧ୍ୟ ପ୍ରସ୍ତୁତ କରିବେ (୧ କରିନ୍ଥୀୟ ୧୦:୧୩) ।

> "ଲୋକମାନେ ପବିତ୍ରତା ଆଡ଼କୁ ଗତି କରନ୍ତି ନାହିଁ । ଅନୁଗ୍ରହ ଦ୍ୱାରା ପରିଚାଳିତ ପ୍ରୟାସ ବ୍ୟତୀତ, ଲୋକମାନେ ଧାର୍ମିକତା, ପ୍ରାର୍ଥନା, ଧର୍ମଶାସ୍ତ୍ର ପ୍ରତି ବାଧ୍ୟତା, ବିଶ୍ୱାସ ଓ ପ୍ରଭୁଙ୍କଠାରେ ଆନନ୍ଦ କରିବା ବିଷୟସବୁ ପ୍ରତି ଆକର୍ଷିତ ହୁଅନ୍ତି ନାହିଁ । ଆମେ ସାଲିସ୍ ଆଡ଼କୁ ଗତି କରୁ ଓ ଏହାକୁ ସହନଶୀଳତା କହିଥାଉ; ଆମେ ଅବାଧ୍ୟତା ଆଡ଼କୁ ଗତି କରୁ ଓ ଏହାକୁ ସ୍ୱାଧୀନତା କହିଥାଉ; ଆମେ ଅନ୍ଧ ବିଶ୍ୱାସ ଆଡ଼କୁ ଗତିକରୁ ଓ ଏହାକୁ ବିଶ୍ୱାସ ବୋଲି କହିଥାଉ । ଆମେ ହଜାଇ ଦେଇଥିବା ଆତ୍ମ-ନିୟନ୍ତ୍ରଣ ରୂପକ ବିଶୃଙ୍ଖଳାକୁ ଭଲ ପାଉ ଓ ଏହାକୁ ଆରାମ ବୋଲି କହିଥାଉ; ଆମେ ପ୍ରାର୍ଥନାହୀନତା ଆଡ଼କୁ ଅଗ୍ରସର ହେଉ ଏବଂ ଅତ୍ୟଧିକ ବିଧିନିଷ୍ଠାରୁ ପଳାୟନ କରିଛୁ ବୋଲି ଭାବି ନିଜକୁ ପ୍ରତାରଣା କରୁ; ଆମେ ଈଶ୍ୱର ବିହୀନତା ଆଡ଼କୁ ସ୍ଖଳିତ ହେଉ ଓ ନିଜକୁ ମୁକ୍ତ କରିଛୁ ବୋଲି ନିଜକୁ ହୃଦ୍ବୋଧ କରାଇଥାଉ" ।
>
> - D.A. Carson

► ଏହି ପଦରୁ ଆମେ କ'ଣ ସବୁ ଶିକ୍ଷା କରୁ?

ଏହି ପଦଟି ଆମକୁ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହେ ।

୧. **ଆମର ମାନବ ସ୍ୱଭାବ ଯୋଗୁଁ ପ୍ରଲୋଭନ ଆସେ** । ଏହାର ଅର୍ଥ ହେଉଛି ଆପଣଙ୍କ ସଂଘର୍ଷ ଆପଣଙ୍କ ପାଇଁ ସ୍ୱତନ୍ତ୍ର ନୁହେଁ ।

୨. **ଈଶ୍ୱର ଆମର ସୀମା ଜାଣନ୍ତି** । ସେ ବୁଝନ୍ତି ଯେ ଆମେ କେତେ ସହ୍ୟ କରିପାରିବା । ଆମେ ଜାଣୁନା ଆମେ କେତେଦୂର ସହ୍ୟ କରିପାରିବା, କିନ୍ତୁ ସେ ଜାଣନ୍ତି ।

୩. **ଈଶ୍ୱର ଆମ ପାଖକୁ ଆସୁଥିବା ପ୍ରଲୋଭନକୁ ସୀମିତ କରନ୍ତି** । ସେ ଚାହାନ୍ତି ଯେପରି କି ଆମେ ବିଜୟୀ ଜୀବନ ଯାପନ କରୁ । ଏହି ପଦ ଅନୁଯାୟୀ, ସବୁବେଳେ ବିଜୟ ସମ୍ଭବ ।

୪. **ଆମେ ବିଜୟ ପାଇଁ ଯାହା ଆବଶ୍ୟକ କରୁ ଈଶ୍ୱର ତାହା ଯୋଗାଇ ଦିଅନ୍ତି** । ସେ ଉଦ୍ଧାରର ପଥ ପ୍ରସ୍ତୁତ କରନ୍ତି । ଆମେ ବିଜୟୀ ଜୀବନ ଯାପନ କରିବାକୁ ସେ ଇଚ୍ଛା କରନ୍ତି । ସେ ବିଜୟ ଜୀବନ ପାଇଁ ଅନୁଗ୍ରହ ପ୍ରଦାନ କରନ୍ତି ।

## ଆତ୍ମାଙ୍କଠାରେ ଜୀବନ

► ରୋମୀୟ ୮ ଅଧ୍ୟାୟକୁ ଯାଆନ୍ତୁ ଓ ଏହି ବିଭାଗରେ ବ୍ୟବହୃତ ପଦଗୁଡ଼ିକୁ ଦେଖନ୍ତୁ ।

ରୋମୀୟ ୮ ବିଶ୍ୱାସୀମାନଙ୍କର ଜୀବନରେ ଆତ୍ମାଙ୍କର କାର୍ଯ୍ୟର ଏକ ଚମତ୍କାର ବର୍ଣ୍ଣନା ଅଟେ । ରୋମୀୟ ୮:୨୬ କୁହେ ଯେ କଅଣ ପ୍ରାର୍ଥନା କରିବା ଉଚିତ, ତାହା ଆମ୍ଭେମାନେ ଜାଣୁ ନାହୁଁ, କିନ୍ତୁ ପବିତ୍ର ଆତ୍ମା ଆମ ଦେଇ ପ୍ରାର୍ଥନା କରନ୍ତି ।

ଏହି ଅଧ୍ୟାୟ ମଧ୍ୟ କିପରି ବିଜୟୀ ଜୀବନ ଯାପନ କରିବାକୁ ହେବ ତାହା କହିଥାଏ । ଯଦି ଆମେ ଶାରୀରିକ ଭାବାନୁସାରେ ଆଚରଣ ନ କରି ଆତ୍ମିକ ଭାବାନୁସାରେ ଆଚରଣ କରୁ ତେବେ ଆମେ ପ୍ରତି ଦଣ୍ଡାଜ୍ଞା ନାହିଁ (ରୋମୀୟ ୮:୧, ୪) । ଈଶ୍ୱର ଆମଠାରୁ ଆଶା କରୁଥିବା ଧାର୍ମିକତାକୁ ଆମେ ପୂରଣ କରିପାରିବା, କାରଣ ଆତ୍ମାଙ୍କ ଶକ୍ତି ଆମଠାରେ କାର୍ଯ୍ୟ କରେ (ରୋମୀୟ ୮:୪) ।

> "ନିଶ୍ଚିତରୂପେ ଏହା ଈଶ୍ୱରଙ୍କ ଦୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ, କାରଣ ସେ ଆମକୁ କହନ୍ତି ଯେ 'ପବିତ୍ରତା ବିନୁ କେହି ପ୍ରଭୁଙ୍କ ଦର୍ଶନ ପାଇବ ନାହିଁ' (ଏବ୍ରୀ ୧୨:୧୪) । କ'ଣ କରିବା ଉଚିତ ଓ କ'ଣ କରିବା ଅନୁଚିତ ପବିତ୍ରତା ଏହାର ଏକ ତାଲିକା ନୁହେଁ । ବରଂ, ଏହାର ଅର୍ଥ ଖ୍ରୀଷ୍ଟଙ୍କ ସଦୃଶ ହେବା" ।
> - Jim Cymbala

ଯଦି ଜଣେ ବ୍ୟକ୍ତି ପାପପୂର୍ଣ୍ଣ ସ୍ୱଭାବ ଦ୍ୱାରା ନିୟନ୍ତ୍ରିତ ହୁଏ, ତେବେ ସେ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିପାରିବ ନାହିଁ (ରୋମୀୟ ୮:୮), ସେ ଦଣ୍ଡାଜ୍ଞାର ଅନ୍ତର୍ଗତ (ରୋମୀୟ ୮:୧), ଏବଂ ଈଶ୍ୱରଙ୍କ ଦ୍ୱାରା ବିଚାରିତ ହୁଏ (ରୋମୀୟ ୮:୧୩, "ମରିବ") । କିନ୍ତୁ ପବିତ୍ର ଆତ୍ମାଙ୍କ ଶକ୍ତି ଓ ମାର୍ଗଦର୍ଶନ ଦ୍ୱାରା, ଆମେ ପାପପୂର୍ଣ୍ଣ କାର୍ଯ୍ୟସବୁକୁ ସମାପ୍ତ କରିପାରିବା (ରୋମୀୟ ୮:୧୩-୧୪) ।

## ଖ୍ରୀଷ୍ଟଙ୍କଠାରେ ଜୀବନ

ଯୋହନ ୧୫:୧-୧୦ରେ ଦ୍ରାକ୍ଷାଲତା ଓ ଶାଖା ସମ୍ବନ୍ଧୀୟ ପ୍ରସିଦ୍ଧ ରୂପକ ଅଟେ । ଏହା କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ଦେଇଥାଏ ।

ଆମେ କିପରି ଖ୍ରୀଷ୍ଟଙ୍କଠାରେ ରହିବା? "ତୁମ୍ଭେମାନେ ଯେବେ ମୋହର ଆଜ୍ଞା ପାଳନ କର, ତାହା ହେଲେ ମୋହର ପ୍ରେମରେ ସ୍ଥିର ହୋଇ ରହିବ" (ଯୋହନ ୧୫:୧୦) । ଖ୍ରୀଷ୍ଟଙ୍କଠାରେ ଆଉ ନ ରହିବାର ଅର୍ଥ ଜଣେ ବ୍ୟକ୍ତି ଆଉ ତାହାଙ୍କ ଆଜ୍ଞା ପାଳନ କରୁ ନାହିଁ । ତା'ପରେ କ'ଣ ହୁଏ?

"କେହି ଯେବେ ମୋ'ଠାରେ ନ ରହେ, ତାହାହେଲେ ସେ ଶାଖା ପରି ବାହାରେ ପକାଇ ଦିଆଯାଏ ଓ ଶୁଖିଯାଏ, ପୁଣି ଲୋକେ ସେଗୁଡ଼ାକ ଏକାଠି କରି ନିଆଁରେ ପକାଇ ଦିଅନ୍ତି ଓ ସେଗୁଡ଼ାକ ପୋଡ଼ିଯାଏ" (ଯୋହନ ୧୫:୬) । ଯଦି ଜଣେ ବ୍ୟକ୍ତି ତାଙ୍କ ଆଜ୍ଞା ପାଳନ କରିବା ବନ୍ଦ କରିଦିଏ, ଏବଂ ତଦ୍ୱାରା ଖ୍ରୀଷ୍ଟଙ୍କଠାରେ ଆଉ ରହେ ନାହିଁ, ତେବେ ସେ ପ୍ରତ୍ୟାଖ୍ୟାତ ହୁଏ । ଉଦାହରଣରେ ଶାଖାଗୁଡ଼ିକୁ ଜଳାଇ ଦେବା ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନକୁ ଦର୍ଶାଏ ।

"ମୋ'ଠାରେ ରୁହ, ସେଥିରେ ମୁଁ ତୁମ୍ଭମାନଙ୍କଠାରେ ରହିବି । ଶାଖା ଯେପରି ଦ୍ରାକ୍ଷାଲତାରେ ନ ରହିଲେ ନିଜରୁ ଫଳ ଫଳି ପାରେ ନାହିଁ, ସେହିପରି ତୁମ୍ଭେମାନେ ମଧ୍ୟ ମୋ'ଠାରେ ନ ରହିଲେ ଫଳ ଫଳି ପାର ନାହିଁ" (ଯୋହନ ୧୫:୪) । "ମୋ'ଠାରେ ଥିବା ଯେକୌଣସି ଶାଖା ଫଳ ନ ଫଳେ, ତାହା ସେ କାଟିପକାନ୍ତି" (ଯୋହନ ୧୫:୨କ) । ଯଦି ଆମେ ଆଜ୍ଞାବହ ହୋଇ ଖ୍ରୀଷ୍ଟଙ୍କଠାରେ ନ ରହୁ, ତେବେ ଆମେ ଫଳ ଫଳିପାରିବୁ ନାହିଁ । ଫଳ ଫଳିବାର ଅର୍ଥ ଏକ ପରିବର୍ତ୍ତିତ, ଆଶୀର୍ବାଦପ୍ରାପ୍ତ, ଓ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ପରିଚାଳିତ ଜୀବନ ଯାପନ କରିବା । ଯଦି ଜଣେ ବ୍ୟକ୍ତି ଈଶ୍ୱରଙ୍କୁ ଅନମାନନା କରେ, ତେବେ ସେ ଈଶ୍ୱର ପ୍ରଦତ୍ତ ଜୀବନର ପ୍ରବାହରୁ ନିଜକୁ ପୃଥକ୍ କରେ ଏବଂ ଈଶ୍ୱରଙ୍କ ଅନୁଗ୍ରହରେ ସେ ଆଉ ଜୀବନ ଯାପନ କରିପାରିବ ନାହିଁ । ଫଳ ନ ଫଳିଲେ ଜଣେ ବ୍ୟକ୍ତି ପ୍ରତ୍ୟାଖ୍ୟାତ ହୁଏ ।

ଖ୍ରୀଷ୍ଟ ଏକ ଦ୍ରାକ୍ଷାଲତା ସଦୃଶ ଯେ କି ଆମକୁ ଜୀବନ ଦିଅନ୍ତି (ଯୋହନ ୧୫:୬) । ସମ୍ପର୍କ ମାଧ୍ୟମରେ ହିଁ ଆମେ ପରିତ୍ରାଣର ଅଧିକାରୀ ହୋଇଥାଉ । ଖ୍ରୀଷ୍ଟଙ୍କଠାରୁ ଅଲଗା ହେବାର ଅର୍ଥ ପରିତ୍ରାଣଠାରୁ ଦୂରେଇ ଯିବା । ଈଶ୍ୱରଙ୍କ ଉପରେ ନିର୍ଭର ରଖି ଓ ତାଙ୍କର ଆଜ୍ଞାକାରୀ ହୋଇ ଖ୍ରୀଷ୍ଟଙ୍କ ସହିତ ଆମେ ଉଦ୍ଧାରକାରୀ ସମ୍ପର୍କ ରକ୍ଷା କରୁ (ଯୋହନ ୧୫:୧୦) ।

ଲାଇଟ୍ ବଲବ ଓ ବିଦ୍ୟୁତ ଉପରୋକ୍ତ ଶିକ୍ଷାର ଆଧୁନିକ ଉଦାହରଣ ଅଟେ । ପ୍ରବହମାନ ବିଦୁ୍ୟତ୍ ଶକ୍ତିର ସଂଯୋଗରେ ରହିଥିବା ଯାଏ ବଲବ ଆଲୋକ ପ୍ରଦାନ କରେ । ଯଦି ଏହା ଶକ୍ତିର ଉତ୍ସରୁ ଅଲଗା ହୋଇଯାଏ, ତେବେ ବଲ୍ବରେ ଆଲୋକ ରହିବ ନାହିଁ । ସେହିପରି, ଖ୍ରୀଷ୍ଟଙ୍କ ସହିତ ଆମର ସମ୍ପର୍କ ଦ୍ୱାରା ଆମଠାରେ ଅନନ୍ତ ଜୀବନ ଅଛି (ଯୋହନ ୧୭:୩) । ତାଙ୍କ ଜୀବନ ଆମ ମଧ୍ୟରେ ପ୍ରବାହିତ ହୁଏ । ଯଦି ଆମେ ତାଙ୍କଠାରୁ ନିଜକୁ ଅଲଗା କରିଦେଉ, ତେବେ ଆମେ ସେହି ଜୀବନ ରକ୍ଷା କରୁନାହୁଁ ।

## ଶାସ୍ତ୍ରୀୟ ଚେତାବନୀ

କିଛି ଲୋକ କୁହନ୍ତି ଯେ ଜୀବନ ପୁସ୍ତକରେ ଥରେ ନାମ ଲେଖାହେଲା ପରେ ତାକୁ ହଟାଯାଇ ପାରିବ ନାହିଁ । ତେବେ ଅତିକମରେ ଗୋଟିଏ ମାର୍ଗ ଅଛି ଯଦ୍ଦ୍ୱାରା ଏକ ନାମକୁ ଅପସାରଣ କରାଯାଇପାରିବ:

> "ପୁଣି କେହି ଯଦି ଏହି ଭାବବାଣୀ ପୁସ୍ତକର କୌଣସି ବାକ୍ୟ ଲୋପ କରେ, ତେବେ ଈଶ୍ୱର ଏହି ପୁସ୍ତକରେ ଲିଖିତ ଜୀବନ ବୃକ୍ଷ ଓ ପବିତ୍ର ନଗରୀରେ ତାହାର ଅଂଶ ଲୋପ କରିବେ" (ପ୍ରକାଶିତ ବାକ୍ୟ ୨୨:୧୯) ।

ବହୁତ କମ୍ ଲୋକ ଅଛନ୍ତି ଯେଉଁମାନେ ପ୍ରକାଶିତ ବାକ୍ୟ ପୁସ୍ତକର କିଛି ଅଂଶ ଲୋପ କରିବା ଅପରାଧରେ ଦୋଷୀ । ତେବେ, ଏଠାରେ ଆଲୋଚ୍ୟ ବିଷୟଟି ହେଉଛି ଜୀବନ ପୁସ୍ତକରୁ ନାମ ହଟାଇବା ସମ୍ଭବ ଅଟେ ।

ଯୀଶୁ ଏକ ପ୍ରତିଜ୍ଞା ଓ ଚେତାବନୀ ଦେଇ କହନ୍ତି: "ଯେ ଜୟ କରେ, ସେ ଏହି ପ୍ରକାରେ ଶୁକ୍ଳବସ୍ତ୍ର ପରିହିତ ହେବ, ଆଉ ଆମ୍ଭେ ଜୀବନ ପୁସ୍ତକରୁ ତାହାର ନାମ କୌଣସି ପ୍ରକାରେ ଲୋପ ନ କରି ଆମ୍ଭର ପିତା ଓ ତାହାଙ୍କ ଦୂତମାନଙ୍କ ସମ୍ମୁଖରେ ତାହାର ନାମ ସ୍ୱୀକାର କରିବୁ" (ପ୍ରକାଶିତ ବାକ୍ୟ ୩:୫) ।

ଏକ ସମୟରେ, ପାଉଲ ଚିନ୍ତିତ ଥିଲେ ଯେ ଥେସଲନୀକୀରେ ତାଙ୍କ ଦ୍ୱାରା ପରିବର୍ତ୍ତିତ ଲୋକମାନେ ହୁଏତ ବିଶ୍ୱାସ ପରିତ୍ୟାଗ କରିଥିବେ । ସେ କହନ୍ତି ଯେ ଯଦି ତାହା ହୋଇଥାଏ, ତେବେ ସେମାନଙ୍କ ମଧ୍ୟରେ ସୁସମାଚାର ପ୍ରଚାର କରିବାର ପରିଶ୍ରମ ବ୍ୟର୍ଥ ହୋଇଯିବ (୧ ଥେସଲନୀକୀୟ ୩:୫) । ଏହା ଦର୍ଶାଏ ଯେ ଜଣେ ବିଶ୍ୱାସୀ ତାଙ୍କ ବିଶ୍ୱାସ ତ୍ୟାଗ କରି ସମ୍ପୂର୍ଣ୍ଣ ପତିତ ହେବା ସମ୍ଭବ ଯଦ୍ଦ୍ୱାରା ତା'ର ମୂଳ ପରିବର୍ତ୍ତନ ମୂଲ୍ୟହୀନ ହୁଏ ।

୨ ପିତର ୨:୧୮-୨୧ରେ ଆମେ ଦେଖୁ ଯେ ଭଣ୍ଡ ଶିକ୍ଷକମାନେ କିଛି ବିଶ୍ୱାସୀମାନଙ୍କୁ ପ୍ରତାରଣା କରନ୍ତି । ଏହି ବିଶ୍ୱାସୀମାନେ ଆମ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ଜ୍ଞାନ ଦ୍ୱାରା ସଂସାରର ଅଶୁଚିତାରୁ ରକ୍ଷା ପାଇଥିଲେ । ଏହି ପୂର୍ବ ବିଶ୍ୱାସୀମାନେ ଧାର୍ମିକତାର ମାର୍ଗ ଜାଣିଥିଲେ, କିନ୍ତୁ ଏହାକୁ ପରିତ୍ୟାଗ କଲେ । ଏହି ଶାସ୍ତ୍ରାଂଶ କହେ ଯେ ସେମାନେ ପାପପୂର୍ଣ୍ଣ ଜୀବନ ଶୈଳୀକୁ ଫେରିବା ଅପେକ୍ଷା ମାର୍ଗ ନ ଜାଣିବା ସେମାନଙ୍କ ପକ୍ଷରେ ଭଲ ହୋଇଥାଆନ୍ତା । ଏହା ଦର୍ଶାଏ ଯେ ପାପକୁ ଫେରି ଜଣେ ବ୍ୟକ୍ତି ନିଜର ପରିତ୍ରାଣ ହରାଇବା ସମ୍ଭବ ଅଟେ । ଯଦି ଜଣେ ବ୍ୟକ୍ତି ନିଜର ପରିତ୍ରାଣ ହରାଇବା ସମ୍ଭବ ହୋଇ ନ ଥାଆନ୍ତା, ତେବେ ଜଣେ ବ୍ୟକ୍ତି ପରିତ୍ରାଣ ପ୍ରାପ୍ତ ହେବା ପୂର୍ବରୁ ଯେଉଁ ଅବସ୍ଥାରେ ଥିଲା ତା'ଠାରୁ ଶେଷ ଦଶା ଅଧିକ ମନ୍ଦ ହୁଅନ୍ତା ନାହିଁ ।

ପୁତ୍ରତ୍ୱ ବଦଳିପାରେ । ଆମେ ଦିନେ ଶୟତାନର ସନ୍ତାନ ଥିଲୁ (ଯୋହନ ୮:୪୪) ଓ କ୍ରୋଧର ପାତ୍ର ଥିଲୁ (ଏଫିସୀ ୨:୨), କିନ୍ତୁ ସେହି ପୁତ୍ରତ୍ୱର ପରିବର୍ତ୍ତନ ହୁଏ ଯେତେବେଳେ ଆମେ ଈଶ୍ୱରଙ୍କ ଦ୍ୱାରା ସନ୍ତାନରୂପେ ପୋଷ୍ୟଗ୍ରହଣ କରାଯାଉ (ରୋମୀୟ

୮:୧୫) ।ଅପବ୍ୟୟୀ ପୁତ୍ର ପିତାଙ୍କଠାରୁ ବିଚ୍ଛିନ୍ନ ହୋଇଥିବାବେଳେ ପୁତ୍ରର ସମସ୍ତ ସୁବିଧା ହରାଇଲା ।ସେ ଫେରିବା ପରେ, ତାଙ୍କ ପିତା ତାଙ୍କୁ ମୃତ ପୁତ୍ର ଭାବେ ଉଲ୍ଲେଖ କରିଥିଲେ (ଲୂକ ୧୫:୩୨)।

ଈଶ୍ୱର ଚାହାନ୍ତି ଯେ ବିଶ୍ୱାସୀମାନେ ନିଜକୁ ସୁରକ୍ଷିତ ଅନୁଭବ କରନ୍ତୁ, କିନ୍ତୁ ସେମାନଙ୍କ ଭାବନାକୁ ମିଥ୍ୟା ନିଶ୍ଚିତତା ଉପରେ ଆଧାର କରି ନୁହେଁ ଯାହା ସେମାନଙ୍କୁ ପ୍ରକୃତ ବିପଦରେ ପକାଇଥାଏ । ଈଶ୍ୱର ଯାହା ପ୍ରତିଜ୍ଞା କରି ନାହାନ୍ତି ଆମେ ବିଶ୍ୱାସୀମାନଙ୍କୁ ସେପରି କିଛି ପ୍ରତିଜ୍ଞା ବିଷୟରେ କହିବା ଅନୁଚିତ । ସେ ପ୍ରତିଜ୍ଞା କରି ନାହାନ୍ତି ଯେ ଆମେ ଯାହା କଲେ ମଧ୍ୟ ଆମର ପରିତ୍ରାଣ ସୁରକ୍ଷିତ ଅର୍ଥାତ୍ ଆମେ ଏହା ହରାଇବା ନାହିଁ । ସେ ଆମକୁ ପ୍ରତିଜ୍ଞା କରିଛନ୍ତି ଯେ ସେ ଆମର ମାର୍ଗଦର୍ଶନ କରିବେ ଓ ବିଜୟୀ ଜୀବନ ଯାପନ କରିବା ପାଇଁ ଆମକୁ ଶକ୍ତିଯୁକ୍ତ କରିବେ । ଭୟରୁ ମୁକ୍ତ ହେବା ପାଇଁ ଏଥିରେ ଯଥେଷ୍ଟ ନିଶ୍ଚିତତା ରହିଛି ।

ବେଳେବେଳେ ବିଶ୍ୱାସୀମାନେ ସେମାନଙ୍କ ପରିତ୍ରାଣକୁ ନେଇ ସନ୍ଦେହ ପ୍ରକଟ କରନ୍ତି । ସେମାନେ ହୁଏତ ନିଶ୍ଚିତ ଥାନ୍ତି ଯେ ସେମାନେ ଥରେ ପରିତ୍ରାଣ ପାଇଥିଲେ, ତଥାପି ସେମାନେ ସନ୍ଦେହ କରନ୍ତି ଯେ ସେମାନେ ହୁଏତ ଈଶ୍ୱରଙ୍କ ସହିତ ଉଦ୍ଧାରକାରୀ ସମ୍ପର୍କରେ ନାହାନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ବାଇବଲ ଆମକୁ ସନ୍ଦେହରେ ରଖେ ନାହିଁ । ଈଶ୍ୱର ଇଚ୍ଛା କରନ୍ତି ଯେ ବିଶ୍ୱାସୀମାନେ ସେମାନଙ୍କ ପରିତ୍ରାଣ ବିଷୟରେ ଏପରି ନିଶ୍ଚିତ ରହନ୍ତୁ ଯେ ବିଚାର ଦିନରେ ସେମାନେ ସାହସପ୍ରାପ୍ତ ହେବେ (୧ ଯୋହନ ୪:୧୭) ଏବଂ ଈଶ୍ୱରଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ କି ନାହିଁ ସେ ବିଷୟରେ ଚିନ୍ତିତ ହେବେ ନାହିଁ ।

ଯେତେବେଳେ ଜଣେ ବିଶ୍ୱାସୀର ସନ୍ଦେହ ଜାତ ହୋଇଥାଏ, ସେ ତାକୁ ଅଣଦେଖା କରିବା ଉଚିତ ନୁହେଁ କାରଣ ସେ ନିଶ୍ଚିତ ଯେ ସେ ଥରେ ପରିତ୍ରାଣ ପାଇଥିଲେ । ଆପଣ ବିଶ୍ୱାସରେ ଅଛନ୍ତି କି ନାହିଁ ଦେଖିବା ପାଇଁ ନିଜକୁ ପରୀକ୍ଷା କରିବା ଉପଯୁକ୍ତ ଅଟେ (୨ କରିନ୍ଥୀୟ ୧୩:୫) । ଯଦି ଜଣେ ବ୍ୟକ୍ତି ଜାଣନ୍ତି ଯେ ସେ ପରିତ୍ରାଣର ଶାସ୍ତ୍ରୀୟ ପଦକ୍ଷେପଗୁଡ଼ିକ ଅନୁସରଣ କରି ପରିତ୍ରାଣ ପାଇଥିଲେ, ଏବଂ ସେ ଆଜ୍ଞାବହତାମୂଳକ ସମ୍ପର୍କ ସ୍ଥାପନ କରି ଖ୍ରୀଷ୍ଟଙ୍କଠାରେ ରହିଛନ୍ତି, ତେବେ ସେ ନିଶ୍ଚିତ ହୋଇପାରିବେ ଯେ ତାଙ୍କର ଆତ୍ମିକ ଜୀବନ ଅଛି ।

### ଏଡାଇବାକୁଥିବା ତ୍ରୁଟିସବୁ: ଅନ୍ଧ ଆଶା ପୋଷଣ

*ଶ୍ରେଣୀ ନେତାଙ୍କୁ ଟିପ୍ପଣୀ: ଶ୍ରେଣୀର ଦୁଇଜଣ ସଦସ୍ୟ ଏହି ବିଭାଗ ଓ ପରବର୍ତ୍ତୀ ବିଭାଗକୁ ବ୍ୟାଖ୍ୟା କରିପାରନ୍ତି ।*

ଦୁଇଟି ବିଷୟ ଯୋଗୁଁ ପାପ ଉପରେ ବିଜୟ ଅସମ୍ଭବ ମନେ ହୁଏ: ମାନବୀୟ ଦୁର୍ବଳତା ଓ ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା । ଆମକୁ ମନେ ରଖିବାକୁ ହେବ ଯେ ଈଶ୍ୱର ଆମକୁ ମାନବୀୟ ସୀମିତତା ହେତୁ ଦୋଷୀ କରନ୍ତି ନାହିଁ । ଈଶ୍ୱର ଆମକୁ ତାଙ୍କର ଆତ୍ମାଙ୍କ ଦ୍ୱାରା ଆମକୁ ଶକ୍ତି ପ୍ରଦାନ କରନ୍ତି ଯେପରି କି ଆମେ ତାଙ୍କ ଇଚ୍ଛା ପୂରଣ କରିପାରିବା । ଦୁର୍ବଳତା ରହିବା ପାପ ନୁହେଁ, ଏବଂ ଦୁର୍ବଳତା ହେତୁ କୌଣସି ବ୍ୟକ୍ତିକୁ ପାପ କରିବାକୁ ପଡ଼ିବ ନାହିଁ ।

ପରିବର୍ତ୍ତନ ପରେ ମଧ୍ୟ ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥାର ପ୍ରଭାବ ଜାରି ରହିଥାଏ, କିନ୍ତୁ ଈଶ୍ୱର ପରିଷ୍କୃତ ହେବାକୁ ଅନୁଗ୍ରହ ପ୍ରଦାନ କରନ୍ତି । ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା ନେଇ ଜନ୍ମ ନେଇଥିବାରୁ ଆମକୁ ନିନ୍ଦା କରାଯାଇପାରିବ ନାହିଁ, କିନ୍ତୁ ଏହାର ପ୍ରଭାବରେ ଆଗକୁ ଯିବା ଆମର ଦୋଷ । ତେଣୁ ମାନବୀୟ ଦୁର୍ବଳତା ହେଉ ବା ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା ହେଉ ଆମେ ବିଜୟୀ ଜୀବନ ଯାପନ କରିବାର ଆଶା ହରାଇବା ଉଚିତ ନୁହେଁ ।

ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା, ଆମେ ତାଙ୍କ ସଙ୍ଗେ ମିଳିତ ହୋଇଛୁ । ତାହାଙ୍କ ମୃତ୍ୟୁ ଓ ପୁନରୁତ୍ଥାନରେ ଆମେ ତାଙ୍କ ସଙ୍ଗେ ଚିହ୍ନିତ ହୋଇଛୁ, ଏବଂ ଆମ ନିମନ୍ତେ ଏହାର ଅର୍ଥ ପାପ ପ୍ରତି ମୃତ ଓ ଏକ ନୂତନ ଜୀବନ ନିମନ୍ତେ ପୁନରୁତ୍ଥିତ (ରୋମୀୟ ୬:୩-୧୧) । ସେ ଆମ ମଧ୍ୟରେ ଅଛନ୍ତି, ଓ ଆମେ ତାଙ୍କଠାରେ ଅଛୁ । ଖ୍ରୀଷ୍ଟୀୟ ଜୀବନ କେବଳ ନୁହେଁ ଯେ ଆମେ ଯଥା ସମ୍ଭବ ତାଙ୍କର ଆଦର୍ଶ ଅନୁସରଣ କରିବାକୁ ଚେଷ୍ଟା କରୁ । ଖ୍ରୀଷ୍ଟୀୟ ଜୀବନରେ ଖ୍ରୀଷ୍ଟଙ୍କୁ ଅନ୍ତରରେ ରଖି ବଞ୍ଚିବାକୁ ହୁଏ । ଯେତେବେଳେ ସେ ପୃଥିବୀରେ ଯାତାୟାତ କରୁଥିଲେ, ସେ ପାପ ଉପରେ ବିଜୟ ଲାଭ କରିଥିଲେ, ଏବଂ ସେ ତଥାପି ଆମ ଅନ୍ତରରେ ବିଜୟୀ ଜୀବନ ଯାପନ କରୁଛନ୍ତି ।

## ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ

ଏକ ବଡ଼ ନଗରର ମୁଖ୍ୟରାସ୍ତାକୁ ଲାଗିରହିଥିବା ପାଦଚଲା ରାସ୍ତା ଉପରେ ଜଣେ ଗରିବ ମହିଳା ଜୀର୍ଣ୍ଣ ପରିଚ୍ଛଦ ପିନ୍ଧି ବସିଛି । ତାର ମସ୍ତକର କେଶ ଛନ୍ଦି ହୋଇ ଅପରିଷ୍କାର ଦେଖାଯାଉଥିଲା । ତା'ର ଚର୍ମ ମଇଳା ଓ ଦୂଷିତ । ସେ ନିରାଶାରେ ଆଶାଶୂନ୍ୟ ହୋଇ ବସିରହିଛି । ହଠାତ୍ ଏକ ବଡ଼ ଉତ୍ତେଜନା ଦେଖାଦେଇଛି ଓ ଗୋଟିଏ କୋଣରୁ ରାଜ୍ୟର ରାଜକୁମାର ତାଙ୍କର ସଭାସଦ୍ମାନଙ୍କ ସହିତ ସେହି ରାସ୍ତାରେ ଯାଉଛନ୍ତି । ରାଜକୁମାର ଜଣେ ସୁନ୍ଦର, ଶକ୍ତିଶାଳୀ ଓ ଦୟାଳୁ ବ୍ୟକ୍ତି ସେହି ଅପରିଷ୍କାର ମହିଳା ଯେଉଁଠି ବସିଛି ସେହି ରାସ୍ତା ଦେଇ ଯିବାବେଳେ ସେ ତାଙ୍କ ଡ୍ରାଇଭରକୁ ଗାଡ଼ି ଅଟକାଇବାକୁ କହନ୍ତି ।

ଗାଡ଼ି ଅଟକି ଯାଇଛି, ଏବଂ ରାଜକୁମାର ତାଙ୍କ ଦାସମାନଙ୍କୁ କହନ୍ତି, "ପାଦଚଲା ରାସ୍ତାରେ ବସିଥିବା ସେହି ମହିଳାକୁ ମୁଁ ବିବାହ କରିବାକୁ ଚାହେଁ ।"

ବର୍ତ୍ତମାନ ଦୃଶ୍ୟ ବଦଳି ଯାଇଛି । ବିବାହ ଦିନରେ ଆମେ ରାଜ ପ୍ରାସାଦକୁ ଦେଖୁ । ଆମେ କ'ଣ ଦେଖୁ? ଜଣେ ଜୀର୍ଣ୍ଣ ପରିଚ୍ଛଦ ପରିହିତା ଓ ମସ୍ତକର କେଶ ଛନ୍ଦି ହୋଇ ଅପରିଷ୍କାର ରହିଥିବା ସେହି ମହିଳାକୁ । ତା'ର ଚାରିପାଖରେ ବ୍ୟକ୍ତିଗତ ସେବକମାନେ ଅଛନ୍ତି, ବିବାହ ଗାଉନ୍, ସାବୁନ୍ ଏବଂ ଅତର ଧରିଛନ୍ତି, କିନ୍ତୁ କନ୍ୟା ବିବାହ ଦିନ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଆଗ୍ରହୀ ନୁହଁନ୍ତି । ଜଣେ ମହିଳା ପଚାରନ୍ତି, "ମହାଶୟା, ଆପଣ ବିବାହ ପାଇଁ ପ୍ରସ୍ତୁତ ହେବାକୁ ଚାହୁଁ ନାହାନ୍ତି କି?" କନ୍ୟା ଉତ୍ତର ଦିଅନ୍ତି, "ଯେତେବେଳେ ସେ ଦେଖିଲେ ଓ ମୋତେ ବିବାହ କରିବାକୁ ଇଚ୍ଛା କଲେ ମୁଁ ଏହିପରି ଥିଲି, ତେଣୁ ମୁଁ ଅନୁମାନ କରୁଛି ଯେ ମୁଁ ବର୍ତ୍ତମାନ କିପରି ଦେଖାଯାଉଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ" ।

ସେହି ମନୋଭାବରେ ଆମେ ଆଶ୍ଚର୍ଯ୍ୟଚକିତ ହୋଇଯିବା । କାରଣ ରାଜକୁମାର ତାକୁ ଭଲ ପାଆନ୍ତି, ସେ ଚାହାନ୍ତି ନାହିଁ ଯେ ସେ ସେହିପରି ଅବସ୍ଥାରେ ରହୁ । କାରଣ ରାଜକୁମାର ତାକୁ ଭଲ ପାଇଲେ, ଯେତେବେଳେ ସେ ଆକର୍ଷଣୀୟ ନ ଥିଲା, ସେ ତାଙ୍କ ଆଗରେ ଯେପରି ସର୍ବୋତ୍ତମ ଦେଖାଯିବ ତାହା ସେ ଚାହିଁବା ଉଚିତ ।

ଆମେମାନେ ପାପୀଥିବା ସମୟରେ ଈଶ୍ୱର ଆମକୁ ପ୍ରେମ କରନ୍ତି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ପାପର କୌଣସି ଗୁରୁତ୍ୱ ନାହିଁ । କାରଣ ସେ ଆମକୁ ପ୍ରେମ କରନ୍ତି, ଆମେ ତାଙ୍କର ସନ୍ତୋଷଜନକ ପ୍ରତିମୂର୍ତ୍ତି ଓ ଚରିତ୍ର ଧାରଣ କରିବାକୁ ହେବ ।

## ବିଜୟୀ ଜୀବନ ଯାପନ ନିମନ୍ତେ ବ୍ୟାବହାରିକ ନିର୍ଦ୍ଦେଶ

ସମଗ୍ର ଜଗତରେ ଖ୍ରୀଷ୍ଟୀୟ ସତ୍ୟକୁ ଅନ୍ଧବିଶ୍ୱାସ ସହିତ ମିଶ୍ରିତ କରାଯାଉଛି । ଅନେକେ ଶିକ୍ଷା ଦିଅନ୍ତି ଯେ ବାରମ୍ବାର ପ୍ରାର୍ଥନା ଭାବପ୍ରବଣତାଯୁକ୍ତ ଅନୁଭୂତି, ମନ୍ଦାତ୍ମାମାନଙ୍କୁ ଧମକାଇବା (ସେମାନଙ୍କୁ କେତେକ ପାପର କାରଣ ବୋଲି ବିବେଚନା କରାଯାଏ), ନିଜକୁ ଯନ୍ତ୍ରଣା ଦେବା, କିଛି ମନ୍ତ୍ରିତ ଡ଼େଉଁରିଆ ପିନ୍ଧିବା, ଘର ଚାରିପାଖରେ ଆତ୍ମିକ ଚିହ୍ନସବୁ ରଖିବା, ବା ଦେହରେ ସ୍ୱତନ୍ତ୍ର ତେଲ ଲଗାଇବା ଦ୍ୱାରା ପାପ ଉପରେ ବିଜୟ ସମ୍ଭବ । ଆତ୍ମିକ ଯାଦୁ ମାଧ୍ୟମରେ ବିଜୟ ଆଶା କରିବା ଏକ ଭୁଲ ଅଟେ ।

ଆଉ କେତେକ ମଧ୍ୟ ପାପ ଉପରେ ବିଜୟ ହାସଲ ପାଇଁ ଅତି ସରଳ ଶିକ୍ଷା ଦିଅନ୍ତି । ସେମାନେ କହନ୍ତି ଯେ ପରିତ୍ରାଣ ଓ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବା ଦ୍ୱାରା ପାପର ଶକ୍ତି ସବୁଦିନ ପାଇଁ ଧ୍ୱଂସ ପାଇଯିବ । ସେମାନେ ଆତ୍ମିକ ଅଭିବୃଦ୍ଧି, ଶୃଙ୍ଖଳା ଓ ନିରନ୍ତର ଜାଗତିଆର ରହିବା ଉପରେ ଗୁରୁତ୍ୱ ଦେଇ କହି ନ ଥାନ୍ତି ।

ଯେଉଁମାନେ ଜଗତ ଓ ପାପ ଉପରେ କ୍ରମାଗତ ବିଜୟ ହାସଲ କରିବାରେ ବିଫଳ ହେଉଛନ୍ତି, ସେମାନେ ନିଜକୁ ନିମ୍ନ ପ୍ରଶ୍ନମାନ ପଚାରିବା ଉଚିତ:

୧. **ମୁଁ କ'ଣ ପ୍ରକୃତରେ ପୁନର୍ଜନ୍ମ ପାଇଛି କି?** ମୁଁ କ'ଣ ମୋର ପୁରୁଣା ଜୀବନ ପ୍ରତି ମୃତ ଅଟେ କି? ମୁଁ ମନପରିବର୍ତ୍ତନ କରି ଏହାକୁ ପରିତ୍ୟାଗ କରିଛି କି? ଖ୍ରୀଷ୍ଟଙ୍କଠାରେ ମୁଁ ଏକ ନୂତନ ଜୀବନ ଲାଭ କରିଛି କି- ନୂତନ ମନୋଭାବ, ନୂତନ ଇଚ୍ଛା, ଈଶ୍ୱରଙ୍କ ବିଷୟସବୁ ପ୍ରତି ନୂତନ କ୍ଷୁଧା (୨କରିନ୍ଥୀୟ ୫:୧୭)? ଖ୍ରୀଷ୍ଟ ପବିତ୍ର ଆତ୍ମାଙ୍କ ମାଧ୍ୟମରେ ମୋର ହୃଦୟରେ ବାସ କରୁଛନ୍ତି କି? ପାପକୁ ଜୟ କରିବା ପାଇଁ ମନୁଷ୍ୟର ଇଚ୍ଛା ଶକ୍ତି ଉପରେ, ନା ମୋ' ଅନ୍ତରରେ ବାସ କରୁଥିବା ଈଶ୍ୱରଙ୍କ ଶକ୍ତି ଉପରେ ମୁଁ ନିର୍ଭର କରେ (ଗାଲାତୀୟ ୨:୨୦)?

୨. **ମୋ ହୃଦୟରେ ଈଶ୍ୱରଙ୍କ ବାକ୍ୟ/ ସଞ୍ଚୟ କରି ରଖୁଛି କି?** ଗୀତରଚକ ସାକ୍ଷ୍ୟ ଦେଇ କହନ୍ତି, "ମୁଁ ଯେପରି ତୁମ୍ଭ ବିରୁଦ୍ଧରେ ପାପ ନ କରେ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି" (ଗୀତସଂହିତା

୧୧୯:୧୧) । ନବଜାତ ଶିଶୁ ଯେପରି କ୍ଷୁଧିତ ହୋଇ ମାତାର କ୍ଷୀର ପାନ କରେ ସେପରି ଆମେ ଈଶ୍ୱରଙ୍କ ବାକ୍ୟରୂପ ଖାଦ୍ୟ ଭୋଜନ କରିବାକୁ ହେବ (୧ପିତର ୨:୨) ।

୩. **ମୁଁ ନିଜକୁ ପ୍ରକୃତରେ ପାପ ପ୍ରତି ମୃତ ଓ ଈଶ୍ୱରଙ୍କ ପ୍ରତି ଜୀବିତ ବୋଲି ଗଣନା କରେ କି?** "ସେହି ପ୍ରକାରେ ତୁମ୍ଭମାନେ ମଧ୍ୟ ଆପଣା ଆପଣାକୁ ପାପ ପ୍ରତି ମୃତ, କିନ୍ତୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଥାଇ ଈଶ୍ୱରଙ୍କ ପ୍ରତି ଜୀବିତ ବୋଲି ଗଣନା କର" (ରୋମୀୟ ୬:୧୧) । ମୁଁ ଦୃଢ଼ତାର ସହିତ ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରୁଛି କି ଯାହା ସୂଚାଏ ଯେ ଏହାର ମୋ ଉପରେ ଶକ୍ତି ନାହିଁ?

୪. **ବିଜୟ ପାଇଁ ଈଶ୍ୱରଙ୍କ ଉପରେ ନିର୍ଭର କରୁଛି କି?** ପ୍ରେରିତ ଯୋହନ ଘୋଷଣା କରିଛନ୍ତି ଯେ ଈଶ୍ୱରଙ୍କ ପରିବାରରେ ଜନ୍ମିତ ଜଣେ ବ୍ୟକ୍ତି ଜଗତକୁ ଜୟ କରେ । "....ଆଉ ଯାହା ଜଗତକୁ ଜୟ କରିଅଛି, ତାହା ଆମ୍ଭମାନଙ୍କର ବିଶ୍ୱାସ" (୧ଯୋହନ ୫:୪ଖ) । ପ୍ରେରିତ ପାଉଲ କହନ୍ତି ଯେ ଯୀଶୁଙ୍କ କ୍ରୁଶ ବ୍ୟତୀତ ଆଉ କାହିଁରେ ଦର୍ପ କରିବେ ନାହିଁ, କାରଣ କ୍ରୁଶ ଦ୍ୱାରା ହିଁ ସାଂସାରିକ ବିଷୟସବୁ ଆମକୁ ଆକର୍ଷିତ କରିବା ଓ ନିୟନ୍ତ୍ରଣ କରିବା ପାଇଁ ଶକ୍ତି ହରାଇଥାଏ (ଗାଲାତୀୟ ୬:୧୪) । ଯଦି ଆମେ ସମସ୍ତ ଧାର୍ମିକତାର ଉତ୍ସ ଯେ ଯୀଶୁ, ତାଙ୍କୁ ଭୁଲିଯିବା, ତେବେ ବିଜୟର ଏକ ନିରନ୍ତର ଜୀବନ ବଞ୍ଚିବା ଆମ ପକ୍ଷରେ ଅସମ୍ଭବ ଅଟେ ।

୫. **ମୁଁ ପ୍ରତିଦିନ ବିଶ୍ୱାସ ଦ୍ୱାରା ଯୀଶୁଙ୍କୁ ବସ୍ତ୍ରରୂପେ ପରିଧାନ କରୁଛି କି ଓ ପାପ କରିବା ପାଇଁ କୌଣସି ସୁଯୋଗ ବା ପ୍ରଲୋଭନ ସୃଷ୍ଟି କରୁଛି କି?** ଆମେ ଆମର ଆତ୍ମିକ ଯାତ୍ରାରେ ଯେଉଁଠାରେ ଥାଉ ନା କାହିଁକି, ସ୍ୱତଃପ୍ରବୃତ୍ତ ଭାବରେ ବିଜୟ ଆସି ନ ଥାଏ । ମୁଁ ନିଶ୍ଚିତରୂପେ ପାପ ପ୍ରତି ଯୀଶୁଙ୍କ ମନୋଭାବ ଗ୍ରହଣ କରିବି ଓ ତାଙ୍କ ଆଦର୍ଶ ଅନୁସରଣ କରିବି (ରୋମୀୟ ୧୩:୧୪; ଏଫିସୀୟ ୪:୨୪) ।

୬. **ମୁଁ ଈଶ୍ୱରଦତ୍ତ ଆତ୍ମିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କି?** ଜୀବନର ଯୁଦ୍ଧକ୍ଷେତ୍ରରେ ଅନେକ ବିଶ୍ୱାସୀ ଶୟତାନର ଅଗ୍ନିବାଣସବୁ ଦ୍ୱାରା ଆହତ ହୁଅନ୍ତି କାରଣ ସେମାନେ ସେମାନଙ୍କର ଆତ୍ମିକ ପ୍ରତିରକ୍ଷା ବିଷୟରେ ଅସାବଧାନ ରୁହନ୍ତି (ଏଫିସୀୟ ୬:୧୧)

୭. **ମୁଁ ଆତ୍ମ-ଶୃଙ୍ଖଳା ଅଭ୍ୟାସ କରେ କି?** ଆମେ ଆମର ବିଶ୍ୱାସରେ ଯେତେ ପରିପକ୍ୱ ହେଉ ନା କାହିଁକି ସର୍ବଦା ଆତ୍ମ-ଶୃଙ୍ଖଳାର ଆବଶ୍ୟକତା ରହିଛି । ମୁଁ ମୋର ଶରୀରକୁ ତାଲିମ ଦେଇ ବଶରେ ଦାସ କରି ରଖୁଛି କି? ସ୍ୱାଭାବିକ, ଈଶ୍ୱରଦତ୍ତ କ୍ଷୁଧାସବୁ (ଯେପରି ଖାଦ୍ୟ, ନିଦ୍ରା ବା ଯୌନ ଇଚ୍ଛା) ନିୟନ୍ତ୍ରିତ ହେବା ଆବଶ୍ୟକ, ଯେଣୁ ସେମାନେ ମୋର ନବଜାତ ଆତ୍ମାର ଉଦ୍ଦେଶ୍ୟସବୁକୁ ପୂରଣ କରନ୍ତି । ଯେହେତୁ ମୋର ଶରୀର ପାପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି, ଏହାର ଇଚ୍ଛାସବୁ ସନ୍ତୁଳିତ ନୁହେଁ । ଶରୀରକୁ ଶାସନ କରିବାକୁ ଦିଆଯିବା ଉଚିତ ନୁହେଁ, ଏହା ଆତ୍ମାର ଅଧୀନରେ

ରହିବା ଉଚିତ । ପାଉଲ କହନ୍ତି ଯେ କାଳେ ସେ କୌଣସି ପ୍ରକାରେ ଅଗ୍ରାହ୍ୟ ହୁଅନ୍ତି, ଏଥିପାଇଁ ସେ ନିଜ ଶରୀରକୁ କଷ୍ଟ ଦେଇ ବଶରେ ଦାସ କରି ରଖିଥିଲେ (୧ କରିନ୍ଥୀୟ ୯:୨୫-୨୭) । ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏହି ଆତ୍ମିକ ଶୃଙ୍ଖଳା ଆବଶ୍ୟକ କରନ୍ତି ।

୮. **ମୁଁ ବାଧ୍ୟତାର ଜୀବନ ଯାପନ କରୁଛି କି?** ପ୍ରେରିତ ଯୋହନଙ୍କ ପରାମର୍ଶ ହେଉଛି "ଜ୍ୟୋତିରେ ଆଚରଣ କର" (୧ ଯୋହନ ୧:୭) । କାରଣ ସ୍ୱର୍ଗଗାମୀ ରାସ୍ତାରେ ଅନେକ ଫାନ୍ଦ, ଝୁଣ୍ଟିପଡ଼ିବା ପଥର, ଓ ବିପଦପୂର୍ଣ୍ଣ ସ୍ଥାନ ଅଛି, ଆମେ ସର୍ବଦା ଈଶ୍ୱରଙ୍କ ବାକ୍ୟର ଆଲୋକରେ (ଗୀତସଂହିତା ୧୧୯:୧୦୫) ଓ ପବିତ୍ର ଆତ୍ମାଙ୍କ ଉପସ୍ଥିତିରେ (ଯୋହନ ୧୪:୨୬) ଚାଲିବାକୁ ହେବ । ଆଜ୍ଞା ପାଳନକାରୀଙ୍କ ପାଇଁ ପ୍ରତିଜ୍ଞା ରହିଛି ଯେ ଯୀଶୁଙ୍କ ରକ୍ତ ଆମକୁ ପରିଷ୍କାର କରେ । ଯେଉଁମାନେ ଆଲୋକର ପଥକୁ ଫେରିବାକୁ ମନା କରନ୍ତି ଓ ଅନ୍ଧକାରରେ ଚାଲନ୍ତି ତାହା ସେମାନଙ୍କ ଝୁଣ୍ଟିବା ଓ ପଡ଼ିବାର କାରଣ ହୋଇଥାଏ ଏବଂ ଶେଷରେ ମୃତ୍ୟୁ ଘଟାଇଥାଏ ।

► ବିଶ୍ୱାସର ସ୍ୱୀକାରୋକ୍ତି ଅନ୍ତତଃ ଦୁଇଥର ଏକାଠି ପାଠ କରନ୍ତୁ ।

## ବିଶ୍ୱାସର ସ୍ୱୀକାରୋକ୍ତି

ବିଜୟୀ ଖ୍ରୀଷ୍ଟୀୟ ଜୀବନ ଯାପନ କରିବା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ଏକ ସୌଭାଗ୍ୟ ଓ କର୍ତ୍ତବ୍ୟ ଅଟେ । ଖ୍ରୀଷ୍ଟଙ୍କ ସହିତ ସମ୍ପର୍କ ହେତୁ ବିଶ୍ୱାସୀ ଜୀବନ ପାଏ । ଯେଉଁ ବିଶ୍ୱାସୀ ଈଶ୍ୱରଙ୍କ ଇଚ୍ଛାକୁ ପ୍ରତ୍ୟାଖ୍ୟାନ କରେ ଓ ପାପ ପ୍ରତି ଫେରେ ସେ ତା'ର ବିଶ୍ୱାସକୁ ଦୁର୍ବଳ ଓ ନଷ୍ଟ କରିଦିଏ, ଯାହା (ବିଶ୍ୱାସ) ଈଶ୍ୱରଙ୍କ ସହିତ ଆମର ସଂଯୋଗ କରିଥାଏ । ଈଶ୍ୱର ସମର୍ଥକାରୀ ଅନୁଗ୍ରହ ପ୍ରଦାନ କରନ୍ତି, ତେଣୁ ବିଶ୍ୱାସୀ ପ୍ରତ୍ୟେକ ପ୍ରଲୋଭନ ଉପରେ ବିଜୟୀ ହୋଇପାରେ ।

## ପାଠ ୯ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ମାଥିଉ ୧୩:୧୮-୨୩
- ଏବ୍ରୀ ୧୦:୨୩-୩୯
- ଯାକୁବ ୧:୨୧-୨୭
- ୨ପିତର ୧:୧-୧୧
- ପ୍ରକାଶିତ ବାକ୍ୟ ୩:୧୪-୨୨

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୯ର ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ତୁମର ଶ୍ରେଣୀ ବାହାର ଶିକ୍ଷାଦାନ ସମୟ ନିର୍ଘଣ୍ଟକୁ ମନେ ରଖି ଓ ଶିକ୍ଷାଦାନ ସମାପ୍ତ କଲା ପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୯ ପରୀକ୍ଷା

(୧) ୧ଯୋହନର ଅନ୍ୟତମ ମୁଖ୍ୟ ପ୍ରସଙ୍ଗ କ'ଣ?

(୨) ଜଣେ ବିଶ୍ୱାସୀର କେଉଁ ଗୁଣକୁ ୧ଯୋହନରେ ଗୁରୁତ୍ୱ ଦିଆଯାଏ?

(୩) ୧କରିନ୍ଥୀୟ ୧୦:୧୩ରୁ ଆମେ କେଉଁ ଚାରୋଟି ବିଷୟ ଜାଣୁ?

(୪) ଜଣେ ବିଶ୍ୱାସୀ କିପରି ଖ୍ରୀଷ୍ଟଙ୍କଠାରେ ସର୍ବଦା ରହିବ?

(୫) ଖ୍ରୀଷ୍ଟଙ୍କ ସହିତ ଆମେ କିପରି ଏକ ଉଦ୍ଧାରକାରୀ ସମ୍ପର୍କ ବଜାୟ ରଖିବା?

# ପାଠ ୧୦

# ପବିତ୍ର ଆତ୍ମା

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- କେଉଁସବୁ ବୈଶିଷ୍ଟ୍ୟ ଦର୍ଶାଏ ଯେ ପବିତ୍ର ଆତ୍ମା ଜଣେ ବ୍ୟକ୍ତି ଅଟନ୍ତି ।
- ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ଓ ଈଶ୍ୱରତ୍ୱ ସମ୍ବନ୍ଧୀୟ ବାଇବଲ ପ୍ରମାଣ ।
- ପବିତ୍ର ଆତ୍ମାଙ୍କର ବ୍ୟକ୍ତିତ୍ୱ ଓ ଈଶ୍ୱରତ୍ୱ କାହିଁକି ଅତ୍ୟାବଶ୍ୟକ ଶିକ୍ଷା ଅଟେ ।
- ପବିତ୍ର ଆତ୍ମାଙ୍କ ଐତିହାସିକ ଓ ସାମ୍ପ୍ରତିକ କାର୍ଯ୍ୟ ।
- ପବିତ୍ର ଆତ୍ମାଙ୍କ ସହିତ ବିଶ୍ୱାସୀର ସମ୍ପର୍କର ବ୍ୟାବହାରିକ ଦୃଷ୍ଟିକୋଣସବୁ ।
- ପବିତ୍ର ଆତ୍ମାଙ୍କ ସମ୍ବନ୍ଧରେ ଖ୍ରୀଷ୍ଟୀୟ ବିଶ୍ୱାସର ଏକ ସ୍ୱୀକାରୋକ୍ତି ।

(୨) ଛାତ୍ରମାନେ ଆତ୍ମାଙ୍କର ଦାନସକଳ ବିଷୟରେ କେତେକ ନୀତିର ପ୍ରୟୋଗ କରିେବେ ।

## ଉପକ୍ରମ

► ଗୀତସଂହିତା ୧୩୯ ଏକତ୍ର ପଢ଼ନ୍ତୁ । ଈଶ୍ୱରଙ୍କ ଆତ୍ମାଙ୍କ ବିଷୟରେ ଏହି ଶାସ୍ତ୍ରାଂଶ କ'ଣ କହେ?

କେତେକ ଲୋକେ ଭାବନ୍ତି ଯେ ପବିତ୍ର ଆତ୍ମା ଏପରି କିଛି ବିଷୟ ଯାହା ସେମାନଙ୍କ ଭାବପ୍ରବଣତାକୁ ଆଲୋଡ଼ିତ କରେ, ଏକ ଶକ୍ତି ଯାହାକୁ ସେମାନେ ବ୍ୟବହାର କରିବାକୁ ଚେଷ୍ଟା କରନ୍ତି, ଏକ ବ୍ୟକ୍ତିତ୍ୱଶୂନ୍ୟ ଶକ୍ତି, ବା ସରଳଭାବରେ କହିଲେ ଏକ ଉପସ୍ଥିତି । ଉଦାହରଣ ସ୍ୱରୂପ, ଯିହୋବାଙ୍କ ସାକ୍ଷୀମାନଙ୍କ ମତରେ, "ପବିତ୍ର ଆତ୍ମା ଜଣେ ବ୍ୟକ୍ତି ନୁହନ୍ତି, ଏବଂ ସେତ୍ରି-ଏକ ଈଶ୍ୱରଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ନୁହନ୍ତି । ପବିତ୍ର ଆତ୍ମା ଈଶ୍ୱରଙ୍କ ସକ୍ରିୟ ଶକ୍ତି ଯାହାଙ୍କୁ ସେ ତାହାଙ୍କ ଇଚ୍ଛା ସାଧନ ପାଇଁ ବ୍ୟବହାର କରନ୍ତି....ଏହା କିଛି ପରିମାଣରେ ବିଦୁ୍ୟତ୍ ଶକ୍ତି ସହିତ ତୁଳନୀୟ" ।□□

► ପବିତ୍ର ଆତ୍ମାଙ୍କ ସମ୍ବନ୍ଧରେ ଯିହୋବା ସାକ୍ଷୀମାନଙ୍କ ଧାରଣାରେ କେଉଁଠି ଭୁଲ ରହିଛି?

---

□□ *Should You Believe in the Trinity?* (New York: The Watchtower Bible and Tract Society, ୧୯୮୯)

ଯିହୋବାଙ୍କ ସାକ୍ଷୀମାନେ ପବିତ୍ର ଆତ୍ମାଙ୍କୁ ଏକ ବ୍ୟକ୍ତିତ୍ୱଶୂନ୍ୟ ଶକ୍ତି ଭାବରେ ଦେଖନ୍ତି । ଯେହେତୁ ସେମାନେ ବାଇବଲର ଈଶ୍ୱରଙ୍କ ବିଷୟରେ ବୁଝନ୍ତି ନାହିଁ, ସେମାନେ ତାହାଙ୍କ ସହିତ ଯଥାର୍ଥ ସମ୍ପର୍କ ରକ୍ଷା କରି ପାରିବେ ନାହିଁ ।

"ଆମେମାନେ ପବିତ୍ର ଆତ୍ମାଙ୍କଠାରେ ବିଶ୍ୱାସ କରୁ ଯେ କି ବ୍ୟବସ୍ଥା ମାଧ୍ୟମରେ କଥା କହିଥିଲେ, ଓ ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ଶିକ୍ଷା ଦେଇଥିଲେ ଏବଂ ଯର୍ଦ୍ଦନରେ ଅବତରଣ କରିଥିଲେ, ପ୍ରେରିତମାନଙ୍କ ଦ୍ୱାରା କଥା କହିଥିଲେ, ଓ ସାଧୁମାନଙ୍କଠାରେ ବାସ କରନ୍ତି; ତେଣୁ ଆମେ ତାଙ୍କଠାରେ ବିଶ୍ୱାସ କରୁ; ସେ ଅଟନ୍ତି ପବିତ୍ରଆତ୍ମା, ଈଶ୍ୱରଙ୍କ ଆତ୍ମା, ସିଦ୍ଧ ଆତ୍ମା, ସାହାଯ୍ୟକାରୀ, ଅସ୍ପୃଷ୍ଟ, ପିତାଙ୍କଠାରୁ ବହିର୍ଗତ ହୁଅନ୍ତି ଓ ପୁତ୍ରଙ୍କୁ ଦତ୍ତ ହୋଇଅଛନ୍ତି, ଯାହାଙ୍କଠାରେ ଆମେ ବିଶ୍ୱାସକରୁ" ।
-ଏପିଫାନିଅସ୍ ବିଶ୍ୱାସମତ, ଖ୍ରୀଷ୍ଟାବ୍ଦ ୩୭୪

ପବିତ୍ର ଆତ୍ମାଙ୍କ ବିଷୟରେ ସବୁକିଛି ବୁଝିବା ଆମେ ଆଶା କରି ନ ପାରୁ । ଯୀଶୁ କହନ୍ତି ଯେ ଆତ୍ମାଙ୍କ କାର୍ଯ୍ୟ ବାୟୁ ସଦୃଶ; ଆପଣ ତା'ର ଶବ୍ଦ ଶୁଣନ୍ତି, କିନ୍ତୁ ତାହା କେଉଁଠାରୁ ଆସେ ପୁଣି କେଉଁଠାକୁ ଯାଏ, ତାହା ଜାଣନ୍ତି ନାହିଁ (ଯୋହନ ୩:୮) । କିନ୍ତୁ ପବିତ୍ର ଆତ୍ମାଙ୍କ ବିଷୟରେ ଆମେ ଅନେକ କିଛି ଜାଣି ପାରିବା, ଏବଂ ଈଶ୍ୱରଙ୍କ ସହିତ ଆମର ସମ୍ପର୍କରେ ସେସବୁ ଗୁରୁତ୍ୱପୂର୍ଣ୍ଣ ।

ପବିତ୍ର ଆତ୍ମା ଓ ମଣ୍ଡଳୀ ମଧ୍ୟରେ ଯେଉଁସବୁ ପାରସ୍ପରିକ କ୍ରିୟା ହୋଇଥିଲା ତା'ର ବର୍ଣ୍ଣନାସବୁ ଧର୍ମଶାସ୍ତ୍ରରେ ପ୍ରେରିତ ପୁସ୍ତକରେ ରହିଛି । ସେଠାରେ ଆମେ ଏକ ଆଦର୍ଶ ଦେଖୁ କିପରି ପ୍ରାରମ୍ଭାବସ୍ଥାରେ ମଣ୍ଡଳୀ ପବିତ୍ର ଆତ୍ମାଙ୍କ ପ୍ରତି ଉତ୍ତର ଦେଇଥିଲା ।

୧. ପବିତ୍ର ଆତ୍ମାଙ୍କ ଈଶ୍ୱରତ୍ୱକୁ ସେମାନେ ସମ୍ମାନିତ କରିଥିଲେ (ପ୍ରେରିତ ୫:୩-୪ ପଢ଼ନ୍ତୁ) ।

୨. ସେମାନେ ପବିତ୍ର ଆତ୍ମାଙ୍କ ଉପସ୍ଥିତି, ମାର୍ଗଦର୍ଶନ ଓ କାର୍ଯ୍ୟକଳାପ ବିଷୟରେ ସଚେତନ ଥିଲେ (ପ୍ରେରିତ ୧୫:୨୮ ପଢ଼ନ୍ତୁ) ।

୩. ସେମାନେ ପବିତ୍ର ଆତ୍ମାଙ୍କ ଉପରେ ସେମାନଙ୍କର ନିର୍ଭରଶୀଳତାକୁ ଓ ତାହାଙ୍କୁ ଉତ୍ତର ଦେବା ଯେ ସେମାନଙ୍କର ଦାୟିତ୍ୱ ଅଟେ ଏହା ହୃଦୟଙ୍ଗମ କରିଥିଲେ (ପ୍ରେରିତ ୪:୨୪, ୩୧ ପଢ଼ନ୍ତୁ) ।

"ମୁଁ ପବିତ୍ର ଆତ୍ମାଙ୍କଠାରେ ବିଶ୍ୱାସ କରେ ଯେ କି ପ୍ରଭୁ ଓ ଜୀବନଦାତା ଅଟନ୍ତି, ସେ ପିତା ଓ ପୁତ୍ରଙ୍କଠାରୁ ବହିର୍ଗତ ହୁଅନ୍ତି; ସେ ପିତା ଓ ପୁତ୍ରଙ୍କ ସହିତ ଏକାଠି ଉପାସିତ ଓ ଗୌରବପ୍ରାପ୍ତ ହୁଅନ୍ତି; ସେ ଭାବବାଦୀମାନଙ୍କ ଦ୍ୱାରା କଥା କହିଥିଲେ" ।
-ନାଇସିନ୍ ବିଶ୍ୱାସମତ, ଖ୍ରୀଷ୍ଟାବ୍ଦ ୩୨୫

ପବିତ୍ରଆତ୍ମାଙ୍କ ସଙ୍ଗେ ସେପ୍ରକାର ସମ୍ପର୍କ ରଖିବାକୁ ହେଲେ, ଆମେ ହୃଦୟଙ୍ଗମ କରିବାକୁ ହେବ ଯେ ସେ ଜଣେ ବ୍ୟକ୍ତି ଓ ଈଶ୍ୱର ଅଟନ୍ତି ।

## ପବିତ୍ର ଆତ୍ମା ଜଣେ ବ୍ୟକ୍ତି ଅଟନ୍ତି

ପବିତ୍ର ଆତ୍ମାଙ୍କର ଯୀଶୁଙ୍କ ପରି ଶରୀରଧାରୀ ନୁହନ୍ତି, କିନ୍ତୁ ସେ ଜଣେ ବ୍ୟକ୍ତି ଅଟନ୍ତି । ଜଣେ ପ୍ରକୃତ ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱର ଗୁଣ ଅଛି, ଯେଉଁଥିରେ ମନ, ଇଚ୍ଛା ଓ ଭାବପ୍ରବଣତା ଅନ୍ତର୍ଭୁକ୍ତ । ପବିତ୍ର ଆତ୍ମାଙ୍କର ଇଚ୍ଛା ଅଛି କି? ସେ ଆପଣା ଇଚ୍ଛାନୁସାରେ ଖ୍ରୀଷ୍ଟିୟାନମାନଙ୍କୁ ଆତ୍ମିକ ଦାନସବୁ ବିତରଣ କରିଥାନ୍ତି (୧କରିନ୍ଥୀୟ ୧୨:୧୧) । ପବିତ୍ର ଆତ୍ମାଙ୍କର ମନ ଅଛି କି? ସେ ସମସ୍ତ ବିଷୟ ହିଁ, ଈଶ୍ୱରଙ୍କ ଗଭୀର ବିଷୟସବୁ ଅନୁସନ୍ଧାନ କରନ୍ତି ଓ ସେସବୁକୁ ଜାଣନ୍ତି (୧କରିନ୍ଥୀୟ ୨:୧୦) । ପବିତ୍ର ଆତ୍ମାଙ୍କର ଭାବପ୍ରବଣତା ଅଛି କି? ପବିତ୍ର ଆତ୍ମାଙ୍କୁ ଦୁଃଖ ନ ଦେବାକୁ ଆମକୁ କୁହାଯାଇଛି (ଏଫିସୀୟ ୪:୩୦) । ଯଦି ପବିତ୍ର ଆତ୍ମା ଦୁଃଖିତ ହୋଇପାରନ୍ତି, ତେବେ ତାଙ୍କର ଭାବପ୍ରବଣତା ଅଛି । ଯେହେତୁ ପବିତ୍ର ଆତ୍ମାଙ୍କର ମନ, ଇଚ୍ଛା ଓ ଭାବପ୍ରବଣତା ଅଛି ଆମେ ଜାଣୁ ଯେ ସେ ଜଣେ ବ୍ୟକ୍ତି ଅଟନ୍ତି ।

► ପବିତ୍ର ଆତ୍ମା ଜଣେ ବ୍ୟକ୍ତି ବୋଲି ଜାଣିବା ଆମ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ?

ଅନ୍ୟମାନଙ୍କ ସହିତ ସମ୍ପର୍କ ରଖିବାକୁ ଜଣେ ବ୍ୟକ୍ତିର ସାମର୍ଥ୍ୟ ଅଛି । ପବିତ୍ର ଆତ୍ମା ଯଦି ବ୍ୟକ୍ତିତ୍ୱଶୂନ୍ୟ ଶକ୍ତି ହୋଇଥାନ୍ତେ ଆମେ ତାଙ୍କ ସଙ୍ଗେ ସମ୍ପର୍କରକ୍ଷା କରି ପାରି ନ ଥାଆନ୍ତେ । କିନ୍ତୁ ଫିଲିପ୍ପୀୟ ୨:୧ ଓ ୨କରିନ୍ଥୀୟ ୧୩:୧୩ ଅନୁସାରେ ଆତ୍ମା ଆମ ସଙ୍ଗେ ସହଭାଗିତା ରକ୍ଷା କରିପାରନ୍ତି, ତେଣୁ ସେ ନିଶ୍ଚିତରୂପେ ଜଣେ ବ୍ୟକ୍ତି ଅଟନ୍ତି ।

*ଶ୍ରେଣୀ ନେତାଙ୍କୁ ଟିପ୍ପଣୀ: ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱର ଅଧିକ ବାଇବଲ ପ୍ରମାଣ ପାଇଁ, ଏହି ପାଠର ଶେଷ ଭାଗରେ ଥିବା "ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ପାଇଁ ବାଇବଲ ପ୍ରମାଣ" ଶୀର୍ଷକ ବିଭାଗ ଦେଖନ୍ତୁ ।*

## ପବିତ୍ର ଆତ୍ମା ଈଶ୍ୱର ଅଟନ୍ତି

ପବିତ୍ର ଆତ୍ମା ସର୍ବଜ୍ଞ, ସର୍ବଦର୍ଶୀ, ସର୍ବବ୍ୟାପୀ ଈଶ୍ୱର ଅଟନ୍ତି । ହନନିୟ ଓ ଶଫୀରାଙ୍କ କାହାଣୀ ମନେ ପକାନ୍ତୁ । ହନନିୟ ପ୍ରାଣତ୍ୟାଗ କରିବା ପୂର୍ବରୁ, ପିତର ତାଙ୍କୁ କହିଲେ, "ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିବାକୁ କାହିଁକି ଶୟତାନ ତୁମ୍ଭ ହୃଦୟ ସମ୍ପୂର୍ଣ୍ଣ ଅଧିକାର କରିଅଛି?.... ତୁମ୍ଭେ ଯେ ମନୁଷ୍ୟ ନିକଟରେ ମିଥ୍ୟା କହିଲ, ତାହା ନୁହେଁ, ମାତ୍ର ଈଶ୍ୱରଙ୍କ ନିକଟରେ ମିଥ୍ୟା କହିଲ (ପ୍ରେରିତ ୫:୩-୪) । ଏଥିରୁ ଆମେ ଦେଖୁ ଯେ ପବିତ୍ର ଆତ୍ମାଙ୍କୁ ମିଥ୍ୟା କହିବାର ଅର୍ଥ ଈଶ୍ୱରଙ୍କୁ ମିଥ୍ୟା କହିବା ସହିତ ସମାନ; ଅତଏବ, ପବିତ୍ର ଆତ୍ମା ଈଶ୍ୱର ଅଟନ୍ତି ।

**ପବିତ୍ର ଆତ୍ମା ସମସ୍ତ ଜାଣନ୍ତି ।** ୧କରିନ୍ଥୀୟ ୨:୧୦-୧୧ରେ ଆମେ ଦେଖୁ ଯେ ସେ ଈଶ୍ୱରଙ୍କର ସମସ୍ତ ବିଷୟ ଜାଣନ୍ତି । ସେ ଭବିଷ୍ୟବାଣୀ ସମେତ ପୁରାତନ ନିୟମ ଧର୍ମଶାସ୍ତ୍ରକୁ ଅନୁପ୍ରାଣିତ କରିଥିଲେ ଯାହା ସମସ୍ତ ଜ୍ଞାନ ଆବଶ୍ୟକ କରେ (୨ପିତର ୧:୨୧) । ଧର୍ମଶାସ୍ତ୍ର ସମସ୍ତ ଈଶ୍ୱର ନିଶ୍ୱସିତ (୨ତୀମଥି ୩:୧୬), ତେଣୁ ପବିତ୍ର ଆତ୍ମା ଈଶ୍ୱର ଅଟନ୍ତି ।

**ପବିତ୍ର ଆତ୍ମା ସବୁଠାରେ ଉପସ୍ଥିତ** । ଗୀତସଂହିତା ୧୩୯:୭-୧୦ କୁହେ ଯେ ଈଶ୍ୱରଙ୍କ ଆତ୍ମାଙ୍କ ଉପସ୍ଥିତିରୁ ଜଣେ ବ୍ୟକ୍ତି ଲୁଚି ରହିପାରିବ ନାହିଁ । ସେ ପ୍ରତ୍ୟେକ ବିଶ୍ୱାସୀଙ୍କ ସହିତ ଉପସ୍ଥିତ, କାରଣ ବାଇବଲ କହେ ଯେ ଯଦି କେହି ଖ୍ରୀଷ୍ଟଙ୍କ ଆତ୍ମା ପାଇ ନ ଥାଏ, ତେବେ ସେ ତାହାଙ୍କର ନୁହେଁ (ରୋମୀୟ ୮:୯) । ପୂର୍ବାପର ସଙ୍ଗତି ଦର୍ଶାଏ ଯେ ଖ୍ରୀଷ୍ଟଙ୍କ ଆତ୍ମା ହିଁ ପବିତ୍ର ଆତ୍ମା ଅଟନ୍ତି ।

**ପବିତ୍ର ଆତ୍ମା ସର୍ବଶକ୍ତିମାନ** । ସେ ଯେଉଁସବୁ କାର୍ଯ୍ୟ କରନ୍ତି ତାହା ଈଶ୍ୱର ହିଁ କରିପାରନ୍ତି । ସେ ପାପ, ଧାର୍ମିକତା ଓ ବିଚାର ବିଷୟରେ ଜଗତକୁ ପ୍ରମାଣ ଦିଅନ୍ତି (ଯୋହନ ୧୬:୮) । ତାହା କରିବା ପାଇଁ, ତାଙ୍କୁ ପ୍ରତ୍ୟେକ ବ୍ୟକ୍ତିର ବିବେକରେ ପ୍ରବେଶ କରିବାକୁ ହେବ ଓ ସେମାନଙ୍କ ମନରେ କେତେକ ସତ୍ୟ ବୁଝାଇବାରେ ସକ୍ଷମ ହେବାକୁ ହେବ । ସେ ମଧ୍ୟ ପ୍ରତ୍ୟେକ ବିଶ୍ୱାସୀଙ୍କୁ ଆନ୍ତରିକ ଶକ୍ତି ପ୍ରଦାନ କରିପାରନ୍ତି (ଏଫିସୀୟ ୩:୧୬ ପଢ଼ନ୍ତୁ) । ଆତ୍ମା, ଜଗତର ପ୍ରତ୍ୟେକ ସ୍ଥାନରେ, ପ୍ରତ୍ୟେକ ବିଶ୍ୱାସୀଙ୍କ ଜୀବନରେ ଆତ୍ମିକ ଫଳ ଉତ୍ପନ୍ନ କରନ୍ତି (ଗାଲାତୀୟ ୫:୨୨-୨୩ ପଢ଼ନ୍ତୁ) । କେବଳ ଐଶ୍ୱରିକ ଶକ୍ତି ହିଁ ଏହା କରିପାରେ, ଅନ୍ୟ କିଛି ନୁହେଁ ।

ଲୂକ ୧୨:୧୦ରେ କୁହାଯାଏ ଯେ **ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ ନିନ୍ଦାକଥା କହିବା ସମ୍ଭବ** । କେବଳ ଈଶ୍ୱରଙ୍କୁ ନିନ୍ଦା କରାଯାଇପାରିବ, ତେଣୁ ପବିତ୍ର ଆତ୍ମା ନିଶ୍ଚିତ ଭାବରେ ଈଶ୍ୱର ଅଟନ୍ତି ।

**ପବିତ୍ର ଆତ୍ମା ଅନନ୍ତ** (ଏବ୍ରୀ ୯:୧୪) ।

ଆମମାନଙ୍କ ଶରୀରକୁ ଈଶ୍ୱରଙ୍କ ମନ୍ଦିର କୁହାଯାଏ, କାରଣ ଈଶ୍ୱରଙ୍କ ଆତ୍ମା ଆମମାନଙ୍କ ଅନ୍ତରରେ ବାସ କରନ୍ତି (୧ କରିନ୍ଥୀୟ ୩:୧୬) ।

ବାଇବଲ ପ୍ରମାଣରୁ, ଆମେ ଜାଣୁ ଯେ ପବିତ୍ର ଆତ୍ମା ସ୍ୱୟଂ ଈଶ୍ୱର ଅଟନ୍ତି, ଯେ କି ତ୍ରି-ଏକ ଈଶ୍ୱରଙ୍କ ତୃତୀୟ ବ୍ୟକ୍ତି ।

► ପବିତ୍ର ଆତ୍ମାଙ୍କ ଈଶ୍ୱରତ୍ୱକୁ ବିଶ୍ୱାସ କରିବା ଆମ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ?

ପବିତ୍ର ଆତ୍ମାଙ୍କ ଈଶ୍ୱରତ୍ୱ ଉପରେ ବିଶ୍ୱାସ କରିବା ଜରୁରୀ ଅଟେ ଯଦ୍ଦ୍ୱାରା ଆପଣ ତାଙ୍କୁ ତାଙ୍କର ପ୍ରାପ୍ୟ ଗୌରବ ଓ ସମ୍ଭ୍ରମ ଦେଇ ପାରିବେ । ପବିତ୍ର ଆତ୍ମାଙ୍କୁ ଉପାସନା କରିବାରେ ବିଫଳ ହେବା ଏକ ଗମ୍ଭୀର ବିଷୟ ହେବ ।

## ପବିତ୍ର ଆତ୍ମା ପିତା ଓ ପୁତ୍ରଙ୍କଠାରୁ ଭିନ୍ନ ଅଟନ୍ତି

ପବିତ୍ର ଆତ୍ମା ପିତା ଓ ପୁତ୍ରଙ୍କଠାରୁ ଅଲଗା ବୋଲି କହିବାର ଅର୍ଥ ଏହା ନୁହେଁ ଯେ ସେମାନେ ମନୁଷ୍ୟମାନଙ୍କ ପରି ସମାନ ଅର୍ଥରେ ଭିନ୍ନ ଭିନ୍ନ ବ୍ୟକ୍ତି ଅଟନ୍ତି । ତ୍ରି-ଏକ ଈଶ୍ୱରଙ୍କ ସଦସ୍ୟଗଣ ପରସ୍ପର ମଧ୍ୟରେ ବାସ କରନ୍ତି ଏବଂ ସେମାନେ ସମସ୍ତେ

ଏକ ଈଶ୍ୱର ଅଟନ୍ତି, କିନ୍ତୁ ପରସ୍ପର ସହ କଥା ହେବା, ପରସ୍ପରକୁ ପ୍ରେମ କରିବା ଏବଂ ପରସ୍ପର ସହିତ ଓ ଆମ ସହିତ ପ୍ରକୃତ ବ୍ୟକ୍ତିଗତ ସମ୍ପର୍କ ରଖିବା କ୍ଷେତ୍ରରେ ସେମାନେ ଯଥେଷ୍ଟ ଭିନ୍ନ ଅଟନ୍ତି ।

ଧର୍ମଶାସ୍ତ୍ରରେ ତ୍ରି-ଏକ ଈଶ୍ୱରଙ୍କ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ପାର୍ଥକ୍ୟ ଥିବା ବିଷୟରେ କୁହାଯାଏ । ଉଦାହରଣ ସ୍ୱରୂପ, ଯୋହନ ୧୪-୧୬ ଅଧ୍ୟାୟରେ ଯୀଶୁ ବାରମ୍ବାର କହନ୍ତି ଯେ ସେ ପିତାଙ୍କ ନିକଟକୁ ଫେରିଯିବା ପରେ ଜଣେ ସାହାଯ୍ୟକାରୀଙ୍କୁ ପଠାଇବେ (ଯୋହନ ୧୪:୧୬-୧୭, ୨୬; ୧୫:୨୬; ୧୬:୭, ୧୩-୧୫ ପଢ଼ନ୍ତୁ) । ଏହି ସାହାଯ୍ୟକାରୀ ଜଣକ ଶିଷ୍ୟମାନଙ୍କୁ ମାର୍ଗଦର୍ଶନ କହିବେ ଓ ସେମାନଙ୍କୁ ଶିକ୍ଷା ଦେବେ । ଯଦି ଯୀଶୁ ଏବଂ ପବିତ୍ର ଆତ୍ମା ସମାନ ବ୍ୟକ୍ତି ହୋଇଥାନ୍ତେ, ତେବେ ଅନ୍ୟ ଜଣେ ସାହାଯ୍ୟକାରୀ ଭାବରେ ଯୀଶୁ ପବିତ୍ର ଆତ୍ମାଙ୍କୁ ସୂଚିତ କରିବାର କୌଣସି ଅର୍ଥ ହୁଅନ୍ତା ନାହିଁ । ନିଶ୍ଚିତରୂପେ ଯୀଶୁ ନିଜଠାରୁ ଭିନ୍ନ ଅନ୍ୟ ଜଣେ ବ୍ୟକ୍ତିଙ୍କ ବିଷୟରେ କହୁଥିଲେ ।

ଯୀଶୁ କହିଲେ ଯେ ପବିତ୍ର ଆତ୍ମା ଆପଣାଠାରୁ କଥା କହିବେ ନାହିଁ କିନ୍ତୁ ଖ୍ରୀଷ୍ଟଙ୍କ ବିଷୟ ଘେନି ଜଣାଇବେ, ଅର୍ଥାତ୍ ଖ୍ରୀଷ୍ଟ ଯାହା ପିତାଙ୍କଠାରୁ ପ୍ରାପ୍ତ ହୋଇଥାନ୍ତି (ଯୋହନ ୧୬:୧୩-୧୫) । ଯଦି ଯୀଶୁ ଓ ପିତା ପବିତ୍ର ଆତ୍ମାଙ୍କ ସଙ୍ଗେ ସମାନ ବ୍ୟକ୍ତି ହୋଇଥାଆନ୍ତେ, ଏହି ଉକ୍ତିର କୌଣସି ଅର୍ଥ ରହନ୍ତା ନାହିଁ ।

ଯୀଶୁଙ୍କ ବାପ୍ତିସ୍ମ ଗ୍ରହଣ ସମୟରେ ଆକାଶରୁ ଏହି ବାଣୀ ହେଲା, "ତୁମ୍ଭେ ଆମ୍ଭର ପ୍ରିୟ ପୁତ୍ର", ଏବଂ ପବିତ୍ର ଆତ୍ମା କପୋତ ପରି, ଯୀଶୁଙ୍କ ଉପରେ ଅବତରଣ କଲେ (ମାର୍କ ୧:୧୦-୧୧) । ତ୍ରି-ଏକ ଈଶ୍ୱରଙ୍କ ସମସ୍ତ ତିନି ସଦସ୍ୟ, ଯେଉଁମାନେ ପରସ୍ପରଠାରୁ ଭିନ୍ନ, ସାମିଲ ଥିବା ଏଠାରେ ଆମେ ଦେଖୁ ।

ଜଣେ ଭିନ୍ନ ସଦସ୍ୟ ଭାବରେ, ପବିତ୍ର ଆତ୍ମା, ଅନାଦି କାଳରୁ ପିତା ଓ ପୁତ୍ରଙ୍କ ସହିତ ପ୍ରେମ ସମ୍ପର୍କରେ ରହି ଆସିଛନ୍ତି । ଈଶ୍ୱର ଆମମାନଙ୍କୁ ସେହି ସମ୍ପର୍କରେ ଅଂଶୀ ହେବା ପାଇଁ ସୃଷ୍ଟି କରିଅଛନ୍ତି । ଈଶ୍ୱର ଚାହାନ୍ତି ଯେ ଆମେ ତାହାଙ୍କ ସହିତ ସହଭାଗିତାରେ ରହିବା (୧ଯୋହନ ୧:୩-୪), ଯେପ୍ରକାରେ ତ୍ରି-ଏକ ଈଶ୍ୱରଙ୍କର ପ୍ରତ୍ୟେକ ସଦସ୍ୟ ଅନାଦି କାଳରୁ ପରସ୍ପର ସହିତ ସହଭାଗିତାରେ ଅଛନ୍ତି (ଯୋହନ ୧୭:୨୨-୨୩ ପଢ଼ନ୍ତୁ) ।

## ପବିତ୍ର ଆତ୍ମା ସକ୍ରିୟ ଅଟନ୍ତି

ସୃଷ୍ଟି ସମୟରୁ, ପବିତ୍ର ଆତ୍ମା ଜଗତରେ ସକ୍ରିୟ ଅଟନ୍ତି । ସୃଷ୍ଟି ସମୟରେ ସେ ଉପସ୍ଥିତ ଥିଲେ ଓ ସମ୍ପୃକ୍ତ ଥିଲେ (ଆଦିପୁସ୍ତକ ୧:୨, ୨୬) । ଯେଉଁମାନଙ୍କୁ ବିଶେଷ କାର୍ଯ୍ୟ ନିମନ୍ତେ ଆହ୍ୱାନ କରାଯାଇଥିଲା ସେ ସେମାନଙ୍କୁ ବିଶେଷ ଦକ୍ଷତା ପ୍ରଦାନ କରିଥିଲେ (ଯାତ୍ରାପୁସ୍ତକ ୩୫:୩୦-୩୧; ବିଚାରକର୍ତ୍ତା ୩:୯-୧୦; ବିଚାରକର୍ତ୍ତା ୧୫:୧୪-୧୫) । ସେ ଭବିଷ୍ୟଦ୍‌ବକ୍ତାମାନଙ୍କୁ ବାର୍ତ୍ତା ଦେଉଥିଲେ (ଯିଶାଇୟ ୬୧:୧) । ସେ ଧର୍ମଶାସ୍ତ୍ରର ଲେଖକମାନଙ୍କୁ ଅନୁପ୍ରାଣିତ କରିଥିଲେ (୨ପିତର ୧:୨୧) । ସେ

ସର୍ବଦା ଲୋକମାନଙ୍କ ହୃଦୟରେ କାର୍ଯ୍ୟ କରି ସେମାନଙ୍କୁ ଈଶ୍ୱରଙ୍କ ପ୍ରତି ଫେରାଇ ଆଣିବା ଦିଗରେ ଚେଷ୍ଟା କରିଥାନ୍ତି (ପ୍ରେରିତ ୭:୫୧) ।

ତାଙ୍କୁ ଜୀବନଦାୟକ ଆତ୍ମା କୁହାଯାଏ (ରୋମୀୟ ୮:୨ ପଢ଼ନ୍ତୁ) । ସେ ସେହି ଆତ୍ମା ଯିଏ ଆମକୁ ସୃଷ୍ଟି କଲେ ଓ ଜୀବନ ଦେଲେ । ଯଦି ସେ ଜଗତରୁ ଦୂରେଇ ଯାଆନ୍ତି, ତେବେ ସମସ୍ତ ଜୀବନ ଚାଲିଯିବ, ଓ ମନୁଷ୍ୟ ପୁନର୍ବାର ଧୂଳିରେ ମିଶିଯିବ (ଆୟୁବ ୩୩:୪; ୩୪:୧୪-୧୫) ।

ନୂତନ ନିୟମ ପବିତ୍ର ଆତ୍ମାଙ୍କ କାର୍ଯ୍ୟର ଏକ ନୂତନ ଦିଗ ଉପସ୍ଥାପନ କଲା । ବାପ୍ତିଜକ ଯୋହନ କହିଲେ ଯେ ଯୀଶୁ ଲୋକମାନଙ୍କୁ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦେବେ (ମାଥିଉ ୩:୧୧) । ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ପିତାଙ୍କର ପ୍ରତିଜ୍ଞାର ଅପେକ୍ଷାରେ ରହିବାକୁ କହିଲେ, ତାହା ଥିଲା ପେଣ୍ଟିକଷ୍ଟ ଦିନ ଘଟିଥିବା ପବିତ୍ର ଆତ୍ମାରେ ବାପ୍ତିସ୍ମ (ପ୍ରେରିତ ୧:୪-୫,୮) ।

ଯୀଶୁ ଶିଷ୍ୟମାନଙ୍କୁ ପ୍ରତିଜ୍ଞା କରିଥିଲେ ଯେ ପବିତ୍ର ଆତ୍ମା ସେମାନଙ୍କ ସହିତ ରହିବେ, ସେମାନଙ୍କୁ ଯୀଶୁ ଦେଇଥିବା ଶିକ୍ଷାସବୁକୁ ସ୍ମରଣ କରାଇବେ ଏବଂ ସେମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ (ଯୋହନ ୧୪:୨୬; ୧୬:୧୩) । ଯୀଶୁ କହିଲେ ଯେ ପବିତ୍ର ଆତ୍ମା ଆଉ ଜଣେ ସାହାଯ୍ୟକାରୀ ହେବେ (ଯୋହନ ୧୪:୧୬, ୨୬; ୧୫:୨୬; ୧୬:୭) । ଯୀଶୁ ଏଠାରେ ବ୍ୟବହାର କରିଥିବା ଗ୍ରୀକ୍ ଶବ୍ଦର ଅର୍ଥ 'ଯିଏ ଆମ ସଙ୍ଗେ ରହନ୍ତି, ଆମକୁ ଉତ୍ସାହିତ ଓ ସାହାଯ୍ୟ କରନ୍ତି' । ଏହା ଜଣେ ପ୍ରତିନିଧିଙ୍କୁ ମଧ୍ୟ ସୂଚାଇପାରେ । ପବିତ୍ର ଆତ୍ମା ଯୀଶୁଙ୍କର ପ୍ରତିନିଧିତ୍ୱ କରନ୍ତି ଓ ଆମକୁ ତାହାଙ୍କ କଥାସବୁକୁ ସ୍ମରଣ କରାଇ ଦିଅନ୍ତି ।[□□]

► ପବିତ୍ର ଆତ୍ମା କେଉଁସବୁ କାର୍ଯ୍ୟ କରନ୍ତି?

ଜଗତରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବରେ ବ୍ୟାଖ୍ୟା କରାଯାଇପାରିବ ନାହିଁ । ତେବେ ଏଠାରେ ତାଙ୍କର କେତେକ କାର୍ଯ୍ୟକଳାପର ଏକ ତାଲିକା ଦିଆଯାଇଛି ।

୧. ସେ ପାପର ବୋଧ ଦିଅନ୍ତି (ଯୋହନ ୧୬:୮; ୧ କରିନ୍ଥୀୟ ୨:୪; ୧ ଥେସଲନୀକୀୟ ୧:୫) । ନଚେତ୍ ଜଣେ ବ୍ୟକ୍ତି ମନପରିବର୍ତ୍ତନ କରିବା ଓ ପାପକ୍ଷମା ପାଇବାର ଆବଶ୍ୟକତାକୁ ଅନୁଭବ କରିବା ଅସମ୍ଭବ ହେବ ।

୨. ସେ ପୁନର୍ଜନ୍ମ ପ୍ରଦାନ କରନ୍ତି, ପାପରେ ମୃତ ବ୍ୟକ୍ତିକି ଜୀବନ ଦିଅନ୍ତି (ତୀତସ ୩:୫; ଏଫିସୀୟ ୨:୧; ଯୋହନ ୩:୫) ।

---

[□□] ୧ ଯୋହନ ୨:୧ ରେ ମଧ୍ୟ ଏହି ଶବ୍ଦ ବ୍ୟବହୃତ ହୋଇଛି, ଯହିଁରେ ଯୀଶୁଙ୍କୁ "ପିତାଙ୍କର ଛାମୁରେ ଆମ୍ଭମାନଙ୍କର ସପକ୍ଷବାଦୀ ('ବା ପ୍ରତିନିଧି)' କୁହାଯାଇଛି" ।

୩. ସେ ବିଶ୍ୱାସୀଙ୍କୁ ବ୍ୟକ୍ତିଗତ ନିଶ୍ଚିତତା ପ୍ରଦାନ କରନ୍ତି ଯେ ସେ ପରିତ୍ରାଣ ପାଇଛି (ରୋମୀୟ ୮:୧୬) ।

୪. ସେ ପ୍ରତ୍ୟେକ ବିଶ୍ୱାସୀର ଅନ୍ତରରେ ବାସ କରନ୍ତି (ପ୍ରତ୍ୟେକ ପରିତ୍ରାଣପ୍ରାପ୍ତ ବ୍ୟକ୍ତି ପବିତ୍ର ଆତ୍ମାଙ୍କୁ ପାଇଛି) (ରୋମୀୟ ୮:୯; ୧କରିନ୍ଥୀୟ ୬:୧୯) ।

୫. ସେ ଈଶ୍ୱରଙ୍କ ସତ୍ୟ ବୁଝିବାକୁ କ୍ଷମତା ପ୍ରଦାନ କରନ୍ତି (୧କରିନ୍ଥୀୟ ୨:୯-୧୦, ୧୩-୧୪; ୨କରିନ୍ଥୀୟ ୩:୧୪-୧୭; ଏଫିସୀୟ ୬:୧୭) ।

୬. ସେ ଲୋକମାନଙ୍କୁ ସ୍ୱତନ୍ତ୍ର ସେବାକାର୍ଯ୍ୟ ପାଇଁ ଆହ୍ୱାନ କରନ୍ତି ଏବଂ ସେବାକାର୍ଯ୍ୟରେ ନିଷ୍ପତ୍ତି ନେବାରେ ମାର୍ଗଦର୍ଶନ କରନ୍ତି (ପ୍ରେରିତ ୧୩:୨-୪; ୧୫:୨୮; ୧୬:୬-୧୦) ।

୭. ସେ ବିଶ୍ୱାସୀଙ୍କୁ ପବିତ୍ର କରନ୍ତି, ସେମାନଙ୍କ ହୃଦୟକୁ ସେ ଶୁଚି କରନ୍ତି ଯେପରି କି ସେମାନେ ପବିତ୍ର ହେବେ (ପ୍ରେରିତ ୧୫:୮-୯; ୧ପିତର ୧:୨) ।

୮. ପାପ ଉପରେ ବିଜୟୀ ଜୀବନ ଯାପନ କରିବା ପାଇଁ ସେ ଶକ୍ତି ଦିଅନ୍ତି (ରୋମୀୟ ୮:୧, ୫, ୧୩; ଗାଲାତୀୟ ୫:୧୬) ।

୯. ସେ ବିଶ୍ୱାସୀର ଜୀବନରେ ଆତ୍ମିକ ଫଳ ଉତ୍ପାଦନ କରନ୍ତି (ଗାଲାତୀୟ ୫:୨୨-୨୩) ।

୧୦. ସେ ସେବାକାର୍ଯ୍ୟ ନିମନ୍ତେ ଅନେକ ଆତ୍ମିକ ଦାନ ବିତରଣ କରନ୍ତି (୧କରିନ୍ଥୀୟ ୧୨:୪-୧୦, ୨୮-୩୦; ରୋମୀୟ ୧୨:୬-୮; ୧ପିତର ୪:୧୦-୧୧) ।

୧୧. ସେବାକାର୍ଯ୍ୟ ପାଇଁ ସେ ଶକ୍ତିର ବିଶେଷ ଅଭିଷେକ ପ୍ରଦାନ କରନ୍ତି (ପ୍ରେରିତ ୧:୮, ପ୍ରେରିତ ୧୩:୯; ଗାଲାତୀୟ ୩:୫; ୧ପିତର ୧:୧୨) ।

୧୨. ସେ ବିଶ୍ୱାସୀମାନଙ୍କୁ ଈଶ୍ୱରଙ୍କ ଇଚ୍ଛା ଅନୁଯାୟୀ ପ୍ରାର୍ଥନା କରିବାରେ ସାହାଯ୍ୟ କରନ୍ତି (ରୋମୀୟ ୮:୨୬-୨୭; ଏଫିସୀୟ ୬:୧୮) ।

୧୩. ସେ ମଣ୍ଡଳୀରେ ଏକତା ଓ ସହଭାଗିତା ସୃଷ୍ଟି କରନ୍ତି (ଏଫିସୀୟ ୪:୩; ଫିଲିପ୍ପୀୟ ୨:୧) ।

## ଆତ୍ମାଙ୍କର ଦାନସକଳ ସମ୍ବନ୍ଧରେ କିଛି ନୀତି

ଶ୍ରେଣୀ ନେତାଙ୍କୁ ଟିପ୍ପଣୀ: ଶ୍ରେଣୀର ଜଣେ ସଦସ୍ୟ ଏହି ବିଭାଗକୁ ବ୍ୟାଖ୍ୟା କରିପାରନ୍ତି ।

୧. ଆତ୍ମା ବିଭିନ୍ନ ଦାନ, କାର୍ଯ୍ୟ ଓ ପରିଚାଳନା ମାଧ୍ୟମରେ କାର୍ଯ୍ୟ କରନ୍ତି (୧କରିନ୍ଥୀୟ ୧୨:୪-୬) ।

୨. ଆତ୍ମିକ ଦାନସବୁ ଈଶ୍ୱରଙ୍କ ଇଚ୍ଛା ଅନୁଯାୟୀ ବଣ୍ଟନ କରାଯାଏ, ଆତ୍ମିକତା ଅନୁଯାୟୀ ନୁହେଁ (୧ କରିନ୍ଥୀୟ ୧୨:୧୧; ୪:୭) ।

୩. ପ୍ରତ୍ୟେକ ବ୍ୟକ୍ତିଠାରେ ଆତ୍ମାଙ୍କ ଦ୍ୱାରା ଦତ୍ତ କିଛି ଦକ୍ଷତା ରହିଛି (୧ କରିନ୍ଥୀୟ ୧୨:୭) ।

୪. ପ୍ରତ୍ୟେକ ବିଶ୍ୱାସଠାରୁ ଏକ ନିର୍ଦ୍ଦିଷ୍ଟ ଆତ୍ମିକ ଦାନ ଆଶା କରାଯାଇ ନ ପାରେ (୧ କରିନ୍ଥୀୟ ୧୨:୮-୧୧, ୧୪-୩୦)

୫. ଈଶ୍ୱରଙ୍କ ଗୌରବାର୍ଥେ ଅନ୍ୟମାନଙ୍କୁ ସେବା କରିବା ପାଇଁ ଆତ୍ମିକ ଦାନସବୁ ସର୍ବଦା ବ୍ୟବହୃତ ହେବା ଉଚିତ (୧କରିନ୍ଥୀୟ ୧୨:୨୧-୨୨, ୨୫; ୧ପିତର ୪:୧୦-୧୧)

## ପରଭାଷାରୂପ ଦାନ

ପରଭାଷା କହିବାର ଦାନର ଅଭ୍ୟାସ ସମ୍ପର୍କରେ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ସହମତି ପ୍ରକାଶ ପାଏ ନାହିଁ । କେତେକ ଖ୍ରୀଷ୍ଟିୟାନ ବିଶ୍ୱାସ କରନ୍ତି ଯେ ପ୍ରତ୍ୟେକ ବିଶ୍ୱାସୀ ପବିତ୍ର ଆତ୍ମାଙ୍କୁ ପ୍ରାପ୍ତ ହେବା ପରେ ପରଭାଷା କହିବା ଉଚିତ ।

ଅନ୍ୟ ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରନ୍ତି ଯେ ପରଭାଷାରୂପ ଦାନ କେତେକ ବିଶ୍ୱାସୀଙ୍କୁ ଦିଆଯାଏ ଯେପରି ସେମାନେ ଭିନ୍ନ ଭିନ୍ନ ଭାଷା କହୁଥିବା ଲୋକଙ୍କ ସହିତ ଯୋଗାଯୋଗ କରିପାରିବେ । ସେମାନେ ଏହି ମତ ପୋଷଣ କରନ୍ତି କାରଣ ପେଣ୍ଟିକଷ୍ଟ ଦିନ ସେଠାରେ ଉପସ୍ଥିତ ବିଭିନ୍ନ ଭାଷାବାଦୀର ଲୋକମାନେ ଶିଷ୍ୟମାନେ କହୁଥିବା ବିଭିନ୍ନ ଭାଷାକୁ ବୁଝିପାରିଥିଲେ (ପ୍ରେରିତ ୨:୬) । ସେମାନେ ବିଶ୍ୱାସ କରନ୍ତି ଯେ ଈଶ୍ୱର ଏହି ଆତ୍ମିକ ଦାନ ବା ଅନ୍ୟ ଆତ୍ମିକ ଦାନ, ତାଙ୍କ ପସନ୍ଦ ଅନୁସାରେ ବିଶ୍ୱାସୀମାନଙ୍କୁ ଦିଅନ୍ତି (୧କରିନ୍ଥୀୟ ୧୨:୪-୧୧) । ସେମାନେ ବିଶ୍ୱାସ କରନ୍ତି ଯେ ପ୍ରତ୍ୟେକ ବିଶ୍ୱାସୀ ଗୋଟିଏ ଦାନ ସମାନ ଭାବରେ ପାଇବା ଉଚିତ ନୁହେଁ (୧କରିନ୍ଥୀୟ ୧୨:୨୯-୩୦), ଏଣୁ ଏହି ଦାନ ଜଣେ ବିଶ୍ୱାସୀ ପାଇଁ କିଛି ପ୍ରମାଣ କରେ ନାହିଁ (୧କରିନ୍ଥୀୟ ୧୪:୨୨). ଯଦିବା ପ୍ରତ୍ୟେକ ବିଶ୍ୱାସୀର ଅନ୍ତରରେ ପବିତ୍ର ଆତ୍ମା ଅଛନ୍ତି (ରୋମୀୟ ୮:୯) ।

ପରଭାଷାରୂପ ଦାନକୁ ନେଇ ବିଶ୍ୱାସୀମାନଙ୍କ ମଧ୍ୟରେ ଯେଉଁସବୁ ପାର୍ଥକ୍ୟ ରହିଛି ତଦ୍ଦ୍ୱାରା ସେମାନେ କେତେକ ସେବାକାର୍ଯ୍ୟରେ ମିଳିମିଶି କାର୍ଯ୍ୟ କରି ନ ପାରନ୍ତି, କିନ୍ତୁ ବିଶ୍ୱାସୀମାନେ ଏହି ପ୍ରସଙ୍ଗରେ ସେମାନଙ୍କର ମତାନ୍ତରକୁ ନେଇ ପରସ୍ପର ବିଚାର କରିବା ଉଚିତ ନୁହେଁ ।

## ପବିତ୍ର ଆତ୍ମା ବିଶ୍ୱାସୀଙ୍କ ସଙ୍ଗେ ସମ୍ପର୍କରେ ଅଛନ୍ତି

ଆପଣ ଯଦି ଈଶ୍ୱରଙ୍କ ସହିତ ସମ୍ପର୍କରେ ଅଛନ୍ତି, ତେବେ ପବିତ୍ର ଆତ୍ମାଙ୍କ ସଙ୍ଗେ ମଧ୍ୟ ସମ୍ପର୍କରେ ଅଛନ୍ତି । ତ୍ରି-ଏକ ଈଶ୍ୱରଙ୍କ ମଧ୍ୟରୁ କେବଳ ଜଣଙ୍କୁ ଜାଣିବା ଓ ଅନ୍ୟମାନଙ୍କୁ ନ ଜାଣିବା ସମ୍ଭବ ନୁହେଁ (ଏଫିସୀୟ ୨:୧୮; ଯୋହନ ୬:୪୪ ପଢ଼ନ୍ତୁ) ।

ଜଣେ ବ୍ୟକ୍ତି ପରିତ୍ରାଣ ପାଇବା ପୂର୍ବରୁ ପବିତ୍ର ଆତ୍ମାଙ୍କୁ ସମ୍ବନ୍ଧୀୟ ଶିକ୍ଷା ବୁଝିବା ଦରକାର ପଡ଼େ ନାହିଁ । ଶିଷ୍ୟମାନେ ଆତ୍ମାଙ୍କ ବିଷୟରେ ବିଶେଷ କିଛି ଜାଣି ନ ଥିଲେ, କିନ୍ତୁ ଯୀଶୁ ସେମାନଙ୍କୁ କହିଲେ ଯେ ସେମାନେ ଆତ୍ମାଙ୍କ ଜାଣନ୍ତି, କାରଣ ସେ ସେମାନଙ୍କୁ ସାଙ୍ଗରେ ଥାଆନ୍ତି (ଯୋହନ ୧୪:୧୭ ପଢ଼ନ୍ତୁ) ।

ପବିତ୍ର ଆତ୍ମାଙ୍କ ବିଷୟରେ ସଠିକ୍ ଶିକ୍ଷା ଜାଣିବା ଆମକୁ ତାଙ୍କ ସଙ୍ଗେ ସଠିକ୍ ମାର୍ଗରେ ସମ୍ପର୍କ ସ୍ଥାପନ କରିବାରେ ସାହାଯ୍ୟ କରେ ଏବଂ ତାଙ୍କୁ ଆମ ଜୀବନରେ ଅଧିକ କିଛି କରିବାକୁ ଦିଏ । ସେ ଜଣେ ବ୍ୟକ୍ତି ବୋଲି ଜାଣିବା ଆମକୁ ଜାଣିବାକୁ ଦିଏ ଯେ ଆମେ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିପାରିବା । ଆମେ ତାଙ୍କ ସହିତ କଥାବାର୍ତ୍ତା କରିପାରିବା, ଏବଂ ସେ ଆମ ସହିତ କଥା ହେବେ । ସେ ସାଧାରଣତଃ ଏକ ଶ୍ରାବ୍ୟ ସ୍ୱର ସହିତ ଆମ ସହିତ କଥାବାର୍ତ୍ତା କରନ୍ତି ନାହିଁ, କିନ୍ତୁ ସେ ଆମକୁ ଈଶ୍ୱରଙ୍କ ଇଚ୍ଛା ଓ ଈଶ୍ୱରଙ୍କ ପ୍ରେମକୁ ବୁଝିବାରେ ସାହାଯ୍ୟ କରନ୍ତି । ଯଦି ଆମେ ପ୍ରକୃତରେ ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ଚାହୁଁ, ପବିତ୍ର ଆତ୍ମା ଆମମାନଙ୍କୁ ମାର୍ଗଦର୍ଶନ କରିବେ ଯଦିବା ଆମେ ଏହାକୁ ସର୍ବଦା ଅନୁଭବ କରି ନ ଥାଉ ।

ସେ ଜଣେ ବ୍ୟକ୍ତି ବୋଲି ଜାଣିବାର ଅର୍ଥ ହେଉଛି ଯେ ସେ କେବଳ ଏକ ଶକ୍ତି ବା ଏକ ଅନୁଭବ ବୋଲି ମନେ କରି ଆମେ କାର୍ଯ୍ୟ କରି ନ ଥାଉ । ଯେତେବେଳେ ଆମେ ଈଶ୍ୱରଙ୍କୁ ଉପାସନା କରୁ, ସେତେବେଳେ ଆମେ ଚିନ୍ତା କରିଥାଉ ସେ କିଏ ଓ ସେ କିପରି ଅଟନ୍ତି, କେବଳ ଏକ ବୁଦ୍ଧିହୀନ ଅନୁଭବକୁ ଆମେ ଉପଭୋଗ କରି ନ ଥାଉ । ଯେତେବେଳେ ଆମେ ପ୍ରାର୍ଥନା କରୁ, ଆମେ ବୁଦ୍ଧିମାନ ଭାବରେ କଥା ହୋଇଥାଉ ଏବଂ ଅନ୍ୟ ଧର୍ମର ଲୋକମାନଙ୍କ ପରି ପ୍ରାର୍ଥନାର ଶବ୍ଦସବୁ଼ଙ୍କୁ ଏକ ବ୍ୟକ୍ତିତ୍ୱଶୂନ୍ୟ, ଐନ୍ଦ୍ରଜାଲିକ ମାର୍ଗରେ ବ୍ୟବହାର କରିବା ପରିବର୍ତ୍ତେ ସେ ଆମକୁ କ'ଣ ଦେଖାଇପାରନ୍ତି ତାହା ବୁଝିବାକୁ ଚେଷ୍ଟା କରିଥାଉ ।

ପବିତ୍ର ଆତ୍ମାଙ୍କୁ ଈଶ୍ୱର ବୋଲି ଜାଣିବା ଦ୍ୱାରା ଆମ ମଧ୍ୟରେ ଭକ୍ତିପୂର୍ଣ୍ଣ ଉପାସନାର ମନୋଭାବ ରହିବା ଉଚିତ । ଯେତେବେଳେ ଆମେ ପ୍ରାର୍ଥନ କରୁ ଓ ତାଙ୍କ ମାର୍ଗଦର୍ଶନକୁ ଅନୁଭବ କରୁ, ଆମେ ମନେ ରଖିବାକୁ ହେବ ଯେ ସେ ହେଉଛନ୍ତି ଈଶ୍ୱର ଯିଏ କି ଆମକୁ ପ୍ରେମ କରନ୍ତି, ଆମକୁ ସମ୍ପୂର୍ଣ୍ଣ ଜାଣନ୍ତି, ଏବଂ ଆମର ଭବିଷ୍ୟତ ଜାଣନ୍ତି । ସେ ମଧ୍ୟ ପରମ ପ୍ରଭୁତ୍ୱର ଅଧିକାରୀ, ଯାହାକୁ ଆମେ ନିହାତି ମାନିବାକୁ ହେବ ।

ସେ ସବୁବେଳେ ଆମ ସହିତ ଅଛନ୍ତି । ଧର୍ମଶାସ୍ତ୍ର କହେ ଯେ ଆମେ ଆତ୍ମାଙ୍କ ଦ୍ୱାରା ଜୀବନ ପ୍ରାପ୍ତ ହୋଇଛୁ ଏବଂ ଆମେ ଆତ୍ମାଙ୍କ ଦ୍ୱାରା ଆଚରଣ କରିବା ଉଚିତ (ଗାଲାତୀୟ ୫:୨୫) । ତାହାଙ୍କ ଉପସ୍ଥିତିରେ ଆମେ ରହିଛୁ ବୋଲି ମନେ କରି ଆମେ ଜୀବନ ଯାପନ କରିବା ଉଚିତ, ଏବଂ କେବଳ ଚର୍ଚ୍ଚରେ ହିଁ ଆମେ ତାଙ୍କ ସାନ୍ନିଧ୍ୟକୁ ଆସିଥାଉ ବୋଲି ମନେ କରିବା ଅନୁଚିତ । ସେ ଯେ କେବଳ ଆମ ସହିତ ଥାଆନ୍ତି, ତାହା ନୁହେଁ, ସେ ଆମ ଅନ୍ତରରେ ମଧ୍ୟ ବାସ କରନ୍ତି । ଏହି କାରଣରୁ ଆମେ ଏକ ଶୁଦ୍ଧ ଓ ପବିତ୍ର ଜୀବନଯାପନ କରିବା ଉଚିତ (୧ କରିନ୍ଥୀୟ ୬:୧୯ ପଢ଼ନ୍ତୁ) ।

ଆମକୁ ମନେ ରଖିବାକୁ ହେବ ଯେ ଆତ୍ମାଙ୍କର ସର୍ବୋଚ୍ଚ ପ୍ରାଥମିକତା ହେଉଛି ପାପ ଉପରେ ଜୟ ପ୍ରଦାନ କରିବା ଏବଂ ଆମ ହୃଦୟସବୁକୁ ଶୁଦ୍ଧ କରିବା (ରୋମୀୟ ୮:୧୩; ଗାଲାତୀୟ ୫:୧୬; ପ୍ରେରିତ ୧୫:୮-୯) । ଯଦି ଆମେ ତାଙ୍କୁ ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ପୂରଣ କରିବାକୁ ଦେଉ ନାହୁଁ ତେବେ ଆମେ ଅନ୍ୟ ବିଷୟସବୁ ପାଇଁ ପ୍ରାର୍ଥନା କରିବା ଉଚିତ ନୁହେଁ । ଆମକୁ ସମ୍ପୂର୍ଣ୍ଣରୂପେ ପବିତ୍ର କରିବାପାଇଁ ତାଙ୍କଠାରେ ବିଶ୍ୱାସ କରି, ଆମେ ବିଶ୍ୱାସରେ ପ୍ରାର୍ଥନା କରିବା ଉଚିତ (୧ଥେସଲନୀକୀୟ ୫:୨୩ ପଢ଼ନ୍ତୁ) ।

ଜୀବନର ସଂଘର୍ଷରେ, ସେ ଆମକୁ ଆନ୍ତରିକ ଶକ୍ତି ପ୍ରଦାନ କରନ୍ତି (ଏଫିସୀୟ ୩:୧୬) । ସେ ଆମକୁ ବୁଝନ୍ତି, ସେ ଆମର ପରିସ୍ଥିତିସବୁକୁ ବୁଝନ୍ତି, ଏବଂ ଆମେ ଯାହା ଆବଶ୍ୟକ କରୁ ତାହା ସେ ଠିକ୍ ଭାବରେ ଦେଇପାରିବେ ।

ସେବାକାର୍ଯ୍ୟରେ, ଆମକୁ ମାର୍ଗଦର୍ଶନ କରିବା, ତାଙ୍କ ବାକ୍ୟକୁ ଶକ୍ତି ଦେବା ଏବଂ ଅନ୍ୟମାନଙ୍କ ହୃଦୟରେ ଆତ୍ମିକ ଫଳାଫଳ ହାସଲ ପାଇଁ ଆମେ ତାଙ୍କ ଉପରେ ନିର୍ଭର କରିବା ଆବଶ୍ୟକ । ଏହାକୁ ଆମେ ପ୍ରେରିତ ପୁସ୍ତକରେ ଦେଖୁ । ମନୁଷ୍ୟର ଦକ୍ଷତା ଆତ୍ମାଙ୍କ କାର୍ଯ୍ୟର ବିକଳ୍ପ ହୋଇପାରିବ ନାହିଁ ।

ଆପଣ ପୂର୍ବରୁ ଆତ୍ମାରେ ପରିପୂର୍ଣ୍ଣ ହୋଇଥିଲେ ସୁଦ୍ଧା, ତାଙ୍କ ସହିତ ସମ୍ପର୍କରେ ରହିବାକୁ କେବେ ଭୁଲନ୍ତୁ ନାହିଁ । ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବାର ଆଜ୍ଞା ନିରନ୍ତର ପୂର୍ଣ୍ଣ ହେବାର ଏକ ଆଜ୍ଞା (ଏଫିସୀୟ ୫:୧୮ ପଢ଼ନ୍ତୁ) । ଆମେ ଅବିରତ ଆତ୍ମାରେ ପୂର୍ଣ୍ଣ ହେବା ଆବଶ୍ୟକ, ଏବଂ ଏହା ତାଙ୍କ ସଙ୍ଗେ ଆମର ସମ୍ପର୍କ ମାଧ୍ୟମରେ ହୋଇଥାଏ ।

► ବିଶ୍ୱାସର ସ୍ୱୀକାରୋକ୍ତିକୁ ଏକାଠି ଅତିକମରେ ଦୁଇଥର ପଢ଼ନ୍ତୁ ।

### ବିଶ୍ୱାସର ସ୍ୱୀକାରୋକ୍ତି

ପବିତ୍ର ଆତ୍ମା ତ୍ରି-ଏକ ଈଶ୍ୱରଙ୍କର ତୃତୀୟ ବ୍ୟକ୍ତି, ପିତା ଓ ପୁତ୍ରଙ୍କ ସହିତ ସମ୍ପୂର୍ଣ୍ଣ ସ୍ୱର୍ଗୀୟ ଅଟନ୍ତି । ସେ ପାପର ବୋଧ ଦିଅନ୍ତି, ପୁନର୍ଜନ୍ମ ପ୍ରଦାନ କରନ୍ତି ଓ ପ୍ରତ୍ୟେକ ବିଶ୍ୱାସୀଠାରେ ବାସ କରନ୍ତି, ପାପ ଉପରେ ଜୟ ପ୍ରଦାନ କରନ୍ତି ଓ ହୃଦୟକୁ ପରିଷ୍କାର କରନ୍ତି । ସେ ମଣ୍ଡଳୀର ଜୀବନକୁ ଏକୀକୃତ କରନ୍ତି, ଯାହାକୁ ସେ ଆତ୍ମାଙ୍କ ଫଳ ଓ ସେବାକାର୍ଯ୍ୟ ସକାଶେ ଆତ୍ମାଙ୍କ ଦାନସକଳ ଦ୍ୱାରା ଆଶୀର୍ବାଦ କରନ୍ତି ।

### ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ପାଇଁ ବାଇବଲ ପ୍ରମାଣ

*ଶ୍ରେଣୀ ନେତାଙ୍କୁ ଟିପ୍ପଣୀ: ଏହି ବିଭାଗଟି ଇଚ୍ଛାଧୀନ ଏବଂ ଯଦି ଶ୍ରେଣୀ ଏହି ବିଷୟ ପାଇଁ ଅଧିକ ବାଇବଲ ପ୍ରମାଣର ଆବଶ୍ୟକତା ଅନୁଭବ କରେ ତେବେ ଏହାକୁ ଆଲୋଚନା କରାଯାଇପାରିବ ।*

କିଛି ଲୋକ ଆତ୍ମାଙ୍କର ବ୍ୟକ୍ତିତ୍ୱକୁ ଅସ୍ୱୀକାର କରି କହନ୍ତି ଯେ ସେ ବିଦ୍ୟୁତ୍ ବା ମାଧ୍ୟାକର୍ଷଣ ଶକ୍ତି ପରି ଏକ ବ୍ୟକ୍ତିତ୍ୱଶୂନ୍ୟ ଶକ୍ତି । ତେବେ ଏହା ଅସମ୍ଭବ ଯେ ବାଇବଲ ପବିତ୍ର ଆତ୍ମାଙ୍କୁ ଯେପରି ବର୍ଣ୍ଣନା କରେ ସେପରି ଭାବରେ ଏକ ବ୍ୟକ୍ତିତ୍ୱଶୂନ୍ୟ ଶକ୍ତିକୁ ବର୍ଣ୍ଣନା କରାଯିବ । ବିଦ୍ୟୁତ୍ କଥାବାର୍ତ୍ତା କରେ ନାହିଁ କି ଯୁକ୍ତିଯୁକ୍ତ କଥା କହେ ନାହିଁ, ମାଧ୍ୟାକର୍ଷଣକୁ ମିଛ କୁହାଯାଇ ନ ପାରେ । ଏକ ନିର୍ବୋଧ ଶକ୍ତି ଈଶ୍ୱରଙ୍କ ଇଚ୍ଛାକୁ ବୁଝିପାରେ ନାହିଁ ।

କିଛି ଲୋକ କହନ୍ତି ଏହି ଶାସ୍ତ୍ରାଂଶସବୁରେ କେବଳ ବ୍ୟକ୍ତିତ୍ୱ ଆରୋପ କରାଯାଇଛି, ବ୍ୟକ୍ତିତ୍ୱଶୂନ୍ୟ ବିଷୟକୁ ବ୍ୟକ୍ତି ଭାବରେ କୁହାଯାଇଛି ଯାହାର ପ୍ରକୃତ ଅର୍ଥ ନାହିଁ । କିନ୍ତୁ ଧର୍ମଶାସ୍ତ୍ର ଆତ୍ମାଙ୍କ ବିଷୟରେ ବ୍ୟକ୍ତିଗତ ଶବ୍ଦ ପ୍ରୟୋଗ କରେ, ଏବଂ ଲୋକମାନେ ତାଙ୍କୁ ଜଣେ ବ୍ୟକ୍ତି ଭାବରେ ଉତ୍ତର ଦେଇଛନ୍ତି । ଅଳ୍ପ କେତେକ ସ୍ଥାନରେ, ଆତ୍ମାଙ୍କୁ ସାଙ୍କେତିକ ଭାବରେ ଏକ ପଦାର୍ଥରୂପେ ବର୍ଣ୍ଣନା କରାଯାଏ, ଉଦାହରଣସ୍ୱରୂପ: ବାଇବଲ ଆତ୍ମା ବୃଷ୍ଟି କରିବା ବିଷୟରେ କୁହେ (ପ୍ରେରିତ ୨:୧୭) । ସେଗୁଡ଼ିକ ସାଙ୍କେତିକ ଭାବରେ ବିବେଚନା କରାଯିବା ଉଚିତ କାରଣ ସାଧାରଣତଃ ବାଇବଲ ଆତ୍ମାଙ୍କୁ ଜଣେ ବ୍ୟକ୍ତି ଭାବରେ ବର୍ଣ୍ଣନା କରେ ।

ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ପାଇଁ ବାଇବଲ ପ୍ରମାଣ:

- ମାଥିଉ ୨୮:୧୯ରେ ଆମକୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେବାକୁ କୁହାଯାଏ, ଯାହା ଦର୍ଶାଏ ଯେ ଏହି ତିନି ଜଣଙ୍କର ଅଧିକାର ଅଛି ।
- ୨କରିନ୍ଥୀୟ ୧୩:୧୪ରେ ପବିତ୍ର ଆତ୍ମାଙ୍କ ସହଭାଗିତା ବିଷୟରେ କୁହାଯାଏ, ଯାହା ବୁଦ୍ଧିମାନ ଯୋଗାଯୋଗକୁ ବୁଝାଏ ।
- ମାର୍କ ୧୩:୧୧ରେ ବିଶ୍ୱାସୀମାନଙ୍କୁ ପ୍ରତିଜ୍ଞା ଦିଆଯାଏ ଯେ ତାଡ଼ନା ସମୟରେ ପବିତ୍ର ଆତ୍ମା ସେମାନଙ୍କ ଦ୍ୱାରା କଥା କହିବେ ।
- ଯୋହନ ୧୪:୧୭, ୨୬ରେ ପବିତ୍ର ଆତ୍ମାଙ୍କୁ ସତ୍ୟମୟ ଆତ୍ମା କୁହାଯାଇଛି ଯେ କି ଶିକ୍ଷା ଦେବେ ଓ ସ୍ମରଣ କରାଇବେ ।
- ଯୋହନ ୧୬:୭-୧୧ରେ ଯୀଶୁ ପ୍ରତିଜ୍ଞା କରିଛନ୍ତି ଯେ ପବିତ୍ର ଆତ୍ମା ଜଗତକୁ ପାପ, ଧାର୍ମିକତା ଓ ବିଚାର ବିଷୟରେ ପ୍ରମାଣ ଦେବେ ଯାହା ବୁଦ୍ଧିମାନ ଯୋଗଯୋଗ ଆବଶ୍ୟକ କରେ ।
- ଯୋହନ ୧୬:୧୩-୧୫ରେ କୁହାଯାଏ ଯେ ପବିତ୍ରଆତ୍ମା ଆପଣାଠାରୁ କଥା କହିବେ ନାହିଁ, କିନ୍ତୁ ଖ୍ରୀଷ୍ଟଙ୍କ ବିଷୟ ଘେନି ଶିଷ୍ୟମାନଙ୍କୁ ଜଣାଇବେ ।

- ୧କରିନ୍ଥୀୟ ୧୨:୧୧ରେ ଆତ୍ମିକ ଦାନସବୁ କିପରି ବିତରଣ କରାଯିବ ତାହା ପବିତ୍ର ଆତ୍ମା ମନୋନୀତ କରିଥାନ୍ତି ।
- ଆମେମାନେ ଈଶ୍ୱରଙ୍କ ସନ୍ତାନବୋଲି ସେ ଆମମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି (ରୋମୀୟ ୮:୧୬) ।
- ସେ ପିତାଙ୍କ ନିକଟରେ ଆମମାନଙ୍କ ନିମନ୍ତେ ନିବେଦନ କରନ୍ତି ଏବଂ ଈଶ୍ୱରଙ୍କ ଇଚ୍ଛା ବୁଝିବାକୁ ତାଙ୍କର ଏକ ମନ ଅଛି (ରୋମୀୟ ୮:୨୬-୨୭) ।
- ଏଫିସୀୟ ୪:୩୦ ଅନୁଯାୟୀ ସେ ଦୁଃଖିତ ହୋଇପାରନ୍ତି, ଯାହାର ଅର୍ଥ ସେ ତାଙ୍କ ପ୍ରତି ଆମର ଉତ୍ତରସବୁ ଓ ଆବେଗସବୁକୁ ବୁଝିପାରନ୍ତି ।
- ତାଙ୍କୁ ମିଥ୍ୟା କୁହାଯାଇପାରେ, ଅର୍ଥାତ୍ ସେ ଆମର ଯୋଗଯୋଗ ବା କଥାବାର୍ତ୍ତାକୁ ବୁଝନ୍ତି (ପ୍ରେରିତ ୫:୩) ।
- ସେ କଥା କହନ୍ତି, ନିର୍ଦ୍ଦେଶଦିଅନ୍ତି, ଏବଂ ତାଙ୍କର ଇଚ୍ଛା ଅଛି ଯାହା ଲୋକମାନେ ଅନୁସରଣ କରିବା ଉଚିତ (ପ୍ରେରିତ ୧୩:୨-୪) ।
- ସେ ପ୍ରେରିତମାନଙ୍କୁ ସେମାନଙ୍କ ପ୍ରଚାର ଯାତ୍ରାରେ ନିର୍ଦ୍ଦେଶଦେଇଥିଲେ ଏବଂ ବେଳେବେଳେ କୌଣସି ସ୍ଥାନକୁ ନ ଯିବାକୁ କହିଥିଲେ (ପ୍ରେରିତ ୧୬:୬) ।

## ପାଠ ୧୦ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେ ବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ପ୍ରେରିତ ୧:୪-୮
- ରୋମୀୟ ୮:୧-୧୪
- ୧ କରିନ୍ଥୀୟ ୨:୯-୧୬
- ୧ କରିନ୍ଥୀୟ ୧୨:୧-୧୩
- ଗାଲାତୀୟ ୫:୨୨-୨୬

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୧୦ ର ଏକ ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ତୁମର ଶ୍ରେଣୀ ବାହାର ଶିକ୍ଷାଦାନର ସମୟ ନିର୍ଘଣ୍ଟ ମନେ ରଖ ଓ ଶିକ୍ଷାଦାନ ସମାପ୍ତ କଲାପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୧୦ ପରୀକ୍ଷା

(୧) ଆଦ୍ୟ ମଣ୍ଡଳୀ ପବିତ୍ର ଆତ୍ମାଙ୍କ ପ୍ରତି କିପରି ଉତ୍ତର ଦେଇଥିଲେ ତା'ର ତିନୋଟି ବିଶେଷତା ଲେଖ ।

(୨) ପବିତ୍ର ଆତ୍ମା ଯେ ଜଣେ ବ୍ୟକ୍ତି ଅଟନ୍ତି କିପରି ଏହା ତୁମେ ଜାଣ?

(୩) ପବିତ୍ର ଆତ୍ମା ଯେ ଈଶ୍ୱର ଅଟନ୍ତି ଏହାର ପାଞ୍ଚୋଟି କାରଣ ଲେଖ ।

(୪) ପବିତ୍ର ଆତ୍ମାଙ୍କର ନ'ଟି କାର୍ଯ୍ୟ ଲେଖ ।

(୫) ଆମମାନଙ୍କ ଜୀବନରେ ତାହାଙ୍କ କାର୍ଯ୍ୟରେ ପବିତ୍ର ଆତ୍ମା କେଉଁ ବିଷୟକୁ ସର୍ବୋଚ୍ଚ ପ୍ରାଥମିକତା ଦିଅନ୍ତି?

# ପାଠ ୧୧

# ଖ୍ରୀଷ୍ଟୀୟ ପବିତ୍ରତା

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- ପବିତ୍ର ଶବ୍ଦ ବାଇବଲରେ କିପରି ଭାବରେ ବ୍ୟବହୃତ ହୋଇଛି ।
- ଖ୍ରୀଷ୍ଟୀୟ ପବିତ୍ରତା ଇଶ୍ୱରଙ୍କ ପବିତ୍ରତା ଉପରେ ଆଧାରିତ ।
- ଉପାସନା ଓ ଇଶ୍ୱରଙ୍କ ସହିତ ସମ୍ପର୍କ ପାଇଁ ପବିତ୍ରତାର ମହତ୍ତ୍ୱ ।
- ପବିତ୍ରତାର ଅନୁଭୂତିସବୁର ବାଇବଲ ଉଦାହରଣ ।
- ଆତ୍ମିକ ପରିପକ୍ୱତା ପାଇଁ ଅଭ୍ୟାସ ।
- ଖ୍ରୀଷ୍ଟୀୟ ପବିତ୍ରତା ବିଷୟରେ ଖ୍ରୀଷ୍ଟୀୟ ବିଶ୍ୱାସର ଏକ ସ୍ୱୀକାରୋକ୍ତି ।

(୨) ଛାତ୍ରମାନେ ଯେପରି ବିଶ୍ୱାସ କରିବେ ଯେ ଇଶ୍ୱରଙ୍କ ଅନୁଗ୍ରହ ସେମାନଙ୍କୁ ଏହି ବର୍ତ୍ତମାନର ଜଗତରେ ପବିତ୍ର କରିବ ।

## ବାଇବଲରେ ବ୍ୟବହୃତ ପଦ

ପବିତ୍ରତା ବା ପବିତ୍ରୀକରଣ (holiness, sanctification) ଅର୍ଥରେ ବ୍ୟବହୃତ ହିବ୍ରୁ ଶବ୍ଦ ପୁରାତନ ନିୟମରେ ୬୦୦ରୁ ଅଧିକ ଥର ବ୍ୟବହୃତ ହୋଇଛି । ପବିତ୍ରତାର ଉଭୟ ହିବ୍ରୁ ଓ ଗ୍ରୀକ୍ ପ୍ରତିଶବ୍ଦର ମୂଳଅର୍ଥ କୌଣସି ଏକ ଉଦ୍ଦେଶ୍ୟରେ ପୃଥକୀକୃତ ହେବା ବା ଉତ୍ସର୍ଗୀକୃତ ହେବା । କୌଣସି ବିଷୟ ଯଦି ପବିତ୍ରୀକୃତ ହୋଇଛି ତା'ହେଲେ ତାହା ପୂର୍ବ ବ୍ୟବହାରଠାରୁ ଏକ ନୂତନ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନିମନ୍ତେ ପୃଥକୀକୃତ ହୋଇଛି । ପୁରାତନ ନିୟମରେ ଉତ୍ସର୍ଗୀକୃତ ଓ ପବିତ୍ର ବିବେଚନା କରାଯାଉଥିବା କେତେକ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ:

- **ପବିତ୍ର ଭୂମି** । ଇଶ୍ୱର ମୋଶାଙ୍କୁ ଯେଉଁଠାରେ ଦର୍ଶନ ଦେଲେ ସେହି ସ୍ଥାନକୁ ସେ ପୃଥକୀକୃତ କରିଥିଲେ (ଯାତ୍ରାପୁସ୍ତକ ୩:୫) ।
- **ପବିତ୍ର ଆବାସ-ତମ୍ବୁ ଓ ମନ୍ଦିର** । ଯାଜକଙ୍କ ବସ୍ତ୍ର (ଲେବୀୟ ୧୬:୩୨), ରୋଟୀ (ଯାତ୍ରାପୁସ୍ତକ ୨୯:୩୪) ଓ ସମସ୍ତ ବସ୍ତୁ ଓ ପାତ୍ର (ଯାତ୍ରାପୁସ୍ତକ ୪୦:୯) ସମେତ ଅନେକ ପବିତ୍ର ଜିନିଷ ଆବାସ-ତମ୍ବୁ ଓ ମନ୍ଦିର ସହିତ ଜଡ଼ିତ ଥିଲା । ଏସବୁକୁ ଇଶ୍ୱରଙ୍କ ଉପାସନା ପାଇଁ ପୃଥକ୍ କରାଯାଇଥିଲା ।

- **ପବିତ୍ର ଦିବସସକଳ ।** ବିଶ୍ରାମବାରକୁ ପବିତ୍ର ଦିବସ ଭାବରେ ପୃଥକ୍ କରାଯାଇଥିଲା (ଆଦିପୁସ୍ତକ ୨:୩; ଯାତ୍ରାପୁସ୍ତକ ୨୦:୮) । ପ୍ରାୟଶ୍ଚିତ ଦିବସ ପରି ଅନ୍ୟ କେତେକ ଯିହୁଦୀ ଛୁଟିଦିନ ମଧ୍ୟ ସ୍ୱତନ୍ତ୍ର ଥିଲା (ଲେବୀପୁସ୍ତକ ୨୩:୨୬-୨୯) । ଏହି ଦିବସଗୁଡ଼ିକ ବିଶ୍ରାମ, ଚିନ୍ତନ ଓ ଉପାସନା ନିମନ୍ତେ ପୃଥକ୍ କରାଯାଇଥିଲା ।
- **ପବିତ୍ର ଈଶ୍ୱର ।** ବାଇବଲରେ ପବିତ୍ରତାର ସର୍ବଶ୍ରେଷ୍ଠ ଉଦାହରଣ ଈଶ୍ୱର ନିଜେ । ଈଶ୍ୱରଙ୍କ ସମ୍ବନ୍ଧୀୟ ପ୍ରତ୍ୟେକ ବିଷୟ ପବିତ୍ର ଅଟେ । ତାଙ୍କ ନାମ ପବିତ୍ର (ଲେବୀୟପୁସ୍ତକ ୨୨:୨); ତାଙ୍କର ବାକ୍ୟ ପବିତ୍ର (ଯିରିମିୟ ୨୩:୯); ତାଙ୍କର ପଥସବୁ ପବିତ୍ର (ଗୀତସଂହିତା ୭୭:୧୩) । ପବିତ୍ରତାର ଅର୍ଥ ଈଶ୍ୱରଙ୍କର ବ୍ୟକ୍ତିତ୍ୱ ଓ ପଦ ଦୃଷ୍ଟିରୁ ଯେ କୌଣସି ପାପପୂର୍ଣ୍ଣ, ଅଶୁଚି, ସାଧାରଣ, ସାମାନ୍ୟ ବା ଅନୁପଯୁକ୍ତ ବିଷୟଠାରୁ ସେ ପୃଥକୀକୃତ ଅଟନ୍ତି ।

ନୂତନ ନିୟମରେ ଯୀଶୁଙ୍କୁ ପବିତ୍ର (ଯୋହନ ୧୭:୧୯; ପ୍ରେରିତ ୪:୨୭, ୩୦) ଏବଂ ନିଷ୍ପାପ (୨କରିନ୍ଥୀୟ ୫:୨୧) କୁହାଯାଇଛି । ଦୂତମାନଙ୍କୁ (ମାର୍କ ୮:୩୮) ଏବଂ ପ୍ରେରିତ ଓ ଭାବବାଦୀମାନଙ୍କୁ ପବିତ୍ର ବୋଲି ବର୍ଣ୍ଣନା କରାଯାଏ (ଏଫିସୀୟ ୩:୫) । ଏସମସ୍ତେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ପୃଥକୀକୃତ ଥିଲେ ।

ବାଇବଲରେ ଈଶ୍ୱରଙ୍କ ଲୋକମାନଙ୍କୁ ମଧ୍ୟ ପବିତ୍ର କୁହାଯାଇଛି (ଲେବୀୟପୁସ୍ତକ ୧୧:୪୪, ୪୫; ୧କରିନ୍ଥୀୟ ୧:୨; ୧ପିତର ୧:୧୫, ୧୬) । ଈଶ୍ୱର ଆମଠାରୁ ଯେଉଁ ପବିତ୍ରତା ଆଶା କରନ୍ତି ଏହି ପାଠରେ ଆଲୋଚିତ ହୋଇଛି ।

## ଈଶ୍ୱରଙ୍କର ପବିତ୍ର ଉପାସକମାନେ

► ଗୀତସଂହିତା ୧୧୯:୩୩-୪୦ ଏକତ୍ର ପଢ଼ନ୍ତୁ । ଜଣେ ବିଶ୍ୱାସୀକୁ ଈଶ୍ୱର ଯେଉଁ ପ୍ରକାରେ ପରିବର୍ତ୍ତନ କରନ୍ତି ସେ ବିଷୟରେ ଏହି ଶାସ୍ତ୍ରାଂଶ କ'ଣ କହେ?

ଈଶ୍ୱର ଯେତେବେଳେ ଆପଣାକୁ ପ୍ରକାଶ କରିବା ଆରମ୍ଭ କଲେ, ତାଙ୍କର ପ୍ରଥମ ଉଦ୍ଦେଶ୍ୟ ଥିଲା ସେ କିପ୍ରକାର ଈଶ୍ୱର ଅଟନ୍ତି ତାହା ଦେଖାଇବା । ମୂଳତଃ ସେ ଆପଣାକୁ ପବିତ୍ର ବୋଲି ବର୍ଣ୍ଣନା କଲେ । ଯିଶାଇୟ ତାଙ୍କ ପୁସ୍ତକରେ ଈଶ୍ୱରଙ୍କ ବିଷୟରେ ବାରମ୍ବାର କହନ୍ତି, "ଇଶ୍ରାଏଲର ଧର୍ମସ୍ୱରୂପ (ବା ପବିତ୍ର ଈଶ୍ୱର)" ।

ଉପାସନାର ପ୍ରସଙ୍ଗ ଥିଲା ଈଶ୍ୱରଙ୍କ ପବିତ୍ରତା:

> ସେମାନେ ତୁମ୍ଭ ମହତ ଓ ଭୟଙ୍କର ନାମର ପ୍ରଶଂସା କରନ୍ତୁ; ସେ ପବିତ୍ର ଅଟନ୍ତି । ତୁମ୍ଭେମାନେ ଆମ୍ଭମାନଙ୍କ ପରମେଶ୍ୱର ସଦାପ୍ରଭୁଙ୍କର ପ୍ରତିଷ୍ଠା କର ଓ ତାହାଙ୍କ ପାଦପୀଠରେ ପ୍ରଣାମ କର; ସେ ପବିତ୍ର ଅଟନ୍ତି (ଗୀତସଂହିତା ୯୯:୩, ୫) ।

ଈଶ୍ୱର ତାଙ୍କ ପବିତ୍ରତାର ଆଧାରରେ ମନୁଷ୍ୟଠାରୁ ମଧ୍ୟ ତାହା ଦାବି କରିଥାନ୍ତି । ଯେହେତୁ ସେ ପବିତ୍ର, ସେ ତାଙ୍କର ଉପାସକମାନଙ୍କୁ ମଧ୍ୟ ପବିତ୍ର ହେବା ପାଇଁ ଆହ୍ୱାନ କରନ୍ତି । ସେ କହନ୍ତି, "ତୁମ୍ଭେମାନେ ପବିତ୍ର ହୁଅ, ଯେହେତୁ ଆମ୍ଭେ ପବିତ୍ର" (ଲେବୀପୁସ୍ତକ ୧୧:୪୪, ୪୫; ୧୯:୨; ୨୦:୨୬; ୨୧:୮) ।

ଇଶ୍ରାଏଲର ଈଶ୍ୱର ବିଜାତିମାନଙ୍କର ମିଥ୍ୟାଦେବତାମାନଙ୍କଠାରୁ ଭିନ୍ନ ଥିଲେ, ତେଣୁ ସେ ଭିନ୍ନ ପ୍ରକାରେ ଉପାସିତ ହେବାକୁ ଚାହୁଁଥିଲେ ।

> କିଏ ସଦାପ୍ରଭୁଙ୍କ ପର୍ବତରେ ଆରୋହଣ କରିବ? ଓ କିଏ ତାହାଙ୍କ ପବିତ୍ର ସ୍ଥାନରେ ଠିଆ ହେବ? ଯାହାର ହସ୍ତ ଶୁଚି ଓ ଅନ୍ତଃକରଣ ନିର୍ମଳ; ଯାହାର ମନ ଅସାରତା ପ୍ରତି ଉଠି ନାହିଁ, ପୁଣି ଯେ ଛଳ ଭାବରେ ଶପଥ କରି ନାହିଁ, ସେ । (ଗୀତସଂହିତା ୨୪:୩, ୪) ।

ଏଠାରେ ପ୍ରଶ୍ନ ଉଠେ, "ଈଶ୍ୱର କେଉଁ ଉପାସକର ଉପାସନା ଗ୍ରହଣ କରନ୍ତି?" ଈଶ୍ୱରଙ୍କ ଉପାସକଭାବରେ ପ୍ରତ୍ୟେକେ ତାଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ହୋଇ ନ ଥାନ୍ତି । ଈଶ୍ୱରଙ୍କର ଉପାସକମାନେ ପବିତ୍ର ହେବା ଆବଶ୍ୟକ ।

ଈଶ୍ୱର ଯେଉଁ ପବିତ୍ରତା ଆଶା କରନ୍ତି ତାହା ଆନୁଷ୍ଠାନିକ ବା ଛଳନାପୂର୍ଣ୍ଣ ହେବା ଅନୁଚିତ; ଏହା ବାସ୍ତବ ପବିତ୍ରତା । ନୂତନ ନିୟମରେ ମଧ୍ୟ ଈଶ୍ୱରଙ୍କ ଉପାସକମାନଙ୍କ ପବିତ୍ରତାର ମାନଦଣ୍ଡ ବିଷୟରେ ପୁନରାବୃତ୍ତି କରାଯାଇଛି:

> ମାତ୍ର ତୁମ୍ଭମାନଙ୍କର ଆହ୍ୱାନକର୍ତ୍ତା ଯେପରି ପବିତ୍ର, ତୁମ୍ଭେମାନେ ମଧ୍ୟ ଆଜ୍ଞାବହ ସନ୍ତାନମାନଙ୍କ ପରି ସମସ୍ତ ଆଚରଣରେ ସେହିପରି ପବିତ୍ର ହୁଅ । ଯେଣୁ ଲେଖା ଅଛି, "ତୁମ୍ଭେମାନେ ପବିତ୍ର ହୁଅ, କାରଣ ଆମ୍ଭେ ପବିତ୍ର" (୧ପିତର ୧:୧୫, ୧୬) ।

ଆଚରଣ କହିଲେ ଜଣେ ବ୍ୟକ୍ତିର ବ୍ୟବହାର ଓ ତା'ର ସମ୍ପୂର୍ଣ୍ଣ ଜୀବନଶୈଳୀକୁ ବୁଝାଏ । ଈଶ୍ୱର ଚାହାନ୍ତି ନାହିଁ ଯେ ତାଙ୍କର ଉପାସକମାନେ ଆନୁଷ୍ଠାନିକ ଭାବରେ ପବିତ୍ର ହୁଅନ୍ତୁ, ବା ପ୍ରକୃତରେ ପବିତ୍ର ହୋଇ ନ ଥିଲେ କି ପବିତ୍ର ବୋଲି କୁହାଯାଆନ୍ତୁ । ତାଙ୍କର ଉପାସକମାନେ ପବିତ୍ର ଜୀବନ ଯାପନ କରନ୍ତୁ ବୋଲି ସେ ଆଶା କରନ୍ତି ।

► ଉପାସନା ସହିତ ପବିତ୍ରତାର କ'ଣ ସମ୍ପର୍କ ରହିଛି ତା'ର କେତୋଟି କାରଣ?

ଉପାସନା ନିମନ୍ତେ ପବିତ୍ରତା ଗୁରୁତ୍ୱପୂର୍ଣ୍ଣ, କାରଣ

୧. **ଆମେ ଈଶ୍ୱରଙ୍କୁ ପ୍ରେମ କରୁ ଓ ତାଙ୍କ ପରି ହେବାକୁ ଚାହୁଁ ।** ଈଶ୍ୱରଙ୍କୁ ଉପାସନା କରିବାର ଅର୍ଥ ତାଙ୍କ ସବୁଠାରୁ ଆଶ୍ଚର୍ଯ୍ୟ ସତ୍ତାଧାରୀ ପ୍ରାଣୀ ଭାବରେ ଦେଖିବା ଓ ସେ ଯେପରି ଅଟନ୍ତି ତଦନୁସାରେ ତାଙ୍କୁ ଆରାଧନା କରିବା । ଉପାସନା କରିବାର ଅର୍ଥ ତାଙ୍କ ସ୍ୱଭାବର ବିଶେଷତ୍ୱସବୁର ଗୁଣାନୁବାଦ କରିବା । ଈଶ୍ୱରଙ୍କ ସ୍ୱଭାବ ମୂଳତଃ ପବିତ୍ର,

ତେଣୁ ଆମେ ଯଦି ପ୍ରକୃତରେ ଈଶ୍ୱରଙ୍କ ସ୍ୱଭାବକୁ ଆରାଧନା କରୁ, ଆମେ ପାପ ଓ ଅଶୁଚିତାକୁ ଘୃଣା କରିବା, ଯଦିବା ଆମେ ନିଜଠାରେ ଏସବୁକୁ ଦେଖୁ ।

୨. **ଆମେ ଈଶ୍ୱରଙ୍କୁ ପ୍ରେମ କରୁ ଓ ତାଙ୍କୁ ସନ୍ତୁଷ୍ଟ କରିବାକୁ ଚାହୁଁ ।** ଉପାସନା ପ୍ରକୃତରେ କ'ଣ ଆମେ ତାଙ୍କୁ ଯଦି ବୁଝିଛୁ ତେବେ ଈଶ୍ୱର କ'ଣ ଚାହାନ୍ତି ତାହା ଆମକୁ ଚକିତ କରେ ନାହିଁ । ଭୟ ହେତୁ ଆମେ ତାଙ୍କର ଉପାସନା କରୁ ନାହୁଁ । ସେ ଆମକୁ ଆଶୀର୍ବାଦ କରନ୍ତି ବୋଲି ଆମେ ତାଙ୍କୁ ଉପାସନା କରି ନ ଥାଉ । ଆମେ ତାଙ୍କୁ ଉପାସନା କରୁ କାରଣ ଆମେ ତାଙ୍କୁ ପ୍ରେମ କରୁ ।

## ପରିବର୍ତ୍ତନ ସମୟରେ ପବିତ୍ରୀକରଣ

ପ୍ରତ୍ୟେକ ବିଶ୍ୱାସୀର ଜୀବନରେ ଯାହା ଘଟିଛି ତାହା ସୂଚାଇବା ପାଇଁ ବାଇବଲ ପବିତ୍ରୀକରଣ ଶବ୍ଦ ବ୍ୟବହାର କରେ । ପାଉଲ ଲେଖନ୍ତି: "କରିନ୍ଥରେ ଥିବା ଈଶ୍ୱରଙ୍କ ମଣ୍ଡଳୀ ନିକଟକୁ...... ଖ୍ରୀଷ୍ଟ ଯୀଶୁଙ୍କଠାରେ ପବିତ୍ରୀକୃତ ଓ ଆହୂତ ସାଧୁ ଯେ ତୁମ୍ଭେମାନେ" (୧ କରିନ୍ଥୀୟ ୧:୨) । ପାଉଲ ମଧ୍ୟ ଲେଖନ୍ତି; "ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଓ ଆମ୍ଭମାନଙ୍କ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ଧୌତ ହୋଇଅଛ, ପବିତ୍ରୀକୃତ ହୋଇଅଛ ଓ ଧାର୍ମିକ ବୋଲି ଗଣିତ ହୋଇଅଛ" (୧ କରିନ୍ଥୀୟ ୬:୧୧) । କରିନ୍ଥୀୟମାନେ ପୂର୍ବରୁ ପବିତ୍ରୀକୃତ ହୋଇସାରିଥିଲେ ହେଁ ସେମାନେ ଆତ୍ମିକ ପରିପକ୍ୱତା ଦିଗରେ ବୃଦ୍ଧିଲାଭ କରି ନ ଥିଲେ ଓ ଶାରୀରିକମନା ଲୋକ ଥିଲେ, ଖ୍ରୀଷ୍ଟଙ୍କଠାରେ ଶିଶୁ ଥିଲେ (୧ କରିନ୍ଥୀୟ ୩:୧) ।

ପବିତ୍ରୀକରଣ ଶବ୍ଦ, ଯେତେବେଳେ ଏହି କରିନ୍ଥୀୟମାନଙ୍କୁ ସୂଚାଏ, ଏହାର ସାଧାରଣ ଅର୍ଥରେ ବ୍ୟବହୃତ ହୁଏ । କରିନ୍ଥୀୟମାନଙ୍କୁ ପାପ ଓ ଜଗତରୁ ଆହ୍ୱାନ କରଯାଇଥିଲା ଏବଂ ସେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପୃଥକୀକୃତ ଥିଲେ । ସେମାନେ ନିଶ୍ଚିତ ଭାବରେ ପବିତ୍ରତାରେ ପରିପକ୍ୱ ହୋଇ ନ ଥିଲେ, କିନ୍ତୁ ସେମାନେ ପୁରାତନ ଜୀବନରୁ ପୃଥକୀକୃତ ଥିଲେ ଏବଂ ବର୍ତ୍ତମାନ ଈଶ୍ୱରଙ୍କ ପରିବାରରେ ଅନ୍ତର୍ଭୁକ୍ତ ହୋଇଥିଲେ ।

> "ଥରେ ଜଣେ ହିନ୍ଦୁ ବ୍ୟକ୍ତି ଆମି କାର୍ମିକେଲ୍ଙ୍କୁ ପଚାରିଲେ, 'ଆମେ ତ ଅନେକ ପ୍ରଚାର ଶୁଣିଛୁ, ଆପଣମାନେ କ'ଣ ଆପଣଙ୍କ ପ୍ରଭୁ ଯୀଶୁଙ୍କ ଜୀବନ ଆମକୁ ଦେଖାଇ ପାରିବେ?' "

ଯେତେବେଳେ ଆମେ ଈଶ୍ୱରଙ୍କୁ ପ୍ରଥମେ ଭେଟିଥାଉ, ପାପ ତାଙ୍କ ସଙ୍ଗେ ଆମ ସମ୍ପର୍କରେ ବାଧା ସୃଷ୍ଟି କରିଥାଏ । ସେଥିପାଇଁ ଈଶ୍ୱରଙ୍କ ସହିତ ଆମର ସମ୍ପର୍କ ଆରମ୍ଭ ହେବ ନାହିଁ ଯେପର୍ଯ୍ୟନ୍ତ ଆମେ ମନପରିବର୍ତ୍ତନ କରି ପାପକ୍ଷମା ପାଇ ନାହୁଁ ଓ ଆମକୁ ଏକ ନୂତନ ହୃଦୟ ନ ଦିଆ ଯାଇଛି ।

ଆମେ ଈଶ୍ୱରଙ୍କ ସହିତ ଯେତେବେଳେ ପୁନର୍ମିଳିତ ହେଉ, ଆମେ ପରିବର୍ତ୍ତିତ ହେଉ (ତୀତସ ୩:୫) । ଆତ୍ମିକ ଭାବରେ, ଆମେ ନୂତନ ସୃଷ୍ଟି ହେଉ । ଆମେ

ପାପର ଶକ୍ତିରୁ ଉଦ୍ଧାର ପାଉ, ଏବଂ ଆମେ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବାକୁ ଇଚ୍ଛା କରୁ । ଖ୍ରୀଷ୍ଟୀୟ ପବିତ୍ରତା ଆରମ୍ଭ ହୁଏ ଯେତେବେଳେ ଜଣେ ବ୍ୟକ୍ତି ପରିତ୍ରାଣ ପାଏ ।

ବାଇବଲ ଆମକୁ ଶିକ୍ଷା ଦିଏ ଯେ ପରିତ୍ରାଣ ତୁରନ୍ତ ପବିତ୍ର ଜୀବନ ଯାପନ ଆଡ଼କୁ କଢ଼ାଇନିଏ । ଈଶ୍ୱରଙ୍କ ଅନୁଗ୍ରହ ଯାହା ପରିତ୍ରାଣଜନକ, ଶିକ୍ଷା ଦିଏ ଯେ ଆମେ ବର୍ତ୍ତମାନ ସମୟରେ ସୁବୁଦ୍ଧି, ଧାର୍ମିକ ଓ ଭକ୍ତଭାବରେ ଜୀବନ ଯାପନ କରିବାକୁ ହେବ (ତୀତସ ୨:୧୧-୧୨) । ପରିତ୍ରାଣର ଉଦ୍ଦେଶ୍ୟ ଆମକୁ ପାପରୁ ମୁକ୍ତ କରିବା ଓ ଆମକୁ ପବିତ୍ର କରିବା, ଯଦ୍ଦ୍ୱାରା ଆମେ ଈଶ୍ୱରଙ୍କ ସହିତ ସମ୍ପର୍କରେ ରହି ଜୀବନ ଯାପନ କରିପାରିବା (ଲୂକ ୧:୭୪-୭୫; ରୋମୀୟ ୬:୨, ୧୧-୧୬) ।

## ପବିତ୍ରତାରେ ବୃଦ୍ଧି ପାଇବା

ଈଶ୍ୱରଙ୍କ ସହିତ ସମ୍ପର୍କରେ ରହି ଜୀବନ ଯାପନ କଲେ, ଆମେ ତାଙ୍କ ସତ୍ୟ ବିଷୟରେ ଅଧିକ ବୁଝିବା ସହିତ ପବିତ୍ରତାରେ ବୃଦ୍ଧି ପାଇବାକୁ ଲାଗୁ । ଜ୍ୟୋତିରେ ଆଚରଣ କରିବାର ଅର୍ଥ ତାଙ୍କ ସତ୍ୟ ବିଷୟରେ ଅଧିକ ଜାଣିବା ସହିତ ସର୍ବଦା ଈଶ୍ୱରଙ୍କ ଆଜ୍ଞାକାରୀ ହେବା (୧ଯୋହନ ୧:୭) । କେଉଁ ବିଷୟ ତାଙ୍କୁ ସନ୍ତୁଷ୍ଟ କରେ ଓ କେଉଁ ବିଷୟ ତାଙ୍କୁ ଅସନ୍ତୁଷ୍ଟ କରେ ଏହା ଆମେ ଭଲଭାବେ ବୁଝିପାରିଲେ, ଆମେ ତାଙ୍କ ସତ୍ୟ ଓ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ପରିବର୍ତ୍ତିତ ହୋଇଥାଉ ।

ଯେଉଁ ବ୍ୟକ୍ତି ଈଶ୍ୱରଙ୍କୁ ପ୍ରେମ କରେ ସେ ସମ୍ପୂର୍ଣ୍ଣ ପବିତ୍ର ହେବାକୁ ଇଚ୍ଛା କରିବ । ସେ ଯେ କେବଳ ନିଜର କାର୍ଯ୍ୟକଳାପସବୁକୁ ପରିବର୍ତ୍ତନ କରିବାକୁ ଚାହିଁବ ତା ନୁହେଁ, ସେ ମଧ୍ୟ ତା'ର ଉଦ୍ଦେଶ୍ୟସବୁକୁ ସମ୍ପୂର୍ଣ୍ଣ ଶୁଦ୍ଧ ରଖିବାକୁ ଚାହିଁବ । ଦାଉଦ ପ୍ରାର୍ଥନା କଲେ ଯେ ସେ ପାପ ଉପରେ ସମ୍ପୂର୍ଣ୍ଣ ବିଜୟୀ ଜୀବନ ଯାପନ କରିବାକୁ ସକ୍ଷମ ହେବେ, ତା'ପରେ ପ୍ରାର୍ଥନା କଲେ ଯେ ତାଙ୍କ ମୁଖର ବାକ୍ୟ ଓ ହୃଦୟର ଧ୍ୟାନ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବ (ଗୀତସଂହିତା ୧୯:୧୨-୧୪, ଗୀତସଂହିତା ୧୧୯:୭, ୩୪, ୩୬, ୬୯, ୮୦ ଓ ୧୧୨ ମଧ୍ୟ ଦେଖନ୍ତୁ) ।

ଆତ୍ମିକ ପରିପକ୍ୱତାର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ପବିତ୍ରୀକରଣ କୁହାଯାଏ । ପବିତ୍ରୀକରଣ ଏକ ସାରା ଜୀବନର ପ୍ରକ୍ରିୟା, ଯହିଁରେ ଆମେ ପାପ ଓ ଜଗତରୁ ଅଧିକ ପୃଥକ୍ ହେଉ ଏବଂ ଈଶ୍ୱରଙ୍କ ପ୍ରତି ଅଧିକ ଉତ୍ସର୍ଗୀକୃତ ହେଉ । ପାଉଲ ଚେତାବନୀ ଦେଇ କହନ୍ତି ଯେ ଆମେ ଜଗତର ଅନୁରୂପୀ ହେବା ଅନୁଚିତ । ସେ ଉତ୍ସାହିତ କରି କହନ୍ତି ଯେପରି ଆମେ "ମନର ନୂତନୀକରଣ ଦ୍ୱାରା (ସର୍ବଦା) ପରିବର୍ତ୍ତିତ ହେବା" (ରୋମୀୟ ୧୨:୨) । ଜଗତରୁ ପୃଥକ୍ ହେବା ଓ ମନର ନୂତନୀକରଣ ଖ୍ରୀଷ୍ଟୀୟ ଜୀବନରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ ହେଉଥିବା ଅନୁଭୂତି ନୁହେଁ । ପ୍ରଭୁଙ୍କ ସହିତ ଚାଲିବା ଦ୍ୱାରା ଜଣେ ବିଶ୍ୱାସୀ କ୍ରମାଗତ ଭାବରେ ବିକାଶ ଓ ଅଭିବୃଦ୍ଧି ଅନୁଭବ କରିଥାଏ । ଏସମସ୍ତ ବିଷୟ ପବିତ୍ରୀକରଣ ଶବ୍ଦରେ ଅନ୍ତର୍ଭୁକ୍ତ ।

## ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା ଓ ପବିତ୍ରୀକରଣ

***ଉତ୍ତରାଧିକାର ସୂତ୍ରରେ*** ପାଇଥିବା ପତିତାବସ୍ଥା (ଓଭଷରକ୍ସସତ୍ସରୟ ଉରକ୍ଷକ୍ସବଙ୍ଗସତ୍ସଛ) ଜଣେ ବ୍ୟକ୍ତିର ନୈତିକ ସ୍ୱଭାବର ଭ୍ରଷ୍ଟତା ଅଟେ ଯାହା ତାକୁ ଜନ୍ମରୁ ପାପ ଆଡ଼କୁ ଆକର୍ଷିତ କରିଥାଏ । ପରମାର୍ଥବିତ୍ମାନେ ଏହାକୁ ଅନେକ ସମୟରେ "ମୂଳ ପାପ" କହିଥାନ୍ତି, କାରଣ ଆଦମଙ୍କ ପାପ ହେତୁ ଏହା ଆମର ପାପପୂର୍ଣ୍ଣ ସ୍ୱଭାବ ଅଟେ ଯାହାକୁ ନେଇ ଆମେ ଜନ୍ମଗ୍ରହଣ କରିଥାଉ ।

ପ୍ରତ୍ୟେକ ବ୍ୟକ୍ତି ଏକ ଆତ୍ମ-କୈନ୍ଦ୍ରିକ ଓ ପାପ ପ୍ରତି ଆସକ୍ତ ଇଚ୍ଛା ନେଇ ଜନ୍ମ ଗ୍ରହଣ କରିଥାନ୍ତି । ଈଶ୍ୱର ଯଦି ଆମମାନଙ୍କୁ ଇଚ୍ଛା ଓ ଶକ୍ତି ପ୍ରଦାନ ନ କରନ୍ତି ଆମର ଇଚ୍ଛା ସ୍ୱାଧୀନଭାବରେ ଯଥାର୍ଥ ବିଷୟ ମନୋନୟନ କରିପାରି ନ ଥାଏ (ରୋମୀୟ ୬:୧୬-୧୭) । ଏହି ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା ଗର୍ବ, ଈର୍ଷା, ଘୃଣାଭାବ ଓ କ୍ଷମା ନ କରିବା ଭଳି ଆଭ୍ୟନ୍ତରୀଣ ପାପସବୁକୁ ଚାଳିତ କରିଥାଏ । ପାପ କରିବାକୁ ଏହା ପ୍ରେରିତ କରିଥାଏ ।

► ଜଣେ ବ୍ୟକ୍ତି ପରିତ୍ରାଣ ପ୍ରାପ୍ତ ହେବା ପରେ, ତା'ଠାରେ ଏହି ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା ତଥାପି ରହିଥାଏ କି?

ଯେଉଁ ବ୍ୟକ୍ତି ପରିତ୍ରାଣ ପ୍ରାପ୍ତ ସେ ଆଉ ଏହି ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥାର କର୍ତ୍ତୃତ୍ୱାଧୀନ ରହେ ନାହିଁ । ଯଦି ସେ ତଥାପି ଏହାର ନିୟନ୍ତ୍ରଣରେ ରହିଥାନ୍ତା, ସେ ପାପରେ ଜୀବନ ଯାପନ କରନ୍ତା ଓ ପରିତ୍ରାଣ ପାଇ ନ ଥାନ୍ତା । ବାଇବଲ କହେ ଯେ ଯେଉଁ ବ୍ୟକ୍ତି ଶାରୀରିକ ମନର ବଶବର୍ତ୍ତୀ ଦଣ୍ଡାଜ୍ଞାର ଅଧୀନ (ରୋମୀୟ ୮:୬-୮, ୧୩) । ଜଣେ ପରିତ୍ରାଣ ପ୍ରାପ୍ତ ବ୍ୟକ୍ତି ଆଉ ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥାର ଅଧୀନରେ ଆଉ ରହେ ନାହିଁ ଏବଂ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ସେ ପାପ ଉପରେ ବିଜୟୀ ଜୀବନ ଯାପନ କରିପାରିବ (ରୋମୀୟ ୮:୧, ୯, ୧୩) ।

ତଥାପି, ଜଣେ ପରିତ୍ରାଣ ପ୍ରାପ୍ତ ବ୍ୟକ୍ତିଠାରେ ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥାର ପ୍ରଭାବ ରହିଥାଏ, ଯେଯାଏ ସେ ଏଥିରୁ ପରିଷ୍କୃତ ହୋଇନାହିଁ । ପାଉଲ କରିନ୍ଥୀୟ ବିଶ୍ୱାସୀମାନଙ୍କୁ କହନ୍ତି ଯେ ଯଦିବା ସେମାନେ ପରିତ୍ରାଣ ପ୍ରାପ୍ତ ତଥାପି ସେମାନେ ଶାରୀରିକ ଅଟନ୍ତି ଓ ଜାଗତିକ ଲୋକମାନଙ୍କ ପରି ମନୋଭାବ ପୋଷଣ କରୁଛନ୍ତି (୧ କରିନ୍ଥୀୟ ୩:୧-୩ ପଢ଼ନ୍ତୁ) । ସେ ମଧ୍ୟ ବୁଝାଇଛନ୍ତି ଯେ ଜଣେ ନୂତନ ଖ୍ରୀଷ୍ଟିୟାନ ଏପରି ଅବସ୍ଥାରେ ରହିବା ସ୍ୱାଭାବିକ । ସେ କହନ୍ତି ଯେ ଶାରୀରିକ ହେବାର ଅର୍ଥ ଖ୍ରୀଷ୍ଟଙ୍କଠାରେ ଶିଶୁତୁଲ୍ୟ ହେବା ।

ଏହି ଅବସ୍ଥାରେ ଥିବା ଜଣେ ବିଶ୍ୱାସୀ ଈଶ୍ୱରଙ୍କୁ ପ୍ରେମ କରେ, କିନ୍ତୁ ସେ ସମସ୍ତ ହୃଦୟ, ସମସ୍ତ ପ୍ରାଣ, ସମସ୍ତ ମନ ଓ ସମସ୍ତ ଶକ୍ତି ସହିତ ଈଶ୍ୱରଙ୍କୁ ପ୍ରେମ କରିପାରିବ ନାହିଁ (ମାଥିଉ ୨୨:୩୭) । ସେ ପାଉଲଙ୍କ ପରି କହିପାରିବ ନାହିଁ ଯେ ଈଶ୍ୱରଙ୍କ ଆହ୍ୱାନକୁ

ଅନୁସରଣ କରିବା ତାଙ୍କର ଏକମାତ୍ର ଉଦ୍ଦେଶ୍ୟ (ଫିଲିପ୍ପୀ ୩:୧୩-୧୫) । ସେ ଜାଣେ ଯେ ତା'ର ହୃଦୟର କେତେକ ଧ୍ୟାନ ଈଶ୍ୱରଙ୍କ ଦୃଷ୍ଟିରେ ସୁଗ୍ରାହ୍ୟ ନୁହେଁ (ଗୀତସଂହିତା ୧୯:୧୪) ।

ଈଶ୍ୱର ଆମମାନଙ୍କୁ ଏହି ଅବସ୍ଥାରେ ଛାଡ଼ି ଦିଅନ୍ତି ନାହିଁ । ପ୍ରାଚୀନ କାଳରେ ସୁଦ୍ଧା ଈଶ୍ୱର ଇଶ୍ରାଏଲ ନିକଟରେ ପ୍ରତିଜ୍ଞା କରିଥିଲେ ଯେ ସେ ଅନୁଗ୍ରହର କାର୍ଯ୍ୟ କରିବେ ଯଦ୍ଦ୍ୱାରା ସେମାନେ ତାଙ୍କୁ ସମସ୍ତ ହୃଦୟର ସହିତ ପ୍ରେମ କରିବାକୁ ସମର୍ଥ ହେବେ (ଦ୍ୱି.ବିବରଣ ୩୦:୬ ପଢ଼ନ୍ତୁ) ।

ଦାଉଦ ଯେଉଁ ପାପ କଲେ ତାହା ଅକ୍ଷମଣୀୟ ଥିଲା, ତେବେ ସେ ଅନୁଗ୍ରହର କାର୍ଯ୍ୟ ନିମନ୍ତେ ପ୍ରାର୍ଥନା କଲେ । ସେ ପାପରେ ପଡ଼ି ଯାଇଥିଲେ ଏବଂ ହୃଦୟର ଏକ ସମସ୍ୟା ହେତୁ ଏହା ଘଟିଥିଲା ବୋଲି ସେ ଅନୁଭବ କଲେ । ସେ ଜାଣିଲେ ଯେ ସ୍ୱଭାବତଃ ସେ ପାପୀ, କିନ୍ତୁ ସେ ବିଶ୍ୱାସ କଲେ ଯେ ଈଶ୍ୱର ତାଙ୍କୁ ସମ୍ପୂର୍ଣ୍ଣ ପବିତ୍ର ହେବା ଆବଶ୍ୟକ କରୁଥିଲେ । ସେ ସମ୍ପୂର୍ଣ୍ଣରୂପେ ପରିଷ୍କୃତ ହେବା ପାଇଁ ପ୍ରାର୍ଥନା କରିଥିଲେ (ଗୀତସଂହିତା ୫୧:୫-୧୦ ପଢ଼ନ୍ତୁ) ।

ନୂତନ ନିୟମର ବିଶ୍ୱାସୀମାନଙ୍କୁ ସେମାନଙ୍କର ପରିବର୍ତ୍ତନ ପରେ ଅନ୍ୟ ଏକ ବିଶେଷ ଘଟଣାକୁ ଆହ୍ୱାନ କରାଗଲା । ଥେସଲନୀକୀୟ ବିଶ୍ୱାସୀମାନେ ବିଶ୍ୱାସୀମାନଙ୍କର ଏକ ଚମତ୍କାର ଉଦାହରଣ ଥିଲେ ଯେଉଁମାନେ ସୁସମାଚାର ଗ୍ରହଣ କରିଥିଲେ, ପ୍ରତିମାସବୁରୁ ବିମୁଖ ହୋଇଥିଲେ, ତାଡ଼ନା ସହ୍ୟ କରିଥିଲେ, ପବିତ୍ର ଆତ୍ମାଙ୍କ ଦତ୍ତ ଆନନ୍ଦ ଲାଭ କରିଥିଲେ, ଏବଂ ଯୀଶୁଙ୍କ ଆଗମନ କରିବା ଅପେକ୍ଷାରେ ରହିଥିଲେ (୧ଥେସଲନୀକୀୟ ୧:୬-୧୦) । ତଥାପି ସେମାନଙ୍କର ବିଶ୍ୱାସରେ କିଛିଟା ଅଭାବ ଥିଲା । ଏହା ଏକ ଦୀର୍ଘ ପ୍ରକ୍ରିୟାରେ କିମ୍ୱା ମୃତ୍ୟୁ ସମୟରେ ଯୋଗାଇ ଦିଆଯିବା ବିଷୟ ନ ଥିଲା, କାରଣ ପାଉଲ କହିଥିଲେ ଯେ ସେ ସେମାନଙ୍କୁ ପରିଦର୍ଶନ କରିବାକୁ ଯିବାବେଳେ ମଧ୍ୟ ଏହା ଘଟିପାରେ (୧ଥେସଲନୀକୀୟ ୩:୧୦ ପଢ଼ନ୍ତୁ) । ସେ ପ୍ରାର୍ଥନା କଲେ:

> "ପବିତ୍ରୀକରଣ ମୋର ଧାରଣା ନୁହେଁ ଯେ ମୁଁ ଯାହା ଚାହୁଁଛି ଈଶ୍ୱର ମୋ ନିମନ୍ତେ ତାହା କରିବେ; ପବିତ୍ରୀକରଣ ହେଉଛି ଈଶ୍ୱରଙ୍କର ଧାରଣା ଯାହା ସେ ମୋ ନିମନ୍ତେ କରିବାକୁ ଚାହାନ୍ତି, ଏବଂ ସେ ମୋତେ ମନ ଓ ଆତ୍ମାରେ ଆଗ୍ରହୀ କରି ତାଙ୍କ ନିକଟକୁ ଆଣିବାକୁ ହେବ ଯେଉଁଠାରେ ଯେକୌଣସି ମତେ ମୋତେ ସମ୍ପୂର୍ଣ୍ଣରୂପେ ପବିତ୍ର କରିବାକୁ ମୁଁ ତାଙ୍କୁ କହିବି" ।
>
> -ଓସୱାଲ୍ଡ ଚାମ୍ବର୍ସ

> ଶାନ୍ତିଦାତା ଈଶ୍ୱର ସ୍ୱୟଂ ତୁମ୍ଭମାନଙ୍କୁ ସମ୍ପୂର୍ଣ୍ଣରୂପେ ପବିତ୍ର କରନ୍ତୁ, ପୁଣି ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଗମନ ନିମନ୍ତେ ତୁମ୍ଭମାନଙ୍କ ଆତ୍ମା, ପ୍ରାଣ, ଶରୀର ସମ୍ପୂର୍ଣ୍ଣ ନିର୍ଦ୍ଦୋଷରୂପେ ରକ୍ଷିତ ହେଉ । ଯେ ତୁମ୍ଭମାନଙ୍କୁ ଆହ୍ୱାନ କରୁଅଛନ୍ତି, ସେ ବିଶ୍ୱସ୍ତ; ସେ ତାହା ମଧ୍ୟ ସାଧନ କରିବେ (୧ଥେସଲନୀକୀୟ ୫:୨୩-୨୪) ।

ପାଉଲ ପ୍ରାର୍ଥନା କଲେ ଯେ ଏହି ବିଶ୍ୱାସୀମାନେ ସମ୍ପୂର୍ଣ୍ଣରୂପେ ପବିତ୍ରୀକୃତ ହେଉନ୍ତୁ । ଏହା ଫଳରେ ବିଶ୍ୱାସୀମାନେ ଶରୀର, ପ୍ରାଣ ଓ ଆତ୍ମାରେ ନିର୍ଦ୍ଦୋଷରୂପେ ରକ୍ଷିତ ହେବେ ।

ଯୀଶୁଙ୍କ ବିଶ୍ୱାସୀମାନେ ପେଣ୍ଟିକଷ୍ଟ ଦିନ ଅନୁଗ୍ରହର ଏକ ବିଶେଷ କାର୍ଯ୍ୟ ଅନୁଭବ କଲେ । ଆମେ ଜାଣୁ ଯେ ସେମାନେ ସେହି ସମୟ ପୂର୍ବରୁ ପରିତ୍ରାଣ ପ୍ରାପ୍ତ ଥିଲେ, କାରଣ ଯୀଶୁ କହିଲେ ସେମାନେ ଜଗତର ନୁହଁନ୍ତି, ସେମାନେ ତାହାଙ୍କର ଓ ପିତାଙ୍କର ଅଟନ୍ତି, ଏବଂ ସେମାନଙ୍କର ନାମ ସ୍ୱର୍ଗରେ ଲେଖା ହୋଇଛି (ଯୋହନ ୧୫:୩, ଯୋହନ ୧୭:୧୪, ୯-୧୦; ଲୂକ ୧୦:୨୦) । କିନ୍ତୁ ସେମାନେ ଆତ୍ମ-କୈନ୍ଦ୍ରିକ ଥିଲେ ଓ ଈଶ୍ୱରଙ୍କର ପ୍ରାଥମିକତାକୁ ଅନୁସରଣ କରୁ ନ ଥିଲେ । ବାରମ୍ବାର ଯୀଶୁ ସେମାନଙ୍କର ପାପପୂର୍ଣ୍ଣ ମନୋଭାବ ଯୋଗୁଁ ସେମାନଙ୍କୁ ଅନୁଯୋଗ କଲେ (ମାର୍କ ୯:୩୩-୩୪; ମାର୍କ ୧୦:୩୫-୪୧; ଲୂକ ୯:୫୪-୫୫ ପଢ଼ନ୍ତୁ) ।

ଯୀଶୁଙ୍କ ପୁନରୁତ୍ଥାନ ପରେ, ସେ ସ୍ୱର୍ଗାରୋହଣ କରିବା ପୂର୍ବରୁ, ସେ ତାଙ୍କ ଶିଷ୍ୟମାନଙ୍କୁ କହିଲେ ଯେ ସେମାନେ ଜଗତର ସାକ୍ଷୀ ହେବାକୁ ଯାଉଛନ୍ତି । କିନ୍ତୁ ସେ ସେମାନଙ୍କୁ କହିଲେ ଯେ ସେମାନେ ପ୍ରଥମେ ପବିତ୍ର ଆତ୍ମାରେ ବାପ୍ତିଜିତ ହେବାକୁ ହେବ (ଲୂକ ୨୪:୪୯; ଯୋହନ ୨୦:୨୨; ପ୍ରେରିତ ୧:୨-୫, ୮ ପଢ଼ନ୍ତୁ) । ସେ ସେମାନଙ୍କୁ ପୂର୍ବରୁ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ବିଷୟରେ ବହୁତ କିଛି କହିଥିଲେ, ବିଶେଷକରି ଯୋହନ ୧୪-୧୬ ଅଧ୍ୟାୟରେ ।

ପେଣ୍ଟିକଷ୍ଟ ଦିନରେ ଶିଷ୍ୟମାନେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇଥିଲେ (ପ୍ରେରିତ ୨:୪) । ଏହି ପୂର୍ଣ୍ଣତା ସେମାନଙ୍କ ପ୍ରେରଣା, ପ୍ରାଥମିକତା ଓ କାର୍ଯ୍ୟକଳାପକୁ ବଦଳାଇଦେଲା । ନୂତନ ନିୟମର ବାକି ଘଟଣାଗୁଡ଼ିକରେ, ଶିଷ୍ୟମାନେ ଖ୍ରୀଷ୍ଟଙ୍କ ସଦୃଶ ମନୋଭାବ ଓ ପ୍ରାଥମିକତା ପ୍ରଦର୍ଶନ କରିଥିଲେ, ଯଦିବା ସେମାନଙ୍କର ଅନେକ ଭୁଲ ବୁଝାମଣା ରହିଥିଲା ଓ ସେମାନେ ଭୁଲ କରିଥିଲେ । ପିତର ଓ ଯୋହନଙ୍କ ଲିଖିତ ପତ୍ରସମୂହରେ ଖ୍ରୀଷ୍ଟଙ୍କର ସମ୍ବାଦ ଓ ହୃଦୟ ପ୍ରତିଫଳିତ ହୋଇଛି । ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବା ସେମାନଙ୍କୁ ସମସ୍ତ ହୃଦୟ, ସମସ୍ତ ମନ, ସମସ୍ତ ପ୍ରାଣ ଓ ସମସ୍ତ ଶକ୍ତି ସହିତ ସେମାନଙ୍କର ପ୍ରଭୁ ଈଶ୍ୱରଙ୍କୁ ପ୍ରେମ କରିବାକୁ ଏବଂ ସେମାନଙ୍କ ପ୍ରତିବାସୀଙ୍କୁ ଆତ୍ମତୁଲ୍ୟ ପ୍ରେମ କରିବାକୁ ସକ୍ଷମ କରିଥିଲା (ମାଥିଉ ୨୨:୩୭-୩୯) । ଯେହେତୁ ସେମାନେ ପବିତ୍ର ଆତ୍ମାଙ୍କ ନିକଟରେ ସମର୍ପିତ ହୋଇଥିଲେ, ସେ ସେମାନଙ୍କ ମଧ୍ୟ ଦେଇ ବାସ କରିଥିଲେ, ଯେପରି କି ସେ ଖ୍ରୀଷ୍ଟଙ୍କ ମଧ୍ୟ ଦେଇ ବାସ କରିଥିଲେ (ଲୂକ ୪:୧, ୧୪, ୧୮; ପ୍ରେରିତ ୨:୨୨) ।

> "ଆମ ଚାରିପାଖରେ ଥିବା ଜଗତ ପ୍ରତି ମଣ୍ଡଳୀର ଦ୍ୱିଗୁଣ ଦାୟିତ୍ୱ ରହିଛି । ଗୋଟିଏ ପଟେ ଆମେ ଜଗତରେ ବାସ କରିବା, ସେବା କରିବା ଓ ସାକ୍ଷ୍ୟ ଦେବା । ଅନ୍ୟ ପଟେ ଆମେ ଜଗତ ଦ୍ୱାରା ପ୍ରଦୂଷିତ ହେବାରୁ ନିଜକୁ ଦୂରେଇ ରହିବା । ତେଣୁ ଆମେ ଜଗତରୁ ପଳାୟନ କରି ଆମର ପବିତ୍ରତାକୁ ରକ୍ଷା କରିବାକୁ ଚେଷ୍ଟା କରିବା ନାହିଁ କି ଜଗତର ଅନୁରୂପୀ ହୋଇ ଆମର ପବିତ୍ରତାକୁ ହରାଇବା ନାହିଁ" ।
>
> -ଜନ୍ ଷ୍ଟଟ୍

କେତେକ ଖ୍ରୀଷ୍ଟୀୟ ଶିକ୍ଷକ ପବିତ୍ରୀକରଣ ପ୍ରକ୍ରିୟାଉପରେ ଧ୍ୟାନ ଦିଅନ୍ତି ତ ଅନ୍ୟମାନେ ସଙ୍କଟ ଘଟଣା ଉପରେ ଧ୍ୟାନ ଦିଅନ୍ତି । ପେଣ୍ଟିକଷ୍ଟୀୟ ଅନୁଭୂତି ଓ ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇଥିବା ଲୋକମାନେ ପବିତ୍ରୀକରଣର ଏକ ନିର୍ଦ୍ଦିଷ୍ଟ ଘଟଣା ଅନୁଭବ କରିବାର ଏକ ଉଦାହରଣ । ଯଦି କୌଣସି ବିଷୟ ସମ୍ପୂର୍ଣ୍ଣ ହୁଏ ବା ପୂରାପୂରି ଅନୁଭୂତ ହୁଏ ତେବେ ଏହା ସୂଚିତ କରେ

ଯେ ଏହା କୌଣସି ଏକ ସମୟରେ କରାଯାଇଥାଏ । ଏହା ଗୁରୁତ୍ୱପୂର୍ଣ୍ଣ ଯେ ବିଶ୍ୱାସ ଓ ସମ୍ପୂର୍ଣ୍ଣ ଆତ୍ମସମର୍ପଣର ଗୋଟିଏ ମୁହୂର୍ତ୍ତରେ ମଧ୍ୟ ସୁସମାଚାର କ'ଣ କରିପାରିବ ତାକୁ ଆମେ ସୀମିତ କରି ନ ପାରୁ (ରୋମୀୟ ୧୨:୧-୨) । ଯୀଶୁ ତାଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ମାଧ୍ୟମରେ ଯାହା ପ୍ରଦାନ କରିଛନ୍ତି, ତାହା ନିମ୍ନ ସମସ୍ତଙ୍କ ପାଇଁ ଉପଲବ୍ଧ:

୧. ଯେଉଁମାନେ ଯୀଶୁଙ୍କ ସହଭାଗିତାରେ ଥାଇ ଆପଣା ଆପଣାକୁ ପାପ ପ୍ରତି ମୃତ ଗଣନା କରନ୍ତି (ରୋମୀୟ ୬:୧୧) ।

୨. ଯେଉଁମାନେ ପାପକୁ ସେମାନଙ୍କ ମର୍ତ୍ତ୍ୟ ଶରୀରରେ ରାଜତ୍ୱ କରିବାକୁ ଦିଅନ୍ତି ନାହିଁ (ରୋମୀୟ ୬:୧୨) ।

୩. ଯେଉଁମାନେ ଆପଣା ଆପଣା ଅଙ୍ଗପ୍ରତ୍ୟଙ୍ଗକୁ ଧାର୍ମିକତାର ଅସ୍ତ୍ରଶସ୍ତ୍ରରୂପେ ସମର୍ପଣ କରନ୍ତି (ରୋମୀୟ ୬:୧୩) ।

ଇତିହାସ ମଧ୍ୟରେ ମହାନ୍ ଖ୍ରୀଷ୍ଟିୟାନମାନେ ଆତ୍ମାରେ ପରିପୂର୍ଣ୍ଣ ହେବା ଓ ଈଶ୍ୱରଙ୍କ ସହିତ ଗଭୀର ସମ୍ପର୍କରେ ପ୍ରବେଶ କରିଥିବା ମୁହୂର୍ତ୍ତଗୁଡ଼ିକ ବିଷୟରେ ସାକ୍ଷ୍ୟ ଦେଇଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ଜନ୍ ବନିୟନ୍, ହଡ୍ସନ୍ ଟେଲର୍ Hudson Taylor), , ଡ଼ି.ଏଲ୍. ମୁଡ଼ି (Dwight L. Moody), ସାମି ମୋରିସ୍ (Sammy Morris), ଓସ୍ୱାଲ୍ଡ ଚାମ୍ବର୍ସ୍ (Oswald Chambers), ଫ୍ରାନ୍ସିସ୍ ରିଡ୍ଲି ହାବେର୍ଗାଲ୍ (Frances Ridley Havergal ) ଓ ଆମି କର୍ମାଇକେଲ୍ (Amy Carmichael.) ।□□

ଯଦିବା ଏହା ଗୁରୁତ୍ୱପୂର୍ଣ୍ଣ ଯେ ଈଶ୍ୱର ଏକ ମୁହୂର୍ତ୍ତରେ ଯାହା କରିପାରିବେ ତାକୁ ଆମେ ସୀମିତ କରିପାରିବା ନାହିଁ, ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ ଆମେ ଭୁଲିଯିବା ନାହିଁ । ଯଦିବା ଏପ୍ରକାର ପବିତ୍ରୀକରଣକୁ ବେଳେବେଳେ ସମ୍ପୂର୍ଣ୍ଣ ବୋଲି ବର୍ଣ୍ଣନା କରାଯାଏ, ଏହି ସ୍ତର ସୂଚିତ କରେ ନାହିଁ ଯେ ଆଉ କୌଣସି ଅଧିକ ବିକାଶ ହୋଇପାରିବ ନାହିଁ । ଉଦାହରଣ ସ୍ୱରୂପ, ଫରାସୀ ଭାଷା କହି ଶିଖିବାର ଅର୍ଥ ନୁହେଁ ଯେ ଜଣେ ଅଧିକ ଉତ୍ତମରୂପେ ଫରାସୀ ଭାଷା କହିବା ପାଇଁ ଶିଖିବା ଜାରି ରଖିବ ନାହିଁ । ଯେଉଁମାନେ ସମ୍ପୂର୍ଣ୍ଣରୂପେ ପବିତ୍ରୀକୃତ ହୋଇଛନ୍ତି ସେମାନେ ଏକ ସ୍ଥିତିରେ ପହଂଚିଛନ୍ତି ଯେତେବେଳେ ସେମାନେ ଏକ ପବିତ୍ରୀକରଣର ଅନୁଭୂତି ଲାଭ କରିଛନ୍ତି ଯାହା ସେମାନେ ପୂର୍ବରୁ ଲାଭ କରି ନ ଥିଲେ । ତଥାପି, ଏହା ସିଦ୍ଧିଲାଭର ଚରମ ଅବସ୍ଥା ନୁହେଁ । ଏହା ପବିତ୍ରତାର ଏକ ଜୀବନ ଯେଉଁଠାରୁ ଜଣେ ବିଶ୍ୱାସୀ ବିକାଶ ଜାରି ରଖେ ।

## ପବିତ୍ରୀକରଣ ଓ ଖ୍ରୀଷ୍ଟୀୟ ପରିପକ୍ୱତା

ବାଇବଲ ଜଣେ ପରିପକ୍ୱ ବିଶ୍ୱାସୀର ଜୀବନ ବର୍ଣ୍ଣନା କରେ । ପବିତ୍ର ଆତ୍ମା ବିଶ୍ୱାସୀର ଜୀବନରେ ଖ୍ରୀଷ୍ଟୀୟ ଗୁଣଗୁଡ଼ିକ ବିକଶିତ କରିବାକୁ କାର୍ଯ୍ୟ କରିଥାନ୍ତି । ଆତ୍ମାଙ୍କ କାର୍ଯ୍ୟରେ ରହିଛି ଧୌତ କରିବାର ବିଶେଷ ମୁହୂର୍ତ୍ତଗୁଡ଼ିକ ବା ଅଭିଷେକ ଏବଂ

□□ Shepherds Global Classroomର ପାଠ୍ୟକ୍ରମ Doctrine and Practice of the Holy Life ରେ ଏବିଷୟରେ ଅନେକଙ୍କ କାହାଣୀ ରହିଛି ।

କ୍ରମିକ ପ୍ରକ୍ରିୟାସକଳ । ଜଣେ ବିଶ୍ୱାସୀ କଦାପି ତା'ର ଆତ୍ମିକ ଜୀବନ ବିଷୟରେ ସନ୍ତୁଷ୍ଟ ରହିବା ଉଚିତ ନୁହେଁ ଯଦି ତାହା ଜଣେ ପରିପକ୍ୱ ବିଶ୍ୱାସୀ ସମ୍ପର୍କରେ ବାଇବଲର ବର୍ଣ୍ଣନା ସହିତ ମେଳ ଖାଉ ନାହିଁ ।

ଏବ୍ରୀ ପୁସ୍ତକର ଲେଖକ କହନ୍ତି ଯେ ତାଙ୍କର ପାଠକମାନେ ତଥାପି ଶିଶୁତୁଲ୍ୟ ଅଟନ୍ତି (ଏବ୍ରୀ ୫:୧୨) ।ସେ ସେମାନଙ୍କୁ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି ସିଦ୍ଧି ଲାଭ କରିବା ବା ପରିପକ୍ୱ ହେବା ନିମନ୍ତେ ଅଗ୍ରସର ହେବା ପାଇଁ ଉତ୍ସାହିତ କରନ୍ତି (ଏବ୍ରୀ ୬:୧) ।

ବିଶ୍ୱାସୀମାନଙ୍କ ନିମନ୍ତେ ପ୍ରେରିତମାନଙ୍କ ପ୍ରାର୍ଥନା ଆମକୁ ଆମମାନଙ୍କ ପାଇଁ ଈଶ୍ୱରଙ୍କ ଇଚ୍ଛା କ'ଣ ଦର୍ଶାଇଥାଏ ।

### ପ୍ରେମ

ପାଉଲ ପ୍ରାର୍ଥନା କଲେ, "ପରସ୍ପର ଓ ସମସ୍ତଙ୍କ ପ୍ରତି ପ୍ରେମରେ ପ୍ରଭୁ ତୁମ୍ଭମାନଙ୍କୁ ଆହୁରି ଅଧିକରୂପେ ବଢ଼ାଇଦିଅନ୍ତୁ..." (୧ଥେସଲନୀକୀୟ ୩:୧୨-୧୩) ।ସେ ମଧ୍ୟ ଏଫିସୀୟମାନଙ୍କ ପାଇଁ ପ୍ରାର୍ଥନା କଲେ:

> ...ଯେପରି ତୁମ୍ଭେମାନେ ପ୍ରେମରେ ବଦ୍ଧମୂଳ ଓ ଦୃଢ଼ରୂପେ ସ୍ଥାପିତ ହୋଇ ବୋଧର ଅଗମ୍ୟ ଯେ ଖ୍ରୀଷ୍ଟଙ୍କ ପ୍ରେମ, ତାହା ଜ୍ଞାତ ହୁଅ ଏବଂ ସମସ୍ତ ସାଧୁଙ୍କ ସହିତ ସେଥିର ଦୈର୍ଘ୍ୟ ଓ ପ୍ରସ୍ଥ, ଉଚ୍ଚତା ଓ ଗଭୀରତା ବୁଝିବାକୁ ଶକ୍ତି ପ୍ରାପ୍ତ ହୁଅ (ଏଫିସୀୟ ୩:୧୭-୧୯) ।

ପାଉଲ ପ୍ରାର୍ଥନା କରନ୍ତି ଯେ ଏହି ବିଶ୍ୱାସୀମାନେ ପ୍ରେରେ ଅଧିକରୂପେ ପ୍ରଚୁର ମାତ୍ରାରେ ବୃଦ୍ଧି ପାଆନ୍ତୁ । ୧କରିନ୍ଥୀୟ ୧୩ରେ ଜଣେ ପରିପକ୍ୱ ବିଶ୍ୱାସୀ ଜୀବନରେ ପ୍ରେମ କିପରି ଦୃଶ୍ୟମାନ ହେବା ଉଚିତ ତାହା ପାଉଲ ବର୍ଣ୍ଣନା କରନ୍ତି । ସରଳଭାବେ ପବିତ୍ରୀକୃତ ଜୀବନ କହିଲେ ଆପଣାର ସମସ୍ତ ହୃଦୟ, ପ୍ରାଣ, ମନ ଓ ଶକ୍ତି ସହିତ ଈଶ୍ୱରଙ୍କୁ ପ୍ରେମ କରିବା ଓ ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କରିବା (ଲୂକ ୧୦:୨୭) । ଏହି ପ୍ରକାର ସମ୍ପର୍କ ପବିତ୍ର ବ୍ୟକ୍ତିମାନେ ଈଶ୍ୱରଙ୍କ ସହିତ ଓ ସେମାନଙ୍କ ସହମାନବଙ୍କ ସହିତ ରକ୍ଷା କରିଥାନ୍ତି ।

### ଅନିନ୍ଦନୀୟତା

ଥେସଲନୀକୀୟମାନଙ୍କ ନିମନ୍ତେ ପାଉଲ ପ୍ରାର୍ଥନା କଲେ, ଯେପରି ଈଶ୍ୱର ସେମାନଙ୍କ ହୃଦୟ ସୁସ୍ଥିର କରି ପବିତ୍ରତାରେ ଅନିନ୍ଦନୀୟ ରଖିବେ (୧ଥେସଲନୀକୀୟ ୩:୧୨-୧୩) । ୫ମ ଅଧ୍ୟାୟରେ ସେ ପ୍ରାର୍ଥନା କରନ୍ତି ଯେ ସେମାନେ ପବିତ୍ରୀକୃତ ହେଉନ୍ତୁ ଯେପରି କି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଗମନ ସମୟରେ ସେମାନଙ୍କର ଆତ୍ମା, ପ୍ରାଣ, ଶରୀର ସମ୍ପୂର୍ଣ୍ଣ ନିର୍ଦ୍ଦୋଷରୂପେ ରକ୍ଷିତ ହେବ (୧ଥେସଲନୀକୀୟ ୫:୨୩) । ଅନିନ୍ଦନୀୟତା ବା ନିର୍ଦ୍ଦୋଷତାର ଅର୍ଥ ପ୍ରତ୍ୟେକ ମାର୍ଗରେ ସିଦ୍ଧତା ନୁହେଁ । ଜଣେ ନିର୍ଦ୍ଦୋଷ ବ୍ୟକ୍ତି ଭୁଲ କରିଥାଏ କିନ୍ତୁ ସେ ଯେଉଁ ଚରିତ୍ର ଓ ବ୍ୟବହାର ଦେଖାଇବା ଉଚିତ ସେସବୁ ତ ଠାରେ ନିହିତ ଥାଏ ।

### ଆନ୍ତରିକ ଶକ୍ତି

ଏଫିସୀୟ ବିଶ୍ୱାସୀମାନଙ୍କ ନିମନ୍ତେ ପାଉଲ ପ୍ରାର୍ଥନା କରନ୍ତି ଯେପରି କି ସେମାନେ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଆନ୍ତରିକ ପୁରୁଷରେ ଶକ୍ତିପ୍ରାପ୍ତ ହୋଇ ବଳବାନ୍ ହୁଅନ୍ତି (ଏଫିସୀୟ ୩:୧୫-୧୬) । ଜଣେ ବିଶ୍ୱାସରେ ଅଗ୍ରସର ହେଲେ ତା'ର ଆନ୍ତରିକ ଚରିତ୍ର ଅଧିକ ଶକ୍ତିଶାଳୀ ହୁଏ । ଆନ୍ତରିକ ଶକ୍ତି ହେଉଛି ସଠିକ୍ ନିଷ୍ପତ୍ତିସବୁ ନେବା ଓ ଭୁଲ ନିଷ୍ପତ୍ତିସବୁକୁ ପ୍ରତ୍ୟାଖ୍ୟାନ କରିବାର କ୍ଷମତା ।

### ଖ୍ରୀଷ୍ଟ ଆମ ହୃଦୟରେ ବାସ କରନ୍ତି

ପାଉଲ ଏଫିସୀ ବିଶ୍ୱାସୀମାନଙ୍କ ନିମନ୍ତେ ପ୍ରାର୍ଥନା ଜାରି ରଖି ପ୍ରାର୍ଥନା କରନ୍ତି ଖ୍ରୀଷ୍ଟ ଯେପରି ସେମାନଙ୍କ ହୃଦୟରେ ବାସ କରନ୍ତି (ଏଫିସୀୟ ୩:୧୭) । ଏଠାରେ "ବାସ କରନ୍ତି" ବୋଲି କହିବାର ଅର୍ଥ ସ୍ଥାୟୀ ଭାବରେ ବାସ କରିବା, ଅସ୍ଥାୟୀ ଭାବରେ କେଉଁଠି ରହିବା ନୁହେଁ । ଏହି ଶବ୍ଦ ଚିତ୍ର ସୂଚିତ କରେ ଯେ ଯୀଶୁ କେବଳ ଆମକୁ କେବଳ ପରିଦର୍ଶନ ନ କରି ଆମ ସହିତ ରହିବାକୁ ଚାହାନ୍ତି । ଯେଉଁମାନେ ଏକ ନିଷ୍ପାପର ଆତ୍ମିକ ଜୀବନ ଯାପନ କରନ୍ତି ଖ୍ରୀଷ୍ଟ ସେମାନଙ୍କ ସହିତ ଆରାମଦାୟକ ଓ ସନ୍ତୁଷ୍ଟ ଅନୁଭବ କରନ୍ତି ।

### ଈଶ୍ୱରଙ୍କର ପୂର୍ଣ୍ଣତା

ପାଉଲ ଏଫିସୀୟ ପ୍ରାର୍ଥନା ନିବେଦନ ଅଂଶକୁ ସମାପ୍ତ କରି ପ୍ରାର୍ଥନା କରନ୍ତି ଯେପରି କି ସେମାନେ ଈଶ୍ୱରଙ୍କ ସମସ୍ତ ପୂର୍ଣ୍ଣତାରେ ପରିପୂର୍ଣ୍ଣ ହୁଅନ୍ତି (ଏଫିସୀୟ ୩:୧୪-୧୯) । ଏକ ଆତ୍ମିକ ବାସ୍ତବତାକୁ ବର୍ଣ୍ଣନା କରିବା ପାଇଁ ଏଠାରେ ଏକ ଦୃଷ୍ଟାନ୍ତ ବ୍ୟବହାର କରାଯାଇଛି । ଏହାର ଶାରୀରିକ ଅର୍ଥ ହେଉଛି ଈଶ୍ୱର ଆମର ସମସ୍ତ ଅଂଶ, ଆମର ମନ, ଇଚ୍ଛା, ଭାବପ୍ରବଣତା, କାର୍ଯ୍ୟକଳାପ, ମନୋଭାବ, କ୍ଷୁଧା ଓ ପ୍ରତିକ୍ରିୟାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରଣ କରିବାକୁ ଚାହାନ୍ତି । ବାଇବଲରେ ଉପଲବ୍ଧ ପବିତ୍ର ଜୀବନର ସମସ୍ତ ବର୍ଣ୍ଣନା ମଧ୍ୟରେ ଏହା ସର୍ବଶ୍ରେଷ୍ଠ ହୋଇପାରେ- ଧାର୍ମିକତାଦ୍ୱାରା ଏପରି ପୂର୍ଣ୍ଣ ହୁଅ ଯେ ଅଧାର୍ମିକତା ଆଦୌ ରହିବ ନାହିଁ ।

ପରବର୍ତ୍ତୀ ଦୁଇଟି ପଦ ଏହି ପ୍ରାର୍ଥନାକୁ ସମାପ୍ତ କରେ:

> ଯେଉଁ ଈଶ୍ୱର ଆମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ ସାଧନ କରୁଥିବା ଆପଣା ଶକ୍ତି ଅନୁସାରେ ଆମ୍ଭମାନଙ୍କ ମାଗିବା ବା ଭାବିବାଠାରୁ ଅତ୍ୟଧିକ ପରିମାଣରେ ସାଧନ କରିପାରନ୍ତି; ଯୁଗେ ଯୁଗେ ପୁରୁଷାନୁକ୍ରମେ ମଣ୍ଡଳୀ ଓ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ତାହାଙ୍କର ଗୌରବ ହେଉ । ଆମେନ୍ (ଏଫିସୀୟ ୩:୨୦-୨୧) ।

ଏହି ଆଶିଷ ଭିକ୍ଷା କହେ ଯେ ଆମେ ମାଗିବା ବା ଭାବିବାଠାରୁ ଈଶ୍ୱର ଅଧିକ କିଛି କରିପାରନ୍ତି । ପାଉଲ ଆର୍ଥôକ ପ୍ରଚୁରତା ବିଷୟରେ ନୁହେଁ, ବରଂ ଆତ୍ମିକ ଜୀବନ ବିଷୟରେ କହନ୍ତି । ପବିତ୍ରତା ଓ ପରିପକ୍ୱତାର ସ୍ତରକୁ ଆମେ ହେୟଜ୍ଞାନ କରିବା ଉଚିତ ନୁହେଁ ଯାହା ଆମ ଅନ୍ତରରେ କାର୍ଯ୍ୟ କରୁଥିବା ଶକ୍ତି ଆମକୁ ସେଠାରେ ପହଂଚିବା ପାଇଁ ସାହାଯ୍ୟ କରିଥାଏ ।

## ଖ୍ରୀଷ୍ଟୀୟ ଅଭ୍ୟାସସମୂହ

ନୂତନ ନିୟମ ଆମକୁ ପବିତ୍ରତା ଓ ପରିପକ୍ୱତା ଦିଗରେ ଅଗ୍ରଗତି କରିବାକୁ କେତେକ ଅଭ୍ୟାସ ଦେଇଛି ।

**ଶୁଚି ବିବେକ ଧରି ରଖନ୍ତୁ** । ପାଉଲ ତୀମଥିଙ୍କୁ ସୂଚନା ଦିଅନ୍ତି ଯେ ଉତ୍ତମ ଯୁଦ୍ଧ (ବିଜୟୀ ଖ୍ରୀଷ୍ଟିୟାନ ଜୀବନ ଯାପନ ପାଇଁ ଏକ ଦୃଷ୍ଟାନ୍ତ) କରିବା ପାଇଁ ବିଶ୍ୱାସ ଓ ଶୁଚି ବିବେକ ଧରି ରଖିôବା ଆବଶ୍ୟକ (୧ତୀମଥି ୧:୧୮-୧୯) ।[□□] ପାଉଲ ମଧ୍ୟ କହନ୍ତି, "ମୁଁ ନିଜେ ସର୍ବଦା ଈଶ୍ୱରଙ୍କ ଓ ମନୁଷ୍ୟର ପ୍ରତି ନିର୍ଦ୍ଦୋଷ ବିବେକ ରକ୍ଷା କରିବାକୁ ଯତ୍ନ କରିଥାଏ" (ପ୍ରେରିତ ୨୪:୧୬) ।ଆମ ବିବେକର କଥା ଶୁଣିବା ଦ୍ୱାରା ଆମେ ଅନୁତପ୍ତ ହୋଇପାରୁ, କ୍ଷତିପୂରଣ କରିପାରୁ, କାହା ସହିତ ପୁନର୍ମିଳିତ ହୋଇପାରୁ, ବା ଆମର ଆଚରଣକୁ ସୁଧାରିପାରୁ । ଏକ ଶୁଚି ବିବେକ ଧରି ରଖିବାର ଅର୍ଥ ବ୍ୟକ୍ତିମାନେ ପାପ ସ୍ୱୀକାର କରିବେ ଓ ଅନୁତପ୍ତ ହେବେ ଯେତେବେଳେ ସେମାନେ ଅନୁଭବ କରିବେ ଯେ ସେମାନେ ଭୁଲ କରିଛନ୍ତି ।

> "ଶସ୍ତା ଅନୁଗ୍ରହ ଏପରି ଅନୁଗ୍ରହ (କାଳ୍ପନିକ) ଯାହା ଆମେ ନିଜ ଉପରେ ଅର୍ପଣ କରିଥାଉ ।ଶସ୍ତା ଅନୁଗ୍ରହ ହେଉଛି ଅନୁତାପର ଆବଶ୍ୟକତା ବିନା ପାପକ୍ଷମା ପ୍ରଚାର କରିବା, ମଣ୍ଡଳୀର ଅନୁଶାସନ ବିନା ବାପ୍ତିସ୍ମ ଗ୍ରହଣ, ପାପସ୍ୱୀକାର ବିନା ପ୍ରଭୁଭୋଜ ମେଜର ଅଂଶୀ ହେବା.. ଶସ୍ତା ଅନୁଗ୍ରହ ହେଉଛି ଶିଷ୍ୟତ୍ୱ ବିନା ଅନୁଗ୍ରହ, କ୍ରୁଶ ବିନା ଅନୁଗ୍ରହ, ଜୀବିତ ଓ ଦେହବନ୍ତ ଯୀଶୁ ଖ୍ରୀଷ୍ଟଙ୍କ ବିନା ଅନୁଗ୍ରହ" ।
> - ଡାଏଟ୍ରିଚ୍ ବୋନ୍ହୋଫର୍

**ଈଶ୍ୱରଙ୍କ ନିକଟରେ ଆପଣାକୁ ଉତ୍ସର୍ଗ କରନ୍ତୁ** । ରୋମୀୟ ୧୨:୧ରେ ପାଉଲ ଶକ୍ତିଯୁକ୍ତ ପରାମର୍ଶ ଦେଇ କହନ୍ତି: "ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା ।" ରୋମୀୟ ବିଶ୍ୱାସୀମାନେ ସେମାନଙ୍କର ପରିବର୍ତ୍ତନ ସମୟରେ ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପଣ କରିଥିଲେ । ତଥାପି ପାଉଲ ଏଠାରେ ଈଶ୍ୱରଙ୍କ ନିକଟରେ ଆହୁରି ଅଧିକରୂପେ ସମ୍ପୂର୍ଣ୍ଣ ସମର୍ପଣ କରିବା ଉପରେ ଗୁରୁତ୍ୱ ଦିଅନ୍ତି ।

---

[□□] ପାଉଲ ବିଶେଷ କରି ଚିନ୍ତିତ ଥିଲେ ଯେ ପାଳକମାନଙ୍କର ବିବେକ ନିର୍ଦ୍ଦୋଷ ହେବା ଆବଶ୍ୟକ କାରଣ ଅନ୍ୟ ତିନୋଟି ସ୍ଥାନରେ ପାଳକ ତୀମଥିଙ୍କୁ ଲେଖିଥିବା ପାଳକୀୟ ପତ୍ରରେ ସେ ଏହାକୁ ଗୁରୁତ୍ୱ ଦିଅନ୍ତି, "ଶୁଦ୍ଧ ବିବେକ" ଓ "ଶୁଚି ବିବେକ" ବିଷୟରେ ସେ କହନ୍ତି (୧ତୀମଥି ୧:୫; ୩:୮-୯; ୨ତୀମଥି ୧:୩) ।

**ଜଗତର ଅନୁରୂପୀ ହୁଅନ୍ତୁ ନାହିଁ** (ରୋମୀୟ ୧୨:୨) । ଜଗତର ଅନୁରୂପୀ ହେବାର ଅର୍ଥ ଅବିଶ୍ୱାସୀ ସମାଜର ଦୃଷ୍ଟିକୋଣ ଅନୁଯାୟୀ ଗଠିତ ହେବା, ଏହା ମୂଲ୍ୟସବୁକୁ ବାଣ୍ଟିବା ଓ ଅବିଶ୍ୱାସୀମାନଙ୍କ ପରି ଆଚରଣ କରିବା । ଜଗତର ଲୋକମାନେ ସ୍ୱାର୍ଥପର ଓ ବିଶେଷ କରି ଅସାଧୁ ହେବା ପାଇଁ ଏବଂ ଶରୀରର ଇଚ୍ଛାସବୁକୁ ପାପପୂର୍ଣ୍ଣ ଉପାୟରେ ପୂରଣ କରିବା ପାଇଁ ଯଥାର୍ଥତା ଖୋଜନ୍ତି । ଜଣେ ବିଶ୍ୱାସୀ ଭିନ୍ନ ଅଟେ (୨ କରିନ୍ଥୀୟ ୧୦:୩-୪) ।

**ମନର ନୂତନୀକରଣ କରନ୍ତୁ** । ପାଉଲ ରୋମୀୟମାନଙ୍କୁ ପରାମର୍ଶ ଜାରି ରଖି କହନ୍ତି,

> "ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ, ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣି ପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ" (ରୋମୀୟ ୧୨:୨) ।

ଜଗତର ଚିନ୍ତାଧାରାକୁ ଜଣେ ଯେତେ ପ୍ରତ୍ୟାଖ୍ୟାନ କରେ ଓ ଈଶ୍ୱରଙ୍କ ଚିନ୍ତାଧାରାକୁ ଗ୍ରହଣ କରେ, ସେ ସେତେ ଅଧିକ ପରିବର୍ତ୍ତିତ ହେବାକୁ ଯାଉଛି ।

ଜ୍ୟୋତିରେ ଆଚରଣ କରନ୍ତୁ । ଯୋହନ ଲେଖନ୍ତି: "କିନ୍ତୁ ସେ ଯେପରି ଜ୍ୟୋତିର୍ନିବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ" (ଯୋହନ ୧:୭) । ଆଲୋକ ସତ୍ୟର ଆଳଙ୍କାରିକ ପ୍ରୟୋଗ । ଏଣୁ, ଜ୍ୟୋତିରେ ଆଚରଣ କରିବାର ଅର୍ଥ କ୍ରମାଗତ ଭାବେ ସତ୍ୟ ଶିଖିବା ଓ ଏହାକୁ ଅନୁସରଣ କରିବା ।

**ବିଶ୍ୱାସ ଦ୍ୱାରା ଦୁଃଖଭୋଗ ସହ୍ୟ କରିବା** । ୧ ପିତର ୫:୧୦ରେ ପିତରଙ୍କ ଆଶିଷଭିକ୍ଷା ଜଣେ ସଂସ୍ଥାପିତ, ସବଳ ଓ ସୁସ୍ଥିର ବିଶ୍ୱାସୀ ହେବାର ଗୌରବମୟ ଉଦ୍ଦେଶ୍ୟକୁ ସୂଚିତ କରେ, କିନ୍ତୁ ସେଠାରେ ପହଂଚିବାର ଏକ ଅପ୍ରୀତିକର ଉପାୟ ବର୍ଣ୍ଣନା କରେ । "ସମସ୍ତ ଅନୁଗ୍ରହର ଆକର ଯେଉଁ ଈଶ୍ୱର ...... ତୁମ୍ଭମାନଙ୍କ କ୍ଷଣିକ ଦୁଃଖଭୋଗ ଉତ୍ତାରେ ତୁମ୍ଭମାନଙ୍କୁ ସିଦ୍ଧ, ସୁସ୍ଥିର, ସବଳ ଓ ସଂସ୍ଥାପିତ କରିବେ" (୧ ପିତର ୫:୧୦) । ଦୁଃଖଭୋଗ ଆମର ମନୋଭାବସବୁକୁ ଶୁଦ୍ଧ କରେ ଓ ଆମର ଆଚରଣକୁ ସଂଶୋଧନ କରେ । ଈଶ୍ୱର ଦୁଃଖଭୋଗ ଆସିବାକୁ ଦିଅନ୍ତି ଯାହା ଆମକୁ ବିକଶିତ କରେ । ଆମେ ଏହାକୁ ଗ୍ରହଣ କରିବାକୁ ହେବ ଏବଂ ଈଶ୍ୱର ଏହା ଦ୍ୱାରା ଆମକୁ କ'ଣ ଶିକ୍ଷା ଦେଉଛନ୍ତି ତାହା ଶିଖିବାକୁ ହେବ (୨ କରିନ୍ଥୀୟ ୧୨:୭-୧୦) ।

► ବିଶ୍ୱାସର ସ୍ୱୀକାରୋକ୍ତିକୁ ଏକାଠି ଅତିକମରେ ଦୁଇଥର ପଢ଼ନ୍ତୁ ।

## ବିଶ୍ୱାସର ସ୍ୱୀକାରୋକ୍ତି

ଖ୍ରୀଷ୍ଟୀୟ ପବିତ୍ରତା ଆରମ୍ଭ ହୋଇଥାଏ ଯେତେବେଳେ ଜଣେ ପାପୀ ମନପରିବର୍ତ୍ତନ କରେ ଓ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ପରିବର୍ତ୍ତିତ ହୁଏ । ବିଶ୍ୱାସୀ ଆତ୍ମିକ ଭାବରେ ବୃଦ୍ଧି ପାଏ ଯେତେବେଳେ ସେ ଈଶ୍ୱରଙ୍କ ଇଚ୍ଛା ଅଧିକରୂପେ ବୁଝିଥାଏ ଓ ଆଜ୍ଞାକାରୀ ହୋଇ ଆଗକୁ ବଢ଼େ । ପବିତ୍ରୀକରଣ ଈଶ୍ୱରଙ୍କ କାର୍ଯ୍ୟ ଯଦ୍ଦ୍ୱାରା ସେ ବିଶ୍ୱାସୀକୁ ପରିଷ୍କାର କରନ୍ତି ଏବଂ ତାକୁ ପବିତ୍ର ଚରିତ୍ର ଓ ପବିତ୍ର ଜୀବନ ମଧ୍ୟକୁ ଆଣନ୍ତି ।

## ପାଠ ୧୧ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ଯିଶାଇୟ ୬:୧-୮
- ପ୍ରେରିତ ୨:୧-୧୮
- ୧କରିନ୍ଥୀୟ ୧୦:୧-୧୩
- ୧ଥେସଲନୀକୀୟ ୫:୧୪-୨୪
- ତୀତସ ୨:୧୧-୧୪

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୧୧ ର ଏକ ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ତୁମର ଶ୍ରେଣୀ ବାହାର ଶିକ୍ଷାଦାନର ସମୟ ନିର୍ଘଣ୍ଟ ମନେ ରଖ ଓ ଶିକ୍ଷାଦାନ ସମାପ୍ତ କଲା ପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୧୧ ପରୀକ୍ଷା

(୧) ପବିତ୍ରତାର ମୂଳ ଅର୍ଥ କ'ଣ?

(୨) ଈଶ୍ୱର ପବିତ୍ର ଅଟନ୍ତି, ଏହାର ଅର୍ଥ କ'ଣ?

(୩) ଉପାସନା ନିମନ୍ତେ ପବିତ୍ରତା କାହିଁକି ଗୁରୁତ୍ୱପୂର୍ଣ୍ଣ?

(୪) ଖ୍ରୀଷ୍ଟୀୟ ପବିତ୍ରତା କେତେବେଳେ ଆରମ୍ଭ ହୋଇଥାଏ?

(୫) ଜ୍ୟୋତିରେ ଆଚରଣ କରିବାର ଅର୍ଥ କ'ଣ?

(୬) ବିଶ୍ୱାସୀର ଜୀବନବ୍ୟାପୀ ପବିତ୍ରୀକରଣ ପ୍ରକ୍ରିୟାରେ ତା' ପ୍ରତି କ'ଣ ଘଟେ?

(୭) ଉତ୍ତରାଧିକାର ସୂତ୍ରରେ ପାଇଥିବା ପତିତାବସ୍ଥା କ'ଣ?

(୮) ଜଣେ ବିଶ୍ୱାସି କିପରି ପ୍ରଭୁଙ୍କ ଆଗମନ ନିମନ୍ତେ ଆତ୍ମା, ପ୍ରାଣ, ଶରୀରରେ ନିର୍ଦ୍ଦୋଷ ରୂପେ ରକ୍ଷିତ ହେବ?

# ପାଠ ୧୨

# ମଣ୍ଡଳୀ

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- ମଣ୍ଡଳୀର ଉତ୍ପତ୍ତି ।
- ଏକ ଜୀବନ୍ତ ଅନୁଷ୍ଠାନ ଭାବରେ ମଣ୍ଡଳୀ ।
- ଏକ ଜୀବନ୍ତ, ସ୍ଥାନୀୟ ନିକାୟ ଭାବରେ ମଣ୍ଡଳୀ ।
- ବିଶ୍ୱବ୍ୟାପୀ ମଣ୍ଡଳୀର ଏକତାର ଆଧାର ।
- ସ୍ଥାନୀୟ ମଣ୍ଡଳୀର ଏକତାର ଆଧାର ।
- ମଣ୍ଡଳୀର ବିଧିଗୁଡ଼ିକ ।
- ମଣ୍ଡଳୀର ଉଦ୍ଦେଶ୍ୟ ।
- ମଣ୍ଡଳୀର ବିଷୟରେ ଖ୍ରୀଷ୍ଟୀୟ ବିଶ୍ୱାସର ଏକ ସ୍ୱୀକାରୋକ୍ତି ।

(୨) ଛାତ୍ରମାନଙ୍କର ଯେପରି ସ୍ଥାନୀୟ ମଣ୍ଡଳୀ ପ୍ରତି ପ୍ରତିଶ୍ରୁତିବଦ୍ଧ ହେବାର ଦାୟିତ୍ୱବୋଧ ରହିବ ।

## ମଣ୍ଡଳୀର ଉତ୍ପତ୍ତି

► ଏଫିସୀୟ ୩:୩-୧୦ ଏକାଠି ପଢ଼ନ୍ତୁ । ଏହି ଶାସ୍ତ୍ରାଂଶ ମଣ୍ଡଳୀ ବିଷୟରେ କ'ଣ କହେ?

ନୂତନ ନିୟମର ଅନେକ ଶତାବ୍ଦୀ ପୂର୍ବରୁ, ମଣ୍ଡଳୀର ରହସ୍ୟ ବା ନିଗୂଢ଼ତତ୍ତ୍ୱ ପୂର୍ଣ୍ଣରୂପେ ପ୍ରକାଶିତ ହୋଇ ନ ଥିଲା । ଅନେକ ଲୋକ ଈଶ୍ୱରଙ୍କ ଅନୁଗ୍ରହ ଲାଭ କରି ତାଙ୍କ ସହ ସମ୍ପର୍କରେ ରହିଥିଲେ (ରୋମୀୟ ୪:୧-୮), କିନ୍ତୁ ମଣ୍ଡଳୀ ସ୍ଥାପିତ ହୋଇ ନ ଥିଲା ।

► ମଣ୍ଡଳୀ କେବେ ଆରମ୍ଭ ହେଲା?

ଯୀଶୁଙ୍କ ଜୀବନ ଓ ସେବାକାର୍ଯ୍ୟ ସହିତ ମଣ୍ଡଳୀ ଆରମ୍ଭ ହେଲା । ସେ ଯେଉଁ ପରିତ୍ରାଣ ପ୍ରଦାନ କଲେ ତା' ଉପରେ ମଣ୍ଡଳୀ ଗଠିତ ହେଲା (ମାଥିଉ ୧୬:୧୬-୧୮) । ମଣ୍ଡଳୀ ଯୁଗ ପେଣ୍ଟିକଷ୍ଟ ଦିବସରୁ ଆରମ୍ଭ ହେଲା । ସେହି ଦିନଠାରୁ ପୃଥିବୀରେ ଖ୍ରୀଷ୍ଟଙ୍କ ଶାରୀରିକ ଓ ଦୃଶ୍ୟମାନ ନେତୃତ୍ୱ ବିନା ମଣ୍ଡଳୀ ପବିତ୍ର ଆତ୍ମାଙ୍କ ଶକ୍ତିରେ କାର୍ଯ୍ୟ କରି ଆସୁଛି (ଯୋହନ ୧୬:୭) ।

ସାରା ଜଗତରେ ତାହାଙ୍କ ଶିକ୍ଷାସବୁକୁ ପ୍ରଚାର ଓ ପ୍ରସାର ଏବଂ ପ୍ରମାଣସିଦ୍ଧ କରିବାକୁ ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଅଧିକାର ପ୍ରଦାନ କଲେ (ମାଥିଉ ୨୮:୧୮-୨୦) ଏବଂ ପ୍ରତିଜ୍ଞା କଲେ ଯେ ପବିତ୍ର ଆତ୍ମା ସେମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ (ଯୋହନ ୧୬:୧୩) । ମଣ୍ଡଳୀକୁ ପ୍ରେରିତିକ କୁହାଯାଇପାରେ କାରଣ ପ୍ରେରିତମାନଙ୍କ ଶିକ୍ଷାସମୂହ ହିଁ ମଣ୍ଡଳୀର ମୂଳ ଶିକ୍ଷା ଅଟେ । ଯେଉଁ ବିଶ୍ୱାସ ସେସବୁ ମୂଳ ଶିକ୍ଷାର ପରିପନ୍ଥୀ ତାହା ଖ୍ରୀଷ୍ଟୀୟ ବିଶ୍ୱାସ ନୁହେଁ:

ମଣ୍ଡଳୀର ଉତ୍ପତ୍ତି ହେଲା:

୧. ଯୀଶୁଙ୍କ ସେବାକାର୍ଯ୍ୟରୁ
୨. ଖ୍ରୀଷ୍ଟ ପ୍ରଦତ୍ତ ପରିତ୍ରାଣରେ
୩. ପେଣ୍ଟିକଷ୍ଟ ଦିନରେ ଘଟିଥିବା ଘଟଣାରୁ
୪. ପ୍ରେରିତିକ ଶିକ୍ଷାର ବିକାଶ ହେବା ଦ୍ୱାରା

## ଏକ ଜୀବନ୍ତ ଅନୁଷ୍ଠାନ ଭାବରେ ମଣ୍ଡଳୀ

ମଣ୍ଡଳୀ ଏକ ପରିବାର ସହିତ ତୁଳନୀୟ ଯେଉଁଠାରେ ଈଶ୍ୱର ପିତା ଏବଂ ବିଶ୍ୱାସୀମାନେ ଭାଇଭଉଣୀ ଅଟନ୍ତି (ମାଥିଉ ୧୨:୪୮-୫୦, କଲସୀ ୧:୨) । ମଣ୍ଡଳୀକୁ ଏକ ଜାତି (nation) କୁହାଯାଏ ଯହିଁରେ ଗୋଟିଏ ଗୋଷ୍ଠୀର ଲୋକ ନାହାନ୍ତି ବା ସେମାନଙ୍କର ପ୍ରାକୃତିକ ଉତ୍ପତ୍ତି ନାହିଁ (୧ ପିତର ୨:୯-୧୦) । ମଣ୍ଡଳୀକୁ ମଧ୍ୟ ଏକ ପ୍ରାକୃତିକ ଶରୀର ସହିତ ତୁଳନା କରାଯାଏ, ଖ୍ରୀଷ୍ଟ ଏହାର ମସ୍ତକସ୍ୱରୂପ (ଏଫିସୀ ୪:୧୫-୧୬;୫:୩୦) । ଶରୀରର ଅଙ୍ଗପ୍ରତ୍ୟଙ୍ଗ ଏକାଠି କାର୍ଯ୍ୟ କରନ୍ତି ଓ ପରସ୍ପରର ମଙ୍ଗଳ ଚିନ୍ତା କରନ୍ତି (୧ କରନ୍ଥୀୟ ୧୨:୧୪, ୨୬) ।

ଶରୀରର ଅଙ୍ଗ ଭାବରେ, ଜଣେ ଖ୍ରୀଷ୍ଟିୟାନ ମଣ୍ଡଳୀରୁ ସ୍ୱାଧୀନ ହୋଇରହିବା ମନୋଭାବ ପୋଷଣ କରିବା ଅନୁଚିତ । ସେ ଅନ୍ୟ ସଦସ୍ୟମାନଙ୍କୁ ଆବଶ୍ୟକ କରେ, ଓ ସେମାନେ ମଧ୍ୟ ତାକୁ ଆବଶ୍ୟକ କରନ୍ତି (୧ କରିନ୍ଥୀୟ ୧୨:୨୧) । ମଣ୍ଡଳୀ ବିନା ଆତ୍ମିକ ଭାବରେ ଆତ୍ମପର୍ଯ୍ୟନ୍ତ ବୋଲି ଭାବି ଜଣେ ଖ୍ରୀଷ୍ଟିୟାନ ଜୀବନ ଯାପନ କରିବା ଭୁଲ ଅଟେ ।

ମଣ୍ଡଳୀଠାରୁ ଅଲଗା ରହିବାର ଅର୍ଥ ଖ୍ରୀଷ୍ଟ ପୃଥିବୀରେ ଯାହାସବୁ କରୁଛନ୍ତି ତା'ଠାରୁ ଅଲଗା ହେବା । ମଣ୍ଡଳୀକୁ ସମ୍ମାନ ଓ ପ୍ରେମ ନ କରିବାର ଅର୍ଥ ଖ୍ରୀଷ୍ଟଙ୍କୁ ସମ୍ମାନ ଓ ପ୍ରେମ ନ କରିବା ।

## ଏକ ଜୀବନ୍ତ, ସ୍ଥାନୀୟ ନିକାୟ ଭାବରେ ମଣ୍ଡଳୀ

ଗୋଟିଏ ସାର୍ବଜନୀନ ମଣ୍ଡଳୀ ଅଛି, ତଥାପି ମଣ୍ଡଳୀ ସ୍ଥାନୀୟ ଭାବରେ ମଧ୍ୟ ବିଦ୍ୟମାନ ଅଛି । ଶରୀରର ଅଙ୍ଗପ୍ରତ୍ୟଙ୍ଗ ଗୋଟିଏ ସ୍ଥାନରେ ଏକାଠି ସୁସଂଯୁକ୍ତ ନ ରହିଲେ ସେମାନେ କାର୍ଯ୍ୟ କରିପାରିବେ ନାହିଁ । ପାଉଲ କରିନ୍ଥୀୟ ବିଶ୍ୱାସୀମାନଙ୍କୁ ଲେଖିଲେ ଯେ ସେମାନେ ଖ୍ରୀଷ୍ଟଙ୍କ ଶରୀର (୧ କରିନ୍ଥୀୟ ୧୨:୨୭), ଏହାର ଅର୍ଥ ଏକ ସ୍ଥାନୀୟ ମଣ୍ଡଳୀ ସେହି ସ୍ଥାନରେ ଖ୍ରୀଷ୍ଟଙ୍କ ଶରୀର ଅଟେ ।

ଈଶ୍ୱର ସ୍ଥାନୀୟ ମଣ୍ଡଳୀକୁ ବିଶ୍ୱାସର ଏକ ପରିବାର ଭାବରେ ପରିକଳ୍ପନା କରିଛନ୍ତି:

୧. ଆତ୍ମିକ ଦାନସମୂହ ସହିତ ଏହା ଏକ ଶରୀରରୂପେ କାର୍ଯ୍ୟ କରେ ।

୨. ଏହା ସହଭାଗିତାରେ ଥିବା ଲୋକମାନଙ୍କର ବିଭିନ୍ନ ଆବଶ୍ୟକତା ପୂରଣ କରିଥାଏ (ଉଭୟ ମାନବିକ ଓ ସ୍ୱର୍ଗୀୟ ସମ୍ବଳ ସହିତ) ।

୩. ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏହା ଈଶ୍ୱରଙ୍କ ଜ୍ଞାନକୁ ଜଗତ ନିକଟରେ ପ୍ରଦର୍ଶନ କରେ ।

୪. ଅନ୍ୟବିଶ୍ୱାସୀମାନଙ୍କୁ ପରିବର୍ତ୍ତିତ ହେବା ପାଇଁ ଓ ପରିବାରର ସଦସ୍ୟ ହେବା ପାଇଁ ଏହା ଆମନ୍ତ୍ରିତ କରିଥାଏ ।

ପ୍ରକୃତ ସହଭାଗିତାରେ ଆର୍ଥିକ ବିଷୟ ମଧ୍ୟ ଅନ୍ତର୍ଭୁକ୍ତ କାରଣ ସହଭାଗିତାରେ ଥିବା ଲୋକମାନେ ଏକତ୍ର ଜୀବନର ଅଂଶୀ ହୋଇଥାନ୍ତି ଓ ପରସ୍ପରର ଆବଶ୍ୟକତା ବିଷୟରେ ଚିନ୍ତା କରନ୍ତି (ଯାକୁବ ୨:୧୫-୧୬; ୧:୨୭) । ଖ୍ରୀଷ୍ଟରେ ଭାଇ ବା ଭଉଣୀର ଅଭାବ ପୂରଣ କରିବା ମଣ୍ଡଳୀର ଦାୟିତ୍ୱ ଯଦି ସେହି ସଦସ୍ୟ ମଣ୍ଡଳୀର ଜୀବନରେ ଅଂଶଗ୍ରହଣ କରୁଛି ଓ ଯଥାସାଧ୍ୟ ଦାୟିତ୍ୱ ବହନ କରୁଛି ।

ସ୍ଥାନୀୟ ମଣ୍ଡଳୀକୁ ଶକ୍ତିଶାଳୀ ଓ ନିର୍ମାଣ କରିବା ପାଇଁ ଈଶ୍ୱର ଆତ୍ମିକ ଦାନସକଳ ଓ ସ୍ୱତନ୍ତ୍ର ଆହ୍ୱାନସବୁ ଦିଅନ୍ତି (ଏଫିସୀୟ ୪:୧୧-୧୨) ।

ସ୍ଥାନୀୟ ମଣ୍ଡଳୀ ଏହାର ସମ୍ପ୍ରଦାୟର ସେବା କରେ । ପ୍ରଥମ ପ୍ରାଥମିକତା ହେଉଛି ଆତ୍ମିକ, ସୁସମାଚାର ପ୍ରଚାର କରିବା ଓ ସମସ୍ତ ପ୍ରସଙ୍ଗରେ ଈଶ୍ୱରଙ୍କ ସତ୍ୟକୁ ପ୍ରୋତ୍ସାହିତ କରିବା । ମଣ୍ଡଳୀ ସମ୍ପ୍ରଦାୟର ଆର୍ଥିକ ଆବଶ୍ୟକତା ପ୍ରତି ମଧ୍ୟ ଧ୍ୟାନ ଦିଏ, କିନ୍ତୁ ଯେଉଁମାନେ ମଣ୍ଡଳୀର ଆତ୍ମିକ ସହଭାଗିତାରେ ଅଛନ୍ତି ସେମାନଙ୍କୁ ଅଗ୍ରାଧିକାର ଦେଇଥାଏ (ଗାଲାତୀୟ ୬:୧୦) ।

## ମଣ୍ଡଳୀର ସିଦ୍ଧତା

ଯୀଶୁ ମଣ୍ଡଳୀ ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ, ଯେପରି କି ଏହା ପବିତ୍ର ଓ ସମସ୍ତ ଦୋଷରହିତ ହୁଏ (ଏଫିସୀୟ ୫:୨୭) । ମଣ୍ଡଳୀ ପାପକୁ ବରଦାସ୍ତ କରିବା ଉଚିତ ନୁହେଁ, ଯଦିବା ଏହା ସର୍ବଦା କ୍ଷମା କରିବାକୁ ପ୍ରସ୍ତୁତ ରହିବାକୁ ହେବ । ନେତାମାନେ ନିଶ୍ଚିତ ଭାବରେ ପବିତ୍ର ଜୀବନର ଉଦାହରଣ ହେବା ଉଚିତ (୧ତୀମଥି ୩:୨-୩) । ଯଦି ମଣ୍ଡଳୀର କୌଣସି ସଦସ୍ୟ ପାପ କରେ, ତେବେ ତାକୁ ସାମ୍ନା କରିବାକୁ ହେବ ଏବଂ ଯଦି ସେ ଅନୁତାପ ନ କରେ ତାକୁ ସହଭାଗିତାଠାରୁ ବହିଷ୍କାର କରିବାକୁ ହେବ (୧କରିନ୍ଥୀୟ ୫:୧୧-୧୩) ।

► ମଣ୍ଡଳୀ ଅସିଦ୍ଧ କାହିଁକି?

ମଣ୍ଡଳୀର ଲୋକମାନେ ପ୍ରତ୍ୟେକ କ୍ଷେତ୍ରରେ ସିଦ୍ଧ ହେବେ ନାହିଁ । ମଣ୍ଡଳୀ ସୁସମାଚାର ପ୍ରଚାର କରୁଥିବାରୁ, ମଣ୍ଡଳୀରେ ଅନେକ ଏପରି ଲୋକମାନେ ଅଛନ୍ତି ଯେଉଁମାନେ ସେମାନଙ୍କ ପାପରୁ ମନପରିବର୍ତ୍ତନ କରିନାହାନ୍ତି । ଏପରିକି ଯେଉଁମାନେ ପରିତ୍ରାଣ ପ୍ରାପ୍ତ, ସେମାନଙ୍କ ଜୀବନରେ ଅସଙ୍ଗତି ରହିବ କାରଣ ସେମାନେ ନିଜ ଜୀବନର ସମସ୍ତ କ୍ଷେତ୍ରରେ ସତ୍ୟକୁ କିପରି ପ୍ରୟୋଗ କରିବେ ତାହା ବୁଝିପାରୁ ନାହାନ୍ତି । ପରିପକ୍ୱ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ସୁଦ୍ଧା ଅସଙ୍ଗତି ଓ ଭୁଲ ମନୋଭାବ ଥାଇପାରେ କାରଣ ଜଣେ ପରିପକ୍ୱ ଖ୍ରୀଷ୍ଟିୟାନ ମଧ୍ୟ ଆତ୍ମିକ ଅଭିବୃଦ୍ଧି ପ୍ରକ୍ରିୟାରେ ରହିଥାନ୍ତି । ଲୋକମାନଙ୍କୁ ଆତ୍ମିକ ପରିପକ୍ୱତାକୁ ଆଣିବା ପାଇଁ ଈଶ୍ୱରଙ୍କ ବାକ୍ୟକୁ କ୍ରମାଗତ ଭାବରେ ଶିକ୍ଷା ଓ ପ୍ରୟୋଗ କରିବା ମଣ୍ଡଳୀର କାର୍ଯ୍ୟର ଏକ ଅଂଶ ଅଟେ (ଏଫିସୀୟ ୪:୧୧-୧୬; ୨ତୀମଥି ୩:୧୬-୧୭) ।

## ମଣ୍ଡଳୀର ପରିଭାଷା

**ସାର୍ବଜନୀନ ମଣ୍ଡଳୀ ସବୁ ସମୟ ଓ ସବୁ ସ୍ଥାନର ବିଶ୍ୱାସୀମାନଙ୍କ ସମାହାର** । ଏହାକୁ ମଧ୍ୟ ବେଳେବେଳେ ଅଦୃଶ୍ୟ ମଣ୍ଡଳୀ କୁହାଯାଏ କାରଣ ପୃଥିବୀରେ ଏପରି କୌଣସି ସଙ୍ଗଠନ ନାହିଁ ଯାହା ସାର୍ବଜନୀନ ମଣ୍ଡଳୀକୁ ପରିଚାଳନା କରେ ବା ଏହାର ସଦସ୍ୟମାନଙ୍କ ତାଲିକା ରଖେ ।

**ଏକ ସ୍ଥାନୀୟ ମଣ୍ଡଳୀ କୌଣସି ଗୋଟିଏ ସ୍ଥାନର ବିଶ୍ୱାସୀମାନଙ୍କର ଏକ ଗୋଷ୍ଠୀ ବା ସମ୍ପ୍ରଦାୟ ଅଟେ ଯେଉଁମାନେ ଏକତ୍ର ଖ୍ରୀଷ୍ଟଙ୍କ ଶରୀରର କାର୍ଯ୍ୟ କରନ୍ତି** । ଗୋଟିଏ ଦଳ ଯଦି ଏକ ସୀମିତ ଉଦ୍ଦେଶ୍ୟ ନେଇ ଗଠିତ ତାକୁ ମଣ୍ଡଳୀ କୁହାଯିବ ନାହିଁ ।

ସ୍ଥାନୀୟ ମଣ୍ଡଳୀର ଏକ ବିସ୍ତୃତ ସଂଜ୍ଞା ଏଠାରେ ଦିଆଯାଇଛି ଯାହା ଅନ୍ୟାନ୍ୟ ଦଳରୁ ଏହାର ଭିନ୍ନତାକୁ ବାରିବାରେ ସାହାଯ୍ୟ କରିବ:

“ଏହା ସେବା, ଉପାସନା, ନିଷ୍ଠା, ସହଭାଗିତା ଓ ସଂଗଠିତ ପ୍ରୟାସ ନିମନ୍ତେ ମିଳିତ ହୋଇଥିବା ବାପ୍ତିଜିତ ବିଶ୍ୱାସୀମାନଙ୍କର ଏକ ଗୋଷ୍ଠୀ ବା ଦଳ; ସେମାନେ ଆତ୍ମିକ ନେତୃତ୍ୱ ଗ୍ରହଣ କରନ୍ତି; ମଣ୍ଡଳୀର ବିଭିନ୍ନ ଆତ୍ମିକ ଦାନ ଦ୍ୱାରା ସମାଜର ସମସ୍ତ ବର୍ଗର ସେବା କରିବାକୁ ଇଚ୍ଛୁକ ଥାନ୍ତି; ଏବଂ ନିୟମିତ ମଣ୍ଡଳୀର ବିଧିସବୁ ପାଳନ କରନ୍ତି ।”[□□]

## ବିଶ୍ୱବ୍ୟାପୀ ମଣ୍ଡଳୀର ଏକତା

ସମସ୍ତ ସ୍ଥାନ ଓ ସମୟ ପାଇଁ ଗୋଟିଏ ମଣ୍ଡଳୀ ଅଛି । ଯୀଶୁ କହିଲେ, “ମୁଁ ଆପଣା ମଣ୍ଡଳୀ ତୋଳିବି”, “ମଣ୍ଡଳୀଗୁଡ଼ିକ” ନୁହେଁ । ପାଉଲ କହନ୍ତି, “ଏକ ଶରୀର ଓ ଏକ ଆତ୍ମା, ଏକ ପ୍ରଭୁ, ଏକ ବିଶ୍ୱାସ, ଓ ଏକ ବାପ୍ତିସ୍ମ” (ଏଫିସୀୟ ୪:୪-୬) ।

ଆଦ୍ୟ ଖ୍ରୀଷ୍ଟୀୟ ବିଶ୍ୱାସମତସବୁ ଏହାକୁ “କ୍ୟାଥୋଲିକ୍ ମଣ୍ଡଳୀ” ମଧ୍ୟ କହନ୍ତି । ଏହା ରୋମାନ୍ କ୍ୟାଥୋଲିକ୍ ମଣ୍ଡଳୀ ନୁହେଁ, ମାତ୍ର ବିଶ୍ୱବ୍ୟାପୀ ମଣ୍ଡଳୀ ଯହିଁରେ ସମସ୍ତ ପ୍ରକୃତ ଖ୍ରୀଷ୍ଟିୟାନ ଅନ୍ତର୍ଭୁକ୍ତ ।

> “ଯଦି ତୁମର ହୃଦୟ ଠିକ୍ ଅଛି, ଯେହେତୁ ମୋର ହୃଦୟ ତୁମ ସହିତ ଅଛି, ମୋତେ କୋମଳ ସ୍ନେହରେ ପ୍ରେମ କର; ଭ୍ରାତାଠାରୁ ନିକଟତର ବନ୍ଧୁ ଭାବରେ; ଖ୍ରୀଷ୍ଟଙ୍କ ଭ୍ରାତା ଭାବରେ; ନୂତନ ଯିରୁଶାଲମର ଜଣେ ସହନାଗରିକ ଭାବରେ, ଆମ ପରିତ୍ରାଣର ସେନାପତିଙ୍କ ଅଧୀନରେ ସମାନ ଯୁଦ୍ଧରେ ଲଢୁଥିବା ସହ-ସୈନିକ ଭାବରେ ମୋତେ ପ୍ରେମ କର । ଯୀଶୁଙ୍କ ରାଜ୍ୟରେ ଧୈର୍ଯ୍ୟବାନ ଓ ସହନଶୀଳ ସାଥୀରୂପେ ଏବଂ ତାହାଙ୍କ ଗୌରବର ସହଉତ୍ତରାଧିକାରୀ ଭାବରେ ମୋତେ ପ୍ରେମ କର” ।
>
> - ଜନ୍ ୱେସଲି, “Catholic Spirit” ଉପଦେଶରୁ ସଂଗୃହୀତ

କୌଣସି ସଂଗଠନରେ ରହିଲେ, ବା ଏକ କେନ୍ଦ୍ରୀୟ ପରିଚାଳନା ମଧ୍ୟରେ ରହିଲେ ବିଶ୍ୱବ୍ୟାପୀ ମଣ୍ଡଳୀରେ ଏକତା ଆସିବ ନାହିଁ । ଖ୍ରୀଷ୍ଟଙ୍କ ପୁନରାଗମନ ପୂର୍ବରୁ ଏହା ଘଟିବ ନାହିଁ । କିଛି ଲୋକ ଚାହାନ୍ତି ଏହା ଘଟିପାରେ, କିନ୍ତୁ ବୋଧହୁଏ ଏହା ଈଶ୍ୱରଙ୍କ ଇଚ୍ଛା ନୁହେଁ କାରଣ ଯୀଶୁ ଶିଷ୍ୟମାନଙ୍କୁ ସଂଶୋଧନ କରିଥିଲେ- ଯେତେବେଳେ ସେମାନେ ମନେ କଲେ ଯେ କୌଣସି ବ୍ୟକ୍ତି ସେମାନଙ୍କ ସଂଗଠନ ବାହାରେ ରହି ସେବାକାର୍ଯ୍ୟ କରିବା ଅନୁଚିତ (ଲୂକ ୯:୪୯-୫୦) । ଯଦି ଯୀଶୁ ବିଶ୍ୱବ୍ୟାପୀ ମଣ୍ଡଳୀ ଉପରେ ଏକ କେନ୍ଦ୍ରୀୟ ପରିଚାଳନା ରହିବା ଉଚିତ ବୋଲି ଚାହିଁଥାନ୍ତେ ତେବେ ସେ ଏହାର ନେତୃତ୍ୱ ନେବା ପାଇଁ ଶାରୀରିକ ଭାବରେ ପୃଥିବୀରେ ରହିଥାନ୍ତେ । ତଥାପି, ଯୀଶୁ ଦେଖିଲେ ଯେ ସମଗ୍ର ଜଗତରେ ପବିତ୍ର ଆତ୍ମାଙ୍କର ବିବିଧ କାର୍ଯ୍ୟ ଯେପରି ହେବା ଉଚିତ ସେପରି ହେବ ନାହିଁ ଯଦି ସେ ଶାରୀରିକ ଭାବରେ ପୃଥିବୀରେ ରହିବେ (ଯୋହନ ୧୬:୭) ।

► ସାର୍ବଜନୀନ ମଣ୍ଡଳୀର ଏକତା କାହା ଉପରେ ଆଧାରିତ?

---

[□□] David Dockery, *Southern Baptist Consensus and Renewal: A Biblical, Historical, and Theological Proposal* (Nashville: B&H Publishing Group, ୨୦୦୮), ୧୨୭

ସାର୍ବଜନୀନ ମଣ୍ଡଳୀର ଏକତା ନିର୍ଭର କରେ:

୧. ପ୍ରେରିତମାନଙ୍କ ଶିକ୍ଷା ଉପରେ

୨. ଖ୍ରୀଷ୍ଟଙ୍କ ସହିତ ଏକ ପରିବର୍ତ୍ତନକାରୀ ସମ୍ପର୍କ ଉପରେ

ଶିକ୍ଷାରେ ଏକତାର ଅର୍ଥ ନୁହେଁ ଯେ ଖ୍ରୀଷ୍ଟିୟାନମାନେ ପ୍ରତ୍ୟେକ ବିଷୟରେ, ଏପରିକି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଉପରେ ସହମତ ହେବେ । ଏହାର ଅର୍ଥ ହେଉଛି ଈଶ୍ୱର ଓ ଖ୍ରୀଷ୍ଟଙ୍କ ସ୍ୱଭାବ ଏବଂ ସୁସମାଚାର ଅତ୍ୟାବଶ୍ୟକ ତତ୍ତ୍ୱଗୁଡ଼ିକ ଉପରେ ସମାନ ମତ ପୋଷଣ କରନ୍ତି । ସେଗୁଡ଼ିକ ବିନା, ସେମାନେ ସମାନ ଈଶ୍ୱରଙ୍କୁ ଉପାସନା କରିବେ ନାହିଁ କିମ୍ବା ତାଙ୍କ ଅନୁଗ୍ରହ ଅନୁଭବ କରିବେ ନାହିଁ ।

ଖ୍ରୀଷ୍ଟୀୟ ଏକତା ପାଇଁ କେବଳ ଶିକ୍ଷା ଆବଶ୍ୟକ ନୁହେଁ । ଖ୍ରୀଷ୍ଟଙ୍କ ସହିତ ସେମାନଙ୍କର ପରିବର୍ତ୍ତନାକାରୀ ସମ୍ପର୍କ ହେତୁ ଖ୍ରୀଷ୍ଟିୟାନମାନେ ପରସ୍ପର ସହିତ ଏକ ସମ୍ପର୍କର ବନ୍ଧନରେ ରହନ୍ତି । ଯେହେତୁ ସେମାନେ ପାପରୁ ମନପରିବର୍ତ୍ତନ କରିଛନ୍ତି, ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସ୍ଥାପନ କରିଛନ୍ତି ଓ ପବିତ୍ର ଆତ୍ମା ସେମାନଙ୍କଠାରେ ଅନ୍ତର୍ବାସୀ ଅଟନ୍ତି, ସେମାନଙ୍କର ଏକ ବିଶେଷ ସମ୍ପର୍କ ଅଛି । ଅନେକ ଭାବରେ ସେମାନଙ୍କ ମଧ୍ୟରେ ଭିନ୍ନତା ରହିଥିବା ସତ୍ତ୍ୱେ ଖ୍ରୀଷ୍ଟିୟାନମାନେ ସମଗ୍ର ଜଗତରେ ପରସ୍ପରକୁ ଚିହ୍ନନ୍ତି ।

> "ମୁଁ ବିଶ୍ୱାସ କରେ ଯେ ପ୍ରକୃତ ପବିତ୍ରୀକୃତ ହୃଦୟର ଲକ୍ଷଣ ହେଉଛି ଏହା ନିଜର କଲ୍ୟାଣ ଅପେକ୍ଷା ଅନ୍ୟର ପରିତ୍ରାଣ ବିଷୟରେ ଅଧିକ ଚିନ୍ତା କରେ" ।
>
> -ଡେନିସ୍ କିନ୍ଲ

## ସ୍ଥାନୀୟ ମଣ୍ଡଳୀର ଏକତା

ଆମେ ଯେକୌଣସି ବ୍ୟକ୍ତିକି ଖ୍ରୀଷ୍ଟିୟାନ ଭାବରେ ଗ୍ରହଣ କରିପାରିବା ଯଦି ସେ ଅତ୍ୟାବଶ୍ୟକ ଖ୍ରୀଷ୍ଟୀୟ ଶିକ୍ଷାସବୁକୁ ଧାରଣ କରିଛି ଓ ଖ୍ରୀଷ୍ଟଙ୍କ ସହିତ ଏକ ପରିବର୍ତ୍ତନକାରୀ ସମ୍ପର୍କରେ ସେ ରହିଥିବା ମନେ ହେଉଛି । କିନ୍ତୁ ସ୍ଥାନୀୟ ମଣ୍ଡଳୀର ଶିକ୍ଷା ସମ୍ବନ୍ଧୀୟ ସହମତି ଅଧିକ ବିସ୍ତୃତ ହେବା ଆବଶ୍ୟକ ।

ଏକ ସ୍ଥାନୀୟ ମଣ୍ଡଳୀ ହେଉଛି ଏକ ଗୋଷ୍ଠୀ ଯେଉଁମାନେ ଏକତ୍ର ଉପାସନା କରିବାକୁ, ସୁସମାଚାର ପ୍ରଚାର କରିବା, ଖ୍ରୀଷ୍ଟଙ୍କୁ ନୂତନ ଭାବରେ ଗ୍ରହଣ କରିଥିବା ଲୋକଙ୍କୁ ଓ ଯୁବାମାନଙ୍କୁ ଶିଷ୍ୟଭାବରେ ଗଠନ କରିବା, ସମ୍ପ୍ରଦାୟର ସେବା କରିବା, ଏବଂ ଖ୍ରୀଷ୍ଟୀୟ ଜୀବନର ବ୍ୟାବହାରିକ ବିଷୟଗୁଡ଼ିକ ଉପରେ ଶିକ୍ଷା ଦେବାକୁ ପ୍ରତିଶୃତିବଦ୍ଧ ଥାଆନ୍ତି । ଲୋକମାନେ ଏକତ୍ର ସେହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ, ସେମାନେ ଖ୍ରୀଷ୍ଟୀୟ ଶିକ୍ଷାର ବିଭିନ୍ନ ଦିଗ ଉପରେ ସହମତ ହେବା ଆବଶ୍ୟକ ।

ଉଦାହରଣ ସ୍ୱରୂପ, ହୁଏତ ଜଣେ ବ୍ୟକ୍ତି ପ୍ରତ୍ୟେକ ଯୁବକ ଯୁବତୀ ଓ ନୂତନ ଭାବରେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଥିବା ସମସ୍ତଙ୍କୁ ପରାଭାଷା କହିବାର ଦାନ ପାଇବା ପାଇଁ ପ୍ରାର୍ଥନା କରିବାକୁ କୁହନ୍ତି । କିନ୍ତୁ ମଣ୍ଡଳୀର ଅନ୍ୟ ନେତାମାନେ ବିଶ୍ୱାସ କରନ୍ତି ନାହିଁ

ଯେ ପ୍ରତ୍ୟେକ ବିଶ୍ୱାସୀଙ୍କୁ ପରଭାଷା କହିବା ଦାନର ପ୍ରତିଜ୍ଞା ଦିଆଯାଇଛି । ସେମାନେ ଚିନ୍ତା ପ୍ରକଟ କରନ୍ତି ଯେ ଈଶ୍ୱରଙ୍କ ଇଚ୍ଛା ନ ଥିବା କୌଣସି ବିଷୟକୁ ଅନୁଭବ କରିବାକୁ ଚେଷ୍ଟା କରିବା ଦ୍ୱାରା ଲୋକେ ଆତ୍ମିକ ବିଶୃଙ୍ଖଳା ମଧ୍ୟରେ ପ୍ରବେଶ କରିବେ । ନିଶ୍ଚିତରୂପେ, ଏକ ସ୍ଥାନୀୟ ମଣ୍ଡଳୀରେ ଏହି ଲୋକମାନେ ଏକାଠି କାମ କରିବା କଷ୍ଟକର ହେବ । ଯଦିବା ନେତାମାନେ ସେହି ବ୍ୟକ୍ତିଙ୍କୁ ବିଶ୍ୱାସୀ ଭାବରେ ଗ୍ରହଣ କରନ୍ତି, ସେମାନେ ତାଙ୍କୁ ଏପରି ଶିକ୍ଷା ଦେବାକୁ ଅନୁମତି ଦେବେ ନାହିଁ ଯାହା ମଣ୍ଡଳୀରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ । ଏବଂ ଜୀବନ ଯାପନ ଓ ସେବାକାର୍ଯ୍ୟ ଅଭ୍ୟାସ କରିବା ଉପରେ ଯେଉଁସବୁ ଶିକ୍ଷା ରହିଛି ସେସବୁ ଉପରେ ଏକ ସ୍ଥାନୀୟ ମଣ୍ଡଳୀ ସହମତ ହେବା ଆବଶ୍ୟକ । ଯେଉଁସବୁ ଶିକ୍ଷା ସେମାନେ ଅନ୍ୟମାନଙ୍କୁ ଅଂଶୀକରାନ୍ତି ତା'ର ଏକ ଲିଖିତ ବିବୃତ୍ତି ସେମାନେ ରଖିବା ଆବଶ୍ୟକ । ଜଣେ ବ୍ୟକ୍ତି ବିଶ୍ୱାସୀ କି ନୁହେଁ ତାହା ନିର୍ଣ୍ଣୟ କରିବା ପାଇଁ ଏହି ଲିଖିତ ବିବୃତ୍ତି ବ୍ୟବହାର କରାଯାଏ ନାହିଁ । ଏହା ପରିବର୍ତ୍ତେ, ଏହା ଦର୍ଶାଏ କେଉଁସବୁ ଶିକ୍ଷା ସେହି ବିଶ୍ୱାସୀ ଗୋଷ୍ଠୀକୁ, ଘନିଷ୍ଠ ଓ ନିୟମିତ ଉପାସନା ଓ ସେବାକାର୍ଯ୍ୟ କରିବା ପାଇଁ ଏକତ୍ର କରେ ।

## ମଣ୍ଡଳୀର ବିଧିଗୁଡ଼ିକ

ମଣ୍ଡଳୀକୁ ଯୀଶୁ ଦୁଇଟି ବିଧି ଦେଇଛନ୍ତି, ସେସବୁକୁ ମଧ୍ୟ ଆମେ ଆନୁଷ୍ଠାନିକ ରୀତି ବା (sacraments) କହିପାରୁ ।

**ବାପ୍ତିସ୍ମ**-ଖ୍ରୀଷ୍ଟଙ୍କ ମୃତ୍ୟୁ ଓ ପୁନରୁତ୍ଥାନର ପ୍ରତୀକ (ରୋମୀୟ ୬:୩-୪) । ବାପ୍ତିସ୍ମ ହେଉଛି ଏକ ସାକ୍ଷ୍ୟ ଯାହା ପ୍ରକାଶ କରେ ଯେ ବିଶ୍ୱାସୀ ଖ୍ରୀଷ୍ଟଙ୍କ ସହିତ ଚିହ୍ନିତ ହୋଇଛି ଏବଂ ସେ ପାପ ପ୍ରତି ମୃତ ହୋଇ ଖ୍ରୀଷ୍ଟରେ ନୂତନ ଜୀବନ ଅନୁଭବ କରିଛି । ବାପ୍ତିସ୍ମ ବ୍ୟକ୍ତିକୁ ପାପରୁ ଉଦ୍ଧାର କରେ ନାହିଁ । ବାପ୍ତିସ୍ମ ଏକ ସର୍ବସାଧାରଣ ସାକ୍ଷ୍ୟ ଯେ ବ୍ୟକ୍ତି ପରିବର୍ତ୍ତିତ ହୋଇଛି (ଯୋହନ ୩:୭-୮) ।



**ପ୍ରଭୁଭୋଜ**- କ୍ରୁଶାର୍ପିତ ହେବାର ପୂର୍ବରାତ୍ରିରେ ଶିଷ୍ୟମାନଙ୍କ ସହିତ ଶେଷ ରାତ୍ରି ଭୋଜ ସମୟରେ ଯୀଶୁ ପ୍ରଭୁଭୋଜ ବିଧି ସ୍ଥାପନ କରିଥିଲେ (୧କରିନ୍ଥୀୟ ୧୧:୨୩-୨୫) । ରୋଟୀ ଓ ଦ୍ରାକ୍ଷାରସ ଯୀଶୁଙ୍କ ଶରୀର ଓ ରକ୍ତର ନିଦର୍ଶନ ଯାହା ପରିତ୍ରାଣାର୍ଥେ ବଳି ଭାବରେ ଉତ୍ସର୍ଗୀକୃତ ହୋଇଥିଲା ।[□□] ଆମ ଶାରୀରିକ ଜୀବନ ପାଇଁ ଆମେ ଯେପରି ଖାଦ୍ୟ ଖାଉ, ସେପରି ଆମର ଆତ୍ମିକ ଜୀବନ ପାଇଁ ତାହାଙ୍କ ବଳିଦାନ ଉପରେ ଆମେ ନିର୍ଭର କରୁ (ଯୋହନ ୬:୫୩-୫୮) ।

[□□] Image: "The Lord's Supper" taken by Allison Estabrook on Oct. ୧୪, ୨୦୨୨, retrieved from https://www.flickr.com/photos/sgc-library/୫୨୪୬୬୬୬୨୨୯୫/, licensed under CC BY ୪.୦.

ଏହି ବିଧିଗୁଡ଼ିକୁ "ଅନୁଗ୍ରହର ମାଧ୍ୟମ" କୁହାଯାଇପାରେ । ଯଦି ବିଶ୍ୱାସ ଓ ବାଧ୍ୟତା ବିନା ଏହି ବିଧିଗୁଡ଼ିକୁ ପାଳନ କରାଯାଏ ତେବେ ସେସବୁ ଅନୁଗ୍ରହ ପ୍ରଦାନ କରିବେ ନାହିଁ । ଏସବୁକୁ ପାଳନ କରିବା ପାଇଁ ଈଶ୍ୱର ଆମମାନଙ୍କୁ ଦେଇଛନ୍ତି, ଏବଂ ଯଦି ବିଶ୍ୱାସରେ ତାହା ପାଳନ କରାଯାଏ, ତେବେ ତାହାସବୁ ଈଶ୍ୱରଙ୍କଠାରୁ ପ୍ରାପ୍ତ ହେବାକୁ ଥିବା ଅନୁଗ୍ରହର ମାଧ୍ୟମ ଅଟନ୍ତି ।

► ମଣ୍ଡଳୀର କିଛି ଉଦ୍ଦେଶ୍ୟ କ'ଣ?

## ସ୍ଥାନୀୟ ମଣ୍ଡଳୀର କେତେକ ଉଦ୍ଦେଶ୍ୟ ଯାହା ନୂତନ ନିୟମରେ ଦିଆଯାଇଛି

ମଣ୍ଡଳୀ କ'ଣ କରିବ:

୧. ସୁସମାଚାର ପ୍ରଚାର କାର୍ଯ୍ୟ କରିବ (ମାଥିଉ ୨୮:୧୮-୨୦)

୨. ଏକ ମଣ୍ଡଳୀ ଭାବରେ ଉପାସନା କରିବ (୧କରିନ୍ଥୀୟ ୧୪:୨୬)

୩. ଖ୍ରୀଷ୍ଟୀୟ ଶିକ୍ଷା ଧରି ରଖିବ (୧ତୀମଥି ୩:୧୫; ଯିହୂଦା ୧:୩)

୪. ପାଳକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବ (୧ତୀମଥି ୫:୧୭-୧୮)

୫. ମିଶନାରୀମାନଙ୍କୁ ପ୍ରେରଣ କରିବ ଓ ସମସ୍ତ ପ୍ରକାର ସାହାଯ୍ୟ ସମର୍ଥନ ପ୍ରଦାନ କରିବ (ପ୍ରେରିତ ୧୩:୨-୪, ରୋମୀୟ ୧୫:୨୪)

୬. ଅଭାବଗ୍ରସ୍ତ ସଦସ୍ୟମାନଙ୍କୁ ସାହାଯ୍ୟ କରିବ (ରୋମୀୟ ୧୨:୧୩; ୧ତୀମଥି ୫:୩)

୭. ପାପରେ ପତିତ ସଦସ୍ୟମାନଙ୍କ ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା (୧କରିନ୍ଥୀୟ ୫:୯-୧୩)

୮. ବାପ୍ତିସ୍ମ ଦେବ ଓ ପ୍ରଭୁଭୋଜ ପାଳନ କରିବ (ମାଥିଉ ୨୮:୧୯; ୧କରିନ୍ଥୀୟ ୧୧:୨୩-୨୬)

୯. ପରିପକ୍ୱ ହେବା ପାଇଁ ବିଶ୍ୱାସୀମାନଙ୍କୁ ଶିଷ୍ୟରୂପେ ଗଠନ କରିବ (ଏଫିସୀୟ ୪:୧୨-୧୩)

୧୦. ସମ୍ପ୍ରଦାୟର ଆବଶ୍ୟକତାସବୁ ପୂରଣ କରିବ (ଗାଲାତୀୟ ୬:୧୦; ଏଫିସୀୟ ୪:୨୮; ଏବ୍ରୀ ୧୩:୧୬) ।

> "ମୁଁ ବିଶ୍ୱାସ କରେ ନାହିଁ ଯେ ଆମର ମାଣ୍ଡଳିକ ଜୀବନ କୋଠାବାଡ଼ ଓ ସେବାସବୁରେ କେନ୍ଦ୍ରୀଭୂତ ହୋଇ ରହୁ ବୋଲି ଈଶ୍ୱର ଚାହାନ୍ତି । ତା' ପରିବର୍ତ୍ତେ ଈଶ୍ୱର ଚାହାନ୍ତି ଯେ ଆମର ମଣ୍ଡଳୀସଭାଗୁଡ଼ିକ ଯେକୌଣସି ନିର୍ଦ୍ଦିଷ୍ଟରୂପ ଧାରଣ କଲେ ମଧ୍ୟ ସକ୍ରିୟ ଶିଷ୍ୟତ୍ୱ, ମିଶନ୍, ଓ ଏକତାର ଅନୁସରଣ ପ୍ରତି ଧ୍ୟାନ ଦିଅନ୍ତୁ" ।
>
> - ଫ୍ରାନ୍ସିସ୍ ଖାନ୍

ସ୍ୱାଧୀନଭାବରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ଉପରୋକ୍ତ ବିଷୟଗୁଡ଼ିକ ମଧ୍ୟରୁ ଅଧିକାଂଶ କରିପାରିବେ ନାହିଁ । ଏସମସ୍ତ ଉଦ୍ଦେଶ୍ୟ ସାଧନ ବିଶ୍ୱାସୀମାନଙ୍କର ଏକ ଗୋଷ୍ଠୀ ଏବଂ ନେତୃତ୍ୱର ଏକ ସଂରଚନାର ସହଯୋଗ ଉପରେ ନିର୍ଭର କରେ ।

ଈଶ୍ୱର ପ୍ରତ୍ୟେକ ବିଶ୍ୱାସୀକୁ ଆହ୍ୱାନ କରନ୍ତି ଯେପରି ସେ ଏକ ସ୍ଥାନୀୟ ମଣ୍ଡଳୀ ପ୍ରତି ସମର୍ପିତ ରହିବ ଓ ଏବଂ ସେହି ମଣ୍ଡଳୀ ଯେପରି ଜଗତରେ ଏହାର ଉଦ୍ଦେଶ୍ୟ ପୂରଣ କରିବ ସେଦିଗରେ ସାହାଯ୍ୟ କରିବ । ଯଦି ଜଣେ ସଦସ୍ୟ ମଣ୍ଡଳୀର ସେବା ନ କରେ, ତା' ହେଲେ ଖ୍ରୀଷ୍ଟଙ୍କ ଶରୀରର ଜଣେ ସଦସ୍ୟଭାବରେ ସେ ତା'ର ଉଦ୍ଦେଶ୍ୟ ପୂରଣ କରୁନାହିଁ ।

## ଏଡାଇବାକୁ ଥିବା ତ୍ରୁଟିସବୁ : ଆତ୍ମିକ ବ୍ୟକ୍ତିବାଦ

*ଶ୍ରେଣୀ ନେତାଙ୍କୁ ଟିପ୍ପଣୀ: ଶ୍ରେଣୀର ଜଣେ ସଦସ୍ୟ ଏହି ବିଭାଗକୁ ବ୍ୟାଖ୍ୟା କରିପାରନ୍ତି*

କେତେକ ଲୋକ ସ୍ଥାନୀୟ ମଣ୍ଡଳୀ ପ୍ରତି ସମର୍ପିତ ହେବା ପାଇଁ କେବେହେଲେ ଇଚ୍ଛା କରି ନ ଥାନ୍ତି । ରବିବାର ଦିନ ଯେକୌଣସି ମଣ୍ଡଳୀ ଉପାସନାରେ ଯୋଗଦେବାକୁ ସେମାନେ ମୁକ୍ତ ଅନୁଭବ କରନ୍ତି । ସେମାନେ ମଣ୍ଡଳୀର କୌଣସି ସେବାକାର୍ଯ୍ୟରେ ସାହାଯ୍ୟ କରିପାରିବେ ନାହିଁ କାରଣ ମଣ୍ଡଳୀ ସେମାନଙ୍କ ଉପରେ ନିର୍ଭର କରିପାରିବ ନାହିଁ । ସେମାନେ ଏପରି କିଛି ସମ୍ପର୍କ ରଖନ୍ତି ନାହିଁ ଯାହା ଆତ୍ମିକ ସହଭାଗିତା ଓ ଉତ୍ତରଦାୟିତ୍ୱକୁ ଅନୁମତି ଦିଏ । ଯଦି ସମସ୍ତ ଖ୍ରୀଷ୍ଟିୟାନ ଏପରି ମନୋଭାବ ରଖନ୍ତି, ତେବେ ମଣ୍ଡଳୀ ବୋଲି କିଛି ରହିବ ନାହିଁ ।

► ବିଶ୍ୱାସର ସ୍ୱୀକାରୋକ୍ତିକୁ ଏକାଠି ଅତିକମରେ ଦୁଇଥର ପଢ଼ନ୍ତୁ ।

## ବିଶ୍ୱାସର ସ୍ୱୀକାରୋକ୍ତି

ଖ୍ରୀଷ୍ଟ ଏକ ପବିତ୍ର, ବିଶ୍ୱବ୍ୟାପୀ ମଣ୍ଡଳୀ ନିର୍ମାଣ କରିଅଛନ୍ତି, ଯାହା ସ୍ଥାନୀୟ ମଣ୍ଡଳୀରେ ଖ୍ରୀଷ୍ଟଙ୍କ ଶରୀର ଭାବରେ ପ୍ରକାଶ ପାଇଛି । ମଣ୍ଡଳୀ ପ୍ରେରିତମାନଙ୍କ ଶିକ୍ଷାସବୁକୁ ଧାରଣ କରେ ଓ ସମସ୍ତ ସତ୍ୟ ରକ୍ଷା କରେ । ମଣ୍ଡଳୀ ଈଶ୍ୱରଙ୍କ ପରିବାର, ଏହାର ସହଭାଗିତା ସମସ୍ତ ଆତ୍ମିକ ଆବଶ୍ୟକତାକୁ ପୂରଣ କରେ । ମଣ୍ଡଳୀ ଈଶ୍ୱରଙ୍କ ଉପାସନା କରେ, ଜଗତରେ ସୁସମାଚାର ପ୍ରଚାର କରେ, ଏବଂ ବିଶ୍ୱାସୀମାନଙ୍କୁ ଶିଷ୍ୟରୂପେ ଗଠନ କରେ ।

## ପାଠ ୧୨ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେବିଷୟରେ ଏକ ଅନୁଛେଦ ଲେଖିବେ ।

- ୧ କରିନ୍ଥୀୟ ୫:୧-୧୩
- ୧ କରିନ୍ଥୀୟ ୬:୧-୮
- ୧ କରିନ୍ଥୀୟ ୧୨:୧୪-୩୧
- ଏଫିସୀୟ ୪:୧୧-୧୬
- ଯାକୁବ ୨:୧-୯

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୧୨ ର ଏକ ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ତୁମର ଶ୍ରେଣୀ ବାହାର ଶିକ୍ଷାଦାନର ସମୟ ନିର୍ଘଣ୍ଟ ମନେ ରଖ ଓ ଶିକ୍ଷାଦାନ ସମାପ୍ତ କଲାପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୧୨ ପରୀକ୍ଷା

(୧) ମଣ୍ଡଳୀ ଯୁଗ କେବେ ଆରମ୍ଭ ହୋଇଥିଲା?

(୨) ମଣ୍ଡଳୀକୁ କାହିଁକି ପ୍ରେରିତିକ କୁହାଯାଇପାରେ?

(୩) ମଣ୍ଡଳୀ ଉତ୍ପତ୍ତିର ଚାରୋଟି ଦିଗ କ'ଣ?

(୪) ସାର୍ବଜନୀନ ମଣ୍ଡଳୀ କ'ଣ?

(୫) ସ୍ଥାନୀୟ ମଣ୍ଡଳୀ କ'ଣ?

(୬) କ୍ୟାଥୋଲିକ ମଣ୍ଡଳୀ"ର ଅର୍ଥ ମୂଳତଃ କ'ଣ ଥିଲା?

(୭) ସାର୍ବଜନୀନ ମଣ୍ଡଳୀର ଏକତା କେଉଁ ଦୁଇଟି ବିଷୟ ଉପରେ ନିର୍ଭର କରେ?

(୮) ସ୍ଥାନୀୟ ମଣ୍ଡଳୀ ଯେଉଁସବୁ ଶିକ୍ଷା ଅନୁସରଣ କରନ୍ତି ତା'ର ଏକ ଲିଖିତ ବିବୃତ୍ତି ରଖିବା କାହିଁକି ଉତ୍ତମ?

(୯) ସ୍ଥାନୀୟ ମଣ୍ଡଳୀର ଛ'ଟି ଉଦ୍ଦେଶ୍ୟ ଲେଖ ।

# ପାଠ ୧୩

# ଅନନ୍ତ ଭାଗ୍ୟ

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- ସ୍ୱର୍ଗର ପ୍ରାଥମିକ କାର୍ଯ୍ୟକଳାପ ।
- ଧର୍ମଶାସ୍ତ୍ରରେ ପ୍ରକାଶିତ ସ୍ୱର୍ଗର ବୈଶିଷ୍ଟ୍ୟସମୂହ ।
- ଧର୍ମଶାସ୍ତ୍ରରେ ପ୍ରକାଶିତ ଅନନ୍ତ ଦଣ୍ଡର ବୈଶିଷ୍ଟ୍ୟସମୂହ ।
- ଅନନ୍ତ ଦଣ୍ଡର ସତ୍ୟକୁ ଅସ୍ୱୀକାର କରୁଥିବା କେତେକ ଧର୍ମର କିଛି ଉଦାହରଣ ।
- ଅନନ୍ତ ଦଣ୍ଡ ସମ୍ବନ୍ଧୀୟ ନ୍ୟାୟବିଚାର ।
- ଅନନ୍ତ ଭାଗ୍ୟ ସମ୍ବନ୍ଧୀୟ ଖ୍ରୀଷ୍ଟୀୟ ବିଶ୍ୱାସର ଏକ ସ୍ୱୀକାରୋକ୍ତି ।

(୨) ଛାତ୍ରମାନେ ମନେରଖିବେ ଯେ କିଛି କାର୍ଯ୍ୟର ଅନନ୍ତ ପରିଣାମ ଅଛି ଯାହା ଅପରିବର୍ତ୍ତନୀୟ ।

## ଭାଗ ୧: ବିଶ୍ୱାସୀମାନଙ୍କର ଅନନ୍ତ ଭାଗ୍ୟ

► ପ୍ରକାଶିତ ୨୧ ଏକତ୍ର ପଢ଼ନ୍ତୁ । ଏହି ଶାସ୍ତ୍ରାଂଶ ବିଶ୍ୱାସୀମାନଙ୍କର ଭବିଷ୍ୟତ୍ ବିଷୟରେ ଆମକୁ କ'ଣ କହିଥାଏ?

ସମସ୍ତ ସୃଷ୍ଟି ଈଶ୍ୱରଙ୍କ ଗୌରବାର୍ଥେ ବିଦ୍ୟମାନ ଅଟେ, କିନ୍ତୁ ସ୍ୱର୍ଗ ବିଶ୍ୱର କେନ୍ଦ୍ରୀୟ ଦୃଶ୍ୟ, ଯେଉଁଠାରେ ଈଶ୍ୱରଙ୍କୁ ତାଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି କରିଥିବା ପ୍ରାଣୀମାନେ ସର୍ବୋଚ୍ଚ ସ୍ତରରେ ଉପାସନା କରିଥାନ୍ତି (ପ୍ରକାଶିତ ୫:୧୧-୧୪ ପଢ଼ନ୍ତୁ) । ଈଶ୍ୱରଙ୍କ ଗୌରବ ସ୍ୱର୍ଗରେ ଏପରି ପୂର୍ଣ୍ଣତାରେ ପ୍ରକାଶ ପାଇବ ଯେ ଏହା ନଗରକୁ ଆଲୋକିତ କରିବ (ପ୍ରକାଶିତ ୨୧:୨୩) । ଏହି ସ୍ଥାନରେ ଆମେ ଈଶ୍ୱରଙ୍କୁ ଏପରି ଭାବେ ଜାଣିବା ଯେ ଆମେ ତାଙ୍କର ମୁଖ ଦର୍ଶନ କରିବା (ପ୍ରକାଶିତ ୨୨:୪) ।

ସ୍ୱର୍ଗରେ, ବିଶ୍ୱାସୀମାନେ ଈଶ୍ୱରଙ୍କ ଉପାସନା କରି ସମ୍ପୂର୍ଣ୍ଣ ପୂର୍ଣ୍ଣତା ଓ ଆନନ୍ଦ ପାଆନ୍ତି । ଗୀତସଂହିତା ୧୬:୧୧ କୁହେ, "ତୁମ୍ଭ ସମ୍ମୁଖରେ ଆନନ୍ଦର ପୂର୍ଣ୍ଣତା ଥାଏ; ତୁମ୍ଭ ଦକ୍ଷିଣ ପାଶ୍ୱର୍ରେ ନିତ୍ୟ ସୁଖଭୋଗ ଥାଏ ।" ଆନନ୍ଦ ଓ ଉପାସନା ସଂଯୁକ୍ତ ହେବା ଏକ ଉପଯୁକ୍ତ ବିଷୟ । ଈଶ୍ୱର ଆମମାନଙ୍କୁ ତାହାଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି କଲେ, ଯେପରି କି ଆମେ ତାଙ୍କ ସ୍ୱଭାବକୁ ଯଥେଷ୍ଟରୂପେ ବୁଝିପାରିବା ଓ ସେ ଯାହା ଅଟନ୍ତି ସେଥିଯୋଗୁଁ ତାଙ୍କର ଉପାସନା କରିବା । ଆମକୁ ଭାବାବେଗ, ପ୍ରେମ କରିବାର କ୍ଷମତା, ଓ ବୁଦ୍ଧିମତ୍ତା ଦିଆଯାଇଛି ଯେପରି କି ଆମେ ଈଶ୍ୱରଙ୍କୁ ଉପାସନା କରିପାରିବା ।

ଯୀଶୁ ଶିଷ୍ୟମାନଙ୍କୁ କହିଲେ:

> ତୁମ୍ଭମାନଙ୍କ ହୃଦୟ ଉଦ୍ବିଗ୍ନ ନ ହେଉ; ତୁମ୍ଭେମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କର, ମୋ'ଠାରେ ମଧ୍ୟ ବିଶ୍ୱାସ କର । ମୋହର ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି; ଯଦି ନ ଥାଆନ୍ତା, ତାହାହେଲେ ମୁଁ ତୁମ୍ଭମାନଙ୍କୁ କହିଥାଆନ୍ତି, ମୁଁ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି; ପୁଣି ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ଥାଏ, ତୁମ୍ଭେମାନେ ମଧ୍ୟ ଯେପରି ସେହି ସ୍ଥାନରେ ରହିବ, ସେଥିନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନିଯିବି (ଯୋହନ ୧୪:୧-୩) ।

ଯୀଶୁଙ୍କର ଏହି ଉକ୍ତିରେ ସ୍ୱର୍ଗ ବିଷୟରେ ଆମେ କିଛି ଶିକ୍ଷା କରୁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ସ୍ୱର୍ଗ ଈଶ୍ୱରଙ୍କ ବାସସ୍ଥାନ । ଯୀଶୁ ଏହାକୁ ପିତାଙ୍କର ଗୃହ କହନ୍ତି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଆମେ ଦିନେ ସେଠାରେ ଈଶ୍ୱରଙ୍କ ସହିତ ବାସକରିବା ।

ସ୍ୱର୍ଗର ପ୍ରତିଜ୍ଞା ଆମେ ପୃଥିବୀରେ ଯେପରି ଜୀବନ ଯାପନ କରୁ ସେ ବିଷୟରେ ଆମକୁ ମାର୍ଗଦର୍ଶନ କରିବା ଉଚିତ । ଯେଉଁ ବ୍ୟକ୍ତି ଅନନ୍ତ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ଜୀବନଯାପନ କରେ ସେ ପୃଥିବୀରେ ସବୁଠାରୁ ଉତ୍ତମ କର୍ମ କରିବ । ଯେଉଁ ବ୍ୟକ୍ତି ସ୍ୱର୍ଗୀୟ ପୁରସ୍କାର ଆଶା କରେ, ସେ କଷ୍ଟ ସହ୍ୟ କରିବାକୁ ଏବଂ ଈଶ୍ୱରଙ୍କ ଇଚ୍ଛା ପୂରଣ କରିବା ପାଇଁ ପ୍ରାଣପଣ କରିବାକୁ ଅନୁପ୍ରାଣିତ ହୋଇଥାଏ । ତାଡ଼ନା ପାଉଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଯୀଶୁ କହନ୍ତି, "ଆନନ୍ଦ କର ଓ ଉଲ୍ଲସିତ ହୁଅ, କାରଣ ସ୍ୱର୍ଗରେ ତୁମ୍ଭମାନଙ୍କର ପୁରସ୍କାର ପ୍ରଚୁର" (ମାଥିଉ ୫:୧୨) ।

## ସ୍ୱର୍ଗର ବୈଶିଷ୍ଟ୍ୟସମୂହ

► ସ୍ୱର୍ଗ ବିଷୟରେ ଆମେ ଜାଣିଥିବା କିଛି ବିଷୟ କ'ଣ?

ବେଳେବେଳେ ପୃଥିବୀର ଲୋକମାନେ ସେମାନଙ୍କ ପସନ୍ଦର ଘର କିଣିପାରନ୍ତି ନାହିଁ, କିମ୍ୱା ସେମାନେ ନିଜ ଘରକୁ ମନ ମୁତାବକ ତିଆରି କରି ପାରନ୍ତି ନାହିଁ । କିନ୍ତୁ ଈଶ୍ୱରଙ୍କର ଅସୀମ ଶକ୍ତି ଓ ସମ୍ୱଳ ଅଛି, ତେଣୁ ଆମେ ଜାଣୁ ଯେ ତାଙ୍କର ଗୃହ ତାଙ୍କର ମନ ପସନ୍ଦର ଗୃହ ଅଟେ । ତେଣୁ, ସ୍ୱର୍ଗ ଈଶ୍ୱରଙ୍କ ସ୍ୱଭାବର ଅନୁରୂପ ଅଟେ ।

> "ଯଦି ମୋ' ମଧ୍ୟରେ ଏପରି ଏକ ଇଚ୍ଛା ଥାଏ ଯାହାକୁ ଜଗତର କୌଣସି ଅନୁଭୂତି ସନ୍ତୁଷ୍ଟ କରିପାରିବ ନାହିଁ, ତେବେ ଏହାର ସାମ୍ଭାବ୍ୟ ବ୍ୟାଖ୍ୟା ହେଉଛି ଯେ ମୁଁ ଅନ୍ୟ ଏକ ଜଗତ ନିମନ୍ତେ ସୃଷ୍ଟ ହୋଇଛି....... ସମ୍ଭବତଃ ପାର୍ଥିବ ସୁଖ କେବେ ବି ଏହାକୁ ସନ୍ତୁଷ୍ଟ କରିବାକୁ ଉଦ୍ଦିଷ୍ଟ ନ ଥିଲା, କିନ୍ତୁ କେବଳ ଏହାକୁ ଜାଗ୍ରତ କରିବାକୁ, ବାସ୍ତବ ବିଷୟର ପରାମର୍ଶ ଦେବାକୁ ଉଦ୍ଦିଷ୍ଟ ଥିଲା..... ନିଜେ ସେହି ଦେଶକୁ ଯିବା ପାଇଁ ପ୍ରାଣପଣ ଉଦ୍ୟମ କରିବା ଏବଂ ଅନ୍ୟମାନଙ୍କୁ ଏହି ସମାନ କାର୍ଯ୍ୟରେ ସାହାଯ୍ୟ କରିବାକୁ ମୁଁ ଜୀବନର ମୁଖ୍ୟ ଉଦ୍ଦେଶ୍ୟ କରିବି" ।
>
> - C.S. Lewis, *Mere Christianity*

ସ୍ୱର୍ଗରେ କେହି ପାପ କରିପାରିବ ନାହିଁ । ସ୍ୱର୍ଗର ସମସ୍ତ ପ୍ରାଣୀ, ଦୂତଗଣ ବା ମନୁଷ୍ୟ ବା ଅନ୍ୟ ପ୍ରାଣୀଗଣ ସମ୍ପୂର୍ଣ୍ଣ ପବିତ୍ର ହେବେ (ପ୍ରକାଶିତ ୨୧:୮, ୨୭ ପଢ଼ନ୍ତୁ) ।

ଦୁଃଖ, ଯନ୍ତ୍ରଣା, ଦ୍ୱନ୍ଦ୍ୱ, ଓ ବିପଦ ସମେତ ପାପର ଫଳାଫଳରୁ ସ୍ୱର୍ଗ ମୁକ୍ତ ହେବ (ପ୍ରକାଶିତ ୨୧:୪ ପଢ଼ନ୍ତୁ) । ସୃଷ୍ଟି ଉପରେ ରୋଗ, ବାର୍ଦ୍ଧକ୍ୟ ଓ ମୃତ୍ୟୁ ସମେତ ଅନ୍ୟ କୌଣସି ଅଭିଶାପ ରହିବ ନାହିଁ (ପ୍ରକାଶିତ ୨୨:୩ ପଢ଼ନ୍ତୁ) ।

ସ୍ୱର୍ଗର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ଆମକୁ ଦିଆଯାଇଥିବା ସବିଶେଷ ତଥ୍ୟରେ ସୂର୍ଯ୍ୟକାନ୍ତ ମଣିରେ ନିର୍ମିତ ପ୍ରାଚୀର, ମୁକ୍ତାର ଦ୍ୱାରଗୁଡ଼ିକ, ସମସ୍ତ ପ୍ରକାର ବହୁମୂଲ୍ୟ ବିରଳ ମଣିରେ ଭୂଷିତ ଭିତ୍ତିମୂଳ, ଓ ଶୁଦ୍ଧ ସୁବର୍ଣ୍ଣ ନିର୍ମିତ ଗଳିସବୁ ଅନ୍ତର୍ଭୁକ୍ତ (ପ୍ରକାଶିତ ୨୧:୧୮-୨୧ ପଢ଼ନ୍ତୁ) ।

**କିଏ ଓ କେବେ?**

ଯେଉଁମାନେ ପାପରୁ ମନପରିବର୍ତ୍ତନ କରନ୍ତି ଓ ଯୀଶୁଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତା ଓ ପ୍ରଭୁ ଭାବରେ ବିଶ୍ୱାସ କରନ୍ତି ସେମାନଙ୍କ ପାଇଁ ସ୍ୱର୍ଗ ପ୍ରସ୍ତୁତ (ଯୋହନ ୩:୧୬) । ବାଇବଲ କହେ ଯେ ଆମେ ଯଦି ଅନନ୍ତ ମୂଲ୍ୟବୋଧ ଦ୍ୱାରା ଜୀବନ ଯାପନ କରିବା, ତେବେ ଆମେ ସ୍ୱର୍ଗରେ ଅନନ୍ତକାଳ ପାଇଁ ସୁରକ୍ଷିତ ଧନ ବିନିଯୋଗ କରିପାରିବା (ମାଥିଉ ୬:୨୦ ପଢ଼ନ୍ତୁ) । ଅସଂଖ୍ୟ ମୁକ୍ତିପ୍ରାପ୍ତ ଲୋକ ଓ ଦୂତମାନଙ୍କ ଦ୍ୱାରା ସ୍ୱର୍ଗ ପରିପୂର୍ଣ୍ଣ (ପ୍ରକାଶିତ ୫:୮-୧୧) ।

ଜଣେ କେତେବେଳେ ସ୍ୱର୍ଗକୁ ଯାଏ? ଯୀଶୁ କ୍ରୁଶାର୍ପିତ ଚୋରକୁ କହିଲେ ଯେ ସେ ସେହିଦିନ ତାଙ୍କ ସଙ୍ଗେ ପାରଦୀଶରେ ଉପସ୍ଥିତ ହେବ (ଲୂକ ୨୩:୪୩) । ପାଉଲ କହିଲେ ଶରୀରଠାରୁ ଅନୁପସ୍ଥିତ ରହିବାର ଅର୍ଥ ପ୍ରଭୁଙ୍କ ନିକଟରେ ନିବାସ କରିବା (୨କରିନ୍ଥୀୟ ୫:୮) । ତେଣୁ, ଆମେ ଜାଣୁ ଯେ ବିଶ୍ୱାସୀ ମୃତ୍ୟୁ ସମୟରେ ସ୍ୱର୍ଗକୁ ଯାଏ । ଯେଉଁ ବିଶ୍ୱାସୀମାନେ ଯୀଶୁଙ୍କ ପୁନର୍ଆଗମନ ସମୟରେ ଜୀବିତ ଥିବେ ସେମାନେ ମୃତ୍ୟୁ ଭୋଗ ନକରି ସ୍ୱର୍ଗକୁ ଯିବେ ।(୧ କରିନ୍ଥୀୟ ୧୫:୫୧-୫୨; ୧ ଥେସାଲୋନୀକୀୟ ୪:୧୩-୧୮ ପଢ଼ନ୍ତୁ ।)

## ଭାଗ ୨: ଅବିଶ୍ୱାସୀମାନଙ୍କର ଅନନ୍ତ ଭାଗ୍ୟ

ପୃଥିବୀରେ ଦଣ୍ଡ ସବୁବେଳେ କୌଣସି ସମୟରେ ଶେଷ ହୁଏ, ହୁଏତ ଦଣ୍ଡିତ ବ୍ୟକ୍ତିର ମୃତ୍ୟୁରେ ଏହା ଶେଷ ହୁଏ । କିନ୍ତୁ ଯୀଶୁ ଅନନ୍ତକାଳୀନ ଏକ ଦଣ୍ଡ ବିଷୟରେ କହନ୍ତି । ସେ କହନ୍ତି,

> ତତ୍ପରେ ସେ ବାମ ପାର୍ଶ୍ୱସ୍ଥ ଲୋକଙ୍କୁ ମଧ୍ୟ କହିବେ, ରେ ଶାପଗ୍ରସ୍ତମାନେ, ମୋ' ସମ୍ମୁଖରୁ ଦୂର ହୋଇ ଶୟତାନ ଓ ତାହାର ଦୂତମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଅନନ୍ତ ଅଗ୍ନି ମଧ୍ୟକୁ ପ୍ରସ୍ଥାନ କର । ଆଉ, ଏମାନେ ଅନନ୍ତ ଶାସ୍ତି, କିନ୍ତୁ ଧାର୍ମିକମାନେ ଅନନ୍ତ ଜୀବନ ଭୋଗ କରିବାକୁ ଯିବେ (ମାଥିଉ ୨୫:୪୧, ୪୬) ।

ଯୀଶୁ ଓ ପ୍ରେରିତମାନେ ନିଶ୍ଚିତ କରି କହିଛନ୍ତି ଯେ ନରକ, ଅଗ୍ନିମୟ ହ୍ରଦ, ଓ ଅନନ୍ତକାଳୀନ ଦଣ୍ଡ ଅଛି । ଏହି ଭୟଙ୍କର ସ୍ଥାନରୁ ଦୂରେଇ ରହିବାକୁ ଯୀଶୁ ଓ ପ୍ରେରିତମାନଙ୍କର କେତୋଟି ବକ୍ତବ୍ୟ ଦିଆଯାଇଅଛି ।

> ଯୁଗାନ୍ତ ସମୟରେ ସେହିପରି ଘଟିବ; ଦୂତମାନେ ବାହାରି ଆସି ଧାର୍ମିକମାନଙ୍କ ମଧ୍ୟରୁ ଦୁଷ୍ଟମାନଙ୍କୁ ବିଭିନ୍ନ କରିବେ, ପୁଣି ସେମାନଙ୍କୁ ଅଗ୍ନିକୁଣ୍ଡରେ ପକାଇଦେବେ; ସେଠାରେ ରୋଦନ ଓ ଦନ୍ତର କିଡ଼ିମିଡ଼ି ହେବ (ମାଥିଉ ୧୩: ୪୯-୫୦) ।

ଫାରୁଶୀମାନଙ୍କ ଉଦ୍ଦେଶ୍ୟରେ ଯୀଶୁ କହିଲେ, "ଆରେ ସର୍ପଗୁଡ଼ାକ, ଆରେ କାଳସର୍ପର ବଂଶ, ତୁମ୍ଭେମାନେ କିପ୍ରକାରେ ନରକ ଦଣ୍ଡରୁ ରକ୍ଷା ପାଇବ?" (ମାଥିଉ ୨୩:୩୩) ।

ଅନ୍ୟ ଏକ ସମୟରେ ଯୀଶୁ ଯେତେବେଳେ ଫାରୁଶୀମାନଙ୍କ ସହିତ କଥାବାର୍ତ୍ତା ହେଉଥିଲେ, ସେ ଜଣେ ବ୍ୟକ୍ତିର ବିଷୟରେ କହିଲେ ଯେ କି ମୃତ୍ୟୁ ପରେ ନରକ ଯାଇ ଯନ୍ତ୍ରଣା ଭୋଗ କଲା:

> ଆଉ ସେ ନରକ ଯନ୍ତ୍ରଣାରେ କଲବଲ ହୋଇ ଉପରକୁ ଚାହିଁ ଦୂରରେ ଅବ୍ରହାମ ଓ ତାଙ୍କ କୋଳରେ ଲାଜାରକୁ ଦେଖିଲା । ସେଥିରେ ସେ ଡାକି କହିଲା, ହେ ପିତା ଅବ୍ରହାମ, ମୋତେ ଦୟା କରି ଲାଜାରକୁ ପଠାଇ ଦିଅନ୍ତୁ, ଯେପରି ସେ ପାଣିରେ ଆପଣା ଅଙ୍ଗୁଳିର ଟିପ ବୁଡ଼ାଇ ମୋର ଜିହ୍ୱାକୁ ଥଣ୍ଡା କରେ, କାରଣ ମୁଁ ଏହି ନିଆଁରେ କଲବଲ ହେଉଅଛି (ଲୂକ ୧୬:୨୩, ୨୪) ।

ପ୍ରେରିତ ପାଉଲ ଲେଖନ୍ତି,

> କାରଣ ପ୍ରଭୁ ଯୀଶୁ ଯେତେବେଳେ ଆପଣା ଶକ୍ତିମାନ୍ ଦୂତମାନଙ୍କ ସହିତ ପ୍ରଜ୍ୱଳିତ ଅଗ୍ନି ସହ ସ୍ୱର୍ଗରୁ ପ୍ରକାଶିତ ହେବେ, ଯେଉଁମାନେ ଈଶ୍ୱରଙ୍କୁ ଜାଣନ୍ତି ନାହିଁ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କ ସୁସମାଚାର ମାନନ୍ତି ନାହିଁ, ସେମାନଙ୍କୁ ସେ ସେତେବେଳେ ଦଣ୍ଡ ଦେବେ, ସେହିଦିନ ସେମାନେ ଦଣ୍ଡ ପାଇବେ, ଅର୍ଥାତ୍, ପ୍ରଭୁଙ୍କ ଛାମୁରୁ ଓ ତାହାଙ୍କ ପରାକ୍ରମର ଗୌରବରୁ ଦୂରୀକୃତ ହୋଇ ଅନନ୍ତ ବିନାଶ ଭୋଗ କରିବେ (୨ ଥେସଲନୀକୀୟ ୧:୬, ୮, ୧୦) ।

ପିତର ଲେଖନ୍ତି,

> କାରଣ ଈଶ୍ୱର ପାପରେ ପତିତ ଦୂତମାନଙ୍କୁ ନ ଛାଡ଼ି ନରକରେ ନିକ୍ଷେପ କରି ବିଚାର ନିମନ୍ତେ ଅନ୍ଧକାରମୟ ଗହ୍ୱରରେ ରଖିଅଛନ୍ତି (୨ ପିତର ୨:୪) ।

ଯୋହନ ଲେଖନ୍ତି,

> ଯେଉଁ ଦିଆବଳ ସେମାନଙ୍କୁ ଭ୍ରାନ୍ତ କରିଥିଲା, ତାହାକୁ ଅଗ୍ନି ଓ ଗନ୍ଧକମୟ ହ୍ରଦରେ ନିକ୍ଷେପ କରାଗଲା, ସେଠାରେ ସେହି ପଶୁ ଓ ଭଣ୍ଡ ଭାବବାଦୀ ମଧ୍ୟ ଅଛନ୍ତି, ପୁଣି ସେମାନେ ଦିବାରାତ୍ର ଯୁଗେ ଯୁଗେ ଯନ୍ତ୍ରଣା ଭୋଗ କରିବେ । ଯାହାର ନାମ ଜୀବନ ପୁସ୍ତକରେ ଲେଖା ହୋଇଥିବାର ଦେଖା ନ ଗଲା, ତାହାକୁ ଅଗ୍ନିମୟ ହ୍ରଦରେ ପକାଗଲା (ପ୍ରକାଶିତ ୨୦:୧୦, ୧୫) ।

ଏହି ସ୍ଥାନକୁ ବର୍ଣ୍ଣନା କରିବା ପାଇଁ କିପ୍ରକାର ଶବ୍ଦାବଳୀ ବ୍ୟବହୃତ ହୋଇଛି ଲକ୍ଷ୍ୟ କରନ୍ତୁ: ଅଗ୍ନି, ଯନ୍ତ୍ରଣା, ଦଣ୍ଡ, ବିନାଶ, ଅନ୍ଧକାର, ଶିକୁଳି, ବିଚାର, ରୋଦନ ଓ ଦନ୍ତର କିଡ଼ିମିଡ଼ି ।

ଯୀଶୁ କହନ୍ତି,

> ଆଉ, ତୁମ୍ଭ ଦକ୍ଷିଣ ଚକ୍ଷୁ ଯେବେ ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା ଉପାଡ଼ି ଫୋପାଡ଼ିଦିଅ, କାରଣ ତୁମ୍ଭର ସମସ୍ତ ଶରୀର ନରକରେ ନିକ୍ଷିପ୍ତ ହେବା ଅପେକ୍ଷା ଗୋଟିଏ ଅଙ୍ଗ ନଷ୍ଟ ହେବା ତୁମ୍ଭ ପକ୍ଷରେ ଲାଭଜନକ । ପୁଣି, ତୁମ୍ଭର ଦକ୍ଷିଣ ହସ୍ତ ଯେବେ ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା କାଟି ଫୋପଡଦିିଅ, କାରଣ ତୁମ୍ଭର ସମସ୍ତ ଶରୀର ନରକରେ ପଡ଼ିବା ଅପେକ୍ଷା ଗୋଟିଏ ଅଙ୍ଗ ନଷ୍ଟ ହେବା ତୁମ୍ଭ ପକ୍ଷରେ ଲାଭଜନକ (ମାଥିଉ ୫:୨୯, ୩୦) ।

ଯୀଶୁ କହିଥିଲେ ଯେ ଉଭୟ ଚକ୍ଷୁ ଓ ଉଭୟ ହସ୍ତରେ ନରକରେ ନିକ୍ଷିପ୍ତ ହେବା ଅପେକ୍ଷା ଡାହାଣ ଚକ୍ଷୁକୁ ଉପାଡ଼ି ଦେବା ଓ ଡାହାଣ ହସ୍ତକୁ କାଟି ଦେବା ଭଲ ହେବ । ଯୀଶୁ ଶରୀରର ଅଙ୍ଗଛେଦନକୁ ଏଠାରେ ଉତ୍ସାହିତ କରୁନାହାନ୍ତି, କିନ୍ତୁ ପୃଥିବୀରେ ଯେତେ ମୂଲ୍ୟବାନ ମନେ ହେଲେ ସୁଦ୍ଧା ଆମକୁ ପାପ ଓ ନରକକୁ ନେଇଯାଉଥିବା କୌଣସି କାର୍ଯ୍ୟକଳାପ ନ କରିବାକୁ କହୁଛନ୍ତି ।

► ନରକ ସମ୍ବନ୍ଧରେ ଭୁଲ ଶିକ୍ଷା ଦେଉଥିବା କେତେକ ଧର୍ମ କ'ଣ କହନ୍ତି?

ବାଇବଲ ଆମକୁ କହେ ଯେ ମୃତ୍ୟୁ ମନୁଷ୍ୟର ପାର୍ଥିବ ପରୀକ୍ଷା କାଳକୁ ସମାପ୍ତ କରେ ଏବଂ ନରକ (୧) ଅନନ୍ତକାଳୀନ (୨) ଅପ୍ରତ୍ୟାବର୍ତ୍ତୀ ଓ (୩) ଯନ୍ତ୍ରଣାଦାୟକ । ଏହି ବାଇବଲ ସତ୍ୟକୁ ନାସ୍ତିକମାନେ ପ୍ରତ୍ୟାଖ୍ୟାନ କରି କହନ୍ତି ଯେ ମୃତ୍ୟୁ ପରେ ଆଉ କିଛି ନାହିଁ । ଯିହୋବାଙ୍କ ସାକ୍ଷୀ, ମର୍ମନ୍, ଓ ବିଶ୍ୱଜନୀନବାଦୀ (universalists) କହନ୍ତି ନରକ ବୋଲି କିଛି ନାହିଁ । ରୋମାନ୍ କ୍ୟାଥୋଲିକ୍ମାନେ ମୃତ୍ୟୁ ମନୁଷ୍ୟର ପାର୍ଥିବ ପରୀକ୍ଷା କାଳକୁ ସମାପ୍ତ କରେ ବୋଲି ଅସ୍ୱୀକାର କରନ୍ତି । ସେମାନଙ୍କ ମତରେ, ମୃତ୍ୟୁ ପରେ ମଧ୍ୟ ମନୁଷ୍ୟର ଅବସ୍ଥାକୁ ଠିକ୍ କରାଯାଇପାରେ ।

ଅନେକେ ନରକର ଅସ୍ତିତ୍ୱକୁ ଅସ୍ୱୀକାର କରନ୍ତି କାରଣ ସେମାନେ ମନେ କରନ୍ତି ଯେ ଏହା ଅନ୍ୟାୟ ଅଟେ । ସେମାନେ କହନ୍ତି ଯେ ଯଦି ଏକ ସୀମିତ ଅବଧି ମଧ୍ୟରେ ପାପ ହୋଇଛି ତେଣୁ ଅନନ୍ତକାଳ ପାଇଁ ଦଣ୍ଡିତ ହେବା ନ୍ୟାୟସଙ୍ଗତ ହୋଇ ନ ପାରେ । ସାଧୁ ଅଗଷ୍ଟିନ୍ ଏହି ଆପତ୍ତିର ଉତ୍ତରରେ ଏକ ଫୌଜଦାରୀ ଆଇନ ଉଦ୍ଧୃତ କରନ୍ତି । କିଛି ମିନିଟ୍ର ଡକାୟତି ପାଇଁ କାହାକୁ କିଛି

ମିନିଟ୍ର ଦଣ୍ଡ ମିଳିବା ଉଚିତ୍ କି? ହତ୍ୟାକାଣ୍ଡ ମୁହୂର୍ତ୍ତକ ମଧ୍ୟରେ ଘଟେ ଓ ତାହା ଅପୂରଣୀୟ କ୍ଷତି ଘଟାଏ । ଧର୍ମଶାସ୍ତ୍ରରେ ଆମେ ଦେଖୁ ଯେ ଏକ ଅନନ୍ତ ଓ ଅସୀମ ଈଶ୍ୱରଙ୍କ ବିରୁଦ୍ଧରେ ପାପ ପାଇଁ ଅନନ୍ତକାଳୀନ ଦଣ୍ଡ ମିଳିଥାଏ, ଯଦିବା ଏହା ଏକ ସୀମିତ ଜୀବନକାଳ ମଧ୍ୟରେ କରାଯାଇଥିଲା ।

► ନରକ ଅନନ୍ତକାଳୀନ କାହିଁକି?

ନରକ ଅନନ୍ତକାଳୀନ କାରଣ

୧. ପାପ ଏକ ଅସୀମ ଈଶ୍ୱରଙ୍କ ବିରୁଦ୍ଧରେ ଏକ ଅପରାଧ ଅଟେ ।

୨. ମନପରିବର୍ତ୍ତନ କରୁ ନ ଥିବା ପାପୀମାନେ ଈଶ୍ୱରଙ୍କ ପ୍ରତି ସେମାନଙ୍କ ଅନନ୍ତକାଳୀନ ସେବାକୁ ଅସ୍ୱୀକାର କରନ୍ତି । ଈଶ୍ୱରଙ୍କ ସେବା କରିବା ପାଇଁ ସେମାନେ ତାଙ୍କ ନିକଟରେ ଋଣୀ ଅଟନ୍ତି ।

୩. ଆମେ ଅନନ୍ତକାଳୀନ ପ୍ରାଣୀ ଅଟୁ ଏବଂ ଯଦି ଆମେ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ହେବାକୁ ମନସ୍ଥ କରୁ ତେବେ ବି ଅନ୍ୟତ୍ର ଯିବା ପାଇଁ ଆମକୁ ସ୍ଥାନ ମିଳିବ ନାହିଁ ।

ପୃଥିବୀରେ ଆମେ ମନ ମୁତାବକ ଆମର ନିଷ୍ପତ୍ତିସବୁକୁ ବଦଳାଇବାକୁ ଚାହିଁଥାଉ । ଏହା ଅତ୍ୟନ୍ତ ଭୟଙ୍କର ମନେ ହୁଏ କାରଣ ଏକ ପସନ୍ଦ ଅନନ୍ତ ପରିଣାମ ଆଣି ଦେଇପାରେ । ଆମେ ଚିନ୍ତା କରିପାରୁ ଯେ ଭବିଷ୍ୟତରେ ଦ୍ୱିତୀୟ ସୁଯୋଗ ମିଳିବ, ଯଦିବା ଆମେ ବର୍ତ୍ତମାନ ଜାଣିଶୁଣି ପସନ୍ଦ କରୁ । କିନ୍ତୁ ଏହା ଅଯୌକ୍ତିକ ନୁହେଁ ଯେ ଈଶ୍ୱର ଆମର ପରୀକ୍ଷା ସମୟକୁ ଜୀବନକାଳ ମଧ୍ୟରେ ସୀମାବଦ୍ଧ କରିବେ ।

ଅନେକେ ନରକରେ ବିଶ୍ୱାସ କରନ୍ତି ନାହିଁ କାରଣ ସେମାନେ ଆଶ୍ଚର୍ଯ୍ୟ ହୁଅନ୍ତି ଜଣେ ପ୍ରେମମୟ ଈଶ୍ୱର ଜଣେ ବ୍ୟକ୍ତିକି ଏପରି ଭୟଙ୍କର ସ୍ଥାନକୁ କିପରି ପଠାଇ ପାରନ୍ତି, ଯାହା ଉପରୋକ୍ତ ଶାସ୍ତ୍ରାଂଶ ବର୍ଣ୍ଣନା କରେ । ଆମେ ମନେ ରଖିବାକୁ ହେବ ଯେ କେହି ହେଲେ ବିନଷ୍ଟ ହେଉ ବୋଲି ଈଶ୍ୱର ଚାହାନ୍ତି ନାହିଁ, କିନ୍ତୁ ପ୍ରତ୍ୟେକ ଜଣ ମନପରିବର୍ତ୍ତନ କରୁ ଓ ପରିତ୍ରାଣ ଲାଭ କରୁ ବୋଲି ସେ ଚାହାନ୍ତି । ବାଇବଲ ଏହା ଅନେକ ସ୍ଥାନରେ କହେ (୨ପିତର ୩:୯; ୧ତୀମଥି ୨:୪; ପ୍ରେରିତ ୧୭:୩୦ ପଢ଼ନ୍ତୁ) । ଯେଉଁମାନେ ନରକକୁ ଯାଆନ୍ତି ସେମାନେ ଏପରି ମନୋନୟନସବୁ କରନ୍ତି ଯାହା ସେମାନଙ୍କୁ ସେହି ଭୟଙ୍କର ସ୍ଥାନକୁ ନେଇଯାଏ । କେହିହେଲେ

> "ପରିଶେଷରେ ନରକ ତତ୍ତ୍ୱ ସମ୍ବନ୍ଧୀୟ ଆପତ୍ତିରେ ଏହି ପ୍ରଶ୍ନ ପଚରାଯିବା ଉଚିତ: "ଈଶ୍ୱର ଆଉ କ'ଣ କରନ୍ତୁ ବୋଲି ତୁମେ ଇଚ୍ଛା କର?" ସେମାନଙ୍କ ଅତୀତର ପାପସବୁକୁ ଲୋପକରିବା ଓ ନୂତନ ଭାବରେ ଆରମ୍ଭ କରିବା, ଆଶ୍ଚର୍ଯ୍ୟଭାବେ ଏହି କଷ୍ଟକର ବିଷୟରେ ସାହାଯ୍ୟ ପ୍ରଦାନ କରିବା? କିନ୍ତୁ ସେ ତ ଆରମ୍ଭରୁ ତୁମ ପ୍ରତି ତାହା କରିବାକୁ ଚାହାନ୍ତି । ସେମାନଙ୍କୁ କ୍ଷମା କରିବା? କିନ୍ତୁ ସେମାନେ କ୍ଷମା ପାଇବାକୁ ମନା କରନ୍ତି । ସେମାନଙ୍କୁ ସେମାନଙ୍କ ନିଜ ରାସ୍ତାରେ ଯିବାକୁ ଛାଡ଼ିଦେବା? ଆହା, ମୁଁ ଭୟ କରେ, ଈଶ୍ୱର ତାହା ହିଁ କରନ୍ତି" ।
>
> - C.S. Lewis,
> *The Problem of Pain* ରୁ ଆନୀତ

ହଠାତ୍ ନରକରେ ଝୁଣ୍ଟି ପଡ଼ନ୍ତି ନାହିଁ । ଯେଉଁମାନେ ସେଠାକୁ ଯାଆନ୍ତି ସେମାନେ ଈଶ୍ୱରଙ୍କୁ, ଧାର୍ମିକତା ଓ ପରିତ୍ରାଣକୁ ପ୍ରତ୍ୟାଖ୍ୟାନ କରି ସେହି ସ୍ଥାନ ବାଛିଥାନ୍ତି ।

ଯେହେତୁ ସମସ୍ତ ଉତ୍ତମ ବିଷୟ ଈଶ୍ୱରଙ୍କଠାରୁ ଆସିଥାଏ, ଈଶ୍ୱରଙ୍କୁ ପ୍ରତ୍ୟାଖ୍ୟାନ କରିବାର ଅର୍ଥ ଶେଷରେ ପରିଣତି ସ୍ୱରୂପ ସମସ୍ତ ଉତ୍ତମ ବିଷୟ ପ୍ରତ୍ୟାଖ୍ୟାନ କରିବା । ସୁସ୍ଥିରତା, ଭୟ ଓ ଯନ୍ତ୍ରଣାରୁ ସୁରକ୍ଷା, ଏବଂ ଏକ ଆରାମଦାୟକ ସ୍ଥାନ ହେଉଛି ଉତ୍ତମ ବିଷୟସବୁ ଯାହା କେବଳ ଈଶ୍ୱର ଯୋଗାଇ ପାରିବେ । ଈଶ୍ୱରଙ୍କଠାର ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେବାର ଅର୍ଥ ଉତ୍ତମ ବିଷୟ ସବୁର ଅଭାବ, ଏବଂ ତାହା ହିଁ ନରକ ।

ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ ଯୀଶୁଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ କାର୍ଯ୍ୟହେତୁ, ତାଙ୍କର ପ୍ରେମ ଆଗାମୀ କ୍ରୋଧରୁ ପଳାୟନ କରିବା ପାଇଁ ଆମକୁ ସାହାଯ୍ୟ ଓ ସକ୍ଷମ କରିଛି (୧ ଥେସଲନୀକୀୟ ୧:୧୦; ୪:୯) । ନରକର ଯନ୍ତ୍ରଣା ପରିବର୍ତ୍ତେ, ଆମେ ପରିତ୍ରାଣର ଆନନ୍ଦ ଓ ସ୍ୱର୍ଗର ଆଶ୍ଚର୍ଯ୍ୟବିଷୟ ସବୁରେ ଅଂଶୀ ହୋଇପାରିବା । ଯେତେବେଳେ ଆମେ ଈଶ୍ୱରଙ୍କ ପ୍ରତି ମନପରିବର୍ତ୍ତନ ଓ ଆମମାନଙ୍କ ପ୍ରଭୁ ଯୀଶୁଙ୍କ ପ୍ରତି ବିଶ୍ୱାସକୁ ମନୋନୀତ କରୁ ଆମେ ସ୍ୱର୍ଗକୁ ଆମର ଭାଗ୍ୟ ଭାବରେ ମନୋନୀତ କରୁ (ଫିଲିପ୍ପ ୩:୨୦; ପ୍ରେରିତ ୨୦:୨୧) ।

## ଏଡାଇବାକୁ ଥିବା ତ୍ରୁଟିସବୁ: ଅନନ୍ତକାଳୀନ ପରିଣାମ ଭୁଲିଯିବା

ସାଂସାରିକ ଜୀବନରେ, ଅନେକ ନିଷ୍ପତ୍ତି ଚୂଡାନ୍ତ ମନେ ହୁଏ ନାହିଁ । ଯଥେଷ୍ଟ ସମୟ ନେଇ, ଅନେକ ତ୍ରୁଟି ସଂଶୋଧନ କରାଯାଇପାରେ । ଆମକୁ ମନେ ରଖିବାକୁ ହେବ ଯେ ଅନେକ ନିଷ୍ପତ୍ତିର ଅନନ୍ତକାଳୀନ ପରିଣାମ ଅଛି । ଆମେ ଜାଣୁନା କେବେ ଆମେ ମରିବୁ, ଏବଂ ଆମର ପାର୍ଥିବ ପରୀକ୍ଷା କାଳ ସମାପ୍ତ ହେବ । ମୃତ୍ୟୁ ପରେ ଆମେ ନିଜ କାର୍ଯ୍ୟସବୁକୁ ପରିବର୍ତ୍ତନ କରିପାରିବୁ ନାହିଁ ଯାହା ଆମର ଅନନ୍ତ ଭାଗ୍ୟକୁ ପ୍ରଭାବିତ କଲା ବା ଅନ୍ୟମାନଙ୍କୁ ସେମାନଙ୍କ ନିଷ୍ପତ୍ତିରେ ପ୍ରଭାବିତ କଲା ।

► ବିଶ୍ୱାସର ସ୍ୱୀକାରୋକ୍ତିକୁ ଏକାଠି ଅତିକମରେ ଦୁଇଥର ପଢ଼ନ୍ତୁ ।

## ବିଶ୍ୱାସର ସ୍ୱୀକାରୋକ୍ତି

ପ୍ରତ୍ୟେକ ବ୍ୟକ୍ତି ସ୍ୱର୍ଗରେ ବା ନରକରେ ଅନନ୍ତକାଳ ରହିବେ । ସ୍ୱର୍ଗ ହେଉଛି ଈଶ୍ୱରଙ୍କ ବାସସ୍ଥାନ ଯେଉଁଠାରେ ବିଶ୍ୱାସୀମାନେ ଈଶ୍ୱରଙ୍କ ସହିତ ରହିବେ, ଆନନ୍ଦରେ ତାଙ୍କର ଉପାସନା କରିବେ । ସ୍ୱର୍ଗରେ ପାପ ନାହିଁ, ବା ପାପଜନିତ କୌଣସି ଯନ୍ତ୍ରଣା ନାହିଁ । ଖ୍ରୀଷ୍ଟଙ୍କ ଦ୍ୱାରା ପାପରୁ ରକ୍ଷା ପାଇ ନ ଥିବା ସମସ୍ତଙ୍କ ପାଇଁ ନରକ ହେଉଛି ଅନନ୍ତ, ଅପରିବର୍ତ୍ତନୀୟ ଓ ଦାରୁଣ ଯନ୍ତ୍ରଣାର ସ୍ଥାନ । ଅସୀମ ଈଶ୍ୱରଙ୍କ ବିରୁଦ୍ଧରେ ଇଚ୍ଛାକୃତ ପାପ ପାଇଁ ନରକ ହେଉଛି ଯଥାର୍ଥ ଦଣ୍ଡ ।

## ପାଠ ୧୩ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେ ବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ଯିଶାଇୟ ୫:୧୧-୧୬
- ମାଥିଉ ୫:୨୭-୩୦
- ଲୂକ ୧୬:୧୯-୩୧
- ପ୍ରକାଶିତ ୨୨:୧-୫
- ପ୍ରକାଶିତ ୨୨:୧୦-୧୭

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୧୩ ର ଏକ ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ତୁମର ଶ୍ରେଣୀବାହାର ଶିକ୍ଷାଦାନର ସମୟ ନିର୍ଘଣ୍ଟ ମନେ ରଖ ଓ ଶିକ୍ଷାଦାନ ସମାପ୍ତ କଲା ପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୧୩ ପରୀକ୍ଷା

(୧) ସ୍ୱର୍ଗର ପ୍ରାଥମିକ କାର୍ଯ୍ୟକଳାପ କ'ଣ?

(୨) କେଉଁ ଚାରୋଟି ବିଷୟ ସ୍ୱର୍ଗରେ ଦେଖିବାକୁ ମିଳିବ ନାହିଁ?

(୩) କିଏ ସ୍ୱର୍ଗକୁ ଯିବ?

(୪) ବିଶ୍ୱାସୀମାନେ କେବେ ସ୍ୱର୍ଗକୁ ଯାଆନ୍ତି?

(୫) ନରକ ବିଷୟରେ କେଉଁ ତିନୋଟି ବିଷୟ ବାଇବଲ ଆମକୁ କହେ?

(୬) ତୁମର ଦକ୍ଷିଣ ହସ୍ତ କାଟିପକାଅ,

ଯୀଶୁ କେଉଁ ଅର୍ଥରେ ଏହା କହିଥିଲେ ?

(୭) ନରକ ଯେ ଅନନ୍ତକାଳୀନ ଏହାର ତିନୋଟି କାରଣ ଲେଖ ।

# ପାଠ ୧୪

# ଅନ୍ତିମ ଘଟଣାବଳୀ

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- ଅନ୍ତିମ ଘଟଣାବଳୀ ବିଷୟରେ ପ୍ରସଙ୍ଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ସ୍ତରସବୁ ।
- ଖ୍ରୀଷ୍ଟଙ୍କ ପ୍ରତ୍ୟାବର୍ତ୍ତନ ଏବଂ ଖ୍ରୀଷ୍ଟୀୟ ଜୀବନ ପାଇଁ ଏହାର ଅର୍ଥ ।
- ସମସ୍ତ ଲୋକଙ୍କର ପୁନରୁତ୍ଥାନ ଏବଂ ଶରୀରର ମୂଲ୍ୟ ।
- ସମସ୍ତ ନୈତିକ ପ୍ରାଣୀମାନଙ୍କର ଅନ୍ତିମ ବିଚାର ।
- ଈଶ୍ୱରଙ୍କର ଅନନ୍ତ ରାଜ୍ୟ ।
- ଅନ୍ତିମ ଘଟଣାବଳୀ ବିଷୟରେ ଖ୍ରୀଷ୍ଟୀୟ ବିଶ୍ୱାସର ଏକ ସ୍ୱୀକାରୋକ୍ତି ।

(୨) ଛାତ୍ରମାନେ ପାର୍ଥିବ ଜୀବନକୁ ଅନନ୍ତକାଳର ଦୃଷ୍ଟିକୋଣରେ ଦେଖିବାର ମହତ୍ତ୍ୱ ଜାଣିବେ

## ଉପକ୍ରମ

► ଦାନିଏଲ ୭:୯-୧୪ କୁ ଏକତ୍ର ପଢ଼ନ୍ତୁ । ଏହି ଶାସ୍ତ୍ରାଂଶ ଭବିଷ୍ୟତ ସମ୍ବନ୍ଧରେ କ'ଣ କୁହେ?

ବାଇବଲ ଭବିଷ୍ୟବାଣୀରେ ନିମ୍ନ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ: ପଶୁର ଚିହ୍ନ, ତୂରୀ, ମହାକ୍ଲେଶ, ଭଣ୍ଡଖ୍ରୀଷ୍ଟ, ସାତବର୍ଷ, ୧୦୦୦ ବର୍ଷ, ବୃହତ ଶ୍ୱେତବର୍ଣ୍ଣ ସିଂହାସନ, ପବିତ୍ର ନଗରୀର ଅବତରଣ, ଅଗ୍ନିମୟ ହ୍ରଦ ।

► ବାଇବଲ ଭବିଷ୍ୟବାଣୀରେ ଥିବା କେଉଁ ବିଷୟରେ ଆପଣ ଚିନ୍ତା କରିଥାନ୍ତି?

## ଗୁରୁତ୍ୱପୂର୍ଣ୍ଣ ସ୍ତରସବୁ

ଭବିଷ୍ୟବାଣୀ ବିଷୟରେ ଆଲୋଚନାଗୁଡ଼ିକ ପ୍ରାୟଶଃ ମୁଖ୍ୟ ସତ୍ୟଗୁଡ଼ିକ ପରିବର୍ତ୍ତେ ଛୋଟ ପ୍ରଶ୍ନଗୁଡ଼ିକ ଉପରେ ଧ୍ୟାନ ଦେଇଥାଏ । ଭବିଷ୍ୟବାଣୀର ପ୍ରସଙ୍ଗଗୁଡ଼ିକ ସମାନଭାବେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏହି ପାଠ୍ୟକ୍ରମରେ ଭବିଷ୍ୟବାଣୀ ସମ୍ବନ୍ଧୀୟ ସମସ୍ତ ପ୍ରସଙ୍ଗ ଆଲୋଚନା କରାଯିବ ନାହିଁ ।

ବେଳେବେଳେ ଲୋକେ ଆଶ୍ଚର୍ଯ୍ୟଭାବ ପ୍ରକଟ କରନ୍ତି ଯେ ପଶୁର ଚିହ୍ନ କ'ଣ ହେବ, କେଉଁ ଦେଶରୁ ଭଣ୍ଡଖ୍ରୀଷ୍ଟ ଆସିବ, ଏବଂ ଦୁଇଜଣ ସାକ୍ଷୀ କିଏ? ଏହି ପ୍ରଶ୍ନଗୁଡ଼ିକର ସ୍ପଷ୍ଟ ଉତ୍ତର ବାଇବଲରେ ନାହିଁ, ଏବଂ ସେମାନଙ୍କ ବିଷୟରେ ଯୁକ୍ତି କରିବା ମୂଲ୍ୟହୀନ ଅଟେ ।

ତେବେ ଅନ୍ୟାନ୍ୟ କେତେକ ପ୍ରସଙ୍ଗ ଉପରେ ବାଇବଲ ଅଧିକ ବ୍ୟାଖ୍ୟା କରେ । ଉଦାହରଣସ୍ୱରୂପ, କ୍ଳେଶ ସମୟର ଆରମ୍ଭରେ, ବା ମଧ୍ୟ ଭାଗରେ, ବା ଶେଷରେ ଯୀଶୁ ପ୍ରତ୍ୟାବର୍ତ୍ତନ କରିବେ, ଏବଂ ଏକ ସହସ୍ର ବର୍ଷ (ଗସକ୍ଷକ୍ଷରଭଭସଙ୍କଙ୍କ) କହିଲେ, କ'ଣ ଆକ୍ଷରିକ ଭାବରେ ୧୦୦୦ ବର୍ଷ ଅଟେ କି? ତଥାପି, ଏସବୁ ଶିକ୍ଷା ସୁସମାଚାର ପାଇଁ ଜରୁରୀ ନୁହେଁ । ଆପଣ କଦାପି କାହା ସହିତ ସହଭାଗିତା ଭାଙ୍ଗିବା ଉଚିତ ନୁହେଁ କାରଣ ଆପଣ ଏହି ପ୍ରଶ୍ନଗୁଡ଼ିକ ମଧ୍ୟରୁ ଗୋଟିଏ ଉପରେ ତାଙ୍କ ମତ ସହିତ ସହମତ ନୁହଁନ୍ତି ।

ବାଇବଲ ଭବିଷ୍ୟବାଣୀରେ କିଛି ଆବଶ୍ୟକ ସତ୍ୟ ଅଛି । ଏହି ସତ୍ୟସମୂହ ଏତେ ସ୍ପଷ୍ଟ ଯେ ବାଇବଲରେ ବିଶ୍ୱାସ କରୁଥିବା ପ୍ରତ୍ୟେକେ ସେସବୁକୁ ଗ୍ରହଣ କରି ନିଅନ୍ତି । ଏହି ଶିକ୍ଷାଗୁଡ଼ିକ ଆମର ଖ୍ରୀଷ୍ଟୀୟ ଜୀବନ ଯାପନକୁ ଏବଂ ସମ୍ପୂର୍ଣ୍ଣ ଖ୍ରୀଷ୍ଟୀୟ ଶିକ୍ଷା ପ୍ରଣାଳୀକୁ ପ୍ରଭାବିତ କରନ୍ତି । ଆସନ୍ତୁ ଆମେ ଅନ୍ତିମ ଘଟଣାବଳୀ ବିଷୟରେ ବାଇବଲ ଭବିଷ୍ୟବାଣୀରେ ପ୍ରକାଶିତ ଚାରୋଟି ଆବଶ୍ୟକ ସତ୍ୟକୁ ଦେଖିବା ।

### ଯୀଶୁଙ୍କ ଶାରୀରିକ ପ୍ରତ୍ୟାବର୍ତ୍ତନ

ଯୀଶୁ ଏହି ପୃଥିବୀକୁ ଦୃଶ୍ୟମାନ ଭାବରେ ଫେରିବେ । ଯଦିବା ସେ ବର୍ତ୍ତମାନ ବିଶ୍ୱାସୀମାନଙ୍କ ସହିତ ଆତ୍ମିକ ଭାବରେ ଉପସ୍ଥିତ ଅଛନ୍ତି, ତଥାପି ସେ ସମଗ୍ର ପୃଥିବୀର ଦୃଷ୍ଟିଗୋଚରରେ ଗୌରବମୟ ଓ ପୁନରୁତ୍ଥିତ ରୂପରେ ଫେରିବେ (ପ୍ରକାଶିତ ୧:୭) ।

► ଯୀଶୁଙ୍କ ପୁନରାଗମନ ହେଲେ କେଉଁସବୁ ବିଷୟ ଘଟିବ?

ଖ୍ରୀଷ୍ଟଙ୍କ ପୁନରାଗମନ ପୃଥିବୀ ଇତିହାସର ଶୀର୍ଷବିନ୍ଦୁ ହେବ । ଜଗତର ରାଜ୍ୟସବୁ ଖ୍ରୀଷ୍ଟଙ୍କ ରାଜ୍ୟ ହେବ । ଯେଉଁମାନେ ତାଙ୍କ ପ୍ରତି ବିଶ୍ୱସ୍ତ ଥିବେ ସେମାନେ ପୁରସ୍କୃତ ଓ ସମ୍ମାନିତ କରାଯିବେ । ଯେଉଁମାନେ ତାଙ୍କର ବିଦ୍ରୋହୀ ହୋଇଛନ୍ତି ସେମାନଙ୍କୁ ଦମନ କରାଯିବ, ଏବଂ ସମସ୍ତ ବିପକ୍ଷମାନଙ୍କ ବିରୁଦ୍ଧରେ ଜୟୀ ହେବାକୁ ତାଙ୍କର ଶକ୍ତି ରହିବ (ମାଥିଉ ୨୬:୬୪ ପଢ଼ନ୍ତୁ) । ପ୍ରତ୍ୟେକ ଜାନୁ ନତ ହେବ, ଓ ପ୍ରତ୍ୟେକ ଜିହ୍ୱା ସ୍ୱୀକାର କରିବ ଯେ ଯୀଶୁ ହିଁ ପ୍ରଭୁ ଅଟନ୍ତି (ଫିଲିପ୍ପୀୟ ୨:୧୦, ୧୧) ।

ଯେଉଁ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କର ମୃତ୍ୟୁ ହୋଇସାରିଛି ସେମାନେ ପୁନରୁତ୍ଥିତ ହୋଇ ଖ୍ରୀଷ୍ଟଙ୍କ ସହିତ ରାଜତ୍ୱ କରିବେ (୨ତୀମଥି ୨:୧୨) । ସେମାନେ ଜୀବିତ ରହିଥିବା ବିଶ୍ୱାସୀମାନଙ୍କ ସହିତ ଉଠି ପ୍ରଭୁଙ୍କୁ ଭେଟିବାକୁ ଯିବେ ଯେତେବେଳେ ସେ ସ୍ୱର୍ଗରୁ ଅବତରଣ କରିବେ (୧ଥେସଲନୀକୀୟ ୪:୧୬-୧୭) ।

> "ଯିଏ ଆନନ୍ଦରେ ମୃତ୍ୟୁ ଓ ପୁନରୁତ୍ଥାନର ଦିନକୁ ଅପେକ୍ଷା କରେ ନାହିଁ ସେ ଖ୍ରୀଷ୍ଟଙ୍କ ବିଦ୍ୟାଳୟରେ ଅଗ୍ରଗତି କରି ପାରିବ ନାହିଁ । ଆସନ୍ତୁ ଆମେ ବ୍ୟାକୁଳତାର ସହିତ ପ୍ରଭୁଙ୍କ ଆଗମନକୁ ଅପେକ୍ଷା କରିବା କାରଣ ଏହା ସବୁଠୁ ଖୁସିର ବିଷୟ । ସେ ମୁକ୍ତିଦାତା ଭାବରେ ଆମ ନିକଟକୁ ଆସିବେ ଏବଂ ତାହାଙ୍କ ଜୀବନ ଓ ଗୌରବସ୍ୱରୂପ ଆନନ୍ଦଦାୟକ ଉତ୍ତରାଧିକାର ମଧ୍ୟକୁ ଆମମାନଙ୍କୁ କଢ଼ାଇନେବେ" ।
>
> John Calvin,
> *Institutes of the Christian Religion* ରୁ ଆନୀତ ।

ଯୀଶୁଙ୍କ ପ୍ରତ୍ୟାବର୍ତ୍ତନ ସମସ୍ତ ଖ୍ରୀଷ୍ଟ ବିଶ୍ୱାସୀଙ୍କ ପକ୍ଷରେ ଆନନ୍ଦଦାୟକ ଭରସା ଅଟେ (ତୀତସ ୨:୧୩ ପଢ଼ନ୍ତୁ) । ତାଙ୍କର ପ୍ରତ୍ୟାବର୍ତ୍ତନ ଆମ ପାଇଁ କ'ଣ ଅର୍ଥପ୍ରକାଶ କରେ; ତାଡ଼ନା, ଦୁଃଖ, ଯନ୍ତ୍ରଣା, କ୍ଳେଶର ସମାପ୍ତି; ସାଧୁ ଏବଂ ଖ୍ରୀଷ୍ଟୀୟ ପ୍ରିୟଜନଙ୍କ ସହିତ ପୁନର୍ମିଳନ; ଆମର ବିଶ୍ୱାସ ଯେ ବୃଥା ଯାଇ ନାହିଁ ତା'ର ପ୍ରମାଣ; ସ୍ୱୟଂ ଯୀଶୁଙ୍କ ଦର୍ଶନ ପାଇବା; ଏବଂ ସ୍ୱର୍ଗରେ ପ୍ରବେଶ ଓ ଈଶ୍ୱରଙ୍କ ସହିତ ଅନନ୍ତ ଜୀବନର ପୂର୍ଣ୍ଣତା ପ୍ରାପ୍ତ ହେବା । ଏ ସମସ୍ତ ବିଷୟ ମଧ୍ୟରୁ କୌଣସିଟି ତାଙ୍କ ପ୍ରତ୍ୟାବର୍ତ୍ତନର ସମୟ ଉପରେ ନିର୍ଭର କରେ ନାହିଁ, କିନ୍ତୁ ଏହି ତଥ୍ୟ ଉପରେ ନିର୍ଭର କରେ ଯେ ସେ ଆପଣା ପ୍ରତିଜ୍ଞା ଅନୁଯାୟୀ ପ୍ରତ୍ୟାବର୍ତ୍ତନ କରିବେ ।

ଯୀଶୁ କହନ୍ତି ସେ ମହାପରାକ୍ରମ ଓ ମହାମହିମା ସହ ଆଗମନ କରିବେ (ମାଥିଉ ୨୪:୩୦) । ସେ ପ୍ରତିଜ୍ଞା କରିଛନ୍ତି ଯେ ସେ ଆସି ତାଙ୍କ ଲୋକମାନଙ୍କୁ ତାହାଙ୍କ ସହିତ ରହିବାକୁ ନେଇଯିବେ (ଯୋହନ ୧୪:୩) । ଦୂତମାନେ କହିଲେ ଯେ ସେ ଯେପରି ଭାବରେ ସ୍ୱର୍ଗକୁ ପ୍ରସ୍ଥାନ କଲେ ସେହିପରି ଭାବରେ ସେ ପ୍ରତ୍ୟାବର୍ତ୍ତନ କରିବେ (ପ୍ରେରିତ ୧:୧୧) । ପ୍ରେରିତମାନେ ମନପରିବର୍ତ୍ତନ କରିବା ପାଇଁ ପ୍ରଚାର କରିବା ସଙ୍ଗେ ସଙ୍ଗେ ଜଗତ ପାଇଁ ଈଶ୍ୱରଙ୍କର ଚୂଡାନ୍ତ ଯୋଜନା କାର୍ଯ୍ୟକାରୀ ଓ ପୁନଃସ୍ଥାପନ କରିବାକୁ ଖ୍ରୀଷ୍ଟଙ୍କ ପ୍ରତ୍ୟାବର୍ତ୍ତନକୁ ପ୍ରତୀକ୍ଷା କରି ରହିଥିଲେ (ପ୍ରେରିତ ୩:୧୯-୨୧ ଦେଖନ୍ତୁ) । ଯୀଶୁ ଯେ ପୁନର୍ବାର ଏହି ପୃଥିବୀକୁ ମହାପରାକ୍ରମ ଓ ମହାଗୌରବରେ ଫେରି ଆସିବେ ଏହା ନୂତନ ନିୟମରେ ବାରମ୍ବାର ଶିକ୍ଷାଦିଆଯାଇଛି ।[□□]

ଯଦିବା ଯୀଶୁଙ୍କ ଦ୍ୱିତୀୟ ଆଗମନ ପୂର୍ବରୁ ଅନେକ ଚିହ୍ନ ଓ ଲକ୍ଷଣ ଦେଖାଯିବ, କିନ୍ତୁ ସେ କେବେ ଫେରିବେ ତାହା ଆମେ ସଠିକ୍ ଭାବରେ ଜାଣି ପାରିବା ନାହିଁ । ତେବେ ବିଶ୍ୱାସୀମାନେ ସର୍ବଦା ଯୀଶୁଙ୍କ ଆଗମନକୁ ପ୍ରତୀକ୍ଷା କରି ତଦନୁସାରେ ଜୀବନଯାପନ କରିବା ଭଲ (ମାର୍କ ୧୩:୩୩-୩୭ ପଢ଼ନ୍ତୁ) ।

► ଯୀଶୁ କାହିଁକି ପୁନର୍ବାର ଆଗମନ କରିବେ?

---

[□□] ୧ଥେସଲନୀକୀୟ ୪:୧୫-୧୬; ୨ଥେସଲନୀକୀୟ ୧:୭.୧୦; ତୀତସ ୨:୧୩; ଏବ୍ରୀ ୯:୨୮; ଯାକୁବ ୫:୭-୮; ୧ପିତର ୧:୭, ୧୩; ୨ପିତର ୧:୧୬; ୩:୪, ୧୨; ୧ଯୋହନ ୨:୨୮

ଆମେ ଏପରି ଏକ ଜଗତରେ ବାସକରୁଛୁ ଯେଉଁଠାରେ ଅଧିକାଂଶ ଲୋକ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହାଚରଣ କରନ୍ତି । ସମଗ୍ର ସୃଷ୍ଟି ପାପର ଅଭିଶାପରେ ପୀଡ଼ିତ । ରାଜନୈତିକ କାର୍ଯ୍ୟକଳାପ, ସାମାଜିକ ସଂସ୍କାର, ଉନ୍ନତ ଶିକ୍ଷା, ବା ସମୃଦ୍ଧ ଅର୍ଥନୀତି ଦ୍ୱାରା ବିଶ୍ୱ କଦାପି ସିଦ୍ଧ ହେବ ନାହିଁ । ଯୀଶୁ ଏହାକୁ ଠିକ୍ କରିବା ପାଇଁ ପ୍ରତ୍ୟାବର୍ତ୍ତନକାରୀ ରାଜା ଭାବରେ ହଠାତ୍ ତାଙ୍କ ସୃଷ୍ଟିରେ ପ୍ରବେଶ କରିବେ ।

ସମସ୍ତ ଲୋକ ପାପୀ ଅଟନ୍ତି; କିନ୍ତୁ ଯଦି ସେମାନେ ଇଚ୍ଛାକୃତ ଭାବରେ ଈଶ୍ୱରଙ୍କ ରାଜ୍ୟରେ ଯୋଗଦାନ କରନ୍ତି, ସେମାନେ ଆଗାମୀ ବିଚାରରୁ ରକ୍ଷା ପାଇପାରିବେ । ଯେଉଁମାନେ ମନପରିବର୍ତ୍ତନ ଓ ବିଶ୍ୱାସ କରନ୍ତି ଈଶ୍ୱରଙ୍କ ରାଜ୍ୟ ସେମାନଙ୍କ ମଧ୍ୟରେ କାର୍ଯ୍ୟ କରୁଛି (ମାର୍କ ୧:୧୪-୧୫; ମାର୍କ ୯:୧) । ଯୀଶୁଙ୍କ ପ୍ରତ୍ୟାବର୍ତ୍ତନର ସେହି ରାଜ୍ୟ ସମ୍ପୂର୍ଣ୍ଣ ଓ ଖୋଲାଖୋଲି ଭାବରେ ଆସିବ ।

► ଆମେ କିପରି ଜୀବନ ଯାପନ କରିବା ଉଚିତ କାରଣ ଆମେ ଜାଣୁ ଯେ ଯୀଶୁ ପୁନରାଗମନ କରୁଛନ୍ତି?

ଆଦ୍ୟ ଖ୍ରୀଷ୍ଟିୟାନ କେଉଁ ବିଷୟଗୁଡ଼ିକୁ ପ୍ରାଥମିକତା ଦେଉଥିଲେ ତାହା ଆମେ ନିହାତି ସ୍ମରଣ କରିବା ଉଚିତ । ବିଶ୍ୱାସରେ ସ୍ଥିର ରହିବାକୁ (୧କରିନ୍ଥୀୟ ୧୬:୧୩) ଏବଂ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ରହିବାକୁ (ମାଥିଉ ୨୪:୧୩) ଆମମାନଙ୍କୁ ଆହ୍ୱାନ ଦିଆଯାଇଛି । ଜଗତର ସୁଖଭୋଗ, ଆମୋଦ ପ୍ରମୋଦ ଓ ଅନ୍ୟାନ୍ୟ ବିଷୟ ଖ୍ରୀଷ୍ଟଙ୍କ ଆଗମନକୁ ଯେପରି ଭୁଲିଯିବାକୁ ନ ଦିଏ ଏଥିପାଇଁ ଆମକୁ ଚେତାବନୀ ଦିଆଯାଇଛି (ଲୂକ ୨୧:୩୪-୩୬) । ଆମେ ଅନନ୍ତ ମୂଲ୍ୟବୋଧ ଅନୁଯାୟୀ ବଞ୍ଚୁ ଯେହେତୁ ଏହି ଜଗତର ବିଷୟଗୁଡ଼ିକ ଲୋପ ପାଇବ (୨ପିତର ୩:୧୧-୧୩) । ଆମକୁ ଜାଗି ରହିବାକୁ କୁହାଯାଇଛି, ତାଙ୍କର ପ୍ରକାଶନ ହେବ ବୋଲି ଆକାଶକୁ ଅନାଇ ରହିବା ଦ୍ୱାରା ନୁହେଁ, କିନ୍ତୁ ଆତ୍ମିକ ଭାବରେ ଜାଗ୍ରତ ଜୀବନଯାପନ କରିବା ଦ୍ୱାରା ଯେପରି କି ତାଙ୍କ ଆଗମନ ସମୟରେ ଆମେ ଅପ୍ରସ୍ତୁତ ଅବସ୍ଥାରେ ଦେଖା ନ ଯିବୁ (ମାର୍କ ୧୩:୩୩- ୩୭) । ଆମେ ପବିତ୍ରତା ନିମନ୍ତେ ପ୍ରାର୍ଥନା କରୁ ଓ ପବିତ୍ର ଜୀବନ ଯାପନ କରୁ କାରଣ ଆମେ ତାହାଙ୍କ ସଦୃଶ ହେବାକୁ ଚାହୁଁ (୧ଯୋହନ ୩:୩) ।

ଆଜି ଯେଉଁମାନେ ଏପରି ଜୀବନ ଯାପନ କରୁଛନ୍ତି ଯେ ସତେ ଯେପରି ଯୀଶୁ ଆସୁନାହାନ୍ତି ସେମାନେ ତାଙ୍କ ପ୍ରତ୍ୟାବର୍ତ୍ତନ ନିମନ୍ତେ ପ୍ରସ୍ତୁତ ହେବେ ନାହିଁ । ବିଜୁଳି ଯେପରି ପୂର୍ବ ଦିଗରୁ ମାରି ପଶ୍ଚିମ ଦିଗ ପର୍ଯ୍ୟନ୍ତ ଦେଖାଯାଏ, ଯୀଶୁଙ୍କ ଆଗମନ ସେପରି ହେବ (ମାଥିଉ ୨୪:୨୭; ୧କରିନ୍ଥୀୟ ୧୫:୫୨), ଏତେ ଆକସ୍ମିକ ଭାବରେ ଏହା ହେବ ଯେ ସେ ଦେଖାଯିବା ପରେ କେହି କିଛି ବଦଳାଇବାକୁ ସମୟ ପାଇବେ ନାହିଁ । ୧ଥେସଲନୀକୀୟ ୫:୧-୬ରେ କୁହାଯାଏ ଯେ ଯେଉଁମାନେ ଅନ୍ଧକାରରେ ଥିବେ, ଜଗତରେ ବାସ କରୁଥିବେ ସେମାନେ ପ୍ରଭୁଙ୍କ ପୁନରାଗମନରେ ଚକିତ ହେବେ । ତାହାଙ୍କ ପ୍ରତ୍ୟାବର୍ତ୍ତନ ଚୋର ଆସିଲା ପରି ହେବ । ବିଶ୍ୱାସୀମାନଙ୍କୁ ତାଙ୍କ ଆଗମନ ଭୟଭୀତ କରିବ ନାହିଁ, କିନ୍ତୁ କନ୍ୟାକୁ ନେବା ପାଇଁ ବର ଆସିବାପରି ମହାନନ୍ଦ ଜନ୍ମାଇବ (ଯୋହନ ୧୪:୨-୩) ।

ଆମେ ଯୀଶୁଙ୍କ ଆଗମନର ପ୍ରତୀକ୍ଷାରେ ରହୁ

୧. ଅନନ୍ତକାଳୀନ ବିଷୟସବୁକୁ ପ୍ରାଥମିକତା ଦେବା ଦ୍ୱାରା ।

୨. ପବିତ୍ର ଜୀବନ ଯାପନ କରିବା ଦ୍ୱାରା ।

୩. ପ୍ରାର୍ଥନାରେ ଆତ୍ମିକ ଭାବରେ ଜାଗି ରହିବା ଦ୍ୱାରା

## ସମସ୍ତ ଲୋକଙ୍କର ଶାରୀରିକ ପୁନରୁତ୍ଥାନ

ଆମେ ଜାଣୁ ଯେ ଶରୀରର ଅନନ୍ତକାଳୀନ ମୂଲ୍ୟ ଅଛି କାରଣ ବାଇବଲ ଶିକ୍ଷାଦିଏ ଯେ ସମସ୍ତ ଲୋକ ପୁନରୁତ୍ଥିତ ହେବେ । ପୁନରୁତ୍ଥାନ ତତ୍ତ୍ୱ ଆବଶ୍ୟକ । ଏହା ଆମେ ଜାଣୁ କାରଣ ପ୍ରେରିତ ପାଉଲ ଏହି ଶିକ୍ଷାର ସପକ୍ଷରେ ୧ କରିନ୍ଥୀ ୧୫ରେ ବ୍ୟାଖ୍ୟା କରନ୍ତି । ସେ ବୁଝାଇଛନ୍ତି ଯେ ପୁନରୁତ୍ଥାନକୁ ଅସ୍ୱୀକାର କରିବାର ଅର୍ଥ ସୁସମାଚାରକୁ ଅସ୍ୱୀକାର କରିବା । ଯଦି ପୁନରୁତ୍ଥାନ ନାହିଁ, ତେବେ ଯୀଶୁ ପୁନରୁତ୍ଥିତ ହୋଇ ନ ଥାନ୍ତେ (୧କରିନ୍ଥୀୟ ୧୫:୧୩) । ଯଦି ଯୀଶୁ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହୋଇନାହାନ୍ତି ତେବେ ସୁସମାଚାର ସତ୍ୟ ହୋଇପାରିବ ନାହିଁ, ଏବଂ ପ୍ରକୃତରେ କେହି ପରିତ୍ରାଣ ପାଇ ନାହାନ୍ତି (୧କରିନ୍ଥୀୟ ୧୫:୧୭) ।

ପ୍ରତ୍ୟେକ ବ୍ୟକ୍ତି ପୁନରୁତ୍ଥିତ ହେବେ, କିନ୍ତୁ ଏକ ସମୟରେ ସମସ୍ତେ ହେବେ ନାହିଁ । ଯୀଶୁଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ସେ ସମସ୍ତ ଖ୍ରୀଷ୍ଟିୟାନମାନଙ୍କୁ ନେଇଯିବେ, ଯେଉଁମାନେ ଆଗରୁ ମୃତ୍ୟୁଭୋଗ କରିଛନ୍ତି ସେମାନେ ସେହି ସମୟରେ ପ୍ରଥମେ ପୁନରୁତ୍ଥିତ ହେବେ (୧ଥେସଲନୀକୀୟ ୪:୧୬-୧୭; ପ୍ରକାଶିତ ୨୦:୬) । ଯେଉଁମାନେ ସେମାନଙ୍କ ପାପରେ ଥାଇ ମରିଛନ୍ତି ସେମାନେ ପ୍ରଥମ ପୁନରୁତ୍ଥାନର ଅଂଶୀ ହେବେ ନାହିଁ । ସେମାନେ ପରବର୍ତ୍ତୀ ସମୟରେ ବିଚାରିତ ହେବା ପାଇଁ ଉତ୍ଥିତ ହେବେ (ପ୍ରକାଶିତ ୨୦:୧୩) ।

ଖ୍ରୀଷ୍ଟିୟାନମାନେ ଯୀଶୁଙ୍କ ପରି ଗୌରବମୟ ଶରୀର ଧାରଣ କରି ଉତ୍ଥାପିତ ହେବେ (୧ଯୋହନ ୩:୨) । ଅପରିବର୍ତ୍ତିତ ପାପୀମାନେ ଅନନ୍ତ ଦଣ୍ଡ ପାଇବା ପାଇଁ ଅବଶ୍ୟ ଅନ୍ୟ କୌଣସି ରୂପରେ ପୁନରୁତ୍ଥିତ ହେବେ (ଯୋହନ ୫:୨୮-୨୯) ।

► ଯଦି ଆପଣ ବିଶ୍ୱାସ କରୁ ନାହାନ୍ତି ଯେ ଶରୀର ପୁନରୁତ୍ଥିତ ହେବ, ତେବେ ଏହା ଆପଣଙ୍କ ପାଇଁ କ'ଣ ପାର୍ଥକ୍ୟ ଆଣିବ?

ଦିନେ ଯେ ଆମେ ପୁନରୁତ୍ଥିତ ହେବା ଏହି ବିଶ୍ୱାସ ଆମର ଜୀବନ ଶୈଳୀକୁ ପ୍ରଭାବିତ କରେ । ଏହାକୁ ଅସ୍ୱୀକାର କରୁଥିବା ଲୋକମାନଙ୍କ ଉଦାହରଣକୁ ଦେଖିଲେ ଆମେ ଏହି ଶିକ୍ଷାର ବ୍ୟାବହାରିକ ପ୍ରଭାବ ଦେଖିପାରୁ । କରିନ୍ଥୀୟ ମଣ୍ଡଳୀର କେତେ ଲୋକ ଅସ୍ୱୀକାର କରୁଥିଲେ ଯେ ମାନବ ଶରୀର ପୁନରୁତ୍ଥିତ ହେବ । ଯେଉଁମାନେ ଏହି ଭୁଲ୍ ତତ୍ତ୍ୱକୁ ବିଶ୍ୱାସ କରୁଥିଲେ ସେମାନେ ଦୁଇଟି ମତବାଦରେ ବିଭକ୍ତ ହୋଇଥିଲେ ।

> "ରେ ମୃତ୍ୟୁ, କାହିଁ ତୋର ନାହୁଡ଼? ହେ ପାତାଳ, କାହିଁ ତୋର ଜୟ? ଖ୍ରୀଷ୍ଟ ପୁନରୁତ୍ଥିତ, ତୁମେ ଲୋପ ପାଇଯାଇଛ । ଖ୍ରୀଷ୍ଟ ପୁନରୁତ୍ଥିତ, ଭୂତମାନେ ହତାଶ ହୋଇଯାଇଛନ୍ତି । ଖ୍ରୀଷ୍ଟ ପୁନରୁତ୍ଥିତ, ସ୍ୱର୍ଗଦୂତମାନେ ଆନନ୍ଦିତ ଅଟନ୍ତି । ଖ୍ରୀଷ୍ଟ ପୁନରୁତ୍ଥିତ, ଜୀବନ ମୁକ୍ତ ହୋଇଛି । ଖ୍ରୀଷ୍ଟ ପୁନରୁତ୍ଥିତ, ମୃତମାନେ କବର ଖାଲି କରି ବାହାରି ଆସିଛନ୍ତି; କାରଣ ଖ୍ରୀଷ୍ଟ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହୋଇ, ଯେଉଁମାନେ ମହାନିଦ୍ରାପ୍ରାପ୍ତ ହୋଇଥିଲେ ସେମାନଙ୍କର ନେତା ଓ ପୁନର୍ଜୀବିତକାରୀ ହୋଇଛନ୍ତି । ତାଙ୍କର ମହିମା ଓ ପରାକ୍ରମ ସଦାକାଳ ହେଉ । ଆମେନ୍ ।" ।
>
> - Chrysostom, "Easter Homily"

କେତେ ଲୋକ କହିଲେ, "ଶରୀର ଯେହେତୁ ପୁନରୁତ୍ଥିତ ହେବ ନାହିଁ, ଆତ୍ମା ହିଁ ଗୁରୁତ୍ୱପୂର୍ଣ୍ଣ । ଏହାର ଅର୍ଥ ଶରୀରରେ ଆମେ ଯେଉଁସବୁ ପାପ କରୁ ତାହା ଗୁରୁତର ନୁହେଁ । ଆମେ ବ୍ୟଭିଚାରରେ ମଧ୍ୟ ଲିପ୍ତ ହୋଇପାରିବା କାରଣ ଶରୀର ତ ଯେ କୌଣସି ପ୍ରକାରେ ପରିତ୍ୟକ୍ତ ହେବ" ।କେତେକ କରିନ୍ଥୀୟଙ୍କର ସ୍ଲୋଗାନ୍ ଥିଲା, "ଖାଦ୍ୟ ଉଦର ନିମନ୍ତେ ଓ ଉଦର ଖାଦ୍ୟ ନିମନ୍ତେ ଉଦ୍ଦିଷ୍ଟ" ଅର୍ଥାତ୍ ଶାରୀରିକ ଇଚ୍ଛାସବୁକୁ ଚରିତାର୍ଥ କରିବା ହିଁ ଶରୀରର ଉଦ୍ଦେଶ୍ୟ । ପାଉଲ ସେମାନଙ୍କୁ କହିଥିଲେ ଯେ ଶରୀରର ଅପବ୍ୟବହାର ହେତୁ ସେମାନେ ବିଚାରିତ ହେବେ (୧ କରିନ୍ଥୀୟ ୬:୧୩) । ସେ କହନ୍ତି ଯେ ଶରୀର ପ୍ରଭୁଙ୍କ ନିମନ୍ତେ, ଏବଂ ଈଶ୍ୱର ପ୍ରଭୁଙ୍କ ଶରୀରକୁ ଯେପରି ଉଠାଇଲେ, ସେ ଆମମାନଙ୍କ ଶରୀରକୁ ମଧ୍ୟ ଉଠାଇବେ (୧ କରିନ୍ଥୀୟ ୬:୧୪) ।

ଅନ୍ୟମାନେ କହିଲେ, "ଯେହେତୁ ଶରୀର ପୁନରୁତ୍ଥିତ ହେବ ନାହିଁ, ଏହା ମୂଲ୍ୟହୀନ ଓ ମନ୍ଦ ଅଟେ । ଆମେ ସମସ୍ତ ଶାରୀରିକ ଅଭିଳାଷ ଦମନ କରିବା ଉଚିତ, ଯାହା ସୁସ୍ୱାଦୁକର ତାହା ନ ଖାଇବା ଉଚିତ ବା ବିବାହକୁ ଉପଭୋଗ ନ କରିବା ଉଚିତ ।"

ପୁନରୁତ୍ଥାନକୁ ଅସ୍ୱୀକାର କରି ଏହି ଦୁଇଟି ତ୍ରୁଟି ଆସିଥିଲା । ପୁନରୁତ୍ଥାନକୁ ଅସ୍ୱୀକାର କରିବା ଦ୍ୱାରା ଶରୀରର ମୂଲ୍ୟ ହ୍ରାସ ପାଇଥାଏ । କିନ୍ତୁ ପୁନରୁତ୍ଥାନ ସମ୍ବନ୍ଧରେ ଖ୍ରୀଷ୍ଟୀୟ ଶିକ୍ଷା ଶରୀରକୁ ମୂଲ୍ୟଯୁକ୍ତ କରିଥାଏ ।

► ୧ କରିନ୍ଥୀୟ ୬:୧୪-୧୫, ୧୯-୨୦ ପଢ଼ନ୍ତୁ

ଏହି ପଦଗୁଡ଼ିକ ଦର୍ଶାଏ ଯେ ଖ୍ରୀଷ୍ଟିୟାନମାନଙ୍କର ଶରୀରସବୁ ମୂଲ୍ୟବାନ କାରଣ ସେସବୁ

- ମୁକ୍ତ କରଯାଇଛନ୍ତି
- ପବିତ୍ର ଆତ୍ମାଙ୍କର ମନ୍ଦିର
- ଖ୍ରୀଷ୍ଟଙ୍କ ଅଙ୍ଗସ୍ୱରୂପ
- ପୁନରୁତ୍ଥିତ ଓ ଗୌରବପ୍ରାପ୍ତ ହେବେ

ପୁନରୁତ୍ଥାନ ତତ୍ତ୍ୱ ଆବଶ୍ୟକ କାରଣ ଏହାର ଅର୍ଥ ହେଉଛି

- ଯୀଶୁ ମୃତ୍ୟୁରୁ ପୁନରୁତ୍ଥିତ ହେଲେ

- ସମସ୍ତ ଲୋକ ଉତ୍ଥିତ ହେବେ
- ଶରୀରର ଅନନ୍ତକାଳୀନ ମୂଲ୍ୟ ରହିଛି
- ସୁସମାଚାର ସତ୍ୟ ଅଟେ

## ବିଚାର

ବିଚାର ଦିନ ପ୍ରକୃତରେ ସେହିମାନଙ୍କ ନିମନ୍ତେ ଅନ୍ତିମ ଅଟେ ଯେଉଁମାନଙ୍କ ନାମ ଜୀବନ ପୁସ୍ତକରେ ଲିଖିତ ହୋଇନାହିଁ । ଏହା ସେମାନଙ୍କର ଅସ୍ତିତ୍ୱର ଅନ୍ତ ନୁହେଁ, ମାତ୍ର ଏହା ପସନ୍ଦ କରିବାର ସୁଯୋଗର ସମାପ୍ତି ଅଟେ । ଏହା ପରେ ଯେଉଁ ଅନନ୍ତକାଳ ରହିଛି, ଲୋକମାନେ ସେମାନଙ୍କର ନିଷ୍ପତ୍ତିସବୁର ଅନନ୍ତ ପରିଣାମ ଭୋଗ କରିବେ, ଯାହା ଆଉ କେବେ ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

ଏହି ବିଚାର ଆମର ପସନ୍ଦସବୁର ତାତ୍କାଳିକ ପରିଣାମସବୁ ବାହାରେ ମହତ୍ତ୍ୱ ପ୍ରଦାନ କରେ । କିଛି ଲୋକ ଭାବନ୍ତି ଯେପର୍ଯ୍ୟନ୍ତ ସେମାନେ ସେମାନଙ୍କର କାର୍ଯ୍ୟର ଫଳାଫଳକୁ ନିୟନ୍ତ୍ରଣ କରିପାରିବେ, ସେବିଷୟରେ ଚିନ୍ତା କରିବାର ଆଉ କିଛି ନାହିଁ । ସେମାନେ ବିଶ୍ୱାସ କରିବାକୁ ଚାହାନ୍ତି ଯେ ଯଦି ସେମାନଙ୍କର ପ୍ରକୃତରେ କୌଣସି କ୍ଷତି ନ ହୁଏ, ତେବେ ସେମାନଙ୍କ ପାପ ମନ୍ଦ ନୁହେଁ । ବାସ୍ତବରେ, ସମସ୍ତ ପାପ କ୍ଷତି ପହଞ୍ଚାଏ, କିନ୍ତୁ ଯଦିବା ଏହା ଏହି ଜୀବନରେ କ୍ଷତିକାରକ ହୋଇନାହିଁ, ପାପ ଗୁରୁତର ବିଷୟ ଅଟେ କାରଣ ଏହା ବିଚାରିତ ହେବ । ଈଶ୍ୱରଙ୍କ ବାକ୍ୟ କହେ ଲୋକମାନେ ସେମାନଙ୍କ କୃତ କର୍ମାନୁସାରେ ବିଚାରିତ ହେବେ (୨ କରିନ୍ଥୀୟ ୫:୧୦; ରୋମୀୟ ୨:୬-୧୧ ଦେଖନ୍ତୁ) ।

ବିଚାର ପରେ କେତେକଙ୍କୁ ଅନନ୍ତ ଦଣ୍ଡ ଭୋଗିବା ପାଇଁ ପଠାଇ ଦିଆଯିବ ଏବଂ ଅନ୍ୟମାନେ ଅନନ୍ତ ପୁରସ୍କାର ପାଇବେ । ଧର୍ମଶାସ୍ତ୍ରରେ ଏକ ବିଚାରର ଦୃଶ୍ୟର ବର୍ଣ୍ଣନା ରହିଛି ଯହିଁରେ ଅବିଶ୍ୱାସୀ ପାପୀମାନେ ସେମାନଙ୍କର ପାପପୂର୍ଣ୍ଣ କର୍ମସବୁ ଯୋଗୁଁ ପୁନରୁତ୍ଥିତ ହୋଇ ଅନନ୍ତ ଦଣ୍ଡର ସମ୍ମୁଖୀନ ହୋଇଛନ୍ତି (ପ୍ରକାଶିତ ୨୦:୧୧-୧୫ ଦେଖନ୍ତୁ) । ଖ୍ରୀଷ୍ଟ ବିଶ୍ୱାସୀଙ୍କ ପାଇଁ ଅନ୍ୟ ଏକ ବିଚାର ଅଛି, ଯେଉଁଠାରେ ସେମାନେ ସେମାନଙ୍କର ମୂଲ୍ୟଯୁକ୍ତ କାର୍ଯ୍ୟସବୁ ଯୋଗୁଁ ପୁରସ୍କୃତ ହେବେ, ଯାହାର ସ୍ଥାୟୀତ୍ୱ ରହିଛି (୧ କରନ୍ଥୀୟ ୩:୧୪-୧୫ ଦେଖନ୍ତୁ) ।

ବିଚାରର ଅର୍ଥ ହେଉଛି ଦିନେ ପାପ ଆଉ ରହିବ ନାହିଁ । ପାପଶୂନ୍ୟ ଏକ ଜଗତକୁ କଳ୍ପନା କରି ହୁଏନାହିଁ । କିନ୍ତୁ ଦିନେ, ଈଶ୍ୱରଙ୍କ ବିରୁଦ୍ଧରେ ସମସ୍ତ ବିଦ୍ରୋହର ସମାପ୍ତି ଘଟିବ ।

ଈଶ୍ୱର ଇଚ୍ଛା କରନ୍ତି ନାହିଁ ଯେ ଆମେ ନିରନ୍ତର ଭୟରେ ଜୀବନଯାପନ କରୁ, ବା ଯଥାର୍ଥ ଜୀବନ ଯାପନ କରିବା ଉଦ୍ଦେଶ୍ୟରେ ଭୟ ପାଉ । ତଥାପି, ଆଗାମୀ ବିଚାରର ସଚେତନତା ଆମକୁ ଉତ୍ତରଦାୟିତ୍ୱର ଏକ ବୋଧ ଯାହା ଆମ ଜୀବନକୁ ମାର୍ଗଦର୍ଶନ କରିଥାଏ ।

ନିମ୍ନ ବିଷୟଗୁଡ଼ିକ ବୁଝିବାପାଇଁ ଆମେ ବିଚାର ବିଷୟରେ ଜାଣିବା ଜରୁରୀ ଅଟେ

୧. ପାପର ଗୁରୁତ୍ୱ
୨. ଈଶ୍ୱରଙ୍କ ପ୍ରତି ଆମର ଉତ୍ତରଦାୟିତ୍ୱ
୩. ଆମର ପସନ୍ଦଗୁଡ଼ିକର ଗୁରୁତ୍ୱ
୪. ସମସ୍ତ ପାପର ସମାପ୍ତି

## ଈଶ୍ୱରଙ୍କର ଅନନ୍ତ ରାଜ୍ୟ

କେତେକ ଦର୍ଶନତତ୍ତ୍ୱ ଓ ଧର୍ମ ଅନୁଯାୟୀ, ସମୟ ସର୍ବଦା ଚକ୍ରପରି ଘୂରି ଚାଲିଛି, ଏହାର ଆଦି ବା ଅନ୍ତ ନାହିଁ, ଏବଂ ଏପରି କୌଣସି ଘଟଣା ନାହିଁ ଯାହା ବିଷୟସବୁକୁ ସବୁଦିନ ପାଇଁ ପରିବର୍ତ୍ତନ କରେ । କିନ୍ତୁ ବାଇବଲ ଅନୁସାରେ, ସମୟର ଏକ ଆରମ୍ଭ ଅଛି ଏବଂ ଘଟଣାବଳୀର ଏକ କ୍ରମ ରହିଛି ଯାହ ସମାପ୍ତି ଆଡ଼କୁ ଗତି କରୁଛି । ବାଇବଲରେ ରହିଛି ସୃଷ୍ଟିର ବିବରଣ, ତା'ପରେ ମନୁଷ୍ୟର ଦୁଃଖଦ ପତନ, ତା' ପରେ ପରିତ୍ରାଣର ଯୋଜନା ଯାହା ଈଶ୍ୱର ମାନବ ଇତିହାସରେ ଶତାବ୍ଦୀ ଶତାବ୍ଦୀ ଧରି କାର୍ଯ୍ୟକାରୀ କରି ଆସୁଛନ୍ତି ।

ଆଦିପୁସ୍ତକ ୩ ଅଧ୍ୟାୟରେ ଆମେ ପାପର ଆରମ୍ଭ ଦେଖୁ । ପ୍ରକାଶିତ ପୁସ୍ତକରେ ଈଶ୍ୱରଙ୍କ ଅନନ୍ତ ନଗର ପାପଶୂନ୍ୟ ଦର୍ଶାଯାଇଛି (ପ୍ରକାଶିତ ୨୧:୨୭) । ଆଦିପୁସ୍ତକରେ ଆମେ ଜୀବନ ବୃକ୍ଷ ହରାଇବା ଓ ମୃତ୍ୟୁ ଦଣ୍ଡାଦେଶ ଦେଖୁ (ଆଦିପୁସ୍ତକ ୩:୨୨-୨୪) । ପ୍ରକାଶିତ ପୁସ୍ତକରେ ଜୀବନବୃକ୍ଷର ପୁନଃସ୍ଥାପନ, ଜୀବନ ପୁସ୍ତକରେ ନାମ ଲିଖିତ ଥିବା, ଜୀବନଦାୟକ ଜଳର ନଦୀପାଖକୁ ଆସିବା ପାଇଁ ନିମନ୍ତ୍ରଣ ଦେଖୁ (ପ୍ରକାଶିତ ୨୨:୧-୨, ୧୯) ।

ଈଶ୍ୱରଙ୍କ ସମ୍ପୂର୍ଣ୍ଣ ଓ ଅନନ୍ତ ରାଜ୍ୟ ଈଶ୍ୱରଙ୍କ ଯୋଜନାକୁ ପୂରଣ କରିବ । ଈଶ୍ୱର ସର୍ବଦା ତାଙ୍କ ସୃଷ୍ଟିର ରାଜା ଅଟନ୍ତି, କିନ୍ତୁ ମନୁଷ୍ୟର ପତନ ପରଠାରୁ, ଅଧିକାଂଶ ମାନବଜାତି ଈଶ୍ୱରଙ୍କ ରାଜ୍ୟ ବିରୁଦ୍ଧରେ ବଦ୍ରୋହାଚରଣ କରି ଆସୁଛନ୍ତି । ଏହି ବିଦ୍ରୋହର ହଠାତ୍ ସମାପ୍ତି ଘଟିବ, ଏବଂ ଈଶ୍ୱର ବିନା ପ୍ରତିଦ୍ୱନ୍ଦିତାରେ ଅନନ୍ତ କାଳ ରାଜତ୍ୱ କରିବେ । ସ୍ୱର୍ଗ ଯେପରି ଜଗତ ମଧ୍ୟ ସେପରି ଈଶ୍ୱରଙ୍କ ଇଚ୍ଛାନୁମତେ ସିଦ୍ଧ ଓ ସମ୍ପୂର୍ଣ୍ଣ ହେବ ।

## ଏଡାଇବାକୁ ଥିବା ତ୍ରୁଟିସବୁ: ପାର୍ଥିବ ଧ୍ୟାନ

ପାର୍ଥିବ ଜୀବନ ସବୁଦିନ ପାଇଁ ଚାଲିଥିବ, ଏହି ମାନସିକତାରେ ବଞ୍ଚିବା ମାନବିକ ପ୍ରବୃତ୍ତି ଅଟେ । ଆମେ ଆମର ଅବସ୍ଥାରେ ଉନ୍ନତି ଆଣିବାକୁ ଆମର ସମସ୍ୟାସବୁର ସମାଧାନ କରିବାକୁ ଏବଂ ଆମକୁ ପରିତୃପ୍ତ କଲାଭଳି ଏକ ପରିବେଶ ସୃଷ୍ଟି କରିବାକୁ ଚେଷ୍ଟା କରିଥାଉ । ଆମେ ଅବ୍ରହାମଙ୍କ ପରି ହେବା ଆବଶ୍ୟକ ଯେ କି ଏକ ଅନନ୍ତ ଗୃହର ଅପେକ୍ଷା କରି ତମ୍ବୁରେ ରହୁଥିଲେ ଏବଂ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ (ଏବ୍ରୀ ୧୧:୮-୧୦, ୧୪-୧୬) । ଆମେ ମନେ ରଖିବାକୁ ହେବ ଯେ ଆମେ

ଯାହାସବୁ ନିର୍ମାଣ କରୁ ଯାହାସବୁ ଆମ ପାଖରେ ଅଛି ଏବଂ ଯେଉଁ ସ୍ଥିତିସବୁ ଆମେ ସୃଷ୍ଟି କରୁ ସବୁ କିଛି ଅସ୍ଥାୟୀ ଅଟେ । ଅନନ୍ତ ମୂଲ୍ୟଯୁକ୍ତ ବିଷୟସବୁ ପାଇଁ ଆମେ କାର୍ଯ୍ୟ କରିବା ଉଚିତ ।

► ବିଶ୍ୱାସର ସ୍ୱୀକାରୋକ୍ତିକୁ ଏକାଠି ଅତିକମରେ ଦୁଇଥର ପଢ଼ନ୍ତୁ ।

## ବିଶ୍ୱାସର ସ୍ୱୀକାରୋକ୍ତି

ପ୍ରତିଜ୍ଞା କରିଥିବା ପ୍ରକାରେ ଯୀଶୁ ପ୍ରତ୍ୟାବର୍ତ୍ତନ କରିବେ, ଅତୀତର ବିଶ୍ୱାସୀମାନଙ୍କୁ ପୁନରୁତ୍ଥିତ କରିବେ, ଏବଂ ସମସ୍ତ ବିଶ୍ୱାସୀଙ୍କୁ ତାଙ୍କ ରାଜ୍ୟରେ ରାଜତ୍ୱ କରିବାକୁ ନେଇଯିବେ । ପ୍ରତ୍ୟେକ ବ୍ୟକ୍ତି ତା'ର କୃତ କର୍ମାନୁସାରେ ବିଚାରିତ ହେବା ପାଇଁ ପୁନରୁତଥିତ ହେବ । ସେ ଅନନ୍ତ ପୁରସ୍କାର ବା ଅନନ୍ତ ଦଣ୍ଡ ପାଇବ । ଈଶ୍ୱରଙ୍କ ରାଜ୍ୟ ସମ୍ପୂର୍ଣ୍ଣ ଭାବରେ ଆସିବ, ଏବଂ ଈଶ୍ୱର ଅନନ୍ତକାଳ ରାଜତ୍ୱ କରିବେ ।

## ପାଠ ୧୪ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ଦାନିୟେଲ ୨:୩୧-୪୫
- ମାଥିଉ ୨୫:୩୧-୪୬
- ୧ କରିନ୍ଥୀୟ ୧୫:୫୧-୫୮
- ୨ ପିତର ୩:୧-୧୪
- ପ୍ରକାଶିତ ୨୦:୧୧-୧୫

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୧୪ ର ଏକ ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ: ତୁମର ଶ୍ରେଣୀ ବାହାର ଶିକ୍ଷାଦାନର ସମୟ ନିର୍ଘଣ୍ଟ ମନେ ରଖ ଓ ଶିକ୍ଷାଦାନ ସମାପ୍ତ କଲା ପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୧୪ ପରୀକ୍ଷା

(୧) ଅନ୍ତିମ ଘଟଣାବଳୀ ବିଷୟରେ ବାଇବଲ ଭବିଷ୍ୟବାଣୀରେ ପ୍ରକାଶିତ ଚାରୋଟି ଆବଶ୍ୟକ ସତ୍ୟ କ'ଣ?

(୨) ଯୀଶୁଙ୍କ ପୁନରାଗମନ ହେଲେ ଖ୍ରୀଷ୍ଟିୟାନମାନଙ୍କ ପ୍ରତି କ'ଣ ଘଟିବ?

(୩) ଖ୍ରୀଷ୍ଟଙ୍କ ଆଗମନ ପାଇଁ ଆମେ କିପରି ଅପେକ୍ଷା କରିବାକୁ ହେବ?

(୪) ପୁନରୁତ୍ଥାନ ତତ୍ତ୍ୱ କାହିଁକି ଆବଶ୍ୟକ?

(୫) ଯେତେବେଳେ ଆମେ ବିଚାର ବିଷୟରେ ଜାଣିବା କେଉଁ ଚାରୋଟି ବିଷୟ ଆମେ ବୁଝିପାରିବା ?

# ପାଠ ୧୫

# ପୁରାତନ ବିଶ୍ୱାସମତସମୂହ

## ପାଠର ଉଦ୍ଦେଶ୍ୟ

(୧) ଛାତ୍ରମାନେ ଯେପରି ବ୍ୟାଖ୍ୟା କରିବାକୁ ସମର୍ଥ ହେବେ:

- ବିଶ୍ୱାସର ସ୍ୱୀକାରୋକ୍ତି ଭାବରେ ଏକ ବିଶ୍ୱାସମତର ଉଦ୍ଦେଶ୍ୟ ଓ ବ୍ୟବହାର ।
- ବାଇବଲରେ ଉଲ୍ଲିଖିତ କେତେକ ବିଶ୍ୱାସମତର ଉଦାହରଣ ।
- ତିନୋଟି ଐତିହାସିକ ବିଶ୍ୱାସମତର ଉତ୍ପତ୍ତି ଓ ବିଷୟବସ୍ତୁ ।
- ଆଧୁନିକ ଖ୍ରୀଷ୍ଟିୟାନମାନେ କାହିଁକି ଐତିହାସିକ ଖ୍ରୀଷ୍ଟୀୟ ଧର୍ମବିଶ୍ୱାସକୁ ଧରି ରଖିବା ଉଚିତ ।
- ବିଶ୍ୱାସମତ ସମ୍ପର୍କରେ ଖ୍ରୀଷ୍ଟୀୟ ବିଶ୍ୱାସର ଏକ ସ୍ୱୀକାରୋକ୍ତି ।

(୨) ଛାତ୍ରମାନେ ଆଦ୍ୟମଣ୍ଡଳୀର ମୂଳ ବିଶ୍ୱାସଗୁଡ଼ିକୁ ମୂଳ ଖ୍ରୀଷ୍ଟୀୟ ଧର୍ମବିଶ୍ୱାସ ଭାବରେ ଗଣନା କରିବେ ।

## ଉପକ୍ରମ

► ଯୋହନ ଦ୍ୱିତୀୟ ଅଧ୍ୟାୟ ଏକତ୍ର ପଢ଼ନ୍ତୁ । ଏହି ଶାସ୍ତ୍ରାଂଶ ମଣ୍ଡଳୀର ମୂଳ ଶିକ୍ଷା ସମୂହର ମହତ୍ତ୍ୱ ବିଷୟରେ ଆମକୁ କ'ଣ ଶିକ୍ଷା ଦିଏ?


### Creeds ବା ବିଶ୍ୱାସମତ ସମୂହର ଉତ୍ପତ୍ତି

ଏକ ବିଶ୍ୱାସମତ ଅତ୍ୟାବଶ୍ୟକ ଖ୍ରୀଷ୍ଟୀୟ ବିଶ୍ୱାସସବୁର ଏକ ସାରାଂଶ ଅଟେ । ଆଦ୍ୟ ମଣ୍ଡଳୀ ବାଇବଲ ଶିକ୍ଷାସବୁର ସାରାଂଶ ପ୍ରସ୍ତୁତ କରିବାର ଆବଶ୍ୟକତା ଅନୁଭବ କରିଥିଲା ।

► ମଣ୍ଡଳୀ କାହିଁକି ବିଶ୍ୱାସମତସମୂହ ଆବଶ୍ୟକ କଲା? ବାଇବଲ କ'ଣ ଯଥେଷ୍ଟ ନ ଥିଲା?

ସବୁବେଳେ ଏପରି ଲୋକ ଅଛନ୍ତି ଯେଉଁମାନେ ବାଇବଲକୁ ବିଶ୍ୱାସ କରୁଥିବା ଦାବି କରନ୍ତି ତଥାପି ବାଇବଲକୁ ବିରୋଧ କରୁଥିବା ବିଷୟ ଶିକ୍ଷା ଦିଅନ୍ତି । ମଣ୍ଡଳୀ ବାଇବଲ ଶିକ୍ଷା ସମ୍ବଳିତ ବିବୃତ୍ତିସବୁ ବିକଶିତ କରିଥିଲା ଯାହା ପ୍ରକୃତ ଖ୍ରୀଷ୍ଟଧର୍ମକୁ ଭ୍ରାନ୍ତଶିକ୍ଷା ସବୁରୁ ପୃଥକ୍ କରିଥିଲା ।□□

ଏହି ବିକଶିତ ଶିକ୍ଷାର ପ୍ରଥମ ବିବୃତ୍ତି ହେଉଛି, "ଯୀଶୁ ପ୍ରଭୁ ଅଟନ୍ତି", ଯାହାର ଅର୍ଥ ଯୀଶୁ ଈଶ୍ୱର ଅଟନ୍ତି । ପ୍ରଭୁ ଯୀଶୁ ଖ୍ରୀଷ୍ଟ ମଧ୍ୟ ଏକ ବିବୃତ୍ତି, ଯାହା କହେ ଯୀଶୁ ମଶିହ (ଖ୍ରୀଷ୍ଟୋସ୍) ଅଟନ୍ତି ଏବଂ ସେ ଈଶ୍ୱର ଅଟନ୍ତି । ଯେଉଁ ବ୍ୟକ୍ତି 'ଯୀଶୁ ପ୍ରଭୁ ଅଟନ୍ତି' ବା ପ୍ରଭୁ ଯୀଶୁ ଖ୍ରୀଷ୍ଟ ବୋଲି କହିବାକୁ ମନା କରେ ସେ ବିଶ୍ୱାସୀ ନୁହେଁ ।



*"ଅଥାନାସିଅସ୍"*

*(୨୯୬-୩୭୩ ଖ୍ରୀ)*

*ଯୀଶୁଙ୍କ ମାନବାବତାର ଉପରେ ଏକ ପ୍ରସିଦ୍ଧ ପୁସ୍ତକ "On the incarnation" ରଚନା କରିଥିଲେ ଯହିଁରେ ସେ ବ୍ୟାଖ୍ୟା କରିଛନ୍ତି କାହିଁକି ଖ୍ରୀଷ୍ଟୀୟ ବିଶ୍ୱାସ ନିମନ୍ତେ ଯୀଶୁଙ୍କ ପୂର୍ଣ୍ଣ ଈଶ୍ୱରତ୍ୱ ଓ ପୂର୍ଣ୍ଣ ମାନବୀୟତା ଅତି ଗୁରୁତ୍ୱପୂର୍ଣ୍ଣ । ସେ ନାଇସିନ୍ କାଉନ୍ସିଲ୍‌ର ପ୍ରଭାବଶାଳୀ ବ୍ୟକ୍ତି ଥିଲେ, ଯହିଁରୁ ନାଇସିନ୍ ବିଶ୍ୱାସମତ ଆସିଥିଲା ।*

ପରବର୍ତ୍ତୀ ସମୟରେ କିଛି ଲୋକ ବାହାରିଲେ ଯେଉଁମାନେ ନିଜକୁ ଖ୍ରୀଷ୍ଟିୟାନ ବୋଲି ଦାବି କଲେ କିନ୍ତୁ ଯୀଶୁ ପ୍ରକୃତରେ ମନୁଷ୍ୟ ଥିଲେ ବୋଲି ବିଶ୍ୱାସ କରି ନ ଥିଲେ । ତେଣୁ ୧ ଯୋହନରେ ଆମେ ଏହି ବିଶ୍ୱାସମତ ବିବୃତି ଦେଖିପାରୁ, "ଯୀଶୁ ଖ୍ରୀଷ୍ଟ ଯେ ଦେହବନ୍ତ ହୋଇ ଆସିଅଛନ୍ତି, ଏହା ଯେକୌଣସି ଆତ୍ମା ସ୍ୱୀକାର କରେ, ସେ ଈଶ୍ୱରଙ୍କଠାରୁ ଆଗତ, ଆଉ ଯେକୌଣସି ଆତ୍ମା ଯୀଶୁଙ୍କୁ ସ୍ୱୀକାର ନ କରେ, ସେ ଈଶ୍ୱରଙ୍କଠାରୁ ଆଗତ ନୁହେଁ" (୧ ଯୋହନ ୪:୨-୩) । ପ୍ରେରିତ ଯୋହନ ମଧ୍ୟ କହନ୍ତି ଯେ ଯଦି ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କ ଅତ୍ୟାବଶ୍ୟକ ଶିକ୍ଷାର ସୀମା ମଧ୍ୟରେ ନ ରହି ତାହା ଅତିକ୍ରମ କରେ, ସେ ପାପ କରେ ଓ ସେ ଈଶ୍ୱରଙ୍କୁ ପାଇ ନାହିଁ (୨ ଯୋହନ ୯) ।

୧ ତୀମଥି ୩:୧୬ ହେଉଛି ସର୍ବପ୍ରଥମ ବିଶ୍ୱାସମତ ଯହିଁରେ ଅନେକ ବିବୃତି ରହିଛି:

> ଈଶ୍ୱରପରାୟଣତାର ନିଗୂଢ଼ତତ୍ତ୍ୱ ଯେ ମହତ୍, ଏହା ସମସ୍ତେ ସ୍ୱୀକାର କରନ୍ତି । ତାହା ଏହି, ସେ ଦେହବନ୍ତ ହୋଇ ପ୍ରକାଶିତ ହେଲେ, ଆତ୍ମାରେ ଧାର୍ମିକ ବୋଲି ପ୍ରମାଣିତ ହେଲେ, ଦୂତମାନଙ୍କ ଦ୍ୱାରା ଦେଖାଗଲେ, ଜାତିମାନଙ୍କ ମଧ୍ୟରେ ପ୍ରଚାରିତ ହେଲେ, ଜଗତରେ ବିଶ୍ୱାସପାତ୍ର ହେଲେ ଓ ଗୌରବରେ ଗୃହୀତ ହେଲେ ।

୧ ତୀମଥିରେ ଥିବା ଏହି ବିଶ୍ୱାସମତର ସମସ୍ତ ବିଷୟ ଆମେ ଜାଣୁନାହୁଁ, କିନ୍ତୁ ଏଠାରେ ଯୀଶୁଙ୍କ ଈଶ୍ୱରତ୍ୱ ଓ ମନୁଷ୍ୟତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି ଯେତେବେଳେ ଏଥିରେ କୁହାଯାଏ, "ଈଶ୍ୱର ଦେହବନ୍ତ ହୋଇ ପ୍ରକାଶିତ ହେଲେ" ।

---

□□ Image: "S. Athanasius", retrieved from Bibliothèque Sainte-Geneviève Images, https://archive.org/details/EST୮୪RESP୮A, public domain.

ଏହି ସଂକ୍ଷିପ୍ତ ବିଶ୍ୱାସମତ ବିବୃତି ଏକ ଉଦ୍ଦେଶ୍ୟ ସାଧନ କଲା । ଯଦି ଜଣେ ଆଦ୍ୟ ଖ୍ରୀଷ୍ଟିୟାନ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଭେଟୁଥିଲେ, ଯେ ଯୀଶୁଙ୍କଠାରେ ବିଶ୍ୱାସ କରେ ବୋଲି ଦାବି କରୁଥିଲେ, ତେବେ ଖ୍ରୀଷ୍ଟିୟାନ ଜଣକ ପଚାରୁଥିଲେ, "ଯୀଶୁ ଯେ ପ୍ରଭୁ ଅଟନ୍ତି ଏହା କ'ଣ ବିଶ୍ୱାସ କରୁଛ କି?" ବା "ଯୀଶୁ ଯେ ଦେହବନ୍ତ ଈଶ୍ୱର ଏହା କ'ଣ ବିଶ୍ୱାସ କରୁଛ?" ଯଦି ସେହି ବ୍ୟକ୍ତି କହେ "ନା", ତେବେ ଖ୍ରୀଷ୍ଟିୟାନ ଜଣକ ଜାଣିଲେ ଯେ ଯୀଶୁ ଏବଂ ପ୍ରେରିତମାନେ ଯାହା ଶିକ୍ଷା ଦେଇଛନ୍ତି ତାହା ସେହି ବ୍ୟକ୍ତି ପ୍ରକୃତରେ ଜାଣିନାହିଁ କି ଗ୍ରହଣ କରେ ନାହିଁ ।

> "ଅନନ୍ତ ପରିତ୍ରାଣ ପାଇଁ ଏହା ଆବଶ୍ୟକ ଯେ ସେ ମଧ୍ୟ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାନବାବତାରକୁ ଯଥାର୍ଥ ଭାବରେ ବିଶ୍ୱାସ କରନ୍ତି । କାରଣ ଯଥାର୍ଥ ବିଶ୍ୱାସ ହେଉଛି ଆମେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଯେ କି ଈଶ୍ୱରଙ୍କ ପୁତ୍ର ଅଟନ୍ତି, ତାଙ୍କୁ ଈଶ୍ୱର ଓ ମନୁଷ୍ୟରୂପେ ବିଶ୍ୱାସ ଓ ସ୍ୱୀକାର କରିବା" ।
> - Athanasian Creed

ପେଣ୍ଟିକଷ୍ଟ ପରବର୍ତ୍ତୀ ପ୍ରଥମ କିଛି ଶତାବ୍ଦୀ ମଧ୍ୟରେ, ମଣ୍ଡଳୀ ଅନୁଭବ କଲା ଯେ ତ୍ରି-ଏକ ଈଶ୍ୱର, ଖ୍ରୀଷ୍ଟଙ୍କ ମାନବାବତାର, ଏବଂ ପବିତ୍ର ଆତ୍ମାଙ୍କ ପରିଚୟ ଉପରେ ସ୍ପଷ୍ଟ ବିବୃତି ଜାରି କରିବା ଆବଶ୍ୟକ । ମିଥ୍ୟାମତ ବିରୁଦ୍ଧରେ ପ୍ରତିରକ୍ଷା ପାଇଁ ସେମାନେ ବାଇବଲର ଶିକ୍ଷାର ମାନକ ସ୍ଥାପନ କଲେ । ବିଶ୍ୱାସମତସବୁ (ଉକ୍ସରରୟସ୍ଥ) ପ୍ରତ୍ୟେକ ଖ୍ରୀଷ୍ଟିୟାନ ବିଶ୍ୱାସ କରୁଥିବା ମୂଳ ସତ୍ୟଗୁଡ଼ିକର ସାରାଂଶ ହେବା ପାଇଁ ଉଦ୍ଦିଷ୍ଟ ଥିଲା ।

ବିଶ୍ୱାସମତସବୁ ପ୍ରତ୍ୟେକ ପ୍ରସଙ୍ଗ ଉପରେ ଅଧାରିତ ନ ଥିଲା, କିନ୍ତୁ ଜଣେ ବ୍ୟକ୍ତି ଯଦି ସେହି ଆଦ୍ୟ ବିଶ୍ୱାସମତର କୌଣସି ବିଷୟକୁ ଅସ୍ୱୀକାର କରୁଥିଲା ସେ ଖ୍ରୀଷ୍ଟିୟାନ ବୋଲି ବିବେଚିତ ହେଉ ନ ଥିଲା । ସେସବୁ ଖ୍ରୀଷ୍ଟୀୟ ବିଶ୍ୱାସକୁ ପରିଭାଷିତ କରିବାର ଏକ ପ୍ରୟାସ ଥିଲା ।

ପ୍ରାରମ୍ଭରେ ମଣ୍ଡଳୀରେ ତିନୋଟି ବିଶ୍ୱାସମତ ରହିଥିଲା । ଯାହା ନିମ୍ନରେ ଦିଆଯାଇଛି ।

## ପ୍ରୈରିତିକ ବିଶ୍ୱାସମତ (The Apostle's Creed)

ପ୍ରୈରିତିକ ବିଶ୍ୱାସମତ ପ୍ରେରିତମାନଙ୍କ ଦ୍ୱାରା ଲିଖିତ ହୋଇ ନ ଥିଲା, କିନ୍ତୁ ଦ୍ୱିତୀୟ ଶତାବ୍ଦୀରେ ପ୍ରେରିତମାନଙ୍କ ଶିକ୍ଷାକୁ ପ୍ରକାଶ କରିବା ପାଇଁ ଏହା ଲେଖାଯାଇଥିଲା ।

> ମୁଁ ସ୍ୱର୍ଗ ଓ ପୃଥିବୀର ସୃଷ୍ଟିକର୍ତ୍ତା,
>
> ସର୍ବଶକ୍ତିମାନ ପିତା ଈଶ୍ୱରଙ୍କଠାରେ ବିଶ୍ୱାସ କରେ;
>
> ମୁଁ ତାଙ୍କର ଏକମାତ୍ର ପୁତ୍ର, ଆମମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ ।
>
> ସେ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ଗର୍ଭବାସ କଲେ ଓ କୁମାରୀ ମରିୟମଙ୍କଠାରୁ ଜନ୍ମିଲେ ।
>
> ସେ ପନ୍ତିୟ ପିଲାତଙ୍କ ଅଧୀନରେ ଯନ୍ତ୍ରଣା ଭୋଗିଲେ,

କ୍ରୁଶାର୍ପିତ, ମୃତ ଓ କବରସ୍ଥ ହେଲେ ।

ସେ ନରକକୁ ଅବତରଣ କଲେ ।

ତୃତୀୟ ଦିନରେ ସେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହେଲେ ।

ସେ ସ୍ୱର୍ଗାରୋହଣ କଲେ

ଏବଂ ସର୍ବଶକ୍ତିମାନ ପିତା ଈଶ୍ୱରଙ୍କ ଦକ୍ଷିଣ ପାଶ୍ୱର୍ରେ ଉପବେଶନ କରିଛନ୍ତି;

ସେହିଠାରୁ ସେ ଜୀବିତ ଓ ମୃତମାନଙ୍କର ବିଚାର କରିବାକୁ ଆସିବେ ।

ମୁଁ ପବିତ୍ର ଆତ୍ମାଙ୍କଠାରେ,

ପବିତ୍ର ସାର୍ବତ୍ରିକ ମଣ୍ଡଳୀରେ,

ସାଧୁମାନଙ୍କ ସହଭାଗିତାରେ,

ପାପକ୍ଷମାରେ,

ଶରୀରର ପୁନରୁତ୍ଥାନରେ,

ଓ ଅନନ୍ତ ଜୀବନରେ ବିଶ୍ୱାସ କରେ । ଆମେନ୍ ।

ମନେହୁଏ ଯେଉଁମାନେ ଯୀଶୁଙ୍କୁ ପ୍ରକୃତରେ ମାନବ ଓ କୁମାରୀ ଗର୍ଭରେ ଜନ୍ମିତ ବୋଲି ଅସ୍ୱୀକାର କରୁଥିଲେ ସେମାନଙ୍କ ତ୍ରୁଟିକୁ ପଦାରେ ପକାଇବା ପାଇଁ ଏହି ବିଶ୍ୱାସମତ ଉଦ୍ଦିଷ୍ଟ ଥିଲା । କେତେକ ମଧ୍ୟ ଥିଲେ ଯେଉଁମାନେ ସ୍ୱୀକାର କରୁ ନ ଥିଲେ ଯେ ଯୀଶୁ ପ୍ରକୃତରେ ମୃତ୍ୟୁଭୋଗ କରିଛନ୍ତି ବା ସେ ଶାରୀରିକ ଭାବରେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଛନ୍ତି ।

ପ୍ରେରିତିକ ବିଶ୍ୱାସମତରେ ପବିତ୍ର ଆତ୍ମାଙ୍କ ବିଷୟରେ ବହୁତ କମ୍ କୁହାଯାଏ । ଏହାର ଅର୍ଥ ନୁହେଁ ଯେ ପବିତ୍ର ଆତ୍ମା କିଏ ବୋଲି ମଣ୍ଡଳୀ ଜାଣି ନ ଥିଲେ; ଏହାର କାରଣ ହେଉଛି ଯେ ତାଙ୍କ ପରିଚୟ ବିଷୟରେ ମିଥ୍ୟାମତଗୁଡ଼ିକ ମଣ୍ଡଳୀ ପାଇଁ ଆହ୍ୱାନ ସୃଷ୍ଟି କରି ନ ଥିଲା ।

କ୍ୟାଥୋଲିକ୍ ଅର୍ଥ "ସାର୍ବତ୍ରିକ" ବା ସାର୍ବଜନୀନ ଏବଂ ଏହାର ଅର୍ଥ ହେଉଛି ଏକମାତ୍ର ପ୍ରକୃତ ମଣ୍ଡଳୀ, "ପାପକ୍ଷମା"ର ଅର୍ଥ ଅନୁଗ୍ରହ ଦ୍ୱାରା ପରିତ୍ରାଣ, କର୍ମ ବା ରୀତିନୀତି ଦ୍ୱାରା ଏହା ମିଳେ ନାହିଁ ।

## ନାଇସିନ୍ ବିଶ୍ୱାସମତ (The Nicene Creed)

୩୨୫ ମସିହାରେ ଏକ ମଣ୍ଡଳୀ ପରିଷଦରେ ନାଇସିନ୍ ବିିଶ୍ୱାସମତ ସ୍ଥାପିତ ହୋଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ଖ୍ରୀଷ୍ଟ ଓ ପବିତ୍ର ଆତ୍ମାଙ୍କ ଈଶ୍ୱରତ୍ୱ ସମ୍ବନ୍ଧୀୟ ଶିକ୍ଷାକୁ ସୁରକ୍ଷା ଦେବା । ୩୮୧ ମସିହାରେ ଅନ୍ୟ ପରିଷଦରେ ଏଥିରେ ଆଉକିଛି ବିବୃତି ଯୋଗ କରାଯାଇଥିଲା । ଏହି ବିଶ୍ୱାସମତରେ କେତେକ ପ୍ରସଙ୍ଗ ରହିଛି ଯାହା ଆଗରୁ ଆଲୋଚିତ ହୋଇ ନ ଥିଲା ।

ଆମେ ସ୍ୱର୍ଗ ଓ ପୃଥିବୀର, ଦୃଶ୍ୟ ଓ ଅଦୃଶ୍ୟ ସମସ୍ତ ବିଷୟର ସୃଷ୍ଟିକର୍ତ୍ତା,

ସର୍ବଶକ୍ତିମାନ ପିତା ଈଶ୍ୱରଙ୍କଠାରେ ବିଶ୍ୱାସ କରୁ ।

ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁ, ଯେ କି ଈଶ୍ୱରଙ୍କ ଏକମାତ୍ର ପୁତ୍ର,

ସମସ୍ତ ଯୁଗର ପୂର୍ବରୁ ସେ ପିତାଙ୍କଠାରୁ ଜାତ,

ଈଶ୍ୱରଙ୍କଠାରୁ ଈଶ୍ୱର, ଆଲୋକଠାରୁ ଆଲୋକ, ସତ୍ୟ ଈଶ୍ୱରଙ୍କଠାରୁ ସତ୍ୟ ଈଶ୍ୱର,

ସମ୍ଭୁତ, ନିର୍ମିତ ନୁହନ୍ତି; ପିତାଙ୍କ ସହିତ ସମାନ ସାରସତ୍ତା (ସ୍ୱଭାବ) ବିଶିଷ୍ଟ ।

ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲା ।

ଆମମାନଙ୍କ ନିମନ୍ତେ ଓ ଆମର ପରିତ୍ରାଣ ପାଇଁ ସେ ସ୍ୱର୍ଗରୁ ଧରାବତରଣ କଲେ;

ସେ ପବିତ୍ର ଆତ୍ମା ଓ କୁମାରୀ ମରିୟମଙ୍କ ଦ୍ୱାରା ଦେହବନ୍ତ ହୋଇ ପ୍ରକାଶିତ ହେଲେ, ଏବଂ ମନୁଷ୍ୟ ହେଲେ ।

ସେ ଆମମାନଙ୍କ ନିମନ୍ତେ ପନ୍ତିୟ ପୀଲାତଙ୍କ ଅଧୀନରେ କ୍ରୁଶାର୍ପିତ ହେଲେ; ଦୁଃଖଭୋଗ କଲେ ଓ କବରସ୍ଥ ହେଲେ ।

ଧର୍ମଶାସ୍ତ୍ର ଅନୁଯାୟୀ ସେ ତୃତୀୟ ଦିବସରେ ପୁନରୁତ୍ଥିତ ହେଲେ ।

ସେ ସ୍ୱର୍ଗାରୋହଣ କଲେ ଓ ପିତାଙ୍କର ଦକ୍ଷିଣ ପାଶ୍ୱର୍ରେ ଉପବେଶନ କରିଛନ୍ତି ।

ସେ ମହାଗୌରବରେ ଜୀବିତ ଓ ମୃତ ସମସ୍ତଙ୍କର ବିଚାର କରିବା ନିମନ୍ତେ ପୁନର୍ବାର ଆଗମନ କରିବେ ।

ତାହାଙ୍କ ରାଜ୍ୟର କଦାପି ଶେଷ ହେବ ନାହିଁ ।

ଏବଂ ଆମେ ପବିତ୍ର ଆତ୍ମା, ପ୍ରଭୁ, ଜୀବନଦାତାଙ୍କଠାରେ ବିଶ୍ୱାସ କରୁ ।

ସେ ପିତା ଓ ପୁତ୍ରଙ୍କଠାରୁ ବହିର୍ଗତ ହୁଅନ୍ତି,

ଏବଂ ପିତା ଓ ପୁତ୍ରଙ୍କ ସହିତ ସେ ଉପାସିତ ଓ ଗୌରବପ୍ରାପ୍ତ ହୁଅନ୍ତି ।

ସେ ଭାବବାଦୀମାନଙ୍କ ଦ୍ୱାରା କଥା କହିଲେ ।

ଆମେ ପବିତ୍ର ସାର୍ବତ୍ରିକ ଓ ପ୍ରେରିତିକ ମଣ୍ଡଳୀରେ ବିଶ୍ୱାସ କରୁ ।

ପାପକ୍ଷମା ପାଇଁ ଆମେ ଗୋଟିଏ ବାପ୍ତିସ୍ମ ନିଶ୍ଚିତ କରୁ ।

ଆମେ ମୃତମାନଙ୍କର ପୁନରୁତ୍ଥାନ ଏବଂ ଆଗାମୀ ଜଗତରେ ଜୀବନ ନିମନ୍ତେ ଅପେକ୍ଷା କରି ରହିଛୁ ।

ଆମେନ୍ ।

► ଏହି ବିଶ୍ୱାସମତରେ ଆପଣ ଦେଖିଥିବା କେଉଁ ସବୁ ବିଷୟ ପ୍ରେରିତିକ ବିଶ୍ୱାସମତରେ ଥିଲା ନାହିଁ?

ଏଠାରେ ଆମେ ଦେଖୁ ତ୍ରି-ଏକ ଈଶ୍ୱରଙ୍କର ତିନି ଜଣଙ୍କ ବିଷୟରେ ଏଠାରେ ଅଧିକ ବିସ୍ତାରିତ କରି ବିବୃତି ଦିଆଯାଇଛି । ଖ୍ରୀଷ୍ଟଙ୍କ ପୂର୍ଣ୍ଣ ଈଶ୍ୱରତ୍ୱକୁ ରକ୍ଷା କରିବା ପାଇଁ ଏଠାରେ ଗୁରୁତ୍ୱ ଦିଆଯାଇଛି କାରଣ ଅନେକେ ଯୀଶୁଙ୍କୁ ଈଶ୍ୱର ବୋଲି ବିଶ୍ୱାସ କରୁଥିବା ଦାବି କରନ୍ତି ତଥାପି ତାଙ୍କର ଈଶ୍ୱରତ୍ୱକୁ ଗୌଣ କରି ଦିଅନ୍ତି । ସେ ଅନାଦିକାଳରୁ (ସମସ୍ତ ଯୁଗ ପୂର୍ବରୁ) ରହି ଆସିଛନ୍ତି, ସୃଷ୍ଟ ହୋଇନାହାନ୍ତି, ଏବଂ ପିତାଙ୍କ ସାରସତ୍ତା ଓ ତାଙ୍କର ସାରସତ୍ତା (ବା ସ୍ୱଭାବ) ସମାନ । ପିତାଙ୍କୁ ଯେଉଁସବୁ କାରଣରୁ ଈଶ୍ୱର ବୋଲି କୁହାଯାଏ ଯୀଶୁଙ୍କୁ ମଧ୍ୟ ସେହିସବୁ କାରଣରୁ ଈଶ୍ୱର କୁହାଯିବ ।

ପବିତ୍ର ଆତ୍ମାଙ୍କୁ ମଧ୍ୟ ପିତା ଓ ପୁତ୍ରଙ୍କ ପରି ଉପାସନା କରାଯିବା ଉଚିତ ଯାହା ପ୍ରମାଣିତ କରେ ଯେ ସେ ଈଶ୍ୱର ଅଟନ୍ତି ।

## କାଲ୍ସେଡ଼ୋନିଆନ୍ ବିଶ୍ୱାସମତ (The Chalcedonian Creed)

କାଲ୍ସେଡ଼ୋନିଆନ୍ ବିଶ୍ୱାସମତ ୪୫୧ ମସିହାରେ ଲେଖାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ଖ୍ରୀଷ୍ଟଙ୍କ ମାନବାବତାର ଶିକ୍ଷାକୁ ସୁରକ୍ଷା ଦେବା । ଲେଖକମାନଙ୍କର ଚିନ୍ତା ଥିଲା ଖ୍ରୀଷ୍ଟଙ୍କର ପୂର୍ଣ୍ଣ ଈଶ୍ୱରତ୍ୱ ଓ ପୂର୍ଣ୍ଣ ମନୁଷ୍ୟତ୍ୱ ସମ୍ବନ୍ଧୀୟ ଶିକ୍ଷାକୁ ସୁରକ୍ଷା ପ୍ରଦାନ କରିବା, ଯହିଁରେ କୌଣସି ଦିଗ ଯେପରି ଗୌଣ କରାଯାଇ ଅର୍ଥହୀନ ନ ହୁଏ ।

ଶେଷରେ ଲେଖକମାନେ କହିଥିଲେ ଯେ ସେମାନେ ଏହି ଶିକ୍ଷାସବୁକୁ ମଣ୍ଡଳୀରେ ଧର୍ମଶାସ୍ତ୍ରସମ୍ମତ ଓ ପାରମ୍ପରିକ ବୋଲି ବିବେଚନା କରନ୍ତି । ସେମାନେ କିଛି ନୂତନ ଚିନ୍ତାଧାରାର ବିକାଶ କରୁ ନ ଥିଲେ, କିନ୍ତୁ ମଣ୍ଡଳୀ ଯାହା ସର୍ବଦା ବିଶ୍ୱାସ କରି ଆସିଛି ତା'କୁ ହିଁ ସମର୍ଥନ ଓ ସୁରକ୍ଷା ଦେଇଥିଲେ ।

ଅତଏବ, ପବିତ୍ର ପିତୃପୁରୁଷଙ୍କୁ ଅନୁସରଣ କରି, ଆମେ ସମସ୍ତେ ଏକଜୁଟ ହୋଇ ଏହି ଶିକ୍ଷା ଦେଉ ଯେ ଆମେ ଆମର ଏକମାତ୍ର ପୁତ୍ର ଈଶ୍ୱର, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ସ୍ୱୀକାର କରିବା ଉଚିତ,

ସେ ଈଶ୍ୱରତ୍ୱରେ ସିଦ୍ଧ ଓ ମନୁଷ୍ୟତ୍ୱରେ ମଧ୍ୟ ସିଦ୍ଧ ଅଟନ୍ତି;

ସେ ପ୍ରକୃତ ଈଶ୍ୱର ଓ ପ୍ରକୃତ ମନୁଷ୍ୟ ଅଟନ୍ତି,

ତାଙ୍କଠାରେ ଏକ ବୌଦ୍ଧିକ ପ୍ରାଣ ଓ ଶରୀର ଅଛି ।

ତାହାଙ୍କ ଈଶ୍ୱରତ୍ୱ ଅନୁସାରେ ସେ ପିତାଙ୍କ ସହିତ ସମାନ ସାରସତ୍ତା (ସ୍ୱଭାବ) ବିଶିଷ୍ଟ,

ତାହାଙ୍କ ମନୁଷ୍ୟତ୍ୱ ଅନୁସାରେ ସେ ଆମ ସହିତ ସମାନ ସାରସତ୍ତା (ସ୍ୱଭାବ) ବିଶିଷ୍ଟ ଅଟନ୍ତି,

ସବୁ ବିଷୟରେ ସେ ଆମ ସଦୃଶ, କିନ୍ତୁ ସେ ପାପଶୂନ୍ୟ ଅଟନ୍ତି ।

ସମୟର ଆରମ୍ଭ ପୂର୍ବରୁ, ସେ ତାହାଙ୍କ ଈଶ୍ୱରତ୍ୱ ଅନୁସାରେ ପିତାଙ୍କଠାରୁ ଜାତ

ଶେଷ ଦିନମାନଙ୍କରେ, ଆମ ନିମନ୍ତେ ଓ ଆମର ପରିତ୍ରାଣାର୍ଥେ,

ମନୁଷ୍ୟତ୍ୱ ଅନୁଯାୟୀ ଈଶ୍ୱରଙ୍କ ମାତା ହୋଇଥିବା କୁମାରୀ ମରିୟମଙ୍କଠାରୁ ସେ ଜନ୍ମ ନେଇଥିଲେ ।

ସେ ଏକମାତ୍ର ଖ୍ରୀଷ୍ଟ, ପୁତ୍ର, ପ୍ରଭୁ, ଅଦ୍ୱିତୀୟରୂପେ ଜାତ

ଯେ କି ଉଭୟ ସ୍ୱଭାବରେ ଜଣାଯାନ୍ତି

ଏବଂ ଉଭୟ ସ୍ୱଭାବ ମଧ୍ୟରେ ଗୋଳିଆମିଶା ନାହିଁ;

ସେସବୁ ଅପରିବର୍ତ୍ତିତ, ବିଭାଜିତ ହେବାକୁ ଅକ୍ଷମ, ଏବଂ ଅବିଚ୍ଛେଦ୍ୟ ।

ତାଙ୍କ ସ୍ୱଭାବସବୁର ମିଳନ ହେତୁ ସ୍ୱଭାବରେ ପାର୍ଥକ୍ୟ ନଷ୍ଟ ହୋଇଯାଏ ନାହିଁ,

ଏହା ପରିବର୍ତ୍ତେ, ପ୍ରତ୍ୟେକ ସ୍ୱଭାବର ଗୁଣସବୁ ସଂରକ୍ଷିତ ରହେ,

ଏବଂ ଜଣେ ବ୍ୟକ୍ତି ଓ ଗୋଟିଏ ଅସ୍ତିତ୍ୱରେ ଏକ ସମୟରେ ପ୍ରକାଶିତ ହୁଏ,

ଅଲଗା ଦୁଇ ଜଣଙ୍କ ମଧ୍ୟରେ ପୃଥକ୍ ବା ବିଭକ୍ତ ହୁଏ ନାହିଁ,

କିନ୍ତୁ ସେ ଏକମାତ୍ର ପୁତ୍ର, ଓ ଅଦ୍ୱିତୀୟରୂପେ ଜାତ,

ବାକ୍ୟରୂପୀ ଈଶ୍ୱର, ପ୍ରଭୁ ଯୀଶୁ ଖ୍ରୀଷ୍ଟ ।

ଭବିଷ୍ୟଦ୍ବକ୍ତାମାନେ ଆରମ୍ଭରୁ ତାଙ୍କ ବିଷୟରେ ଏହିପରି କହିଥିଲେ,

ଏବଂ ଯୀଶୁ ଖ୍ରୀଷ୍ଟ ସ୍ୱୟଂ ଆମମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି,

ଏବଂ ପିତୃପୁରୁଷ ପରିଷଦ ଆମମାନଙ୍କୁ ବିଶ୍ୱାସ ସମର୍ପଣ କରିଛନ୍ତି ।

► ଏହି ବିଶ୍ୱାସମତରେ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଥିବା କିଛି ବିଷୟ ଦେଖୁଛନ୍ତି କି?

ଖ୍ରୀଷ୍ଟଙ୍କର ଈଶ୍ୱରତ୍ୱ ଏପରି କିଛି ବିଷୟ ନୁହେଁ ଯାହା ସ୍ୱର୍ଗରେ ଯୀଶୁଙ୍କଠାରେ ଥିଲା ମାତ୍ର ମର୍ତ୍ତ୍ୟରେ ତାହା ନ ଥିଲା । ଆଦ୍ୟ ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରିଥିଲେ ଯେ ଯୀଶୁ ରକ୍ତମାଂସଯୁକ୍ତ ଶରୀରରେ ପ୍ରକୃତ ଈଶ୍ୱର ଥିଲେ । ସେ ପୃଥିବୀରେ ଥିବାବେଳେ ଏକାଠି ଈଶ୍ୱର ଓ ମନୁଷ୍ୟର ଗୁଣଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଧାରଣ କରିଥିଲେ । ସେମାନେ ଖ୍ରୀଷ୍ଟଙ୍କର ଏହି ସ୍ୱଭାବକୁ ତ୍ରାଣକର୍ତ୍ତା ଭାବରେ ତାଙ୍କର ଅନନ୍ୟ ଯୋଗ୍ୟତା ବୋଲି ବିବେଚନା କଲେ ।

## ବିଶ୍ୱାସମତ ଆଜି

ମଣ୍ଡଳୀ ଆରମ୍ଭ ହୋଇ ଅନେକ ଶତାବ୍ଦୀ ଅତିବାହିତ ହୋଇଛି । ଜଗତ ଅନେକ ଭାବରେ ବଦଳିଯାଇଛି । ଅନେକ ଧାର୍ମିକ ବିଶ୍ୱାସ ବିକଶିତ ହୋଇଛି ।

କିଛି ଲୋକ ଭାବନ୍ତି ଯେ ଏପରି କୌଣସି ଶିକ୍ଷା ନାହିଁ ଯାହା ସମାନ ରହିବ । ସେମାନେ ଯାହା ଚାହାନ୍ତି ତାହା ବିଶ୍ୱାସ କରିବାକୁ ମୁକ୍ତ ମନେ କରନ୍ତି ଓ ତଥାପି ନିଜକୁ ଖ୍ରୀଷ୍ଟିୟାନ ବୋଲି କୁହନ୍ତି ।

> "ଯେ କୌଣସି ନୂତନ ଶିକ୍ଷା (ତତ୍ତ୍ୱ) ନିଶ୍ଚିତରୂପେ ଭୁଲ ଅଟେ; କାରଣ କେବଳ ପୁରୁଣା ଧର୍ମ ହିଁ ସତ୍ୟ ଧର୍ମ ଅଟେ; ଏବଂ କୌଣସି ଶିକ୍ଷା ଠିକ୍ ହୋଇ ନ ପାରେ, ଯଦି ତାହା 'ଆଦ୍ୟରୁ' ସେପରି ନ ଥିଲା" ।
> - John Wesley, "On Sin in Believers" ଉପଦେଶରୁ

► ମଣ୍ଡଳୀର ପୁରାତନ ବିଶ୍ୱାସମତକୁ ବିଶ୍ୱାସ କରିବା ଆମ ପାଇଁ ଆବଶ୍ୟକ କି?

ପୁରାତନ ବିଶ୍ୱାସମତସବୁରେ ବର୍ଣ୍ଣିତ ବାଇବଲର ଈଶ୍ୱର ପରିବର୍ତ୍ତିତ ହୁଅନ୍ତି ନାହିଁ । ଆଦ୍ୟ ଖ୍ରୀଷ୍ଟିୟାନମାନେ ଜାଣିଥିଲେ ଯେ ତାହାଙ୍କଠାରେ ଥିବା ସେମାନଙ୍କର ବିଶ୍ୱାସର ଉତ୍ତରରେ ଈଶ୍ୱର ସେମାନଙ୍କୁ ପରିତ୍ରାଣ ପ୍ରଦାନ କରିଥିଲେ । ଈଶ୍ୱରଙ୍କ ସ୍ୱଭାବ ଓ ପରିତ୍ରାଣର ମାଧ୍ୟମ ସମ୍ବନ୍ଧୀୟ ଏହି ବିବୃତିସବୁ ଆଦ୍ୟରୁ ମୂଳ ଖ୍ରୀଷ୍ଟୀୟ ଧର୍ମବିଶ୍ୱାସ ଥିଲା ।

ଜଣେ ବ୍ୟକ୍ତି ଏହି ସମସ୍ତ ଶିକ୍ଷା ବା ସେସବୁକୁ ସଠିକ୍ ଭାବରେ ବୁଝି ନ ପାରି ସୁଦ୍ଧା ପରିତ୍ରାଣ ପାଇବା ସମ୍ଭବ ଅଟେ । ସୁସମାଚାର ପାଇଁ ସମସ୍ତ ଶିକ୍ଷା ଆବଶ୍ୟକ ନୁହେଁ । ଜଣେ ବ୍ୟକ୍ତି ଯାହା ସତ୍ୟ ବୋଲି ଜାଣେ ତାକୁ ଅସ୍ୱୀକାର କରିପାରିବ ନାହିଁ ଏବଂ ତଥାପି ଖ୍ରୀଷ୍ଟିୟାନ ହୋଇପାରେ, କିନ୍ତୁ କିଛି ବିଷୟରେ ତା'ର ଭୁଲ ଧାରଣା ରହିପାରେ ।

ଏହି ପାଠରେ ଥିବା ପୁରାତନ ବିଶ୍ୱାସମତସବୁ କେତେକ ଅତ୍ୟାବଶ୍ୟକ ଶିକ୍ଷା ବିଷୟରେ କହନ୍ତି । ଯଦି କୌଣସି ମଣ୍ଡଳୀର ଈଶ୍ୱରଙ୍କ ସମ୍ବନ୍ଧରେ ଦୃଷ୍ଟିକୋଣ ଏହି ଅତ୍ୟାବଶ୍ୟକ ଶିକ୍ଷାରୁ ଭିନ୍ନ ଅଟେ, ସେମାନେ ପରିତ୍ରାଣର ଭିନ୍ନ ଏକ ମାର୍ଗ ଉଦ୍ଭାବନ

କରିବେ, ଯାହାକି ଭିନ୍ନ ସୁସମାଚାର ଅଟେ । ଯଦି ସେମାନେ ତାହା କରନ୍ତି, ସେମାନେ ନିଜକୁ ଖ୍ରୀଷ୍ଟିୟାନ ବୋଲି କହିବା ଅନୁଚିତ କାରଣ ସେମାନେ ଏକ ନୂତନ ଧର୍ମ ଉଦ୍ଭାବନ କରୁଛନ୍ତି ।

ଅବଶ୍ୟ, ପ୍ରତ୍ୟେକ ବ୍ୟକ୍ତି ଯାହା ଚାହାନ୍ତି ତାହା ଭାବିବା ପାଇଁ ମୁକ୍ତ, କିନ୍ତୁ ଯଦି ତାଙ୍କର ଖ୍ରୀଷ୍ଟୀୟ ବିଶ୍ୱାସ ନାହିଁ, ତେବେ ସେ ଯୀଶୁଙ୍କ ପ୍ରକୃତ ଅନୁଗାମୀ ନୁହନ୍ତି ।

ପ୍ରଥମ କିଛି ଶତାବ୍ଦୀରେ ଆଜିର ପରି ଅନେକ ଖ୍ରୀଷ୍ଟୀୟ ସମ୍ପ୍ରଦାୟ ନ ଥିଲା । କେବଳ ଗୋଟିଏ ମଣ୍ଡଳୀ ଥିଲା । ତେଣୁ ସମସ୍ତ ବିଶ୍ୱାସମତ ସମୁଦାୟ ମଣ୍ଡଳୀ ଦ୍ୱାରା ଜାରି କରାଯାଇଥିବା ବିବୃତି ଥିଲା । ଆଜି, ଯେଉଁ ମଣ୍ଡଳୀଗୁଡ଼ିକ ବାଇବଲର ଅଧିକାରକୁ ସମ୍ମାନ କରନ୍ତି, ସେମାନେ ବିଶ୍ୱାସମତସବୁରେ ବିଶ୍ୱାସ ରଖନ୍ତି, ଯଦିବା ସେମାନେ ଅନ୍ୟାନ୍ୟ ପ୍ରସଙ୍ଗରେ ସହମତ ନୁହନ୍ତି ।

ଆଦ୍ୟ ମଣ୍ଡଳୀ ଜାଣିଥିଲା ଯେ ଈଶ୍ୱରଙ୍କ ସହିତ ସମ୍ପର୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ । ସେମାନେ ଜାଣିଥିଲେ ଯେ ଈଶ୍ୱରଙ୍କ ସହିତ ସେମାନଙ୍କର ସମ୍ପର୍କ ଦ୍ୱାରା ସେମାନେ ପରିତ୍ରାଣ ପାଇଥିଲେ । ସେଥିପାଇଁ ସେମାନଙ୍କ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ ଈଶ୍ୱର କିପରି ଅଟନ୍ତି ତାହା ସେମାନେ ଜାଣନ୍ତି ବୋଲି ନିଶ୍ଚିତ କରିବା ।

ଯିହୁଦା ପୁସ୍ତକ ଆମକୁ ଚେତାବନୀ ଦିଏ ଯେ ମୂଳରୁ ମଣ୍ଡଳୀକୁ ଏକାଥରକେ ସମର୍ପିତ ବିଶ୍ୱାସକୁ ଆମେ ରକ୍ଷା କରିବାକୁ ହେବ (ଯିହୁଦା ୧:୩) । ଯେତେବେଳେ ଆମେ ସୁସମାଚାର ପ୍ରଚାର କରୁ, ବିଶ୍ୱାସୀମାନଙ୍କୁ ଶିଷ୍ୟରୂପେ ଗଠନ କରୁ ଏବଂ ସେବାକାର୍ଯ୍ୟ କରିବା ପାଇଁ ଯେଉଁମାନେ ଆହ୍ୱାନପ୍ରାପ୍ତ ସେମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ବିଶ୍ୱସ୍ତ ଭାବରେ କାର୍ଯ୍ୟ କରୁ ଈଶ୍ୱର ତାହାଙ୍କ ସତ୍ୟରେ ଆମକୁ ଅଭିଷିକ୍ତ କରନ୍ତୁ ।

### ଏଡାଇବାକୁ ଥିବା ତ୍ରୁଟି: ସାମ୍ପ୍ରଦାୟିକ ଅହଙ୍କାର

ଗୋଟିଏ ସଂଗଠନରେ ଏକତ୍ରିତ ହୋଇଥିବା ଅନେକ ଗୁଡ଼ାଏ ମଣ୍ଡଳୀକୁ ଏକ ସମ୍ପ୍ରଦାୟ କୁହାଯାଏ । ନିଜକୁ ଖ୍ରୀଷ୍ଟିୟାନ ବୋଲି ଦାବି କରୁଥିବା ଏପରି ହଜାର ହଜାର ସମ୍ପ୍ରଦାୟ ଅଛନ୍ତି । ହଜାର ହଜାର ସ୍ୱାଧୀନ ମଣ୍ଡଳୀ ଅଛନ୍ତି ଯେଉଁମାନେ କୌଣସି ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ନୁହନ୍ତି ।

ବେଳେବେଳେ ସୁସମାଚାର ପ୍ରଚାର ସହିତ ସମ୍ପ୍ରଦାୟସବୁର ଆରମ୍ଭ ହୁଏ । ଯଦି ଏକ ଅଞ୍ଚଳରେ ଅନେକେ ନୂତନ ଭାବରେ ଖ୍ରୀଷ୍ଟିୟାନ ହୋଇଛନ୍ତି ଏବଂ କୌଣସି ସମ୍ପ୍ରଦାୟ ସେମାନଙ୍କର ଯତ୍ନତତ୍ତ୍ୱ ନେଉ ନାହାନ୍ତି, ଏକ ନୂତନ ସମ୍ପ୍ରଦାୟ ଗଠିତ ହୋଇପାରେ । ଏକ ଦେଶରେ ଏକ ମିଶନ୍ ସଂଗଠନର କାର୍ଯ୍ୟରୁ ଏକ ସମ୍ପ୍ରଦାୟର ଆରମ୍ଭ ହୋଇପାରେ ।

ବେଳେବେଳେ ଏକ ନୂତନ ସମ୍ପ୍ରଦାୟ ଆରମ୍ଭ ହୁଏ ଯଦି ଦଳେ ଲୋକ ବିଶ୍ୱାସ କରନ୍ତି ଯେ ସେମାନେ ଯେଉଁ ମଣ୍ଡଳୀରେ ଯୋଗ ଦିଅନ୍ତି ସେଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାକୁ ଅସ୍ୱୀକାର ବା ଅବହେଳା କରାଯାଉଛି । ସେମାନେ ଯେପରି ସଠିକ୍ ଶିକ୍ଷାର

ଅନୁସରଣ କରିବେ ତାକୁ ଲକ୍ଷ୍ୟ ରଖି ଏକ ନୂତନ ସମ୍ପ୍ରଦାୟ ଆରମ୍ଭ କରନ୍ତି । ସମୟ ଅନୁକ୍ରମେ, ସେମାନେ ଶିକ୍ଷା ବିକଶିତ କରିବା ଜାରି ରଖନ୍ତି । ଯେହେତୁ ସେମାନେ ବାଇବଲକୁ ଅନ୍ୟ ଦଳର ଖ୍ରୀଷ୍ଟିୟାନମାନଙ୍କଠାରୁ ଭିନ୍ନ ଭାବରେ ବୁଝନ୍ତି, ସେମାନଙ୍କର କେତେକ ଶିକ୍ଷା ଅନ୍ୟ ସମ୍ପ୍ରଦାୟଠାରୁ ଭିନ୍ନ ଥାଏ ।

"ଉପାସନା ପାଇଁ ଉପଯୁକ୍ତ ପଦ୍ଧତି ଓ ଖ୍ରୀଷ୍ଟୀୟ ଜୀବନ ଯାପନ ବିଷୟରେ ବିଶଦ ନିର୍ଦ୍ଦେଶାବଳୀର ପରମ୍ପରା ସମ୍ପ୍ରଦାୟସବୁ ଦ୍ୱାରା ବିକଶିତ କରାଯାଇଥାଏ। ପରମ୍ପରାଗୁଡ଼ିକୁ ଦେଖିଲେ, ସମ୍ପ୍ରଦାୟସବୁ ପରସ୍ପରଠାରୁ ଭିନ୍ନ ଦେଖାଯାଏ।"

ଅଧିକାଂଶ ଖ୍ରୀଷ୍ଟୀୟ ସମ୍ପ୍ରଦାୟଗୁଡ଼ିକ ନିଜକୁ ଏକମାତ୍ର ପ୍ରକୃତ ମଣ୍ଡଳୀ ବୋଲି ଦାବି କରନ୍ତି ନାହିଁ । ଯଦି କୌଣସି ସଂଗଠନ ଦାବି କରେ ଯେ ତାହା ପୃଥିବୀରେ ଥିବା ଈଶ୍ୱରଙ୍କର ସମୁଦାୟ ମଣ୍ଡଳୀ ଅଟେ, ତେବେ ଏହାକୁ ବିଶ୍ୱାସ କରାଯିବା ଅନୁଚିତ ।

ମଣ୍ଡଳୀ ବହୁଭାଗରେ ବିଭାଜିତ ହୋଇଥିବାରୁ ଓ ଏହାର ବିବିଧତା ହେତୁ ଅବିଶ୍ୱାସୀମାନେ ପ୍ରାୟଶଃ ଖ୍ରୀଷ୍ଟଧର୍ମର ବିରୋଧ କରନ୍ତି । ଅବିଶ୍ୱାସୀମାନେ ଭାବନ୍ତି ଯେ ଖ୍ରୀଷ୍ଟଧର୍ମର ବିଭିନ୍ନ ଦଳ ପରସ୍ପରର ବିରୋଧ କରନ୍ତି । ଜଗତର ଅନେକ ଲୋକ ଭାବନ୍ତି ଯେ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ଖୁବ୍ କମ୍ ଏକତା ରହିଛି ।

ଏକ ସମ୍ପ୍ରଦାୟ ବା ସ୍ଥାନୀୟ ମଣ୍ଡଳୀ ଯଦି ପ୍ରକୃତରେ ଖ୍ରୀଷ୍ଟୀୟ ସେମାନେ ପୁରାତନ ବିଶ୍ୱାସମତସବୁରେ ବିଶ୍ୱାସ କରନ୍ତି । ଏହା ସମସ୍ତ ଖ୍ରୀଷ୍ଟୀୟ ସଂଗଠନ ମଧ୍ୟରେ ବିଦ୍ୟମାନ ଥିବା ଶିକ୍ଷାଗତ ଏକତା ଅଟେ । କ୍ଷୁଦ୍ର ଶିକ୍ଷାଗତ ପ୍ରସଙ୍ଗ ଓ ପରମ୍ପରାସବୁ ଉପରେ ବହୁ ବିବିଧତା ଓ ଅନୈକ୍ୟ ରହିଛି, କିନ୍ତୁ ତା' ବୋଲି ଆମେ କରିବା ଉଚିତ ନୁହେଁ ଯେ ଏହିସବୁ ପାର୍ଥକ୍ୟ ହେତୁ ଏକ ମଣ୍ଡଳୀ ପ୍ରକୃତରେ ଖ୍ରୀଷ୍ଟୀୟ ନୁହେଁ ।

### ଏଡାଇବାକୁ ଥିବା ତ୍ରୁଟି : ବ୍ୟକ୍ତିଗତ ହୃଦ୍‌ବୋଧସବୁକୁ ଭୁଲ ବୁଝିବା

ଯେହେତୁ ଜଣେ ଖ୍ରୀଷ୍ଟିୟାନ ଈଶ୍ୱରଙ୍କ ସହିତ ସମ୍ପର୍କରେ ରହେ, ସେ ବାଇବଲର ସତ୍ୟ ବିଷୟରେ ବୁଝିବାକୁ ଆରମ୍ଭ କରେ । ବାଇବଲ ପଢ଼ି ଅନ୍ୟମାନେ ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି, ସେ ହୁଏତ ସର୍ବଦା ସମାନ ସିଦ୍ଧାନ୍ତରେ ପହଂଚିବେ ନାହିଁ। ସେ ଯେତେବେଳେ ଦୈନନ୍ଦିନ ଜୀବନରେ ସତ୍ୟ ପ୍ରୟୋଗ କରେ ସେ ନିଜ ପାଇଁ ନୀତି ଓ ନିୟମସବୁ ବିକଶିତ କରିବ ଯାହା ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ତୁଳନାରେ ଭିନ୍ନ ହେବ ।

ଜଣେ ବ୍ୟକ୍ତି ଯେତେବେଳେ ନିଜର ବିଶ୍ୱାସସବୁ ବିଷୟରେ ଚିନ୍ତା କରେ, ସେ ଆଦ୍ୟ ଖ୍ରୀଷ୍ଟିୟାନ ଧର୍ମର ଅତ୍ୟାବଶ୍ୟକ ଶିକ୍ଷାସବୁକୁ ପ୍ରତ୍ୟାଖ୍ୟାନ କରିବାକୁ ମୁକ୍ତ ଅଟେ ବୋଲି କହିବା ଅନୁଚିତ ଯେପର୍ଯ୍ୟନ୍ତ ସେ ନିଷ୍ପତ୍ତି ନେଇନାହିଁ ଯେ ସେ ଆଉ ଖ୍ରୀଷ୍ଟିୟାନ ନୁହେଁ ।

ଜଣେ ଖ୍ରୀଷ୍ଟିୟାନ ମଧ୍ୟ ତାଙ୍କ ମଣ୍ଡଳୀରେ ପ୍ରଚଳିତ ଶିକ୍ଷାସବୁକୁ ବିଶ୍ୱାସ କରିବାକୁ ସମର୍ଥ ହେବା ଉଚିତ । ସେ ଯଦି ବିଶ୍ୱାସ କରେ ଯେ ତାଙ୍କ ମଣ୍ଡଳୀର ଶିକ୍ଷାସବୁରେ ଭୁଲ ରହିଛି, ତେବେ ସେ ସେହି ମଣ୍ଡଳୀର ଜଣେ ସମର୍ପିତ ସଦସ୍ୟ ହେବା କଷ୍ଟକର ହେବ ।

ଜଣେ ବ୍ୟକ୍ତିଗତ ଖ୍ରୀଷ୍ଟିୟାନ ମଣ୍ଡଳୀର ଶିକ୍ଷା ଦ୍ୱାରା ପରିଚାଳିତ ହେବ, କିନ୍ତୁ ତାଙ୍କର ବ୍ୟକ୍ତିଗତ ହୃଦ୍‌ବୋଧସବୁ ମଣ୍ଡଳୀର ଅନ୍ୟ ସଦସ୍ୟମାନଙ୍କଠାରୁ ଭିନ୍ନ ହୋଇପାରେ । ବ୍ୟକ୍ତିଗତ ହୃଦ୍‌ବୋଧ କ'ଣ ସେ ବିଷୟରେ ବାଇବଲରେ ସିଧାସଳଖ କିଛି କୁହାଯାଇ ନାହିଁ; ବାଇବଲ ସତ୍ୟକୁ କିଛି ପ୍ରସଙ୍ଗରେ ପ୍ରୟୋଗ କରିବାକୁ ଏହା କାହାର ପ୍ରୟାସ ଅଟେ ।

ପ୍ରତ୍ୟେକ ଖ୍ରୀଷ୍ଟିୟାନ ନିଜ ପରିସ୍ଥିତିରେ ବାଇବଲ ସତ୍ୟକୁ ସଚ୍ଚୋଟ ଭାବରେ ପ୍ରୟୋଗ କରିବା ଉଚିତ, କିନ୍ତୁ ସେ ନିଜ ସିଦ୍ଧାନ୍ତରେ ଅନ୍ୟମାନଙ୍କର ବିଚାର କରିବାକୁ ତତ୍ପର ହେବା ଉଚିତ ନୁହେଁ । ସମସ୍ତ ଖ୍ରୀଷ୍ଟିୟାନ ପୁରାତନ ବିଶ୍ୱାସମତସବୁର ଶିକ୍ଷାସବୁକୁ ଅନୁସରଣ କରନ୍ତୁ ବୋଲି ଆଶା କରିବା ଆମ ନିମନ୍ତେ ଯଥାର୍ଥ ଅଟେ, କିନ୍ତୁ ଜଣେ ଖ୍ରୀଷ୍ଟିୟାନ ତା'ର ବ୍ୟକ୍ତିଗତ ବିଶ୍ୱାସସବୁ ସହ ଅନ୍ୟମାନେ ସହମତି ପ୍ରକାଶ କରନ୍ତୁ ବୋଲି ଆଶା କରିବା ଠିକ୍ ନୁହେଁ ।

► ବିଶ୍ୱାସର ସ୍ୱୀକାରୋକ୍ତିକୁ ଏକାଠି ଅତିକମରେ ଦୁଇଥର ପଢ଼ନ୍ତୁ ।

## ବିଶ୍ୱାସର ସ୍ୱୀକାରୋକ୍ତି

ଖ୍ରୀଷ୍ଟଧର୍ମର ମୂଳତତ୍ତ୍ୱସବୁକୁ ଧରିରଖିବା ଓ ରକ୍ଷା କରିବା ପାଇଁ ଧର୍ମଶାସ୍ତ୍ର ଆମକୁ କହିଥାଏ । ଆଦ୍ୟ ଖ୍ରୀଷ୍ଟିୟାନମାନେ ଯେଉଁସବୁ ବିଶ୍ୱାସ ବିଷୟରେ କହିଛନ୍ତି ତାହା ସୁସମାଚାର ଓ ଈଶ୍ୱରଙ୍କ ସହିତ ଆମର ସମ୍ପର୍କ ପାଇଁ ଜରୁରୀ । ସେହି ବିବୃତିସବୁ ବର୍ତ୍ତମାନ ସୁଦ୍ଧା ଅତ୍ୟାବଶ୍ୟକ ଖ୍ରୀଷ୍ଟୀୟ ଧର୍ମ ବିଶ୍ୱାସକୁ ପରିଭାଷିତ କରେ ।

## ପାଠ ୧୫ କାର୍ଯ୍ୟ

(୧) ଶାସ୍ତ୍ରାଂଶ କାର୍ଯ୍ୟ: ପ୍ରତ୍ୟେକ ଛାତ୍ରଙ୍କୁ ନିମ୍ନଲିଖିତ ଶାସ୍ତ୍ରାଂଶ ମଧ୍ୟରୁ ଗୋଟିଏ ଦିଆଯିବ । ପରବର୍ତ୍ତୀ ଶ୍ରେଣୀ ଅଧିବେଶନ ପୂର୍ବରୁ, ଛାତ୍ରମାନେ ଏହି ଶାସ୍ତ୍ରାଂଶ ପାଠ କରିବେ ଏବଂ ଏହି ଶାସ୍ତ୍ରାଂଶ ଆଜିର ପାଠର ବିଷୟବସ୍ତୁ ଉପରେ କ'ଣ କହୁଛି ସେ ବିଷୟରେ ଏକ ଅନୁଚ୍ଛେଦ ଲେଖିବେ ।

- ୧ତୀମଥି ୩:୧୬
- ୧ତୀମଥି ୪:୧-୭
- ତୀତସ ୧:୭-୧୪
- ୧ଯୋହନ ୪:୧-୩, ୧୪-୧୫; ୧ଯୋହନ ୫:୧୨
- ଯିହୂଦା ୧:୩-୧୩

(୨) ପରୀକ୍ଷା: ଆପଣ ପରବର୍ତ୍ତୀ ଶ୍ରେଣୀକୁ ପାଠ ୧୫ ର ଏକ ପରୀକ୍ଷା ସହିତ ଆରମ୍ଭ କରିବେ । ପରୀକ୍ଷାର ପ୍ରଶ୍ନଗୁଡ଼ିକୁ ଯତ୍ନର ସହିତ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତୁ ।

(୩) ଶିକ୍ଷାଦାନ କାର୍ଯ୍ୟ: ତୁମର ଶ୍ରେଣୀ ବାହାର ଶିକ୍ଷାଦାନର ସମୟ ନିର୍ଘଣ୍ଟ ମନେ ରଖ ଓ ଶିକ୍ଷାଦାନ ସମାପ୍ତ କଲା ପରେ ଏହି ପାଠ୍ୟକ୍ରମର ନେତାଙ୍କ ନିକଟକୁ ଯାଇ ନିଜର ବିବରଣୀ ପ୍ରଦାନ କର ।

## ପାଠ ୧୫ ପରୀକ୍ଷା

(୧) ବିଶ୍ୱାସମତ ବା ମଙ୍ଗରରୟ କ'ଣ?

(୨) ଯୀଶୁଙ୍କ ସମ୍ବନ୍ଧୀୟ ପ୍ରଥମ ଶିକ୍ଷା ସମ୍ବଳିତ ବିବୃତିର ଦୁଇଟି ବିଷୟ ଲେଖ ।

(୩) ଧର୍ମଶାସ୍ତ୍ରର କେଉଁଠାରେ ପ୍ରଥମ ବିଶ୍ୱାସମତ ରହିଛି ଯହିଁରେ ଅନେକ ବିବୃତି ରହିଛି । ସମ୍ବନ୍ଧ ଉଲ୍ଲେଖ ଲେଖ ।

(୪) ପ୍ରେରିତିକ ବିଶ୍ୱାସମତର ଉଦ୍ଦେଶ୍ୟ କ'ଣ ଥିଲା?

(୫) ନାଇସିନ୍ ବିଶ୍ୱାସମତର ଉଦ୍ଦେଶ୍ୟ କ'ଣ ଥିଲା?

(୬) କାଲ୍ସେଡୋନିଆନ୍ ବିଶ୍ୱାସମତର ଉଦ୍ଦେଶ୍ୟ କ'ଣ ଥିଲା?

# ପଠନୀୟ ପୁସ୍ତକ ସମୂହ

ଏହି ପାଠରେ ଚର୍ଚ୍ଚା କରାଯାଇଥିବା ବିଷୟଗୁଡ଼ିକ ବିଷୟରେ ଅଧିକ ଅଭ୍ୟାସ କରିବାକୁ, ଦୟାକରି ନିମ୍ନଲିଖିତ ସାଧନଗୁଡ଼ିକୁ ଦେଖନ୍ତୁ ।


**God's Book (ଈଶ୍ୱରଙ୍କର ପୁସ୍ତକ)**

Dockery, David S. *Christian Scripture*. Nashville: Broadman and Holman, ୧୯୯୫.

**Attributes of God (ଈଶ୍ୱରଙ୍କର ଗୁଣସମୂହ)**

Purkiser, W.T., ed. *Exploring Our Christian Faith*. Kansas City, MO: Beacon Hill Press, ୧୯୬୦.

Tozer, A. W. *The Knowledge of the Holy*. New York: Harper and Row, ୧୯୬୧.

**The Trinity (ତ୍ରିତ୍ୱ)**

Morey, Robert. *The Trinity: Evidence and Issues*. Iowa Falls: Word Bible Publishers, ୧୯୯୬.

White, James. *The Forgotten Trinity: Recovering the Heart of Christian Belief*. Minneapolis: Bethany House Publishers, ୧୯୯୮.

**Humanity (ମନୁଷ୍ୟ ଜାତି)**

Purkiser, W.T., ed. *Exploring Our Christian Faith*. Kansas City, MO: Beacon Hill, ୧୯୭୮. (See Chapter ୧୦: "What is Man?")

**Sin (ପାପ)**

Wesley, John. "The Doctrine of Original Sin, " in *The Complete Works of Wesley. Vol. ୯.*

Wilcox, Leslie. *Profiles in Wesleyan Theology*. Salem, OH: Schmul Publishing, ୧୯୮୫. (See Chapter ୭: "Origin and Nature of Sin, " ୧୪୧-୧୭୦.)

**Spirits (ଆତ୍ମିକ ପ୍ରାଣୀଗଣ)**

Lewis, C. S. *The Screwtape Letters*. New York: Macmillan Co., ୧୯୬୮.

Wesley, John. "Satan's Devices." *Wesley's ୫୨ Standard Sermons*. Salem, OH: Schmul Publishing, ୧୯୮୮.

**Christ (ଖ୍ରୀଷ୍ଟ)**

Strobel, Lee. *The Case for Christ*. Grand Rapids: Zondervan, ୧୯୯୮.

Zacharias, Ravi. *Jesus Among Other Gods*. Nashville: Word Publishing, ୨୦୦୦.

**Salvation (ପରିତ୍ରାଣ)**

Purkiser, W. T., ed. *Exploring Our Christian Faith*. Kansas City, MO: Beacon Hill Press, ୧୯୭୦. (See Chapter XI and XII: "Man's Predicament, " and "The Doctrine of Atonement.")

Wilcox, Leslie. *Profiles in Wesleyan Theology*. Salem, OH: Schmul Publishing, ୧୯୮୫. See Chapters ୯-୧୦: "Atonement" and "Conditions of Reconciliation, " ୧୭୧-୨୧୪.

Wiley, H. Orton and Culbertson, Paul T. *Introduction to Christian Theology*. Kansas City, MO: Beacon Hill Press, ୧୯୪୬.

**Salvation Issues (ପରିତ୍ରାଣ ସମ୍ବନ୍ଧୀୟ କେତେକ ବିଷୟ)**

Shank, Robert. *Life in the Son*. Minneapolis: Bethany House Publishers, ୧୯୮୯.

Wiley, H. Orton and Culbertson, Paul T. *Introduction to Christian Theology*. Kansas City, MO: Beacon Hill Press, ୧୯୪୬.

**The Holy Spirit (ପବିତ୍ର ଆତ୍ମା)**

Carter, Charles. *The Person and Ministry of the Holy Spirit: A Wesleyan Perspective*. Grand Rapids: Baker Book House, ୧୯୭୪.

Murray, Andrew. *Andrew Murray on the Holy Spirit*. New Kensington: Whitaker House, ୧୯୯୮.

**The Church (ମଣ୍ଡଳୀ)**

Noll, Mark. *Turning Points*. Grand Rapids: Baker Academic, ୧୯୯୭.

Oden, Thomas. *Life in the Spirit*. Peabody: Prince Press, ୨୦୦୧.

**Eternal Destiny (ଅନନ୍ତ ଭାଗ୍ୟ)**

Lewis, C. S. "The Weight of Glory, " in *The Weight of Glory and Other Addresses*. New York: Macmillan Publishing, ୧୯୮୦.

Purkiser, W.T., ed. *Exploring Our Christian Faith*. Kansas City, MO: Beacon Hill Press, ୧୯୭୭. (See Chapter XXVIII, "The Future Life.")

Wesley, John. "The Great Assize." *Wesley's ୫୨ Standard Sermons*. Salem, OH: Schmul Publishing, ୧୯୮୮.

**Final Events (ଅନ୍ତିମ ଘଟଣାବଳୀ)**

Ladd, George Eldon. *The Blessed Hope*. Grand Rapids: Eerdmans, ୧୯୯୨.

Wiley, H. Orton & Culbertson, Paul T. *Introduction to Christian Theology*. Kansas City, MO: Beacon Hill Press, ୧୯୪୯.

**Ancient Creeds (ପୁରାତନ ବିଶ୍ୱାସମତସମୂହ)**

Gonzalez, Justo L. *The Story of Christianity, Vol. I*. New York: Harper, ୨୦୧୦.

Noll, Mark. *Turning Points: Decisive Moments in the History of Christianity*. Grand Rapids: Baker, ୨୦୧୨.

# କାର୍ଯ୍ୟ ରେକର୍ଡ଼

ଛାତ୍ରଙ୍କ ନାମ_______________________

କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ସଂକ୍ଷିପ୍ତ ସାକ୍ଷର କରନ୍ତୁ । ଛାତ୍ର ୭୦% ବା ଅଧିକ ମାର୍କ ପାଇଲେ ତାଙ୍କର ପରୀକ୍ଷା "ସମ୍ପୂର୍ଣ୍ଣ" ହୋଇଛି ବୋଲି ବିଚାର କରାଯିବ । ସବୁ କାର୍ଯ୍ୟ ସଫଳତାର ସହିତ ସମ୍ପୂର୍ଣ୍ଣ ହେବା ଉଚିତ, ତା'ହେଲେ Shepherd's Global Classroom ପକ୍ଷରୁ ସାର୍ଟିଫିକେଟ୍ ମିଳିବ ।

| ପାଠ | ଶାସ୍ତ୍ରାଂଶ | ପରୀକ୍ଷା | ଶ୍ରେଣୀ ବାହାରେ ଶିକ୍ଷାଦାନ | |
|---|---|---|---|---|
| ୧ | | | ତାରିଖ | ସ୍ଥାନ |
| ୨ | | | | |
| ୩ | | | | |
| ୪ | | | | |
| ୫ | | | | |
| ୬ | | | | |
| ୭ | | | | |
| ୮ | | | | |
| ୯ | | | | |
| ୧୦ | | | | |
| ୧୧ | | | | |
| ୧୨ | | | | |
| ୧୩ | | | | |
| ୧୪ | | | | |
| ୧୫ | | | | |

କାର୍ଯ୍ୟ ସମ୍ପୂର୍ଣ୍ଣ ପ୍ରମାଣ ପତ୍ର Shepherds Global Classroom ପକ୍ଷର ପାଇବା ପାଇଁ ଆମର ୱେବ୍ ସାଇଟ୍ www.shepherdsglobal.org ରେ ଆବେଦନ କରନ୍ତୁ ସାର୍ଟିଫିକେଟ୍ ସବୁ ଡିଜିଟାଲ ଭାବରେ SGCରେ ସଭାପତିଙ୍କଠାରୁ ପ୍ରଶିକ୍ଷକ ଓ ସୁବିଧାକାରୀମାନଙ୍କ ନିକଟକୁ ପଠାଇ ଦିଆଯିବ ଯେଉଁମାନେ ସେମାନଙ୍କ ଛାତ୍ରମାନଙ୍କ ତରଫରୁ ଆବେଦନ ସମ୍ପୂର୍ଣ୍ଣ କରିଛନ୍ତି